

'ୱାର୍-୨'କୁ ନେଇ ବାଣୀଙ୍କ ଖୁଲାସା
▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-39 ◆SATURDAY ◆2 AUG 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୯ ◆ଶନିବାର ◆୨ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ସପ୍ତାହେ ଟଳିଲା ଟ୍ରମ୍ପ ଟାରିଫ୍; ଅଗଷ୍ଟ ୭ରୁ ଲାଗୁ

■ **ନୂଆଦିଲ୍ଲୀ,୧।୮ (ଏଜେନ୍ସି):** ସାମୟିକ ଭାବେ ଟଳିଲା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ବୋମା। ଆଜିଠାରୁ ଲାଗୁ ହେବାକୁ ଯାଉଥିବା ଏହି ନୂଆ ଟାରିଫ୍‌ରେ ହଠାତ୍ ଭାରତ ସମେତ ସମସ୍ତ ଦେଶଙ୍କୁ ମିଳିଛି ଗୋଟିଏ ସପ୍ତାହର ଆଶ୍ୱସ୍ତି। ଟ୍ରମ୍ପ ପ୍ରଶାସନ ଦ୍ୱାରା ଜାରି କରାଯାଇଥିବା ନୂତନ ନିର୍ଦ୍ଦେଶନାମାରେ ଏହି ଶୁଳ୍କ ଏବେ ୭ ଦିନ ପରେ ଭାରତ, ବାଂଲାଦେଶ, ବ୍ରାଜିଲ ଏବଂ ଅନ୍ୟାନ୍ୟ ଦେଶ ଉପରେ ଲାଗୁ ହେବ। ଏବେ ଏହା ଅଗଷ୍ଟ ୭ରୁ କାର୍ଯ୍ୟକାରୀ ହେବ। ଏଠାରେ ସୂଚନାଯୋଗ୍ୟ ଯେ, ଟ୍ରମ୍ପ ବୁଧବାର ଭାରତ ଉପରେ



୨୫ ପ୍ରତିଶତ ଶୁଳ୍କ ଘୋଷଣା କରିଥିଲେ। ଏହା ଅଗଷ୍ଟ ପହିଲାଠାରୁ କାର୍ଯ୍ୟକାରୀ ହେବାର ଥିଲା। ଏବେ ଏହାକୁ ଗୋଟିଏ ସପ୍ତାହ ପାଇଁ ସ୍ଥଗିତ ରଖାଯାଇଛି। ହେଲେ କୌତୂହଳର ବିଷୟ ହେଉଛି ଯେ, ଟ୍ରମ୍ପ୍ ବାଂଲାଦେଶ ଏବଂ ପାକିସ୍ତାନ ଉପରେ ଘୋଷଣା କରିଥିବା ଟାରିଫ୍‌ରେ ହ୍ରାସ ଘଟାଇଛନ୍ତି। ପୂର୍ବ ନିଷ୍ପତ୍ତି ଅନୁଯାୟୀ, ପାକିସ୍ତାନ ଉପରେ ଟ୍ରମ୍ପ୍ ୨୯% ଟାରିଫ୍ ଘୋଷଣା କରିଥିବାବେଳେ ଏବେ ଏହାକୁ ୧୯%କୁ ହ୍ରାସ ଘଟାଇଛନ୍ତି। ସେହିପରି ବାଂଲାଦେଶ ଉପରେ ଲାଗୁ ହେବାକୁ ଥିବା ୩୫% ଟାରିଫ୍‌କୁ ସେ ୨୦%କୁ ହ୍ରାସ କରିଛନ୍ତି।

## ସେପ୍ଟେମ୍ବର ୯ରେ ଉପ-ରାଷ୍ଟ୍ରପତି ନିର୍ବାଚନ

■ **ନୂଆଦିଲ୍ଲୀ, ୧।୮ (ଏଜେନ୍ସି):** ଜଗଦୀପ ଧନଖଡ଼ଙ୍କ ଅଚାନକ ଇସ୍ତଫା ପରଠାରୁ ଖାଲିଥିବା ଉପ-ରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ଘୋଷଣା ହୋଇଛି। ସେପ୍ଟେମ୍ବର ୯ ତାରିଖ ସକାଳ ୧୦ଟାରୁ ୫ଟା ମଧ୍ୟରେ ଏହି ନିର୍ବାଚନ ଅନୁଷ୍ଠିତ ହେବ ବୋଲି ନିର୍ବାଚନ କମିଶନ (ଇସି)ଙ୍କ ପକ୍ଷରୁ କୁହାଯାଇଛି। ଏହି ଦିନ ହିଁ ଫଳାଫଳ ଘୋଷଣା କରାଯିବ। ଏହି ପଦ ପାଇଁ ୨୧ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲ କରିହେବ। ଏହାର ଦିନକ ପରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ। ୨୫ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀ ନିଜ ପ୍ରାର୍ଥୀପତ୍ର



ପ୍ରତ୍ୟାହାର କରିପାରିବେ। ସୂଚନାଯୋଗ୍ୟ ଯେ ଗତ ୨୧ ତାରିଖ ରାତିରେ ଧନଖଡ଼ ଅଚାନକ ଇସ୍ତଫା ଦେଇ ଚାଞ୍ଚଲ୍ୟ ସୃଷ୍ଟି କରିଥିଲେ। ଦୁଇ ବର୍ଷରୁ ଅଧିକ ସମୟ କାର୍ଯ୍ୟକାଳ ବାକି ଥିଲେ ମଧ୍ୟ ଏହାର ଦିନକ ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ଇସ୍ତଫାକୁ ଗ୍ରହଣ କରି ନେଇଥିଲେ। ଏହାକୁ ନେଇ ବିରୋଧୀ ଦଳଗୁଡିକ ସରକାରଙ୍କୁ ପ୍ରଶ୍ନ କରିଥିଲେ। ସ୍ୱାସ୍ଥ୍ୟଗତ ସମସ୍ୟା ପ୍ରକୃତ କାରଣ ନୁହେଁ। ଅସଲ କାରଣ କ'ଣ ତାହା ସାର୍ବଜନୀନ କରାଯାଉ ବୋଲି ବିରୋଧୀ ଦାବି କରିଥିଲେ।

## ସଂସଦରେ ଅପ୍ରୀତିକର ସ୍ଥିତି

# ହଟୁନି ଅଚଳାବସ୍ଥା

### 'ସିନ୍ଦୂର' ବିତର୍କ ପରେ ଆଗଉନି ଗୃହକାର୍ଯ୍ୟ

■ **ନୂଆଦିଲ୍ଲୀ, ୧।୮ (ଏଜେନ୍ସି):** ସଂସଦର ମୌସୁମୀ ଅଧିବେଶନର ଶୁକ୍ରବାର ଦଶମ ଦିନରେ ବି ଅଚଳାବସ୍ଥା ଜାରି ରହିଛି। ଦୁଇ ଦିନ ଧରି ଉଭୟ ଗୃହରେ 'ଅପରେସନ୍ ସିନ୍ଦୂର' ବିତର୍କ ପରେ ସଂସଦ ଏକ ପ୍ରକାର ଅଚଳ ହୋଇପଡ଼ିଛି। ବିହାର ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର) ଏବଂ ଅନ୍ୟ ପ୍ରସଙ୍ଗକୁ ନେଇ ବିରୋଧୀ ସଦସ୍ୟମାନେ ଦାବି ଉପସ୍ଥାପନ କରିବା ବେଳେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି।

ବିରୋଧୀ ସଦସ୍ୟମାନେ ଆଜି ଉଭୟ ଗୃହରେ ବିହାର ଭୋଟର ତାଲିକା ଯାଞ୍ଚ ତଥା ଏସଆଇଆରକୁ ପ୍ରତ୍ୟାହାର ଦାବି କରି ଏହା ଉପରେ ଚର୍ଚ୍ଚା କରିବାକୁ କହିଥିଲେ। କିନ୍ତୁ ଉଭୟ ଗୃହର ଅଧ୍ୟକ୍ଷ ଏହା ଉପରେ ଚର୍ଚ୍ଚା ପାଇଁ ମନା କରିଦେବା ପରେ ବିରୋଧୀ ହଙ୍ଗାମା କରିଥିଲେ। ଏଥିଯୋଗୁଁ କୌଣସି ଗୃହକାର୍ଯ୍ୟ କିମ୍ବା ପ୍ରଶ୍ନକାଳ ଆଲୋଚନା ମଧ୍ୟ ହୋଇପାରି ନ ଥିଲା। ଉଭୟ ସଦନକୁ ବାରମ୍ବାର ମୁଲତବୀ କରାଗଲେ ବି ସ୍ଥିତି ସୁଧୁରି ନ ଥିଲା। ଆଜି ରାଜ୍ୟସଭାରେ ଅପ୍ରୀତିକର ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥିଲା। ବିରୋଧୀ ସଦସ୍ୟଙ୍କୁ ଅଟକାଇବା ପାଇଁ ମାର୍ଶାଲଙ୍କୁ ଡକା ଯାଇଥିଲା। ଏଭଳି ପଦକ୍ଷେପକୁ ବିରୋଧୀ ସମାଲୋଚନା କରିଥିଲେ। ଏହା ଗଣତନ୍ତ୍ର ▶ପୃଷ୍ଠା-୭



### ମାର୍ଶାଲ୍ ହସ୍ତକ୍ଷେପକୁ ନେଇ ଉପାଧ୍ୟକ୍ଷଙ୍କୁ ଖଡ଼୍‌ଗେଙ୍କ ଚିଠି

### କିଛି ସଦସ୍ୟ ଆକ୍ରାମକ ହେବାରୁ ଅଟକା ଗଲା: ରିଜିଜୁ

## ସଂସଦରେ ଓଡ଼ିଶା ନାରୀ ହିଂସା

■ **ନୂଆଦିଲ୍ଲୀ:** ରାଜ୍ୟସଭାରେ ଆଜି କ୍ରମାଗତ ଦ୍ୱିତୀୟ ଦିନ ଧରି ଉଠିଛି ଓଡ଼ିଶାରେ ନାରୀ ହିଂସା ପ୍ରସଙ୍ଗ। ବିଜେଡିର ସମସ୍ତ ୭ ଜଣ ସାଂସଦ ଓଡ଼ିଶାରେ ମହିଳା ଓ ଶିଶୁମାନଙ୍କ ବିରୋଧରେ କ୍ରମବର୍ଦ୍ଧିଷ୍ଣୁ ଘୃଣ୍ୟ ଅପରାଧ ବୃଦ୍ଧି ପ୍ରସଙ୍ଗରେ ଦେଇଥିବା ମୁଲତବୀ ନୋଟିସକୁ ଉପାଧ୍ୟକ୍ଷ ଖାରଜ ପ୍ରତିବାଦରେ ଗୃହରେ ପ୍ରବଳ ହଟ୍ଟଗୋଳ କରିଛି ବିଜେଡି। ଫଳରେ ଦ୍ୱିତୀୟ ଦିନ ପାଇଁ ରାଜ୍ୟସଭାକୁ କିଛି କାଳ ମୁଲତବୀ ରଖାଯାଇଛି।

ଗତକାଲି ଏ ସଂକ୍ରାନ୍ତରେ ବିଜୁ ଜନତା ଦଳ (ବିଜେଡି)ର ସମସ୍ତ ସାଂସଦଙ୍କ ଆଲୋଚନା ଦାବିକୁ ଉପାଧ୍ୟକ୍ଷ ଖାରଜ କରି ଦେଇଥିଲେ। ଏହାକୁ ନେଇ ଦଳର ସାଂସଦମାନେ ହଟ୍ଟଗୋଳ କରିବା ସହ ପ୍ରତିବାଦ ଜାରି ରଖିଥିଲେ। ଆଜି ପୁନର୍ବାର ରାଜ୍ୟସଭା ନିୟମାବଳୀର ନିୟମ ୨୬୭ ଅନୁଯାୟୀ ବିଜେଡି ସଦସ୍ୟମାନେ ମୁଲତବୀ ନୋଟିସ୍ ଦାଖଲ କରିଥିଲେ, ଯେଉଁଥିରେ ଓଡ଼ିଶାରେ ମହିଳା ଏବଂ ଶିଶୁମାନଙ୍କ ବିରୁଦ୍ଧରେ ଘୃଣ୍ୟ ଅପରାଧର ଉଦବେଗଜନକ

### ମୁଲତବୀ ନୋଟିସ ଖାରଜ

### ବିଜେଡି ସାଂସଦଙ୍କ ହଟ୍ଟଗୋଳ

ବୃଦ୍ଧି ଉପରେ ତୁରନ୍ତ ମୁଲତବୀ ଆଲୋଚନା କରିବାକୁ ଅନୁରୋଧ କରାଯାଇଥିଲା। ମାତ୍ର ଏପରି ଏକ ସ୍ପର୍ଶକାତର ବିଷୟକୁ ନେଇ ଆଲୋଚନା ଦାବିକୁ ଉପାଧ୍ୟକ୍ଷ ଗ୍ରହଣ କଲେ ନାହିଁ। ଯାହାକୁ ନେଇ ବିଜେଡି ସାଂସଦମାନେ ତୀବ୍ର ପ୍ରତିବାଦ କରିଥିଲେ। ଫଳରେ ଗୃହ ପରିଚାଳନା ସମ୍ଭବ ହୋଇ ନ ▶ପୃଷ୍ଠା-୭

### ବିହାର ଭୋଟର ତାଲିକା ସଂଶୋଧନ

## ବାଦ୍ ପଡ଼ିଲେ ୬୫ ଲକ୍ଷ

■ **ପାଟନା, ୧।୮ (ଏଜେନ୍ସି):** ବିହାର ଭୋଟର ତାଲିକା ସଂଶୋଧନ ପରେ ନିର୍ବାଚନ କମିଶନ ଜାରି କରିଛନ୍ତି ନୂତନ ଭୋଟର ତାଲିକା। ମାତ୍ର ଏହା ପ୍ରକାଶିତ ହେବା ପରେ ସାରା ଦେଶରେ ସରଗରମ ହୋଇଛି ରାଜନୀତି। ନୂତନ ଭୋଟର ତାଲିକାରୁ ୬୫, ୦୬, ୩୬୫ ନାମ ବାଦ ଦିଆଯିବାକୁ ଏବେ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ସଡ଼କରୁ ସଂସଦ ପର୍ଯ୍ୟନ୍ତ ଏହାକୁ ବିଭିନ୍ନ ରାଜନୈତିକ ଦଳ ବିରୋଧ କରିଛନ୍ତି ଓ ଏହି ପ୍ରକ୍ରିୟାକୁ ପ୍ରତ୍ୟାହାର ଦାବି କରୁଛନ୍ତି।

ସୂଚନା ଅନୁସାରେ ଗୋଟିଏ ଗୋଟିଏ ଲୋକସଭା କ୍ଷେତ୍ରରୁ ପ୍ରାୟ ୨ ଲକ୍ଷରୁ ଅଢ଼େଇ ଲକ୍ଷ ପର୍ଯ୍ୟନ୍ତ ଭୋଟରଙ୍କ ନାମ ନୂଆ ସୂଚୀରେ ସ୍ଥାନ ପାଇନାହିଁ। ସାରନ ଲୋକସଭା କ୍ଷେତ୍ରରେ ଭୋଟର ତାଲିକାରୁ ୨.୭୩ ଲକ୍ଷ ଲୋକଙ୍କ ନାମ କଟିଛି। ଭାଗଲପୁରରେ ୨.୪୪ ଲକ୍ଷ, ପଶ୍ଚିମ ଚମ୍ପାରନରେ ୧.୯୧ ଲକ୍ଷ, କିଶନଗଞ୍ଜରେ ୧.୪୬ ଲକ୍ଷ, ସହରସାରେ ୧.୩୧ ଲକ୍ଷ, ସୁପୋଲରେ ୧.୨୮ ଲକ୍ଷ, ଖଗଡ଼ିଆରେ ୭୯ ହଜାର, ଶେଖପୁରାରେ ୨୬ ହଜାର ଭୋଟରଙ୍କ ନାମ ନୂଆ ସୂଚୀରେ ନ ଥିବା ଦେଖାଯାଇଛି।

ସେହିପରି ବେଗୁସରାଇ ଜିଲ୍ଲାରେ ମୋଟ ଭୋଟରଙ୍କ ସଂଖ୍ୟା ୨୨.୪୫ ଲକ୍ଷ ଥିବାବେଳେ ନୂଆ ତାଲିକାରେ ଏହା ୨୦.୭୭ ଲକ୍ଷକୁ ହ୍ରାସ ପାଇଛି। ଏଠାରେ ୧.୬୭ ଲକ୍ଷ ଭୋଟରଙ୍କ ନାମ କଟାଯାଇଛି। ପାଟନାର ୧୪ଟି ବିଧାନସଭା ନିର୍ବାଚନ କ୍ଷେତ୍ରରେ ୫୦.୪୭ ଲକ୍ଷ ମତଦାତାଙ୍କ ସୂଚୀରୁ ୩.୯୫ ଲକ୍ଷ ନାମ କଟାଯାଇଛି। ସମସ୍ତିପୁର ଜିଲ୍ଲାରେ ୨.୮୩ ଲକ୍ଷ ଲୋକଙ୍କ ନାମ ନୂଆ ସୂଚୀରେ ସ୍ଥାନ ପାଇନାହିଁ। ମଧୁପୁରାରେ ▶ପୃଷ୍ଠା-୭

### ଜାତୀୟ ଚଳଚ୍ଚିତ୍ର ପୁରସ୍କାର

## 'ପୁଷ୍କରା' ଶ୍ରେଷ୍ଠ ଓଡ଼ିଆ ଫିଚର ଫିଲ୍ମ

■ **ଭୁବନେଶ୍ୱର, ୧।୮ (ସମିସ):** ଜାତୀୟ ଚଳଚ୍ଚିତ୍ର ପୁରସ୍କାର-୨୦୨୩ ଘୋଷଣା ହୋଇଛି। ଏହି ତାଲିକାରେ ସ୍ଥାନ ପାଇଛି ଓଡ଼ିଆ ଫିଲ୍ମ 'ପୁଷ୍କରା'। ତରଙ୍ଗ ସିନେ ପ୍ରଡକସନ୍ସ ନିବେଦିତ ତଥା ଶୁଭାଂଶୁ ଦାଶଙ୍କ ନିର୍ଦ୍ଦେଶିତ 'ପୁଷ୍କରା'କୁ ଶ୍ରେଷ୍ଠ ଓଡ଼ିଆ ଫିଚର୍ ଫିଲ୍ମ ଭାବେ ଜାତୀୟ ପୁରସ୍କାର ମିଳିବ। ସେହିପରି ଅଣ ଫିଚର ଫିଲ୍ମ ଭାବେ ହିମାଂଶୁ ଶେଖର ଖଟୁଆଙ୍କ ନିର୍ଦ୍ଦେଶିତ 'ଦ ସି ସ୍ୟାଣ୍ଡ ଆଣ୍ଡ ସେଭେନ ଭିଲେଜ୍'କୁ ଅଣ ଫିଚର ବର୍ଗରେ ସ୍ୱତନ୍ତ୍ର ସୂଚୀ ଓ ସୁବାସ ସାହୁଙ୍କ ନିର୍ଦ୍ଦେଶିତ ଇତିହାସ ଆଧାରିତ ଐତିହାସିକ ପୁନରୁଦ୍ଧାର ବର୍ଗରେ 'ମୋ ବୋଉ ମୋ ଗାଁ' ମଧ୍ୟ ଜାତୀୟ ପୁରସ୍କାର ପାଇଁ ମନୋନୀତ ହୋଇଛି। ୨୦୨୩ ମସିହା ଗଣେଶ ପୂଜାରେ ମୁକ୍ତିଲାଭ କରିଥିବା 'ପୁଷ୍କରା' ଚଳଚ୍ଚିତ୍ରରେ ମୁଖ୍ୟ ଚରିତ୍ରରେ ▶ପୃଷ୍ଠା-୭



### ଅଣଫିଚର୍ ଫିଲ୍ମ 'ଦ ସି ସ୍ୟାଣ୍ଡ ଆଣ୍ଡ ସେଭେନ୍ ଭିଲେଜ୍', 'ମୋ ବୋଉ ମୋ ଗାଁ' ମଧ୍ୟ ମନୋନୀତ

### ମୋହନ, ନବୀନଙ୍କ ଶୁଭେଚ୍ଛା

### ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲା

## ଲିକ୍ ପଛର ବଡ଼ ମୁଣ୍ଡ କିଏ ?

■ **କଟକ, ୧।୮ (ସମିସ):** ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ଘଟଣାରେ କ୍ରାଇମବ୍ରାଞ୍ଚ ଭବାନୀପାଟଣାର ଆଉ ଜଣେ ଶିକ୍ଷକ ପ୍ରଶାନ୍ତ କୁମାର ଖମାରୀ (୫୬)ଙ୍କୁ ଗିରଫ କରିଛି। ଫଳରେ ଏହି ଘଟଣାରେ ମୋଟ ଗିରଫଦାରୀ ସଂଖ୍ୟା ୭ ଛୁଇଁଛି। ଏହି ଘଟଣାର ମୂଳଉସ୍

### ପୁଣି ଜଣେ ଶିକ୍ଷକଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ

### ସନ୍ଦେହଘେରରେ ବୋର୍ଡ କାର୍ଯ୍ୟାଳୟର ଏକାଧିକ ଅଧିକାରୀ ଓ କର୍ମଚାରୀ

କୁହାଯାଉଥିବା କଟକସ୍ଥିତ ବୋର୍ଡ କାର୍ଯ୍ୟାଳୟର ଜଣେ କର୍ମଚାରୀ (ଡାଟା ଏଣ୍ଟ୍ରି ଅପରେଟର୍)ଙ୍କୁ ଗିରଫ କରାଯାଇଥିଲା। ଏବେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଯେଉଁଠାରୁ ପ୍ରଶ୍ନପତ୍ର ଲିକ ହୋଇଥିଲା, ସେହି କାର୍ଯ୍ୟାଳୟର ଆଉ କିଏ ବଡ଼ ମୁଣ୍ଡ ତଥା ଅଧିକାରୀ ଏହି ଘଟଣାରେ ସମ୍ପୃକ୍ତ ଅଛନ୍ତି ନା ନାହିଁ। କିନ୍ତୁ ସେ ସମ୍ପର୍କରେ କ୍ରାଇମବ୍ରାଞ୍ଚ ନିରବ ରହିଛି। ଯଦିଓ ଏ ଦିଗରେ ତଦନ୍ତ ଅଗ୍ରଗତି କରିଥିବା କହିଛନ୍ତି କ୍ରାଇମବ୍ରାଞ୍ଚ ଡିଆଇଜି ବି. ଗଙ୍ଗାଧର। ଏପରିକି, ବୋର୍ଡର କେତେଜଣ ଅଧିକାରୀ ଓ କର୍ମଚାରୀମାନଙ୍କୁ ମଧ୍ୟ ଏହି ଘଟଣାରେ ପଚରାଉଚରା ଚାଲିଛି ବୋଲି କୁହାଯାଇଛି। ▶ପୃଷ୍ଠା-୭

### ଅଗଷ୍ଟ ୩୧ରେ ଓଟିଇଟି ପରୀକ୍ଷା

■ **କଟକ, ୧।୮ (ସମିସ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଆନୁକୂଲ୍ୟରେ ପରିଚାଳିତ ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଏସଓଟିଇଟି) ପାଇଁ ଆଜି ସାନି ସମୟ ନିର୍ଘଣ୍ଟ ପ୍ରକାଶ ପାଇଛି। ଗତ ଜୁଲାଇ ୨୦ ତାରିଖରେ ହେବାକୁ ଥିବା ପରୀକ୍ଷାକୁ ପ୍ରଶ୍ନପତ୍ର ଲିକ୍ ପାଇଁ ସ୍ଥଗିତ ରଖାଯାଇଥିଲା ବେଳେ ବୋର୍ଡ ପକ୍ଷରୁ ସାନି ତାରିଖ ଧାର୍ଯ୍ୟ କରାଯାଇଛି। ଅଗଷ୍ଟ ୩୧ ରବିବାର ଦିନ ଦୁଇଟି ସିଟିଂରେ ଏହି ପରୀକ୍ଷା ଅନୁଷ୍ଠିତ ହେବ।

ରାଜ୍ୟର ୪୩୦ଟି କେନ୍ଦ୍ରରେ ୧ଲକ୍ଷ ୪୧ହଜାର ୨୭୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ପେପର-୧ ବିଷୟରେ ପରୀକ୍ଷା ସକାଳ ୯ଟାରୁ ଦିନ ସାଢ଼େ୧୧ଟା ପର୍ଯ୍ୟନ୍ତ ଓ ପେପର-୨ ▶ପୃଷ୍ଠା-୭

## ୫ ପ୍ରସ୍ତାବକୁ କ୍ୟାବିନେଟ ମୋହର

■ **ଭୁବନେଶ୍ୱର, ୧।୮ (ସମିସ):** ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୪ ଟି ବିଭାଗର ୫ ଟି ପ୍ରସ୍ତାବ ଉପରେ ବାଜିଛି ମୋହର । ବୈଠକ ପରେ ମୁଖ୍ୟ ସଚିବ ମନୋଜ ଆହୁଜା ଏ ସଂକ୍ରାନ୍ତରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

ମୁଖ୍ୟ ସଚିବ କହିଛନ୍ତି ଯେ ରାଜ୍ୟ କ୍ୟାବିନେଟ୍ ଓଡ଼ିଶା ଦ୍ରବ୍ୟ ଓ ସେବାର କର ଅଧିନିୟମ ୨୦୧୭ରେ ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ କରିଛି। ଏହି ବ୍ୟବସ୍ଥାକୁ ସରଳ କରାଯାଇଛି। ପାନ ମସଲା, ଇଟାଭାଟି, ବାଲି ଖନନ ଆଦି କ୍ଷେତ୍ରରେ ରାଜସ୍ୱହାନି ଆଶଙ୍କାକୁ ଏଡ଼ାଇବା ପାଇଁ ଟ୍ରାକ୍ ଆଣ୍ଡ ଟ୍ରେସ୍ ବ୍ୟବସ୍ଥା ପ୍ରଚଳନ କରିବାକୁ ନିଷ୍ପତ୍ତି ହୋଇଛି। ଏହି ବ୍ୟବସ୍ଥାର ଉଲ୍ଲଂଘନ କଲେ ୧ ଲକ୍ଷ ଟଙ୍କା ବା ଦେୟ ଟିକସର ୧୦ ପ୍ରତିଶତ ଶାସ୍ତି ରାଶି ଆଦାୟ ନିଷ୍ପତ୍ତି ହୋଇଛି। ସେହିପରି ରାଜ୍ୟ ସରକାର ଓଡ଼ିଶା ଜିଲ୍ଲା ଏବଂ ସିଭିଲ କୋର୍ଟର ନ୍ୟାୟିକ କର୍ମଚାରୀ ସେବା (ନିଯୁକ୍ତି ପ୍ରଣାଳୀ ଏବଂ ସେବା ସର୍ତ୍ତ) ନିୟମାବଳୀ, ୨୦୦୮ ର ସଂଶୋଧନ କରିଛନ୍ତି। ଏହି ସଂଶୋଧନ ଦ୍ୱାରା ନ୍ୟାୟିକ କର୍ମଚାରୀଙ୍କର ନୂତନ ଆଇନ୍ ସମ୍ବନ୍ଧୀୟ ଜ୍ଞାନ ଓ କାର୍ଯ୍ୟକୁଶଳତା ବଢ଼ିବ ଓ ▶ପୃଷ୍ଠା-୭

### ଖାଦ୍ୟ ପ୍ରକ୍ରିୟାକରଣ ନୀତି ୨୦୧୬ରେ ସଂଶୋଧନ

### ମାଟି-୩.୦ କୁ ଅତିରିକ୍ତ ୫ ବର୍ଷ ପାଇଁ ସମ୍ପ୍ରସାରଣ






### 'ଦମନ' ବାଟବଣା

## ରାଜ୍ୟରେ ମ୍ୟାଲେରିଆ ଉପରମୁହାଁ

■ **ଭୁବନେଶ୍ୱର, ୧।୮ (ସମିସ):** ୨୦୨୭ ସୁଦ୍ଧା ଦେଶକୁ ମ୍ୟାଲେରିଆ ମୁକ୍ତ କରାଯିବାକୁ କେନ୍ଦ୍ର ସରକାର କରିଥିବା ଘୋଷଣା ୨୦୩୦କୁ ଘୁଞ୍ଚାଇଛନ୍ତି। ମାତ୍ର ବର୍ତ୍ତମାନ ପୂର୍ବ, ଉତ୍ତରପୂର୍ବ ଓ ଦକ୍ଷିଣଭାରତରେ ମ୍ୟାଲେରିଆର ସ୍ଥିତିକୁ ଦେଖିଲେ କେନ୍ଦ୍ର ସରକାରଙ୍କ ଲକ୍ଷ୍ୟ କେବେ ପୂରଣ ହେବ ତାହା କହି ହେଉ ନାହିଁ। ବିଡ଼ମ୍ବନା ହେଉଛି ଓଡ଼ିଶା ପରି ରାଜ୍ୟରେ 'ଦମନ' ଭଳି ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ ଏବେ ବାଟବଣା ହେବା ଯୋଗୁଁ ଦୀର୍ଘଦିନ ଧରି ନିମ୍ନଗାମୀ ହୋଇ ଚାଲିଥିବା ଗ୍ରାଫ୍ ଏବେ ପୁଣି ଉପରମୁହାଁ ହେବାରେ ଲାଗିଛି। ବିଶେଷକରି ଦକ୍ଷିଣ ଓଡ଼ିଶା ଜିଲ୍ଲା ଗୁଡ଼ିକରେ ମ୍ୟାଲେରିଆ ଚିହ୍ନଟ ପ୍ରତି ବର୍ଷ ରେକର୍ଡ ଭାଙ୍ଗୁଛି। କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ମାଲକାନଗିରି, କୋରାପୁଟ, ମୟୂରଭଞ୍ଜ ଆଦି ଜିଲ୍ଲାରେ

### ମଶା ଦାଉରେ କଲବଲ ଓଡ଼ିଶା

### ଜନସାଧାରଣଙ୍କ ପାଖରେ ପହଞ୍ଚିପାରୁନି ଔଷଧୀୟ ମଶାରି

ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଜାତୀୟ କୀଟ ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ (ଏନ୍‌ଭିବିଡିସିପି) ତଥ୍ୟ ଅନୁସାରେ ଗତ ୩ ବର୍ଷ ହେଲା ରାଜ୍ୟରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଛି। ପୂର୍ବ ସରକାର କାର୍ଯ୍ୟକାରୀ କରୁଥିବା 'ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ' (ଦମନ) ଯୋଜନା ଏବେ ଆପାତତଃ ମୃତପ୍ରାୟ। ଫଳରେ ଝାଡ଼ଖଣ୍ଡ ଓ ଛତିଶଗଡ଼ ଭଳି ମ୍ୟାଲେରିଆ ପ୍ରବଣ ରାଜ୍ୟକୁ ମ୍ୟାଲେରିଆ ମୃତ୍ୟୁରେ ଓଡ଼ିଶା ପଛରେ ପକାଇ ଦେଇଛି। ୨୦୨୪ ମସିହାରେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଦେଢ଼ କୋଟି ଔଷଧୀୟ ମଶାରି ମାଗିଥିଲେ। ମାତ୍ର ସେହି ମଶାରି ଆସିଲା କି ନାହିଁ, ବଣ୍ଟନ ହେଲା କି ନାହିଁ ତାହାର ସଠିକ୍ ସୂଚନା ଜନସ୍ୱାସ୍ଥ୍ୟ ବିଭାଗରେ ଉପଲବ୍ଧ ନାହିଁ।




ମ୍ୟାଲେରିଆ ଜ୍ୱରର ଭୟାବହତାକୁ ରୋକିବା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ବିନାମୂଲ୍ୟରେ ଔଷଧ ବୋଳା ମଶାରି ବଣ୍ଟନ କରାଯାଉଥିଲା। ଏହାର ଔଷଧୀୟ ଗୁଣ ସ୍ୱରୂପ ଏହି ମଶାରିରେ ମଶା ବସି ପାରୁ ନ ଥିଲେ। ଫଳରେ ମ୍ୟାଲେରିଆ ରୋକିବା ଦିଗରେ ଏହା ଏକ ବଡ଼ ପଦକ୍ଷେପ ▶ପୃଷ୍ଠା-୭

### ବନ୍ୟାରେ ଖରିଫ ଧାନ ଫସଲ ନଷ୍ଟ

# କ୍ଷତିପୂରଣ ଓ ଋଣ ଛାଡ଼ ଦାବି



**ପଟ୍ଟାମୁଣ୍ଡାଇ, ୧।୮ (ସମିସ)**

କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ ତଥା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ସିଂହଗାଁ, ଅଳପୁଆ, ପେଣ୍ଠପାଳ, ତରଡ଼ିପାଳ, ଅଣ୍ଟରା, ଅମୃତମଣୋହି, ବଲୁରିଆ ଆଦି ୭ଟି ପଞ୍ଚାୟତର ଚାଷୀ ବିଭିନ୍ନ ସୂତ୍ରରୁ ଋଣ ଓ ଧାରକରଜ କରି ଖରିଫ ଧାନ ଫସଲ କରିଥିଲେ। ବ୍ରାହ୍ମଣୀ, ବୈତରଣୀ ଓ କାଣୀ ନଦୀରେ ବନ୍ୟା ଆସିବା ଫଳରେ ଶହ ଶହ ଏକର ଚାଷଜମିରେ ହୋଇଥିବା ଖରିଫ ଧାନ ଫସଲ ପ୍ରାୟ ୧ ମାସ ଧରି ବନ୍ୟା ପାଣିରେ ବୁଡ଼ି ରହିବା ଫଳରେ ପଚି ଯାଇ ସମୂଳେ ନଷ୍ଟ ହୋଇଯାଇଛି। ଫଳରେ ଚାଷୀ ବ୍ୟାପକ ଫସଲହାନୀ ଦେଖି ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିବା ସହିତ ଋଣ ଶୁଝିବା ନେଇ ଚିନ୍ତାରେ ପଡ଼ିଛନ୍ତି। ରାଜ୍ୟ ସରକାର ଓ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଧୋଆଞ୍ଚଳ ଚାଷୀଙ୍କ ସମସ୍ୟା ପ୍ରତି ଧ୍ୟାନ ଦେଇ ଫସଲହାନୀ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ଜରିଆରେ ତଦନ୍ତ କରି ଉପଯୁକ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଅଳପୁଆ ସରପଞ୍ଚ ପଦ୍ମିନୀ ବେହେରା, ସମିତିସଭ୍ୟ ରାମଚନ୍ଦ୍ର ସେଠୀ, ପେଣ୍ଠପାଳ ସରପଞ୍ଚ ଅନ୍ନପୂର୍ଣ୍ଣା ସେଠୀ, ସମିତି ସଭ୍ୟ ଶଶାଙ୍କ ଶେଖର ବିଶ୍ୱାଳ, ତରଡ଼ିପାଳ ସରପଞ୍ଚ ଦେବବ୍ରତ ନାୟକ, ସମିତି ସଭ୍ୟ ନିରଞ୍ଜନ ବାରିକ, ସିଂହଗାଁ ସରପଞ୍ଚ ଗଣେଶ ଦାସ, ସମିତି ସଭ୍ୟ ଅଭୟ ସ୍ୱାଇଁ, ଅଣ୍ଟରା ସରପଞ୍ଚ କଳ୍ପନା ଜେନା, ଅମୃତମଣୋହି ସରପଞ୍ଚ ନିରୁପମା ଦାସ, ବଲୁରିଆ ସରପଞ୍ଚ ଦେବକୀ ମଲିକ, କୃଷକ ନେତା ଭରତ ଦାସ, ଗୁରୁଚରଣ ନାଥଶର୍ମା ଓ ହିମାଂଶୁ ନାୟକ ପ୍ରମୁଖ ଧୋଆଞ୍ଚଳ ଲୋକପ୍ରତିନିଧି ଓ ଚାଷୀ ଜିଲ୍ଲାପାଳଙ୍କ ଜରିଆରେ ସ୍ମାରକ ପତ୍ର ପ୍ରଦାନ କରି ଦାବି କରିଛନ୍ତି।

## ବନ୍ୟାଞ୍ଚଳ ପାଇଁ ଗୋଖାଦ୍ୟ ମଞ୍ଜୁର

**ପଟ୍ଟାମୁଣ୍ଡାଇ, ୧।୮ (ସମିସ):** ବନ୍ୟାରେ ପଟ୍ଟାମୁଣ୍ଡାଇ ବ୍ଲକର ୧୪ଟି ପଞ୍ଚାୟତ ଓ ପୌରାଞ୍ଚଳର ୯ଟି ୱାର୍ଡ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ବନ୍ୟାର ଭୟାବହତା ଓ ପ୍ରକୃତ ସ୍ଥିତି ଅନୁଧ୍ୟାନ କରିବା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁପତି ଆର ଆୟାର ଧୋଆଞ୍ଚଳର ବିଭିନ୍ନ ପଞ୍ଚାୟତ ଗସ୍ତ କରି ସ୍ଥିତି ଆକଳନ କରିବା ସହିତ ବିପନ୍ନ ଲୋକଙ୍କ ସହିତ ଅଭାବଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲାପାଳଙ୍କ ସହିତ ପଟ୍ଟାମୁଣ୍ଡାଇ ବିଡିଓ ଅଶୋକ ମହାନ୍ତିଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ବନ୍ୟାଞ୍ଚଳ ପରିଦର୍ଶନ କରିଥିଲେ। ତେବେ ବିପନ୍ନ ଲୋକେ ପାଣି ଘେରରେ ଥିବାବେଳେ ଗୃହପାଳିତ ପଶୁଙ୍କ ଅବସ୍ଥା ବେହାଲ ହୋଇପଡ଼ିଛି। ଚାଷଜମିକୁ ଚାରିବାକୁ ଯାଇ ନପାରି ପଶୁ ଉପାସ ରହୁଛନ୍ତି। ଜିଲ୍ଲାପାଳଙ୍କ ବନ୍ୟାଞ୍ଚଳ ଗସ୍ତ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଗୋଖାଦ୍ୟ ମଞ୍ଜୁର କରାଯାଇଛି। ଆଜି ପ୍ରଥମ ପର୍ଯ୍ୟାୟରେ ୬୦୦ ବ୍ୟାଗ ୩୦୦ କ୍ୱିଣ୍ଟାଲ ଗୋଖାଦ୍ୟ ପଟ୍ଟାମୁଣ୍ଡାଇ ବ୍ଲକକୁ ଆସିଛି। ଏହି ଗୋଖାଦ୍ୟ ବନ୍ୟା ପ୍ରଭାବିତ ୮ଟି ପଞ୍ଚାୟତରେ ବଣ୍ଟନ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ମଞ୍ଜୁର କରାଯାଇଛି। ସେଥିମଧ୍ୟରେ ଅଣ୍ଟରା ପଞ୍ଚାୟତ ପାଇଁ ୩୫ କ୍ୱିଣ୍ଟାଲ, ଅମୃତମଣୋହି ୨୫ କ୍ୱିଣ୍ଟାଲ, ଅଳପୁଆ ୪୩. ୫ କ୍ୱିଣ୍ଟାଲ, ତରଡ଼ିପାଳ ୩୭.୫ କ୍ୱିଣ୍ଟାଲ, ସିଂହଗାଁ ୩୭.୫ କ୍ୱିଣ୍ଟାଲ, ନୀଳକଣ୍ଠପୁର ୩୦ କ୍ୱିଣ୍ଟାଲ, ପେଣ୍ଠପାଳ ୪୭.୫ କ୍ୱିଣ୍ଟାଲ ଓ ବଲୁରିଆ ୨୨.୫ କ୍ୱିଣ୍ଟାଲ ଗୋଖାଦ୍ୟ ବଣ୍ଟନ ପାଇଁ ମଞ୍ଜୁର କରାଯାଇଛି। ପରବର୍ତ୍ତୀ ସମୟରେ ପର୍ଯ୍ୟାୟକ୍ରମେ ଆବଶ୍ୟକତା ଅନୁଯାୟୀ ସମସ୍ତ ବନ୍ୟା ବିପନ୍ନ ପଞ୍ଚାୟତକୁ ଗୋଖାଦ୍ୟ ଯୋଗାଇ ଦିଆଯିବ ବୋଲି ବିଡିଓ ଅଶୋକ ମହାନ୍ତି ସୂଚନା ଦେଇଛନ୍ତି।

# ବନ୍ୟାଞ୍ଚଳ ବୁଲି ସ୍ଥିତି ପରଖିଲେ ଜିଲ୍ଲାପାଳ

**ଆଳି, ୧।୮ (ସମିସ):** ଆଳି ବ୍ଲକର କେତେକ ସ୍ଥାନରେ ବନ୍ୟା ପ୍ରକୋପ କମିଥିବାବେଳେ ଅନେକ ଅଞ୍ଚଳ ଜଳମଗ୍ନ ରହିଛି। ବ୍ରାହ୍ମଣୀ, ଖରସ୍ରୋତା ଓ ଏହାର ଶାଖା କାଣୀ ନଦୀରେ ଦ୍ୱିତୀୟ ବନ୍ୟାରେ ଆଳି ବ୍ଲକର ୧୦ଟି ପଞ୍ଚାୟତ ଡିମିରିପାଳ, ଅରଗଳ, ଜୁଆଣିଆ, ଗୋବିନ୍ଦପୁର, କେତୁଆପାଳ, ଏରଡ଼ଙ୍ଗ, ପାଳିମି, ଦେସାହି, ପେତପଡ଼ା, ସଂସିଧା ସହିତ ପତ୍ରପୁର, ନରେନ୍ଦ୍ରପୁର, ମାଣିକପାଟଣା, ବଡାମ୍ବିଳା, ଏକମାଣିଆ, ପାଦନୀପାଳ, କୋଳିଡିହର ଅନେକ ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ନଳକୂଅ ପାଣିରେ ବୁଡ଼ି ରହିଥିବାରୁ ଲୋକେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଆଜି କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ଉପରୋକ୍ତ ପଞ୍ଚାୟତକୁ ଡ଼ଙ୍ଗା ଯୋଗେ ଯାଇ ବନ୍ୟା ବିପନ୍ନଙ୍କ ସହ ଆଲୋଚନା କରିବା ସହିତ ବନ୍ୟାଞ୍ଚଳ ବୁଲି ଦେଖିଛନ୍ତି। ତାଙ୍କ ସହିତ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ବିଡିଓ ଅବିନାଶ ବିଶ୍ୱଜିତ ସେଠୀ, ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର ଓ ଅନ୍ୟ ପ୍ରଶାସନିକ ଅଧିକାରୀ ସାମିଲ ଥିଲେ। ବନ୍ୟାଞ୍ଚଳରୁ ଫେରିବା ପରେ ଶ୍ରୀ ଆୟାର ସମସ୍ତ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ସମସ୍ତ ପରିସ୍ଥିତି ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦେଇଥିଲେ।



## କଂଗ୍ରେସ ପ୍ରତିନିଧି ଦଳର ଆଳି ବନ୍ୟାଞ୍ଚଳ ପରିଦର୍ଶନ

**ଆଳି, ୧।୮ (ସମିସ):** କଂଗ୍ରେସ ପ୍ରତିନିଧି ଦଳ ଆଳି ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ନେତୃତ୍ୱାଧୀନ ଦଳ ପ୍ରଥମେ ପୂର୍ବତନ ବିଧାୟକ ଦେବେନ୍ଦ୍ର ନାଥଶର୍ମାଙ୍କ ବାସଭବନରେ ପହଞ୍ଚି ଆଳି ଓ ରାଜକନିକା କଂଗ୍ରେସ କର୍ମୀଙ୍କ ସହ ଆଳି ବନ୍ୟା ସ୍ଥିତି ବିଷୟରେ ସମୀକ୍ଷା କରିଥିଲେ। ଆଳି ବ୍ଲକରେ ଦ୍ୱିତୀୟଥର ବନ୍ୟା ଆସି ବ୍ରାହ୍ମଣୀ, ଖରସ୍ରୋତା ଓ କାଣୀ ନଦୀ ବିପଦସଂକୁଳ ଉପରେ ରହିଛି। ପ୍ରଥମ ବନ୍ୟାର ଦୁଃଖ ନ ସରୁଣୁ ଦ୍ୱିତୀୟ ବନ୍ୟା ଯୋଗୁଁ ଲୋକେ ଦୁର୍ଦ୍ଦଶା ଭୋଗ କରୁଛନ୍ତି। ଆଳି ବ୍ଲକର ୧୭ଟି ପଞ୍ଚାୟତର ୭୦ ହଜାରରୁ ଅଧିକ ଲୋକେ ପ୍ରଭାବିତ ହୋଇଛନ୍ତି। ଦୁଃଖର ବିଷୟ ମୁଖ୍ୟମନ୍ତ୍ରୀ ଯାଜପୁର, ଭଦ୍ରକ ଓ ବାଲେଶ୍ୱର କଥା ଆଲୋଚନା କରିଥିଲେ ସୁଦ୍ଧା କେନ୍ଦ୍ରାପଡ଼ା ଜିଲ୍ଲା ନାମ ବି ଧରି ନ ଥିଲେ। ଯାହାକୁ ନେଇ ଶ୍ରୀ କାଡାମ ସରକାରଙ୍କ ଉପରେ ବର୍ଷିବା ସହ ଲୋକଙ୍କୁ ଖାଦ୍ୟ, ପାନୀୟଜଳ ଓ ଗୃହପାଳିତ ପଶୁଙ୍କୁ ଗୋଖାଦ୍ୟ ଯୋଗାଇ ଦେବାକୁ କହିଥିଲେ। ଏ ଅବସରରେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରିଆ, ପିସିସି ସମ୍ପାଦିକା ଡା. ଦେବସ୍ମିତା ଶର୍ମା, ଆଳି ବ୍ଲକ କଂଗ୍ରେସ ସଭାପତି ରବିନାରାୟଣ ବେହେରା, ରାଜକନିକା ବ୍ଲକ କଂଗ୍ରେସ ସଭାପତି ମଙ୍ଗୁଳି ଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



## ଘର ପୋଡ଼ିଦେଇଥିବା ଅଭିଯୁକ୍ତଙ୍କ ଗିରଫ ଦାବିରେ ଆମରଣ ଅନଶନ




**କେନ୍ଦ୍ରାପଡ଼ା, ୧।୮ (ସମିସ):** ଘର ପୋଡ଼ିଦେଇଥିବା ଆସାମୀଙ୍କୁ ଗିରଫ କରିବା ପରିବର୍ତ୍ତେ ପୀଡ଼ିତାଙ୍କୁ ଜାତିଆଣ ଆକ୍ଷେପ କରିବା ସହିତ ଧମକ ଦେବା ପ୍ରତିବାଦରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ପୂରା ପରିବାର ବସିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ଥାନା ଅନ୍ତର୍ଗତ ଦୋସଉତୁଣୀ ଗ୍ରାମର ମନୋରମା ମଲ୍ଲିକଙ୍କ ପରିବାର ପକ୍ଷରୁ ଏଭଳି ଅଭିଯୋଗ ହୋଇଛି।

୪ ମାସ ପୂର୍ବେ ମନୋରମାଙ୍କ ଘରକୁ କେତେକ ଦୁର୍ବୃତ୍ତ ନିଆଁ ଲଗାଇ ପୋଡ଼ିଦେଇଥିଲେ। ଏ ନେଇ ମନୋରମା ଓ ତାଙ୍କ ପରିବାର ରାଜକନିକା ଥାନାର ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ଥାନା ବାବୁ ଆସାମୀଙ୍କୁ ଗିରଫ ନ କରିବାରୁ ପରେ ତହସିଲଦାରଙ୍କୁ ମଧ୍ୟ ମନୋରମା ଅଭିଯୋଗ କରିଥିଲେ। ଏପରିକି ତହସିଲଦାର ମ୍ୟାଡାମ ପୀଡିତାଙ୍କ ଦୁଃଖ ଶୁଣିବା ପରିବର୍ତ୍ତେ ବିରକ୍ତ ହେବା ସହ ଧମକ ଦେଇ ଜାତିଆଣ ଆକ୍ଷେପ କରିଥିବା ମନୋରମା ଅଭିଯୋଗ ଆଣିଛନ୍ତି। ଏ ନେଇ ମନୋରମା ବାରମ୍ବାର ଜିଲ୍ଲା ପ୍ରଶାସନକୁ ଅଭିଯୋଗ କରିଥିଲେ ହେଁ ଜିଲ୍ଲା ପ୍ରଶାସନ ନିରବଦ୍ରଷ୍ଟା ସାଜିଥିଲା। ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିବା ସହ ଯଦି ଜିଲ୍ଲାପାଳ ସେମାନଙ୍କ ଦୁଃଖ ନ ଶୁଣନ୍ତି, ତେବେ ପୂରା ପରିବାର ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଛନ୍ତି।

## କଂଗ୍ରେସ ବିଧାୟକ ଦଳ ନେତାଙ୍କ ଗସ୍ତବେଳେ ଆଗଧାଡ଼ିର ନେତା ଅନୁପସ୍ଥିତ

**ପଟ୍ଟାମୁଣ୍ଡାଇ, ୧।୮ (ସମିସ):** ରାଜ୍ୟ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ବନ୍ୟାଞ୍ଚଳ ଗସ୍ତରେ ଯିବାବେଳେ ପଟ୍ଟାମୁଣ୍ଡାଇ କଂଗ୍ରେସ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ମାତ୍ର କଂଗ୍ରେସ ବିଧାୟକ ଦଳ ନେତାଙ୍କ ଗସ୍ତ ସମୟରେ ଜିଲ୍ଲା କଂଗ୍ରେସ ସଭାପତି ପ୍ରଫୁଲ୍ଲ ଦାସ ଓ କେନ୍ଦ୍ରାପଡ଼ା ଲୋକସଭା କଂଗ୍ରେସ ପ୍ରାର୍ଥୀ ଇଂ ସିଦ୍ଧାର୍ଥ ଦାସଙ୍କ ସମେତ ଅନେକ ଆଗ ଧାଡ଼ି ନେତାଙ୍କ ଅନୁପସ୍ଥିତି ରାଜନୈତିକ ମହଲରେ ଆଲୋଚ୍ୟ ବିଷୟ ହୋଇଛି। ପିସିସି ସଭାପତି ଭକ୍ତଚରଣ ଦାସ କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବା ପାଇଁ ଦଳର ଏକତା ଉପରେ ଜୋର ଦେଉଥିବାବେଳେ ବିଧାୟକ ଦଳ ନେତାଙ୍କ ଗସ୍ତବେଳେ ଅନେକ ଆଗ ଧାଡ଼ିର ନେତାଙ୍କ ଅନୁପସ୍ଥିତି କଂଗ୍ରେସ ଏକତା ଉପରେ ପୁଣି ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଚାନ୍ଦୋଳ କଲେଜର ପ୍ରତିଷ୍ଠା ଉତ୍ସବ



**ଡେରାବିଶ, ୧।୮ (ସମିସ):** ଡେରାବିଶ ବ୍ଲକ ଚାନ୍ଦୋଳସ୍ଥ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟର ୪୭ତମ ପ୍ରତିଷ୍ଠା ଉତ୍ସବ ଆଜି ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଅକ୍ଷୟ ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଶ୍ରୀନିବାସ ଭୂୟାଁ, ମୁଖ୍ୟବକ୍ତା ଭାବେ ତୁଳସୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଅଜୟ ସାମଲ, ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଦସ୍ୟା ଉର୍ମିଳା ରାଉତ, ଚାନ୍ଦୋଳ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟାପିକା ସୁଷମା ଶତପଥୀ ଓ ମହାବିଦ୍ୟାଳୟର ପୂର୍ବତନ ଗ୍ରନ୍ଥାଗାରିକ ସରୋଜ ଭଦ୍ର ଯୋଗଦେଇ ଗ୍ରାମାଞ୍ଚଳର ଗରିବ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ପ୍ରଦାନ ନିମନ୍ତେ ଗଢ଼ିଉଠିଥିବା ଏହି ମହାବିଦ୍ୟାଳୟ ଗତ ୪୭ ବର୍ଷ ମଧ୍ୟରେ ବହୁ ମେଧାବୀ ଛାତ୍ରଛାତ୍ରୀ ସୃଷ୍ଟି କରିଛି। ଯେଉଁମାନେ ବର୍ତ୍ତମାନ ସରକାରୀ ଓ ବେସରକାରୀ ସ୍ତରରେ ବହୁ ଉଚ୍ଚପଦସ୍ଥ ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି ବୋଲି କହିଥିଲେ। ମହାବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀ ପରିଷଦର ସମ୍ପାଦିକା ଅଧ୍ୟାପିକା ସୁକନ୍ୟା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ପ୍ରଦୀପ ରାଉତ ଓ ଦିବ୍ୟ କୁମାର ଦାସ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏ ଅବସରରେ ମହାବିଦ୍ୟାଳୟର +୨ ଓ +୩ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଭିନ୍ନ ବିଭାଗ ଛାତ୍ରଛାତ୍ରୀଙ୍କୁ ମହାବିଦ୍ୟାଳୟ ପୁରସ୍କୃତ କରାଯାଇଥିଲା। ଅବସରପ୍ରାପ୍ତ ଅଧ୍ୟାପିକା କୁନ୍ତଳା ଦାସ, କର୍ମଚାରୀ ବାସୁଦେବ ପତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ପ୍ରତାପ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାଧ୍ୟାପକ ବିନୟ ଷଡ଼ଙ୍ଗୀ, ଅଧ୍ୟାପକ ସଞ୍ଜୟ ନାୟକ, ଶଶୀଭୂଷଣ ଜେନା, ବରଦା ଜେନା, ପ୍ରଭାକର ଦାସ, ମାନସ ଦାସ, ଅଧ୍ୟାପିକା ଶ୍ରୀମତୀ ଦାସ, ଝରାଶ୍ରୀ ପରିଜା, ମିନାକ୍ଷୀ ପ୍ରଧାନ, ଶାଶ୍ୱତୀ ପ୍ରଜ୍ଞା ସାହୁ, ମନୀଷା ମହାରଣା, ମନୀଷା ଦାସ, ଜ୍ୟୋତିର୍ମୟୀ ନାଥଶର୍ମା, ଅପର୍ଣ୍ଣା ନାୟକ, ସ୍ମୃତିରେଖା ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ସରୋଜ ଧଳଙ୍କ ବିୟୋଗରେ ବିଜେଡି ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା



**ପଟ୍ଟାମୁଣ୍ଡାଇ, ୧।୮ (ସମିସ):** ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଅକାଳ ବିୟୋଗ ଘଟିଥିବା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମର ବିଜେଡି ନେତା ସରୋଜ ଧଳଙ୍କୁ ପଟ୍ଟାମୁଣ୍ଡାଇ ବିଜେଡି ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। କଷଣଅଣ୍ଡା ପ୍ରଜ୍ଞା ମଣ୍ଡପରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବରିଷ୍ଠ ବିଜେଡି ନେତା ଅମୂଲ୍ୟ ପ୍ରଧାନ ପୌରୋହିତ୍ୟ କରିଥିଲେ। ଏହି ସଭାରେ କାଉନସିଲର ମଳୟ ଓଝା, ପୂର୍ବତନ କାଉନସିଲର ହିରଣ୍ୟ ରାଉତ, ଆଲୋକ ଧଳ, ବରିଷ୍ଠ ବିଜେଡି ନେତା ସୁରେନ୍ଦ୍ର ଗିରି, ବିରଞ୍ଚି ଦାଶ, ଦିଲ୍ଲୀପ ମହାନ୍ତି ନରେଶ ଜେନା, ଦୀପକ ଦାସ, ସନାତନ ବିଶ୍ୱାଳ, ସମୀର ଜେନା, ପ୍ରଦୀପ ବେହେରା, ପିଣ୍ଟୁ ସେଠୀ, ପ୍ରେମାନନ୍ଦ ବାରିକ, ସନ୍ତୋଷ ଦାସ, ଚନ୍ଦ୍ରଭାନୁ ରାଉତ, ନିରଞ୍ଜନ ସେଠୀ, ପଞ୍ଚାନନ ଦାସ, ଦେବାଶିଷ ମହାନ୍ତି, ଅମିତ ନାୟକ, ମଦନ ସାହୁ, ହେମନ୍ତ ମଲିକ, କଳ୍ପତରୁ ମଲିକ, ଉତ୍ତମ ମଲିକ ଯୋଗଦେଇ ଦିବଂଗତ ସରୋଜ ଧଳଙ୍କ ଅମାୟିକ ବ୍ୟବହାର, ପରୋପକାରିତା ତଥା ସମାଜସେବା ଉପରେ ଆଲୋକପାତ କରିବା ସହିତ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ଅତିରିକ୍ତ ଜିଲ୍ଲାପାଳ ବଳଦେବଜୀଉ ଦେବୋତ୍ତର ସଂସ୍ଥାର ସଭାପତି ନିଯୁକ୍ତ

**କେନ୍ଦ୍ରାପଡ଼ା, ୧।୮ (ସମିସ):** ବଳଦେବଜୀଉ ଦେବୋତ୍ତର ସଂସ୍ଥାର ମଧ୍ୟବର୍ତ୍ତୀକାଳୀନ ସଭାପତି ଭାବେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କୁ ନିର୍ବାଚିତ କରାଯାଇଛି। ଦେବୋତ୍ତର ଆୟୁକ୍ତଙ୍କ ପତ୍ର ସଂଖ୍ୟା ୬୭୨୬ ତା୧୮।୦୭।୨୦୨୫ରିଖ ଅନୁସାରେ ବଳଦେବଜୀଉ ଦେବୋତ୍ତର ସଂସ୍ଥାର ମଧ୍ୟବର୍ତ୍ତୀକାଳୀନ ପରିଚାଳନା ନ୍ୟାସ ମଣ୍ଡଳୀର ନୂତନ ଭାବେ ସଭାପତି ନିର୍ବାଚିତ କରାଯାଇଛି। ଏ ନେଇ ଶ୍ରୀବଳଦେବଜୀଉଙ୍କ ଇଚ୍ଛାପୁରସ୍ଥ ଯାତ୍ରୀନିବାସ ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ନ୍ୟାସ ମଣ୍ଡଳୀର ସଭ୍ୟ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତିରଞ୍ଜନ ଗୌଡ଼, କେନ୍ଦ୍ରାପଡ଼ା ପୌର ସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅଜିତ ଗିରି, ହୃଷିକେଶ ରଥ, ନୃସିଂହ ପ୍ରସାଦ ପତ୍ରୀ ଓ ଧିରେନ କୁମାର ସାହୁ ଉପସ୍ଥିତ ଥିଲେ। ସଭ୍ୟ ଧିରେନ କୁମାର ସାହୁଙ୍କ ପ୍ରସ୍ତାବ ଓ ଅନ୍ୟ ସଭ୍ୟଙ୍କ ସମର୍ଥନକ୍ରମେ ନବକ୍ରିଷ୍ଣ ଜେନାଙ୍କୁ ଶ୍ରୀ ବଳଦେବଜୀଉ ଦେବୋତ୍ତର ସଂସ୍ଥାର ମଧ୍ୟବର୍ତ୍ତୀକାଳୀନ ପରିଚାଳନା ନ୍ୟାସମଣ୍ଡଳୀର ସଭାପତି ଭାବେ ନିର୍ବାଚିତ କରାଯାଇଛି।

## ବାସହରାଙ୍କୁ ସମାଜସେବୀଙ୍କ ସହାୟତା



**ଡେରାବିଶ, ୧।୮ (ସମିସ):** ଡେରାବିଶ ବ୍ଲକ ବସପୁର ପଞ୍ଚାୟତ ଅନ୍ତର୍ଗତ ଭାଣ୍ଡିଲୋ ଗ୍ରାମର ସୁବାସ ଜେନାଙ୍କ ଚାଳଛପର ଘର ଗତ ସପ୍ତାହରେ ଲଘୁଚାପଜନିତ ଲଗାଣ ବର୍ଷାରେ ଭାଙ୍ଗି ନଷ୍ଟ ହୋଇଯାଇଥିଲା। ବହୁଦିନ ଧରି ଗରିବ ସୁବାସ ସରକାରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ହେବାକୁ ଆବେଦନ କରି ନିରାଶ ହୋଇଥିବାବେଳେ ନିକଟ ଅତୀତରେ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ଘରଟି ସମ୍ପୂର୍ଣ୍ଣ ହେବା ପୂର୍ବରୁ ବ୍ୟବହାର କରୁଥିବା ଏହି ଚାଳଛପର ଘରଟି ଲଘୁଚାପ ବର୍ଷାରେ ଭୁଶୁଡ଼ି ଯିବା ପରେ ସେ ସମ୍ପୂର୍ଣ୍ଣ ବାସହରା ହୋଇଯାଇଛନ୍ତି। ଖବର ପାଇ ବିଶିଷ୍ଟ ସମାଜସେବୀ ପ୍ରାଧ୍ୟାପକ ଡ. ଅଜୟ କୁମାର ରାଉତ ସୁବାସଙ୍କ ପରିବାର ନିକଟରେ ପହଞ୍ଚି ପାଲ ଓ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଶ୍ରୀ ରାଉତଙ୍କ ସହ ପ୍ରଶାନ୍ତ ମଲିକ, କର୍ଣ୍ଣ ରଞ୍ଜନ ଲେଙ୍କା ଓ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

# ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ବୈଠକରେ ଯୋଗଦେଲେ ଜିଲ୍ଲାପାଳ







**କେନ୍ଦ୍ରାପଡ଼ା, ୧।୮ (ସମିସ)**

ଜିଲ୍ଲାସ୍ତରୀୟ ଜାତୀୟ କୃମି ନାଶକ କାର୍ଯ୍ୟକ୍ରମର ସମନ୍ୱୟ ବୈଠକ ଜିଲ୍ଲାପାଳ ରଘୁରାମ ଆର. ଆୟାରଙ୍କ ଅଧ୍ୟକ୍ଷତାରେ ପୁରୁଣା ମୁଖ୍ୟ ଚିକିତ୍ସାଳୟ ଡ୍ୟୁଟି ହଲରେ ଅନୁଷ୍ଠିତ ହୋଇଯାଇଛି। ଜାତୀୟ କୃମି ନାଶକ ଦିବସ ଆସନ୍ତା ୧୨ ତାରିଖରେ ଅନୁଷ୍ଠିତ ହେବ। ଏହାର ମପଅପ ଦିବସ ୧୯ ତାରିଖରେ ଅନୁଷ୍ଠିତ ହେବ। ଏଥିରେ ଜିଲ୍ଲାର ସମସ୍ତ ୧ରୁ ୧୯ ବର୍ଷୀୟ ଶିଶୁ ଓ କିଶୋର କିଶୋରୀରୀ କୃମିନାଶକ ସିରପ୍ ଓ ବଟିକା ସେବନ କରିବେ। ୧ରୁ ୨ ବର୍ଷ ପିଲା ୫ ମିଲି ସିରପ, ୨ରୁ ୫ ବର୍ଷ ପିଲା ୧୦ ମିଲି ସିରପ ଓ ୨୦ରୁ ୨୪ ବର୍ଷୀୟ ଝିଅ ମଧ୍ୟ ପ୍ରତ୍ୟେକ ଗୋଟିଏ ଲେଖାଏଁ କୃମି ନାଶକ ବଟିକା ଅଙ୍ଗନବାଡ଼ି କେନ୍ଦ୍ରରେ ସେବନ କରିବେ। ସେହିପରି ବିଦ୍ୟାଳୟ ସ୍ତରରେ ପ୍ରଥମରୁ ପଞ୍ଚମ ଶ୍ରେଣୀ, ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପିଲା ପ୍ରତ୍ୟେକ ଗୋଟିଏ ଲେଖାଏଁ କୃମିନାଶକ ବଟିକା ସେବନ କରିବେ। ଏହି କାର୍ଯ୍ୟକ୍ରମରେ ୧୦୦ ପ୍ରତିଶତ ପିଲା ଯେପରି କୃମି ନାଶକ ସିରପ ଓ ବଟିକା ସେବନ କରିବେ, ଏଥିପାଇଁ ଜିଲ୍ଲାପାଳ ଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ମହିଳା ଓ ଶିଶୁ ବିଭାଗର ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ଜିଲ୍ଲାର ମୋଟ ତିନି ଲକ୍ଷ ତିରିଶ ହଜାର ଛଅ ଶହ ପାଞ୍ଚ (୩, ୩୦, ୬୦୫) ପିଲା ୧ରୁ ୧୯ ବର୍ଷ ଓ ୨୦ରୁ ୨୪ ବର୍ଷ ବୟସ୍କା (ଗର୍ଭବତୀ ନ ହୋଇଥିବା ଓ ପ୍ରସୂତୀ ହୋଇ ନ ଥିବା ବୟସ୍କା) ମଧ୍ୟରେ ଚାଳିଶ ହଜାର ଛଅଶହ ତେୟାନବେ (୪୦, ୬୯୩) ଜଣ ଏହି କାର୍ଯ୍ୟକ୍ରମର କୃମି ନାଶକ ବଟିକା ଓ ସିରପ ଖାଇବେ। ଉକ୍ତ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋରଞ୍ଜନ ରାଉତ ସ୍ୱାଗତ ଅଭିଭାଷଣ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଚ୍ଚିଦାନନ୍ଦ ମିଶ୍ର, ଡା. ଗୌରାଙ୍ଗ ଚରଣ ଗିରି, ଡା. ଶ୍ୟାମସୁନ୍ଦର ଟୁଡୁ, ଏଡିଏମଓ ମେଡିକାଲ ଡା. ପ୍ରମୋଦ କୁମାର ପ୍ରହରାଜ, ପ୍ରଶାସନିକ ଅଧିକାରୀ ଦିଲ୍ଲୀପ କୁମାର ନାୟକ, ଫାଇନାନ୍ସିଆଲ୍ ଅଫିସର ଆଶୁତୋଷ ତ୍ରିପାଠୀ, ଡିପିଏମ ମନୋରଞ୍ଜନ ସାହୁ, ଡେପୁଟି ମ୍ୟାନେଜର ସୁକାନ୍ତ ପ୍ରଧାନ, ଜିଲ୍ଲା ଡାଟା ମ୍ୟାନେଜର ଜ୍ୟୋତିରଞ୍ଜନ ପରିଡ଼ା, ଡିପିଏଚସିଓ ଶୁଭନାରାୟଣ ନାୟକ, ଜିଲ୍ଲା ଆକାଉଣ୍ଟସ୍ ମ୍ୟାନେଜର ସର୍ବେଶ୍ୱର ପ୍ରଧାନ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ସୁଷମା ମହାନ୍ତି, ପିଓ ଆଇସିଡିଏସ ସୁକାନ୍ତି ମହାପାତ୍ର, ଅତିରିକ୍ତ ଶିକ୍ଷା ଅଧିକାରିଣୀ ଶୁଭସ୍ମିତା ତ୍ରିପାଠୀ, ସମସ୍ତ ମେଡିକାଲ ଅଫିସର ଇନ୍‌ଚାର୍ଜ, ବିପିଏମ୍, ପିଏଚସିଓ ଓ ଡିପିଏମୟୁର ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ପରିବାର କଲ୍ୟାଣ ଡ. ସଚ୍ଚିଦାନନ୍ଦ ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

ପରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ବୈଷୟିକ କମିଟି ବୈଠକ ଓ ଡେଙ୍ଗୁ ପ୍ରତିରୋଧ ମାସ ପାଳିତ ହୋଇଯାଇଛି। ଏଥିରେ ଡେଙ୍ଗୁର ପ୍ରତିରୋଧ ଓ ନିୟନ୍ତ୍ରଣ ସହ ସନ୍ଦେହ ଫାଇଲେରିଆ ରୋଗୀଙ୍କ ରକ୍ତ ନମୁନା ସଂଗ୍ରହ, ମ୍ୟାଲେରିଆ ରୋଗୀଙ୍କ ତତ୍ତ୍ୱାବଧାନ, ହାଇଡ୍ରସିଲ ଅପରେସନ ସହ ଜିଲ୍ଲାର ସବୁ ଅଞ୍ଚଳରେ ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତି ମାଧ୍ୟମରେ ସଫେଇ ଅଭିଯାନ ଜାରି ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରାମଚନ୍ଦ୍ର ପାତ୍ର
ସିଆପଡା, ଆନନ୍ଦପୁର
ଆବିର୍ଭାବ - ୧୨.୧୦.୧୯୪୩
ତିରୋଧାନ - ୦୨.୦୮.୨୦୨୪

ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ମହାପ୍ରଭୁଙ୍କ ପାଦପଦ୍ମରେ ଆମର ଏତିକି ପ୍ରାର୍ଥନା ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ନାରାୟଣ, ମନରଂଜନ, ନିରଞ୍ଜନ, ଡଲି, ଚନ୍ଦନା, ଚିନା, ଡନି, ସୋନି, କାହ୍ନୁ, ଶିଲି, ରାନୀ, ଲାଲା, ଗୁଡଲି ଓ ପରିବାରବର୍ଗ



# ସିଟି କଟକ

## କଟକ ୟୁପିଡିରେ ପଡ଼ି ରହିଛି ୧୬୩୯ ମାମଲା

# ତଦନ୍ତ ଶେଷ ନ କଲେ କାର୍ଯ୍ୟାନୁଷ୍ଠାନ

**କଟକ, ୧।୮ (ସମିସ)**

କମିଶନରେଟ୍ ପୁଲିସ ପକ୍ଷରୁ ଥାନାରେ ପଡ଼ି ରହିଥିବା ମାମଲାଗୁଡ଼ିକର ତଦନ୍ତ ଖୁବ୍‌ଶୀଘ୍ର ଶେଷ କରିବାକୁ ବିଭାଗୀୟ ନୋଟିସ୍ ଦିଆଯାଇଛି। କଟକ ୟୁପିଡି ଅନ୍ତର୍ଗତ ସମସ୍ତ ଥାନାରେ ବଢ଼ି ଚାଲିଛି ମାମଲା ବୋଝ। କମିଶନରେଟ୍ ପୁଲିସ ଅନେକ ଗୁରୁତ୍ୱପୂର୍ଣ୍ଣ ମାମଲର ତଦନ୍ତ ଶେଷ କରି ପାରିନାହିଁ। ତଥ୍ୟ ପ୍ରମାଣ ନମିଳିବା, ଅଭିଯୁକ୍ତ ଜିଲ୍ଲା ବାହାର କିମ୍ବା ରାଜ୍ୟ ବାହାରକୁ ଫେରାର ହୋଇଯିବା, ଅଭିଯୁକ୍ତର ପରିଚୟ ସ୍ପଷ୍ଟ ନହେବା, ଶବ ବ୍ୟବଚ୍ଛେଦ ରିପୋର୍ଟ ଠିକ୍ ସମୟରେ ନଆସିବା କାରଣ ଯୋଗୁଁ ବିଭିନ୍ନ ଥାନାରେ ମାମଲା ପଡ଼ି ରହିଥିବା ପୁଲିସ ସ୍ପଷ୍ଟ କରିଛି। ଆବଶ୍ୟକ ଭିତ୍ତିଭୂମି, ଥାନାଗୁଡ଼ିକରେ ଷ୍ଟାଫ୍, ତଦନ୍ତ ଉପଯୋଗୀ ଉନ୍ନତମାନର ଜ୍ଞାନକୌଶଳ ଥାଇ ମଧ୍ୟ କଟକ କମିଶନରେଟ୍ ପୁଲିସ ବ୍ୟବସ୍ଥାରେ ମାମଲା ପଡ଼ି ରହିବାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଏବେ କଟକ କମିଶନରେଟ୍ ପୁଲିସ ଅଧୀନରେ ଥିବା ସମସ୍ତ ଥାନାଗୁଡ଼ିକରେ ୧ହଜାର ୬୩୯ଟି ମାମଲା ତଦନ୍ତ ଅଧାରୁ ଅଟକିଯାଇଛି। ଚଳିତ ବର୍ଷ ଜାନୁଆରୀରୁ ଜୁଲାଇ ମାସ ଶେଷ ସୁଦ୍ଧା କଟକ କମିଶନରେଟ୍ ପୁଲିସରେ ୫ହଜାର ମାମଲା ପଞ୍ଜିକରଣ କରାଯାଇଛି। ତେବେ ଅଧିକାଂଶ ମାମଲା ତଦନ୍ତ ପୂର୍ଣ୍ଣାଙ୍ଗ ହୋଇ ପାରିନାହିଁ। ଆଉ କେତେକ ମାମଲା ସେମିତି ପଡ଼ି ରହୁଛି। ୨୦୦୮ ମସିହାରୁ ଏଯାବତ୍ ଥାନାୱାରୀ ପଡ଼ି ରହିଥିବା ମାମଲାଗୁଡ଼ିକର ତୁରନ୍ତ ସମାଧାନ କ୍ଷେତ୍ରରେ ଗୁରୁତ୍ୱ




- ଥାନାୱାରୀ ଡିସିପି ପଠାଇଲେ ନୋଟିସ୍
- ଆଇଆଇସିଙ୍କୁ କରାଗଲା ପୁଣି ତାଗିଦ୍

ଦେଇଛନ୍ତି ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ। ଗୁରୁତ୍ୱପୂର୍ଣ୍ଣ ମାମଲାର ଫାଇଲ୍ ଖୋଳତାଡ କରିବା ସହିତ ତଦନ୍ତରେ ତ୍ୱରିତ ଅଗ୍ରଗତି କରିବା ପାଇଁ ସମ୍ପୃକ୍ତ ଆଇଆଇସି ବା ତଦନ୍ତକାରୀ ଅଫିସରମାନଙ୍କୁ ଡିସିପି ଶ୍ରୀ ଦ୍ୟାନ୍‌ଦେଓ ନିର୍ଦ୍ଦେଶ ଦେଇଛନ୍ତି।

ମିଳିଥିବା ସୂଚନା ଅନୁସାରେ, ଗତ ୧୫ବର୍ଷ ମଧ୍ୟରେ ପଡ଼ି ରହିଥିବା ସମସ୍ତ ମାମଲାଗୁଡ଼ିକର ତଦନ୍ତର ଅଗ୍ରଗତି ନିମନ୍ତେ ଉଦ୍ୟମ ଆରମ୍ଭ ହୋଇଛି। ଯଥାଶୀଘ୍ର ଏସବୁ ତଦନ୍ତରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ଚେଷ୍ଟା କରାଯିବ। କମିଶନରେଟ୍ ପୁଲିସ ପକ୍ଷରୁ ଅପରେସନ୍ କ୍ଲିନ୍ ନାମରେ ଏହି ଅଭିଯାନ ଜାରି ରହିଛି। ପ୍ରଥମ ପର୍ଯ୍ୟାୟରେ ହତ୍ୟାକାଣ୍ଡ, ବଳାତ୍କାର ଓ ଅପହରଣ ଭଳି ଗୁରୁତ୍ୱପୂର୍ଣ୍ଣ ମାମଲାର ତଦନ୍ତ ଶେଷ କରାଯିବାକୁ ଯୋଜନା ରଖାଯାଇଥିବା ବେଳେ ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ଚୋରି, ଛିନତାଇ, ଲୁଟ୍ ଭଳି ମାମଲାର ତଦନ୍ତ ଶେଷ ହେବ।

ପ୍ରକାଶ ଥାଉ କି, ଗତ ୫ବର୍ଷ ମଧ୍ୟରେ କଟକ ସହରରେ ୪୬୧୫ଟି ଚୋରି, ଛିନ୍‌ତାଇ, ସିନ୍ଧିଚୋରି ଓ ଡକାୟତି ଘଟଣା ଘଟିଛି। ଏଥିରୁ କେବଳ ଚୋରି ମାମଲା ୨ହଜାର ୯୫୭ଟି ହୋଇଥିବା ବେଳେ ୭୭୦ଟି ସିନ୍ଧି ଚୋରି ହୋଇଛି। ଘର ଭାଙ୍ଗି ଏବଂ କାନ୍ଥ ତାଡି ସିନ୍ଧିଚୋରି ଘଟାଉଥିବା ଗ୍ୟାଙ୍ଗଗୁଡ଼ିକ ମୁଖ୍ୟତଃ ବିହାର ଓ କୋଲକାତାରୁ ଆସୁଥିବା ବେଳେ ଅପରାଧ ଘଟାଇ ଫେରାର୍ ହୋଇ ଯାଉଛନ୍ତି। ସେମାନଙ୍କୁ ପୁଲିସ ଗିରଫ କରିବାରେ ଅନେକ ସମୟରେ ବିଫଳ ହେଉଥିବା ନଜରକୁ ଆସୁଛି। ତେବେ ୫ବର୍ଷର ଏହି ଅପରାଧିକ ପୃଷ୍ଠଭୂମିକୁ ଦେଖିଲେ ଚୋରି ଘଟଣା ସର୍ବାଗ୍ରେ ରହିଛି। ଅନ୍ୟପକ୍ଷରେ ସହରବାସୀଙ୍କ ମଧ୍ୟରେ ଚୋରି, ଡକାୟତି ଓ ଛିନ୍‌ତାଇକୁ ନେଇ ଚିନ୍ତା ବଢ଼ିଛି। ଏ ସଂକ୍ରାନ୍ତରେ ଡିସିପି ଶ୍ରୀ ଦ୍ୟାନଦେଓଙ୍କୁ ପଚାରିବାରୁ ସେ କହିଛନ୍ତି, ଗତ ୨ବର୍ଷ ମଧ୍ୟରେ ୯୦ପ୍ରତିଶତ ଚୋରି, ଛିନ୍‌ତାଇ, ଡକାୟତି ଓ ସିନ୍ଧି ଚୋରି ଘଟଣାରେ ପୁଲିସକୁ ସଫଳତା ମିଳିଛି। ସହରବାସୀଙ୍କୁ ନିରାପତ୍ତା ଓ ସୁରକ୍ଷା ଯୋଗାଇ ଦେବା ପାଇଁ ୨୪ଘଣ୍ଟିଆ କଡା ପହରା ପୁଲିସ ଦେଉଛି। ଜନସାଧାରଣ ଭୟଭୀତ ନହେବାକୁ ଡିସିପି ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ଥାନାରେ ପଡ଼ି ରହିଥିବା ମାମଲାଗୁଡ଼ିକର ତୁରନ୍ତ ତଦନ୍ତ ଶେଷ କରାଯାଇ ଥାନାରେ ମାମଲା ବୋଝ ହ୍ରାସ କରିବା ଦିଗରେ ଉଦ୍ୟମ ଜାରି ରହିଥିବା ସେ କହିଛନ୍ତି।

## ବିରୁପାକ୍ଷ ତ୍ରିପାଠୀ ପାଇଲେ ସଂଗ୍ରାମୀ ଧୀରେନ୍ଦ୍ର ମିଶ୍ର ସମ୍ମାନ



**କଟକ, ୧।୮ (ସମିସ):** ମାହାଙ୍ଗା ବ୍ଲକ ଭେଡା ଗ୍ରାମରେ ଜନ୍ମିତ ସୁପରିଚିତ ସ୍ୱାଧୀନତା ସଂଗ୍ରାମୀ ଚୌଧୁରୀ ଧୀରେନ୍ଦ୍ର ନାଥ ମିଶ୍ରଙ୍କ ସ୍ମୃତିସଭା ଶିକ୍ଷାବିତ ତ୍ରିଲୋଚନ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କଟକ ଟାଉନ ହଲ ଠାରେ ଅନୁଷ୍ଠିତ ସମାରୋହରେ ନାଟ୍ୟକାର ଡ. କିଶୋର ମହାନ୍ତି, ପ୍ରାଧ୍ୟାପିକା ଚିନ୍ମୟୀ ମହାନ୍ତି, ଗୀତିକାର ବିଶେଶ୍ୱର ମହାନ୍ତି ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ପରିବାରର ଦାୟାଦ ତଥା ସାମ୍ବାଦିକ ବିରୁପାକ୍ଷ ତ୍ରିପାଠୀଙ୍କୁ ସଂଗ୍ରାମୀ ଚୌଧୁରୀ ଧୀରେନ୍ଦ୍ରନାଥ ମିଶ୍ର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ତ୍ରିଲୋଚନ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ନିହାରବାଳା ପଟ୍ଟନାୟକ ମଞ୍ଚ ଉପସ୍ଥାପନା କରିଥିଲେ। ଚୌଧୁରୀ ମିଶ୍ରଙ୍କ ସ୍ମୃତିରେ ଅନୁଷ୍ଠିତ କୁଇଜ୍ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଂଗ୍ରାମୀଙ୍କ ପୁତ୍ର ଚୌଧୁରୀ ପ୍ରଭାତ କେଶରୀ ମିଶ୍ର ଧନ୍ୟବାଦ ଦେଇଥିଲେ। ସମାଜସେବୀ ସଂଗ୍ରାମ କେଶରୀ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରେଖାବାଳା ପଣ୍ଡା, ତରଙ୍ଗବାଳା ତ୍ରିପାଠୀ, ଅଶ୍ୱିନୀ ପଣ୍ଡା, ଅଂଶୁମାନ ପଣ୍ଡା, ଚୌଧୁରୀ ପ୍ରଦୀପ ମିଶ୍ର, ପୂର୍ଣ୍ଣିମା ମିଶ୍ର, ଲକ୍ଷ୍ମୀ ପ୍ରସାଦ ଆଚାର୍ଯ୍ୟଙ୍କ ସମେତ ଶତାଧିକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

### ନିମପୁର ନୋଡାଲ ହାଇସ୍କୁଲରେ ଖାଲି ପଡ଼ିଛି ଶିକ୍ଷକ ଓ କର୍ମଚାରୀ

## 'କଟକ-ଚୌଦ୍ୱାର ବିକାଶ ପରିଷଦ' ପକ୍ଷରୁ ଡିଇଓଙ୍କୁ ଦାବିପତ୍ର

**କଟକ, ୧।୮ (ସମିସ):** କଟକ ମହାନଗର ନିଗମ ଅନ୍ତର୍ଗତ ଜଗତପୁର ଅଞ୍ଚଳର ନିମପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ହେଉଛି ସମଗ୍ର ଜଗତପୁର ଅଞ୍ଚଳର ସର୍ବପୁରାତନ ବିଦ୍ୟାଳୟ। ଏହି ବିଦ୍ୟାଳୟ ପରିସରରେ ଷଷ୍ଠ ଶ୍ରେଣୀଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଷଷ୍ଠ, ସପ୍ତମ ଓ ଅଷ୍ଟମଶ୍ରେଣୀକୁ ଉଚ୍ଚ ପ୍ରାଥମିକ କୁହାଯାଉଥିବା ବେଳେ ନବମ ଓ ଦଶମକୁ ଉଚ୍ଚ ବିଦ୍ୟାଳୟ କୁହାଯାଉଛି। ଉଚ୍ଚ ପ୍ରାଥମିକରେ ସମୁଦାୟ ୩୧୮ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ଆବଶ୍ୟକୀୟ ଶିକ୍ଷକ ପଦ ଖାଲି ଅଛି। ଶିକ୍ଷା ନିୟମ ଅନୁସାରେ ପ୍ରତି ୩୫ ଜଣ ପିଲାରେ ଜଣେ ଶିକ୍ଷକ ରହିବା କଥା। ଏହି ଧାରା ଅନୁଯାୟୀ ଅନ୍ୟୁନ ୯ ଜଣ ଶିକ୍ଷକ ଆବଶ୍ୟକ ଥିବା ବେଳେ ଏବେ ଅଛନ୍ତି ମାତ୍ର ୬ ଜଣ। ତିନି ଜଣ ଶିକ୍ଷକ ପଦ ଖାଲି ଅଛି। ସେହିପରି ନବମ ଓ ଦଶମ ଶ୍ରେଣୀରେ ଚଳିତ ଶିକ୍ଷାବର୍ଷରେ ୨୬୩ ଜଣ ପିଲା ପାଠ ପଢୁଛନ୍ତି। ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପଦ ଖାଲି ଥିବାବେଳେ ଜଣେ କିରାଣୀ ଅବସର ନେବା ପରେ ଏ ପର୍ଯ୍ୟନ୍ତ କିରାଣୀ ନିଯୁକ୍ତ ହୋଇନାହାନ୍ତି। ଏଥିସହ ଜଣେ ପିଅନ ପଦ ମଧ୍ୟ ଖାଲି ପଡ଼ିଛି। ଫଳରେ ଶିକ୍ଷକଙ୍କୁ ହିଁ କିରାଣି ଓ ପିଅନର କାମ କରିବାକୁ ପଡୁଥିବାରୁ ପାଠପଢ଼ା ବ୍ୟାଘାତ ହେଉଛି। ଏ ସଂକ୍ରାନ୍ତରେ ବିଦ୍ୟାଳୟର ପ୍ରାକ୍ତନ ଛାତ୍ର, ଅଭିଭାବକ ତଥା 'କଟକ-ଚୌଦ୍ୱାର ବିକାଶ ପରିଷଦ'ର ସଭାପତି ମାନସ ପରିଡ଼ା କଟକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଭେଟି ଆଲୋଚନା କରିବା ସହିତ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଖାଲି ପଡ଼ିଥିବା ଶିକ୍ଷକ ଓ କର୍ମଚାରୀ ପଦକୁ ତୁରନ୍ତ ପୁରଣ କରିବାକୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି।

## ପ୍ରବୀର ପାଲିତଙ୍କୁ ଶ୍ରଦ୍ଧାଞ୍ଜଳି

**କଟକ, ୧।୮ (ସମିସ):** ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସିପିଆଇ କଟକ ଜିଲ୍ଲା କମିଟି ପକ୍ଷରୁ ଶାନ୍ତି ମୈତ୍ରୀ ଆନ୍ଦୋଳନର ଅନ୍ୟତମ ପୁରୋଧା, ଓଡ଼ିଶା ଉଚ୍ଚନ୍ୟାୟାଳୟର ବରିଷ୍ଠ ଅଧିବକ୍ତା, ଓଡ଼ିଶାର ସାମ୍ୟବାଦୀ ଚେତନାରେ ଶାଣିତ ନେତା, ସମାଜ ସେବା କ୍ଷେତ୍ରରେ ଅଗ୍ରଣୀ ସଂଗଠକ, ଜନନାୟକ କମ୍ରେଡ ପ୍ରବୀର ପାଲିତଙ୍କ ୨୮ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ନବଯୁଗ ପ୍ରେସ, ପାଲିତପଡ଼ା ସଭା କକ୍ଷରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଆଇନଜୀବୀ ଡ. ପ୍ରଶାନ୍ତ ମିଶ୍ର, ଅଶ୍ୱିନୀ ମହାନ୍ତି, ଲକ୍ଷ୍ମୀଧର ଦାଶ, ଅମରେନ୍ଦ୍ର ମହାନ୍ତି, ଶ୍ରମିକନେତା କିଶୋର ଜେନା, ଆଡଭୋକେଟ୍ ବିପିନ ବିହାରୀ ପାଢ଼ୀ, ଭ୍ରମରବର ସାହୁ, ସାନନ୍ଦ ସେଠୀ, ପ୍ରଭାତ ସାହୁ, ସୁବାଷ ବୋଷ, ସଞ୍ଜୟ ପରିଜା ପ୍ରମୁଖ ପାଲିତଙ୍କ ଫଟୋଚିତ୍ରରେ ପୁଷ୍ପ ଦେଇ ତାଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସିପିଆଇ ନଗର ସମ୍ପାଦକ ପ୍ରସନ୍ନ ମହାପାତ୍ର ପରିଚାଳନା କରିଥିବା ବେଳେ ଜିଲ୍ଲା ସମ୍ପାଦକ ବିନୋଦ ବେହେରା ଧନ୍ୟବାଦ ଦେଇଥିଲେ।

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଯୁବ ନେତୃତ୍ୱ ଶିବିର




**କଟକ, ୧।୮ (ସମିସ):** ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ପକ୍ଷରୁ ଏକ ତିନିଦିନିଆ ବିଶ୍ୱବିଦ୍ୟାଳୟସ୍ତରୀୟ ଯୁବ ନେତୃତ୍ୱ ଶିବିର ସଫଳତାର ସହ ଆୟୋଜିତ ହୋଇଯାଇଛି। ଗୁରୁବାର ଉଦଯାପିତ ଏହି ଶିବିରରେ ଫାଷ୍ଟଏଡ୍ ପ୍ରଶିକ୍ଷଣ, ସଷ୍ଟେନେବଲ୍ ଡେଭେଲପମେଣ୍ଟ ଗୋଲରେ ଯୁବପୀଢ଼ିର ସମ୍ପୃକ୍ତି, ଯୋଗ ଓ ପ୍ରାଣାୟାମ ଇତ୍ୟାଦି ଉପରେ ଶିକ୍ଷା ଦିଆଯାଇଥିଲା। ଅଂଶଗ୍ରହଣକାରୀ ବିଦ୍ୟାର୍ଥୀମାନେ ନିକଟସ୍ଥ ଗ୍ରାମଗୁଡ଼ିକୁ ଯାଇ ସେଠାରେ ପରିବେଶ ସଚେତନତା ସମ୍ପର୍କରେ ଗ୍ରାମବାସୀଙ୍କୁ ବୁଝାଇବା ସହ ଚାରାରୋପଣ କରିଥିଲେ। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ନିଜ ନିଜ ପ୍ରତିଭା ମଧ୍ୟ ପ୍ରଦର୍ଶନ କରିଥିଲେ। ଏହି ଶିବିରରେ ଏନ୍‌ଏସ୍‌ଏସର ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ, ରାଜ୍ୟ ଏନ୍‌ଏସ୍‌ଏସ ଅଧିକାରୀ ତଥା ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ଡେପୁଟି ସେକ୍ରେଟାରୀ ଡ. ରମେଶ ଚନ୍ଦ୍ର ବେହେରା ଯୋଗଦେଇଥିଲେ। ଏହି ଶିବିରରେ ଶ୍ରେଷ୍ଠ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଭାବରେ ରିତେଶ ନାୟକ, ଅସୀମପ୍ରୀତି ମହାପାତ୍ର, ବିଦିଶା ବୋଇତାଇ, ବିଶ୍ୱଜିତ ଷେଣ୍ଢେ, ମୃଣାଳ ଶରଦ କପାସେ ଓ ଋଷିକେଶ ପିଙ୍ଗଲ୍ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଶ୍ରେଷ୍ଠ କାର୍ଯ୍ୟକ୍ରମ ଅଧିକାରୀଭାବରେ ଡ. ଉଦିତ ନନ୍ଦନ ମିଶ୍ର ଓ ଡ. ସୋନମ ଅଗ୍ରୱାଲ ଏବଂ ଶ୍ରେଷ୍ଠ କାର୍ଯ୍ୟକ୍ରମ ସଂଯୋଜକ ଭାବରେ ଡ. ଅମ୍ବିକା ପ୍ରସାଦ ମିଶ୍ର ସମ୍ବର୍ଦ୍ଧିତ ହୋଇଥିଲେ। ଏହି ଯୁବ ନେତୃତ୍ୱ ଶିବିରର ସଫଳ ଆୟୋଜନ ନିମନ୍ତେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ତେଜପ୍ରତାପ, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଓ ଛାତ୍ର କଲ୍ୟାଣ ବିଭାଗ ଡିନ୍ ପ୍ରଫେସର ଜୟପ୍ରକାଶ ଭଞ୍ଜ ପ୍ରମୁଖ ଉଦ୍ୟୋକ୍ତା କମିଟିର ପ୍ରଶଂସା କରିଥିଲେ।

## ସମାଜସେବୀଙ୍କ ପରଲୋକ



**କଟକ, ୧।୮ (ସମିସ):** କଟକ ଜିଲ୍ଲା ବିରିବାଟୀ ନିକଟ ବମ୍ଫୁରି ଗ୍ରାମ ପାତ୍ର ସାହିର ବରିଷ୍ଠ ନାଗରିକ ତଥା ସମାଜସେବୀ ବିଷ୍ଣୁଚରଣ ପାତ୍ରଙ୍କ ୮୦ ବର୍ଷ ବୟସରେ ପରଲୋକ ହୋଇଛି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ତାଙ୍କର ମୃତ୍ୟୁ ସମୟରେ ୨ ଭାଇ ବିରଞ୍ଚି ଚରଣ ପାତ୍ର, ବିଭୂତି ଭୂଷଣ ପାତ୍ର, ୩ ଝିଅ ଚିନ୍ମୟୀ, ସ୍ୱର୍ଣ୍ଣମୟୀ, ଦିପ୍ତିମୟୀ ଓ ଜ୍ୱାଇଁ, ବସନ୍ତ କୁମାର ଚୌଧୁରୀ, ତାପସ ସାହୁ, ନବକିଶୋର ପାତ୍ର ପୁତ୍ର ଅଜିତ୍ ପାତ୍ର ବୋହୂ ଅନିତା ପାତ୍ର, ଅନ୍ୟ ପୁତ୍ରବଧୂ, ନାତି ନାତୁଣୀ ଓ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ତାଙ୍କର ପୁତ୍ର ଅଜିତ୍ ପାତ୍ର ମୁଖାଗ୍ନି ଦେଇଥିଲେ। ବିଷ୍ଣୁଚରଣ ପାତ୍ରଙ୍କର ମୃତ୍ୟୁଖବର ପାଇ ବରିମୁଣ୍ଡ ବରିଷ୍ଠ ନାଗରିକ ମଞ୍ଚର ଆବାହକ ଲକ୍ଷ୍ମୀଧର ଚୌଧୁରୀ ପୁତ୍ର ଦେବାଶିଷ ଚୌଧୁରୀ, ଆଶିଷ ଚୌଧୁରୀ ଗଭୀର ଦୁଃଖପ୍ରକାଶ କରିବା ସଙ୍ଗେ ସଙ୍ଗେ ସ୍ୱର୍ଗତ ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରି ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

## ରଘୁନାଥଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୌନ ଉତ୍ପୀଡ଼ନ ନିବାରଣ କର୍ମଶାଳା

**କଟକ, ୧।୮ (ସମିସ):** ରଘୁନାଥଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୌନ ଉତ୍ପୀଡ଼ନ, ନିବାରଣ, ନିଷେଧ, ପ୍ରତିକାର ସମ୍ପର୍କିତ ଏକ କର୍ମଶାଳାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବରେ ଲୋକାଲ ଅଭିଯୋଗ ସମିତିର ଚେୟାରମ୍ୟାନ, ସମାଜସେବୀ ପ୍ରଫେସର ଡକ୍ଟର ମୀନାକ୍ଷୀ ପଣ୍ଡା ଯୋଗଦେଇ ପିଲାମାନଙ୍କୁ ଅଭିଯୋଗ କିପରି କରିବେ, ଭଲମନ୍ଦ ବିଚାର କରିବାର ଶୈଳୀ, ସଞ୍ଜମତା ଆଦି, ରକ୍ଷା କରିବା ସହିତ ଉପକାରିତା ଓ ଅପକାରିତା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଆଇନଜୀବୀ ତଥା ସମାଜସେବୀ କୁମାରୀ ଗୀତାଞ୍ଜଳି ବେହୁରା ପିଲାମାନଙ୍କୁ ଏ ସମ୍ପର୍କରେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଅଧ୍ୟକ୍ଷା ଡ. ସ୍ନେହଲତା ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ କଲେଜର ସମସ୍ତ ଆଭ୍ୟନ୍ତରୀଣ ଅଭିଯୋଗ ସମିତି (ଆଇସିସି) ସଭ୍ୟ, ଅଧ୍ୟାପକ, ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ। କମିଟିର ପ୍ରିଜାଇଡିଂ ଅଫିସର ଜ୍ୟୋତିପ୍ରକାଶ ପରିଡ଼ା ସ୍ୱାଗତ ଭାଷଣ ଦେଇଥିଲେ। ସସ୍ମିତା ରଥ ଧନ୍ୟବାଦ ଦେଇଥିଲେ। ତନୁଜା ରାଉତ ମଞ୍ଚ ପରିଚାଳନା କରିଥିଲେ।



### ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

## ଯୁବ-ଛାତ୍ର ବିଜେଡିର ବିକ୍ଷୋଭ




**କଟକ, ୧।୮ (ସମିସ):** ରାଜ୍ୟରେ ଆଇନଶୃଙ୍ଖଳା ବ୍ୟବସ୍ଥା ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ପ୍ରତିଦିନ ଗଣମାଧ୍ୟମରେ ହତ୍ୟା, ଦୁଷ୍କର୍ମ ଆଦି ପ୍ରସଙ୍ଗ ଶିରୋନାମା ପାଲଟୁଛି। ମହାବିଦ୍ୟାଳୟଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ଛାତ୍ରୀଙ୍କ ପାଇଁ ଅସୁରକ୍ଷିତ ପାଲଟି ଥିବାବେଳେ ଦିନକୁ ଦିନ ଗଣଦୁଷ୍କର୍ମ ଭଳି ଘଟଣା ଘଟୁଛି। ଏହାର ପ୍ରତିବାଦରେ ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ଆଜି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବାଲେଶ୍ୱର ଏବଂ ବଳଙ୍ଗା ପୀଡ଼ିତାଙ୍କୁ ଏ ପର୍ଯ୍ୟନ୍ତ ନ୍ୟାୟ ମିଳିପାରୁ ନଥିବା ଛାତ୍ରନେତାମାନେ ଅଭିଯୋଗ କରିଥିଲେ। ଷ୍ଟିୱାର୍ଟ ମହାବିଦ୍ୟାଳୟ ସମେତ ସହରର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରନେତାମାନେ ଉପର ବାଲିଯାତ୍ରା ପଡ଼ିଆଠାରୁ ଏକ ଶୋଭାଯାତ୍ରା ଯାଇ ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଟନମେଣ୍ଟ ଥାନା ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସନ୍ତୋଷ ମହାପାତ୍ର, ଆସିଫ ଅମିନ୍, ସଞ୍ଜୟ ପଟ୍ଟନାୟକ, ସୌମ୍ୟଦୀପ ଘୋଷ, ଜଗତଜ୍ୟୋତି ପଟ୍ଟନାୟକ, ସୁମନ ବେହେରା, ଦେବାଶିଷ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ।

## ଈଶ୍ୱର ଅନୁଷ୍ଠାନର ନୂତନ କର୍ମକର୍ତ୍ତା ନିର୍ବାଚନ



**କଟକ, ୧।୮ (ସମିସ):** ଈଶ୍ୱର ଅନୁଷ୍ଠାନର ନୂତନ କର୍ମକର୍ତ୍ତା ନିର୍ବାଚନ ଓ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଛି। ପୂର୍ବତନ ସଭାପତି ଡକ୍ଟର ଶ୍ୟାମଳ ଶାହାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାର ସଭାପତି ଭାବେ ରାମଚନ୍ଦ୍ର ବେହେରା, ଉପସଭାପତି ଭାବେ ଅଶୋକ ସେଠୀ, ସମ୍ପାଦକ ଗୋପାଳ ଚନ୍ଦ୍ର ରାଓ, ମୁଖ୍ୟ ସଂଯୋଜକ ବିଶ୍ୱଜିତ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ରାକେଶ କୁଣ୍ଡୁ, କୋଷାଧ୍ୟକ୍ଷ ସୁରେଶ କୁଣ୍ଡୁ, କାର୍ଯ୍ୟକାରିଣୀ ସଭ୍ୟ ଭାବେ ପ୍ରଫୁଲ୍ଲ କୁମାର ସେଠୀ, ଦୁର୍ଗାଚରଣ ସେଠୀ, ରବୀନ୍ଦ୍ରନାଥ ସେଠୀ, ଚିତ୍ତ ରଞ୍ଜନ ସେଠୀ, ନିରୋଜ ମହାପାତ୍ର ଓ ଦିଲ୍ଲୀପ ସେଠୀଙ୍କୁ ନିର୍ବାଚିତ କରାଯାଇଥିଲା। ଈଶ୍ୱର ଅନୁଷ୍ଠାନର ନୂତନ କର୍ମକର୍ତ୍ତା ଦାୟିତ୍ୱ ଗ୍ରହଣ ପରେ ଖୋର୍ଦ୍ଧା ଜିଲ୍ଲାର ବାଲିଅନ୍ତାସ୍ଥିତ 'ସଞ୍ଜୀବନୀ ଶେଷ ଠିକଣା' ବୃଦ୍ଧାଶ୍ରମର ଅନ୍ତେବାସୀଙ୍କ ସହ ୪୦ଜଣ ବରିଷ୍ଠ ଲୋକ ପୁରୀ ପ୍ରଭୁ ଶ୍ରୀଜଗନ୍ନାଥ ଦର୍ଶନ କରିଥିଲେ। ଈଶ୍ୱର ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ସହଯୋଗ କରିଥିଲେ।

## ୨୪ନଂ ୱାର୍ଡରେ ପରିବେଶ ସଚେତନତା



**କଟକ, ୧।୮ (ସମିସ):** କଟକ ମହାନଗର ନିଗମ ୨୪ ନମ୍ବର ୱାର୍ଡ଼ ଅନ୍ତର୍ଗତ ଦୋଳମୁଣ୍ଡାଇ ଜଗନ୍ନାଥ ମନ୍ଦିର ସମ୍ମୁଖରେ ୱାର୍ଡ଼ କର୍ପୋରେଟର ତଥା ସ୍ୱାସ୍ଥ୍ୟ କମିଟି ଅଧ୍ୟକ୍ଷା ଦିପ୍ତିମୟୀ ମୂଳିଆଙ୍କ ନେତୃତ୍ୱରେ କଟକ ମହାନଗର ନିଗମ ତରଫରୁ ମାଗଣାରେ ଚାରା ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ପାର୍କ ପ୍ଲାଣ୍ଟେସନ ଅଧ୍ୟକ୍ଷା ମୋନାଲିସା ଦାସ, ଡ. ରଞ୍ଜନ ବିଶ୍ୱାଳ, ସାଆନ୍ତ ସାହି ଓ ହରିପୁର ଦୋଳମୁଣ୍ଡାଇ ଗ୍ରାମର ମୁରବି, ପୂଜା କମିଟି କର୍ମକର୍ତ୍ତା ଯୋଗଦେଇ ଲୋକମାନଙ୍କୁ ଚାରାବଣ୍ଟନ କରିଥିଲେ।

### ଅଗଷ୍ଟ ୩୧ ତାଲଦଣ୍ଡା ସ୍ମାର୍ଟ ଫୁଟ୍‌ପାଥର ଶେଷ ଅବଧି

# ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ସରୁନି କାମ

**କଟକ, ୧।୮ (ସମିସ)**

ତାଲଦଣ୍ଡା କେନାଲ ପାର୍ଶ୍ୱ ସୌନ୍ଦର୍ଯ୍ୟକରଣ କାମ ଅଦ୍ୟାବଧି ଶେଷ ହୋଇପାରିନାହିଁ। ଏହାକୁ ଆସନ୍ତା ମେ ୩୧ତାରିଖ ସୁଦ୍ଧା ଶେଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲେ ମଧ୍ୟ ଏହା ସରିପାରିନାହିଁ। ଦୀର୍ଘ ମାସ ଧରି କାମ ଚାଲୁଥିଲେ ମଧ୍ୟ ମନ୍ଥର ଗତି ପାଇଁ ସ୍ମାର୍ଟ ଫୁଟପାଥ ନିର୍ମାଣ ଶେଷ ହୋଇନାହିଁ। ଯେଉଁ ସ୍ଥାନରେ ଏହା ହୋଇଥିଲା ତାହା ଭାଙ୍ଗି ରୁଜି ଯାଇଥିବା ଦେଖିବାକୁ ମିଳିଲାଣି। ଗୋଟିଏପଟରେ ତାଲଦଣ୍ଡା କେନାଲ ପାର୍ଶ୍ୱ ରାସ୍ତା କଡରେ ଫୁଟପାଥ ନିର୍ମାଣ କାର୍ଯ୍ୟ ସମ୍ପାଦନ ପାଇଁ ଯେଉଁ ଡେଡଲାଇନ ବା ସମୟସୀମା ଧାର୍ଯ୍ୟ କରାଯାଇଥିଲା ସେହି ଅନୁସାରେ କାମ ସରିପାରିନାହିଁ। ଯୋବ୍ରାଠାରୁ ନୂଆବଜାର ପର୍ଯ୍ୟନ୍ତ ତାଲଦଣ୍ଡା କେନାଲର ବାମ ପାର୍ଶ୍ୱ ବନ୍ଧ ରାସ୍ତା ସମ୍ପ୍ରସାରଣ ହୋଇ ଲୋକଙ୍କ ବ୍ୟବହାରରେ ଲାଗିପାରିଥିଲେ ସୁଦ୍ଧା ସବୁ ଜାଗାରେ ପେଭର ବ୍ଲକରେ ଫୁଟପାଥ ନିର୍ମାଣ ନହୋଇ ଅଧାପନ୍ତରିଆ ପଡ଼ିଛି। ଏପରିକି ହାଇକୋର୍ଟ ମଧ୍ୟ ଏହି ପ୍ରସଂଗକୁ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ନିର୍ମାଣ ଦାୟିତ୍ୱ ନେଇଥିବା ଇଞ୍ଜିନିୟରିଂ ପ୍ରୋଜେକ୍ଟ ଇଣ୍ଡିଆ ପ୍ରାଇଭେଟ ଲିମିଟେଡକୁ ମହାନଗର ନିଗମ ପକ୍ଷରୁ ବହୁବାର ତାଗିଦ କରାଗଲାଣି। ମିଳିଥିବା ସୂଚନାନୁସାରେ, ଏହି କାର୍ଯ୍ୟ ତ୍ୱରିତ ସମ୍ପାଦନ କରା ନଗଲେ ଟେଣ୍ଡର ବାତିଲ କରାଯିବ ବୋଲି କୁହାଯାଇଛି। ତେବେ ଇପିଆଇଏଲ ପକ୍ଷରୁ ଏହି କାର୍ଯ୍ୟ ଆସନ୍ତା ୩୧ତାରିଖ ସୁଦ୍ଧା ସରିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିବା ଜଣାପଡ଼ିଛି।

ଯୋବ୍ରାଠାରୁ ରାଣୀହାଟ ଯାଏ ତାଲଦଣ୍ଡାର କେନାଲର ଉଭୟ ପାର୍ଶ୍ୱରେ ପ୍ରାୟ ୧.୫୫ କିମି ରାସ୍ତାର ସମ୍ପ୍ରସାରଣ କରାଯିବା ସହ ଆଲୋକ ବ୍ୟବସ୍ଥା ଏବଂ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରାଯାଇଥିଲା। ପରବର୍ତ୍ତୀ ସମୟରେ ରାଣୀହାଟରୁ ମାତୃଭବନ ପର୍ଯ୍ୟନ୍ତ ଓ ତୃତୀୟ ପର୍ଯ୍ୟାୟରେ ମାତୃଭବନ ଠାରୁ ବିରିବାଟୀ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ମାତୃଭବନ-ରେଳପଥ ରାସ୍ତା କାମ ଇତିମଧ୍ୟରେ ଶେଷ ହୋଇଛି। ତୃତୀୟ ପର୍ଯ୍ୟାୟରେ ନୂଆବଜାରଠାରୁ ବିରିବାଟୀ ପର୍ଯ୍ୟନ୍ତ ହେଉଥିବା ଦକ୍ଷିଣ ପାର୍ଶ୍ୱ କେନାଲ ବନ୍ଧ ସମ୍ପ୍ରସାରଣ କାମ ପ୍ରାୟ ୮୦ମିଟର ବାକି ରହିଥିବା ନେଇ ପୂର୍ତ୍ତ ବିଭାଗ ପକ୍ଷରୁ କୁହାଯାଇଛି। ଏସବୁ ଭିତରେ ଫୁଟପାଥ କାମ ୩୧ ତାରିଖ ସୁଦ୍ଧା ସରିବା ନେଇ ଅନିଶ୍ଚିତତା ଦେଖାଦେଇଛି। ସ୍ମାର୍ଟ ଫୁଟପାଥ ନିର୍ମାଣ, କେନାଲ ସେତୁର ଫେନସିଂ, ରାସ୍ତା ଆଲୋକିକରଣ ଆଦି କାମ ଆସନ୍ତା ଜୁନ ୩୦ସୁଦ୍ଧା ସରିବ ବୋଲି ହାଇକୋର୍ଟଙ୍କୁ ପୂର୍ବରୁ ସିଏମସି ଅବଗତ କରିଥିଲା। ଇତିମଧ୍ୟରେ ଦୁଇ ମାସ ଅତିକ୍ରାନ୍ତ କରିଗଲାଣି କିନ୍ତୁ କାମ ସରିନି। କେବଳ କେନାଲ ଉପରେ ନିର୍ମିତ ମୋଟ ୮ଟି ସେତୁରେ ଫେନସିଂ କାମ ଶେଷ ହୋଇଥିବା ବେଳେ ଆଲୋକୀକରଣ କାର୍ଯ୍ୟ ଆଗେଇପାରିନି।

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରାମଚନ୍ଦ୍ର ପାତ୍ର
ସିଆପଡା, ଆନନ୍ଦପୁର
ଆବିର୍ଭାବ - ୧୨.୧୦.୧୯୪୩
ତିରୋଧାନ - ୦୨.୦୮.୨୦୨୪
ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ମହାପ୍ରଭୁଙ୍କ ପାଦପଦ୍ମରେ ଆମର ଏତିକି ପ୍ରାର୍ଥନା ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ନାରାୟଣ, ମନରଂଜନ, ନିରଞ୍ଜନ, ଡଲି, ଚନ୍ଦନା, ଚିନା, ଡନି, ସୋନି, କାହ୍ନୁ, ଶିଲି, ରାନୀ, ଲାଲା, ଗୁଡଲି ଓ ପରିବାରବର୍ଗ

# ପୋଖରୀରେ କୁମ୍ଭୀର, ଗ୍ରାମବାସୀ ଆତଙ୍କିତ

ଏମ୍. ଭି-୭୯, (ସମିସ)୧।୮:



ମାଲକାନଗିରି ଜିଲ୍ଲା ଏମ୍‌ପିଭି-୮୩ ଗ୍ରାମ ନିକଟସ୍ଥ ଏକ ପୋଖରୀକୁ କୁମ୍ଭୀର ଚାଲି ଆସିଥିବାରୁ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ଗ୍ରାମବାସୀ ସେହି କୁମ୍ଭୀର ଗୁଡିକୁ ଦେଖିବା ପରେ ଏମ୍‌ଭି-୭୯ ବନବିଭାଗକୁ ସୂଚନା ଦେଇଥିଲେ। ତେଣୁ ବନବିଭାଗର କର୍ମଚାରୀ ମାନେ ଆସି ସେହି ପୋଖରୀକୁ ନ ଯିବାପାଇଁ ଏକ ବ୍ୟାନର ଲଗାଇ ସଚେତନ କରେଇଛନ୍ତି। ଯେଉଁଥିରେ କୁମ୍ଭୀର ପ୍ରତି ସାବଧାନ ବୋଲି ଲେଖା ହେବା ସହ ପୋଖରୀକୁ ଯିବା ପାଇଁ ମଧ୍ୟ ମନା କରିଛନ୍ତି ଏମ୍.ଭି-୭୯ ବନ ବିଭାଗର ଅଧିକାରୀ। ଏଭଳି ଘଟଣା ଦେଖିବକୁ ମିଳିଛି ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମ୍.ପି.ଭି-୮୩ ଗ୍ରାମ ପୋଖରୀରେ। ଏହି ପୋଖରୀରେ କୁମ୍ଭୀରଟିକୁ ଦେଖି ଏହି ଗ୍ରାମବାସୀ ସହ ଆଖପାଖ ଲୋକ ଭୟଭୀତ ଅବସ୍ଥାରେ ଅଛନ୍ତି । ଏଭଳି ଘଟଣା ଏହି ଅଞ୍ଚଳରେ ପୂର୍ବରୁ ଦେଖିବା ପାଇଁ ମିଳି ନ ଥିବା ବେଳେ କେମିତି ପୋଖରୀରୁ ଏହି କୁମ୍ଭୀରକୁ ଉଦ୍ଧାର କରିବେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗ୍ରାମବାସୀ ପୋଖରୀ ଭିତରକୁ ଯିବାପାଇଁ ଡରୁଥିବା ବେଳେ ବନ ବିଭାଗ ପକ୍ଷରୁ ପୋଖରୀକୁ ଯିବା ପାଇଁ ବାରଣ ପୂର୍ବକ ପୋଷ୍ଟର ମଧ୍ୟ ଲଗାଯାଇଛି। ଏହା ସହ ବନ ବିଭାଗର କର୍ମଚାରୀ ଓ ରେପିଡି ରେସ୍‌ପନ୍ସ ଟିମ ମାଲକାନଗିରିରୁ ଆସି ଏହି କୁମ୍ଭୀରକୁ କିଭଳି ଉଦ୍ଧାର କରାଯିବ ତାହାର ଚେଷ୍ଟା ଚଳେଇଛନ୍ତି

# ୧୧ ଗାଈ ଉଦ୍ଧାର, ୨ ଗିରଫ

କୋରାପୁଟ,୧।୮ (ସମିସ): ବୋରିଗୁମ୍ମା ଅଞ୍ଚଳରୁ ଆନ୍ଧ୍ରକୁ ଗୋଚାଲାଣ କରୁଥିବା ଏକ ଭ୍ୟାନକୁ ଗୁରୁବାର ବିଳମ୍ବିତ ରାତିରେ କୋରାପୁଟ ଟାଉନ ଥାନା ପୁଲିସ ଦ୍ୱାରା ଜବତ କରାଯିବାସହ ଘଟଣାରେ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି। ଥାନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏଏସ୍‌ଆଇ ସୁବାସ ଚନ୍ଦ୍ର ଶିଶା ନିଜ ଟିମ୍ ସହ ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ସନ୍ଦେହରେ ଏକ ଭ୍ୟାନକୁ ଅଟକାଇଥିଲେ। ଗାଡ଼ିରେ ୧୧ଟି ଗାଈ ରହିଥିବା ବେଳେ ଅଧିକ ପଚରାଉଚରା ପରେ ବୋରିଗୁମ୍ମାରୁ ଆନ୍ଧ୍ରପ୍ରଦେଶର ମାନାପୁରମ ହାଟକୁ ଚାଲାଣ କରୁଥିବା ଜାଣିବାକୁ ପାଇଥିଲେ। ଗାଡିକୁ ଜବତ୍ କରିବା ସହ ପିକ୍‌ଅପ ଡ୍ରାଇଭର ତଥା ଗାଡ଼ି ମାଲିକ ବିଜୟନଗରମ ଜିଲ୍ଲା ବୁର୍ଜାବାଲସା ଅଞ୍ଚଳର ପୁରମ ସତ୍ୟନାରାୟଣଙ୍କ ସହ ସହଯୋଗୀ ବିଜୟନଗରମ ଅଞ୍ଚଳର କେ ସୁରୀକୁ ଗିରଫ କରିଥିଲେ। ବେଆଇନ ଗୋଚାଲାଣ ଅଭିଯୋଗରେ କୋରାପୁଟ ଟାଉନ୍ ଥାନାରେ ୧୬୦/୨୦୨୫ ଧାରା -୨୮୧/୩୦୩(୨)/୩(୫) ଭାରତୀୟ ନ୍ୟାୟ ସଂହିତାରେ ମାମଲା ରୁଜୁକରି କୋର୍ଟଚାଲାଣ କରିଥିବା ଥାନାଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି। ଏଏସଆଇ ଶରତ ଚନ୍ଦ୍ର ବିଷୋୟୀ ମାମଲାର ତଦନ୍ତ କରୁଥିବା ବେଳେ ୧୧ ଗାଈକୁ ଜୟପୁରସ୍ଥିତ ପାଲିଗୁଡା ଗୋଶାଳାକୁ ସ୍ଥାନାନ୍ତର କରାଯାଇଛି।

# କାଠଫାଳିଆରେ ଆକ୍ରମଣ ମାମଲା, ଜଣେ ଗିରଫ

ଜୟପୁର,୧।୮ (ସମିସ): କାଠ ଫାଳିଆରେ ଆକ୍ରମଣ ଘଟଣାରେ ଅଭିଯୁକ୍ତକୁ ଜୟପୁର ଟାଉନ୍ ଥାନା ପୁଲିସ ଢେପଗୁଡ଼ା ବନ୍ଧଘାଟ ଅଞ୍ଚଳରୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଢେପଗୁଡ଼ା ବନ୍ଧଘାଟର ରାଜୁ ହରିଜନ (୩୯)। ପୁଲିସ ସୂଚନା ଅନୁଯାୟୀ ଜୟପୁର ସହର ଢେପଗୁଡା ବନ୍ଧଘାଟରେ ରାଜୁ ହରିଜନ ସହିତ ଏସ.ପ୍ରଭାକର ଚୌଧୁରୀଙ୍କର କୌଣସି କାରଣରୁ ବଚସା ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ମଦ୍ୟପାନ କରିଥିବା ଅଭିଯୁକ୍ତ ରାଜୁ ଏକ କାଠ ଫାଳିଆରେ ଆକ୍ରମଣ କରିଥିଲେ। ଫଳରେ ଅଭିଯୋଗକାରୀ ଶ୍ରୀ ଚୌଧୁରୀଙ୍କ ମୁଣ୍ଡରେ ଆଘାତ ଲାଗିବାରୁ ସେ ଗୁରୁତର ହୋଇଥିଲେ। ଏନେଇ ପୁଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ କରିଥିଲେ। ତଦନ୍ତ ବେଳେ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ କାଠ ଫାଳିଆ ଜବତ କରାଯାଇଥିବା ଟାଉନ ଥାନା ଅଧିକାରୀ ଉଲ୍ଲାସ ରାଉତ ସୂଚନା ଦେଇଛନ୍ତି।

● ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣା

# ଜୟପୁର ପର୍ଯ୍ୟନ୍ତ ଲମ୍ବିଛି ଚେର

ଜୟପୁର,୧।୮ (ସମିସ): ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଚଳିତ ବର୍ଷ ଶିକ୍ଷକ ନିଯୁକ୍ତି ନେଇ ଓଡ଼ିଶା ଟିଚର ଏଲିଜିବିଲିଟ ଟେଷ୍ଟ (ଓଟିଇଟି) ପରୀକ୍ଷା ସାରା ଓଡ଼ିଶାର ବିଭିନ୍ନ କେନ୍ଦ୍ରରେ ଗତ ମାସ ୨୦ରେ ଅନୁଷ୍ଠିତ ହେବାର ରହିଥିଲା। କିନ୍ତୁ ପ୍ରଶ୍ନପତ୍ର ଲିକ୍ ଘଟଣା ପରେ ଏହାକୁ ବାତିଲ କରାଯାଇଛି। ଏହିପରି ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରତ୍ୟେକ୍ଷ ତତ୍ତ୍ୱାଧାନରେ ବୋର୍ଡ ପକ୍ଷରୁ ସୁରିକ୍ଷିତ ଏହି ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ରାଜ୍ୟ ସରକାରଙ୍କ କାର୍ଯ୍ୟଧାରା ପ୍ରତି ଅଙ୍ଗୁଳି ପ୍ରଦର୍ଶିତ ହୋଇଛି। ଘଟଣାର ତଦନ୍ତ ନିମନ୍ତେ ରାଜ୍ୟ କ୍ରାଇମବ୍ରାଞ୍ଚକୁ ଦାୟିତ୍ୱ ପ୍ରଦାନ କରିଛନ୍ତି। କ୍ରାଇମବ୍ରାଞ୍ଚ ତଦନ୍ତ ବେଳେ ଏହି ଘଟଣା କଟକ ଓ ଭୁବନେଶ୍ୱର ଠାରୁ ଚେର କୋରାପୁଟ ଜିଲ୍ଲା ଜୟପୁର ପର୍ଯ୍ୟନ୍ତ ଲମ୍ବିଥିବା ଜଣାପଡ଼ିଛି। ଏହିପରି ଜୟପୁର ସହରର ଶିବା ଜେରକ୍ସର ମାଲିକ ଏବଂ କୁନ୍ଦୁରା ବ୍ଲକର ଲିମା ଅଞ୍ଚଳର ଜଣେ ଶିକ୍ଷକଙ୍କୁ କ୍ରାଇମବ୍ରାଞ୍ଚର ଏକ ତଦନ୍ତକାରୀ ଦଳ ଜୟପୁରରେ ଗତ ଦୁଇଦିନ ପୂର୍ବରୁ ପହଞ୍ଚି ସ୍ଥାନୀୟ ପୁଲିସ ସହାୟତାରେ ତଦନ୍ତ କରିଥିଲେ। ପ୍ରଥମେ କୁନ୍ଦୁରା ବ୍ଲକର ଲିମା ଅଞ୍ଚଳର ଶିକ୍ଷକ ସନାତନ ବିଶୋୟୀ ଏବଂ ଜୟପୁର ସହରର ଶିବା ଜେରକ୍ସର ମାଲିକଙ୍କୁ ଗତକାଲି ଉଠାଇ ଭୁବନେଶ୍ୱର ନେଇଯାଇଛନ୍ତି। ଏହିପରି ଜୟପୁରରେ କ୍ରାଇମବ୍ରାଞ୍ଚ ଦଳ ପହଞ୍ଚିବା ପରେ ସ୍ଥାନୀୟ ଜୟପୁର ସଦରଥାନା ପୁଲିସ ସହାୟତାରେ କୁନ୍ଦୁରା ବ୍ଲକର ଶିକ୍ଷକ ବିଶୋୟୀଙ୍କୁ ଗତ ଦୁଇଦିନ ପୂର୍ବରୁ ଉଠାଇ ଆଣିଥିଲେ। ଏଠାରେ ତାଙ୍କୁ ପ୍ରଥମେ ପଚରାଉଚରା ପରେ ଜୟପୁର ଖାଲସାହି ଅଞ୍ଚଳରୁ ଶିବା ଜେରକ୍ସର ମାଲିକଙ୍କ ଘର ଉପରେ ଗତ ବୁଧବାର ରାତିରେ ଚଢଉ କରିଥିଲେ ଏବଂ ଯାଞ୍ଚ କରିବା ସହ ସ୍ଥାନୀୟ ସଦରଥାନାକୁ ନିଆଯାଇ ସେଠାରେ ସାରାରାତି ପଚରାଉଚରା କରି ଗତକାଲି ଭୋରରୁ ତାଙ୍କୁ ଭୁବନେଶ୍ୱର କ୍ରାଇମବ୍ରାଞ୍ଚ ଦଳ ନେଇଛନ୍ତି।

# ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ



କୋରାପୁଟ,୧।୮ (ସମିସ): ସ୍ଥାନୀୟ ସଦ୍‌ଭାବନା ସଭାଗୃହ ଠାରେ ୭୯ ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ କୋରାପୁଟ ବିଧାୟକ ରଘୁରାମ ମାଛ, ଆଇଏଏସ ପ୍ରୋବେସନାରୀ ସନ୍ତୋଷ କୁମାର ପାତ୍ର, କୋରାପୁଟ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପୂର୍ବରୁ ସହରରେ ଥିବା ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠା ମାନଙ୍କରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ସକାଳ ୯ ଘଣ୍ଟା ୧୫ ମିନିଟ ସମୟରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବାର କାର୍ଯ୍ୟକ୍ରମ ରହିଥିବା ବୈଠକରୁ ଜଣାପଡିଛି। ଚଳିତ ବର୍ଷ ସ୍ୱାଧୀନତା ଦିବସ ପାଳନରେ ସ୍କୁଲ ଛାତ୍ରଛାତ୍ରୀ ମାନେ ପ୍ୟାରେଡରେ ଅଂଶଗ୍ରହଣ କରିବା ସହିତ ଶାରୀରିକ କ୍ରୀଡ଼ା ଓ କୌତୁକ ପୋଷାକ ପ୍ରତିଯୋଗୀତା ଆୟୋଜନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ପ୍ୟାରେଡରେ ୨୭ଟି ଦଳ ଅଂଶ ଗ୍ରହଣ କରିବେ। ଏହି ଅବସରରେ ରକ୍ତଦାନ ଶିବିର ଆୟୋଜନ କରାଯିବ। ଜିଲ୍ଲାପାଳ, ସାମ୍ବାଦିକ ଏବଂ ଓକିଲ ସଂଘ ଏକାଦଶ ମଧ୍ୟରେ କୌତୁକ ଫୁଟବଲ ପ୍ରତିଯୋଗୀତା ଆୟୋଜନ କରାଯିବ। ୨୦୨୪- ୨୫ ମସିହା ଦଶମ ଓ ଯୁକ୍ତ ଦୁଇ ପରୀକ୍ଷାରେ ସର୍ବୋଚ୍ଚ ମାର୍କ ରଖିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ। ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ତର୍କ, କୁଇଜ ଓ ବକ୍ତୃତା ପ୍ରତିଯୋଗୀତା ଆୟୋଜନ କରାଯିବ। ୧୧ ତାରିଖ ସୁଦ୍ଧା ପ୍ରତିଯୋଗୀତା ଶେଷ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଗତ ବର୍ଷକ ମଧ୍ୟରେ କାର୍ଯ୍ୟରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ସରକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି। କୋରାପୁଟରେ ରହିଥିବା ସରକାରୀ କାର୍ଯ୍ୟାଳୟ ମାନଙ୍କରେ ଆଲୋକରେ ସାଜସଜ୍ଜା କରାଯାଇ ଶ୍ରେଷ୍ଠ ୩ ଟି କାର୍ଯ୍ୟାଳୟକୁ ପୁରସ୍କୃତ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ୧୪ ତାରିଖ ଦିନ କୋରାପୁଟ ସାହିତ୍ୟ ପରିବାର ଆନୁକୂଲ୍ୟରେ ଏକ କବିତା ଆସର ଅନୁଷ୍ଠିତ ହେବ ବୋଲି ନିଷ୍ପତି ନିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ସ୍ନେହପ୍ରଭା ମାଝୀ, କୋରାପୁଟ ପୌର ପରିଷଦ ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ପ୍ରୀତସୁଧା ଜେନା, ଜିଲ୍ଲା ଅବକାରୀ ଅଧିକ୍ଷକ ଅରୁଣ କୁମାର ପାଢୀ, ଜିଲ୍ଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି, ଡାକ୍ତର ଶିବ ସାଇ ସ୍ୱରୂପ, କୋରାପୁଟ ଉପଖଣ୍ଡ ପୋଲିସ ଅଧିକାରୀ ସଞ୍ଜୟ ମଣ୍ଡଳ ପ୍ରମୁଖଙ୍କ ସହ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। କୋରାପୁଟ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ସୀସା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅଧାପକ ରବି ଶତପଥି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ସତ୍ୟ ନାରାୟଣ ପ୍ରଧାନ, ଏ.କେ.ବେହେରା, ଏସ.କେ.ସେଠୀ ପ୍ରମୁଖ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

# ମାଲକାନଗିରିରେ ନୂତନ ଜିଲ୍ଲାପାଳଙ୍କ ଯୋଗଦାନ



ମାଲକାନଗିରି, ୧।୮ (ସମିସ): ମାଲକାନଗିରିର ନୂତନ ଜିଲ୍ଲାପାଳ ଭାବେ ଆଜି କାର୍ଯ୍ୟରେ ଯୋଗଦାନ କରିଛନ୍ତି ସୋମେଶ ଉପାଧ୍ୟାୟ। ନୂତନ ଜିଲ୍ଲାପାଳଙ୍କୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଓ ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ପ୍ରମୁଖ ସ୍ୱାଗତ କରିଥିଲେ। ପରେ ଅନ୍ୟ ବିଭାଗୀୟ ଅଧିକାରୀ ମାନେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଶୁଭେଚ୍ଛା ଜଣାଇଥିଲେ। ଜିଲ୍ଲାପାଳ ଶ୍ରୀ ଉପାଧ୍ୟାୟ ନିଜ ପ୍ରତିକ୍ରିୟାରେ ଜିଲ୍ଲାକୁ ଆଗକୁ ନେବାକୁ ସମସ୍ତଙ୍କ ସକ୍ରିୟ ସହଯୋଗ କାମନା କରିଥିଲେ। ଏହା ପୂର୍ବରୁ ଶ୍ରୀ ଉପାଧ୍ୟାୟ ଢେଙ୍କାନାଳର ଜିଲ୍ଲାପାଳ ଭାବେ କାର୍ଯ୍ୟ କରୁଥିଲେ। ସେହିପରି ମାଲକାନଗିରି ଜିଲ୍ଲାପାଳ ଭାବେ କାର୍ଯ୍ୟରତ ଥିବା ଆଶିଷ ଈଶ୍ୱର ପାଟିଲଙ୍କର ଢେଙ୍କାନାଳ ଜିଲ୍ଲାପାଳ ଭାବେ ବଦଳି ହୋଇଛି।

# ଉପ ଜିଲ୍ଲାପାଳଙ୍କ ପାଡୁଆ ଥାନା ପରିଦର୍ଶନ



ନନ୍ଦପୁର,୧।୮ (ସମିସ): କୋରାପୁଟ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ ଶୁକ୍ରବାର ପାଡୁଆ ଥାନା ପରିଦର୍ଶନ କରିଛନ୍ତି। ଉପଜିଲ୍ଲାପାଳଙ୍କୁ ପାଡୁଆ ଥାନା ପକ୍ଷରୁ ପ୍ରଥମେ ଗାର୍ଡଅଫ ଅନର ପ୍ରଦାନ କରାଯାଇଥିଲା। ପରେ ଉପଜିଲ୍ଲାପାଳ ଶ୍ରୀ ହିଆଲ ବିଭିନ୍ନ ମାମଲାର ସମୀକ୍ଷା କରିବାସହ ଗୁରୁତ୍ୱପୂର୍ଣ୍ଣ ମାମଲାଗୁଡ଼ିକର ନଥିପତ୍ର ଯାଞ୍ଚ କରିଛନ୍ତି। ଥାନାରେ ରୁଜୁ ହୋଇଥିବା ବିଭିନ୍ନ ମାମଲା ଉପରେ ସ୍ଥିତି ସମୀକ୍ଷା ମଧ୍ୟ କରିଛନ୍ତି। କେଉଁ ମାମଲା କେତେଦିନ ଧରି ଅଟକିଛି ଏବଂ କଣ ସ୍ଥିତି ରହିଛି; ସେ ସବୁ ବିଷୟ ଉପରେ ଥାନା କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଉପଜିଲ୍ଲାପାଳ ଶ୍ରୀ ହିଆଲ ଥାନା ପରିସର ବୁଲି ଦେଖିବାସହ ପରିଷ୍କାର ପରିଚ୍ଛନ୍ନ ନେଇ ଖୁସିବ୍ୟକ୍ତ କରିଥିଲେ। ନନ୍ଦପୁର ତହସିଲଦାର ଦେବବ୍ରତ ମହାରଣା, ପାଡୁଆ ଥାନା କର୍ମଚାରୀ ଆଇଆଇସି ଅଶୋକ କୁମାର ବିଶୋଇ, ଏସଆଇ ଦୀପକ କୁମାର ବାରିକ, ହିମାଂଶୁ ଶେଖର ବେନିଆ, ଟୁନା ଶବର ଓ ଏଏସଆଇ ରାମ କାଡ଼ାମ ପ୍ରମୁଖ ଉପସ୍ଥିତ ରହିଥିଲେ।

# ସାଙ୍ଗାନ୍ନା ଉଚ୍ଚ ବିଦ୍ୟାଳୟରେ ଚଷମା ବଣ୍ଟନ



ଲକ୍ଷ୍ମୀପୁର,୧।୮ (ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସଦରସ୍ଥିତ ସାଙ୍ଗାନ୍ନା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଚଷମା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହା ସମଗ୍ର ଶିକ୍ଷା କୋରାପୁଟ ଦ୍ୱାରା ଆୟୋଜିତ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ, ଲକ୍ଷ୍ମୀପୁର ଦ୍ୱାରା ପରିଚାଳିତ ବ୍ଲକ୍‌ସ୍ତରୀୟ ଅଖିଳ ଭାରତୀୟ ଶିକ୍ଷା ସମାଗମ ଉତ୍ସବ ପାଳନ ଅବସରରେ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ନିମନ୍ତେ ଚଷମା ବଣ୍ଟନ ଶିବିର ଆୟୋଜନ କରାଯାଇଥିଲା। ଶିବିରରେ ମୁଖ୍ୟଅତିଥି ଭାବେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା ଯୋଗଦେଇ ଶୁଭ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୂତି ଭୂଷଣ ଟାକ୍ରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଶ୍ରୀ ସାଉଁନ୍ତା ଉଦ୍ଦେଶ୍ୟ ଅବଗତ କରାଇବା ସହ ଚକ୍ଷୁ ସମସ୍ୟା ଥିବା ଛାତ୍ରଛାତ୍ରୀଙ୍କୁ ଚଷମା ପ୍ରଦାନ କରିଥିଲେ। ଗତ ମାର୍ଚ୍ଚ ୨୫ ତାରିଖରେ ସ୍ଥାନୀୟ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁଷ୍ଠିତ ସୁନେତ୍ର କାର୍ଯ୍ୟକ୍ରମରେ ଚକ୍ଷୁ ପରୀକ୍ଷା କରି ୬୦ ଜଣ ଛାତ୍ରଛାତ୍ରୀଙ୍କୁ ଚଷମା ପ୍ରଦାନ ପାଇଁ ସ୍ଥିର କରାଯାଇଥିଲା। ଶିବିରରେ ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି କୈଳାସ ଖୋସ୍ଲା, ବିଧାୟକଙ୍କ ପ୍ରତିନିଧି ମଣ୍ଟୀ ଖରା, ପ୍ରଧାନଶିକ୍ଷକ ଗୋପାଳ ମଣ୍ଡଳ ଉପସ୍ଥିତ ଥିବା ବେଳେ ଭାରପ୍ରାପ୍ତ ବିଆର୍‌ପି ଭାବେ କୃଷ୍ଣ କୁଲଦୀପ ଚଷମା ବଣ୍ଟନ କାର୍ଯ୍ୟ ପରିଚାଳନା କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଭିନ୍ନକ୍ଷମ ବିଭାଗରେ କାର୍ଯ୍ୟରତ କୁଳନିଧି ବିଡିକା, ମନୋଜ କୁମାର ମଣ୍ଡିଙ୍ଗା, ଶିକ୍ଷକ ସରୋଜ କୁମାର ଜେନା, ହେମନ୍ତ ମହାନନ୍ଦିଆ ଓ ମହାଦେବ କର୍କରା ଶିବିରରେ ସହଯୋଗ କରିଥିଲେ। ବିଜ୍ଞାନ ଶିକ୍ଷକ ଗୋଲକ ଚନ୍ଦ୍ର ଲେଙ୍କା ଶିବିର ପରିଚାଳନା କରିଥିଲେ।

# ଦୁଇ ପୌର କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କୋରାପୁଟ,୧।୮ (ସମିସ): କୋରାପୁଟ ପୌର ପରିଷଦରେ କାର୍ଯ୍ୟରତ ଦୁଇଜଣ କର୍ମଚାରୀ ଅଶୋକ କୁମାର ଶାହା ଏବଂ ମହେନ୍ଦ୍ର କୁମାର ପଣ୍ଡଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଗତକାଲି ଅବସର ନେଇଥିବା ଦୁଇଜଣ ପୌର ପରିଷଦରେ ସହକାରୀ ରେକର୍ଡ କିପର ଓ ଭାରାପ୍ରାପ୍ତ ଟିକସ ଆଦାୟକାରୀ ଭାବେ ଦାୟିତ୍ୱ ତୁଲାଉଥିଲେ। ପୌର କାର୍ଯ୍ୟାଳୟରେ ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ପୌରଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ସହକାରୀ ଯନ୍ତ୍ରୀ ମନୋଜ ପାତ୍ର, ଉପାଧ୍ୟକ୍ଷା ସବିତା ପଣ୍ଡା, କାଉନସିଲର କାଦମ୍ବିନୀ ସେଠୀ, କ୍ୟାସିୟର ସିମାଞ୍ଚଳ ପଢିଆରୀଙ୍କ ସମେତ ସମସ୍ତ କାଉନସିଲର ଓ କର୍ମଚାରୀ ଯୋଗଦେଇ ଉଭୟଙ୍କ କାର୍ଯ୍ୟର ପ୍ରଶଂସା କରି ପୌର ପରିଷଦ ପ୍ରତି ସେମାନଙ୍କ ଅବଦାନ ବିଷୟରେ ବକ୍ତବ୍ୟ ରଖିବାସହ ଅବସରପ୍ରାପ୍ତ ଜୀବନ ସୁଖମୟ ହେବାକୁ କାମନା କରିଥିଲେ। ପୌର ପରିଷଦ ପକ୍ଷରୁ ଦୁଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ପାନାବେଡା ପୂଜାରୀ ସଂଘର କର୍ମକର୍ତ୍ତା ଚୟନ



ଚନ୍ଦାହାଣ୍ଡି,୧।୮ (ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଅଞ୍ଚଳରେ ୮୪ ଖଣ୍ଡ ଗ୍ରାମର ରହିଥିବା ସ୍ଥଳେ ପ୍ରତେକ ଗ୍ରାମରେ ଅଧିଷ୍ଠାତ୍ରୀ, ଗ୍ରାମଦେବୀଙ୍କ ପୂଜା ପାଇଁ ପୂଜାରୀ ରହିଛନ୍ତି। ଆଜି ପାନାବେଡା ଅଞ୍ଚଳର ଦେବଦେବୀ ପୂଜକ ମାନଙ୍କୁ ନେଇ ପାନାବେଡା ପୂଜାରୀ ସଂଘ ଗଠନ ସହ ନୂତନ କର୍ମକର୍ତ୍ତା ଓ କମିଟି ଗଠିତ ହୋଇଯାଇଛି। ଧୋଡିପାଣି ବଜାର ପଡିଆ ଠାରେ ବରିଷ୍ଠ ପୂଜକ କଦମ ପୂଜାରୀ ଆଜିର ବୈଠକରେ ସଭାପତିତ୍ୱ କରିଥିଲେ। ପାନାବେଡା ପୂଜାରୀ ସଂଘର ନୂତନ ସଭାପତି ଭାବେ ମାଳଗାଁ ପୂଜାରୀ ଖିର ପୂଜାରୀଙ୍କ ପ୍ରସ୍ତାବ ଏବଂ ଫଳସାପଡା କରୁଣା ପୂଜାରୀଙ୍କ ସମର୍ଥନ ସହ ସର୍ବସମ୍ମତି କ୍ରମେ ସଂଘର ସଭାପତି ଭାବେ ହର ପୂଜାରୀ ମନୋନୀତ ହୋଇଛନ୍ତି। ଉପ ସଭାପତି ଭାବେ ରବିନ୍ଦ୍ର ପୂଜାରୀ, ସାଧାରଣ ସମ୍ପାଦକ ଦୁଲବ ପୂଜାରୀ, ସହ ସମ୍ପାଦକ ଭୂଜବଲ ପୂଜାରୀ, କୋଷାଧକ୍ଷ ମନସାଏ ପୂଜାରୀଙ୍କୁ ଚୟନ କରାଯାଇଥିବା ବେଳେ ଉପଦେଷ୍ଟା ମଣ୍ଡଳୀରେ କାର୍ତ୍ତିକ ପୂଜାରୀ, ଶେଖର ପୂଜାରୀ, ପ୍ରେମ ପୂଜାରୀ, ମାନ ପୂଜାରୀ, ସହଦେବ ପୂଜାରୀ,ଭଡୋ ପୂଜାରୀ, ଗୁଡୁ ପୂଜାରୀ, ମଧୁ ପୂଜାରୀ, କୃଷ୍ଣ ଦଲେଇ ପୂଜାରୀ, ହରସିଙ୍ଗି ପୂଜାରୀ, ପଦଲାମ ପୂଜାରୀ, ଦେବି ପୂଜାରୀ, ଅମିନ ପୂଜାରୀ, ହିରାଜଳ ପୂଜାରୀ, ମାଧବ ପୂଜାରୀ, ଗଣେଶ ପୂଜାରୀ, କରୁଣା ପୂଜାରୀ, ମକୁନ୍ଦ ବାଗ ପୂଜାରୀ, ଉଗ୍ରେସନ ପୂଜାରୀ ପ୍ରମୁଖଙ୍କୁ ଚୟନ କରାଯାଇ ସଂଘର ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଚୟନ ହୋଇଥିବା ସଂଘର ନୂତନ କର୍ମକର୍ତ୍ତା କହିଛନ୍ତି ଆଗାମୀ ଦିନରେ ଅଞ୍ଚଳରେ ସୁନ୍ଦର ଭାବେ ଦେବଦେବୀ ପୂଜାପାଠ, ବିବାହ ପାଇଁ ଯୋଗ ଦେବା, ମଣ୍ଡେଇ ଉତ୍ସବ ଭଳି ସମସ୍ତ ସେବା ସୂଚାରୁରୂପେ ତୁଲେଇବା ନେଇ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ପୂଜାରୀ ସମୂହ ଯୋଗ ଦେଇଥିଲେ।

# ଘରୋଇ ବସ୍ ମାଲିକ ସଂଘର ଚାରାରୋପଣ



ଜୟପୁର,୧।୮ (ସମିସ): ଜୟପୁର ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ସ୍ଥାନୀୟ ବସଷ୍ଟାଣ୍ଡ ପରିସରରେ ଚାରାରୋପଣ କାଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଘରୋଇ ବସଷ୍ଟାଣ୍ଡ ପରିସରର ଚାରିପାଖରେ ୧୦୦ ଚାରାରୋପଣ କରାଯାଇଛି। ଘରୋଇ ମାଲିକ ସଂଘ ସଭାପତି ବି.ସୁବ୍ରମଣ୍ୟମ, ସାଧାରଣ ସମ୍ପାଦକ ତଥା ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ବସନ୍ତ ବିଶ୍ୱାଳ, ପ୍ରଶାନ୍ତ ପାଣିଗ୍ରାହୀ, ଏନ.ଶଙ୍କର ରାଓ, ପବିତ୍ର ପାତ୍ର, ଅଶୋକ ମହାପାତ୍ର. ଜଗା ପାଣିଗ୍ରାହୀ, ବି. ଓମପ୍ରକାଶ ପାତ୍ର, ସାମ୍ବ ଶିବ ରାଓ, ବିଦ୍ୟାଧର ପ୍ରଧାନ, ବାବୁଲି ପୂଜାରୀ, ରାଜେନ୍ଦ୍ର ନାୟକ, ମଧୁ ମୋହନ ବାଘ ପ୍ରମୁଖ ଉପସ୍ଥିତ ଥିଲେ।

# ସାମ୍ବାଦିକ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

## ଜିଲ୍ଲାର ବିକାଶ ନେଇ ଆଲୋଚନା



ମାଲକାନଗିରି, ୧।୮ (ସମିସ): ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ସଭାପତି ଅଶୋକ ମିଶ୍ରଙ୍କ ନେତୃତ୍ୱରେ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ନୂତନ ଜିଲ୍ଲାପାଳ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ସୋମେଶ ଉପାଧ୍ୟାୟଙ୍କୁ ଭେଟି ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଏହି ଅବସରରେ ଜିଲ୍ଲାର ବିକାଶ ନିମନ୍ତେ ସମସ୍ତେ ମିଳି ମିଶି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଜିଲ୍ଲାକୁ ଉନ୍ନତିର ପଥରେ ଆଗକୁ ନେବା ପାଇଁ ସାମ୍ବାଦିକ ମାନଙ୍କ ସହଯୋଗ ନିତ୍ୟାନ୍ତ ଆବଶ୍ୟକ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଜିଲ୍ଲାର ବିକାଶ ନିମନ୍ତେ ଅବଶ୍ୟକ ଥିବା ବିଭିନ୍ନ ପଦକ୍ଷେପ ନେଇ ଜିଲ୍ଲାପାଳଙ୍କୁ ଅବଗତ କରଯାଇଥିଲା। ବିଶେଷକରି ଜିଲ୍ଲାରେ ବିମାନ ସେବା, ରେଳପଥ କାର୍ଯ୍ୟ ଆରମ୍ଭ କରିବା ସହ ସ୍ୱାସ୍ଥ୍ୟକ୍ଷେତ୍ରରେ ବିଶେଷଜ୍ଞ ଡାକ୍ତର, କାର୍ଡିଓଲୋଜିଷ୍ଟ, ଏନେସ୍ଥେସିଆ ବିଶେଷଜ୍ଞଙ୍କ ଅଭାବକୁ ନେଇ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଜିଲ୍ଲାପାଳ ନିଶ୍ଚିତ ରୂପେ ଏହି ଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନେବେ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ସାମ୍ପଦକ ବି ଶ୍ରୀନିବାସ ପାତ୍ର, ବରିଷ୍ଠ ଉପଦେଷ୍ଟା ରତ୍ନାକର ଦାସ, ବ୍ଲକ ସଭାପତି ଗୌରୀଶଙ୍କର ପଣ୍ଡା, ସଦସ୍ୟ ମନୋଜ ସାହା, ରାହୁଲ ଗୋଲଦାରୀ, ଏମ୍ ଚନ୍ଦ୍ର ରାଓ, ମୃଣାଳ ମଣ୍ଡଳ, ରାଜେଶ ବେପାରୀ, ଅବିନାଶ ବେହେରା ଓ ପଙ୍କଜ ଖରା ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରାମଚନ୍ଦ୍ର ପାତ୍ର
ସିଆପଡା, ଆନନ୍ଦପୁର
ଆବିର୍ଭାବ - ୧୨.୧୦.୧୯୪୩
ତିରୋଧାନ - ୦୨.୦୮.୨୦୨୪
ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ମହାପ୍ରଭୁଙ୍କ ପାଦପଦ୍ମରେ ଆମର ଏତିକି ପ୍ରାର୍ଥନା ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ନାରାୟଣ, ମନରଂଜନ, ନିରଞ୍ଜନ, ଡଲି, ଚନ୍ଦନା, ଚିନା, ଡନି, ସୋନି, କାହ୍ନୁ, ଶିଲି, ରାନୀ, ଲାଲା, ଗୁଡଲି ଓ ପରିବାରବର୍ଗ

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ରାଉରକେଲା,୧।୮ (ସମିସ): ନୂଆଗାଁ ବ୍ଲକ୍‌ର ବିଭିନ୍ନ ସ୍କୁଲରେ ଦୀର୍ଘ ୨୫ ବର୍ଷ ଶିକ୍ଷକତା କରି ସମସ୍ତଙ୍କ ହୃଦୟ ଜିଣିପାରିଥିବା ଶିକ୍ଷକ କାମିଲ ତିର୍କିଙ୍କୁ ସୋରଡ଼ା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ନୂଆଗାଁ ବ୍ଲକ୍ ଶିକ୍ଷକ ସଂଘ ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ନୂଆଗାଁ ବ୍ଲକ୍ ଶିକ୍ଷକ ସଂଘ ସଭାପତି ଦିଲୀପ କୁମାର ସାହୁ, ବରିଷ୍ଠ ଶିକ୍ଷକ ମଙ୍ଗଲ କେର୍କେଟା, ବାସୁଦେବ ତ୍ରିପାଠୀ, ଗଂଜିତ ଏକ୍କା, ଶିକ୍ଷକ ଅରୁଣ ବେହେରା, ଶଙ୍କର୍ଷଣ ବେହେରା, ଅଶୋକ କୁମାର ସିଂ, ରୋଶନ ଲାକ୍ରା, ପର୍ଶୁରାମ ବେହେରା, ପ୍ରଦୀପ ମାହାତ ପ୍ରମୁଖ ଉପସ୍ଥିତ ରହି ବିଦାୟୀ ଶିକ୍ଷକ କାମିଲ ତିର୍କିଙ୍କୁ ଉପଢୌକନ ଓ ପୁଷ୍ପ ଗୁଚ୍ଛଦେଇ ସମ୍ବର୍ଦ୍ଧିତ କରିଥିଲେ। ଅବସରକାଳୀନ ଜୀବନ ସୁସ୍ଥ ଓ ନିରାମୟ ରହିବା ନେଇ କାମନା କରିଥିଲେ। ଏହି ସମୟରେ ଉପସ୍ଥିତ ଛାତ୍ରଛାତ୍ରୀ, ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ମଧ୍ୟରେ ଏକ ଭାବ ବିହ୍ୱଳ ପରିବେଶ ସୃଷ୍ଟି ହେଇଥିଲା।

# ଆଇନଜୀବୀ ନୃସିଂହ ଜେନାଙ୍କ ପରଲୋକ



ରାଉରକେଲା,୧।୮ (ସମିସ): ରାଉରକେଲା ସହରର ଜଣାଶୁଣା ଆଇନଜୀବୀ ତଥା ବିଜେପିର ବରିଷ୍ଠ ନେତା ନୃସିଂହ ଚରଣ ଜେନାଙ୍କ ୬୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଗୁରୁବାର ରାଉରକେଲା ଆପୋଲୋ ହସ୍ପିଟାଲରୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର ସମୟରେ ରାସ୍ତାରେ ତାଙ୍କର ଦେହାନ୍ତ ହୋଇଥିଲା। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ତାଙ୍କ ବିୟୋଗରେ ଶୋକ ପ୍ରକାଶ କରିବା ସହ ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ବଡ଼ ଭାଇ, ପତ୍ନୀ, ପୁତ୍ର ଓ ପୁତ୍ରୀ ଉପସ୍ଥିତ ଥିଲେ। ତାଙ୍କ ପାର୍ଥିବ ଶରୀର ଶୁକ୍ରବାର ସକାଳେ ତାଙ୍କ ରାଉରକେଲା ସ୍ଥିତ ଛେଣ୍ଡ ବାସଭବନରେ ପହଞ୍ଚିବା ପରେ ସେଠାରୁ ସେକ୍ଟର - ୩ ସ୍ଥିତ ବିଜେପି ଜିଲ୍ଲା କାର୍ଯ୍ୟାଳୟକୁ ନିଆଯାଇ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା। ପରେ କୋର୍ଟ ଫାଟକଠାରେ ଓକିଲ ସଂଘ ତରଫରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଶେଷରେ ବେଦବ୍ୟାସର ବୈକୁଣ୍ଠ ଘାଟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ଏହି ସମୟରେ ବିଧାୟକ ଦୁର୍ଗା ଚରଣ ତନ୍ତୀ, ଜିଲ୍ଲା ରାଜ୍ୟ ମୁଖପାତ୍ର ଧୀରେନ ସେନାପତି, ପ୍ରାକ୍ତନ ଜିଲ୍ଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ବରିଷ୍ଠ ନେତା ଗଙ୍ଗାଧର ଦାଶ, ଆର୍‌ଏସ୍‌ଏସ୍ ପଶ୍ଚିମ ଓଡ଼ିଶା ପ୍ରାନ୍ତ ସଂଘ ଚାଳକ ଡ. ସନାତନ ପ୍ରଧାନ, ବରିଷ୍ଠ ନେତା ମୁରଲୀ ଗୌଡ଼, ମନୋଜ ପଟ୍ଟନାୟକ, ଜିତେନ ମହାନ୍ତିଙ୍କ ସମେତ ଶତାଧିକ ଉପସ୍ଥିତ ହୋଇ ଅନ୍ତିମ ବିଦାୟ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଏନ୍‌ଆଇଟି ପକ୍ଷରୁ ସେନାଧିକାରୀଙ୍କୁ ଡ୍ରୋନ୍ ସ୍ୱର୍ମ ପ୍ରଯୁକ୍ତିବିଦ୍ୟା ଶିକ୍ଷା

ରାଉରକେଲା,୧।୮ (ସମିସ)




ରାଉରକେଲା ଏନ୍‌ଆଇଟି ପକ୍ଷରୁ ଭାରତୀୟ ସେନା ଅଧିକାରୀମାନଙ୍କ ପାଇଁ ଡ୍ରୋନ୍ ସ୍ୱର୍ମ ପ୍ରଯୁକ୍ତିବିଦ୍ୟା ଉପରେ ଶିକ୍ଷା ପ୍ରଦାନ କରାଯିବା ସହ ଏକ ଉଚ୍ଚସ୍ତରୀୟ ଜାତୀୟ ବୁଟକ୍ୟାମ୍ପ ଆୟୋଜିତ ହୋଇଯାଇଛି। ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟର ମିଲିଟାରୀ କଲେଜ ଅଫ୍ ଟେଲିକମ୍ୟୁନିକେସନ୍ ଇଞ୍ଜିନିୟରିଂ ସହଯୋଗରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରତିରକ୍ଷା-ପ୍ରଯୁକ୍ତିବିଦ୍ୟା ସମନ୍ୱୟ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଥିଲା। ଗତ ଜୁନ ୨୧ରୁ ୨୫ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ଇନ୍ଦୋରର ମାହଓ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାରତୀୟ ସେନା ଅଧିକାରୀ ଏବଂ ପ୍ରତିରକ୍ଷା ବୃତ୍ତିଗତମାନଙ୍କୁ ଅତ୍ୟାଧୁନିକ ଡ୍ରୋନ୍ ସ୍ୱର୍ମ ପ୍ରଯୁକ୍ତିବିଦ୍ୟାରେ ତାଲିମ ଦିଆଯାଇଥିଲା। ଉଦ୍‌ଘାଟନୀ ଅଧିବେଶନରେ ଏମ୍‌ସିଟିଇର ସେନା ମଣ୍ଡଳ କମାଣ୍ଡାଣ୍ଟ ଲେଫ୍ଟନାଣ୍ଟ ଜେନେରାଲ ବିବେକ ଡୋଗ୍ରା ମୁଖ୍ୟଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମର ସମାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସେନା ମଣ୍ଡଳ ଡିନ୍ ଏବଂ ମୁଖ୍ୟ ପ୍ରଶିକ୍ଷକ ମେଜର ଜେନେରାଲ ଗୌତମ ମହାଜନ ଯୋଗ ଦେଇଥିଲେ। ଏନ୍‌ଆଇଟି ରାଉରକେଲାର ମେକାନିକାଲ୍ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ପି.ଏସ୍. ବାଲାଜୀଙ୍କ ସହିତ ପ୍ରୋଜେକ୍ଟ ଇଞ୍ଜିନିୟର ଡକ୍ଟର ଟିକେଶ ରଞ୍ଜନ ଏବଂ ଜୁନିୟର ରିସର୍ଚ୍ଚ ଫେଲୋ ସୁବାଶିଷ ଭୋଇଙ୍କୁ ନେଇ ଗଠିତ ଏକ ଦଳ ଦ୍ୱାରା ଏହି କର୍ମଶାଳା ଆୟୋଜିତ ହୋଇଥିଲା। ଏନ୍‌ଆଇଟି ପ୍ରଫେସର ଜେ. ଶ୍ରୀନିବାସ ପ୍ରକଳ୍ପର ମୁଖ୍ୟ ତଦନ୍ତକାରୀ ଅଧିକାରୀ ଥିଲେ। ଏରୋବିଦ୍ୟା ଭେଞ୍ଚର୍ସରୁ ସୁବୋଧ କୁମାର ଦାଶ ଏବଂ ସ୍ମୃତି ଜି. ହାନିକେରୀ ତାଲିମକୁ ପରିଚାଳନା କରିବାରେ ସହାୟତା କରିଥିଲେ। ଏହା ଭାରତର ମହାକାଶ ଏବଂ ପ୍ରତିରକ୍ଷା କ୍ଷମତା ପାଇଁ ଗୁରୁତ୍ୱପୂର୍ଣ୍ଣ ଦକ୍ଷତାକୁ ଆଗକୁ ବଢ଼ାଇବା ପାଇଁ ଦେଶ ସାରା ସାମରିକ କର୍ମଚାରୀ, ଶିକ୍ଷାବିତ୍, ଡ୍ରୋନ୍ ଟେକ୍ନୋଲୋଜିଷ୍ଟ ଏବଂ ଗବେଷଣା ନେତାମାନଙ୍କୁ ଏକତ୍ରିତ କରିଥିଲା।

ଅଂଶଗ୍ରହଣକାରୀମାନେ ଏହି ପାଠ୍ୟକ୍ରମ ମାଧ୍ୟମରେ ଉନ୍ନତ ଡ୍ରୋନ୍ ପ୍ରଯୁକ୍ତିବିଦ୍ୟା ଉପରେ ଅନୁସନ୍ଧାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜଙ୍ଗଲ ବୁଦ୍ଧିମତ୍ତା ଏବଂ ଆନ୍ତଃ-ଡ୍ରୋନ୍ ସମନ୍ୱୟ ଉଡ଼ାଣ ପ୍ରଣାଳୀ ସ୍ଥାପତ୍ୟ ଏବଂ ୟୁଏଭି ଗତିଶୀଳତା ସାଇବର ସୁରକ୍ଷା ପ୍ରୋଟୋକଲ୍, ଦୃଷ୍ଟି-ଭିତ୍ତିକ ନାଭିଗେସନ୍ ଏବଂ ବାସ୍ତବ-ସମୟ ସ୍ୱର୍ମ ନିୟନ୍ତ୍ରଣ ଏବଂ ଲାଇଭ୍ ସିମୁଲେସନ୍ ସହ ବହୁ-ଏଜେଣ୍ଟ ମିଶନ୍ ଯୋଜନା ଉପରେ ବିଶେଷ କରି ଧ୍ୟାନ ଦିଆଯାଇଥିଲା।

ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟକୁ ଧନ୍ୟବାଦ ଅର୍ପଣ କରି ଏନ୍‌ଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ କହିଥିଲେ, ଏହି ଜାତୀୟ ବୁଟକ୍ୟାମ୍ପର ସଫଳ ପରିଚାଳନା ଏନ୍‌ଆଇଟିଆର ପାଇଁ ଏକ ଗର୍ବର ମାଇଲଖୁଣ୍ଟ। ଏପରି ପଦକ୍ଷେପଗୁଡ଼ିକ ଭାରତର ରଣନୈତିକ କ୍ଷେତ୍ର ପାଇଁ ସ୍ୱଦେଶୀ କ୍ଷମତା ନିର୍ମାଣରେ ଶିକ୍ଷା-ପ୍ରତିରକ୍ଷା ସହଭାଗୀତାର ଶକ୍ତିକୁ ଉଦାହରଣ ଦେବା ସହ ମହାକାଶ ଏବଂ ମାନବହୀନ ପ୍ରଣାଳୀ କ୍ଷେତ୍ରରେ ଭାରତର ଆକାଂକ୍ଷାକୁ ସମର୍ଥନ କରିବ ବୋଲି ସେ କହିଥିଲେ।

# ବସ୍‌କୁ ପଛରୁ ଧକ୍କା ଦେଲା ଟ୍ରଲର

ଅଳ୍ପକେ ବର୍ତ୍ତିଲେ ଯାତ୍ରୀ




ବଣାଇଁ,୧।୮ (ସମିସ): ବଣାଇଁ ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ଗୋବିନ୍ଦପୁର ଛକ ନିକଟରେ ଶୁକ୍ରବାର ଅପରାହ୍ନରେ ରାଉରକେଲାରୁ ବାରକୋଟ ଅଭିମୁଖେ ଯାଉଥିବା ଘରୋଇ ଯାତ୍ରୀବାହୀ ବସ୍ ଶିବାକୁ ଏକ ଟ୍ରଲର ପଛପଟୁ ଧକ୍କା ଦେଇଥିଲା। ବସ୍‌ର ପଛ ପାଶ୍ୱର୍ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ଯାତ୍ରୀମାନେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ବସ୍‌ରେ ବସିଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡ଼ିଛି। ଖବର ପାଇ ବଣାଇଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରଲରକୁ ଜବତ କରିବା ସହ ଘଟଣାର ତଦନ୍ତ କରୁଥିବା ଜଣାପଡିଛି।

# ଆର୍‌ଏସ୍‌ପିର ବିଓଏଫ୍ ସ୍ଲାଗ୍ ନିଷ୍କାସନରେ ନୂତନ ରେକର୍ଡ

ରାଉରକେଲା,୧।୮ (ସମିସ): ସେଲ୍ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ସାମଗ୍ରୀ ପୁନରୁଦ୍ଧାର ବିଭାଗ (ଏମ୍‌ଆରଡି) ୪୬୮୩ ଟନ୍ ଓଜନର ୧୭୩ ଟ୍ରିପ୍ ବିଓଏଫ ସ୍ଲାଗ୍ ନିଷ୍କାସନ ପୂର୍ବକ ସ୍ଲାଗ୍ ନିଷ୍କାସନରେ ସଦ୍ୟତମ ନୂତନ ଏକଦିବସୀୟ ରେକର୍ଡ ସ୍ଥାପନ କରିଛି। ଏହି ସଫଳତା ଗତ ଜୁଲାଇ ୨୩ ଓ ୨୪ ତାରିଖରେ ଯଥାକ୍ରମେ ୧୫୨ ଟ୍ରିପ୍ ଏବଂ ୧୬୪ ଟ୍ରିପ୍ ସ୍ଲାଗ୍ ନିଷ୍କାସନର ଦୁଇଟି ଲଗାତାର ରେକର୍ଡ ସ୍ଥାପନ କରିବା ପରେ ସ୍ୱଳ୍ପ ଦିନ ବ୍ୟବଧାନରେ ହାସଲ ହୋଇଛି, ଯାହା ବିଭାଗର କ୍ରମବର୍ଦ୍ଧିଷ୍ଣୁ ଦକ୍ଷତା ଏବଂ ସ୍ଥିରତାକୁ ପ୍ରତିଫଳିତ କରୁଛି। ସୂଚନାଯୋଗ୍ୟ, ସାମଗ୍ରୀ ପରିଚାଳନା ବିଭାଗର ବିପଣନ ଶାଖା, ସିଆଇଏସ୍‌ଏଫ୍ ସମେତ ଅନ୍ୟାନ୍ୟ ସମ୍ପୃକ୍ତ ଏଜେନ୍ସିଗୁଡ଼ିକର ଘନିଷ୍ଠ ସହଯୋଗରେ ଟିମ୍ ଏମ୍‌ଆରଡିର ସାମୂହିକ ପ୍ରତିବଦ୍ଧତା, ନିରବଚ୍ଛିନ୍ନ ଦଳଗତ କାର୍ଯ୍ୟ ଏବଂ ଅକ୍ଲାନ୍ତ ପ୍ରୟାସ ଦ୍ୱାରା ଏହି ଉଲ୍ଲେଖନୀୟ ପ୍ରଦର୍ଶନ ସମ୍ଭବ ହୋଇପାରିଛି। ଶୀର୍ଷ ପରିଚାଳନାର ନିରନ୍ତର ପ୍ରୋତ୍ସାହନ ଏବଂ ରଣନୈତିକ ମାର୍ଗଦର୍ଶନ ସଫଳତାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଉଲ୍ଲେଖନୀୟ ଯେ, ବିଓଏଫ ସ୍ଲାଗ୍ ଭଳି ଉପଉତ୍ପାଦଗୁଡ଼ିକୁ ଦକ୍ଷତାର ସହ ପରିଚାଳନା କରି ଏମ୍‌ଆରଡି ଆର୍‌ଏସ୍‌ପିର ସ୍ଥାୟୀତ୍ୱ ଅଭିଯାନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ପ୍ରଭାବଶାଳୀ ନିଷ୍କାସନ ପ୍ରକ୍ରିୟା ନା କେବଳ ପରିବେଶଗତ ଭାରକୁ ହ୍ରାସ କରୁଛି ବରଂ କମ୍ପାନୀ ପାଇଁ ମୂଲ୍ୟବାନ ରାଜସ୍ୱ ମଧ୍ୟ ସୃଷ୍ଟି କରୁଛି। ଏହାବ୍ୟତୀତ ଏହା ସମ୍ବଳର ସର୍ବଶ୍ରେଷ୍ଠ ଉପଯୋଗରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଛି ଏବଂ କାରଖାନାର ସବୁଜ ଇସ୍ପାତ ନିର୍ମାଣ ଦୃଷ୍ଟିକୋଣ ସହିତ ସମନ୍ୱିତ ମଧ୍ୟ ରହିଛି।

# ଓକିଲ ସଂଘର ଶ୍ରଦ୍ଧାଞ୍ଜଳି ସଭା

ରାଉରକେଲା,୧।୮ (ସମିସ): ରାଉରକେଲା ଓକିଲ ସଂଘର ପ୍ରାକ୍ତନ ସାଧାରଣ ସମ୍ପାଦକ ତଥା ବରିଷ୍ଠ ଆଇନଜୀବୀ ନୃସିଂହ ଚରଣ ଜେନା ଓ ସଂଘର ପ୍ରାକ୍ତନ କାର୍ଯ୍ୟକାରିଣୀ ସଦସ୍ୟା ମହିଳା ଆଇନଜୀବୀ ଗାର୍ଗୀ ପଣ୍ଡାଙ୍କ ଅକାଳ ବିୟୋଗ ସଂଘ ପାଇଁ ଅପୂରଣୀୟ କ୍ଷତି ବୋଲି ଶୁକ୍ରବାର ରାଉରକେଲା ଓକିଲ ସଂଘ ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ସଂଘ କାର୍ଯ୍ୟାଳୟରେ ସଂଘର ସଭାପତି ସଦାନନ୍ଦ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ସଂପାଦକ ଦେବାନନ୍ଦ ତନ୍ତୀ, ବରିଷ୍ଠ ଆଇନଜୀବୀ ପ୍ରମୋଦ ଦେବତା, ରବି ମିଶ୍ର, ରଙ୍ଗବାହାଦୂର୍ ବାଗ, ପ୍ରବାଳ ବାରିକ, ସନ୍ତୋଷ ଭଦ୍ର, ବିସ୍ମୟ ଦାସ, ସହ ସମ୍ପାଦକ ହରି ଡୋର, ରାଜଶ୍ରୀ ମିଶ୍ର, ସରୋଜ ମହାପାତ୍ର, ଅକ୍ଷୟ ସାହୁ, ଯେପି ମୁର୍ମୁ, ତାପସ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ଓକିଲ ସଂଘକୁ ଆଗକୁ ନେବାରେ ନୃସିଂହ ଜେନା ଓ ଗାର୍ଗୀ ପଣ୍ଡାଙ୍କ ଅବଦାନ ନେଇ ସ୍ମୃତି ଚରଣ କରିଥିଲେ। ଏହି ଅବସରରେ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇବ ସହ ସେମାନଙ୍କର ଅବର୍ତ୍ତମାନର କାର୍ଯ୍ୟକୁ ପୂରଣ କରିପାରିଲେ ଏହା ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ସମସ୍ତେ କହିଥିଲେ। କୋର୍ଟ ପରିସରରେ ଉଭୟଙ୍କ ପାର୍ଥିବ ଶରୀରରେ କୈଳାଶ ପ୍ରଧାନ, ଭୀମ ବାହାଦୁର ପତି, ସୁରେଶ ମାଝି, କୈଳାଶ ସାବତ, ଅର୍ଜୁନ ମହାରଣା, ବିଜୟ ପଟ୍ଟନାୟକ, ପ୍ରମିଳା ବେହେରା, ଅଖଣ୍ଡ ପଣ୍ଡା, ଅଶୋକ ପ୍ରଧାନ ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରି ବିଦାୟ ଦେଇଥିଲେ।

# ରାଉରକେଲା କଲେଜରେ ସମ୍ବଲପୁରୀ ଦିନ୍



ରାଉରକେଲା,୧।୮ (ସମିସ): ସ୍ଥାନୀୟ ସେକ୍ଟର - ୪ ସ୍ଥିତ ରାଉରକେଲା କଲେଜ ଠାରେ ସମ୍ବଲପୁରୀ ଦିନ୍ ମହାସମାରୋହରେ ପାଳିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଡ. ରବିନ୍ଦ୍ର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଯୋଗଦେଇ ସମ୍ବଲପୁର ଦିନ୍ ପାଳନର ଆଭିମୁଖ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ରଶ୍ମୀରଂଜନ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟ ଅଧ୍ୟାପକ ଅଧ୍ୟାପିକାଙ୍କ ମଧ୍ୟରେ ଭାରତୀ ବରୁଆ, ବନ୍ଦନା ସୋରେନ, ମନୋଜ କୁମାର ଦଳେଇ, ରଶ୍ମିପ୍ରଭା ମଥାନ, କରୁଣାକର ପାଟଶାଣୀ, ରଞ୍ଜିତ ପ୍ରଧାନ, ଦିପାଳୀ ପ୍ରଧାନ, ତରଣୀ ନାୟକ, ଅଜିତ୍ ବେକ୍, ଅରୁଣ ଏକ୍କା, ସୌମ୍ୟରଞ୍ଜନ ପ୍ରଧାନ, ଦିଲିପ କୁମାର ମୁଦୁଲି, ପ୍ରିୟଙ୍କା ପଲେଇ, ସୁମନ ଡୁଙ୍ଗଡୁଙ୍ଗ, ଶ୍ରଦ୍ଧାଞ୍ଜଳି ସାହୁ, ଶ୍ରଦ୍ଧାମୟୀ ସାହୁ, ପ୍ରତିମା ପାତ୍ର, ରଞ୍ଜିତା ପାଣିଗ୍ରାହୀ, ସିଦ୍ଧାର୍ଥ ସାହୁ, ଦିବ୍ୟା ଷଡଙ୍ଗୀ, ସ୍ୱାତିଭାରତୀ ପରିଡ଼ା, ସୁଶାନ୍ତ ରଣା, ଶୁଭଶ୍ରୀ ବାରିକ, ଇପ୍ସିତା ପଣ୍ଡା, ପ୍ରିତୀ ଦୀକ୍ଷିତ୍, ଜୟଶ୍ରୀ ମହାନ୍ତି, ନନ୍ଦିତା କୁମାରୀ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତେ ସମ୍ବଲପୁରୀ ପୋଷାକ ପିନ୍ଧି ଓ ମିଷ୍ଟାନ୍ନ ବଣ୍ଟନ କର ଏହାକୁ ଧୁମ୍‌ଧାମ୍‌ରେ ପାଳନ କରିଥିଲେ।

# ସେକ୍ଟର - ୮ ଦୁର୍ଗାପୂଜା ପ୍ରସ୍ତୁତି

## ଅନନ୍ତ ସଭାପତି, ସନ୍ତୋଷ ସାଧାରଣ ସମ୍ପାଦକ ନିର୍ବାଚିତ

ରାଉରକେଲା,୧।୮ (ସମିସ): ସ୍ଥାନୀୟ ସେକ୍ଟର - ୮ କମ୍ୟୁନିଟି ସେଣ୍ଟରଠାରେ ଚଳିତ ବର୍ଷ ଦୁର୍ଗାପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି। ୨୦୨୪ ଦୁର୍ଗାପୂଜାର ଆୟବ୍ୟୟ ବିବରଣୀ ଉପସ୍ଥାପନା କରାଯିବା ସହ ଚଳିତ ବର୍ଷ ପାଇଁ ସର୍ବସମ୍ମତି କ୍ରମେ ନିର୍ବାଚନ ମାଧ୍ୟମରେ ଏକ ନୂତନ କମିଟି ଗଠନ କରାଯାଇଥିଲା। ନୂତନ ପୂଜା କମିଟି ସଭାପତି ଭାବେ ଅନନ୍ତ ଜେନା ନିର୍ବାଚିତ ହୋଇଥିବା ବେଳେ ସାଧାରଣ ସମ୍ପାଦକ ଭାବେ ସନ୍ତୋଷ ବିରାଟ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରୀ ସଭାପତି ଭାବେ ସମିର ଜେନା, କୋଷାଧ୍ୟକ୍ଷ ଭାବେ ପ୍ରବୀର ସ୍ୱାଇଁ, ଯୁଗ୍ମ କୋଷାଧ୍ୟକ୍ଷ କାର୍ତ୍ତିକ ସାହୁ, ପାଣ୍ଠି ସଂଗ୍ରହ ସମ୍ପାଦକ ଭାବେ ପ୍ରଭାସ ରଂଜନ ସାମଲ ଓ ପ୍ରକାଶ ନାୟକ, ଉପସଭାପତି ଭାବେ ଘନଶ୍ୟାମ ନାୟକ, ବସନ୍ତ ପଟ୍ଟନାୟକ, ଅମିତ ବିଷୋୟୀ, ଉମାକାନ୍ତ ମଲ୍ଲିକ, ଅଭିଜିତ ବେହେରା, ଯୁଗ୍ମ ସମ୍ପାଦକ ଭାବେ ପ୍ରକାଶ ବେହେରା, ଆଶିଷ ମହାନ୍ତି, ବିନୋଦ ପ୍ରଧାନ, ବିଶ୍ୱଜିତ ମହାନ୍ତି, ମହେନ୍ଦ୍ର କୁମାର, କ୍ଷେତ୍ର ସମ୍ପାଦକ ଭାବେ ଦୁର୍ଗା ପ୍ରସନ୍ନ ପଟ୍ଟନାୟକ ଓ ସତିଶ ପଟ୍ଟନାୟକ ନିର୍ବାଚିତ ହୋଇଥିବା ସୂଚନା ମିଳିଛି। ଏହି କମିଟିରେ ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟ ପାଟ୍ରୋନ ରହିଥିବା ବେଳେ ପ୍ରଦୀପ ପଟ୍ଟନାୟକ ଓ ଆଲୋକ ମହାପାତ୍ର ପାଟ୍ରୋନ ଭାବେ ମନୋନୀତ ହୋଇଛନ୍ତି। ଚଳିତ ବର୍ଷ ଦୁର୍ଗା ପୂଜାକୁ ପୂର୍ବବର୍ଷ ଅପେକ୍ଷା ଆହୁରି ସରସ ସୁନ୍ଦର ତଥା ଶାନ୍ତିଶୃଙ୍ଖଳାର ସହ ପାଳନ ପାଇଁ ନବ ନିଯୁକ୍ତ ସଭାପତି ଅନନ୍ତ ଜେନା ଓ ସାଧାରଣ ସମ୍ପାଦକ ଶ୍ରୀ ବିରାଟ ସେକ୍ଟରବାସୀଙ୍କ ସହଯୋଗ କାମନା କରିଥିଲେ।

# ଅଜଣା ଗାଡ଼ି ଧକ୍କାରେ ୪ ଗୋରୁ ମୃତ

କୋଇଡା,୧।୮ (ସମିସ): କୋଇଡା ଥାନା ଅନ୍ତର୍ଗତ ଭଞ୍ଜପାଲି ଗ୍ରାମ ନିକଟରେ ଗତକାଲି ବିଳମ୍ବିତ ରାତିରେ ଅଜଣା ଗାଡି ଧକ୍କାରେ ୪ଟି ଗୋରୁ ମୃତ୍ୟୁ ବରଣ କରିଥିବା ଜଣାପଡିଛି। ଶୁକ୍ରବାର ସକାଳେ ସ୍ଥାନୀୟ ଜନସାଧାରଣ ରାସ୍ତା ଉପରେ ଗୋରୁ ଗୁଡିକ ମୃତାହତ ଅବସ୍ଥାରେ ଦେଖିବା ପରେ ଉତ୍‌କ୍ଷିପ୍ତ ହୋଇ କିଛି ସମୟ ପାଇଁ ରାସ୍ତା ରୋକ କରିଥିଲେ। କୋଇଡା ଶ୍ରୀରାମ ସେନାର କର୍ମକର୍ତ୍ତା ସୁନିତା ସାହୁ, ଦୁର୍ଗା ପ୍ରସାଦ ଜୈସ୍ୱାଲ, ରାହୁଲ ଶ୍ରୀବାସ୍ତବ, ଡମ୍ବରୁ ଦେହୁରୀ, ରାଜା ଜୈସ୍ୱାଲ, ଯୁବସାମ୍ବାଦିକ ଆକାଶ ଶର୍ମା ପ୍ରମୁଖ କୋଇଡା ପ୍ରଶାସନ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ସ୍ଥାନୀୟ ପ୍ରଶାସନ ଓ ଅଗ୍ନିଶମ ବିଭାଗ ପହଞ୍ଚିବା ପରେ ଶ୍ରୀରାମ ସେନାର କର୍ମକର୍ତ୍ତାଙ୍କ ସହଯୋଗରେ ଗାତ ଖୋଳି ମୃତ ଗୋରୁ ଗୁଡିକୁ ପୋତାଯାଇଥିଲା। ବାରମ୍ବାର ଏପରି ଘଟଣାର ପୁନରାବୃତ୍ତି ହେଉଥିବା ଯୋଗୁଁ ଗୋଶାଳା ନିର୍ମାଣ କରି କାର୍ଯ୍ୟକ୍ଷମ କରିବାକୁ ଶ୍ରୀରାମ ସେନା କର୍ମକର୍ତା ଦାବି କରିଛନ୍ତି।

# ଏଚ୍‌ଆର ରୂପାନ୍ତରୀକରଣ କର୍ମଶାଳା 'ସେଲ୍ ଦର୍ପଣ' ଉଦ୍‌ଯାପିତ



ରାଉରକେଲା, ୧।୮ (ସମିସ): ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ରେ ଜ୍ଞାନାର୍ଜନ ଏବଂ ବିକାଶ ବିଭାଗ ଦ୍ୱାରା ଆୟୋଜିତ ଅଢ଼େଇ ଦିନିଆ ଏଚଆର ରୂପାନ୍ତରୀକରଣ କର୍ମଶାଳା 'ସେଲ୍ ଦର୍ପଣ' ଜୁଲାଇ ୩୧ ତାରିଖ ଦିନ ଉଦ୍‌ଯାପିତ ହୋଇଯାଇଛି। ଏହାର ଉଦ୍‌ଯାପନୀ ସମାରୋହରେ ଆର୍‌ଏସ୍‌ପି ଟାସ୍କଫୋର୍ସର ପ୍ରତିନିଧିତ୍ୱ କରି ଦୁଇ ଜଣିଆ ଦଳରେ ବିଭକ୍ତ ହୋଇଥିବା ଅଂଶଗ୍ରହଣକାରୀମାନଙ୍କ ଦ୍ୱାରା ସଂରଚିତ ଉପସ୍ଥାପନା ପ୍ରସ୍ତୁତ କରାଯାଇଥିଲା। ଏହି ଦଳଗୁଡ଼ିକ ଏଚ୍‌ଆର ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ଓ ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହଙ୍କୁ ନେଇ ଗଠିତ ଏକ ପ୍ୟାନେଲ ସମ୍ମୁଖରେ ସେମାନଙ୍କର ନିଷ୍କର୍ଷ, ସୁପାରିଶ ଏବଂ କାର୍ଯ୍ୟକ୍ଷମ ରଣନୀତି ଉପସ୍ଥାପନ କରିଥିଲେ। ଏହି ଉପସ୍ଥାପନାଗୁଡ଼ିକ ମଧ୍ୟରେ ମାନବଶକ୍ତି ଅପ୍ଟିମାଇଜେସନ୍, ନୀତି ସଂସ୍କାର, କାର୍ଯ୍ୟ ପରିବର୍ତ୍ତନ ଢାଞ୍ଚା ଏବଂ ସ୍ୱଚ୍ଛତା ବୃଦ୍ଧି କରିବା ସହିତ 'ସେଲ୍ ଭିଜନ ୨୦୩୦' ସହିତ ଏଚଆର ଅଭ୍ୟାସଗୁଡ଼ିକୁ ସମନ୍ୱିତ କରିବା ବିଷୟାବଳୀ ସାମିଲ ହୋଇଥିଲା। ପ୍ରତ୍ୟେକ ଦଳ ବିଶ୍ଳେଷଣ ଏବଂ ବେଞ୍ଚମାର୍କିଂ ଦ୍ୱାରା ସମର୍ଥିତ ବ୍ୟବହାରିକ ଅନ୍ତର୍ଦୃଷ୍ଟି ଆଣିଥିଲେ।

ବୋଷ୍ଟନ କନସଲ୍ଟିଂ ଗ୍ରୁପ୍ (ବିସିଜି)ର ଅଭିଜ୍ଞ ବ୍ୟକ୍ତିଙ୍କ ନେତୃତ୍ୱରେ ସେଲ ଦର୍ପଣ ଟାସ୍କଫୋର୍ସ ଦ୍ୱାରା ଇନପୁଟ୍ ଏବଂ ଉପସ୍ଥାପନାଗୁଡ଼ିକୁ ସମୀକ୍ଷା ଏବଂ ବିଶ୍ଳେଷଣ କରାଯାଇଥିଲା। ଏହି ତିନି ଦିନ ମଧ୍ୟରେ ସୃଷ୍ଟି ହୋଇଥିବା ଧାରଣାଗୁଡ଼ିକ ଆର୍‌ଏସ୍‌ପିର ଉନ୍ନତି, କର୍ମଚାରୀଙ୍କ ଉତ୍ପାଦକତା ବୃଦ୍ଧି ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଏଚଆର ବ୍ୟବସ୍ଥା ପାଇଁ ଉତପ୍ରେରକ ଭାବେ କାର୍ଯ୍ୟ କରିବା ଉପରେ ଜୋର ଦିଆଯାଇଥିଲା। ସେଲ୍ ଦର୍ପଣ ପଦକ୍ଷେପ କେବଳ ଗୁରୁତ୍ୱପୂର୍ଣ୍ଣ ଆତ୍ମନିରୀକ୍ଷଣ ପାଇଁ ଏକ ମଞ୍ଚ ପ୍ରଦାନ କରିଛି ତା' ନୁହେଁ ବରଂ ଆରଏସପିର ଅଭିବୃଦ୍ଧି ଏବଂ ପ୍ରଯୁକ୍ତିବିଦ୍ୟା ବିକାଶର ପରବର୍ତ୍ତୀ ପର୍ଯ୍ୟାୟକୁ ସମର୍ଥନ କରିବା ନିମିତ୍ତ କର୍ଯ୍ୟକ୍ଷମ ସଂସ୍କାର ପାଇଁ ମଧ୍ୟ ଭିତ୍ତିଭୂମି ସ୍ଥାପନ କରିଛି। ଏହି କର୍ମଶାଳାଟି ଏଚଆର-ଓଡି ଟିଏ ଏଣ୍ଡ ଡି ବିଭାଗର ଜିଏମ୍ ଏସ୍. ବଡ଼ପଣ୍ଡାଙ୍କ ମାର୍ଗଦର୍ଶନରେ ଉକ୍ତ ବିଭାଗର ଡେପୁଟି ମ୍ୟାନେଜର ସିମ୍ପି ପଟେଲଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।

# ଗଞ୍ଜେଇ ଜବତ; ବୃଦ୍ଧ ଗିରଫ

ବଣାଇ,୧।୮ (ସମିସ): ବଣାଇଁ ଅବକାରୀ ବିଭାଗ ବଣାଇଁ ଥାନା କେନ୍ଦ୍ରିକଳା ଗ୍ରାମପଞ୍ଚାୟତ ଉପରବାହାଲ ଛକ ନିକଟରେ ଗୁରୁବାର ଅତର୍କିତ ଚଢ଼ଉ କରି ଗଞ୍ଜେଇ ବିକ୍ରି କରିବା ଅଭିଯୋଗରେ ଜଣେ ବୃଦ୍ଧଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୧୨୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଗିରଫ ବୃଦ୍ଧ ଜଣକ ଉପରବାହାଲ ଗ୍ରାମର ଶଶିଭୂଷଣ ସୁତାର (୬୨) ବୋଲି ଜଣାପଡ଼ିଛି। ସୂଚନାପ୍ରକାରେ, ଶଶିଭୁଷଣ ନିଜ ଦୋକାନରେ ବିଭିନ୍ନ ପାନ ଗୁଟଖା ସାମଗ୍ରୀ ସହ ଗଞ୍ଜେଇ ରଖି ବିକ୍ରି କରୁଥିବା ନେଇ ଅବକାରୀ ଅଧିକାରୀଙ୍କ ନିକଟକୁ ଖବର ଆସିଥିଲା। ଗୁରୁବାର ଅବକାର ବିଭାଗର ଏକ ଟିମ୍ ସେହି ଦୋକାନ ଉପରେ ଅତର୍କିତ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ବୃଦ୍ଧ ଜଣକ ଦୌଡ଼ି ପଳାଉଥିବା ବେଳେ ଅବକାରୀ ଟିମ୍ ତାଙ୍କୁ କାବୁ କରିଥିଲେ। ତାଙ୍କ ନିକଟରୁ ୧୨ ଶହ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିବା ବେଳେ ଅବକାରୀ ସୁପରିଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଅବକାରୀ ଇନ୍ସପେକ୍ଟର ହେମନ୍ତ ମହାନନ୍ଦିଆ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଏହି ଚଢ଼ଉରେ ବଣାଇଁ ଅବକାରୀ ଅଧିକାରୀ ତେଜରାଜ ଗହୀର, ଏସ୍‌ଆଇ ରୋହିତ ଦଣ୍ଡସେନା, ଲକ୍ଷ୍ମୀ ପଣ୍ଡା, ବିଦ୍ୟୁତ୍ ଭୂଷଣ ଦାସ ସାମିଲ ହୋଇଥିଲେ।



ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରାମଚନ୍ଦ୍ର ପାତ୍ର
ସିଆପଡା, ଆନନ୍ଦପୁର
ଆବିର୍ଭାବ - ୧୨.୧୦.୧୯୪୩
ତିରୋଧାନ - ୦୨.୦୮.୨୦୨୪
ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ମହାପ୍ରଭୁଙ୍କ ପାଦପଦ୍ମରେ ଆମର ଏତିକି ପ୍ରାର୍ଥନା ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ନାରାୟଣ, ମନରଂଜନ, ନିରଞ୍ଜନ, ଡଲି, ଚନ୍ଦନା, ଟିନା, ତନି, ସୋନି, କାହ୍ନୁ, ଶିଲି, ରାନୀ, ଲାଲା, ଗୁଡଲି ଓ ପରିବାରବର୍ଗ

# ମହିଳାଙ୍କ ସୁରକ୍ଷା ଦାବିରେ ଗର୍ଜିଲା ବିଜେଡି






ଭବାନୀପାଟଣା, ୧।୮ (ସମିସ)

- ୧୩ ମାସର ବିଜେପି ସରକାର ଶାସନରେ ବିଫଳ
- ରାଜ୍ୟର ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି
- ଦିନକୁ ଦିନ ବଢୁଛି ନାରୀ ନିର୍ଯାତନା
- ରାଜ୍ୟ ସରକାରଙ୍କ ଅପାରଗତା ଓ ଦୁର୍ବଳ ନେତୃତ୍ୱକୁ ଧିକ୍କାର

ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମହତ୍ୟା ଘଟଣାରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି ସହ ରାଜ୍ୟରେ ମହିଳା ଓ ଛାତ୍ରୀମାନଙ୍କ ସୁରକ୍ଷା ଦାବି କରି ରାଜ୍ୟ ବ୍ୟାପୀ ଯୁବ-ଛାତ୍ର ବିଜେଡି ତରଫରୁ ଅଗଷ୍ଟ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ପ୍ରତିବାଦ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସେହିକ୍ରମରେ କଳାହାଣ୍ଡି ଜିଲ୍ଲା ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଶୁକ୍ରବାର ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଶତାଧିକ ଛାତ୍ରଛାତ୍ରୀ ଏକ ଶୋଭାଯାତ୍ରାରେ ବାହାରି ସଦର ଥାନା ପର୍ଯ୍ୟନ୍ତ ଯାଇଥିଲେ। ପୁଲିସ ଡିଜିଙ୍କ ଉଦ୍ଦେଶ୍ୟରେ ସଦର ଥାନାଠାରେ ଉପସ୍ଥିତ ସଦର ଏସଡିପିଓ ନରେଶ ପ୍ରଧାନଙ୍କୁ ଆଇନ ଶୃଙ୍ଖଳା ପରିସ୍ଥିତି ସଜାଡ଼ିବା ସହ ମହିଳା ସୁରକ୍ଷା ପାଇଁ ସ୍ମାରକପତ୍ର ପ୍ରଦାନ କରିଥିଲେ। ୧୩ ମାସର ବିଜେପି ସରକାର ଶାସନରେ ରାଜ୍ୟର ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ନାରୀ ନିର୍ଯାତନା ଅହେତୁକ ଭାବରେ ବୃଦ୍ଧି ହୋଇଛି। ରାଜ୍ୟରେ ଛାତ୍ରୀମାନେ ପର୍ଯ୍ୟଟନ ସ୍ଥଳଠାରୁ ଆରମ୍ଭ କରି କଲେଜ କ୍ୟାମ୍ପସ ପର୍ଯ୍ୟନ୍ତ ସୁରକ୍ଷିତ ନାହାନ୍ତି। ଛାତ୍ରୀ ନିବାସରେ ନାବାଳିକାମାନେ ଗର୍ଭବତୀ ହେଉଛନ୍ତି। ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରାଯାଇଛି। ବାଲେଶ୍ୱର ଏଫଏମ କଲେଜ ଛାତ୍ରୀଙ୍କ ଆତ୍ମଦାହ ଘଟଣା, ବଳଙ୍ଗା ନାବାଳିକା ପୋଡ଼ି ଘଟଣା ସାରା ଦେଶରେ ଚର୍ଚ୍ଚାର ବିଷୟ ହୋଇଛି। ଏଥିପାଇଁ ରାଜ୍ୟ ସରକାରଙ୍କ ଅପାରଗତା ଓ ଦୁର୍ବଳ ନେତୃତ୍ୱକୁ ଛାତ୍ର ବିଜେଡି ଦାୟୀ କରିଛି। କଳାହାଣ୍ଡିର ବିଭିନ୍ନ କଲେଜର ଛାତ୍ରଛାତ୍ରୀ ୭ ତାରିଖ ପର୍ଯ୍ୟନ୍ତ ନିକଟରେ ଥିବା ଥାନାକୁ ଯାଇ ନାରୀ ସୁରକ୍ଷା ନିମନ୍ତେ ପୁଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ରାଜ୍ୟ କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର କହିଛନ୍ତି। ଏହା ସହିତ ଅଗଷ୍ଟ ୮ରୁ ୧୪ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କୁ ଛାତ୍ରଛାତ୍ରୀ ଖୋଲା ଚିଠି ଲେଖି ଆଇନଶୃଙ୍ଖଳା ପରିସ୍ଥିତି ଓ ନାରୀ ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ଜଣାଇବେ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ବରିଷ୍ଠ ବିଜେଡି ନେତା ପ୍ରଦୀପ ମୁଣ୍ଡ, ଧବଳେଶ୍ୱର ମହାପାତ୍ର, ନଗରପାଳ ବିଷ୍ଣୁ ପ୍ରଧାନ, ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, ରାଜ୍ୟ ଛାତ୍ର ବିଜେଡି କାର୍ଯକାରୀ ସଭାପତି ଅବିନାଶ ଠାକୁର, ବରିଷ୍ଠ ଯୁବ ବିଜେଡି ଉପ ସଭାପତି ମଣ୍ଟୁ ନାଏକ, ଜୋନ ସଭାପତି ମନିନ୍ଦ୍ର ମହାନ୍ତି, ଯୁବ ନେତା ପ୍ରଶାନ୍ତ ନାଏକ, ସାମନ୍ତ ଖମାରୀ, ଶିବା ସାହୁ, ଚୈତନ୍ୟ ବାଗ, ପ୍ରତିଭା ଜାଲ, ମାନସ ସିନ୍ଦୂର, ପିତବାସ ବେହେରା, କ୍ଷିରସିନ୍ଧୁ ନାଏକ, ରଞ୍ଜୁକ୍ତା ପ୍ରଧାନ, ଅମିତ ଯାଦବ, ସେଖ୍ ମୁନାବର, ମହମ୍ମଦ କାଦୀର, ମିଳନ ମୁଣ୍ଡ, ନୀଳାମ୍ବର ସାହୁ, ପିନିକୀ ଆଚାର୍ଯ୍ୟ, ରବି ଚନ୍ଦ୍ର ନାଏକ, ଆଦିତ୍ୟ ରାଉତ, ଅଂଶୁମାନ ନାଗ, କୋସଲ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

## ଖବର ପ୍ରକାଶ ପରେ ପହଞ୍ଚିଲା ପ୍ରଶାସନ

- ଭଙ୍ଗାଘର ବୁଲି ଦେଖିଲେ ରାଜସ୍ୱ ନିରୀକ୍ଷକ
- ଜରି ପାଲ ପାଇଲେ ୨ ଭାଇ ଓ ବୃଦ୍ଧ ବାପା

'ସକାଳ' ପ୍ରଭାବ

ଶଗଡ଼ା, ୧।୮ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଗୁଡଭେଲିପଦର ପଞ୍ଚାୟତ ଅନ୍ତର୍ଗତ ସଦର ଗ୍ରାମର ଦୁଇ ଭାଇ ବିକ୍ରମ ନାଏକ ଓ ଅକ୍ଷମ ନାଏକ। ଆଜି ଯାଏ ଉଭୟଙ୍କୁ ସରକାର ପକ୍ଷରୁ ଆବାସ ଘର ମିଳିପାରିଲାନି। ଏହାଫଳରେ ଉଭୟ ପରିବାର ବିପଦ ସଂକୁଳ ଅବସ୍ଥାରେ ଭଙ୍ଗା ଘରେ ଦିନ କାଟୁଛନ୍ତି। ସରକାରଙ୍କ ଏସଇସିସି ତାଲିକାରେ ଉଭୟଙ୍କ ନାମ ନ ଥିବାରୁ ଉଭୟଙ୍କୁ ଆବାସ ଘର ମିଳି ନ ଥିବା କହିଛନ୍ତି। ଦୁଇ ଭାଇ ବିକ୍ରମ ଓ ଅକ୍ଷମ ନିଜ ପରିବାର ସହ ଭଙ୍ଗା ମାଟି ଚାଳ ଛପର ଘରେ ରହୁଥିଲେ। ଗତ ଲଗାଣ ବର୍ଷାରେ ଉଭୟଙ୍କ ଝାଟି ମାଟି ଘର ସମ୍ପୂର୍ଣ ଭାଙ୍ଗିଯାଇଛି। ଗରିବ ହେତୁ ଘରଟି ସଜାଡି ପାରୁ ନାହାନ୍ତି। ଉଭୟ ପରିବାର ସେହି ଭଙ୍ଗା ଘରେ ଭୟଭୀତ ଅବସ୍ଥାରେ ଦିନ କାଟୁଛନ୍ତି। ଯଦି ବର୍ଷା କି ଝଡ଼ ତୋଫାନ ହୁଏ ଘର ଛାଡ଼ି ପଡୋଶୀ ଘରେ ଆଶ୍ରୟ ନେଇଥିବା କହିଛନ୍ତି। ତେବେ ଘର ଭାଙ୍ଗିଥିବା ଖବର ପ୍ରକାଶ ପାଇବା ପରେ ବିଳାସପୁର ରାଜସ୍ୱ ନିରୀକ୍ଷକ ଯାଇ ପରିଦର୍ଶନ କରି ଫେରିଛନ୍ତି। ବିକ୍ରମ, ଅକ୍ଷମ ଓ ବୃଦ୍ଧ ବାପା ସତ୍ୟାନନ୍ଦ ନାଏକଙ୍କ ତତ୍କାଳ ୩ଟି ଜରି ପାଲ ପ୍ରଦାନ କରାଯାଇଛି। ଦୁଇ ଭାଇ ଶ୍ରମିକ ଭାବରେ କାମ କରି ନିଜର ତେଲ ଲୁଣର ସଂସାର କରିଥାନ୍ତି। ସ୍ୱଳ୍ପ ରୋଜଗାର ହେତୁ ପରିବାର ଚଳାଇବା ତାଙ୍କ ପକ୍ଷେ କଷ୍ଟକର ହୋଇ ପଡ଼ିଥିବା ବେଳେ ଭଙ୍ଗା ଘର ମରାମତି କରିବା ତାଙ୍କ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଦୁଇ ଭାଇ ଭାଗ୍ୟକୁ ଆଦରି ଭଙ୍ଗା ଘରେ ପଡ଼ି ରହିଛନ୍ତି। ଯେଉଁଠି ଦି ଓଳି ଖାଇବା ସମ୍ଭବ ନୁହେଁ; ସେଠି ଘର ମରାମତି କଥା ପଚାରେ କିଏ। ବର୍ଷା ଦିନେ ପାଣି ଗଳୁଛି। ଘର ସାରା ପାଣି ହୋଇ ଦିନ ଦିନ ମଧ୍ୟ ଉପାସରେ ରହିବାକୁ ପଡେ। ଘର ଖଣ୍ଡିଏ ପାଇଁ ସ୍ଥାନୀୟ ଜନ ପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ବିଡିଓ ଓ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ସରକାରଙ୍କ ସେହି କୁହୁକ ତାଲିକାରେ ତାଙ୍କର ନାଁ ନ ଥିବାରୁ ଆବାସ ଗୃହରୁ ବଞ୍ଚିତ ହେଉଛନ୍ତି। ଅନେକ ଅଯୋଗ୍ୟ ହିତାଧିକାରୀ ଆବାସ ଯୋଜନାରେ ପକ୍କା ଘର ପାଉଥିବା ବେଳେ କିଛି ଅସାଧୁ କର୍ମଚାରୀଙ୍କ ଅବହେଳା ଯୋଗୁଁ ବିକ୍ରମ ଓ ଅକ୍ଷମ ଭଳି ଗରିବ ନିରୀହ ଯୋଗ୍ୟ ହିତାଧିକାରୀ ଘର ଖଣ୍ଡିଏ ପାଇ ପାରି ନ ଥିବା ଦୁଃଖର କଥା ବୋଲି କହିଛନ୍ତି। ଜିଲ୍ଲା ପ୍ରଶାସନ ଉକ୍ତ ଘଟଣାର ତଦନ୍ତ କରି ଉକ୍ତ ଅସହାୟ ଦୁଇ ଭାଇକୁ ତୁରନ୍ତ ଘର ଖଣ୍ଡିଏ ଲେଖାଏଁ ଯୋଗାଇ ଦେବାକୁ ବିକ୍ରମ ଓ ଅକ୍ଷମଙ୍କ ପରିବାର ସହ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି। ବିଳାସପୁର ରାଜସ୍ୱ ନିରୀକ୍ଷକ ନୀଳାମ୍ବର ଧରୁଆଙ୍କୁ ଗ୍ରାମକୁ ଯାଇ ଉଭୟ ଭାଇ ଓ ତାଙ୍କ ବାପାଙ୍କୁ ୩ଟି ଜରିପାଲ ଯୋଗାଇ ଦେଇଛନ୍ତି। ରିପୋର୍ଟ ପ୍ରସ୍ତୁତ କରି ତହସିଲଦାରଙ୍କ ପାଖକୁ ପଠାବେ। ନିର୍ଦ୍ଦେଶ ଆସିଲା ପରେ ଘର ସଜାଡ଼ିବା ପାଇଁ ଆବଶ୍ୟକ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ରାଜସ୍ୱ ନିରୀକ୍ଷକ କହିଛନ୍ତି।

## କାରରୁ ୧ କୁଇଣ୍ଟାଲ ୪୬ କେଜି ଗଞ୍ଜେଇ ଜବତ

- ୨ ଲକ୍ଷ ୯୦ ହଜାର ଟଙ୍କା ଜବତ, ୨ ଗିରଫ

ମ.ରାମପୁର, ୧।୮ (ସମିସ): କଳାହାଣ୍ଡି ଜିଲ୍ଲା ମ.ରାମପୁର ଥାନା ଅଧୀନ ସୁଡେଙ୍ଗପଦର ଗାଁରେ ଚୋରା ଗଞ୍ଜେଇ ବିକ୍ରି ହେଉଥିବା ସମୟରେ ଅବକାରୀ ଓ ପୁଲିସ ୨ ଜଣଙ୍କୁ ଧରିଛି। ଗିରଫ ଦୁଇ ଜଣ ହେଲେ ଛତିଶଗଡ଼ ଅଞ୍ଚଳର ରାହା ନାୟକର ଓ ସୁଡେଙ୍ଗପଦର



ଗାଁର ଆବେଦନ କୁମାର। ସେମାନଙ୍କଠାରୁ ଏକ କାର, ୧ କୁଇଣ୍ଟାଲ ୪୬ କେଜି ଗଞ୍ଜେଇ ଓ ୨ଲକ୍ଷ ୯୦ ହଜାର ଟଙ୍କା ଜବତ ହୋଇଛି। ଛତିଶଗଡ଼ରୁ ରାହା ନାୟକ ସୁଡେଙ୍ଗପଦରକୁ ଗଞ୍ଜେଇ କିଣିବା ପାଇଁ ଆସିଥିବା ବିଶେଷ ସୂତ୍ରରୁ ଖବର ପାଇ ମ.ରାମପୁର ଅବକାରୀ ବିଭାଗ ଓ ପୁଲିସ ମିଳିତ ଚଢ଼ଉ କରିଥିଲା। ତେବେ ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୪ଲକ୍ଷରୁ ଅଧିକ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଅବକାରୀ ବିଭାଗ ଅଧିକାରୀ ଦେବାଶିଷ ସିରଦର, କନେଷ୍ଟବଳ ସୀମାଞ୍ଚଳ ମାଝୀ, ବିନିତା କୁମାର, ଦୈତାରୀ ତାଣ୍ଡି ପ୍ରମୁଖ ଏହି ଚଢଉରେ ସାମିଲ ହୋଇଥିଲେ।

## ନିଶାଦ୍ରବ୍ୟ କାରବାରରେ ମହିଳାଙ୍କ ସମେତ ୪ ଗିରଫ



ଥୁଆମୂଳ ରାମପୁର, ୧।୮ (ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଅବକାରୀ ବିଭାଗ ଓ କଳାହାଣ୍ଡି ଜିଲ୍ଲା ଅବକାରୀ ବିଭାଗ ମିଳିତ ଭାବେ ଦେଶୀ ଓ ବିଦେଶୀ ମଦ ଜବତ କାରବାର ଉପରେ ଚଢଉ କରିଛି। ଏହି ଘଟଣାରେ ଜଣେ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇଛି। ଥୁଆମୂଳ ରାମପୁର ଥାନା କାଣିଗୁମା, ଭିତରଗୁମା ଓ ଡୁଡ଼କାଗୁଡାରେ ଚଢ଼ଉ ହୋଇଥିଲା।



କାଣିଗୁମାର କ୍ଷମା ନାଏକଠାରୁ ପ୍ରବଳ ବିଦେଶୀ ମଦ ଜବତ ହୋଇଛି। ସେହିଭଳି ଭିତରଗୁମା ଗ୍ରାମର ସୁଦର୍ଶନ ନାଏକଠାରୁ ୮ ଲିଟର ବେଆଇନ ହାତରନ୍ଧା ମଦ ଜବତ କରାଯାଇଛି। ଅନ୍ୟପକ୍ଷେ ଡୁଡ଼କାଗୁଡା ଗ୍ରାମର ରୁକ୍ମଣୀ ନାଏକଠାରୁ ୬ ଲିଟର ହାତରନ୍ଧା ମଦ ଜବତ ହୋଇଛି। ଅବକାରୀ ବିଭାଗର ସଦର ଆଇଆଇସି ହେମକାନ୍ତି ସୁନା, ଜିଲ୍ଲା ମୋବାଇଲ ଟିମ୍ ଆଇଆଇସି ଅରୁଣ ଯୋଶୀ, ଏସଆଇ ବିଜୟ ଭୂଷଣ ନାଏକ, ଥୁଆମୂଳ ରାମଚନ୍ଦ୍ର ଅବକାରୀ ବିଭାଗର ଓଆଇସି ପ୍ରଶାନ୍ତ ସ୍ୱାଇଁ, ନରେନ୍ଦ୍ର ମିଞ୍ଜ, ଜୟପାଟଣା ଅବକାରୀ ବିଭାଗର ବିଶ୍ୱଜିତ ଆରୁଖ, କେସିଙ୍ଗା ଅବକାରୀ ବିଭାଗର ତିଳକ ରାମ ନାଏକ ପ୍ରମୁଖ ଚଢଉରେ ସାମିଲ ହୋଇଥିଲେ। ସେହିଭଳି ଭିତରଗୁମାର ଜୟନ୍ତ ମାଝୀ(୪୪) ପାଖରେ ୫ କେଜି ୨୦୦ ଗ୍ରାମର ଗଞ୍ଜେଇ ଜବତ ହୋଇଛି। ସେ ଗିରଫ ହୋଇଛି।

- ପାଟଣାଗଡ଼ ବ୍ଲକରେ ଭିନ୍ନକ୍ଷମ ଭତ୍ତା ହଡ଼ପ ଘଟଣା

## ଦେଉଳଗାଁ ପଞ୍ଚାୟତରେ ମାଳ ମାଳ ନକଲି ଭିନ୍ନକ୍ଷମ

ପାଟଣାଗଡ଼, ୧।୮ (ସମିସ): ରାଜ୍ୟ ସରକାର ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ମଧୁବାବୁ ପେନସନ ଯୋଜନା ମାଧ୍ୟମରେ ସାମାଜିକ ସଶକ୍ତି କରଣ ଓ ଭିନ୍ନକ୍ଷମ ବିଭାଗ ତରଫରୁ ମାସିକ ଭତ୍ତା ପ୍ରଦାନ କରୁଛନ୍ତି।ଅଶୀ ପ୍ରତିଶତରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମଙ୍କ ପାଇଁ ତିନି ହଜାର ପାଞ୍ଚ ଶହ ଟଙ୍କା ଓ ତା ଠାରୁ କମ ପ୍ରତିଶତ ପାଇଁ ମାସିକ ବାର ଶହ ଟଙ୍କା ଭତ୍ତା ପ୍ରଦାନ କରୁଛନ୍ତି।ତେବେ ଏହି ଯୋଜନାର ହରିଲୁଟ ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଜନୈକ ଡାଟା ଏଣ୍ଟ୍ରି ଅପରେଟର ଜିଲ୍ଲା ତଥା ପାଟଣାଗଡ଼ ବ୍ଲକ ଅଞ୍ଚଳର ସୁସ୍ଥ ସବଳ ବ୍ୟକ୍ତିଙ୍କୁ ଅନ୍ଧ, ବଧିର ଓ ଛୋଟା ଦର୍ଶାଇ ଜାଲିଆତି କରି ଭିନ୍ନକ୍ଷମ ସାର୍ଟିଫିକେଟ ଯୋଗାଇ ଦେଉଥିବା ଅଭିଯୋଗ ହେଉଛି।ଏହାର ପ୍ରମାଣ ଲାଗିଛି 'ସକାଳ' ହାତରେ ଲାଗିଛି। ଏହି ସାର୍ଟିଫିକେଟ ବଳରେ ସୁସ୍ଥ ସବଳ ବ୍ୟକ୍ତି ସରକାରଙ୍କ ଆଖିରେ ଧୂଳି ଦେଇ ଭିନ୍ନକ୍ଷମ ଭତ୍ତା ହାତଉଛନ୍ତି।ଏନେଇ 'ସକାଳ' ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଥିଲା।ତଦନ୍ତ ରେ ପାଟଣାଗଡ଼ ବ୍ଲକ ଦେଉଳଗାଁ ପଞ୍ଚାୟତରେ ଅନେକ ନକଲି ଭିନ୍ନକ୍ଷମ ଥିବା ଜଣାପଡ଼ିଛି। ଉକ୍ତ ସୁସ୍ଥ ସବଳ ଥାଇ ମଧ କିଭଳି ଭିନ୍ନକ୍ଷମ ଭତ୍ତା ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯାଉଛି ତାହା ତଦନ୍ତ ସାପେକ୍ଷ ହୋଇପଡ଼ିଛି। ଏହି ଅନିୟମିତତାରେ ବ୍ଲକ କର୍ତ୍ତୃପକ୍ଷଙ୍କ ଭୂମିକା ମଧ୍ୟ ସନ୍ଦେହ ଘେରରେ ରହିଛି।ତେବେ ଭାତ ହାଣ୍ଡିରୁ ଗୋଟିଏ ଭାତ ଚିପିଲା ଭଳି ଅନ୍ୟ ପଞ୍ଚାୟତ ଗୁଡିକରେ ଥିବା ନକଲି ଭିନ୍ନକ୍ଷମ ତଦନ୍ତ ଅଭିଯାନ ଜାରିରହିଛି। ଅପରପକ୍ଷରେ ନିୟମାନୁସାରେ ଜଣେ ବ୍ୟକ୍ତି ଭିନ୍ନକ୍ଷମ ଭତ୍ତା ପାଇଁ ଅନଲାଇନ ମାଧ୍ୟମରେ ଆବେଦନ କଲାପରେ ବିଭାଗୀୟ କର୍ମଚାରୀ ପ୍ରମାଣପତ୍ର ଯାଞ୍ଚ କରୁଛନ୍ତି। ପରେ ଉପରିସ୍ଥ ଅଧିକାରୀଙ୍କୁ ତାହା ପଠାଇବା ପରେ ଭତ୍ତା ଆପ୍ରୁଭାଲ ହେଉଛି।ତେବେ ପ୍ରମାଣପତ୍ର ଯାଞ୍ଚ ସହ ବ୍ୟକ୍ତି ଜଣକ ପ୍ରକୃତରେ ଭିନ୍ନକ୍ଷମ ନା ନାହିଁ ତାହା ଯାଞ୍ଚ ହେଉଛି ନା ନାହିଁ।ଯଦି ହେଉଛି ତେବେ ସୁସ୍ଥ ସବଳ ବ୍ୟକ୍ତିଙ୍କୁ ଭିନ୍ନକ୍ଷମ ଭତ୍ତା ପାଇଁ କେମିତି ଆପ୍ରୁଭାଲ ହେଉଛି ତାହା ତଦନ୍ତ ସାପେକ୍ଷ।ଏନେଇ ଗତ ୨୫ ତାରିଖ ଦିନ 'ସକାଳ' ଶୀର୍ଷକରେ ପାଟଣାଗଡ଼ ବ୍ଲକରେ ଭିନ୍ନକ୍ଷମ ଭତ୍ତା ଲୁଟ ଖବର ପ୍ରକାଶିତ ହୋଇଥିଲା। ଖବର ପରେ ପାଟଣାଗଡ଼ ବିଡ଼ିଓ ସୁମନ ମିଞ୍ଜ ଘଟଣାର ତଦନ୍ତ ପାଇଁ ତାଙ୍କ କାର୍ଯ୍ୟାଳୟ ଲେଟର ନଂ ୧୮୨୫ ଅନୁସାରେ ୨୫ ତାରିଖ ଦିନ ଥାନାଧିକାରୀ ପାଟଣାଗଡ଼ଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି।ଏଥିସହ ମେମୋ ନଂ ୧୮୨୬ ରେ ଉପଖଣ୍ଡ ପୁଲିସ ଅଧିକାରୀ ପାଟଣାଗଡ଼ ଓ ଉପଜିଲ୍ଲାପାଳ ପାଟଣାଗଡ଼ଙ୍କୁ ଅବଗତ କରିଛନ୍ତି।ଲିଖିତ ଅଭିଯୋଗରେ ପାଟଣାଗଡ଼ ବ୍ଲକରେ ଭିନ୍ନକ୍ଷମ ଭତ୍ତା ଲୁଟ ଘଟଣାର ତଦନ୍ତ ପାଇଁ ଦାବି କରିଛନ୍ତି। ଆହୁରି କହିଛନ୍ତି ଯେହେତୁ ଭିନ୍ନକ୍ଷମ ଭତ୍ତା ପାଇଁ ଲୋକେ ଅନଲାଇନ ଆବେଦନ କରୁଛନ୍ତି ପରେ ପ୍ରମାଣପତ୍ର ଯାଞ୍ଚ କରି ଉପରିସ୍ଥ ଅଧିକାରୀଙ୍କୁ ପଠାଇ ଦେଉଛନ୍ତି ଓ ସେଠାରୁ ଆପ୍ରୁଭାଲ ହେଉଛି ତେଣୁ ତାଙ୍କ ଜ୍ଞ୍ୟାତସାରରେ ନାହିଁ। ମିଳିଥିବା ସୂଚନାନୁସାରେ ପାଟଣାଗଡ଼ ବ୍ଲକର ଦେଉଳଗାଁ, ସୁନାମୁଦି, ଭଇଁଷା, ତମିଆଁ, ଉଲବା, ଖୁଣ୍ଟସମଲେଇ ଭଳି ଅନେକ ପଞ୍ଚାୟତରେ ଅନେକ ନକଲି ଭିନ୍ନକ୍ଷମ ବ୍ୟକ୍ତି ଭତ୍ତା ହାତଉଛନ୍ତି।ତେବେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟରତ ଜନୈକ ଡାଟା ଏଣ୍ଟ୍ରି ଅପରେଟର ସାର୍ଟିଫିକେଟ ପିଛା ପାଞ୍ଚରୁ ଦଶ ହଜାର ଟଙ୍କା ନେଉଥିବା ପ୍ରମାଣ ମଧ୍ୟ 'ସକାଳ' ହାତରେ ରହିଛି।ଅନ୍ୟପଟେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଡାଟା ଏଣ୍ଟ୍ରି ଅପରେଟର ଓ ପାଟଣାଗଡ଼ ବ୍ଲକର ଜନୈକ କର୍ମଚାରୀ ଏହି ଭିନ୍ନକ୍ଷମ ଭତ୍ତା ଲୁଟ ଘଟଣାର ମାଷ୍ଟର ମାଇଣ୍ଡ ସାଜିଥିବା ଅଭିଯୋଗ ହେଉଛି। ଘଟଣାର ସତ୍ୟତା ଯାଞ୍ଚ ପାଇଁ ଭିଜିଲାନ୍ସ ତଦନ୍ତ ହେଲେ ଏହି ଜାଲିଆତିର ଅସଲ ଗୁମର ଫିଟିପାରିବ ବୋଲି ପ୍ରକୃତ ଭିନ୍ନକ୍ଷମ ବ୍ୟକ୍ତି ମହଲରେ ଦାବି ହେଉଛି।ଏହି ଘଟଣାରେ ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେଇ ଦୃଢ ପଦକ୍ଷେପ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀଙ୍କ ମଧ୍ୟରେ ଦାବି ହେଉଛି।

## ଗାଧୋଇବାବେଳେ ମହାନଦୀରେ ବୁଡ଼ି ମୃତ୍ୟୁ

ବୌଦ୍ଧ, ୧।୮ (ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ଗ୍ରାମରେ ଶୁକ୍ରବାର ମହାନଦୀରେ ବୁଡି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଜେନ୍ଦ୍ର ବାଘ (୪୮)। ସେ ନିକଟସ୍ଥ ମହାନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ଅସାବଧାନତା ବଶତଃ ଗୋଡ଼ ଖସିଯିବାରୁ ବୁଡ଼ିଯାଇ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। କିଛି ଲୋକ ସେହି ସମୟରେ ତାଙ୍କୁ ପାଣିରେ ଭାସୁଥିବା ଦେଖି ଉଦ୍ଧାର କରିଥିଲେ। ସେତେବେଳକୁ ସେ ଆଖି ବୁଜି ସାରିଥିଲେ। ତାଙ୍କ ପରିବାର ପକ୍ଷରୁ ହରଭଙ୍ଗା ଥାନାରେ ଅଭିଯୋଗ କରାଯାଇଛି। ହରଭଙ୍ଗା ଥାନା ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଥାନା ଅଧିକାରୀ ନଳନୀକାନ୍ତ ଦାସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ମେଡିକାଲ ପଠାଇଥିଲେ।

- ସମସ୍ୟାରେ ମହାଦେବପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

## ରାସ୍ତାରୋକ ପରେ ଚେତିଲା ପ୍ରଶାସନ

ବିନିକା, ୧।୮ (ସମିସ): ମହାଦେବପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମସ୍ୟା ଭିତରେ ଗତି କରୁଛି। ଏଣୁ ବାଧ ହୋଇ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ରାସ୍ତାରୋକ କରିଥିଲେ। ତେବେ ପ୍ରାୟ ୨ ଘଣ୍ଟା ରାସ୍ତାରୋକ ପରେ ସୁବର୍ଣ୍ଣପୁର ଜିଲ୍ଲାପାଳ ନୃପରାଜ ସାହୁ ପହଞ୍ଚିଥିଲେ। ସ୍ଥିତି ଅନୁଧ୍ୟାନ କରି ସେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ସ୍ଥିତି ସ୍ୱାଭାବିକ ହୋଇଥିଲା।

୧୯୫୮ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଏହାସହ ବାଳବାଟିକା ମିଶାଇ ୯ଟି ଶ୍ରେଣୀର ୧୧୦ ଛାତ୍ରଛାତ୍ରୀ ରହିଛନ୍ତି। ତେବେ ୯ଟି ଶ୍ରେଣୀକୁ ୨ ଜଣ ସ୍ଥାୟୀ ଶିକ୍ଷକ ଓ ଜଣେ ଡେପୁଟେସନ ଶିକ୍ଷକ ଅଛନ୍ତି। ୨ଟି ଛାତ ଘରେ ପଢ଼ା ଚାଲିଛି। ବର୍ତ୍ତମାନ ମଧ୍ୟ ୧୯୫୮ ମସିହାର ମାଟିକୋଠା ରହିଛି। ଆଜବେଷ୍ଟ ଛାଉଣି ମଧ୍ୟ ପୁରୁଣା। ଫଟା ଚଟାଣକୁ କାନ୍ଥରେ ଫାଟ ସୃଷ୍ଟି ହୋଇଚି। ଅନେକ ସମୟରେ ସାପ ବାହାରୁଛନ୍ତି। ବିପଦସଂକୁଳ କୋଠରିରେ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଆହୁରି ମଧ୍ୟ ବିଦ୍ୟାଳୟ ପରିସରରେ ଏକ ଅଙ୍ଗନବାଡି କେନ୍ଦ୍ର ରହିଛି; ଯେଉଁଠି ୧୦ ଜଣ କୋମଳମତି ଶିଶୁ ଅଛନ୍ତି। ଅଙ୍ଗନବାଡି କେନ୍ଦ୍ରର ଛାତରୁ ଓଧିୟ ସିମେଣ୍ଟ ଅତଡା ଖସି ଛଡ ବାହାରି ଗଲାଣି। ବର୍ଷା ହେଲେ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡୁଛି। ଅନେକ ସମୟରେ ବର୍ଷା ହେଲେ ଏବଂ କେନାଲ ପାଣି ବିଦ୍ୟାଳୟ ଭିତରେ ପଶି ଜମି ରହିବା ସହ କୋଠରିକୁ ପାଣି ପଶି ଯାଇଥାଏ। ଗୁରୁବାର କେନାଲ ପାଣି ବିଦ୍ୟାଳୟ ଭିତରେ ପଶି ଯାଇଥିଲା। ଛାତ୍ରଛାତ୍ରୀ ରାସ୍ତାରେ ରହିଯାଇଥିଲେ। ଏଣୁ ଅଭିଭାବକ ତଥା ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସେମାନେ ବିଦ୍ୟାଳୟ ସମ୍ମୁଖରେ ସୋନପୁର-ବିନିକା ମୁଖ୍ୟରାସ୍ତା ଅବରୋଧ କରିଥିଲେ। ରାସ୍ତାର ଉଭୟ ପଟରେ ଅନେକ ଯାନବାହାନ ଅଟକି ରହିଥିଲା। ଖବର ପାଇ ଜିଲ୍ଲାପାଳ ପହଞ୍ଚିଥିଲେ। ସମସ୍ୟାର ଯଥା ସମ୍ଭବ ତତ୍କାଳ ପଦକ୍ଷେପ ନେବାକୁ ସେ ବିନିକା ବିଡିଓ, ବିନିକା ବିଇଓ, ପିଡବ୍ଲୁଡି ଜେଇ, ସରପଞ୍ଚଙ୍କୁ ଡାକି ନିର୍ଦ୍ଦେଶ ଦେଇଥିଲେ। ପ୍ରତିଶ୍ରୁତି ପାଇବା ପରେ ରାସ୍ତାରୋକ ହଟିଥିଲା। ଏହାପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ରଘୁନାଥ ଯୁବକ ସଂଘର ସଦସ୍ୟଙ୍କ ପ୍ରସ୍ତାବ ଗ୍ରହଣ କରି ଯୁବକସଂଘ ସଭା ଗୃହରେ ଶିକ୍ଷାଦାନ କରିବାକୁ ଶିକ୍ଷକମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜଳସେଚନ ବିଭାଗ ଯନ୍ତ୍ରୀ ପହଞ୍ଚି ସ୍କୁଲ ପାଚେରି ବାହାରେ ପୋତି ହୋଇଥିବା କେନାଲକୁ ସଫା କରି ପାଣି ନିଷ୍କାସନ ବ୍ୟବସ୍ଥା କରିଥିଲେ।। ସ୍କୁଲ ଭିତରେ ଜମି ରହିଥିବା ପାଣି ନିଷ୍କାସନ ହେବା ପରେ ପରିସରରେ ବ୍ଲିଚିଂ ପାଉଡର ସିଞ୍ଚନ କରାଯିବା ସହ ଅନାବନା ଗଛଲତା ସଫା କରାଯାଇଥିଲା।

## ବଙ୍ଗୀୟ ପରିଚୟ ଦେଇ ଆସ୍ଥାନ ଜମାଉଛନ୍ତି ବାଂଲାଦେଶୀ

- ପରିଚୟ ଯାଞ୍ଚ କରୁନି ପୁଲିସ
- ଟ୍ରେନରେ ମନଇଚ୍ଛା ଆସୁଛନ୍ତି ଯାଉଛନ୍ତି

ବଲାଙ୍ଗିର, ୧।୮ (ସମିସ): ବଲାଙ୍ଗିର ଜିଲ୍ଲାର ବଲାଙ୍ଗିର ସହର ସମେତ ପ୍ରାୟ ସମସ୍ତ ବ୍ଲକ ଅଞ୍ଚଳରେ ବାଂଲାଦେଶୀ ନାଗରିକ ଆସ୍ଥାନ ଜମାଇଛନ୍ତି। କୌଶଳକ୍ରମେ ପଶ୍ଚିମବଙ୍ଗ ପରିଚୟ ତିଆରି କରି ବିଭିନ୍ନ କାମ ଆଳରେ ବାଂଲାଦେଶୀମାନେ ରହିଯାଇଥିବା ବେଳେ ସେମାନଙ୍କ ଆବଶ୍ୟକ କଡା ଯାଞ୍ଚ ହେଉନାହିଁ। ପ୍ରତିଦିନ ଶହ ଶହ ବାଂଲାଦେଶୀ ଜିଲ୍ଲାର ବିଭିନ୍ନ ସ୍ଥାନକୁ ଯାତାୟାତ କରୁଥିବା ଜଣାପଡ଼ିଛି। ବିଶେଷ କରି ପଶ୍ଚିମବଙ୍ଗରୁ ଆସୁଥିବା ଟ୍ରେନରେ ବାଂଲାଦେଶୀମାନେ ବଲାଙ୍ଗିର ଜିଲ୍ଲାକୁ ପ୍ରବେଶ କରୁଥିବା ବେଳେ ସମସ୍ତଙ୍କ ଯାଞ୍ଚ କରାଯିବା ନେଇ ଗତ କିଛି ବର୍ଷ ହେଲା ଦାବି ହୋଇଆସୁଥିବା ବେଳେ ଏଥିପ୍ରତି ପୁଲିସ ଗୁରୁତ୍ୱ ଦେଉନଥିବା ଅଭିଯୋଗ ହୋଇଛି।

ବଲାଙ୍ଗିର ଜିଲ୍ଲାରେ ଜିଲ୍ଲା ଶ୍ରମିକ ଅପେକ୍ଷା ବଙ୍ଗାଳି ଶ୍ରମିକଙ୍କ ଚାହିଦା ଅନେକ। ଘର କାମ, କାଠ କାମ, ଟାଇଲ ଓ ମାର୍ବଲ କାମ ପ୍ରାୟ ସବୁ କାମରେ ଅନେକ ସ୍ଥାନରେ ବଙ୍ଗାଳି ଶ୍ରମିକଙ୍କୁ ଦେଖିବାକୁ ମିଳୁଛି। ଯାହାକୁ ନେଇ ଲୋକେ ବଲାଙ୍ଗିରକୁ ମିନି ବଙ୍ଗଳା କହିବାକୁ ମଧ୍ୟ ପଛାଉନଥିବା ବେଳେ ବଙ୍ଗାଳି ଶ୍ରମିକ ମୁଖା ଭିତରେ ଅନେକ ବାଂଲାଦେଶୀ ଶ୍ରମିକ ରହିଥିବା ଅଭିଯୋଗ ହୋଇଛି। ଏହି ଶ୍ରମିକମାନେ ବଲାଙ୍ଗିର ସହର ସମେତ ଜିଲ୍ଲାର ବିଭିନ୍ନ ଛୋଟ ସହର ଓ ଗାଁମାନଙ୍କରେ ଘରଭଡା ନେଇ ରହୁଥିବା ଦେଖିବାକୁ ମିଳିଛି। ଅନେକଙ୍କ ଜିଲ୍ଲାର ପରିଚୟ ମଧ୍ୟ ମିଳିସାରିଛି। କିନ୍ତୁ ଏହି ବ୍ୟକ୍ତିମାନଙ୍କର ପରିଚୟକୁ ନେଇ ଯେଉଁ ସବୁ ଯାଞ୍ଚ କରାଯିବା କଥା ତାହା ହୋଇନଥିବା ଅଭିଯୋଗ ହୋଇଛି। ଫଳରେ ଏହି ଶ୍ରମିକମାନେ ବିଭିନ୍ନ ସମୟରେ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିବା ମଧ ଦେଖିବାକୁ ମିଳିଛି। ଅନେକ ସ୍ଥାନରେ ଏହି ଶ୍ରମିକ ମାନେ ସ୍ଥାନୀୟ ଯୁବତୀ ମାନଙ୍କୁ ନେଇ ଫେରାର ହେଉଥିବା ବେଳେ କିଏ ଚୋରୀ ମାମଲାରେ ମଧ୍ୟ ଲିପ୍ତ ରହୁଥିବା ଦେଖିବାକୁ ମିଳିଛି। ପ୍ରାୟ ସମସ୍ତେ ପଶ୍ଚିମବଙ୍ଗ ପରିଚୟ ଦେଇ ଜିଲ୍ଲାରେ ଆସ୍ଥାନ ଜମାଇ ବସିଥିବା ବେଳେ ଏମାନଙ୍କ ଭିତରରେ ଅନେକ ବାଂଲାଦେଶୀ ଥିବା ଲୋକେ ସନ୍ଦେହ କରୁଛନ୍ତି। ସିଧାସଳଖ ବଲାଙ୍ଗିର କୁ ପଶ୍ଚିମବଙ୍ଗରୁ ଟ୍ରେନ ଯୋଗାଯୋଗ ରହିଥିବା ବେଳେ ଟ୍ରେନରେ ପ୍ରତିଦିନ ଶହ ଶହ ଏହିଭଳି ଶ୍ରମିକ ଆସି ବଲାଙ୍ଗିର ଜିଲ୍ଲାର ଲୋଇସିଂହା, ବଲାଙ୍ଗିର, ବଡମାଲ, ସଇଁନ୍ତଲା, ଟିଟିଲାଗଡ଼ ରେ ଓହ୍ଲାଇ କଣ୍ଟାବାଞ୍ଜି, ପାଟଣାଗଡ଼, ବେଲପଡ଼ା ଅଞ୍ଚଳକୁ ଯାଇ ସେଠାରେ ରହି ନିଜ ଆସ୍ଥାନ ଜମାଇଥିବା ଅଭିଯୋଗ ହୋଇଛି। କିଛି ଦିନ ପୂର୍ବରୁ ବଲାଙ୍ଗିର ଟାଉନ ପୁଲିସ ଦୁଇ ବଙ୍ଗାଳି ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଏହିଭଳି ଅନେକ ରହିଛନ୍ତି ଯେଉଁମାନେ କି ବଲାଙ୍ଗିରରେ ଅପରାଧ ଘଟାଇ ଫେରାର ରହିଛନ୍ତି। ତେବେ ଜିଲ୍ଲାରେ ବଙ୍ଗାଳି ପରିଚୟ ନେଇ ଅନେକ ବାଂଲାଦେଶୀ ଅନୁପ୍ରବେଶକାରୀ ରହିଥିବା ସନ୍ଦେହ କରାଯାଉଥିବା ବେଳେ ପୁଲିସ ଏମାନଙ୍କ ପରିଚୟର ଆବଶ୍ୟକ ଯାଞ୍ଚ କରି ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହେଉଛି।

## ୟୁଏଏସ୍ ବ୍ୟବସ୍ଥାକୁ ବିରୋଧ





କଳମପୁର/କୋକସରା, ୧।୮ (ସମିସ)

ଆବଶ୍ୟକ ଭିତ୍ତିଭୂମି ନ ଥାଇ ୟୁଏଏସ ପ୍ରଚଳନକୁ କଳାହାଣ୍ଡି ଜିଲ୍ଲା କଳମପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ତୀବ୍ର ବିରୋଧ କରିଛି। ଏ ନେଇ କଳମପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ତଥା ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲୀପ ବେହେରାଙ୍କ ନେତୃତ୍ୱରେ ନିର୍ମାଲ୍ୟ କ୍ଷେତ୍ର ଶ୍ରୀ ଜଗନ୍ନାଥ ମନ୍ଦିର ନିକଟରୁ ଏକ ଶୋଭାଯାତ୍ରାରେ ବାହାରିଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବିଦ୍ୟାଳୟରେ ଆବଶ୍ୟକ ଭିତ୍ତିଭୂମି ନାହିଁ। ଏଭଳି ସମୟରେ ୟୁଏଏସ ଲାଗୁ କରିବା ସରକାରଙ୍କ ଦୁରଦୃଷ୍ଟିର ଅଭାବ। ପ୍ରଥମେ ଭିତ୍ତିଭୂମି ସଜଡା ଯାଉ। ପରବର୍ତ୍ତୀ ସମୟରେ ୟୁଏଏସ ଲାଗୁ କରାଯାଉ ବୋଲି ସେମାନେ ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି, ଶିକ୍ଷକ ନିଯୁକ୍ତି, ମୋବାଇଲ ଫୋନ ପ୍ରଦାନ, ନେଟ ପ୍ୟାକ, କମ୍ପ୍ୟୁଟର ଶିକ୍ଷକ ନ ଯୋଗାଇବା ପର୍ଯ୍ୟନ୍ତ ୟୁଏଏସ ପ୍ରଚଳନ ନିଷ୍ପତ୍ତିକୁ ସ୍ଥଗିତ ରଖିବା ପାଇଁ ନିବେଦନ କରିଛନ୍ତି। ନଚେତ ଶିକ୍ଷକ ଅସନ୍ତୋଷ ଆନ୍ଦୋଳନର ରୂପ ନେବ ଏଥିରେ ସଂଦେହ ନାହିଁ ବୋଲି ଚେତାବନୀ ମଧ୍ୟ ଦେଇଛନ୍ତି। ଏଭଳି କାର୍ଯ୍ୟ ବିରୋଧରେ ରାଜ୍ୟ ସାରା ପ୍ରତିବାଦ ଅନୁଷ୍ଠିତ ହେଉଥିବା ସଭାପତି ଶ୍ରୀ ବେହେରା ମତ ପ୍ରକାଶ କରିଛନ୍ତି। କଳମପୁର ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ସୁଶ୍ରୀ ମଧୁସ୍ମିତା ନାଏକ ଦାବିପତ୍ର ଗ୍ରହଣ କରି ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପଠାଇବେ ବୋଲି କହିଥିଲେ। ଏଥିରେ ସଂଘର ସଭାପତି ସମେତ ଉପସଭାପତି ଶୁଭେନ୍ଦୁ ପଣ୍ଡା, ସମ୍ପାଦକ ବିଜେ ନାଗ, ସଂଗଠନ ସମ୍ପାଦକ ରାହାସବିହାରୀ ତେଣ୍ଡକାରି, ଉପସଭାନେତ୍ରୀ ମଧୁସ୍ମିତା ରଥ, ଯୁଗ୍ମ ସମ୍ପାଦକ ରୁଦ୍ରାକ୍ଷର ନିଆଲ, ଗୋଲେକ ଚାନ୍ଦ, ମାନସ ରଞ୍ଜନ ପାଢ଼ୀ, ନବୀନ ନାଏକ, ଶିକ୍ଷକ ସନ୍ତୋଷ ଚୌଧୁରୀ, ଶିକ୍ଷୟିତ୍ରୀ ହୀରା ବାଗ, ମଧୁସ୍ମିତା ସ୍ୱାଇଁ, ବନିତା ବାଗ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କୋକସରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ମଧ ବିଇଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତୋଫାନ ମାଝୀଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି।





ଅନ୍‌ଲାଇନ୍ ଟ୍ରେଡିଂ ଆଳରେ ଠକେଇ

# ଦେଢ଼ ମାସରେ ୨ ଶହ କୋଟି ଗୋଲ

ଭୁବନେଶ୍ୱର, ୧।୮ (ସମିସ)

ରାଜଧାନୀ ନୁହେଁ ସାରା ରାଜ୍ୟରେ ଅନ୍‌ଲାଇନ୍ ଟ୍ରେଡିଂ ଆଳରେ ବଢ଼ୁଛି ସାଇବର ଠକେଇ। ରାତିଆରାତି କୋଟିପତି ହେବା ଆଶାରେ ଏକାଧିକ ବ୍ୟକ୍ତି ଅର୍ଥ ବିନିଯୋଗ କରୁଛନ୍ତି। ଠକ ଚତୁରତାର ସହ ପ୍ରଥମେ କିଛି ଟଙ୍କା ଦେଇ ଲୋକଙ୍କ ବିଶ୍ୱାସ ଜିଣୁଛନ୍ତି। ପରେ ଲୋକ ଲକ୍ଷାଧିକ ଟଙ୍କା ଲଗାଇବା ପରେ ଠକ ଆକାଉଣ୍ଟ ବ୍ଲକ କରି ଚମ୍ପଟ ମାରୁଛନ୍ତି। ଏହିଭଳି ରାଜ୍ୟରେ ଦିନକୁ ଦିନ ଅନ୍‌ଲାଇନ୍ ଟ୍ରେଡିଂ ଠକେଇ ବଢ଼ିଛି। ଗତ ଦେଢ ମାସରେ ରାଜ୍ୟର ବିଭିନ୍ନ ପୁଲିସ ଜିଲ୍ଲାରୁ ୨ଶହ କୋଟିରୁ ଉର୍ଦ୍ଧ୍ୱ ଠକେଇ ହୋଇଥିବା ସୂଚନା ମିଳିଛି। ସର୍ବାଧିକ ଠକେଇ ଭୁବନେଶ୍ୱର, କଟକରେ ହୋଇଥିବା ବେଳେ ଏହା ପରେ ବାଲେଶ୍ୱର, ବ୍ରହ୍ମପୁର, ବଲାଙ୍ଗୀର, ସମ୍ବଲପୁର ଏବଂ କନ୍ଧମାଳ ରହିଛି। ପୁଲିସ ଲୋକଙ୍କୁ ସଚେତନ କଲେ ମଧ୍ୟ ଲୋକ ସଚେତନ ହେବା ବଦଳରେ ଅଧିକରୁ ଅଧିକ ସାଇବର ଠକାମିର ଶିକାର ହେଉଛନ୍ତି। ଏହିଭଳି ଆଉ ଜଣେ ବ୍ୟକ୍ତି କୋଟିଏ ଟଙ୍କାର ସାଇବର ଠକେଇର ଶିକାର ହୋଇଛନ୍ତି। ଠକାମିର ଶିକାର ହୋଇଥିବା ରାଜେଶ ପଣ୍ଡା ସାଇବର ଥାନାରେ ଅଭିଯୋଗ କରିଛନ୍ତି। କୋଟିଏ ଟଙ୍କା ହୋଇଥିବାରୁ ତାଙ୍କୁ କ୍ରାଇମବ୍ରାଞ୍ଚ ନିକଟରେ ଅଭିଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଅଭିଯୋଗ ଆଧାରରେ ପୁଲିସ ଠକେଇ ଟଙ୍କା ଯାଇଥିବା ଆକାଉଣ୍ଟକୁ ବ୍ଲକ କରାଯାଇଥିଲେ ମଧ୍ୟ ଠକ ଉକ୍ତ ଆକାଉଣ୍ଟରୁ ଟଙ୍କା ଉଠାଇ ନେଇଛନ୍ତି।



ଅଭିଯୋଗ ଅନୁସାରେ, ରାଜେଶ ନିକଟକୁ ଏକ ଅଜଣା ଫୋନ୍ ନମ୍ବରରୁ ମେସେଜ୍ ଆସିଥିଲା। ଯେଉଁଥିରେ ଅନ୍‌ଲାଇନ୍ ଟ୍ରେଡିଂ କରି ଲକ୍ଷପତି ହେବାକୁ କୁହାଯାଇଥିଲା। ଏପରିକି ଟଙ୍କା ଦୁଇଗୁଣା କରିନଦେଲେ ଫେରସ୍ତ କରିବାକୁ ମଧ୍ୟ ଗ୍ୟାରେଣ୍ଟି ଦେଇଥିଲେ। ଏଭଳି ମେସେଜ୍ ଦେଖି ଲୋଭରେ ପଡ଼ିଯାଇଥିଲେ ରାଜେଶ। ସେ ଦିଆଯାଇଥିବା ଫୋନ୍ ନମ୍ବରକୁ କଲ୍ କରି ବୁଝିଥିଲେ। ଠକ ତାଙ୍କୁ ଏକାଧିକ ଲିଙ୍କ୍ ପଠାଇ ପ୍ରଥମେ ଜଏନ୍ କରିବାକୁ କହିଥିଲେ। ରାଜେଶ ନିଜର ବ୍ୟକ୍ତିଗତ ତଥ୍ୟ ଦେଇ ଏଥିରେ ଯୋଡ଼ି ହୋଇଥିଲେ। ଏହାପରେ ଠକ ତାଙ୍କୁ ଟଙ୍କା ଲଗାଇବା ପାଇଁ କହିଥିଲେ।

**୧୦୦ରୁ ଅଧିକ ମାମଲା ରୁଜୁକଲାଣି ପୁଲିସ**

**ପୁଣି ଜଣଙ୍କ ଠାରୁ ଲୁଟିନେଲେ ୧ କୋଟି**

ଏପରିକି କିଭଳି ଟଙ୍କା ଲଗାଇବା ସେଥିଲାଗି ଏକ ଟେଲିଗ୍ରାମ୍ ଗ୍ରୁପ୍‌ରେ ଯୋଡ଼ିଥିଲେ। ସେଥିରେ ରାଜୁ ନାମକ ବ୍ୟକ୍ତି ତାଙ୍କୁ ଟଙ୍କା ଲଗାଇବା ପାଇଁ ଗାଇଡ୍ କରିଥିଲେ। ସେ ତାଙ୍କ କହିବା ଅନୁସାରେ ଏକ ଆପ୍ ଡାଉନ୍‌ଲୋଡ୍ କରି ସେଥିରେ ନିଜର ବ୍ୟକ୍ତିଗତ ତଥ୍ୟ ଦେଇ ସାମିଲ ହୋଇଥିଲେ। ସେଥିରେ ସେ ଇ-ୱାଲେଟ୍ ମାଧ୍ୟମରେ ଟଙ୍କା ଲଗାଇବାକୁ କହିଥିଲେ। ପ୍ରଥମେ ହିମାଂଶୁ ଶେଖର ୫ ହଜାର ଟଙ୍କା ଲଗାଇଥିଲେ। ଏଥିସହ ଠକ ତାଙ୍କୁ କିଛି ଟ୍ୟାକ୍ସ କରିବା ପାଇଁ ଦେଇଥିଲେ। ଏହାକୁ କରିବା ପରେ ସାଇବର ଠକ ତାଙ୍କ ଆକାଉଣ୍ଟକୁ ୭ ହଜାର ଟଙ୍କା ଦେଇଥିଲେ। ଏହାପରେ ପୁଣି ସେ ୧୦ ହଜାର ଟଙ୍କା ଲଗାଇବା ପରେ ଠକ ତାଙ୍କୁ ୧୪ ହଜାର ଟଙ୍କା ଦେଇଥିଲେ। ଏହାପରେ ଟ୍ରେଡିଂ ଗୁରୁ ସାଜିଥିବା ରାଜୁ ତାଙ୍କୁ ବଡ଼ ଆମାଉଣ୍ଟ ଲଗାଇବାକୁ କହିଥିଲେ। ରାଜୁ କଥାରେ ପଡ଼ି ସେ ୧ଲକ୍ଷ ଲଗାଇଥିଲେ। ପରେ ତାଙ୍କୁ ସାଇବର ଠକ ଦେଢ ଲକ୍ଷ ଫାଇଦା ଦେଇଥିଲେ। ଏହାପରେ ବିଶ୍ୱାସ ହେବା ପରେ ସେ ୫୦ ଲକ୍ଷ ଏବଂ ପରେ ବାକି ୫୦ ଲକ୍ଷ ଲଗାଇଥିଲେ। ଟଙ୍କା ଲଗାଇବା ପରେ ଦୁଇ ଗୁଣା ହୋଇଥିବା ଇ-ୱାଲେଟ୍‌ରେ ଦେଖାଇଥିଲା। ଏହାକୁ ରାଜେଶ ଉଠାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ହୋଇନଥିଲା। ଶେଷରେ ଠକ ରାଜେଶଙ୍କ ଆକାଉଣ୍ଟକୁ ବ୍ଲକ କରି ଦେଇଥିଲେ। ରାଜେଶ ଟ୍ରେଡିଂ ଗୁରୁ ରାଜୁ ଏବଂ ଅନ୍ୟ ଫୋନ୍ ନମ୍ବରକୁ କଲ୍ କରିଥିଲେ ମଧ୍ୟ ତାହା ବନ୍ଦ ଥିଲା। ଶେଷରେ ଠକାମିର ଶିକାର ହୋଇଥିବା ଜାଣି ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## କମିସନରେଟ୍ ପୁଲିସରେ ଅଦଳବଦଳ

ଭୁବନେଶ୍ୱର, ୧।୮ (ସମିସ): କମିସନରେଟ ପୁଲିସର ଏସିପି ଓ ଇନ୍ସପେକ୍ଟର ସ୍ତରରେ ଅଦଳବଦଳ ହୋଇଛି। ଚନ୍ଦକା ଥାନା ଅଧିକାରୀ ତଥା ଏସିପି (ଇନଚାର୍ଜ) ଭାବେ କାର୍ଯ୍ୟରତ ବିଶ୍ୱଜିତ୍ ମନବୋଧଙ୍କୁ ଡିସିପି ଅଫିସକୁ ବଦଳି ହୋଇଛି। ନନ୍ଦନକାନନ ଥାନା ଅଧିକାରିଣୀ ସମିତା ମିଶ୍ରଙ୍କୁ ଚନ୍ଦକା ଥାନା ଅଧିକାରିଣୀ ଭାବେ ଅବସ୍ଥାପିତ କରାଯାଇଛି। ସେହିପରି କ୍ୟାପିଟାଲ ଥାନା ଅଧିକାରୀ ଦୟାନିଧି ନାୟକଙ୍କୁ ନନ୍ଦନକାନନ ଥାନାକୁ ବଦଳି ହୋଇଛି। ଡିସିପି ଅଫିସରେ କାର୍ଯ୍ୟରତ ତଥା ବର୍ତ୍ତମାନ କ୍ୟାପିଟାଲ ଥାନାର ଇନଚାର୍ଜ ରାଧାକାନ୍ତ ସାହୁଙ୍କୁ କ୍ୟାପିଟାଲ ଥାନା ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି।

## ଗୁରୁ ସୁଧାକର ସାହୁ ପୁରସ୍କାର ଉତ୍ସବ



ଭୁବନେଶ୍ୱର, ୧।୮ (ସମିସ): ଦ୍ୱିତୀୟ ଗୁରୁ ସୁଧାକର ସାହୁ ପୁରସ୍କାର ଉତ୍ସବ ରବୀନ୍ଦ୍ର ମଣ୍ଡପ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ସାଧନା କଲ୍‌ଚରାଲ ଏକାଡେମୀ ଓ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବର ଅଧିବେଶନରେ ଏକାଡେମୀର ଉପଦେଷ୍ଟା ଡ. ତରୁଣ କୁମାର ଓଝା ସ୍ୱାଗତ ଓ ସମ୍ପାଦିକା ସଂଘମିତ୍ରା ମୁଦୁଲିଙ୍କ ପ୍ରାରମ୍ଭିକ ସଂକ୍ଷିପ୍ତ ସୂଚନା ଦେଇଥିଲେ। ପରେ ନୃତ୍ୟ ଶିଳ୍ପୀ ମାନେ ସାମୂହିକ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପରେ ପରେ ଯୁବ ଓଡ଼ିଶୀ ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ଏକକ ଓ ଦଳଗତ ନୃତ୍ୟ ପରିବେଷଣ କରାଯାଇଥିଲା। ଏଥିରେ ଅତିଥିଭାବେ ପ୍ରଶାସକ, ସଙ୍ଗୀତଜ୍ଞ ତଥା ସୁ-ସାହିତ୍ୟିକ ସୁଦର୍ଶନ ଦାସ, ନୃତ୍ୟ ଶିଳ୍ପୀ ବିପଞ୍ଚୀ ଦାସ, ଗୁରୁ ନିରଞ୍ଜନ ରାଉତ, ଓଡ଼ିଶୀ ଗୁରୁ ଗଜେନ୍ଦ୍ର ପଣ୍ଡା, ଗୁରୁ ହରି ହର ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ ଅହମଦାବାଦର ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟଶିଳ୍ପୀ ଡ. ସୁପ୍ରଭା ମିଶ୍ରଙ୍କ ସମେତ ଅନ୍ୟ ନୃତ୍ୟ ଶିଳ୍ପୀମାନଙ୍କୁ ପୁରସ୍କୃତ କରିଥିଲେ। ନୃତ୍ୟଶିଳ୍ପୀମାନେ ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହି ଓଡ଼ିଶୀ ଉତ୍ସବକୁ ଉପସ୍ଥାପକ ଡ. ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ।

# ୨୬ ଲକ୍ଷର ବ୍ରାଉନ୍‌ସୁଗର ଜବତ

ଭୁବନେଶ୍ୱର, ୧।୮ (ସମିସ): ରାଜଧାନୀରେ ନିଶା କାରବାର ବଢ଼ିବାରେ ଲାଗିଛି। ସ୍କୁଲ୍, କଲେଜ, ସପିଂ ମଲ୍ ନିକଟସ୍ଥ ପାନ ଦୋକାନରେ ସହଜରେ ନିଶା ଦ୍ରବ୍ୟ ବିକ୍ରି ହେଉଛି। ଖାଲି ଏତିକି ନୁହେଁ, ବସଷ୍ଟାଣ୍ଡ ଓ ରେଳ ଷ୍ଟେସନ ଦେଇ ରାଜ୍ୟ ବାହାରକୁ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଏୟାରପୋର୍ଟ ଦେଇ ବିଦେଶୀ ନିଶା ଓଡ଼ିଶାକୁ ଆସୁଛି। କେବଳ ଓଡ଼ିଶା ନୁହେଁ, ବରଂ ରାଜ୍ୟ ଓ ଦେଶ ବାହାରେ ଥିବା ନିଶା ମାଫିଆଙ୍କ ନଜର ଏବେ ରାଜଧାନୀ ଉପରେ ଥିବା ସ୍ପଷ୍ଟ ହୋଇଛି।

ଗତକାଲି ଭୁବନେଶ୍ୱର ରେଳ ଷ୍ଟେସନରୁ ୨ ଅଣ ଓଡ଼ିଆ ବେପାରୀ ଧରାପଡ଼ିଥିବା ବେଳେ ଆଜି ରାଜଧାନୀରୁ ଠାବ ହୋଇଛି ୨୬ ଲକ୍ଷ ଟଙ୍କାର ବ୍ରାଉନସୁଗର। ବିକ୍ରି ବେଳେ ଦୁଇ ଭାଇ ସମେତ ୩ ବେପାରୀଙ୍କୁ ଗିରଫ କରିଛି ଅବକାରୀ ଷ୍ଟେସନ ୧ ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଗଣେଶ ଭୋଇ, ଗଙ୍ଗାଧର ସାହୁ ଓ ବିଦ୍ୟାଧର ସାହୁ।

ସୂଚନା ଅନୁସାରେ, ବଡ଼ଗଡ଼ ଥାନା ଅଞ୍ଚଳରେ ବ୍ରାଉନସୁଗର କାରବାର ଚାଲିଥିବା ନେଇ ଅବକାରୀ ଅବକାରୀ ଷ୍ଟେସନ ୧ ଖବର ପାଇଥିଲା। ଏକ ସ୍ୱତନ୍ତ୍ର ଟିମ୍ ସୁଶାନ୍ତି ବିହାର ଛକରେ ଚଢ଼ଉ କରିଥିଲା। ସେଠାରୁ ଗଣେଶକୁ ଅଟକ ରଖି ଯାଞ୍ଚ କରିଥିଲା। ତଲାସୀ ବେଳେ ଗଣେଶ ହେପାଜତରୁ ୬୨ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଥିଲା। ଏହାର ଆନୁମାନିକ ମୂଲ୍ୟ ୬ ଲକ୍ଷରୁ ଅଧିକ ହେବ।

ସେହିପରି ରାଜଧାନୀ ଉପକଣ୍ଠସ୍ଥ ବାଲିପାଟଣା ଅଞ୍ଚଳରେ ମଧ୍ୟ ବ୍ରାଉନସୁଗର ବିକ୍ରି ଚାଲିଥିବା ନେଇ ଖବର ମିଳିଥିଲା। ଅବକାରୀ

**ଦୁଇ ଭାଇ ସମେତ ୩ ଗିରଫ**

ଷ୍ଟେସନ ୧ର ସ୍ୱତନ୍ତ୍ର ଟିମ୍ ତରଡ଼ାପଡ଼ାରେ ଅଞ୍ଚଳରେ ଥିବା ଏକ ଘରେ ଚଢ଼ଉ କରିଥିଲା। ସେଠାର ଥିବା ଦୁଇ ଭାଇ ଗଙ୍ଗାଧର ଓ ବିଦ୍ୟାଧରକୁ ଅଟକ ରଖିଥିଲେ। ଯାଞ୍ଚ ସମୟରେ ଦୁଇ ଭାଇଙ୍କ ହେପାଜତରୁ ୧୯୫ ଗ୍ରାମ ଓଜନର ବ୍ରାଉନସୁଗର ମିଳିଥିଲା। ଅଧିକ ପଚରାଉଚରା ପାଇଁ ୩ ଅଭିଯୁକ୍ତଙ୍କୁ ଥାନାକୁ ଆଣିଥିଲା। ସେମାନେ ଦୀର୍ଘଦିନ ହେବ ନିୟମିତ ବ୍ୟବଧାନରେ ବାଲେଶ୍ୱରରୁ ବ୍ରାଉନସୁଗର ଆଣୁଥିଲେ ବୋଲି ସ୍ୱୀକାର କରିଥିଲେ। ସେଠାରୁ ଆଣି ରାଜଧାନୀ ଓ ଆଖପାଖରେ ଥିବା ବେପାରୀଙ୍କୁ ଯୋଗାଇବା ସହିତ ନିଜେ ମଧ୍ୟ ବିକ୍ରି କରୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେବେ ଏନେଇ ଅବକାରୀ ବିଭାଗ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

# ମିଳୁନି ମାଟି; କମୁଛି ମୂର୍ତ୍ତିର ଉଚ୍ଚତା

ଭୁବନେଶ୍ୱର, ୧।୮ (ସମ୍ପୂର୍ଣ୍ଣା ଦାସ)

ଏକଦା ରାଜଧାନୀ ଉପକଣ୍ଠରେ ଥିବା ବିଭିନ୍ନ ଗହୀରରେ ପ୍ରଚୁର ପରିମାଣ ଚିକିଟା ମାଟି ମିଳିଥିଲା। ଫଳରେ ରାଜଧାନୀରେ ବଡ଼ବଡ଼ ମୂର୍ତ୍ତିମାନ ନିର୍ମାଣ କରାଯାଉଥିଲା। କିନ୍ତୁ କିଛିବର୍ଷ ଧରି ରାଜଧାନୀ ସହରର ଅଭିବୃଦ୍ଧି ସାଙ୍ଗକୁ ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ମାଳମାଳ କୋଠାବାଡ଼ି ଗଢ଼ି ଉଠିଛି। ଫଳରେ ପାର୍ବଣର ମୂର୍ତ୍ତି ପାଇଁ ମାଟିର ଘୋର ଅଭାବ ପରିଲକ୍ଷିତ ହୋଇଛି। ମାଟି ଅଭାବରୁ ମୂର୍ତ୍ତିର ଉଚ୍ଚତା ମଧ୍ୟ କମିବାରେ ଲାଗିଛି।

ବର୍ତ୍ତମାନ ପାର୍ବଣ ସମୟ ହୋଇଥିବାରୁ କାରିଗରଙ୍କୁ ଏବେ ମାଟି ଚିନ୍ତା ଘାରିଲାଣି। କୁମ୍ଭାର ପରିବାରକୁ ମାଟି ମିଳିବାରେ ସମସ୍ୟା ଉପୁଜିବାରେ ଲାଗିଛି ଏପଟେ ଅନେକ କାରିଗର ନିଜ ନିଜ ବୃତ୍ତି ବଦଳେଇବାକୁ ବସିଲେଣି। ପୂର୍ବରୁ ଜୁଲାଇ ଶେଷ ଅର୍ଥାତ ଅଗଷ୍ଟ ଆରମ୍ଭରୁ ବିଭିନ୍ନ ସ୍ଥାନରୁ ଅର୍ଡର ଆସିବା ଆରମ୍ଭ ହୋଇଯାଏ। ବଡ଼ରୁ ଛୋଟ ଭଳିକିଭଳି ଡିଜାଇନର ମୂର୍ତ୍ତି ଗଢ଼ିବା ଆରମ୍ଭ କରଥାନ୍ତି କାରିଗର। ସେଥିପାଇଁ ମାଟି ଓ ନଡ଼ା ଆଣି ପୂର୍ବ ପ୍ରସ୍ତୁତିରେ ରହିଥାନ୍ତି। ମୂର୍ତ୍ତି ତିଆରି ପାଇଁ ମାଟି ବିଲରୁ ଚିକିଟା ମାଟିରେ ତିଆରି ହୋଇଥାଏ। ସେହିପରି ଆଉ କିଛି ମାଟି ମୂର୍ତ୍ତିର ଉପର ଫିନ୍‌ସିଙ୍ଗ୍ ପାଇଁ କୋଲକାତାର ଗଙ୍ଗା କୂଳରୁ ସ୍ୱତନ୍ତ୍ର ପ୍ରକାର ମାଟି ଆସିଥାଏ। ରାଜଧାନୀ ଉପକଣ୍ଠରେ ଏବେ ମା।ଳ ମାଳ କୋଠାବାଡ଼ି ଗଢ଼ି ଉଠିଥିବାରୁ ମାଟିର ଅଭାବ ଉପୁଜୁଛି। ଫଳରେ କାରିଗରମାନେ ବାହାରୁ ଆଉ କିଛି ଆଖପାଖ ଜିଲ୍ଲାରୁ ମାଟି କିଣି ଆଣୁଛନ୍ତି। ପୂର୍ବରୁ ଯେଉଁଠି ସେମାନେ ଗୋଟେ ଟ୍ରାକ୍ଟର ପିଛା ହଜାରେ ଟଙ୍କା ଦେଉଥିଲେ ବର୍ତ୍ତମାନ ତାହା ୩ ହଜାର ପାର କଲାଣି। କେବଳ ସେତିକି ନୁହେଁ ସେଥିପାଇଁ ଅଲଗା ଗାଡ଼ି ଭଡ଼ା ମଧ୍ୟ ଲାଗୁଛି ପୂର୍ବରୁ ଟ୍ରାକ୍ଟର ପିଛା ୨୦୦ ଥିଲା ବେଳେ ବର୍ତ୍ତମାନ ତାହା ୩୫୦ରେ ପହଞ୍ଚିଛି। ଏପରି ବଢ଼ୁଥିବା ଦରଦାମ ସହ ଖାପଖୁଆଇ ଚଳି ପାରୁନାହାନ୍ତି ମୂର୍ତ୍ତି କାରିଗର। ସେପଟେ ମୂର୍ତ୍ତିରେ ଲାଗୁଥିବା ରଙ୍ଗର ମୂଲ୍ୟ ବି ସମାନ ଭାବେ ବଢ଼ୁଛି। ଏପରି ଯଦି ମୂର୍ତ୍ତି ତିଆରି ସଂଖ୍ୟା ଦେଖିବା ଆଗରୁ ଯେଉଁ ମୂର୍ତ୍ତି ଭଣ୍ଡାରରେ ଶହେରୁ ଅଧିକ ମୂର୍ତ୍ତି ତିଆରି ହେଉଥିଲା ଏବେ ସେଠି ମାତ୍ର ୩୦ରୁ ୪୦ ମୂର୍ତ୍ତି ଅର୍ଡର ଅନୁଯାୟୀ ତିଆରି ହେଉଛି। ସେଥିପାଇଁ କାରିଗର ବେଶୀ ଉଚ୍ଚ ମୂର୍ତ୍ତି ତିଆରି ନ କରି ଛୋଟ ଛୋଟ ମୂର୍ତ୍ତି ତିଆରି କରୁଛନ୍ତି। କାରିଗରମାନଙ୍କ କହିବା ଅନୁଯାୟୀ ବଡ଼ମୂର୍ତ୍ତିର ସେତେ ଅର୍ଡର ଆସୁନି। ଛୋଟ ଛୋଟ ମୂର୍ତ୍ତିଗୁଡ଼ିକ ବିଭିନ୍ନ ସ୍କୁଲ୍, କଲେଜ, ଅଫିସ ଓ ଘରେ ପୂଜା ପାଇଁ ଲୋକେ କିଣୁଛନ୍ତି। ତେଣୁ ବଡ଼ ମୂର୍ତ୍ତି ଗଢ଼ିବାକୁ କାରିଗର ରାଜି ହେଉନାହାନ୍ତି। ଏ ନେଇ ଏକାମ୍ର ମୂର୍ତ୍ତି ଭଣ୍ଡାରର କାରିଗର ତପନ କୁହନ୍ତି ପ୍ରତିବର୍ଷ ତାଙ୍କ ପାଖକୁ ଅଗଷ୍ଟ ସୁଦ୍ଧା ୫୦ରୁ ଅଧିକ ଅର୍ଡର ଆସିଥାଏ। ହେଲେ ଆଜିର ଦିନରେ ତାହା ୨୦ରେ ପହଞ୍ଚିଲାଣି। ଏପଟେ ମାଟି ଦର ବଢ଼ିବା ସହ ତାଙ୍କ ପାଖରେ କାମ କରୁଥିବା ଅନ୍ୟ କାରିଗରଙ୍କୁ ମଧ୍ୟ ପ୍ରାପ୍ୟ ମିଳିବା କଷ୍ଟକର ହୋଇପଡ଼ୁଛି।



**ଉପକଣ୍ଠରେ ମାଳମାଳ କୋଠାବାଡ଼ି; ଚିନ୍ତାରେ କାରିଗର**

# ‘ଉତ୍କଳ’ କୁଳସଚିବଙ୍କ ନାଁରେ ନିର୍ଯାତନା ଅଭିଯୋଗ

ଭୁବନେଶ୍ୱର, ୧।୮ (ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟ କୁଳସଚିବଙ୍କ ବିରୋଧରେ ଆସିଛି ନିର୍ଯାତନା ଅଭିଯୋଗ। ବିତ୍ତ ଅଧିକାରୀ ଭାବେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀଙ୍କୁ ବ୍ୟକ୍ତିଗତ ଆକ୍ଷେପ କରିବା ସହ ସର୍ବସମ୍ମୁଖରେ ଅପମାନିତ କରିବା ଯୋଗୁଁ ସେ ମାନସିକ ସ୍ତରରେ ଭାରାକ୍ରାନ୍ତ ହୋଇଛନ୍ତି ଓ ସଠିକ୍ ଭାବେ କାର୍ଯ୍ୟ କରି ପାରୁନାହାନ୍ତି ବୋଲି ଅଭିଯୋଗ ହୋଇଛି। ଏନେଇ ସେ ଭାରପ୍ରାପ୍ତ କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟଙ୍କୁ ଅଭିଯୋଗ କରିବା ସହ ନ୍ୟାୟ ପ୍ରଦାନ କରିବାକୁ ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଗୁରୁବାର ପୂର୍ବାହ୍ଣରେ ଏକ ଫାଇଲ୍ ନେବାପାଇଁ କୁଳସଚିବଙ୍କ ଷ୍ଟେନୋ ତାଙ୍କ ପାଖକୁ ଆସିଥିଲେ। କୁଳସଚିବଙ୍କ ନିର୍ଦ୍ଦେଶ କ୍ରମେ ଫାଇଲ୍ ନେବାକୁ ଆସିଥିବା ଭାବି ତାଙ୍କୁ ଫାଇଲ୍ ମଧ୍ୟ ଦେଇଥିଲେ। ଏତିକିରେ ବିଗିଡ଼ି ଯାଇଥିଲେ କୁଳସଚିବ ଡ. ସ୍ୱାତୀ ମିଶ୍ର। ଅପରାହ୍ଣରେ ଭାରପ୍ରାପ୍ତ କୁଳପତିଙ୍କ ପ୍ରକୋଷ୍ଠରେ ଏହି ଫାଇଲ୍ ସମ୍ପର୍କିତ ଆଲୋଚନା ବେଳେ ଏନେଇ ତାଙ୍କ ପ୍ରତି ଖରାପ ବ୍ୟବହାର କରି କାହିଁକି ଷ୍ଟେନୋଙ୍କୁ ଫାଇଲ୍ ଦେଲେ ବୋଲି ପ୍ରଶ୍ନ କରିଥିଲେ। ଏହାସହ ତାଙ୍କ ପଦକୁ ନେଇ ଭାରପ୍ରାପ୍ତ କୁଳପତିଙ୍କ ସମେତ ଅଧସ୍ତନ କର୍ମଚାରୀଙ୍କ ସମ୍ମୁଖରେ ଅପମାନିତ କରିଥିଲେ। ସର୍ବସମ୍ମୁଖରେ ତାଙ୍କର ବ୍ୟବହାର ଓ ବୟାନ ମାନସିକ ଯନ୍ତ୍ରଣା ଦେଇଥିବା ସେ ଅଭିଯୋଗ କରିଛନ୍ତି। ମାତ୍ର ମାସେ ତଳେ ବିଶ୍ୱବିଦ୍ୟାଳୟରେ କୁଳସଚିବ ଯୋଗଦେଇଥିବା କୁଳସଚିବ ବ୍ୟକ୍ତିଗତ ଅସୂୟା ଭାବ ରଖି ନିୟମିତ ତାଙ୍କୁ ନିର୍ଯ୍ୟାତନା ଦେଉଛନ୍ତି। ଏହି ଯନ୍ତ୍ରଣାଦାୟକ ଆଚରଣ ମାନସିକ ଭାବେ ନକାରାତ୍ମକ ପ୍ରଭାବ ପକାଉଛି ଓ କାର୍ଯ୍ୟ କ୍ଷେତ୍ରରେ ବାଧା ଦେଉଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଘଟଣା ସମ୍ପର୍କରେ ଭାରପ୍ରାପ୍ତ କୁଳପତି ପ୍ରଫେସର ଦଣ୍ଡପାଟ କହିଛନ୍ତି ଯେ, ଅଭିଯୋଗ ପାଇବା ପରେ ତଦନ୍ତ କମିଟି ଗଠନ କରାଯାଇଛି। ଆସନ୍ତାକାଲି କମିଟି ବୈଠକ କରି ତଦନ୍ତ କରିବ। ଅଭିଯୋଗ ସମ୍ପର୍କରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ମଧ୍ୟ ତଦନ୍ତ କରିବ ବୋଲି ସେ ସୂଚନା ଦେଇଛନ୍ତି।

**■ ତଦନ୍ତ କମିଟି ସହ ଆଇସିସି କରିବ ଯାଞ୍ଚ: ଭାରପ୍ରାପ୍ତ କୁଳପତି**

# ହକର୍‌ଙ୍କୁ ଆକ୍ରମଣ ଘଟଣା: ଜଣେ ଗିରଫ



ଭୁବନେଶ୍ୱର, ୧।୮ (ସମିସ): ବସ୍ ହକର୍‌ଙ୍କୁ ନେଇ ହକରଙ୍କୁ ଆକ୍ରମଣ ଘଟଣାରେ ଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବରମୁଣ୍ଡା ତଳ ସାହିର ସମ୍ଭୁ ଓରଫ୍ ସମ୍ଭୁନାଥ ପାଲଟାସିଂହ (୨୪)।

ପୁଲିସ ସୂଚନା ଅନୁସାରେ, ଗତ ୩୦ ତାରିଖ ଦିନ ଜଣେ ଯାତ୍ରୀ କଳ ମାଲକାନଗିରି ଯିବା ଲାଗି ୯୫୦ ଟଙ୍କା ଦେଇ ମହାଦେବ ବସର ଟିକେଟ କିଣିଥିଲେ। ସେହି ସମୟରେ ଯାତ୍ରୀ ସଂଗ୍ରହ କରୁଥିବା ଗୋପୀନାଥ ବସ୍‌ର ହକର ପ୍ରଭାତଙ୍କୁ ଟିକେଟ ମୂଲ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ତାଙ୍କ ପ୍ରଶ୍ନର ଉତ୍ତରରେ, ମାଲକାନଗିରି ଲାଗି ବସର ଟିକଟ ୭୦୦ ଟଙ୍କା ବୋଲି ପ୍ରଭାତ କହିଥିଲେ। ଏହା ଜାଣିବା ପରେ ଯାତ୍ରୀ ଜଣକ ମହାଦେବ ବସର କର୍ମଚାରୀଙ୍କୁ ଏନେଇ ଅଭିଯୋଗ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଶମ୍ଭୁ, ବସ୍ ମାଲିକ ଓ ଦୁଇ କର୍ମଚାରୀ ମିଶି ପ୍ରଭାତଙ୍କୁ ସଂଘବଦ୍ଧ ମରଣାନ୍ତକ ଆକ୍ରମଣ କରିଥିଲେ। ବରମୁଣ୍ଡା ବସଷ୍ଟାଣ୍ଡ ଛାଡ଼ି ପଳାଇବାକୁ ଧମକ ଦେବା ସହ ପକେଟରୁ ୨୭୫୦ ଟଙ୍କା ଛଡ଼ାଇ ନେଇଥିଲେ। ଏନେଇ ଶ୍ରୀ ସାହୁ ଅଭିଯୋଗ କରିବା ପରେ ଭରତପୁର ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ଆଜି ସମ୍ଭୁକୁ ଗିରଫ କରି କୋର୍ଟ ଚାଲାଣ କରିଛି।

**କେବେ ଅଲଗା ହେବ ଲ’ ଆଣ୍ଡ ଅର୍ଡର ଏବଂ ତଦନ୍ତ**

# ଲୋକଙ୍କ କଥା ପଛ; ଭିଆଇପି ସୁରକ୍ଷା ଆଗ

ଭୁବନେଶ୍ୱର, ୧।୮ (ସମିସ)

ସବୁଆଡେ ବିଫଳ ହେବା ପରେ ଥାନାକୁ ଗଲେ ନ୍ୟାୟ ମିଳିବ ବୋଲି ରାଜଧାନୀବାସୀ ମନରେ ବିଶ୍ୱାସ ରହିଛି। ତେଣୁ ସେମାନେ ଅଭିଯୋଗ ନେଇ ଥାନାର ଦ୍ୱାରସ୍ଥ ହେଉଛନ୍ତି। କିନ୍ତୁ ଏବେ ପୁଲିସ ସେମାନଙ୍କୁ ନ୍ୟାୟ ଦେବାରେ ବିଫଳ ହେଉଛି। ଏହାର କାରଣ ହେଲା ଲୋକଙ୍କୁ ନ୍ୟାୟ ଦେବା ପଛରେ ଥାଉ, କିନ୍ତୁ ଭିଆଇପିଙ୍କ ସୁରକ୍ଷା ଆଗରେ ରହୁ। ଥାନାକୁ ଯିଏ ଆସୁଛି ତାଙ୍କର ଅଭିଯୋଗ ରଖି ପୁଲିସ ମାମଲା ରୁଜୁ କରି ଏତଲା କପି ଧରାଇ ଦେଉଛି। ନ୍ୟାୟ ଦେବା ତ ଦୂରର କଥା। ଥାନାକୁ ଯାଇ ଅଭିଯୋଗକାରୀ ପଚାରିଲେ, ବାବୁ କହୁଛନ୍ତି ଥାନାରେ କେହି ନାହାନ୍ତି। ଅଧିକାରୀ ଭିଆଇପିଙ୍କ ସୁରକ୍ଷା ଦାୟିତ୍ୱରେ ଯାଇଛନ୍ତି। ଏବେ ପ୍ରତିଟି ଥାନାର ଅଧିକାରୀମାନେ ଏଭଳି ଢଙ୍ଗରେ ଅଭିଯୋଗକାରୀଙ୍କୁ କହି ଥାନାରୁ ବିଦା କରି ଦେଉଛନ୍ତି। ବିଚରା ଲୋକଟି ଥାନାକୁ ଦୌଡ଼ି ଦୌଡ଼ି ନିରାଶ ହେବା ପରେ ବାଧ୍ୟ ହୋଇ ଆଉ ଆଇନ୍ ଜାଲରେ ନ ପଡ଼ି କୋର୍ଟରେ ମାମଲା ଆପୋଷ ସମାଧାନ କରି ଦେଉଛନ୍ତି। ବଡ଼ ଆଶ୍ଚର୍ଯ୍ୟର ବିଷୟ ହେଲା ଗତ ୬ ମାସରେ ରାଜଧାନୀରେ ୪୦ରୁ ଅଧିକ ଥର ଲ’ ଆଣ୍ଡ ଅର୍ଡର ଏବଂ ଭିଆଇପି ସୁରକ୍ଷା ପାଇଁ ପୁଲିସ ଆରେଞ୍ଜମେଣ୍ଟ ହୋଇଛି।

ଗତ ଜାନୁୟାରୀ ୧୮ରେ ପ୍ରବାସୀ ଭାରତୀୟ ଦିବସ ପାଳନ ପାଇଁ କେନ୍ଦ୍ରମନ୍ତ୍ରୀ ଓଡ଼ିଶା ଆସିଥିଲେ। ତେଣୁ ଏହାକୁ ନଜରରେ ରଖି ସହରରେ ଅନେକ ପୁଲିସ କର୍ମଚାରୀ ଏବଂ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସେହିପରି ୨୦୨୪ ନଭେମ୍ବର ୨୯ ଏବଂ ୩୦ରେ ଭୁବନେଶ୍ୱରରେ ସର୍ବଭାରତୀୟ ଡିଜିପି ଏବଂ ଆଇଜିଙ୍କ ଦୁଇ ଦିନିଆ ସମ୍ମିଳନୀ ହୋଇଥିଲା। ଏଥିରେ ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀ ଓ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ମୁଖ୍ୟମାନେ ଯୋଗ ଦେଇଥିଲେ। ଗତ ଜୁନ ୨୦ରେ ପ୍ରଧାନମନ୍ତ୍ରୀଙ୍କ ରୋଡ଼ ସୋ କାର୍ଯ୍ୟକ୍ରମ ହୋଇଥିଲା। ସୁଭଦ୍ରା ଯୋଜନା ଶୁଭାରମ୍ଭ ବେଳେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ। ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକାଧିକ କେନ୍ଦ୍ରମନ୍ତ୍ରୀଙ୍କ ଓଡ଼ିଶାଗସ୍ତ। ଗତ ଜୁଲାଇ ୧୧ରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ। ଗତ ଜୁଲାଇ ୧୪ରେ ରାଷ୍ଟ୍ରପତିଙ୍କ ଓଡ଼ିଶାଗସ୍ତ। ଆହୁରି ମଧ୍ୟ ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମହତ୍ୟାକୁ ନେଇ ଏମ୍ସରେ ଗଣ୍ଡଗୋଳ ଏବଂ ବିଭିନ୍ନ ଦଳ ପକ୍ଷରୁ ହୋ ହାଲ୍ଲା ପାଇଁ ପୁଲିସ ବ୍ୟବସ୍ଥା। କଂଗ୍ରେସ ପକ୍ଷରୁ ଓଡ଼ିଶା ବନ୍ଦ ପାଇଁ ପୁଲିସ ଆରେଞ୍ଜମେଣ୍ଟ। ଆହୁରି ମଧ୍ୟ ବଳଙ୍ଗା ନାବାଳିକା ପୋଡ଼ି ଘଟଣାରେ ଏମ୍ସ ଏବଂ ଭୁବନେଶ୍ୱରରେ ବିକ୍ଷୋଭ ପାଇଁ ପୁଲିସ ଆରେଞ୍ଜମେଣ୍ଟ ରହିଥିଲା। କେବଳ ଏହି ବ୍ୟବସ୍ଥା ନୁହେଁ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟପାଳଙ୍କ କାର୍ଯ୍ୟକ୍ରମ ପାଇଁ ମଧ୍ୟ ପୁଲିସ ନିୟୋଜିତ ରହିଥିଲା। ଏହିଭଳି ଏକାଧିକ କାର୍ଯ୍ୟକ୍ରମରେ ପୁଲିସ ବ୍ୟସ୍ତ ରହିଥିଲା।

**■ ଅଭିଯୋଗ କଲେ ମାମଲା ରୁଜୁକରି ବସିପଡୁଛି ପୁଲିସ**

**■ ଗତ ୬ ମାସରେ ୪୦ ଭିଆଇପି ଆରେଞ୍ଜମେଣ୍ଟ**

**■ ନାହାନ୍ତି କର୍ମଚାରୀ; ମାମଲା ଚାପରେ ଚେପା ତଦନ୍ତ ଅଧିକାରୀ**

ବିଶେଷ ମାମଲା ଶେଷ କରିବା ପାଇଁ ଦିଆଯାଉଥିବା ଟାର୍ଗେଟ ସେମାନଙ୍କୁ ମାନସିକ ଚାପକୁ ନେଇ ଆସୁଛି। ଯିଏ ମାମଲା ଶେଷ କରି ପାରୁନି, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ରାଜଧାନୀର ଅନେକ ପୁଲିସ କର୍ମଚାରୀ ଓ ଅଧିକାରୀ ଭିଭିଆଇପି ସୁରକ୍ଷାରେ ନିୟୋଜିତ ରହୁଛନ୍ତି। ସେମାନେ ସକାଳୁ ୯ଟାରୁ ଘରୁ ବାହାରି ଆସୁଥିବା ବେଳେ ଘରକୁ କେତବେଳେ ଯିବେ ତାହା କହି ହେଉନାହିଁ। କହିବାକୁ ଗଲେ କମିସନରେଟ ପୁଲିସ ଦିନକୁ ୧୮ ଘଣ୍ଟାରୁ ଅଧିକ ସମୟ ଧରି କାମ କରୁଛନ୍ତି। ଅନେକ ଥାନା ଅଧିକାରୀ ମଧ୍ୟ ଆଇନ୍ ଶୃଙ୍ଖଳା ଏବଂ ଭିଭିଆଇପିଙ୍କୁ ସୁରକ୍ଷା ଦୃଷ୍ଟିରୁ ଘରକୁ ନଯାଇ ଥାନାରେ ରହି ଯାଉଛନ୍ତି। ଅନେକ ଦିନରେ ଭିଭିଆଇପିଙ୍କ ଗସ୍ତ ପରେ ଥାନାରେ ଡିସିଓଙ୍କୁ ଛାଡିଦେଲେ ବାକି ପୁଲିସଙ୍କୁ ଥାନାରେ ଦେଖିବାକୁ ମିଳୁ ନାହିଁ।

ଓଡ଼ିଶା ପୁଲିସରେ ଏବେ ପାଖାପାଖି ୨୦ ପ୍ରତିଶତ ପଦବୀ ଖାଲି ପଡ଼ିଛି। ରାଜ୍ୟର ବିଭିନ୍ନ ପୁଲିସ ଜିଲ୍ଲା ନୁହେଁ କମିଶନରେଟ୍ ପୁଲିସରେ ମଧ୍ୟ ଏକାଧିକ ପୁଲିସ ପଦବୀ ଫାଙ୍କା ପଡ଼ିଛି। ଏଭଳି ସମସ୍ୟାର ସମାଧାନ ପାଇଁ ଆଇନ ଶୃଙ୍ଖଳା ଏବଂ ତଦନ୍ତକୁ ଅଲଗା କରିବାକୁ ଗୃହ ବିଭାଗ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ଏପରିକି ଭୁମନେଶ୍ୱର ଦୁଇ ଜଣ ଡିସିପି ରହିବେ। ଜଣେ ପୂର୍ବ ଜୋନ ସମ୍ଭାଳିଲେ ଅନ୍ୟ ଜଣେ ପଶ୍ଚିମ ସମ୍ଭାଳିବେ। ହେଲେ ବର୍ତ୍ତମାନ ତାହା କେବଳ ଫାଇଲ ହୋଇ ରହିଯାଇଛି। ଏହି ଦୁଇ ଯୋଜନା କରାନଗଲେ ଆଉ କିଛି ଦିନ ପରେ ଭୁବନେଶ୍ୱରରେ ମାମଲା ସଂଖ୍ୟା ୨୫ ହଜାର ପାର କରିଯିବ। ବିପିଆରଡି ନିର୍ଦ୍ଦେଶାବଳୀ ଅନୁସାରେ, ପ୍ରତି ଏକ ଲକ୍ଷ ଜନସଂଖ୍ୟାରେ ହାରାହାରି ଭାବେ ୧୪୦ଜଣ ପୁଲିସ କର୍ମଚାରୀ ନିୟୋଜିତ ହେବା କଥା। ଏହି ଆଧାରରେ ଓଡ଼ିଶାରେ ମଞ୍ଜୁରିପ୍ରାପ୍ତ ପୁଲିସ ପଦବୀ ସଂଖ୍ୟା ୯୮ ରହିଛି। କିନ୍ତୁ ଖାଲି ପଡ଼ିଥିବା ପଦବୀକୁ ବିଚାର କଲେ ଆମ ରାଜ୍ୟରେ ଏବେ ମାତ୍ର ୮୩ଜଣ କାର୍ଯ୍ୟ କରୁଛନ୍ତି।


ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରାମଚନ୍ଦ୍ର ପାତ୍ର
ସିଆପଡା, ଆନନ୍ଦପୁର
ଆବିର୍ଭାବ - ୧୨.୧୦.୧୯୪୩
ତିରୋଧାନ - ୦୨.୦୮.୨୦୨୪
ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ମହାପ୍ରଭୁଙ୍କ ପାଦପଦ୍ମରେ ଆମର ଏତିକି ପ୍ରାର୍ଥନା ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ନାରାୟଣ, ମନରଂଜନ, ନିରଞ୍ଜନ, ଡଲି, ଚନ୍ଦନା, ଚିନା, ଡନି, ସୋନି, କାହ୍ନୁ, ଶିଲି, ରାନୀ, ଲାଲା, ଗୁଡଲି ଓ ପରିବାରବର୍ଗ

### ଚକ୍ରଧରପୁରରେ ଚିନ୍ତା ବଢ଼ାଇଲେ କିଡ୍‌ନୀ ରୋଗୀ

# ୯୨ ନମୁନାରୁ ୧୮ ପଜିଟିଭ ଚିହ୍ନଟ

କବାଟବନ୍ଧ, ୧।୮ (ସମିସ)

ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ଚକ୍ରଧରପୁର ପଞ୍ଚାୟତରେ କିଡ୍‌ନୀ ରୋଗ ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢ଼ାଇ ଦେଇଛି। ଗତ ଅପ୍ରେଲ ୨୫ ତାରିଖରେ କ୍ରୋନିକ କିଡ୍‌ନୀ ରୋଗ ସମ୍ବନ୍ଧୀୟ ଏକ ସଚେତନତା ଶିବିର ଧର୍ମଶାଳା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଚକ୍ରଧରପୁର ପଞ୍ଚାୟତ ଅଧୀନ ଆଦିବାସୀ ଗାଁ ବଲାଙ୍ଗିଆଠାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରରେ କିଡ୍‌ନୀ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ସ୍ୱାସ୍ଥ୍ୟ ଅଧିକାରୀମାନେ ଗ୍ରାମବାସୀଙ୍କୁ ସଚେତନ କରିବା ସଙ୍ଗେ ସଙ୍ଗେ ୯୨ ଜଣ ଗ୍ରାମବାସୀଙ୍କ ରକ୍ତ ନମୁନା ଉକ୍ତ ଦିନ ସଂଗ୍ରହ କରିଥିଲେ। ରକ୍ତ ନମୁନା ପରୀକ୍ଷଣରୁ ଯାହା ରିପୋର୍ଟ ଆସିଲା ତାହା ସ୍ୱାସ୍ଥ୍ୟ ବିଭାଗର ମୁଣ୍ଡ ବ୍ୟଥାର କାରଣ ସାଜିଛି। ମୋଟ ୯୨ ନମୁନାରୁ ୧୮ ଜଣ କିଡ୍‌ନୀ ରୋଗୀ ଚିହ୍ନଟ ହୋଇଛନ୍ତି। ଯଦି ଗୋଟିଏ ଗାଁର ଅବସ୍ଥା ଏମିତି ତା'ହେଲେ ପାହାଡ଼ ଏବଂ କ୍ରସର ସ୍ଥାପନା ହୋଇଥିବା ଆହୁରି ଅନେକ ଅଞ୍ଚଳର ସ୍ଥିତି କ'ଣ ହେଇଥିବ ତାହା ଉଦ୍‌ବେଗଜନକ।

ସ୍ଥାନୀୟ ଅଞ୍ଚଳରେ ବ୍ୟାପକ କ୍ରସର ଏବଂ ଖଣି



ଖାଦାନ ଗଢ଼ି ଉଠିଥିବାରୁ ପରିବେଶ ପ୍ରଦୂଷଣ ଜନିତ ସମସ୍ୟା ସୃଷ୍ଟିହୋଇଛି। ଜଳ ଉତ୍ସଗୁଡ଼ିକ ବ୍ୟାପକ ଭାବେ ପ୍ରଦୂଷିତ ହୋଇଥିବା କାରଣରୁ କିଡ୍‌ନୀ ରୋଗୀଙ୍କ ସଂଖ୍ୟା ଏହି ଅଞ୍ଚଳରେ ଦିନକୁ ଦିନ ବଢ଼ି ଚାଲିଛି। ସ୍ଥାନୀୟ ବିଛାଖଣ୍ଡିର ଚନ୍ଦନନଗର ଗ୍ରାମରେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ୫ ଜଣ ମୃତ୍ୟୁବରଣ କରିଥିବା ବେଳେ ଆହୁରି ଅନେକ ଲୋକ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅଛନ୍ତି। ବିଛାଖଣ୍ଡି, କୁସୁନପୁର, ଚକ୍ରଧରପୁର, ନୂଆଗଡ଼, ଉପରଗଡ଼, ବାଲିସାହି, ଅଞ୍ଜିରା, ଅଳସଗଣ୍ଡ, ଡଙ୍କୁଣିଆ, ଲୁଣିବେରୀ, ବାରମାଣ, ନୂଆସାହି ଏବଂ ଏହାର ଆଖପାଖ ଗ୍ରାମମାନଙ୍କରେ ଏହି ରୋଗର ଭୟାବହତା ଦେଖା ଦେଇଛି। ଠିକାଦାର ପଥର ଖାଦାନରୁ ପଥର ଉତ୍ତୋଳନ କରି ମାଲାମାଲ ହେଉଥିବା ବେଳେ ଅଯଥାରେ ନିରୀହ ଲୋକାଙ୍କ ଜୀବନ ଯାଉଛି; ମାତ୍ର ଏଥିପ୍ରତି କାହାର ନିଘା ନାହିଁ। ସ୍ୱାସ୍ଥ୍ୟ ବିଭାଗ ତରଫରୁ ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ବେଳେ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବା ପରିବାର ପାଇଁ ସ୍ଥାନୀୟ ରାଜନେତା ଦୁଃଖ ପ୍ରକାଶ କରିବା ଛଡ଼ା ଆଉ କିଛି କରି ପାରୁନାହାଁନ୍ତି। ଯଦି ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏହି ଅଞ୍ଚଳର ପ୍ରତ୍ୟେକ ଗାଁରେ ନମୁନା ସଂଗ୍ରହ କରାଯାଏ; ତେବେ ଶହ ଶହ ସଂଖ୍ୟାରେ କିଡ୍‌ନୀ ରୋଗୀ ବାହାରିବେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଲିଜ୍ ଓ ବେଆଇନ ଖାଦାନ ଏ ଅଞ୍ଚଳରେ ଚାଲୁଥିବା ସରକାରୀ ଏବଂ ବେସରକାରୀ ପଥର ଖାଦାନମାନଙ୍କରେ ପ୍ରତ୍ୟେହ ବ୍ୟାପକ ବିସ୍ଫୋରକ ବ୍ୟବହାର କରାଯାଉଥିବାରୁ ଏ ଅଞ୍ଚଳର ଜଳ ଉତ୍ସ ଗୁଡ଼ିକ ପ୍ରଦୂଷିତ ହୋଇ ଯାଇଥିବା କୁହାଯାଉଛି। ଉକ୍ତ ଜଳ ଉତ୍ସରୁ ପାନୀୟ ଜଳ ବ୍ୟବହାର କରୁଥିବା ଲୋକମାନେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେଉଥିବା ଦେଖା ଯାଉଛି। ଶେଷ ଅବସ୍ଥାରେ ଆକ୍ରାନ୍ତ ରୋଗୀଟି ମେଡିକାଲକୁ ଚିକିତ୍ସା ପାଇଁ ଗଲା ବେଳକୁ କିଡ୍‌ନୀ ଫେଲ୍ ବୋଲି ପରୀକ୍ଷା ରିପୋର୍ଟ ଆସୁଛି। ଏହି ରୋଗ କିପରି ଆଗକୁ ଆଉ ନିରୀହ ଜୀବନ ହାନି ନ କରିବ ସେଥିପାଇଁ ସରକାରଙ୍କ ତରଫରୁ ଠୋସ ପଦକ୍ଷେପ ଗ୍ରହଣ କରିବା ଜରୁରୀ ହୋଇପଡ଼ିଛି।

## ଯୁବତୀଙ୍କ ଫଟୋ ଭାଇରାଲ କରି ଯୁବକ ଗିରଫ

ସୁକିନ୍ଦା, ୧।୮ (ସମିସ): ସୁକିନ୍ଦା ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ଆପତ୍ତିଜନକ ଫଟୋ ଭାଇରାଲ କରିବା ଅଭିଯୋଗରେ ରାଜନଗର ଅଞ୍ଚଳର ଜଣେ ଯୁବକଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନା ମୁତାବକ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଥାନା ଭଗବାନପୁର ଅଞ୍ଚଳର ରଜନୀକାନ୍ତ ବେହେରାଙ୍କ ପୁଅ ରଶ୍ମି ରଞ୍ଜନ ବେହେରା (୨୬) ସୁକିନ୍ଦା ଥାନା ଅନ୍ତର୍ଗତ ବନ୍ଧଗାଁ ଅଞ୍ଚଳର ଜଣେ ଯୁବତୀଙ୍କ ଆପତ୍ତିଜନକ ଫଟୋ, ଭିଡ଼ିଓ ଭାଇରାଲ କରିଥିବା ନେଇ ସୁକିନ୍ଦା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୁଲିସ ୧୦୪/୨୦୨୫ରେ



ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ପରେ ସମ୍ପୃକ୍ତ ଯୁବକ ରଶ୍ମିରଞ୍ଜନଙ୍କୁ ଗିରଫ କରି ଶୁକ୍ରବାର ଦିନ କୋର୍ଟଚାଲାଣ କରିଥିବା ଥାନାଧିକାରୀ ବିଲ୍ୱମଙ୍ଗଳ ସେଠୀ ସୂଚନା ଦେଇଛନ୍ତି।

### ■ ଆବାସ ଯୋଜନାରୁ ବଞ୍ଚିତ ଖଗେଶ୍ୱର

## ପାଲ ତଳେ ୪ ପ୍ରାଣୀ କୁଟୁମ୍ବ

କୟାଁଗୋଲା, ୧।୮ (ସମିସ): ଓଳିଏ ଖାଇଲେ ଦି ଓଳି ଉପାସ। ନା ଅଛି ପିନ୍ଧିବାକୁ ଭଲ କପଡ଼ା; ନା ଖରା, ବର୍ଷା, ଶୀତରୁ ମୁଣ୍ଡ ଗୁଞ୍ଜିବାକୁ ଅଛି ଖଣ୍ଡେ ଭଲ ଘର। ପାଲ ପକାଇ ରହିବାକୁ ପଡ଼େ ଭଙ୍ଗା ଘରେ। ଲଗାଣ ବର୍ଷା ହେଲେ ରାତି ଉଜାଗରରେ କାଟି ଦିଅନ୍ତ ୪ ପ୍ରାଣୀ କୁଟୁମ୍ବ। ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଅନ୍ତର୍ଗତ କୟାଁ ପଞ୍ଚାୟତ ଅଧୀନ ଧରମପୁର ଗ୍ରାମରେ। ଗ୍ରାମର ହୃଷୀକେଶ ମଲ୍ଲିକଙ୍କ ପୁଅ ଖଗେଶ୍ୱର ମଲ୍ଲିକ, ବୟସ ପ୍ରାୟ ୪୨ବର୍ଷ ହେବ। ଏହି ବୟସରେ ସେ ଆଜି ଭାଙ୍ଗି ପଡ଼ିଛନ୍ତି। ପରିବାର କହିଲେ ଖଗେଶ୍ୱର, ତାଙ୍କ ପତ୍ନୀ କବିତା ଓ ତାଙ୍କର ୨ପିଲା। ହେଲେ ବଞ୍ଚିବା ପାଇଁ ଲୋଡ଼ା ସାମାନ୍ୟ ମୌଳିକ ଆବଶ୍ୟକତାରୁ ବଞ୍ଚିତ ଏହି ପରିବାର। ଖଗେଶ୍ୱର ଗାଁରେ ପର



ଲୋକଙ୍କ କାମ କରିଲେ (ଦିନ ମଜୁରିଆ) ସେଥିରେ ପରିବାର ଚଳେ। ଆବାସ ପାଇଁ ଖଗେଶ୍ୱର ଅନେକ ଥର ପୂର୍ବ ସରପଞ୍ଚ, ଲୋକ ପ୍ରତିନିଧିଙ୍କୁ ଭେଟି ଭେଟି ଥକି ପଡ଼ିଛନ୍ତି। ଦୀର୍ଘ ଦିନ ଧରି ପଞ୍ଚାୟତରେ ପ୍ରକାଶ ପାଉଥିବା ହିତାଧିକାରୀ ତାଲିକାରେ ପତ୍ନୀ କବିତା ମଲ୍ଲିକଙ୍କ ନାମ ବାରମ୍ବାର ପ୍ରକାଶ ପାଉଥିଲେ ମଧ୍ୟ ତାଙ୍କୁ ଅଣ ଦେଖା କରାଯାଇ ତାଙ୍କ ପଛରେ ଥିବା ହିତାଧିକାରୀଙ୍କୁ ଗୃହ ଯୋଗାଇ ଦିଆଯାଉଛି। ଖଗେଶ୍ୱରଙ୍କୁ ସରକାରଙ୍କ ଠାରୁ ରାସନକାର୍ଡ ଖଣ୍ଡେ ମିଳିଛି। ସେହିଥିରେ ମିଳୁଥିବା ଚାଉଳ ଗଣ୍ଡାରେ ପିଲାଙ୍କୁ ପେଟରେ କଷ୍ଟେମଷ୍ଟେ ଦାନା ଗଣ୍ଡା ଯୋଗାଇ ପାରୁଛନ୍ତି। ଅଭାବ ଭିତରେ ପିଲାଙ୍କ ପାଠପଢ଼ା ଅବହେଳିତ ହୋଇପଡ଼ିଛି। ସକାଳ ହେଲେ ପେଟ ଚିନ୍ତାରେ ଗାଁରେ ମୂଲମଜୁରୀ ଲାଗିଥାନ୍ତି। ଆଜି ଯାଏ ସରକାରୀ କର୍ମଚାରୀ ପ୍ରଶାସନ ନଜର ପଡ଼ିନାହିଁ ଏହି ପରିବାର ଉପରେ। ବୈତରଣୀ ନଦୀ କୁଳିଆ ଘର ଥିବାରୁ କୁମ୍ଭୀର ଭୟ ମଧ୍ୟ ସବୁବେଳେ। ବର୍ଷରେ ୩କି ୪ଥର ବନ୍ୟା ଆସେ। ଘର ଡ଼ିହ ବୁଡ଼ିଯାଏ। ଘର ଭିତରେ ପାଣି ଲହରୀ ମାରେ। ଏଭଳି ଦୟନୀୟ ଅବସ୍ଥାରେ ଜୀବନ କାଟୁଛନ୍ତି ଖଗେଶ୍ୱରଙ୍କ ପରିବାର। ତେବେ ଖଗେଶ୍ୱରଙ୍କୁ ଘର ଖଣ୍ଡେ ପାଇଁ ଗ୍ରାମବାସୀ ପ୍ରଶାସନଙ୍କ ନିକଟରେ ଦାବି କରିଛନ୍ତି।

## ପୂର୍ଣ୍ଣାନନ୍ଦ ମିଶ୍ର ସ୍ମୃତି ପାଠାଗାରର ପ୍ରତିଷ୍ଠା ଦିବସ

ଯାଜପୁର, ୧।୮ (ସମିସ): ଯାଜପୁର ପୌରପାଳିକା ଅନ୍ତର୍ଗତ ବିରଜା ଉଚ୍ଚ ବିଦ୍ୟାଳୟ ପରିସର ସ୍ଥିତ ପୂର୍ଣ୍ଣାନନ୍ଦ ମିଶ୍ର ସ୍ମୃତି ପାଠାଗାରର ୨୪ତମ ପ୍ରତିଷ୍ଠା ଦିବସ ପାଠାଗରର ସମ୍ମିଳନୀ କକ୍ଷରେ ମହାସମାରୋହରେ ପାଳନ କରାଯାଇଛି। ପ୍ରଧାନ ଶିକ୍ଷକ ବିଶ୍ୱମ୍ଭର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ନୃସିଂହ ଚରଣ ମହାପାତ୍ର ପାଠାଗାର ଓ ପଠନ କକ୍ଷର ସ୍ଥାପନ ଓ କ୍ରମ ବିକାଶ ସମ୍ପର୍କରେ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ଗଦାଧର ରାଉତ, ନୃସିଂହ ଚରଣ ଜେନା, ରବି ଶତପଥୀ, କୃଷ୍ଣ ଚନ୍ଦ୍ର ମିଶ୍ର, ଲକ୍ଷ୍ମୀପ୍ରିୟା ରାଉତରାୟ, ଦେବାଶିଷ ମହାନ୍ତି ପ୍ରମୁଖ ପାଠାଗାର ବିଷୟରେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଜୟ କୁମାର ଦାସ, ଧନଞ୍ଜୟକେଶରୀ ରାଉତରାୟ, ଭରତ ଚନ୍ଦ୍ର ସାହୁ, ରଜତ କୁମାର ମହାନ୍ତି, ନିରୁପମା ମହାନ୍ତି, ନୃସିଂହ ଚରଣ ଜେନା ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଅପରାହ୍ଣରେ ବିଦ୍ୟାଳୟର ପ୍ରତିଷ୍ଠାତା ଦେବାନ ବାହାଦୁର ହରିବଲ୍ଲଭ ଦାସଙ୍କ ଶ୍ରାଦ୍ଧ ବାର୍ଷିକ ସଭାରେ ପାଠାଗାରର ସଭାପତି କହ୍ନାଇ ଚରଣ ମହାନ୍ତି, ଯୁଗ୍ମ ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ତିନିଜଣ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ।

## ରୋଗୀ କଲ୍ୟାଣ ସମିତି ବୈଠକ




ମଙ୍ଗଳପୁର, ୧।୮ (ସମିସ): ଦୀର୍ଘ ୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବନ୍ଦ ଥିବା ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି (ଆର୍‌କେଏସ) ସାଧାରଣ ପରିଷଦ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରିଣୀ ଡ. ଅମ୍ରିତା ପ୍ରୀତମ ମଲ୍ଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ। ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ, ବ୍ଲକ ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ, ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ, ଦଶରଥପୁର ସିଡିପିଓ ଶାନ୍ତିଲତା ସେଠୀ, ରୋଗୀ କଲ୍ୟାଣ ସମିତି ସଭ୍ୟ ଇଂ. ତିମିରକାନ୍ତ ସେନାପତି, ମଙ୍ଗଳପୁରର ପୂର୍ବତନ ସରପଞ୍ଚ ଶିଶିର ଧଳ, ବିଧାୟିକାଙ୍କ ପ୍ରତିନିଧି ପ୍ରଶାନ୍ତ ମହାନ୍ତି, ସ୍ୱର୍ଣ୍ଣପ୍ରଭା ରାଉତ ପ୍ରମୁଖ ଯୋଗ ଦେଇଥିଲେ। ମେଡିକାଲରେ ଡାକ୍ତର, ଫର୍ମାସିଷ୍ଟ, ନର୍ସଙ୍କ ଅଭାବ ସହିତ ନୂତନ ଗୃହ ନିର୍ମାଣ କାର୍ଯ୍ୟଶୀଘ୍ର ଶେଷ କରିବାକୁ ମେଡିକାଲ କର୍ତ୍ତୃପକ୍ଷ ଦାବି ରଖିଥିବା ବେଳେ ୨ ବିଧାୟିକା ଏଥିପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଖୁବଶୀଘ୍ର ଏହାର ସ୍ଥାୟୀ ସମାଧାନ କରିବାକୁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବାକୁ ଦାବି କରିଥିଲେ। ରାଜ୍ୟରେ ବିଜେପି ସରକାରକୁ ଆସିବା ପରେ ସ୍ୱାସ୍ଥ୍ୟସେବା ପ୍ରତି ଚରମ ଅବହେଳା କରୁଛି ବୋଲି ବିଧାୟିକା ଶ୍ରୀମତୀ ମଲ୍ଲିକ କହିଥିଲେ।

### କ୍ରୋମନଗର ବିଦ୍ୟାଳୟ ସମସ୍ୟା

## ସ୍କୁଲ ସୁରକ୍ଷା କମିଟିର ଜନସଭା ପାଇଁ ପ୍ରସ୍ତୁତି

ବ୍ୟାସନଗର, ୧।୮ (ସମିସ): କ୍ରୋମନଗର ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟ ସୁରକ୍ଷା କମିଟିର ସଭାପତି ପିତବାସ ମିଶ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବରିଷ୍ଠ ଶ୍ରମିକ ନେତା ବିଦ୍ୟାଧର ମହାନ୍ତି, ବ୍ୟାସନଗର ପୌରପରିଷଦର କାଉନସିଲର ବିଜୟ କୁମାର ଜେନା, କୁନି ହାଁସଦା, କାଉନସିଲରଙ୍କ ପ୍ରତିନିଧି ଅନୁପ କୁମାର ନାୟକ, ସ୍କୁଲ ସୁରକ୍ଷା କମିଟିର ଉପସଭାପତି ଇନ୍ଦ୍ରମଣି ଭୂୟାଁ, ସମ୍ପାଦକ ସଂଗ୍ରାମ କେଶରୀ ପହି, ସହ ସମ୍ପାଦକ ଅନୁପ କୁମାର ରାଉତ ଛାତ୍ର ଅଭିଭାବକ, ପୁରାତନ ଛାତ୍ର ପ୍ରତିନିଧି, ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜିବୀମାନେ ଉପସ୍ଥିତ ରହିଥିଲେ।



ଗତ ଜୁନ୍ ୩୦ ତାରିଖରେ ଫେରୋକ୍ରୋମ କାରଖାନାର ପରିଚାଳିତ ଓଏମ୍‌ସିର ୟୁନିଟ୍ ହେଡ୍ ରଶ୍ମିରଞ୍ଜନ ପରିଡ଼ାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଆଲୋଚନା ମତ ଅନୁସାରେ ଅସାମ୍ବିଧାନିକ ଭାବେ ଗଢ଼ା ହୋଇଥିବା ବିଦ୍ୟାଳୟ କମିଟି ଭାଙ୍ଗିବା ନିଷ୍ପତ୍ତି କାର୍ଯ୍ୟକାରୀ ହୋଇନଥିବାରୁ ଏହି ବୈଠକରେ ତାହାର ଆଲୋଚନା କରାଯାଇଥିଲା। ଏହା ସହିତ ସେତେବେଳେ ଆଲୋଚନା ହୋଇଥିବା ୫ ଦଫା ଦାବି ସ୍କୁଲ ପରିଚାଳନା କମିଟିକୁ ଭାଙ୍ଗି ନୂତନ କମିଟି ଗଠନ କରିବା, ବିପଦପୂର୍ଣ୍ଣ ସ୍କୁଲ ଗୃହଟିକୁ ଭାଙ୍ଗି ନୂତନ ଗୃହ ନିର୍ମାଣ କରିବା, ସ୍କୁଲଟିକୁ ଅତ୍ୟାଧୁନିକ ଢାଞ୍ଚାରେ ନିର୍ମାଣ କରିବା ନିମନ୍ତେ ଓଏମସି ମୁଖ୍ୟ କାର୍ଯ୍ୟାଳୟକୁ ପତ୍ର ଲେଖି ତାର ନକଲ ବିଦ୍ୟାଳୟ ସୁରକ୍ଷା କମିଟିକୁ ଦେବା ଆଦି ୩ଦିନ ବିତିଯାଇଥିଲେ କୌଣସି ଉତ୍ତର ନ ଦେବାକୁ ନେଇ ଏହି ବୈଠକରେ ପୁରାତନ ଛାତ୍ରମାନେ ଉଦ୍‌ବେଗ ପ୍ରକାଶ କରିଥଲେ। ତତ୍‌ସହିତ ଆସନ୍ତା ୧୦ ତାରିଖରେ ଛାତ୍ରଛାତ୍ରୀଙ୍କ ଅଭିଭାବକ, ପୁରାତନ ଛାତ୍ରମାନେ, ବିଭିନ୍ନ ସାମାଜିକ ସଂଗଠନ ଓ ବିଭିନ୍ନ ରାଜନୀତି ଦଳର ଜନ ପ୍ରତିନିଧି ଓ ଅଞ୍ଚଳର ବରିଷ୍ଠ ସାମ୍ବାଦିକମାନଙ୍କୁ ନେଇ ସୁରକ୍ଷା କମିଟି ପକ୍ଷରୁ ଏକ ଜନସଭା ଓ ସାମ୍ବାଦିକ ସମ୍ମିଳନୀ ଆୟୋଜିତ କରାଯିବ ବୋଲି ଶୁକ୍ରବାର ବୈଠକରେ ବ୍ୟାପକ ପ୍ରସ୍ତୁତି କରାଯାଇଛି ଯାହା ସୁରକ୍ଷା କମିଟିର ସଭାପତି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି।

## ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କବାଟବନ୍ଧ, ୧।୮ (ସମିସ): ଧର୍ମଶାଳା ବ୍ଲକ ମଧୁସୂଦନପୁର ପଞ୍ଚାୟତ ସୋରାଇ ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଘୁନାଥ ସାହୁଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାହ୍ନୁଚରଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଉଦ୍‌ଘାଟକ ଭାବେ ପୂର୍ବତନ ମଣ୍ଡଳ ଶିକ୍ଷାଧିକାରୀ ନିଳାମ୍ବର ମିଶ୍ର ଯୋଗ ଦେଇଥିଲେ। ସମାଜସେବୀ ଅନୀଲ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ସୁମିତ୍ରା ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଧର୍ମଶାଳା ମଣ୍ଡଳ ଶିକ୍ଷା ଅଧିକାରୀ ଅଭୟ କୁମାର ସାହୁ, ସମ୍ମାନିତ ବକ୍ତା ଭାବେ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଚଣ୍ଡିଖୋଲର ପ୍ରାଧ୍ୟାପକ ଡ. ଦିଲ୍ଲୀପ କୁମାର ନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମଧୁସୂଦନପୁର ପଞ୍ଚାୟତ ସରପଞ୍ଚ ରଞ୍ଜୁକ୍ତା ସ୍ୱାଇଁ, ବିଶିଷ୍ଟ ସାହିତ୍ୟିକ ରଶ୍ମିତା ବେହେରା, ଆଞ୍ଚଳିକ ସାଧନା କେନ୍ଦ୍ର କୃଷ୍ଣଚନ୍ଦ୍ରପୁର ସଂଯୋଜକ ବୃନ୍ଦାବନ ଚନ୍ଦ୍ର ପ୍ରଧାନ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁମିତ୍ରା ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ବ୍ରଜ କିଶୋର ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଯୁଗଳ କିଶୋର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ସାହୁ, ଗଦାଧର ସ୍ୱାଇଁ, ଜଳଧର ବେହେରା, ଶୁକଦେବ ସାହୁ, ଶରତ ସ୍ୱାଇଁ, ଚୈତନ୍ୟ ସ୍ୱାଇଁ, କୋଦଣ୍ଡଧର ନାୟକ, ସୂର୍ଯ୍ୟମଣୀ ଜେନା, ଜଟାଧାରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଅଭିମନ୍ୟୁ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ରୀନାରାଣୀ ସାହୁ, ସୌମ୍ୟା ସୁଚରିତା ଜେନା, ରାଜେନ୍ଦ୍ର ମଲ୍ଲିକ, ପୁରାତନ ଛାତ୍ର ସଂସଦ ସଭାପତି ପ୍ରଦୀପ ଧୀର, ସମ୍ପାଦକ ଦୀପକ ପୃଷ୍ଟି ସମେତ ପୁରାତନ ଛାତ୍ରଛାତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ/ସଭ୍ୟା ରଞ୍ଜନ ଦାଶ, ମନୋରମା ଦଳାଇ, ଲୋକନାଥ ବାରିକ, ବିଚିତ୍ର ନାୟକ, ବିଜୟ କୁମାର ସାହୁ, ସୁମିତ୍ରା ଦଳାଇ, ପୁଷ୍ପାଞ୍ଜଳି ଦଳାଇ, ଅନ୍ନପୂର୍ଣ୍ଣା ପଣ୍ଡାଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଅପରାହ୍ଣ ରେ ଏକ ବିରାଟ ଶୋଭାଯାତ୍ରା ବିଦାୟୀ ପ୍ରଧାନ ଶିକ୍ଷକଙ୍କୁ ଦାନଗଦୀ ବ୍ଲକ ନୀଳମଣିଦେଇପୁର ଶାସନ ତାଙ୍କ ବାସଭବନ ପର୍ଯ୍ୟନ୍ତ ନିଆଯାଇଥିଲା।

## ବିଜେଡି ସୋସିଆଲ ମିଡିଆ ବୈଠକ

ବଡ଼ଚଣା, ୧।୮ (ସମିସ): ବଡ଼ଚଣା ବିଜେଡି କାର୍ଯ୍ୟାଳୟରେ ସତ୍ୟବ୍ରତ ସାମଲଙ୍କ ଅଧ୍ୟକ୍ଷତାରେ ସୋସିଆଲ ମିଡିଆର ସଦସ୍ୟମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈ÷ଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଜେଡି ନେତା କ୍ୟାପଟେନ ରାଜ ନାରାୟଣ ମହାପାତ୍ର ଉପସ୍ଥିତ ରହି ବଡ଼ଚଣାର ବିଭିନ୍ନ ଅଞ୍ଚଳରେ ମାଙ୍କଡ଼ା, ମୋରମ, ବାଲି ଓ ମାଟି ଚୋରାଚାଲାଣ କରାଯାଉଥିବା ଖବର ତଥା ବିଭିନ ସରକାରୀ କାର୍ଯ୍ୟାଳୟରେ ହେଉଥିବା ଦୁର୍ନୀତି ବିରୋଧରେ ଓ ବ୍ଲକ ବିଜେଡି ପକ୍ଷରୁ ପ୍ରତିବାଦ ଖବର ସୋସିଆଲ ମିଡିଆରେ ଜୋରଦାର ପ୍ରଚାର ପ୍ରସାର କରିବା ସହ ବିରୋଧ କରିବା ପାଇଁ ପରାମର୍ଶ ଦେଇଛନ୍ତି। ବଡ଼ଚଣାର ବିଭିନ୍ନ ଅଞ୍ଚଳରୁ ଯୋଗଦେଇଥିବା କର୍ମକର୍ତ୍ତାମାନେ ସୋସିଆଲ ମିଡିଆରେ ଜୋରଦାର ବିରୋଧ କରାଯିବା ନେଇ ମତବ୍ୟକ୍ତ କରିଛନ୍ତି। ଏହି ବୈଠକରେ ସଞ୍ଜୀବ ସାମଲ, ଅଜିତ ସିଂ ରାଜପୁତ, କମରୁଜ ଖାଁ, ତ୍ରିନାଥ ସାମଲ, ସ୍ମୃତିରଞ୍ଜନ ଜେନା, ସୁଶାନ୍ତ ପରିଡ଼ା, ସେକ ତରିଖଉଦ୍ଦିନ, ଶଶି ଦାସ, ଜୟ ପ୍ରକାଶ ସାମଲ, ସନ୍ତୋଷ କୁମାର ମାହାଲା, ସତ୍ୟ ରଞ୍ଜନ ସିଂ, ଶ୍ରୀକାନ୍ତ ସାମଲ, ଅମ୍ବୁଜ ମୁଦୁଲି, ଅଭିମନ୍ୟୁ ପ୍ରଧାନ, ଜ୍ୟୋତି ରଞ୍ଜନ ସ୍ୱାଇଁ, କାହ୍ନୁଚରଣ ରାଉତ, ପ୍ରଭୁଦତ୍ତ ଜେନା, ଅକ୍ଷୟ କୁମାର ଲେଙ୍କା, ସଞ୍ଜୟ ସିଂ, ମିହିର ରାଉତ, ଚିକୁନ ମହାରଣା, ସମୀର ସାହୁ, ଉପେନ୍ଦ୍ର ମହାନ୍ତି, ସୁଶାନ୍ତ ସାହୁଙ୍କ ସମେତ ଅନେକ କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବିତରକଙ୍କୁ ଆର୍ଥିକ ସହାୟତା ପ୍ରଦାନ

ଧର୍ମଶାଳା, ୧।୮ (ସମିସ): ଧର୍ମଶାଳା ବ୍ଲକ ବଡ଼ମଙ୍ଗଳପୁର ଗ୍ରାମର ଖବର କାଗଜ ବିତରକ ରାମଚନ୍ଦ୍ର ମହାନ୍ତି (ଦାମ) କିଛି ଦିନ ହେଲା ପକ୍ଷଘାତ ରୋଗରେ ଶିକାର ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ଖବର ପାଇ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟର ସଦସ୍ୟମାନେ ତାଙ୍କ ଘରେ ପହଞ୍ଚି ତାଙ୍କୁ ଭେଟି ତାଙ୍କର ଆଶୁଆରୋଗ୍ୟ କାମନା କରିବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ ଦାମ ଗତ ୨୪ ତାରିଖ ସକାଳୁ ଖବରକାଗଜ ବାଣ୍ଟୁଥିବା ବେଳେ ଅସୁସ୍ଥତା ଅନୁଭବ କରିଥିଲେ। ଉଚ୍ଚ ରକ୍ତଚାପ ଯୋଗୁଁ ସେ ପକ୍ଷଘାତ ରୋଗର ଶିକାର ହୋଇଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ କିଛି ଦିନ ଚିକିତ୍ସାରେ ରହିବା ପରେ ସେ ଗତକାଲି ଘରକୁ ଫେରିଛନ୍ତି। ଏବେ ତାଙ୍କର ଗୋଟିଏ ଗୋଡ଼ ଅଚଳ ହୋଇପଡ଼ିଥିବା ବେଳେ ସେ କେଉଁ ଆଡେ ଯା'ଆସ କରିପାରୁନାହାନ୍ତି। ଔଷଧ ଖାଇବା ସହିତ ଫିଜିଓଥେରାପି କରିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ସେ ଜଣେ ଗରିବ ଶ୍ରେଣୀର ଲୋକ ହୋଇଥିବା ବେଳେ ପରିବାରରେ ଛୋଟ ଛୋଟ ଦୁଇଟି ପିଲା ଏବଂ ପତ୍ନୀ ଅଛନ୍ତି। ସେ ପରିବାରର ଏକ ମାତ୍ର ରୋଜଗାରିଆ ହୋଇଥିବାରୁ ଏବେ ପରିବାର ବହୁ କଷ୍ଟରେ ଜୀବନ ଅତିବାହିତ କରୁଛନ୍ତି। ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ରାଜେଶ ପାଳ, ସୌମ୍ୟରଞ୍ଜନ ଘଟୁଆରି, ମଦନ ମୋହନ ନାୟକ, ପରମେଶ୍ୱର ପଣ୍ଡା, ଅଶୋକ ସାହୁ, ଅଜୟ ନାୟକ କାଳୀପ୍ରସନ ସାହୁ, ଦେବାଶିଷ ଖୁଣ୍ଟିଆ, ସାମ୍ବାଦିକ ଗୁଲାମ ଗସ, ବିମଳ ପତି ପ୍ରମୁଖ ଉପସ୍ଥିତ ଥିଲେ।

## ଅନ୍ୱେଷଣର ନୂତନ ନାଟକ ନିମନ୍ତେ ବହି ପୂଜା

ଯାଜପୁର, ୧।୮ (ସମିସ): ଯାଜପୁର ଜିଲ୍ଲାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପର ଆଗାମୀ ସପ୍ତମ ବାର୍ଷିକ ଉତ୍ସବ ଓ ଲୋକକଳା ମହୋତ୍ସବ ନିମନ୍ତେ ଅନୁଷ୍ଠାନ ପକ୍ଷରୁ ପରିବେଷଣ ହେବାକୁ ଥିବା ଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ ଅନ୍ୱେଷଣର ବରିଷ୍ଠ ସଦସ୍ୟ ଖଗେଶ୍ୱର ସାହୁଙ୍କର ରଚିତ ନୂତନ ନାଟକ 'ସନ୍ଥ ହାଡ଼ି ଦାସ'ର ବହି ପୂଜା ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା'ବିରଜାଙ୍କ ପାଖରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠାନର ସମସ୍ତ କଳାକାର ଓ କର୍ମକର୍ତ୍ତାମାନେ ମା'ବିରଜାଙ୍କ ମନ୍ଦିର ପରିସରରେ ଏକତ୍ରିତ ହୋଇ ଏହି ନାଟକଟି ଆଗାମୀ ସପ୍ତମ ବାର୍ଷିକ ଉତ୍ସବ ଓ ଲୋକକଳା ମହୋତ୍ସବରେ କିଭଳି ସଫଳ ହେବା ସେଥିପାଇଁ ମା'ଙ୍କ ପାଖରେ ପୂଜା ଅର୍ଚ୍ଚନା କରିବା ସହିତ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ର, ଉପସଭାପତି ସୁବାସ ଚନ୍ଦ୍ର ଦେବତା, କୋର କମିଟିର ସଦସ୍ୟ ଭରତ ଚନ୍ଦ୍ର ବେହେରା, ସୂର୍ଯ୍ୟକାନ୍ତ ସେଠୀ, ଅଶୋକ କୁମାର ପାଣିଗ୍ରାହୀ, ସୌଭାଗ୍ୟ ତ୍ରିପାଠୀ, ରବିନାରାୟଣ ରାଉତ, କୋଷାଧ୍ୟକ୍ଷ ଡ଼ିଜେନ୍ଦ୍ର ରାଉତ, ସହ ସମ୍ପାଦିକା ଶକୁନ୍ତଳା ବେହେରା, ବରିଷ୍ଠ ସଦସ୍ୟ କିଶୋର କୁମାର ଦାସ, ବିଷ୍ଣୁ ଚରଣ ଲେଙ୍କା, ରଞ୍ଜନ କୁମାର ବେହେରା, ଜିତେନ୍ଦ୍ର କୁମାର ସାହୁ, ସଦସ୍ୟା ଟୁନି ବେହେରା, ସହ ସଂଗଠନ ସମ୍ପାଦକ ତାରାକାନ୍ତ ମଲ୍ଲିକ, ସୂର୍ଯ୍ୟମଣି ବେଦୀ, ଅନୁଷ୍ଠାନର ନାଟ୍ୟ ନିର୍ଦ୍ଦେଶକ ପ୍ରଦୀପ କୁମାର ନନ୍ଦ, ସୋମନାଥ ରଣା ମା'ବିରଜାଙ୍କ ପୂଜକ ଜଗନ୍ନାଥ ପାଣି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ସମ୍ପାଦକ ଅଭିମନ୍ୟୁ ମିଶ୍ର ସମସ୍ତ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।

### ପ୍ରଧାନଶିକ୍ଷକଙ୍କ ବଦଳି ପ୍ରତିବାଦ

## ସ୍କୁଲରେ ତାଲା ପକାଇଲେ ଛାତ୍ରଛାତ୍ରୀ

ପ୍ରୀତିପୁର/ ବିଞ୍ଝାରପୁର, ୧।୮ (ସମିସ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଫଳପୁର ଅଦ୍ୱୈତ ଚରଣ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ସାମଲଙ୍କ ବଦଳିକୁ ବିରୋଧ କରି ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରତିବାଦ କରିଛନ୍ତି। ଯାହାକୁ ନେଇ ଆଜି ସକାଳେ ଛାତ୍ରଛାତ୍ରୀ ସ୍କୁଲ ମୁଖ୍ୟ ଫାଟକରେ ତାଲା ପକାଇ ପ୍ରଧାନ ଶିକ୍ଷକଙ୍କ ବଦଳି ବାତିଲ ପାଇଁ ଦାବି କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାଇ ୧୯୮୦ ମସିହାରୁ ପ୍ରତିଷ୍ଠିତ ଏହି ବିଦ୍ୟାଳୟ ଉପରେ ଶିକ୍ଷା ଗ୍ରହଣ ପାଇଁ ଶହ ଶହ ଛାତ୍ରଛାତ୍ରୀ ନିର୍ଭର କରୁଥିବା ବେଳେ ଏବେ ସ୍କୁଲରେ ଶିକ୍ଷକ ସମସ୍ୟ ବେଶ ଉତ୍କଟ ରହିଛି। ନବମ ଓ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବା



ଛାତ୍ରଛାତ୍ରୀଙ୍କ ପାଇଁ ବିଜ୍ଞାନ ଓ ଗଣିତ ଶିକ୍ଷକ ନଥିବା ବେଳେ ପ୍ରଧାନ ଶିକ୍ଷକ ଏହି ବିଷୟ ପଠନ କରାଇଥାନ୍ତି। ମାତ୍ର ଅଚାନକ ତାଙ୍କର ବଦଳି ଆଦେଶ ଆସିବା ପରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଠପ୍ ହୋଇଯାଇଛି। ସରକାର ପ୍ରଥମେ ନୂଆ ଶିକ୍ଷକ ନିଯୁକ୍ତି କରନ୍ତୁ ଓ ତା'ପରେ ଶିକ୍ଷକ ବଦଳି କରନ୍ତୁ ବୋଲି ଛାତ୍ରଛାତ୍ରୀ ଦାବି କରିଥିଲେ। ଅଭିଭାବକମାନେ ମଧ୍ୟ ଛାତ୍ରଛାତ୍ରୀଙ୍କୁ ସମର୍ଥନ କରିବା ସହିତ ପ୍ରଥମେ ଶିକ୍ଷକ ନିଯୁକ୍ତି କରାଯାଉ ବୋଲି ଦାବି କରିଛନ୍ତି। ଘଟଣା ସ୍ଥଳରେ ବିଞ୍ଝାରପୁର ବ୍ଲକ ଶିକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ବିଶ୍ୱାଳ, ଅଳକୁଣ୍ଡ ଥାନା ଅଧିକାରୀ ଦେବାଶିଷ ଶତପଥି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିଥିଲେ। ଏହାପରେ ଛାତ୍ରଛାତ୍ରୀ ମୁଖ୍ୟ ଫାଟକ ଖୋଲି ଶ୍ରେଣୀଗୃହକୁ ଯାଇଥିଲେ। ତେବେ ପ୍ରଧାନ ଶିକ୍ଷକଙ୍କ ବଦଳି ବାତିଲ ଓ ନୂତନ ଶିକ୍ଷକ ନିଯୁକ୍ତ କରାନଗରେ ପୁଣି ଏଭଳି ଆନ୍ଦୋଳନ ପାଇଁ ଛାତ୍ରଛାତ୍ରୀ ଚେତାବନୀ ଦେଇଛନ୍ତି। ଘଟଣା ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀଙ୍କୁ ପଚାରିବାରୁ ସେ କୁହନ୍ତି ଛାତ୍ରଛାତ୍ରୀ ଧାରଣାରେ ବସିଥିବା ଖବର ପାଇ ଉଚ୍ଚ ଅଧିକାରୀଙ୍କ ନିର୍ଦ୍ଦେଶରେ ଘଟଣାସ୍ଥଳରେ ପହଞ୍ଚି ଛାତ୍ରଛାତ୍ରୀଙ୍କ ଅଭିଯୋଗ ଗ୍ରହଣ କରିଛି। ଏଥିନେଇ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଅବଗତ କରିବେ ବୋଲି ସେ ପ୍ରକାଶ କରିଛନ୍ତି।

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରାମଚନ୍ଦ୍ର ପାତ୍ର
ସିଆପଡା, ଆନନ୍ଦପୁର
ଆବିର୍ଭାବ - ୧୨.୧୦.୧୯୪୩
ତିରୋଧାନ - ୦୨.୦୮.୨୦୨୪
ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ମହାପ୍ରଭୁଙ୍କ ପାଦପଦ୍ମରେ ଆମର ଏତିକି ପ୍ରାର୍ଥନା ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ନାରାୟଣ, ମନରଂଜନ, ନିରଞ୍ଜନ, ଡଲି, ଚନ୍ଦନା, ଚିନା, ତନି, ସୋନି, କାହ୍ନୁ, ଶିଲି, ରାନୀ, ଲାଲା, ଗୁଡଲି ଓ ପରିବାରବର୍ଗ

## ଘରୋଇ ଜମିରେ ତାଟୋ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ଉଚ୍ଛେଦ ପୂର୍ବକ ଜମି ହସ୍ତାନ୍ତର ପାଇଁ ଅଦାଲତଙ୍କ ନିର୍ଦ୍ଦେଶ




କରଞ୍ଜିଆ, ୧/୮ (ସମିସ): କରଞ୍ଜିଆ ବ୍ଲକ ତାଟୋସ୍ଥିତ ଏକ ଘରୋଇ ଜମିରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉଚ୍ଛେଦ ପୂର୍ବକ ଜମିର ମାଲିକାନା ସ୍ୱତ୍ୱ ଥିବା ବ୍ୟକ୍ତିଙ୍କୁ ହସ୍ତାନ୍ତର ପାଇଁ ବୁଧବାର ସିଭିଲ ଜଜ (ସିନିୟର ଡିଭିଜନ) ନିର୍ଦ୍ଦେଶ ଦେଇଛନ୍ତି। କରଞ୍ଜିଆ- ଯଶିପୁର ମୁଖ୍ୟ ରାସ୍ତା ପାର୍ଶ୍ୱରେ ୧୯୬୨ ମସିହାରେ ତାଟୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ହୋଇଥିଲା। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବ୍ଲକର ୮ଟି ପଞ୍ଚାୟତର ଜନସାଧାରଣ ନିର୍ଭରଶୀଳ। ପରବର୍ତ୍ତୀ ସମୟରେ ସରକାର ଏହାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉନ୍ନୀତ କରିଥିଲେ; ମାତ୍ର ତାଟୋ ମୌଜାରେ ଖାତା ନଂ ୧୧୪ ଓ ପ୍ଲଟ ନଂ ୮୦୫, ୮୦୮, ୮୦୯, ୮୧୦, ୮୦୫/୯୮୬ରେ ମୋଟ ୯୦ ଡେସିମିଲ ଜମିର ମାଲିକାନା ସ୍ୱତ୍ୱ ଭିକାରୀ ଚରଣ ଦାସଙ୍କ ନାମରେ ରହିଛି। ଫଳରେ ଉକ୍ତ ଜମିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ହେବା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଶ୍ରୀ ଦାସ ନିଜ ପରିବାରକୁ ନେଇ ଶୀର୍ଷାରେ ରହୁଥିବାବେଳେ ତାଙ୍କର ୩ ପୁଅଙ୍କ ମଧ୍ୟରେ ବଡ଼ପୁଅ ପୁଲକିତ ବାରିପଦାରେ, ମଝିଆଁ ପୁଅ ଭୂପତି ମାର୍ଶାରେ ରହୁଥିବାବେଳେ ସାନପୁଅ ଦେବେନ୍ଦ୍ର ନିଜ ପୈତୃକ ସମ୍ପତ୍ତି ଉପରେ ରହିବା ପାଇଁ ମନସ୍ଥ କରି ତାଟୋ ଆସିଥିଲେ; ମାତ୍ର ତାଙ୍କ ବାପାଙ୍କ ନାମରେ ଥିବା ଜମି ଉପରେ ସ୍ୱାସ୍ଥ୍ୟକେନ୍ଦ୍ର ଗଢ଼ି ଉଠିଥିବା ଦେଖି ୨୦୧୦ ମସିହାରେ ସେ କରଞ୍ଜିଆ ସିଭିଲ ଜଜ (ସିନିୟର ଡିଭିଜନ)ଙ୍କ ଅଦାଲତରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଓ ତାଟୋ ମେଡ଼ିକାଲ ଅଫିସରଙ୍କୁ ପକ୍ଷଭୁକ୍ତ କରି ଏକ ମୋକଦମା ଦାଏର କରିଥିଲେ। ଗତ ୨୦୧୭ରେ ଅଦାଲତଙ୍କ ଶୁଣାଣି ପରେ ଉକ୍ତ ଜମିକୁ ଖାଲି କରି ହସ୍ତାନ୍ତର ପାଇଁ ନିର୍ଦ୍ଦେଶ ଦେଇଥିଲେ। ରାୟ ବିରୋଧରେ ରାଜ୍ୟ ସରକାର, ଜିଲ୍ଲା ମେଡ଼ିକାଲ ଅଫିସର ଏବଂ ତାଟୋ ମେଡ଼ିକାଲ ଅଫିସର ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଦୌରାଜଜଙ୍କ କୋର୍ଟରେଭ ଅପିଲ ମୋକଦ୍ଦମା ଦାୟର କରିଥିଲେ; ମାତ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ନିଯୁକ୍ତ ଓକିଲ ଉକ୍ତ ମୋକଦ୍ଦମାରେ କୌଣସି ପଦକ୍ଷେପ ନ ନେବା ଯୋଗୁଁ ୨୩.୩.୨୦୨୩ରେ ଅଦାଲତ ଅପିଲ ମୋକଦ୍ଦମାକୁ ଖାରଜ କରିଥିଲେ। ପୁନଃ ୨୦୨୪ ମସିହାରେ ଦେବେନ୍ଦ୍ର ଦାସ ତାଙ୍କ ଡିଗ୍ରୀ ଜମିର ଦଖଲ ହସ୍ତାନ୍ତର ନିମନ୍ତେ ଅଥବା ଡିଗ୍ରୀ ଅନୁଯାୟୀ ଜମି ଅଧିଗ୍ରହଣ ଆଇନ ଅନୁସାରେ ତାଙ୍କ ଡିଗ୍ରୀ ଜମିର କ୍ଷତିପୂରଣ ଅର୍ଥ ପ୍ରଦାନ ପାଇଁ ସିଭିଲ ଜଜ (ସିନିୟର ଡିଭିଜନ)ଙ୍କ ଅଦାଲତରେ ଡିଗ୍ରୀ ଜାରି ମୋକଦ୍ଦମା ନଂ. ୩/୨୦୨୪ ଦାଖଲ କରିଥିଲେ। ଉକ୍ତ ମୋକଦ୍ଦମାରେ ରାଜ୍ୟ ସରକାର ଓ ଅନ୍ୟ ପ୍ରତିବାଦୀଙ୍କୁ କୋର୍ଟ ନୋଟିସ ଜାରି କରିଥିଲେ ମଧ୍ୟ ସେମାନେ କ୍ଷତିପୂରଣ ରାଶି ପ୍ରଦାନ କରିବାରେ ଅସଫଳ ହୋଇଥିଲେ। ତେଣୁ ଜୁଲାଇ ୩୦ ତାରିଖରେ ଉକ୍ତ ଜମିରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉଚ୍ଛେଦ ପୂର୍ବକ ଡିଗ୍ରୀଦାର ଦେବେନ୍ଦ୍ର ଦାସଙ୍କୁ ଜମି ହସ୍ତାନ୍ତର ନିମନ୍ତେ ଆବଶ୍ୟକୀୟ କାଗଜପତ୍ର ଦାଖଲ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଦେବେନ୍ଦ୍ର ଦାସଙ୍କ ପକ୍ଷରୁ ଅଦାଲତରେ ବରିଷ୍ଠ ଓକିଲ ବାଞ୍ଛାନିଧି ପୃଷ୍ଟି ମୋକଦ୍ଦମା ପରିଚାଳନା କରିଥିଲେ।

## ଥାନାରେ ଆଇନ ସଚେତନତା ଶିବିର

ରାସଗୋବିନ୍ଦପୁର, ୧/୮ (ସମିସ): ରାସଗୋବିନ୍ଦପୁର ଥାନା ପରିସରରେ ନୂତନ ଆଇନ ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଇନ୍ସପେକ୍ଟର ପଦ୍ମଲୋଚନ ପାଣିଗ୍ରାହୀଙ୍କ ଆବାହକତ୍ୱରେ ଆୟୋଜିତ ଏହି ଶିବିରରେ ବ୍ଲକର ୧୬ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ସମେତ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଗତ ୨୦୨୪ ମସିହା ଜୁଲାଇ ମାସରେ କାର୍ଯ୍ୟକାରୀ ହୋଇଥିବା ନୂତନ ଆଇନ ସମ୍ପର୍କରେ ଇନିସ୍ପେକ୍ଟର ଶ୍ରୀ ପାଣିଗ୍ରାହୀ ବିଷଦ ଭାବରେ ଆଲୋଚନା କରିଥିଲେ। ବ୍ଲକର ୧୬ ଟି ପଞ୍ଚାୟତର ସ୍ୱେଚ୍ଛାସେବୀ, ସାମାଜିକ କର୍ମୀ, ପିଆରଆଇ ମେମ୍ବର, ଅଙ୍ଗନବାଡି କର୍ମୀ, ଆଶାଦିଦି ଆଦି ଲୋକଙ୍କୁ ନେଇ ୬ଟି ସ୍ଥାନରେ ସାଧାରଣ ଶିବିର କରାଯିବା ପାଇଁ ସିଦ୍ଧାନ୍ତ ନିଆଯାଇଛି। ଏଏସଆଇ ପ୍ରଫୁଲ୍ଲ ପାତ୍ର, ସମୀର କୁମାର ସେନାପତି, ମଞ୍ଜୁଲତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସାମ୍ବାଦିକଙ୍କ ମାତୃ ବିୟୋଗ



ପିଙ୍ଗୁ, ୧/୮ (ସମିସ): କପ୍ତିପଦା ବ୍ଲକ ନୁଦଡିହା ଗ୍ରାମ ନିବାସୀ ତଥା ବରିଷ୍ଠ ସାମ୍ବାଦିକ ଶଶିରଞ୍ଜନ ମଲ୍ଲିକଙ୍କ ମାତା ସୁବର୍ଣ୍ଣମଣି ମଲ୍ଲିକ୍ (୮୪)ଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ସେ ଜଣେ ପରୋପକାରୀ ଧର୍ମପରାୟଣା ମହିଳାଭାବେ ପରିଚିତ ଥିଲେ। ତାଙ୍କ ସ୍ୱାମୀ ସ୍ୱର୍ଗତ ସନାତନ ମଲ୍ଲିକ୍ଙ୍କ ୨୦୧୬ରେ ମୃତ୍ୟୁ ଘଟିଛି। ସେ ଜଣେ ଆଦର୍ଶ ଶିକ୍ଷକ ଥିଲେ। ତାଙ୍କ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଶୋକବ୍ୟକ୍ତ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ବଡ଼ପୁଅ ମନୋରଞ୍ଜନ ମେଘାସନା ମହାବିଦ୍ୟାଳୟର ଗ୍ରନ୍ଥାଗାରିକ ଥିଲାବେଳେ ସାନ ପୁଅ ଜ୍ଞାନରଞ୍ଜନ ବାୟୁସେନାରୁ ଅବସର ନେଇ ବ୍ୟାଙ୍କ ଅଫ୍ ଇଣ୍ଡିଆରେ କାର୍ଯ୍ୟ କରୁଥିବାବେଳେ ମଧ୍ୟମ ପୁତ୍ର ଶଶିରଞ୍ଜନ ଦୈନିକ 'ସମାଜ'ରେ ବରିଷ୍ଠ ସାମ୍ବାଦିକଭାବେ କାର୍ଯ୍ୟରତ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ମନୋରଞ୍ଜନ ମୁଖାଗ୍ନି ଦେଇଥିଲେ।

## ଜିଲ୍ଲାପାଳଙ୍କ ଠାକୁରମୁଣ୍ଡା ଗସ୍ତ; ସବୁ ଡାକ୍ତର ପଦବୀ ପୂରଣ ହେବ



ମହୁଲଡିହା, ୧/୮ (ସମିସ): ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ଗୁରୁବାର ଅଚାନକ ଠାକୁରମୁଣ୍ଡା ଗସ୍ତରେ ଆସି ମେଡିକାଲ ଏବଂ ବ୍ଲକ ପରିଦର୍ଶନ କରି ଫେରିଯାଇଛନ୍ତି। ସେ ପ୍ରଥମେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ମେଡିକାଲ ଅଫିସର ସହିତ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଡ଼ିଓ, ଆଇଟିଡିଏ, ପ୍ରକଳ୍ପ ପ୍ରଶାସକଙ୍କ ସହିତ ଆଲୋଚନା କରିଥିଲେ। ମେଡିକାଲରେ ବିଶେଷଜ୍ଞ ଡାକ୍ତର ପଦବୀ ଶୂନ୍ୟ ଥିବା ଏବଂ ଡାକ୍ତର ନ ଦେଇ ଏଠାରୁ ଡାକ୍ତର ବଦଳି କରୁଥିବା ସମସ୍ୟା ସାମ୍ବାଦିକମାନେ ପ୍ରଶ୍ନ କରିଥିଲେ; ହେଲେ ଜିଲ୍ଲାପାଳ ସମସ୍ତ ଡାକ୍ତର ପଦବୀ ପୂରଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରତି ସପ୍ତାହରେ ଉଚ୍ଚ ଅଧିକାରୀ ଠାକୁରମୁଣ୍ଡା ଆସିବା ସହିତ ଜିଲ୍ଲାପାଳ ନିଜେ ଆସିବେ ଏବଂ ମେଡିକାଲ ଅବସ୍ଥା ବଦଳିଯିବ ବୋଲି ସୂଚନା ଦେଇଥିଲେ। କିଛିଦିନ ପୂର୍ବରୁ ବ୍ଲକ ପରିସରରେ ଥିବା ସରକାରୀ ବସ୍‌ରୁ ତେଲ ଚୋରି ହୋଇଥିଲା। ଏ ନେଇ ବିଡ଼ିଓ ଥାନାରେ ଜଣାଇଥିଲେ ବି ଅଭିଯୋଗ ହୋଇନଥିବା ଜିଲ୍ଲାପାଳଙ୍କ ନଜରକୁ ଅଣାଯାଇଥିଲା। ସେହିପରି ଠାକୁରମୁଣ୍ଡା ବଜାରରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ୨ ବର୍ଷ ଧରି ଅଚଳ ରହିବା, ବଜାରରେ ଦୈନିକ ବର୍ଜ୍ୟବସ୍ତୁ ସଂଗ୍ରହ, କେତେକ ଗ୍ରାମରେ ପାନୀୟ ଜଳ ଟାଙ୍କିକୁ ଉଠୁନଥିବା ଆଦି ଜିଲ୍ଲାପାଳଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିଲା। ପାନୀୟ ଜଳ ପ୍ରକଳ୍ପ ତୁରନ୍ତ ମରାମତି କରିବାକୁ ଆରଡବ୍ଲ୍ୟୁଏସଏସ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଜିଲ୍ଲାର ସବୁ ବ୍ଲକକୁ ଆକାଂକ୍ଷୀ ଯୋଜନାରେ ସାମିଲ ଦାବିକଲା ମାସାଆର୍ମୀ

ବାରିପଦା, ୧/୮ (ସମିସ): ମୟୂରଭଞ୍ଜର ସମସ୍ତ ବ୍ଲକକୁ ଆକାଂକ୍ଷୀ ଯୋଜନାରେ ସାମିଲ କରିବା ଦାବିରେ ଗୁରୁବାର ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ ମାସାଆର୍ମୀ ପକ୍ଷରୁ ଦାବି କରାଯାଇଛି। ଏ ନେଇ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ଏକ ସ୍ମାରକପତ୍ର ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କୁ ପ୍ରଦାନ କରାଯାଇଛି। ନୀତି ଆୟୋଗ ଦ୍ୱାରା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ଚାଲିଥିବା ଆକାଂକ୍ଷୀ ଯୋଜନାରେ ପଛୁଆ ଅଞ୍ଚଳର ସାମାଜିକ ଓ ଆର୍ଥିକ ବିକାଶ ନିମନ୍ତେ ବିଭିନ୍ନ ଜିଲ୍ଲାର ପଛୁଆ ବ୍ଲକକୁ ସାମିଲ କରାଯାଉଛି। ଏହି ଯୋଜନାରେ ମୟୂରଭଞ୍ଜ ଜିଲ୍ଲାର ବହଳଦା, ବିଜାତଳା, ଜାମଦା, ତିରିଂ, ରାଇରଙ୍ଗପୁର, କୁସୁମି ବ୍ଲକକୁ ସାମିଲ କରାଯାଇ ଥିବାବେଳେ ୨୦ଟି ବ୍ଲକକୁ ବାଦ ଦିଆଯାଇଛି। ତେଣୁ ବାଦ ପଡ଼ିଥିବା ଶୁଳିଆପଦା, ବାରିପଦା, କୁଳିଅଣା, ମୋରଡା, ରାସଗୋବିନ୍ଦପୁର, ବାଙ୍ଗିରିପୋଷି, ଶାମା ଖୁଣ୍ଟା, ବେତନଟୀ, ବଡସାହି, ଖୁଣ୍ଟା, ଗୋପବନ୍ଧୁନଗର, ଉଦଳା, କପ୍ତିପଦା, ସାରସକଣା, ବିଶୋଇ, ଯଶିପୁର, ରରୁଆଁ, କରଞ୍ଜିଆ, ଶୁକ୍ରୁଳି, ଠାକୁରମୁଣ୍ଡା ବ୍ଲକକୁ ମଧ୍ୟ ଆକାଂକ୍ଷୀ ଯୋଜନାରେ ସାମିଲ କରିବାକୁ ମାସାଆର୍ମୀ ପକ୍ଷରୁ ଦାବି କରାଯାଇଛି। ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡି, ଜିଲ୍ଲା ଉପସଭାପତି ଲକ୍ଷ୍ମୀକାନ୍ତ ବାସ୍କେ, ଛାତ୍ରନେତା ଅବିନାଶ ମାରାଣ୍ଡି, ଭୀମ ଚରଣ ଟୁଡୁ, ବିଶୁ ମୁର୍ମୁ, ବୁଧରାୟ ହେମ୍ବ୍ରମ, ପଦ୍ମ ଲୋଚନ ସିଂ ପ୍ରମୁଖ ସାମିଲ ଉପସ୍ଥିତ ଥିଲେ।

## ଦୁମାଡିହି ବାଳିକା ଉଚ୍ଚବିଦ୍ୟାଳୟରେ ଶିକ୍ଷକ ପଦ ଖାଲି

ବହଳଦା, ୧/୮ (ସମିସ): ବହଳଦା ବ୍ଲକ ଅନ୍ତର୍ଗତ ଦୁମାଡିହି ସ୍ଥିତ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଏକ ଶିକ୍ଷକ, ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଖାଲି ପଡ଼ିଥିବା ଶିକ୍ଷକ ଓ କର୍ମଚାରୀଙ୍କ ପଦ ପୂରଣ ନେଇ ଅଭିଭାବକମାନେ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ପତ୍ର ଜରିଆରେ ଦାବି ଜଣାଇଛନ୍ତି। ସୂଚନା ଅନୁସାରେ, ଦୁମାଡିହି ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ବିଜ୍ଞାନ, ସଂସ୍କୃତ, କ୍ରୀଡା ଶିକ୍ଷକ ସମେତ କିରାଣୀ ପଦବୀ ଖାଲି ପଡ଼ିଛି। ଏ ନେଇ ପୂର୍ବରୁ ପ୍ରଧାନ ଶିକ୍ଷୟିତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ ଅଭିଭାବକ। ଏଠାରେ ବିଜ୍ଞାନ ଶିକ୍ଷକ କାଦୁଆଣି ସ୍ଥିତ ବହଳଦା ଏକଲବ୍ୟ ଆବାସିକ ମୋଡେଲ ସ୍କୁଲକୁ ଡେପୁଟେସନରେ ଯାଇଥିବାବେଳେ ଜୁଲାଇରୁ ସଂସ୍କୃତ ଶିକ୍ଷୟିତ୍ରୀ ମାତୃତ୍ୱ ଛୁଟିରେ ଅଛନ୍ତି। ବିଜ୍ଞାନ ଶିକ୍ଷକ ଦୀର୍ଘ ୫ ବର୍ଷରୁ ଅଧିକ ହେବ ଅନ୍ୟ ବିଦ୍ୟାଳୟକୁ ଡେପୁଟେସନରେ ଯାଇଛନ୍ତି। ଫଳରେ ଦୁମାଡିହି ଉଚ୍ଚବିଦ୍ୟାଳୟର ଛାତ୍ରୀ ବିଜ୍ଞାନ ପାଠ୍ୟକ୍ରମରୁ ବଞ୍ଚିତ ହେଉଛନ୍ତି। ଏନେଇ ଅଭିଭାବକ ଉଦବେଗ ପ୍ରକାଶ କରିବା ସହିତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ପତ୍ର ଲେଖି ଅବଗତ କରିଛନ୍ତି। ଏହା ବ୍ୟତୀତ ଖେଳ ସାମଗ୍ରୀ ଛାତ୍ରୀଙ୍କୁ ଦିଆନଯାଇ ଷ୍ଟୋରରେ ପଡ଼ିରହିଥିବା ଅଭିଯୋଗ କରିଛନ୍ତି ଅଭିଭାବକ।

## ନାଳରେ ପଡ଼ି ଯୁବକଙ୍କ ମୃତ୍ୟୁ

ବୈଶିଙ୍ଗା, ୧/୮ (ସମିସ): ବୈଶିଙ୍ଗା ଥାନା ଅଧୀନ ଗଡ଼ଦେଉଳିଆ ଗ୍ରାମ ନିକଟରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ବାପାଙ୍କ ସହିତ ଚାକିରି କରିବାକୁ ଯାଉଥିବା ବେତନଟୀ ଅଞ୍ଚଳର ଜଣେ ଯୁବକ ନାଳରେ ପଡ଼ିଯିବାରୁ ମୃତ୍ୟୁ ଘଟିଛି। ମୃତକ ହେଲେ ବେତନଟୀ ଥାନା ଅଧୀନ ସଠିଲୋ ଗ୍ରାମର ଅମୀୟ କୁମାର ଦାସଙ୍କ ପୁଅ ରାକେଶ କୁମାର ଦାସ (୩୯)। ସୂଚନା ମୁତାବକ, ଗୁରୁବାର ଅପରାହ୍ନରେ ରାକେଶ ବାପାଙ୍କ ସ୍କୁଟିରେ ଗଡ଼ଦେଉଳିଆ ସ୍ଥିତ ଏକ ଘରୋଇ ପେପର ଫ୍ୟାକ୍ଟ୍ରିକୁ ଚାକିରି କରିବାକୁ ଯାଉଥିବାବେଳେ ଗୋଡ଼ ଝିମ ଝିମ ହୋଉଛି ବୋଲି କହି ସ୍କୁଟିରୁ ଓହ୍ଲାଇ ପଡ଼ିଥିଲେ। ପରେ ଚାଲି ଚାଲି ଯାଉଥିବାବେଳେ ହଠାତ୍ ମୁଣ୍ଡ ବୁଲାଉଛି କହି ରାକେଶ ନାଳରେ ପଡ଼ିଯାଇଥିଲେ। ପରେ ତାଙ୍କୁ ଉଦ୍ଧାର କରାଯାଇ ବେତନଟୀ ଡାକ୍ତରଖାନାକୁ ନିଆଯାଇଥିଲା; ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ।

## ବାରିପଦା-ରରୁଆଁକୁ ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳ ଦାବି

ଶୁକ୍ରୁଳି/ରରୁଆଁ, ୧/୮ (ସମିସ): ବାରିପଦାରୁ ରରୁଆଁକୁ ମୁଖ୍ୟମନ୍ତ୍ରୀ ବସ୍‌ସେବା ଚଳାଚଳ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ରରୁଆଁରୁ କୌଣସି କାର୍ଯ୍ୟରେ ବାରିପଦା ଗଲେ ସେଠାରୁ ପୁଣି ଫେରିବାକୁ କୌଣସି ବସ୍ ନାହିଁ। ଫଳରେ ଲୋକେ ବହୁ ହଇରାଣ ହରକତ ହେଉଛନ୍ତି। ଶେଷରେ ଲୋକେ ଛୋଟ ଛୋଟ ଗାଡିରେ ଯଶିପୁରରେ ପହଞ୍ଚିଲା ବେଳକୁ ସନ୍ଧ୍ୟା ସାଢେ ୭ଟା ହୋଇଯାଉଛି। ସେତେବେଳକୁ ଆଉ କୌଣସି ବସ୍ ନ ଥାଏ। ଫଳରେ ଲୋକେ ବାଧହୋଇ ବସଷ୍ଟାଣ୍ଡରେ ରାତି ଉଜାଗର ରହନ୍ତି। ବିଶେଷକରି ଘାଗରବେଡା, ଫଗୁ ଅଞ୍ଚଳବାସୀ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଜିଲ୍ଲା କାର୍ଯ୍ୟାଳୟରୁ ଅନ୍ୟ ବ୍ଲକ ଯିବାକୁ ରାତିରେ ବି ବସ ଅଛି; କିନ୍ତୁ ରରୁଆଁ, ଶୁକ୍ରୁଳି ବ୍ଲକକୁ କୌଣସି ବସ୍ ନ ଥିବାରୁ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ଏଣୁ ସକାଳୁ ଏପଟୁ ମୁଖ୍ୟମନ୍ତ୍ରୀ ବସ ଚଳାଚଳ କରିବାକୁ ଦାବି ହେଉଛି।

# ବେତନଟୀରେ ଜିଲ୍ଲା ପରିଷଦ ଅଧ୍ୟକ୍ଷାଙ୍କ ସମୀକ୍ଷା ବୈଠକ



ବେତନଟୀ, ୧/୮ (ସମିସ): ମୟୂରଭଞ୍ଜ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ବୁଧବାର ବେତନଟୀ ବ୍ଲକ ଗସ୍ତରେ ଆସି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବେତନଟୀ ବ୍ଲକ ଅଧ୍ୟକ୍ଷା କୌଶଲ୍ୟା ମାଝୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଦେବଦତ୍ତ ତିଆଡ଼ି, ଜିଲ୍ଲା ପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ, ଜିଲ୍ଲା ପରିଷଦ ସବିତା ଦାସ, ଜିଲ୍ଲାପରିଷଦ ଧାନୀ କିସ୍କୁ, ବେତନଟୀ ବିଡିଓ ଯୋଗଦେଇ ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ସେହିପରି ଶିଶୁ ଓ ମହିଳାବିକାଶ, ଗ୍ରାମୀଣ ପାନୀୟ ଜଳ, ବନ ବିଭାଗ, ଗ୍ରାମ ଉନ୍ନୟନ ବିଭାଗ, ମତ୍ସ୍ୟ ବିଭାଗ, ଉଦ୍ୟାନ ବିଭାଗ, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, କୃଷି ବିଭାଗ ଅଧିକାରୀ ଯୋଗଦେଇ ବିଭିନ୍ନ ମତ ରଖିଥିଲେ। ଶିକ୍ଷା ବିଭାଗରେ ଜନୈକ ଶିକ୍ଷକଙ୍କ ଦ୍ୱାରା ହୋଇଥିବା ଅସଦାଚରଣ ଘଟଣା ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀଙ୍କ ସହ ଆଲୋଚନା କରାଯାଇଥିଲା। ସେହିପରି ଶୋଚନୀୟ ହୋଇଥିବା ରାସ୍ତା ମରାମତି ନେଇ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ହେଲେ ମତ୍ସ୍ୟ ବିଭାଗ କାର୍ଯ୍ୟାଳୟ ବ୍ଲକ ପରିସରରୁ ଉଠିଯାଇ ବୈଶିଙ୍ଗାରେ ଅବସ୍ଥାପିତ ହୋଇଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ। ଉଦ୍ୟାନ ବିଭାଗ ଅଧିକାରୀ ଦୈନିକ କାର୍ଯ୍ୟାଳୟକୁ ଆସୁନଥିବାରୁ ଚାଷୀ ଫେରିଯାଉଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବୈଠକରେ ବ୍ଲକର ସହକାରୀ ଯନ୍ତ୍ରୀ, ସମସ୍ତ କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସମେତ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ବିଜେଡି ପକ୍ଷରୁ ବ୍ଲକ ସଭାପତି ରାଜୀବ ସେନାପତି, ଯୁବ ନେତା ସୁଶାନ୍ତ ବଳ, ଯୁବ ସଂଗଠକ ଲଲାଟେନ୍ଦୁ ବେହେରା, ହରେକୃଷ୍ଣ ବେହେରା, ଚିତେଶ୍ୱର ବେହେରା, ବୃନ୍ଦାବନ ଦାସ, ପ୍ରଶାନ୍ତ ମହାନ୍ତ, ରାଜେନ୍ ଦାସ, ଜୀବନ ଦାସ ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ମଧ୍ୟ ଉପସ୍ଥିତ ଥିଲେ।

# ହାତୀ ଦ୍ୱାରା କ୍ଷତିଗ୍ରସ୍ତ ବିଧବାଙ୍କୁ ମିଳୁନି ସହାୟତା



ରାଇରଙ୍ଗପୁର, ୧/୮ (ସମିସ): ବିଜାତଳା ବ୍ଲକର ସରଗଡ଼ା, ଚଢ଼େଇ ପାହାଡି, ମାଣିକପୁର, ମଢେଇକଟା, ଲୁହାଶିଳା, ରାଇହରି ପଞ୍ଚାୟତର ପାହାଡିଆ ଅଞ୍ଚଳରେ ବର୍ଷତମାମ ହାତୀ ଉପଦ୍ରବ ଲାଗିରହିଛି। ପାହାଡ଼ରେ ପଥର, ମୋରମ ଖନନ, ଜଙ୍ଗଲ ନଷ୍ଟ ଯୋଗୁଁ ବନ୍ୟଜନ୍ତୁ ଗାଁମୁହାଁ ହୋଇ ବ୍ୟାପକ କ୍ଷତି କରୁଛନ୍ତି। ତେଣୁ ହାତୀମାନେ ମଧ୍ୟ ଜଙ୍ଗଲ ଛାଡି ଗାଁ ମୁହାଁ ହେଉଛନ୍ତି। ଖଣି ଖାଦାନ ଯୋଗୁଁ ଜଙ୍ଗଲ ସହ ପରିବେଶ ମାତ୍ରାଧିକ ନଷ୍ଟ ହେଉଛି। ତେଣୁ ହାତୀମାନେ ଖାଇବାକୁ ନ ପାଇ ଗାଁ ଓ ସହରକୁ ପଶି ଏକର ଏକର ଚାଷ ଜମି ନଷ୍ଟ କରିବା ସହ ନିରିହ ଆଦିବାସୀଙ୍କ ଘର ଭାଙ୍ଗି ନଷ୍ଟ କରୁଛନ୍ତି। ସୂଚନାଯୋଗ୍ୟ ଯେ, ଜୁନ୍ ୧୯ ତାରିଖ ରାତିରେ ବିଜାତଳା ବ୍ଲକ ଅନ୍ତର୍ଗତ ସରଗଡ଼ା ପଞ୍ଚାୟତର ଭିଜିଡ଼ି ଗ୍ରାମର ବିଧବା ଗୁରୁବାରୀ ମୁଣ୍ଡାଙ୍କ ଘରେ ହାତୀ ଆକ୍ରମଣ କରିବା ସହିତ ଘରର କବାଟ ଭାଙ୍ଗି ଧାନ ଚାଉଳ ଖାଇ ଦେଇଛି। ଘରେ ଥିବା ସମସ୍ତ ଆସବାବପତ୍ର ମଧ୍ୟ ନଷ୍ଟ କରିଦେଇଛି। ସରଗଡ଼ା ଆରଆଇ ପାଲ ଖଣ୍ଡେ ଦେଇ ଚୁପ୍ ବସିଛନ୍ତି। ଆଜିଯାଏ ଅନ୍ୟ କୌଣସି ସହାୟତା ମିଳିନାହିଁ। ଏ ନେଇ ସେ ସରଗଡ଼ା ସରପଞ୍ଚ ଏବଂ ରାଇରଙ୍ଗପୁର ବନଖଣ୍ଡ ବିଭାଗକୁ ଜଣାଇଥିଲେ ମଧ୍ୟ କୌଣସି ଫଳ ମିଳୁନାହିଁ। ଫଳରେ ସେ ବହୁ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ତେଣୁ ଅସହାୟ ବିଧବାଙ୍କୁ ଗୃହ ଯୋଗାଇ ଦେବାପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ସାନଦୁନ୍ଦୁରେ ଆକ୍ରମଣ ଘଟଣା; ଗିରଫ ସଂଖ୍ୟା ୬କୁ ବୃଦ୍ଧି

ବହଳଦା, ୧/୮ (ସମିସ): ମୟୂରଭଞ୍ଜ ଜିଲ୍ଲା ବହଳଦା ଥାନା ଅନ୍ତର୍ଗତ ବଡଦୁନ୍ଦୁ ଗ୍ରାମର କିଛି ଯୁବକ ସଂଘବଦ୍ଧ ଭାବେ ସାନଦୁନ୍ଦୁ ଗାଁରେ ପଶି ମାରଣାନ୍ତକ ଆକ୍ରମଣ କରିବା ଘଟଣାରେ ପୁଲିସ ପୂର୍ବରୁ ୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବାବେଳେ ଶୁକ୍ରବାର ଫେରାର ଥିବା ୨ ଜଣଙ୍କୁ ଗିରଫ କରିଛି। ସୂଚନା ମୁତାବକ, ଗତ ୨୦ ତାରିଖରେ ବଡ଼ଦୁନ୍ଦୁ ଗାଁର ୩ ଜଣ ଯୁବକ ଚୋରି କରିବା ଉଦ୍ଦେଶ୍ୟରେ ସାନଦୁନ୍ଦୁ ଗ୍ରାମରେ ପଶିଥିଲେ। ଏହି ସମୟରେ ଗ୍ରାମବାସୀ ଜଣଙ୍କୁ ଧରି ମାଡ଼ ମାରିଥିଲେ। ସେହି ଘଟଣାକୁ କେନ୍ଦ୍ର କରି ଗତ ୨୨ ତାରିଖରେ ବଡ଼ଦୁନ୍ଦୁ ଗାଁର ୨୦ରୁ ଅଧିକ ଯୁବକ ସାନଦୁନ୍ଦୁ ଗ୍ରାମରେ ପହଞ୍ଚି ସଂଘବଦ୍ଧ ଆକ୍ରମଣ କରିଥିଲେ। ଉକ୍ତ ଘଟଣାକୁ ନେଇ ଅଭିଯୋଗକାରୀ ଓ ଆକ୍ରମଣର ଶିକାର ହୋଇଥିବା ଅନ୍ୟ ଯୁବକମାନେ ବହଳଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ବହଳଦା ଥାନାରେ ବଡଦୁନ୍ଦୁ ଗ୍ରାମର ୬ ଜଣ ଯୁବକଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ସେଥିମଧ୍ୟରୁ ବହଳଦା ପୁଲିସ ପ୍ରଥମେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ପରବର୍ତ୍ତୀ ସମୟରେ ଆଉ ତିନି ଜଣଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ଆଜି ଉକ୍ତ ଘଟଣାରେ ଫେରାର ଥିବା ଆଉ ୨ ଜଣ ଅଭିଯୁକ୍ତଙ୍କୁ ବହଳଦା ଥାନା ଅଧିକାରୀ ଭାସ୍କର ପ୍ରଧାନଙ୍କ ନେତୃତ୍ୱରେ ଗିରଫ କରାଯାଇଛି। ତଦନ୍ତ ଅଧିକାରୀ ଥିବା ରାଇରଙ୍ଗପୁର ଏସଡିପିଓ ଗୋକୁଳାନନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ ୨ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି।

## ଓଭରବ୍ରିଜ ନିର୍ମାଣ ନେଇ ବାଲେଶ୍ୱର ସାଂସଦଙ୍କୁ ଭେଟିଲେ ବିଜେପି ନେତା



ବେତନଟୀ, ୧/୮ (ସମିସ) ବିଜେପିର ବରିଷ୍ଠ ନେତା ରାଜକିଶୋର ସାହା ନୂଆଦିଲ୍ଲୀରେ ବାଲେଶ୍ୱର ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଭେଟି ଦୁଇଟି ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରି ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ରୂପସା-ବାଙ୍ଗିରିପୋଷି ରେଳପଥର କଙ୍କାକାଳିଆ ଛକଠାରେ ଅବସ୍ଥିତ ୧୬ ନମ୍ବର ରେଳ ଫାଟକ ଉପରେ ଏକ ଓଭରବ୍ରିଜ ନିର୍ମାଣ ଏବଂ ବେତନଟୀ ଡାକ୍ତରଖାନା ନିକଟରେ ୧୮ ନମ୍ବର ଜାତୀୟ ରାଜପଥ ଉପରେ ଏକ ରାମ୍ପ ଓଭରବ୍ରିଜ ନିର୍ମାଣ ପାଇଁ ସେ ଦାବି ଜଣାଇଛନ୍ତି। କଙ୍କାକାଳିଆ ଛକରେ ୧୬ ନମ୍ବର ରେଳ ଫାଟକ ଉପରେ ଓଭରବ୍ରିଜ ନିର୍ମାଣ ହେଲେ ବେତନଟୀ ଓ ବଡ଼ସାହି ଅଞ୍ଚଳର ଲୋକେ ଉପକୃତ ହେବେ। ଟ୍ରେନ ଚଳାଚଳ ସମୟରେ ଫାଟକ ବନ୍ଦ ହେବା ଯୋଗୁଁ ସୃଷ୍ଟି ହେଉଥିବା ଟ୍ରାଫିକ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ। ସେହିପରି ବେତନଟୀ ଡାକ୍ତରଖାନା ଆଗରେ ୧୮ ନମ୍ବର ଜାତୀୟ ରାଜପଥରେ ଗଳା ପୋଲ ନିର୍ମାଣ ପାଇଁ ଦୀର୍ଘଦିନ ଧରି ଦାବି ହେଉଛି। ଏହି ପ୍ରସ୍ତାବ ବିଚାରାଧୀନ ଥିବା ବେଳେ ରାଜମାର୍ଗ ମନ୍ତ୍ରାଳୟର ଏକ ବୈଷୟିକ ଦଳ ପୂର୍ବରୁ ସ୍ଥାନୀୟ ତଦନ୍ତ କରି ସ୍ଥିତି ସମୀକ୍ଷା କରିଥିଲେ। ଲୋକଙ୍କ ସାମୂହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଶ୍ରୀ ସାହା ଏହି ରାମ୍ପ ଓଭରବ୍ରିଜ ନିର୍ମାଣ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି।

## ପରମିଟ୍ ଅନୁସାରେ ଗଡୁନି ଘରୋଇ ବସ୍




ରାଇରଙ୍ଗପୁର, ୧/୮ (ସମିସ): ଦିନକୁ ଦିନ ଘରୋଇ ବସ୍ ମାଲିକଙ୍କ ମନମାନି ବଢ଼ି ଚାଲିଛି। ପରମିଟ୍ ଅନୁସାରେ ମୂଳ ସ୍ଥାନରୁ ଗଡୁନି ବସ; ଯାହାକୁ ନେଇ ଯାତ୍ରୀ ହନ୍ତସନ୍ତ ହେଉଛନ୍ତି। ପରିବହନ ବିଭାଗ ଅଧିକାରୀ ଜାଣି ନ ଜାଣିଲା ପରି ରହୁଛନ୍ତି। ଘଟଣାରୁ ପ୍ରକାଶ ଯେ, ରାଇରଙ୍ଗପୁରଠାରୁ ସୁଲାଇପାଟ ୧୭ କିମି ରାସ୍ତା ଦୁର୍ଗମ ଅଞ୍ଚଳ। ଏଠାରେ ଖଡଖାଇ ନଦୀବନ୍ଧ ମଧ୍ୟମ ଜଳ ସେଚନ ପ୍ରକଳ୍ପ ଅଛି। ଏହି ପ୍ରକଳ୍ପକୁ ପର୍ଯ୍ୟଟନସ୍ଥଳର ମାନ୍ୟତା ମିଳିଛି; କିନ୍ତୁ ଦୁଃଖର ବିଷୟ ଦୁଇଟି ଘରୋଇ ବସର ପରମିଟ ସୁଲେଇପାଟ ଭାୟା ରାଇରଙ୍ଗପୁର-ଭୁବନେଶ୍ୱର ଅଛି; କିନ୍ତୁ ଦୁଇଟିଯାକ ବସ୍ ଏକ ମାସ ହେଲା ସୁଲେଇପାଟରୁ ଭାୟା ରାଇରଙ୍ଗପୁର ଦେଇ ଯିବା ପରିବର୍ତ୍ତେ ରାଇରଙ୍ଗପୁରରୁ ଭୁବନେଶ୍ୱର ଯାଉଛି। ଫଳରେ ସୁଲେଇପାଟରୁ ରାଇରଙ୍ଗପୁର ରାସ୍ତାରେ ଥିବା ୫ଟି ପଞ୍ଚାୟତର ଯାତ୍ରୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଇରଙ୍ଗପୁର ଅତିରିକ୍ତ ପରିବହନ ବିଭାଗ କାର୍ଯ୍ୟାଳୟ ମଧ୍ୟ ଘରୋଇ ବସ୍ ଉପରେ କଟକଣା ଲଗାଇପାରୁନାହିଁ। ତେଣୁ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ରାଣୀପୋଖରୀ ଉଚ୍ଚ ବିଦ୍ୟାଳୟରେ ପକ୍ସୋ ଆଇନ ଉପରେ ସଭା



ଶରତ, ୧/୮ (ସମିସ): ଶୁକ୍ରବାର ରାଣୀପୋଖରୀ ଉଚ୍ଚ ବିଦ୍ୟାଳୟରେ ନିର୍ଯାତନା ଓ ବାଳିକାଙ୍କ ନିମନ୍ତେ ପକ୍ସୋ ଆଇନ ଉପରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଆଶାକର୍ମୀ ରମଣୀ ପାତ୍ର ଓ ତୁଳସୀ ହେମ୍ବ୍ରମ ଓ ଅଙ୍ଗନବାଡ଼ି କର୍ମୀ ଶାନ୍ତିଲତା ପରିଜା ଓ ଝୁନିରଣୀ ପାତ୍ର ଯୋଗ ଦେଇଥିଲେ। କର୍ମକ୍ଷେତ୍ରରେ ଯୌନ ନିର୍ଯାତନା ଏବଂ ଏଥିପାଇଁ ଥିବା ଆଇନଗତ ବ୍ୟବସ୍ଥା, ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ ପ୍ରଣାଳୀ, ଅଭିଯୋଗ ଦାଖଲ ପ୍ରଣାଳୀ, ସିଆରପିସିର ବିଭିନ୍ନ ଧାରା ଉପରେ ଆଲୋଚନା ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ କୁନ୍ତଳା ମହାନ୍ତ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆଇସିସି ସଭାପତି ଗୀତାଞ୍ଜଳି ସିଂ ଯୋଗଦେଇ ସଭାର ଆଭିମୁଖ୍ୟ ସ୍ପଷ୍ଟ ଭାବରେ ଆଲୋଚନା କରିଥିଲେ। ସ୍ୱାଗତିକା ମହାନ୍ତି, ସୋନମନୀ ମୁର୍ମୁ, ବବି ଚାତାର, ରଘୁନାଥ ନାୟକ, ସୁନା ସିଂ, ମହେନ୍ଦ୍ର ଟୁଡୁ ପ୍ରମୁଖ ଯୋଗ ଦେଇଥିଲେ।

# ସ୍ଥାୟୀଜମା ଓ କ୍ରେଡିଟ୍ କାର୍ଡରୁ ୨.୩୦ଲକ୍ଷ ଠକେଇ



ବ୍ରହ୍ମପୁର,୧।୭(ସମିସ): ଜଣେ ଜମାକାରୀଙ୍କ ଅଜାଣତରେ ତାଙ୍କ କ୍ରେଡିଟ୍ କାର୍ଡରୁ ଋଣ କରାଯାଇ ୨ଲକ୍ଷ ୩୦ହଜାର ଟଙ୍କା ଠକେଇ ହୋଇଥିବା ଜଣାପଡିଛି। ସୂଚନା ପ୍ରକାରେ, ଆମ୍ବପୁଆରେ ରହୁଥିବା ଏହି ଅଭିଯୋଗକାରୀଙ୍କ ଗୋପାଳପୁର ଛକ ସ୍ଥିତ ଏଚଡିଏଫସି ବ୍ୟାଙ୍କରେ ଏକ ଆକାଉଣ୍ଟ ରହିଛି। ସେହି ଆକାଉଣ୍ଟରେ ଅଭିଯୋଗକାରୀ ଜଣକ ନେଟ-ବ୍ୟାଙ୍କିଙ୍ଗ ସହ ଅନଲାଇନ ନେଣଦେଣ କରୁଥିଲେ। ହେଲେ କିଛିଦିନ ପୂର୍ବେ ସେହି ଆକାଉଣ୍ଟରେ ଥିବା ୧ଲକ୍ଷ ଟଙ୍କାର ସ୍ଥାୟୀଜମା ସହ ସଞ୍ଚୟ ଜମାରୁ ୧୦ହଜାର ଟଙ୍କା ଉଠାଣ ହୋଇ ଯାଇଥିଲା। ସେହିପରି ଏଚଡିଏଫସି କ୍ରେଡିଟ କାର୍ଡରୁ ୧ଲକ୍ଷ ୨୦ହଜାର ଟଙ୍କାର ଋଣଉଠାଣ ହୋଇଥିବା ସେ ଜାଣିବାକୁ ପାଇଥିଲେ। ତେବେ ସେ କାହାକୁ ଓଟିପି ଦେଇନଥିବା ବେଳେ କିଭଳି ଠକେଇ ହେଲା ତାକୁ ନେଇ ସେ ଚିନ୍ତାରେ ପଡ଼ିଯାଇଥିଲେ। ଯାଞ୍ଚପରେ ସାଇବର ଠକେଇ ହୋଇଥିବା ସନ୍ଦେହ କରି ସେ ସାଇବର ହେଲ୍ପଲାଇନରେ କଲ କରି ଅଭିଯୋଗ କରିଥିଲେ। ପରେ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ହସ୍ତଲେଖକ ଚାକିରି ନାଁରେ ଛାତ୍ରୀଙ୍କୁ ଠକେଇ

ବ୍ରହ୍ମପୁର,୧।୭(ସମିସ): ନୂଆଦିଲ୍ଲୀର ନେହା ବୁକ୍ ପବ୍ଲିକେଶନ ନାମକ ଏକ ପ୍ରକାଶନ ସଂସ୍ଥାରେ ହସ୍ତଲେଖକ ଭାବେ ଚାକିରି ଦେବାକୁ କହି ଜଣେ ବି-ଟେକ ଛାତ୍ରୀଙ୍କ ଠାରୁ ଠକେଇ ଅଭିଯୋଗ ହୋଇଛି। ଇନଷ୍ଟାଗ୍ରାମରେ ଆସିଥିବା ଏକ ବିଜ୍ଞାପନ ଦେଖି ଛାତ୍ରୀ ଜଣକ ଚାକିରି ଲୋଭରେ ପ୍ରାୟ ୬୫ହଜାର ଟଙ୍କା ହରାଇଛନ୍ତି। ସୂଚନାପ୍ରକାରେ, ପାରଳା ମହାରାଜା ଇଞ୍ଜିନିୟରିଂ କଲେଜର ବି-ଟେକ ଛାତ୍ରୀଙ୍କ ଇନଷ୍ଟାଗ୍ରାମରେ ଆସିଥିବା ଏକ ବିଜ୍ଞାପନରେ ନେହା ପବ୍ଲିକେଶନରେ ହସ୍ତଲେଖକ ଭାବେ ପାର୍ଟଟାଇମ ଚାକିରି କରିବାକୁ ଉଲ୍ଲେଖ ରହିଥିଲା। ତେବେ ଏଥିପାଇଁ ୪୯୯ଟଙ୍କା ରେଜିଷ୍ଟ୍ରେସନ ଚାର୍ଜ ଦେବାକୁ ପଡିବ ବୋଲି କହିଥିଲେ। ସେହିକ୍ରମରେ ଛାତ୍ରୀଜଣକ ପାର୍ଟଟାଇମ ଚାକିରି କରିବା ଆଶାରେ ସେହି ବିଜ୍ଞାପନ ସହ ଆସିଥିବା ମୋବାଇଲ ନମ୍ବରରେ କଲ କରିଥିଲେ। ଫୋନ୍ ଗ୍ରହଣ କରିଥିବା ବ୍ୟକ୍ତି ଜଣକ ନିଜକୁ ନେହା ପବ୍ଲିକେଶନର କର୍ମଚାରୀ ବୋଲି ପରିଚୟ ଦେବା ସହ ବିଜ୍ଞାପନରେ ଦିଆଯାଇଥିବା ୟୁପିଆଇ ସ୍କାନରରେ ରେଜିଷ୍ଟ୍ରେସନ ଫି' ଜମା କରିବାକୁ କହିଥିଲେ। ସେହିକ୍ରମରେ ଛାତ୍ରୀଜଣକ ପ୍ରଥମେ ୪୯୯ଟଙ୍କା ଜମା କରିଥିଲେ। ପରେ ୟୁପିଆଇ ଚାର୍ଜ, କମିଶନ ଓ ଡେଲିଭରୀ ଚାର୍ଜ ବାବଦରେ ଅଧିକ ଟଙ୍କା ଜମା କରିବାକୁ କହିଥିଲେ। ଛାତ୍ରୀଜଣକ ଉକ୍ତ ସ୍କାନର ବ୍ୟବହାର କରି ଦାବି ମୁତାବକ ସମସ୍ତ ଟଙ୍କା ଜମା କରିଥିଲେ। ତେବେ ଜମା ଅର୍ଥରାଶି ୟୁପିଆଇରେ ସମସ୍ୟା ରହିଥିବାରୁ କମ୍ପାନୀ ଆକାଉଣ୍ଟରେ ପହଞ୍ଚିନଥିବା ବ୍ୟକ୍ତି ଜଣକ କହିଥିଲେ। ସେହିକ୍ରମରେ ଯୁବତୀ ଜଣଙ୍କ ବିଭିନ୍ନ ଫି' ବାବଦକୁ ଗୋଟିଏ ଦିନରେ ୧୪ଟି ଟ୍ରାଞ୍ଜେକ୍ସନ ଜରିଆରେ ମୋଟ ୬୫ହଜାର ୯୫ଟଙ୍କା ଜମା କରିଥିଲେ। ଏହାପରେ ମଧ୍ୟ ତାଙ୍କୁ ଅଧିକ ଟଙ୍କା ଜମା କରିବାକୁ କୁହାଯିବା ପରେ ସେ ସନ୍ଦେହ କରିଥିଲେ। ଯାଞ୍ଚପରେ ଛାତ୍ରୀ ଜଣକ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ପ୍ରଥମେ ସେ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାକୁ ଯାଇ ଅଭିଯୋଗ କରିବା ପରେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିବା ଜଣାପଡିଛି।

# ଜୀବନ ଜୀବିକାର ଦୋ'ଛକିରେ ଉଜୁଡୁଛି ପାଠପଢ଼ା

- ଗଞ୍ଜାମରୁ ଚିହ୍ନଟ ୧୫ହଜାର ୬ଶହ ଡ୍ରପଆଉଟ୍ ଛାତ୍ରଛାତ୍ରୀ
- ଖରାପ ଆର୍ଥିକ ସ୍ଥିତି 'ଡ୍ରପ୍ଆଉଟ୍'ର ମୁଖ୍ୟ କାରଣ
- ବିଦ୍ୟାଳୟ ମାଟି ମାଡ଼ିନାହାନ୍ତି ୮ ହଜାର



ବ୍ରହ୍ମପୁର,୧।୮ (ସମିସ)

ଜୀବନ ଜୀବିକାର ଦୋଛକିରେ ଓ ଆର୍ଥିକ ଅସ୍ୱଚ୍ଛଳ ଯୋଗୁ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି ଛାତ୍ରଛାତ୍ରୀ। କେବଳ ଏତିକି ନୁହେଁ ଗ୍ରାମାଞ୍ଚଳରେ ପ୍ରାଥମିକ ଶିକ୍ଷାରେ ଅନେକ ଅଭାବ ଅନଟନକୁ ଦାୟୀ କରି ମଧ୍ୟ ଏଥିରୁ ଅବସରି ଯାଉଛନ୍ତି ବିଦ୍ୟାର୍ଥୀ। ଫଳରେ ଡ୍ରପଆଉଟ୍ ସଂଖ୍ୟା ବଢିବାରେ ଲାଗିଛି। ଯାହାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ମଧ୍ୟ ପ୍ରକାଶ ପାଇଛି। ବିଦ୍ୟାଳୟ ଗୁଡ଼ିକରେ ନାମ ଲେଖାଇଥିବା ୬ରୁ ୧୪ବର୍ଷ ବୟସ୍କ ମଧ୍ୟରେ ଛାତ୍ରୀଛାତ୍ରମାନେ ବିଭିନ୍ନ ଶ୍ରେଣୀରେ ଅଧାରୁ ପାଠ ଛାଡ଼ି ଦେଉଥିବାରୁ ଡ୍ରପ୍ଆଉଟ୍ ତାଲିକା ବଢ଼ି ବଢ଼ି ଚାଲିଛି। ଅଧାରୁ ପାଠ ଛାଡ଼ି ଶିକ୍ଷାୟତନ ବାହାରେ ଥିବା ପିଲାଙ୍କୁ ସ୍କୁଲକୁ ଫେରାଇ ଆଣିବାକୁ ଶିକ୍ଷା ବିଭାଗ ପକ୍ଷରୁ ବ୍ଲକ ଶିକ୍ଷାଧିକାରୀ ଓ ପ୍ରଧାନଶିକ୍ଷକଙ୍କୁ କଡ଼ା ନିର୍ଦ୍ଦେଶ ଜାରି କରାଯାଇଛି। ସେହିପରି ସ୍କୁଲ 'ଡ୍ରପଆଉଟ୍' ନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ସର୍ଭେ କରାଯାଇଥିଲା।

ଏଥିରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବ୍ଲକରୁ ମୋଟ ୧୫ହଜାର ୬ଶହ ୭ଜଣ ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରାଯାଇଥିବା ଚାଇଲ୍ଡ ଟ୍ରାକିଂ ସର୍ଭେରେ ଜଣାପଡ଼ିଛି। ସେଥି ମଧ୍ୟରୁ 'ଡ୍ରପଆଉଟ୍'ରେ ୫ଜହଜାର ୬ଶହ ୩୦ଜଣ ଝିଅ ରହିଥିବା ବେଳେ ୧୬ଶହ ୫୮ଜଣ ପୁଅ ରହିଛନ୍ତି। ସେହିପରି ସର୍ଭେରେ ଚିହ୍ନଟ ହୋଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଜମା ବିଦ୍ୟାଳୟ ମାଡ଼ିନାହାନ୍ତି ୮ହଜାର ୩ଶହ ୧୯ଜଣ। ତନ୍ମଧ୍ୟରେ ୬ହଜାର ୭ଶହ ୮୩ଜଣ ପୁଅ ଓ ୧୫ଶହ ୩୬ଜଣ ଝିଅ ରହିଛନ୍ତି। ଡ୍ରପ୍ଆଉଟ୍ ପିଲାଙ୍କୁ ଠାବ କରି ସ୍କୁଲ୍ ଫେରାଇ ନ ଆଣିଲେ ଶିକ୍ଷକମାନଙ୍କ ଦରମା ବନ୍ଦ କରାଯିବ ବୋଲି ଚେତାବନୀ ଦିଆଯାଇଥିବା ଜଣାପଡିଛି। ସ୍କୁଲରେ ଶିକ୍ଷାଦାନ ଛାଡ଼ି ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକମାନଙ୍କ ଦ୍ୱାରା ଘର ଘର ବୁଲି 'ଡ୍ରପଆଉଟ୍' ପିଲାମାନଙ୍କୁ ଚିହ୍ନଟ କରାଯାଇଥିଲା। ଉକ୍ତ ଛାତ୍ରଛାତ୍ରୀଙ୍କ କିପରି ବିଦ୍ୟାଳୟରେ ନାମ ଲେଖାଯିବ, ଏହା ସହ ପାଠପଢ଼ା ନିମନ୍ତେ ଜିଲ୍ଲା ଶିକ୍ଷା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ସେହିପରି ସରକାରଙ୍କ ପକ୍ଷରୁ ଏସ୍‌ସି/ଏସଟି ଛାତ୍ରଛାତ୍ରୀଙ୍କ ଡ୍ରପଆଉଟ୍ କମାଇବାକୁ 'ମାଧୋ ସିଂ' ହାତ ଖର୍ଚ୍ଚ ଯୋଜନା କରାଯାଇଛି। ଏହା ଦ୍ୱାରା ଗଞ୍ଜାମ ଜିଲ୍ଲାରେ 'ଡ୍ରପଆଉଟ୍' ସଂଖ୍ୟାକୁ ହ୍ରାସ ପାଇବ ବୋଲି ଆଶା କରାଯାଇଛି। ଅନ୍ୟପଟେ ସରକାରୀ ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷକଙ୍କ ଅଭାବରୁ ପାଠପଢ଼ା ପ୍ରଭାବିତ ହେଉଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନଥିବା ସାଧାରଣ ଲୋକେ ଘରୋଇ ବିଦ୍ୟାଳୟରେ ନାମ ଲେଖାଇବାକୁ ସକ୍ଷମ ହେଉନାହାନ୍ତି। ଫଳରେ ପ୍ରାଥମିକ ଶ୍ରେଣୀର ପିଲାମାନେ ଦାଦନ ଖଟିବାକୁ ମାତାପିତାଙ୍କ ସହିତ ଜିଲ୍ଲା ଓ ରାଜ୍ୟ ବାହାରକୁ ଚାଲିଯାଉଛନ୍ତି। ସେହିପରି ୧୪ବର୍ଷରୁ ଅଧିକ ପିଲାମାନେ ଅଷ୍ଟମ ଶ୍ରେଣୀରୁ ପାଠ ଛାଡ଼ି କୌଳିକ ବୃତ୍ତିରେ ସାମିଲ୍ ହୋଇଛନ୍ତି କିମ୍ବା ଶିଶୁ ଶ୍ରମିକ ସାଜିଛନ୍ତି।

ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥିବା ଶ୍ରମିକଙ୍କ ପିଲାମାନେ ଅସହାୟ ସ୍ଥିତିରେ ଥିବାରୁ ଆଗକୁ ପାଠ ପଢିବା ଆଶା ଛାଡ଼ି ଦେଇଥିବା ଜଣାପଡ଼ିଛି। ଯେଉଁମାନେ ଘରୋଇ ବିଦ୍ୟାଳୟରେ ନାମ ଲେଖାଉଛନ୍ତି, ପରବର୍ତ୍ତୀ ସମୟରେ ସ୍କୁଲ୍ ଖର୍ଚ୍ଚ ଭରଣା କରି ନ ପାରିବାରୁ ପିଲାମାନେ ଅଧାରୁ ପାଠ ପଢା ଛାଡ଼ିବାକୁ ବାଧ୍ୟ ହେଉଛନ୍ତି। ଅଧିକ ପାଠପଢି ଜୀବିକାର୍ଜନ ନିମନ୍ତେ ନିଯୁକ୍ତି ସଂକଟ ଲାଗି ରହିଥିବାରୁ ପିଲାଙ୍କୁ ଛୋଟ ବେଳୁ ନିଜ କୌଳିକ ବୃତ୍ତିରେ ନିୟୋଜିତ କରିବାକୁ ଅଭିଭାବକମାନେ ଉଚିତ ମଣୁଛନ୍ତି। ଏଭଳି କ୍ଷେତ୍ରରେ ଡ୍ରପ୍ଆଉଟ୍ ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ ପୁଣି ଥରେ ସ୍କୁଲ ମୁହାଁ କରାଇବାକୁ ଗଞ୍ଜାମ ଜିଲ୍ଲା ଶିକ୍ଷା ପ୍ରଶାସନ ପକ୍ଷରୁ ପ୍ରଚେଷ୍ଟା ଜାରି ରହିଛି।

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ

# 'ସମୟ, ସ୍ଥାନ ଓ ସୁଯୋଗର ସଦୁପଯୋଗ କର'



ବ୍ରହ୍ମପୁର,୧।୭(ସମିସ)

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଶତବାର୍ଷିକୀ ସଭାକକ୍ଷରେ ଚତୁର୍ଥ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଭାରପ୍ରାପ୍ତ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ସଭାପତିତ୍ୱ କରିଥିଲେ। ବିଶ୍ୱବିଦ୍ୟାଳୟ ପରିସରରେ ଥିବା ରାଜା ହରିହର ମର୍ଦ୍ଦରାଜ ଓ ରାଜା ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଡା. କୃଷ୍ଣ ମୋହନ ପାଠୀ ଯୋଗଦେଇ ଜୀବନରେ ସଫଳ ହେବା ପାଇଁ ସମୟ, ସ୍ଥାନ ଓ ସୁଯୋଗର ସଦୁପଯୋଗ କରିବାକୁ କହିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ସୂଚନା ଆୟୁକ୍ତ ଜଗଦାନନ୍ଦ ଯୋଗଦେଇ ଜୀବନର ମୂଳଲକ୍ଷ୍ୟ ସ୍ଥିର କରିବା ସହ ପ୍ରତ୍ୟେକ ଛାତ୍ରଛାତ୍ରୀ ଜଣେ ସକ୍ରିୟ ନାଗରିକ ହେବା ଆବଶ୍ୟକତା ରହିଛି ବୋଲି କହିଥିଲେ। ବର୍ତ୍ତମାନ ସମୟରେ ପୁରୁଷ ଏବଂ ମହିଳା ମଧ୍ୟରେ ତାରତମ୍ୟ ବୃଦ୍ଧି ପାଇବାରେ ଲାଗିଛି। ପୁରୁଷ ପ୍ରାଧାନ୍ୟ ରାଜ୍ୟ ଗର୍ବ ନକରି ସମାନତା କରିବା ଆବଶ୍ୟକ ରହିଛି। ବର୍ତ୍ତମାନ ପରିସ୍ଥିତିରେ ଶିଶୁ ଜନ୍ମହାର ହ୍ରାସ ପାଉଛି। ଫଳରେ ଛାତ୍ରଛାତ୍ରୀ ଅଭାବରୁ ରାଜ୍ୟରେ ଶତାଧିକ ବିଦ୍ୟାଳୟ ବନ୍ଦ ହୋଇଯାଇଛି। ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଉନ୍ନତି ଓ ଭବିଷ୍ୟତ ନିର୍ମାଣ ପାଇଁ ପୁରାତନ ଛାତ୍ରଛାତ୍ରୀ ଯୋଡ଼ି ହେବା ଆବଶ୍ୟକତା ରହିଛି ବୋଲି କହିଥିଲେ।

ସେହିପରି ସମ୍ମାନୀତ ଅତିଥି ଭାବେ ବ୍ରହ୍ମପୁର ଆଇଜର ଡିନ୍ ପ୍ରଫେସର ଜୟଦିପ ମୁଖୋପାଧ୍ୟାୟ ଯୋଗ ଦେଇଥିବା ବେଳେ ସ୍ନାତକତର ପରିଷଦ ଅଧ୍ୟକ୍ଷ ଡ.ମନୋଜ କୁମାର ପଟ୍ଟନାୟକ ଓ କୁଳସଚିବ ପାର୍ବତୀ ମଞ୍ଜରୀ ମହାଳିକ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ସ୍ନାତକତର ଅଧ୍ୟକ୍ଷ ଡ଼. ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଶ୍ୱବିଦ୍ୟାଳୟର ବାର୍ଷିକ ମୁଖପତ୍ର 'ବ୍ରହ୍ମବାଣୀ' ଉପସ୍ଥିତ ଅତିଥିବୃନ୍ଦ ଉନ୍ମୋଚନ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀ ଗଞ୍ଜାମରେ ଜନ୍ମିତ ୯ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କୁଳସଚିବ ଶ୍ରୀମତୀ ମହାଳିକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଡ. ମନୋରଞ୍ଜନ ବିଷୋୟୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଅଧାପିକା ଚିନ୍ମୟୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ଏସିଆନ୍ କ୍ରୀଡ଼ାରେ ରଞ୍ଜିତାଙ୍କ ସଫଳତା





ବ୍ରହ୍ମପୁର,୧।୮(ସମିସ): ଜାପାନରେ ଆୟୋଜିତ ଏସିଆନ୍ କ୍ଲାସିକ ପେସିଭିକ୍ ଆଫ୍ରିକାନ୍ ପାୱାରଲିଫ୍ଟିଙ୍ଗ୍ ଚାମ୍ପିଆନ୍‌ସିପ୍ କ୍ରୀଡ଼ା ପ୍ରତିଯୋଗିତାରେ ୪ଟି ରେକର୍ଡ ସୃଷ୍ଟି କରିବାରେ ସଫଳ ହୋଇଛନ୍ତି ବ୍ରହ୍ମପୁରର ଓଡ଼ିଆ ଝିଅ ରଞ୍ଜିତା ମିଶ୍ର। ଶକ୍ତି ଉତ୍ତୋଳନ କ୍ଷେତ୍ରରେ ରଞ୍ଜିତା ଜାପାନରେ ନିଜର ଏହି କ୍ରୀଡ଼ା କ୍ଷେତ୍ରରେ ରହିଥିବା ସ୍କ୍ୱାର୍ଟରେ ୧୪୨.୫ କିଲୋ। ଉଠାଇଥିବା ବେଳେ ବେଞ୍ଚରେ ୬୫ କିଲୋ, ଡେଡ୍‌ଲିଫ୍ଟରେ ୧୬୦, ସମୁଦାୟ ୩୬୭.୫କିଲୋଗ୍ରାମ ଉଠାଇ ଏକ ରେକର୍ଡ ସୃଷ୍ଟି କରିଥିବା ଜଣାପଡ଼ିଛି। ରଞ୍ଜିତା ଓଭରଅଲରେ ରୌପ୍ୟପଦକ ପାଇଥିବା ବେଳେ ଚାରୋଟି ରେକର୍ଡ କରିଛନ୍ତି। ଜଣେ ଓଡିଆ ଝିଅ ଭାବରେ ଏପରି ସେ ରେକର୍ଡ କରି ଭାରତୀୟ ଭାବରେ ବିଦେଶରେ ନିଜର କ୍ରୀଡ଼ା ପ୍ରଦର୍ଶନ କରି ଗର୍ବିତ ବୋଲି କୁହନ୍ତି। ଏଥିପାଇଁ ସେ ବେଶ ଖୁସି ଅନୁଭବ କରିଛନ୍ତି। ସମସ୍ତ ଓଡିଶାବାସୀଙ୍କୁ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି। ଏସିଆନ୍ କ୍ରୀଡା ପ୍ରତିଯୋଗିତାରେ ରଞ୍ଜିତା ୫୦ରୁ ୬୦ବର୍ଷ ମଧ୍ୟରେ ରହିଥିବା ବୟସ ଗ୍ରୁପରେ ନିଜର ପାରଦର୍ଶିତା ପ୍ରଦର୍ଶନ କରିଥିଲେ। ୮୪କ୍ଲାସ କେଟୋଗେରୀରେ ସେ ଏଭଳି ନିଜର କ୍ରୀଡ଼ା ପ୍ରଦର୍ଶୀତ କରି ଆସିଥିଲେ। ସୂଚନାଯୋଗ୍ୟ ଯେ, ରଞ୍ଜିତାଙ୍କ ଘର ବ୍ରହ୍ମପୁର ଗାନ୍ଧୀନଗର ଅଞ୍ଚଳରେ ହୋଇଥିବା ବେଳେ ସେ ମୁମ୍ବାଇରେ ରୁହନ୍ତି। ଆଗାମୀ ଦିନରେ କେରଳରେ ହେବାକୁ ଥିବା ପ୍ରତିଯୋଗିତାରେ ମଧ୍ୟ ସେ ଭାଗନେବେ ବୋଲି ଜଣାଯାଇଛି।

# ଓଡ଼ିଶା କୃଷକ ସଭା ଜିଲ୍ଲା କର୍ମକର୍ତ୍ତା ବୈଠକ

ବ୍ରହ୍ମପୁର,୧।୮(ସମିସ): ସ୍ଥାନୀୟ ସହିଦ ଲକ୍ଷଣ ନାୟକ କମ୍ୟୁନିଟି ହଲ୍‌ରେ ଅଖିଳ ଭାରତ କୃଷକ ସଭାର ଗଞ୍ଜାମ ଜିଲ୍ଲା କର୍ମକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ପି. ହରିକୃଷ୍ଣ ରେଡୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲ୍ଲାରେ ବର୍ଷା ଅନିୟମିତତା ଯୋଗୁ ଧାନ ରୁଆ ମନ୍ଥର ଗତିରେ ଚାଲିଛି, ବର୍ତ୍ତମାନ ଚାଷୀ ପଞ୍ଜିକରଣ ୨୦ତାରିଖ ପର୍ଯ୍ୟନ୍ତ ସମୟ ସୀମା ଧାର୍ଯ୍ୟ କରାଯାଇଛି। ଏହି ସମୟ ମଧ୍ୟରେ ଚାଷୀ ପଞ୍ଜିକରଣ ହୋଇପାରିବ ନାହିଁ। ଏଣୁ ଆସନ୍ତା ୩୦ତାରିଖ ପର୍ଯ୍ୟନ୍ତ ଅବଧି ବୃଦ୍ଧି କରିବାକୁ ଦାବି କରାଯାଇଛି। ସେହିପରି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ୧୪ତାରିଖ ପର୍ଯ୍ୟନ୍ତ ରହିଥିବା ବେଳେ ଆବେଦନର ସମୟସୀମା ୩୦ତାରିଖକୁ ବୃଦ୍ଧି କରିବାକୁ ଦାବି ହୋଇଥିଲା। ଗତ ଖରିଫ ଫସଲ ଅମଳ ବେଳେ ଅଦିନିଆ ବର୍ଷାରେ ଶତକଡା ୩୩ଭାଗ ଫସଲ କ୍ଷତିର ତଦନ୍ତ କରି ଜିଲ୍ଲାର ସମସ୍ତ ବ୍ଲକରେ ରହିଥିବା ଚାଷୀଙ୍କୁ ଟଙ୍କା ପ୍ରଦାନ କରିବାକୁ ଦାବି କରାଯାଇଥିଲା। ପ୍ରଧାନମନ୍ତ୍ରୀ ମନ୍ତ୍ରୀ ଫସଲ ବୀମା ଯୋଜନାରେ ୭୭କୋଟି ଟଙ୍କା ରାଜ୍ୟ ଓ ଚାଷୀଙ୍କଠାରୁ ପ୍ରିମିୟମ୍ ନେଇଥିବା ବେଳେ ମାତ୍ର ୯କୋଟି ୨୯ଲକ୍ଷ ଟଙ୍କା ଫସଲ ବୀମା କ୍ଷତିପୂରଣ ଅର୍ଥ ପ୍ରଦାନ କରାଯାଇଛି। ସେହିପରି ଫସଲ ବୀମା କ୍ଷତି ଅର୍ଥ ପାଇବା ଓ ଫସଲ ବୀମା ଯୋଜନା କାର୍ଯ୍ୟକାରୀ କରି ସଚେତନ କରିବା ନିମନ୍ତେ ଜିଲ୍ଲାପାଳ କାର୍ଯାଳୟ ଓ ବ୍ଲକ କୃଷି କାର୍ଯାଳୟରେ ଦପ୍ତର ଖୋଲିବାକୁ ଦାବି ହୋଇଛି। ଏନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିବାକୁ ବୈଠକରେ ନିଷ୍ପତି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମ୍ପାଦକ ଅଜୟ ଗୌଡ଼, ସରପଞ୍ଚ ବୈରାଗୀ ବେହେରା, ଉପସଭାପତି ବିଜୟ ବିଷୋୟୀ, ସହ ସମ୍ପାଦକ ପି. ଶିବ ଶଙ୍କର, ବିଭୁ ପ୍ରସାଦ ପାଣିଗ୍ରାହୀ ଓ ନୀଳମଣି ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।




## 'ୟୁଏସ୍ଏ' ବ୍ୟବସ୍ଥାକୁ ଗଞ୍ଜାମ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ବିରୋଧ

# ଭିତ୍ତିଭୂମି ଓ ଆନୁଷଙ୍ଗିକ ବ୍ୟବସ୍ଥା ନଥିବାରୁ ସ୍ଥଗିତ ଦାବି




ବ୍ରହ୍ମପୁର,୧।୭(ସମିସ)

ରାଜ୍ୟରେ ଶିକ୍ଷକ ସମାଜ ବିଭିନ୍ନ ସମସ୍ୟା ଯୋଗୁ ଭାରାକ୍ରାନ୍ତ ଓ ଚାପଗ୍ରସ୍ତ ଥିବାବେଳେ ବିଦ୍ୟାଳୟରେ ଆନୁସଙ୍ଗିକ ବ୍ୟବସ୍ଥା ଓ ଭିତ୍ତିଭୂମି ନଥାଇ ସୁଦ୍ଧା ଓସେପା ପକ୍ଷରୁ 'ୟୁଏସଏ' ବା 'ୟୁନିଫାଇଡ ଅଟୋମେସନ ସିଷ୍ଟମ' ଭଳି ଏକ ଜଟିଳ କାର୍ଯ୍ୟଭାର ଲଦି ଦେଇଛନ୍ତି। ଯାହାକୁ ରାଜ୍ୟବ୍ୟାପୀ ପ୍ରାଥମିକ ଶିକ୍ଷକ ସଂଘ ତୀବ୍ର ବିରୋଧ କରିବା ସହିତ ଏହାକୁ ତୁରନ୍ତ ସ୍ଥଗିତ ରଖିବାକୁ ଦାବି କରିଛନ୍ତି। ରାଜ୍ୟ ସରକାରଙ୍କ ଅନ୍ୟ କୌଣସି ବିଭାଗ ଏହି ଜଟିଳ ବ୍ୟବସ୍ଥାକୁ ଲାଗୁ କରିନଥିବା ବେଳେ ଶିକ୍ଷା ବିଭାଗ ଉପରେ ଭିତ୍ତିଭୂମି ନଥାଇ ଲଦି ଦିଆଯାଉଥିବାରୁ ଏହାକୁ ନିନ୍ଦା କରାଯାଇଛି। ଦୁର୍ଗମ ଗ୍ରାମାଞ୍ଚଳରେ ଇଣ୍ଟରନେଟ ସୁବିଧା ନଥିବା ବେଳେ ଏଭଳି ନୂତନ ପ୍ରଥା ଲାଗୁ କରାଯିବା ଅର୍ଥ ବୋଝ ଉପରେ ନଳିତା ବିଡ଼ା ସଦୃଶ। ଏହି ନୂତନ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରତ୍ୟେକ ଶିକ୍ଷକଙ୍କୁ ଆବଶ୍ୟକ ଟାବଲେଟ, ସିମ୍‌କାର୍ଡ, ନେଟ୍‌ପ୍ୟାକ ଓ କମ୍ପ୍ୟୁଟର ଶିକ୍ଷକ ଆଦି ଯୋଗାଇ ନାହାନ୍ତି। ବର୍ତ୍ତମାନ ପରିସ୍ଥିତିରେ ଓସେପା ପକ୍ଷରୁ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ନିଜ ମୋବାଇଲ ଜରିଆରେ ସମ୍ପାଦନ କରିବାକୁ ବାଧ୍ୟ କରାଯାଉଛି। ଯଦ୍ୱାରା ଶିକ୍ଷକମାନଙ୍କର ବ୍ୟକ୍ତିଗତ ତଥ୍ୟ ସାର୍ବଜନୀନ ହେବାର ଆଶଙ୍କା ରହିଥିବା ବେଳେ ସମସ୍ତଙ୍କର ମାନସମ୍ମାନ ଉପରେ ଆଞ୍ଚ ଆସୁଥିବା ସଂଘ ଅଭିଯୋଗ କରିଛି। ଫଳରେ ରାଜ୍ୟ ସରକାର ଯଦି ସମସ୍ତ ଆବଶ୍ୟକ ତଥା ଆନୁସଙ୍ଗିକ ଭିତ୍ତିଭୂମି ଯୋଗାଇ ସମସ୍ତ ବିଭାଗରେ ଏକକାଳୀନ ଲାଗୁ କରନ୍ତି ତେବେ ଏହାକୁ ସଂଘ ସ୍ୱାଗତ କରିବ ବୋଲି ମଧ୍ୟ ସ୍ପଷ୍ଟ କରାଯାଇଛି। ତେବେ ଅନ୍ୟ କୌଣସି ବିଭାଗରେ ଏହାକୁ ଲାଗୁ କରାନଯାଇ କେବଳ ଶିକ୍ଷକମାନଙ୍କ କ୍ଷେତ୍ରରେ ଜୋରଜବରଦସ୍ତ ଲଦି ଦିଆଗଲେ ଏହାକୁ ସଂଘ ଘୋର ବିରୋଧ କରିବ ବୋଲି ଚେତାବନୀ ଦିଆଯାଇଛି। ଏହି ମର୍ମରେ ଗଞ୍ଜାମ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ପ୍ରସଙ୍ଗରେ ସଂଘ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡାଯାଇଛି। ସଂଘ ପକ୍ଷରୁ ଶୁକ୍ରବାର ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଂଘର ସଭାପତି ସାରଥୀ ପାତ୍ର, ଉପ ସଭାପତି ପି. ଧର୍ମରାଜୁ ରେଡ଼ି, ଉପ ସଭାନେତ୍ରୀ ଡି. ଗୌରୀ, ସଙ୍ଗଠନ ସମ୍ପାଦକ ତ୍ରିନାଥ ନାୟକ, ସଂଯୋଜକ ଦେବବ୍ରତ ପଟ୍ଟନାୟକ, ସହ ସମ୍ପାଦକ ବାବୁଲା ଡାକୁଆ, ରାଜ୍ୟ କୋଷାଧକ୍ଷ ସନାତନ ପଟ୍ଟନାୟକଙ୍କ ସମେତ ବିଭିନ୍ନ ବ୍ଲକର ସଭାପତି ଓ ସମ୍ପାଦକମାନେ ସକ୍ରିୟ ସାମିଲ ହୋଇଥିଲେ।

**ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ**

# ଘରୋଇ ସଂସ୍ଥା ବିରୋଧରେ ଠକେଇ ଅଭିଯୋଗ ଆଣିଲେ ପୂର୍ବତନ ପୁଲିସ ଅଧିକାରୀ

ବ୍ରହ୍ମପୁର,୧।୭(ସମିସ)

ସପ୍ତାହିକ ସୁଧ ତଥା କମିଶନ ପାଇବା ଆଶାରେ ସ୍ଥାନୀୟ ଏକ ଘରୋଇ ସଂସ୍ଥାରେ ମୋଟା ଅଙ୍କର ଟଙ୍କା ନିବେଶ କରିଥିବା ଜଣେ ଅବସରପ୍ରାପ୍ତ ପୁଲିସ ଅଧିକାରୀ ଉକ୍ତ ସଂସ୍ଥା ବିରୋଧରେ ଠକେଇ ଅଭିଯୋଗ ଆଣିଛନ୍ତି। ସୂଚନା ପ୍ରକାରେ, ବ୍ରହ୍ମପୁରର ମୂଳବାସିନ୍ଦା ତଥା ଦିଲ୍ଲୀରେ ରହୁଥିବା ଅବସରପ୍ରାପ୍ତ ପୁଲିସ ଅଧିକାରୀ କେ.ଏସ.ଏନ. ସୁବୁଦ୍ଧି ଗତବର୍ଷ ବ୍ରହ୍ମପୁରରେ ଏକ ଘରୋଇ ସଂସ୍ଥାରେ ୫୦ଲକ୍ଷ ଟଙ୍କା ନିବେଶ କରିଥିଲେ। ଜ୍ୟୋତିନଗର ଅଞ୍ଚଳରେ ଥିବା ଏହି ସଂସ୍ଥା ରିଜର୍ଭ ବ୍ୟାଙ୍କ ଦ୍ୱାରା ପଞ୍ଜିକୃତ ଓ ଦେଶର ବିଭିନ୍ନ ବ୍ୟାଙ୍କ ସହ ଆର୍ଥିକ କାରବାର କରୁଥିବା ସେ ଜାଣିବାକୁ ପାଇଥିଲେ। ସେହିପରି ପୂର୍ବରୁ ଏହି ସଂସ୍ଥାରେ ତାଙ୍କ ସମ୍ପର୍କୀୟମାନେ ମଧ୍ୟ ଟଙ୍କା ନିବେଶ କରି ସପ୍ତାହିକ କମିଶନ ପାଉଥିଲେ। ସେହିକ୍ରମରେ ଶ୍ରୀ ସୁବୁଦ୍ଧି ନିଜର ସମସ୍ତ ଟଙ୍କା ସେଥିରେ ନିବେଶ କରିଥିଲେ। ୬ମାସ ପାଇଁ ଟଙ୍କା ନିବେଶ କଲେ ସପ୍ତାହକୁ ସୁଧ ଓ କମିଶନ ମିଳିବ ବୋଲି ସଂସ୍ଥା ପକ୍ଷରୁ ନିର୍ଭର ପ୍ରତିଶ୍ରୁତି ଦିଆଯାଇଥିଲା। ନିବେଶ କରିବାର କିଛିମାସ ପର୍ଯ୍ୟନ୍ତ ଶ୍ରୀସୁବୁଦ୍ଧି କମିଶନ ମଧ୍ୟ ପାଇଥିଲେ।

ତେବେ ପରବର୍ତ୍ତୀ ସମୟରେ ତାଙ୍କୁ କମିଶନ କିମ୍ବା ସୁଧ ମିଳିନଥିଲା। ଏନେଇ ଶ୍ରୀ ସୁବୁଦ୍ଧି ସଂସ୍ଥାର ମୁଖ୍ୟଙ୍କୁ ଯୋଗାଯୋଗ କରିବା ପରେ ସେ ବିଭିନ୍ନ ବାହାନା କରି ଦିନ ଗଡାଇ ଚାଲିଥିଲେ। ଏପରିକି ମୂଳ ଟଙ୍କା ମଧ୍ୟ ଫେରାଇନଥିଲେ। ଶେଷରେ ଶ୍ରୀ ସୁବୁଦ୍ଧି ଉକ୍ତ ସଂସ୍ଥା ବିରୋଧରେ ଠକେଇ ଅଭିଯୋଗ ଆଣିଛନ୍ତି। ପୁଲିସ ଅଭିଯୋଗକୁ ଭିତ୍ତି କରି ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡିଛି।

## ଶ୍ରୀକ୍ଷେତ୍ର ସିଟି

୧/୮/୨୦୨୫ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୨୯,୧୪୨/- ସୁନା: ୦୧.୬୫୦ ଗ୍ରାମ୍ ରୁପା: ୦୪.୦୦୦ ଗ୍ରାମ୍



ପୁରୀରେ ବଢୁଛି ଦାଦାବଟି ମାମଲା

# ନିଶା ପାଇଁ ପଥଭ୍ରଷ୍ଟ ହେଉଛନ୍ତି ଯୁବକ

ପୁରୀ,୧।୮ (ସମିସ)

ପୁରୀ ସହରରେ ଦାଦାବଟି ମାମଲା ବଢିବାରେ ଲାଗିଛି। ନିଶା ପାଇଁ ଅସାମାଜିକ ଯୁବକମାନେ ଦାଦାବଟି ଆଦାୟକୁ ସହଜ ବୋଲି ଧରି ନେଇଛନ୍ତି। ଦାଦାବଟି ଆଦାୟରୁ ଅର୍ଥରେ ନିଶା ସେବନ କରି ଅନେକ ଅପରାଧିକ କାର୍ଯ୍ୟକଳାପ ମଧ୍ୟ ଘଟାଉଛନ୍ତି। ତେଣୁ ପୁଲିସ ପକ୍ଷରୁ ଚାଲିଥିବା ଧରପଗଡ଼ ଆହୁରି ଜୋର୍‌ଦାର ହେବା ଦରକାର ବୋଲି ସହରବାସୀ ମତ ଦେଇଛନ୍ତି।

ଆଜିକାଲି ଯୁବଗୋଷ୍ଠୀଙ୍କୁ କୁପଥରେ ପାଦ ପକାଇବାକୁ ବଧ୍ୟ କରୁଛି ନିଶା; ଅର୍ଥାତ୍ ନିଶା ଖାଇବା ପାଇଁ ପାଖରେ ଅର୍ଥ ନ ଥିଲେ ସେମାନେ ଦାଦାବଟିକୁ ସହଜ ଉପାୟ ଭାବି ନେଉଛନ୍ତି। ହାତରେ ଛୁରୀ, ଭୁଜାଲି ଏବଂ ରଡ ଧରି ରାସ୍ତାରେ ଆତଙ୍କ ଖେଳାଉଛନ୍ତି। କିଏ ପଥଚାରୀଙ୍କୁ ତ ଆଉ କେହି ଦୋକାନୀ ଏପରି କି ପର୍ଯ୍ୟଟକଙ୍କୁ ମଧ୍ୟ ଛୁରୀ, ଭୁଜାଲି ଦେଖାଇ ସେମାନଙ୍କଠାରୁ ଟଙ୍କା ଆଦାୟ କରୁଛନ୍ତି। ମଝିରେ ଯଦିଓ ଏହି ଘଟଣା ସାମାନ୍ୟ ହ୍ରାସ ପାଇଥିଲା ଏବେ ପୁଣି ବଢିବାରେ ଲାଗିଛି। ଗତ କିଛିଦିନର ତଥ୍ୟ ଦେଖିଲେ ପ୍ରାୟ ପ୍ରତିଦିନ କୌଣସି ନା କୌଣସି ଥାନା ଅଞ୍ଚଳରେ ଦାଦାବଟି ମାମଲା ରହୁଛି। ଏମିତି ବି କିଛି ଘଟଣା ଥାନାକୁ ପହଞ୍ଚୁନି। ପର୍ଯ୍ୟଟକମାନେ ଯଦି ଦାଦାବଟିର ଶିକାର ହେଉଛନ୍ତି ସେମାନେ ଥାନାରେ ମାମଲା କରିବାକୁ ଉଚିତ୍ ମଣୁନାହାନ୍ତି।

ଗତ ଗୁରୁବାର କୁମ୍ଭାରପଡ଼ା ଥାନା ପୁଲିସ ଦାଦାବଟି ଆଦାୟ ବେଳେ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ବାଲିଉପର ରାମଚଣ୍ଡୀ ସାହିର ହରମୋହନ ଜେନା (୩୮) ଓ ସର୍ବୋଦୟ ନଗରର ଶିବଶଙ୍କର ମହାପାତ୍ର (୩୩)। ଅଭିଯୋଗ ଅନୁଯାୟୀ, ଗୁରୁବାର ବଡ଼ଶଙ୍ଖ ବଜାର ନିକଟରେ ଦୁଇଜଣ ଯୁବକ ଖଣ୍ଡା ଦେଖାଇ ଦୋକାନୀମାନଙ୍କୁ ଭୟଭୀତ କରିବା ସହ ଦାଦାବଟି ଆଦାୟ କରୁଥିବା କୁମ୍ଭାରପଡ଼ା ପୁଲିସ ପାଖରେ ଖବର ପହଞ୍ଚିଥିଲା। ଏହି ସମୟରେ ପାଟ୍ରୋଲିଂ କରୁଥିବା ପୁଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଦୁଇଜଣଙ୍କୁ କାବୁ କରିଥିଲେ। ସେମାନଙ୍କଠାରୁ ଗୋଟିଏ ଖଣ୍ଡା ଜବତ କରାଯାଇଥିବା ବେଳେ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତ ଦୁଇଜଣ ଦୁର୍ଦ୍ଧାନ୍ତ ଅପରାଧୀ। ସେମାନଙ୍କ ନାଁରେ ଏକାଧିକ ମାମଲା ରହିଥିବା ପୁଲିସ କହିଛି। ସେହିପରି ଗୁରୁବାର ଟାଉନ ଥାନା ପୁଲିସ ୨ଟି ଦାଦାବଟି ମାମଲାରେ ୩ ଜଣଙ୍କୁ ଗିରଫ କରିଛି। ଗୋଟିଏ ମାମଲାରେ ବ୍ରହ୍ମଗିରି ଥାନା ଅନ୍ତର୍ଗତ ନୀଳକଣ୍ଠପୁରର କେଦାରନାଥ ସ୍ୱାଇଁ (୩୦) ଏବଂ ଅନ୍ୟ ଏକ ମାମଲାରେ ଗିରଫ ହୋଇଥିବା ୨ ଅଭିଯୁକ୍ତ ହେଉଛନ୍ତି ମାଟିତୋଟା ଲେନ୍‌ର ମିଟୁ ବେହେରା (୩୨) ଓ ହାଡି ସାହିର ମୁନା ନାୟକ (୨୦)। ସେହିପରି ଗତ ବୁଧବାର ମଧ୍ୟ କୁମ୍ଭାରପଡ଼ା ଥାନା ଏବଂ ତାଳବଣିଆ ଥାନା ପୁଲିସ ଜଣେ ଲେଖାଏ ଅଭିଯୁକ୍ତଙ୍କୁ ଦାଦାବଟି ମାମଲାରେ ଗିରଫ କରିଥିଲେ। କୁମ୍ଭାରପଡ଼ା ପୁଲିସ ଗିରଫ କରିଥିବା ଅଭିଯୁକ୍ତ ହେଲେ କୁମ୍ଭାରପଡ଼ା ଜଗନ୍ନାଥ ଲେନ୍‌ର ଶଙ୍କର ବେଜ (୨୨)। ସେହିପରି ତାଳବଣିଆ ଥାନା ପୁଲିସ ଗିରଫ କରିଥିବା ଅଭିଯୁକ୍ତ ହେଲେ ବଳଙ୍ଗା ଥାନା ଚନ୍ଦ୍ରାଦେଇପୁରର ପ୍ରଶାନ୍ତ ନାୟକ (୨୩)।

ଏମିତି ପ୍ରାୟ ପ୍ରତିଦିନ ପୁରୀ ସହରରେ ଦାଦାବଟି ମାମଲା ନଜରକୁ ଆସୁଛି। ତେଣୁ ଏ ଦିଗରେ ପୁଲିସ ଧରପଗଡ଼କୁ ଆହୁରି ଜୋର୍‌ଦାର କରି ଅଭିଯୁକ୍ତଙ୍କୁ ଗିରଫ କରିବା ଲାଗି ସହରବାସୀ ଦାବି କରିଛନ୍ତି।

ମନ୍ତ୍ରୀଙ୍କ ଘୋଷଣାକୁ ବର୍ଷେ ବିତିବ

# ବ୍ୟାଖ୍ୟାନ କେନ୍ଦ୍ର ସ୍ୱପ୍ନ ବାସ୍ତବ ହେବ କେବେ?

ପୁରୀ,୧।୮ (ସମିସ)

ପୁରୀରେ ଏକ ବଡ଼ ବ୍ୟାଖ୍ୟାନ କେନ୍ଦ୍ର (ଇଣ୍ଟରପ୍ରିଟେସନ ସେଣ୍ଟର) ଖୋଲାଯିବା ନେଇ ରାଜ୍ୟ ସରକାର ଯୋଜନା କରିଛନ୍ତି। ଏହା ମାଧ୍ୟମରେ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର କରାଯିବ। ମହାପ୍ରଭୁଙ୍କ ବିଭିନ୍ନ ବେଶ, ନୀତିକାନ୍ତି, ବ୍ୟବସ୍ଥାବଳୀ, ନୀତି ନିୟମ, ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ତଥ୍ୟ ପ୍ରଦାନ କରାଯିବ। ଏହାଦ୍ୱାରା ଅନେକ ଅନ୍ୟ ଧର୍ମର ବ୍ୟକ୍ତିବିଶେଷ ଯେଉଁମାନେ ଜଗନ୍ନାଥ ସଂସ୍କୃତି ବିଷୟରେ ଜାଣିବାକୁ ଚାହୁଁଛନ୍ତି ସେମାନେ ଜାଣି ପାରିବେ। ସେମାନେ ଏହି ବ୍ୟାଖ୍ୟାନ କେନ୍ଦ୍ରକୁ ଯାଇ ସମ୍ପୂର୍ଣ୍ଣ ତଥ୍ୟ ପାଇ ପାରିବେ। ପୁରୀକୁ ସାରା ଭାରତରେ ଏକ ନମ୍ବର ତୀର୍ଥସ୍ଥଳୀ ଭାବେ ବିକଶିତ କରିବା ପାଇଁ ଯାହା ଦରକାର୍ ତାହା ରାଜ୍ୟ ସରକାର କରିବେ ବୋଲି ବର୍ଷକ ତଳେ ଘୋଷଣା କରିଥିଲେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ମନ୍ତ୍ରୀ ଯେଉଁ ବଡ଼ ବ୍ୟାଖ୍ୟାନ କେନ୍ଦ୍ର ସ୍ୱପ୍ନ ଦେଖାଇଥିଲେ ତାହା କେବେ ବାସ୍ତବତାର ରୂପ ନେବ ତାହାକୁ ଅପେକ୍ଷା କରିଛନ୍ତି ଶ୍ରୀଜଗନ୍ନାଥପ୍ରେମୀ।

ପୁରୀରେ ବ୍ୟାଖ୍ୟାନ କେନ୍ଦ୍ରର ଯଥେଷ୍ଟ ଆବଶ୍ୟକତା ରହିଛି। ଏଭଳି ଉପଲବ୍ଧି କିଛିବର୍ଷ ପୂର୍ବରୁ କରାଯାଇଥିଲା। ଶ୍ରୀଜଗନ୍ନାଥ ବଲ୍ଲଭ ମଠ ପରିସରରେ ଏଥିପାଇଁ ନିର୍ମାଣ ମଧ୍ୟ କରାଯାଇଥିଲା। ଐତିହ୍ୟ ସହରର ବିକାଶ ପାଇଁ କେନ୍ଦ୍ର ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ଆରମ୍ଭ ହୋଇଥିବା ହୃଦୟ(ନ୍ୟାସନାଲ୍ ହେରିଟେଜ୍ ସିଟି ଡେଭଲପମେଣ୍ଟ ଆଣ୍ଡ ଅଗ୍‌ମେଣ୍ଟେସନ୍ ଯୋଜନା)ରେ ଶ୍ରୀଜଗନ୍ନାଥ ବ୍ୟାଖ୍ୟାନ କେନ୍ଦ୍ରର ପୂର୍ଣ୍ଣ ବିକାଶ ଲକ୍ଷ୍ୟ ରଖିଥିଲେ ସରକାର। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଅନୁଦାନରେ ଏହି ପ୍ରକଳ୍ପର ଶୁଭାରମ୍ଭ କରାଯାଇଥିଲା। ଓଟିଡିସି ଏହି ପ୍ରକଳ୍ପର ଟେଣ୍ଡର ନେବା ପରେ ୨୦୧୫ରେ ପ୍ରକଳ୍ପ କାମ ଆରମ୍ଭ କରିଥିଲା। ଶ୍ରୀଜଗନ୍ନାଥ ବଲ୍ଲଭ ମଠ ପାର୍କକୁ ଲାଗି ଗୋଲାକୃତିର ବ୍ୟାଖ୍ୟାନ କେନ୍ଦ୍ର ଗୃହ ନିର୍ମାଣ ହୋଇଥିଲା, ଯେଉଁଥିରେ ଛୋଟ ଛୋଟ କୋଠରି ସବୁ ନିର୍ମାଣ କରାଯାଇଥିଲା। ଯାହା ଖଣ୍ଡୋଲାଇଟ୍ ପଥରରେ ହୋଇଥିଲା। ମହାପ୍ରଭୁଙ୍କ ବିଭିନ୍ନ ବେଶ, ନର୍ତ୍ତକୀ ଓ ଧାର୍ମିକ କାରୁକାର୍ଯ୍ୟ ପୂର୍ଣ୍ଣ ବଡ ବଡ ପଥର ମୂର୍ତ୍ତି ସବୁ ସ୍ଥାନିତ କରାଯାଇଥିଲା। ଲକ୍ଷ୍ୟ ଥିଲା, ଯେଉଁ ପର୍ଯ୍ୟଟକମାନେ ଶ୍ରୀକ୍ଷେତ୍ର ବୁଲି ଆସୁଛନ୍ତି, ସେମାନଙ୍କୁ ଶ୍ରୀଜଗନ୍ନାଥଙ୍କ ନବକଳେବରଠାରୁ ଆରମ୍ଭ କରି ମହାପ୍ରଭୁଙ୍କ ବିଭିନ୍ନ ବେଶ ଓ ହିନ୍ଦୁ ଦେବଦେବୀଙ୍କ ସମ୍ପର୍କରେ ସୂଚନା ପ୍ରଦାନ କରିବା।

ନାଗାର୍ଜୁନ ବେଶ, ପଦ୍ମବେଶଠାରୁ ଆରମ୍ଭ କରି ଶ୍ରୀମନ୍ଦିରରେ ଶ୍ରୀଜିଉ ଯେଉଁ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି, ତାହାର ଅବତାରଣା କରିବା। ରଥଯାତ୍ରା ସମ୍ପର୍କରେ ଜଣାଇବା। ବିଶେଷକରି ଯେଉଁମାନେ ଶ୍ରୀମନ୍ଦିର ଯାଇ ପାରୁନାହାନ୍ତି, ଅଣହିନ୍ଦୁ ଓ ବିଦେଶୀ ପର୍ଯ୍ୟଟକମାନେ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଏଠାରୁ ଅଧିକ ଜ୍ଞାନ ଆହରଣ କରି ପାରିଥାନ୍ତେ। ରିସର୍ଚ୍ଚ ସ୍କଲାରମାନେ ବି ଉପକୃତ ହୋଇପାରିଥାନ୍ତେ।

ଦୁର୍ଭାଗ୍ୟ ଯେ ଦାମୀ ଖଣ୍ଡୋଲାଇଟ୍ ପଥରର ଏହି ବ୍ୟାଖ୍ୟାନ କେନ୍ଦ୍ର ଖୋଲିବା ପୂର୍ବରୁ ଭାଙ୍ଗିରୁଜି ଗଲାଣି। ଏଠାରେ କେତେବେଳେ ହବିଷ୍ୟାଳୀ ମା'ମାନଙ୍କୁ ରଖାଯାଇଥିଲା ତ ପୁଣି କେତେବେଳେ ବିସ୍ଥାପିତଙ୍କୁ ଥଇଥାନ କରିଥିଲା ଜିଲ୍ଲା ପ୍ରଶାସନ। ହେଲେ ଏହି ବ୍ୟାଖ୍ୟାନ କେନ୍ଦ୍ର ଆରମ୍ଭ ନ ହେଉଣୁ ଉଜୁଡିଗଲା।

ଗତବର୍ଷ ଅଗଷ୍ଟ ମାସରେ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା ବେଳେ ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପୁନଶ୍ଚ ବ୍ୟାଖ୍ୟାନ କେନ୍ଦ୍ରର ସ୍ୱପ୍ନ ଦେଖାଇଥିଲେ। କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଆଇନମନ୍ତ୍ରୀ କହିଥିଲେ, ଆଗାମୀ ଦିନରେ ପୁରୀରେ ଏକ ବଡ଼ ବ୍ୟାଖ୍ୟାନ କେନ୍ଦ୍ର ଖୋଲାଯିବା ନେଇ ରାଜ୍ୟ ସରକାର ଯୋଜନା କରିଛନ୍ତି। ଏହା ମାଧ୍ୟମରେ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର କରାଯିବ। ମହାପ୍ରଭୁଙ୍କ ବିଭିନ୍ନ ବେଶ, ନୀତିକାନ୍ତି, ବ୍ୟବସ୍ଥାବଳି, ନିତି ନିୟମ, ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ତଥ୍ୟ ପ୍ରଦାନ କରାଯିବ। ଏହାଦ୍ୱାରା ଅନେକ ଅନ୍ୟ ଧର୍ମର ବ୍ୟକ୍ତିବିଶେଷ ଯେଉଁମାନେ ଜଗନ୍ନାଥ ସଂସ୍କୃତି ବିଷୟରେ ଜାଣିବାକୁ ଚାହୁଁଛନ୍ତି ସେମାନେ ଜାଣି ପାରିବେ। ହେଲେ ମନ୍ତ୍ରୀଙ୍କ ଘୋଷଣାକୁ ବର୍ଷେ ପୂରିବ। ହେଲେ ଏଯାଏ ବ୍ୟାଖ୍ୟାନ କେନ୍ଦ୍ରର ରୂପରେଖ ନେଇ କିଛି ସ୍ପଷ୍ଟ ହେଲାନି। ଏପରିକି କେଉଁଠାରେ ଏହା କରାଯିବ, କେମିତି ହେବ, କିଏ କରିବ ଏସବୁ ଏବେ ଅନ୍ଧାରରେ। ବାସ୍ତବରେ ମନ୍ତ୍ରୀଙ୍କ ଘୋଷଣା କାର୍ଯ୍ୟକାରୀ ହେବ ନା କେବଳ ସେହି ଭାଷଣରେ ସୀମିତ ରହିଯିବ ତାକୁ ନେଇ ଶ୍ରୀଜଗନ୍ନାଥପ୍ରେମୀ ଏବେ ସନ୍ଦେହରେ।



ବେଳାଭୂମିରୁ ଓଟବାଲାଙ୍କ ଘରବାହୁଡ଼ା

## 'ଡାଏଟ୍' ପକ୍ଷରୁ ସିଆର୍‌ସିସିଙ୍କୁ ପ୍ରଶିକ୍ଷଣ

ପୁରୀ,୧।୮ (ସମିସ): ଚଳିତ ଶିକ୍ଷାବର୍ଷ(୨୦୨୫-୨୬)ର ଦ୍ୱିତୀୟ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅଗଷ୍ଟ ମାସର ପ୍ରଥମ ଶନିବାର ଅନୁଷ୍ଠିତ ହେବ। ଏହି ବୈଠକର ଆଲୋଚ୍ୟ ପ୍ରସଙ୍ଗ ସମ୍ପର୍କରେ ଶୁକ୍ରବାର ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡାଏଟ୍), ପୁରୀ ପକ୍ଷରୁ ୧୧ଟି ବ୍ଲକର ୧୮୬ଜଣ ସିଆର୍‌ସିସିଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଡାଏଟ ଅଧ୍ୟକ୍ଷ ସନ୍ତୋଷ କୁମାର ପରିଡ଼ାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଦୁଇଟି ପର୍ଯ୍ୟାୟ ତଥା ୪ଟି ଅଧିବେଶନରେ ଶିଶୁ ବାଟିକା ଶିକ୍ଷକ ସହାୟକ ପୁସ୍ତିକା, କାର୍ଯ୍ୟ ପୁସ୍ତିକା, ଶିଶୁ ବାଟିକାରୁ ୩ୟ ଶ୍ରେଣୀ ନିମନ୍ତେ ଉଦ୍ଦିଷ୍ଟ ଅଗଷ୍ଟ ମାସର ଶୈକ୍ଷିକ କ୍ୟାଲେଣ୍ଡର, ଭାଷା ଓ ସଂଖ୍ୟା ଜ୍ଞାନ ଶିକ୍ଷଣ ସମ୍ପର୍କିତ ବହୁଶ୍ରେଣୀ ପରିଚାଳନା, ନମୁନା ପାଠ୍ୟଟୀକା ଓ ଶିକ୍ଷକଙ୍କ ଗତିବିଧି, ୪ର୍ଥ ଓ ୫ମ ଶ୍ରେଣୀ ଆଧାରିତ ଗଣିତ ଶିକ୍ଷଣ କାର୍ଯ୍ୟ ଓ ସାମଗ୍ରିକ ପ୍ରଗତିପତ୍ର ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଡାଏଟର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଦେବସ୍ମିତା ମହାପାତ୍ର, ରାମକ୍ରିଷ୍ଣ ଦାସ, ରତିକାନ୍ତ ସାହୁ, ସ୍ୱାଧୀନ ପ୍ରଧାନ, ରାଜଶ୍ରୀ ମିଶ୍ର, ଜ୍ୟୋତିସ୍ମିତା ପାତ୍ର, ପ୍ରୀତି ପାରମିତା ସ୍ୱାଗତିକା ପାଲ ଓ ଅମୀୟ ରଞ୍ଜନ ପରିଡ଼ା ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

# ବଡ଼ଦାଣ୍ଡ ସେବା ଅନୁଷ୍ଠାନର ଶଙ୍ଖଧ୍ୱନି ଦିବସ




ପୁରୀ,୧।୮ (ସମିସ)

ମରିଚିକୋଟ ଛକଠାରେ ବଡ଼ଦାଣ୍ଡ ସେବା ଅନୁଷ୍ଠାନ ପକ୍ଷରୁ ଗୁରୁବାର ଶଙ୍ଖଧ୍ୱନି ଦିବସ ପାଳିତ ହୋଇଯାଇଛି। ଶ୍ରୀକ୍ଷେତ୍ରକୁ ଶଙ୍ଖକ୍ଷେତ୍ର ବୋଲି ମାନ୍ୟ କରାଯାଏ। ମହାପ୍ରଭୁଙ୍କ ଆୟୁଧ ହେଉଛି ଶଙ୍ଖ। ଶଙ୍ଖନାଦ ସେବା ଅନେକ ଦିନ ହେଲା ଶ୍ରୀମନ୍ଦିରରେ ବନ୍ଦ ହୋଇଯାଇଛି। କିନ୍ତୁ ଏହି ଅନୁଷ୍ଠାନ ପକ୍ଷରୁ ପ୍ରତ୍ୟେକ ଦିନ ଶ୍ରୀମନ୍ଦିର ଦ୍ୱାରଫିଟା ଓ ମଙ୍ଗଳ ଆଳତି ସମୟରେ ଅରୁଣସ୍ତମ୍ଭ ବା ସିଂହଦ୍ୱାର ନିକଟରେ ଏହି ସେବା କରିଆସୁଛନ୍ତି। ୨୦୨୩ ଅଗଷ୍ଟ ୧ରୁ ଆରମ୍ଭ ହୋଇଥିଲା ଏହି ସେବା। ପ୍ରତ୍ୟେକ ଦିନ ଶଙ୍ଖ ଧ୍ୱନି ଦ୍ୱାରା ପରିବେଶରେ ଏକ ଆଧ୍ୟାତ୍ମିକ ମନୋଭାବ ସୃଷ୍ଟି ହୋଇଥାଏ। ମାତ୍ର ଏହାକୁ ମୁଖ୍ୟ ପ୍ରଶାସକ ୨୦୨୪ ଅକ୍ଟୋବର ୧୨ ତାରିଖରେ ବନ୍ଦ କରି ଦେଇଥିଲେ। ବହୁବାର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଲିଖିତ ଭାବେ ଅବଗତ କରାଇବା ପରେ ମଧ୍ୟ କୌଣସି ସୁଫଳ ମିଳିପାରି ନ ଥିଲା। କିନ୍ତୁ ଅନୁରୋଧକୁ ରକ୍ଷା କରି ଶଙ୍ଖଧ୍ୱନି ସେବା ଆରମ୍ଭ କରିବା ପାଇଁ ଅନୁମତି ଦେଇଥିଲେ। ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଶଙ୍ଖଧ୍ୱନି କାର୍ଯ୍ୟ ଆରମ୍ଭ ହୋଇଥିବାରୁ ଆଜିର ଦିନକୁ ଶଙ୍ଖଧ୍ୱନି ଦିବସ କୁହାଯିବ।

ଏହି କାର୍ଯ୍ୟକ୍ରମରେ ମଧୁସୂଦନ ପୃଷ୍ଟି, ରାମଚନ୍ଦ୍ର ହାଲ୍‌ଦାର, ଜଗନ୍ନାଥ ପାଢୀ, ପିଙ୍କି କିନ୍ନର, ସାଗର ପରିଡ଼ା, ମନୋଜ କୁମାର ସାହୁ, ନାରାୟଣ ରାୟ ସିଂ ସୂର୍ଯ୍ୟକାନ୍ତ ନାୟକ, ବିନାୟକ ରାୟସିଂ, ବଟକୃଷ୍ଣ ମହାପାତ୍ର, ଦେବପ୍ରସାଦ ସାବତ, ରୁଦ୍ର ନାରାୟଣ ସାହୁ, ବିଶ୍ୱନାଥ ନାୟକ, ଅଙ୍କୁର ଚନ୍ଦ୍ର ଦାସ, ଜଗନ୍ନାଥ ଦୋରା ଯୋଗଦେଇଥିଲେ। ଅଶୋକ ବଜାର ସମ୍ପାଦକ କୃଷ୍ଣ ଚନ୍ଦ୍ର ସାହୁ ମଧ୍ୟ ଯୋଗଦେଇଥିଲେ। ବଟକୃଷ୍ଣ ମହାପାତ୍ର ଓ ଦେବପ୍ରସାଦ ସାବତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପିଙ୍କି କିନ୍ନର ଧନ୍ୟବାଦ ଅର୍ପଣ କରିଥିଲେ।

୪ ବ୍ଲକ୍‌ରେ ଇକୋ କ୍ଲବ୍ କାର୍ଯ୍ୟ ମନ୍ଥର

# ଆଗେଇଛି କାକଟପୁର, ପଛେଇଛି ଡେଲାଙ୍ଗ

ପୁରୀ,୧।୮ (ସମିସ)

ପରିବେଶର ସୁରକ୍ଷା ଆଜିର ସମାଜ ପାଇଁ ବଡ଼ ଆହ୍ୱାନ। ଆଧୁନିକତା ଭିତରେ ବଳିପଡୁଛି ପରିବେଶ। ପାଣି, ମାଟି, ପବନ ଆଜି ପ୍ରଦୂଷିତ, ଯାହା ଆଗାମୀ ପିଢି ପାଇଁ ଆହୁରି ଘାତକ ସାଜିବ। ତେଣୁ ପରିବେଶକୁ ସୁସ୍ଥ, ସବୁଜ ଏବଂ ସୁରକ୍ଷିତ ରଖିବା ପ୍ରତ୍ୟେକଙ୍କ ଦାୟିତ୍ୱ। ଆଉ ଏହି ଦାୟିତ୍ୱବୋଧ ଯେପରି କିଶୋରାବସ୍ଥାରୁ ଆରମ୍ଭ ହେବ ତା' ଉପରେ ଗୁରୁତ୍ୱ ଦିଆଯାଇ ଆରମ୍ଭ କରାଯାଇଛି 'ଇକୋ କ୍ଲବସ ଫର୍ ମିଶନ ଲାଇଫ୍'। ଏହାଦ୍ୱାରା ଛାତ୍ର ଜୀବନରୁ ପିଲାମାନେ ହେବେ ପରିବେଶ ସାଥୀ। ଏହି ମହତ ଉଦ୍ଦେଶ୍ୟ ନେଇ ସ୍କୁଲଗୁଡ଼ିକରେ ଗଢାଯାଇଛି ଇକୋ କ୍ଲବ। ଏଥିରେ ବୃକ୍ଷରୋପଣ ସହ ସଚେତନ କରାଯାଉଛି। ହେଲେ ଏଥିରେ ପୁରୀ ଜିଲ୍ଲାର ୪ଟି ବ୍ଲକ ପଛରେ ପଡିଯାଇଛି। ଏନେଇ ଡିଷ୍ଟ୍ରିକ୍ଟ ପ୍ରୋଜେକ୍ଟ ଅଫିସ ସମଗ୍ର ଶିକ୍ଷା ପୁରୀ ପକ୍ଷରୁ ପୁରୀ ସଦର, ଗୋପ, ଡେଲାଙ୍ଗ ଓ ନିମାପଡା ବ୍ଲକକୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ସମଗ୍ର ଜିଲ୍ଲାକୁ ୬୬ ପ୍ରତିଶତ ସଫଳତା ମିଳିଛି। ଜିଲ୍ଲାର ୨୪୪୬ ସ୍କୁଲ ମଧ୍ୟରୁ ୧୬୨୪ ସ୍କୁଲରେ ଏକ ପେଡ୍ ମା'କେ ନାମ୍-୨.୦ କାର୍ଯ୍ୟ ସମ୍ପାଦନ ହୋଇଛି। ଅର୍ଥାତ ୮୨୨ ସ୍କୁଲ ଏଥିରେ ବିଫଳ ହୋଇଛନ୍ତି।

ମିଳିଥିବା ତଥ୍ୟ ଅନୁଯାୟୀ, ୪ଟି ବ୍ଲକରେ ଇକୋ କ୍ଲବର ଫଳାଫଳ ୬୦ ପ୍ରତିଶତରୁ କମ୍ ରହିଛି। ସବା ତଳେ ରହିଛି ଡେଲାଙ୍ଗ ବ୍ଲକ। ଏହି ବ୍ଲକ ମାତ୍ର ୪୦ ପ୍ରତିଶତ ଲକ୍ଷ୍ୟ ହାସଲ କରିପାରିଛି। ଡେଲାଙ୍ଗର ମୋଟ ୧୭୯ଟି ସ୍କୁଲ ମଧ୍ୟରୁ ୭୨ ସ୍କୁଲ ଏହି ମିଶନରେ ବୃକ୍ଷରୋପଣରେ ସାମିଲ ହୋଇଛନ୍ତି। ୧୦୭ଟି ସ୍କୁଲରେ ଇକୋ କ୍ଲବ ତରଫରୁ ଏକ ପେଡ୍ ମା'କେ ନାମ ୨.୦ ଲକ୍ଷ୍ୟ ହାସଲ କରାଯାଇପାରିନାହିଁ। ତଳୁ ଦ୍ୱିତୀୟରେ ରହିଛି ଗୋପ ବ୍ଲକ। ଏଠାରେ ମାତ୍ର ୫୪ ପ୍ରତିଶତ ଲକ୍ଷ୍ୟ ହାସଲ କରାଯାଇପାରିଛି। ଗୋପର ୨୯୨ ସ୍କୁଲ ମଧ୍ୟରେ ୧୫୮ ସ୍କୁଲରେ ଏହି ଇକୋ କ୍ଲବ ସକ୍ରିୟତା ପ୍ରଦର୍ଶନ କରିଛି। ତଳ ଆଡୁ ତୃତୀୟରେ ରହିଛି ନିମାପଡା। ଏହି ବ୍ଲକରେ ୫୮ ପ୍ରତିଶତ ଲକ୍ଷ୍ୟ ହାସଲ ହୋଇପାରିଛି। ମୋଟ ୩୧୨ ସ୍କୁଲ ମଧ୍ୟରୁ ୧୮୨ଟି ସ୍କୁଲ୍ ବ୍ୟତୀତ ଅନ୍ୟ ସ୍କୁଲର ଇକୋ କ୍ଲବ ଏହି କାର୍ଯ୍ୟ ସମ୍ପାଦନରେ ଅବହେଳା କରିଛନ୍ତି। ତଳ ଆଡୁ ଚତୁର୍ଥରେ ରହିଛି ସହର ଉପକଣ୍ଠ ପୁରୀ ସଦର। ଏଠାରେ କଣ୍ଟାକଣ୍ଟି ୬୦ ପ୍ରତିଶତ ଲକ୍ଷ୍ୟ ହାସଲ ସମ୍ଭବ ହୋଇଛି। ସଦରର ୩୪୦ ସ୍କୁଲ ମଧ୍ୟରୁ ୨୦୫ଟି ସ୍କୁଲର ଇକୋ କ୍ଲବ ଏକ ପେଡ୍ ମା'କେ ନାମ୍-୨.୦ରେ ସଫଳ ହୋଇଛନ୍ତି।

ସମଗ୍ର ଜିଲ୍ଲାରେ ଶୀର୍ଷରେ ରହିଛି କାକଟପୁର। ଏହି ମିଶନ କାକଟପୁର ବ୍ଲକରେ ୯୧ ପ୍ରତିଶତ ସଫଳ ହୋଇଛି। ଅର୍ଥାତ ୧୪୪ ସ୍କୁଲ ମଧ୍ୟରୁ ୧୩୧ଟି ସ୍କୁଲରେ ଇକୋ କ୍ଲବ୍‌ସ ଫର ମିଶନ ଲାଇଫ ସଫଳ ହୋଇଛି। ଦ୍ୱିତୀୟ ସ୍ଥାନରେ ରହିଛି କଣାସ ବ୍ଲକ। ଏହି ବ୍ଲକ ୮୫ ପ୍ରତିଶତ ଲକ୍ଷ୍ୟ ହାସଲରେ ସଫଳ ହୋଇଛି। ଏଠାରେ ୨୩୦ ସ୍କୁଲରୁ ୧୯୫ ସ୍କୁଲର ଇକୋ କ୍ଲବ ଏହି କାର୍ଯ୍ୟ ସମ୍ପାଦନ ସଫଳତାର ସହ ନିର୍ବାହ କରିଛନ୍ତି। ତୃତୀୟ ସ୍ଥାନରେ ରହିଛି ସତ୍ୟବାଦୀ। ଏଠାରେ ୮୩ ପ୍ରତିଶତ ସଫଳତା ମିଳିଛି। ୧୬୦ଟି ସ୍କୁଲ ମଧ୍ୟରୁ ୧୩୨ ସ୍କୁଲରେ ଏହି ମିସନ ସଫଳ ହୋଇଛି। ଏହା ବ୍ୟତୀତ କୃଷ୍ଣପ୍ରସାଦକୁ ୭୮ ପ୍ରତିଶତ, ପିପିଲିକୁ ୬୯ ପ୍ରତିଶତ, ଅସ୍ତରଙ୍ଗକୁ ୬୬ ପ୍ରତିଶତ, ବ୍ରହ୍ମଗିରିକୁ ୬୫ ପ୍ରତିଶତ ସଫଳତା ମିଳିଛି। କିଛି ସ୍କୁଲରେ ପରିବେଶ ମନସ୍କ ଭାବନା ସୃଷ୍ଟି ପାଇଁ ଆନ୍ତରିକତାର ଅଭାବ ସ୍ପଷ୍ଟ ହୋଇଛି। ତେଣୁ ଡିପିସି ଏହାକୁ ଗୁରୁତ୍ୱର ସହ ନେଇ କାରଣ ଦର୍ଶାଅ ନୋଟିସ ଜାରି କରିଛି। ଏଥିସହ ଯେଉଁ ବ୍ଲକ ଏହି ଧାର୍ଯ୍ୟ ଲକ୍ଷ୍ୟଠୁ ଦୂରରେ ଅଛନ୍ତି, ସେମାନେ ଅଗଷ୍ଟ ୨ ତାରିଖ ପୂର୍ବରୁ ସମସ୍ତ ଲକ୍ଷ୍ୟ ପୂରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# କ୍ରାନ୍ତି ଦିବସ ପାଳନ ପ୍ରସ୍ତୁତି ବୈଠକ

ପୁରୀ,୧।୮ (ସମିସ): ପ୍ରତିବର୍ଷ ଭଳି ଚଳିତବର୍ଷ କ୍ରାନ୍ତି ଶ୍ରଦ୍ଧାଞ୍ଜଳି କମିଟି ପକ୍ଷରୁ ଆସନ୍ତା ୯ ତାରିଖରେ ନାୟକ ପ୍ଲାଜାଠାରେ ଜିଲ୍ଲାସ୍ତରୀୟ ସର୍ବଦଳୀୟ କ୍ରାନ୍ତି ସମ୍ମିଳନୀ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଗୁରୁବାର ଏକ ପ୍ରସ୍ତୁତି ବୈଠକ ନାୟକ ପ୍ଲାଜାଠାରେ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଗିରିଶଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ବୈଠକରେ ଆଇନଜୀବୀ ପୁଷ୍କର ମହାପାତ୍ର, ଡ. ପ୍ରଫୁଲ ମହାପାତ୍ର, ପୁରୀ ବାର୍ ଆସୋସିଏଶନ ସଭାପତି ପ୍ରେମାନନ୍ଦ ମହାନ୍ତି, କ୍ରାନ୍ତି ଶ୍ରଦ୍ଧାଞ୍ଜଳି କମିଟିର ସମ୍ପାଦକ ବିମଳ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସ୍ୱାଧୀନତା ଆନ୍ଦୋଳନରେ ଓଡିଶାର ଇତିହାସ ଉପରେ ଏକ କ୍ରାନ୍ତି କର୍ମଶାଳା ଆୟୋଜନ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। କାର୍ଯ୍ୟକ୍ରମରେ ବୃଦ୍ଧିଜୀବୀ, ସମାଜସେବୀ, ଯୁବକ, ଶ୍ରମିକନେତାମାନେ ମତ ଉପସ୍ଥାପନ କରିଥିଲେ। ଆଇନଜୀବୀ ଶ୍ରୀକାନ୍ତ ପରିଜା କାର୍ଯ୍ୟକ୍ରମକୁ ସମର୍ଥନ କରିଥିବା ବେଳେ କାର୍ଯ୍ୟକ୍ରମ ଶେଷରେ ଖବରଦାତା ଅଜିତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପାଣି ଟ୍ୟାପ୍ ଅଚଳ

# ପିଇବା ପାଇଁ ଅଭିଯୋଗକାରୀ ହନ୍ତସନ୍ତ

ପୁରୀ,୧।୮ (ସମିସ)

ପୁରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ପାଣି ଟ୍ୟାପ ଅଚଳ ହୋଇପଡିଛି। ଫଳରେ ଦୂରଦୁରାନ୍ତରୁ ବିଭିନ୍ନ ଅଭିଯୋଗ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସୁଥିବା ଅଭିଯୋଗକାରୀ ପିଇବା ପାଇଁ ହନ୍ତସନ୍ତ ହେଉଛନ୍ତି। ଦୁଇଟି ଷ୍ଟାଣ୍ଡପୋଷ୍ଟ ରହିଥିଲେ ହେଁ ସେଥିରେ ପାଣି ନ ଆସିବା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ଜନସାଧାରଣ।






ପ୍ରତି କାର୍ଯ୍ୟ ଦିବସରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରକୁ ଶହ ଶହ ଲୋକ ଆସିଥାନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ମୁଖ୍ୟ ପ୍ରବେଶ ଦ୍ୱାର ଦେଇ ଲୋକେ ଭିତରକୁ ପ୍ରବେଶ କରିବା ପରେ ବିଭିନ୍ନ କାର୍ଯ୍ୟାଳୟ ଜିଲ୍ଲାପାଳଙ୍କ ଅଫିସ ସଂଲଗ୍ନରେ ରହିଛି। ତେଣୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର କାର୍ଯ୍ୟ ଦିବସରେ ଗହଳି ରହିଥାଏ। ଏହାକୁ ନଜରରେ ରଖି କାର୍ଯ୍ୟାଳୟ ପରିସରରେ ବିଶୁଦ୍ଧ ପାନୀୟଜଳର ବ୍ୟବସ୍ଥା କରାଯାଇଥିଲା। ଯେଉଁମାନଙ୍କୁ ଶୋଷ ଲାଗିବ ସେମାନେ ଲାଗିଥିବା ଟ୍ୟାପରୁ ନେଇ ପିଇପାରିବେ। ହେଲେ କିଛିଦିନ ହେବ ଦୁଇଟି ଯାକ ଟ୍ୟାପ ଅଚଳ ହୋଇପଡିଛି।

ସେଥିରୁ ପାଣି ବାହାରୁ ନାହିଁ। ଫଳରେ ଅଭିଯୋଗକାରୀ ହନ୍ତସନ୍ତ ହେଉଛନ୍ତି। ତୁରନ୍ତ ଏହାକୁ ସଚଳ କରି ପିଇବା ପାଣି ଉପଲବ୍ଧ କରିବା ଲାଗି ଜନସାଧାରଣ ଦାବି କରିଛନ୍ତି।

## ୩ ଅଭିଯୁକ୍ତଙ୍କୁ ୩ ବର୍ଷ କାରାଦଣ୍ଡାଦେଶ

ନିମାପଡ଼ା, ୧।୮ (ସମିସ): ନିମାପଡ଼ା ସହକାରୀ ଦୌରା ଜଜ୍‌ଙ୍କ କୋର୍ଟରେ କୋଣାର୍କ ଥାନାଞ୍ଚଳର ଘଟିଥିବା ଏକ ପୁରୁଣା ମାମଲାର ଶୁଣାଣି କରି ତିନିଜଣ ଅଭିଯୁକ୍ତଙ୍କୁ ଜେଲ୍ ଓ ଜରିମାନା କରାଯାଇଛି। ମାଧିପୁର ଛକରେ ୨୦୧୦ ଡିସେମ୍ବର ୫ ତାରିଖ ରାତିରେ ବ୍ୟବସାୟୀ ରାମଚନ୍ଦ୍ର ଜେନାଙ୍କୁ ଅଭିଯୁକ୍ତ ବିଜୁ ନିଶଙ୍କ ଓ ତାର ଦୁଇ ସହଯୋଗୀ ନିଶାସକ୍ତ ଅବସ୍ଥାରେ ଭୁଜାଲିରେ ଆକ୍ରମଣ କରିଥିଲେ। ଗୁରୁବାର ନିମାପଡ଼ା ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ସଂଘମିତ୍ରା ବିଶ୍ୱାଳ ଏହି ମାମଲାର ବିଚାରକରି ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ତିନି ଆସାମୀ ବିଜୁ ନିଶଙ୍କ, ରଞ୍ଜନ କୁମାର ନିଶଙ୍କ ଓ ସରୋଜ ଚନ୍ଦ୍ର ଦାସଙ୍କୁ ଦୋଷୀ ସାବ୍ୟସ୍ତ କରି ୩ବର୍ଷ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି; ଅନାଦେୟ ଅଧିକ ତିନିମାସ କାରା ଦଣ୍ଡାଦେଶ ଶୁଣାଇଛନ୍ତି। ମାମଲାକୁ ଅତିରିକ୍ତ ପିପି ପ୍ରବୋଧ କୁମାର ପରିଡ଼ା ପରିଚାଳନା କରିଥିଲେ।





# ଧରାପଡ଼ିଲା ବିଜେପିର 'ମେଟ୍ରୋ' ଷଡ଼ଯନ୍ତ୍ର

- ରାଜଧାନୀ ପାଇଁ ମେଟ୍ରୋର ଆବଶ୍ୟକତା ନାହିଁ: ବିଜେପି
- ବିଜେଡି ଶ୍ରେୟ ଆଶଙ୍କାରେ ବଳି ପଡ଼ିଲା ମେଟ୍ରୋ: କଂଗ୍ରେସ
- ବିକାଶ ନୁହେଁ, ବିନାଶ ପାଇଁ ବିଜେପି ପ୍ରତିବଦ୍ଧ: ବିଜେଡି

ଭୁବନେଶ୍ୱର, ୧।୮ (ସମିସ): ଦ୍ୱୈତ ନଗରୀରେ ମେଟ୍ରୋ ଚଳାଚଳ ପାଇଁ ତତ୍କାଳୀନ ନବୀନ ପଟ୍ଟନାୟକ ସରକାର ଅର୍ଥମଞ୍ଜୁର କରିଥିଲେ। ପ୍ରକଳ୍ପର ଶୁଭ ଦିଆ ଯାଇଥିଲା, ୨୦୨୭ ସୁଦ୍ଧା ଏହାକୁ ଶେଷ କରିବାକୁ ଯୋଜନା ବି କରାଯାଇଥିଲା। ମାତ୍ର ରାଜ୍ୟରେ କ୍ଷମତା ବଦଳିବା ପରେ ବିଜେପି ସରକାର ଏହି ପ୍ରକଳ୍ପକୁ ବନ୍ଦ କରି ଦେଇଛନ୍ତି। ପ୍ରଥମେ ଏଥିପାଇଁ ବଜେଟରେ ଅର୍ଥ ବରାଦ କଲେ ନାହିଁ, ଏହାପରେ ନାନାଦି ବାହାନା କରି ପ୍ରକଳ୍ପ ଟେଣ୍ଡର ବାତିଲ କରିଦେଲେ। ଏହାକୁ ନେଇ ରାଜନୀତି ଜୋର ଧରିଥିବାବେଳେ ବିଜେପି ବିଧାୟକ ବାବୁ ସିଂହ ଓଡ଼ିଶାରେ ମେଟ୍ରୋର ଆବଶ୍ୟକତା ନାହିଁ ବୋଲି ଦେଇଥିବା ମନ୍ତବ୍ୟ ସବୁ ଷଡ଼ଯନ୍ତ୍ର ଉପରୁ ପରଦା ଉଠାଇଛି। ବିଜେପି ରାଜଧାନୀରେ ମେଟ୍ରୋ ହେଉ ବୋଲି ଚାହୁଁ ନ ଥିବା ବିଧାୟକ ଶ୍ରୀ ସିଂହଙ୍କ ମନ୍ତବ୍ୟରୁ ସ୍ପଷ୍ଟ ହୋଇଛି। ଶ୍ରୀ ସିଂହ କହିଛନ୍ତି ଯେ ରାଜଧାନୀରେ ମେଟ୍ରୋ ପ୍ରକଳ୍ପର କୌଣସି ଆବଶ୍ୟକତା ନାହିଁ। ମେଟ୍ରୋ ହେଲେ ଶହ ଶହ ହଜାର ହଜାର କୋଟି ଟଙ୍କା କ୍ଷତି ହୋଇଯିବ। ଏଠାରେ ଜନସଂଖ୍ୟା ନାହିଁ। ଏହାର ଆବଶ୍ୟକତା ୨୦ରୁ ୩୦ବର୍ଷ ପରେ ପଡ଼ିପାରେ ବୋଲି ଶ୍ରୀ ସିଂହଙ୍କ ମନ୍ତବ୍ୟକୁ ତୀବ୍ର ସମାଲୋଚନା କରିଛି କଂଗ୍ରେସ। ସାରା ବିଶ୍ୱରେ ବିଭିନ୍ନ ସରକାର ବଢୁଥିବା ଟ୍ରାଫିକ ସମସ୍ୟା, ପ୍ରଦୂଷଣକୁ ଦୃଷ୍ଟିରେ ରଖି ସାଧାରଣ ପରିବହନ ବ୍ୟବସ୍ଥାକୁ ଲାଗୁ କରିବାକୁ ଚେଷ୍ଟା କରୁଥିଲା ବେଳେ ଏଠାରେ ବିଜେଡି ଶ୍ରେୟ ନେଇଯିବା ଆଶଙ୍କାରେ ମେଟ୍ରୋ ପ୍ରକଳ୍ପକୁ ସରକାର ବନ୍ଦ କରିଦେଲେ ବୋଲି କଂଗ୍ରେସ ଅଭିଯୋଗ କରିଛି।

ବାବୁ ସିଂହ ବିଜେପିର ବିଧାୟକ। ରାଜଧାନୀବାସୀ ତାଙ୍କୁ ନିର୍ବାଚନ ଜିତାଇଲେ। ସହରର ବିକାଶ ପାଇଁ ତାଙ୍କଠାରୁ ରାଜଧାନୀବାସୀ ସ୍ୱାଭାବିକ ଆଶା ରଖିଛନ୍ତି। ନିଜେ ଦାୟିତ୍ୱ ନେଇ ମେଟ୍ରୋ ପରି ଏକ ମହତ୍ୱାକାଂକ୍ଷୀ ପ୍ରକଳ୍ପକୁ ସେ ଆଗକୁ ବଢ଼ାଇବା ପାଇଁ ସାଧାରଣ ଲୋକ ଚାହୁଁଛନ୍ତି। ମାତ୍ର ରାଜ୍ୟ ସରକାର ଏହି ପ୍ରକଳ୍ପକୁ କବର ଦେବା ପରେ ବାବୁ ସିଂହ ପ୍ରକଳ୍ପ ବିରୋଧରେ ଦେଉଥିବା ମନ୍ତବ୍ୟ ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ଦଳର ଭୁବନେଶ୍ୱର ସାଂସଦ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଚିଠି ଲେଖିଥିବାବେଳେ ବିଧାୟକ ଶ୍ରୀ ସିଂହ ଏହାର ଆବଶ୍ୟକତା ନାହିଁ ବୋଲି ଟିପ୍ପଣୀ ଦଳରେ ଥିବା ମତଭେଦକୁ ବି ସ୍ପଷ୍ଟ କରିଛି।

ଅନ୍ୟପକ୍ଷରେ ବିଜେପିର ଏଭଳି ଦୋମୁହାଁ ନୀତିକୁ ଟାର୍ଗେଟ କରିଛି କଂଗ୍ରେସ। ବିଜେଡି କାଳେ ମେଟ୍ରୋ ପ୍ରକଳ୍ପରେ ନାଁ ନେଇଯିବ, ସେଥିପାଇଁ ଏହି ପ୍ରକଳ୍ପକୁ ବିଜେପି ବାତିଲ କରିଦେଇଥିବା କଂଗ୍ରେସ ଅଭିଯୋଗ କରିଛି। ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ପୂର୍ବତନ ବିଜେଡି ସରକାର ମେଟ୍ରୋ ଶ୍ରେୟ ନେଇଯିବ ବୋଲି ବିଜେପି ମେଟ୍ରୋ କରୁ ନାହିଁ। ବିଜେପି ସରକାରକୁ ଆସିବା ପରେ ଓଡ଼ିଶାବାସୀଙ୍କ ସବୁ ସ୍ୱପ୍ନକୁ ଧୂଳିସାତ୍ କରିଦେଇଛି। ଅନ୍ୟପକ୍ଷରେ ବିଜେଡି ବିଧାୟକ ସାରଦା ଜେନା ମଧ୍ୟ ମେଟ୍ରୋ ପ୍ରକଳ୍ପକୁ ନେଇ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି। ବିଜେପି ସରକାର ରାଜ୍ୟର ବିକାଶ ନୁହେଁ, ବିନାଶ କରିବାକୁ ଲାଗି ପଡ଼ିଛି ବୋଲି ଶ୍ରୀ ଜେନା କହିଛନ୍ତି। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା କହିଛନ୍ତି ଭୁବନେଶ୍ୱର ପାଇଁ ମେଟ୍ରୋର ଆବଶ୍ୟକତା ରହିଛି। ଏଠାରେ ଟ୍ରାଫିକ୍ ବଢୁଛି। ସହର ଦ୍ରୁତ ଗତିରେ ସଂପ୍ରସାରିତ ହେଉଛି। ଭୁବନେଶ୍ୱରକୁ ଏକ ବିଶ୍ୱସ୍ତରୀୟ ସହର ଭାବେ ଗଢି ତୋଳିବାକୁ ହେଲେ ମେଟ୍ରୋର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି ପୂର୍ବ ସରକାର ମେଟ୍ରୋ ପ୍ରକଳ୍ପ କାର୍ଯ୍ୟ ନିଜସ୍ୱ ଖର୍ଚ୍ଚରେ ଆରମ୍ଭ କରିଥିଲେ। କାର୍ଯ୍ୟ ଚାଲୁଥିଲା ବେଳେ ଏହାକୁ ବନ୍ଦ କରିଦିଆଗଲା। ଏଥିପାଇଁ ବିଜେପିକୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ଶ୍ରୀ ଜେନା କହିଛନ୍ତି।

## ଓଡ଼ିଶାରେ ଚତୁର୍ଥ ଆଦି କର୍ମଯୋଗୀ ରିଜିଓନାଲ ପ୍ରୋସେସ୍ ଲ୍ୟାବ୍

ଭୁବନେଶ୍ୱର, ୧।୮ (ସମିସ): ସମାବେଶୀ ବିକାଶ ଏବଂ ସେବା ପ୍ରଦାନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଆଜି ଭୁବନେଶ୍ୱରରେ ଚତୁର୍ଥ ଆଦି କର୍ମଯୋଗୀ ରିଜିଓନାଲ ପ୍ରୋସେସ ଲ୍ୟାବ୍ (ଆରପିଏଲ)ର ଉଦଘାଟିତ ହୋଇଯାଇଛି। ଅଗ୍ରଣୀ ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ (ଡିଏଜେଜିୟୁଏ) ପୌରୋହିତ୍ୟରେ ଆୟୋଜିତ ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଆଗଧାଡ଼ିର ଆଦିବାସୀ କାର୍ଯ୍ୟକର୍ତ୍ତାଙ୍କୁ ଉତ୍ତରଦାୟୀ, ଜନକୈନ୍ଦ୍ରିକ ଶାସନ ଚଳାଇବା ପାଇଁ ଆବଶ୍ୟକ ଜ୍ଞାନ ସହିତ ସଜ୍ଜିତ କରିବା। ଏହି ରିଜିଓନାଲ ପ୍ରୋସେସ ଲ୍ୟାବ୍‌କୁ ଓଡ଼ିଶା ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ବିକାଶ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଭାରତ ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରଣାଳୟର ଅତିରିକ୍ତ ଶାସନ ସଚିବ ମନୀଷ ଠାକୁର, ଓଡ଼ିଶା ସରକାରଙ୍କ ଜନଜାତି ଓ ଅନୁସୂଚିତ ଜାତି ବିକାଶ ବିଭାଗର କମିସନର ତଥା ଶାସନ ସଚିବ ବି. ପରମେଶ୍ୱରନ, ବିଭାଗୀୟ ନିର୍ଦ୍ଦେଶକ ମାନସୀ ନିମ୍ଭାଲ ଏବଂ ଜନଜାତି ବ୍ୟାପାର ମନ୍ତ୍ରଣାଳୟର ନିର୍ଦ୍ଦେଶକ ସମିଧା ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଝାଡ଼ଖଣ୍ଡ, ବିହାର ଏବଂ ଓଡ଼ିଶାର ୨୫ ଜଣ ମନୋନୀତ ଅଂଶଗ୍ରହଣକାରୀଙ୍କୁ ଏକାଠି କରିଥିବାବେଳେ ଭାରତ ଗ୍ରାମୀଣ ଜୀବିକା ଫାଉଣ୍ଡେସନ (ବିଆରଏଲଏଫ) ଦ୍ୱାରା ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ଉଦଘାଟନୀ ଅଭିଭାଷଣ ପ୍ରଦାନ କରି ମନ୍ତ୍ରୀ ଶ୍ରୀ ଗୋଣ୍ଡ ଗୁରୁତ୍ୱାରୋପ କରି କହିଥିଲେ, ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ଆଧାରରେ, ପ୍ରତ୍ୟେକ ଆଦିବାସୀ ପରିବାର ପର୍ଯ୍ୟନ୍ତ ମୌଳିକ ସେବା ପହଞ୍ଚାଇବା ସୁନିଶ୍ଚିତ କରିବା ଲାଗି ଧରତୀ ଆବା ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନର ଶୁଭାରମ୍ଭ କରାଯାଇଛି। ସେବା ପ୍ରଦାନକାରୀମାନଙ୍କୁ ସଶକ୍ତ କରିବା ପାଇଁ ଆଦି କର୍ମଯୋଗୀ କାର୍ଯ୍ୟକ୍ରମ ଗୁରୁତ୍ୱପୂର୍ଣ୍ଣ, ଯେଉଁମାନେ ଏହି ପ୍ରତିଶ୍ରୁତି ପାଳନ କରିବା ଆବଶ୍ୟକ। ଅଂଶଗ୍ରହଣକାରୀମାନେ ଏହି ଅଭିଯାନକୁ ଜିଲ୍ଲା ଏବଂ ବ୍ଲକ ସ୍ତରରେ ଆଗକୁ ନେବା ଉଚିତ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଆନ୍ତଃବିଭାଗୀୟ ସମନ୍ୱୟର ଶକ୍ତି ଉପରେ ଗୁରୁତ୍ୱାରୋପ କରି କହିଛନ୍ତି।

## ସହଜ ଉପାୟରେ ଜଟିଳ ରୋଗ ଚିକିତ୍ସା

ଭୁବନେଶ୍ୱର, ୨୯।୭ (ସମିସ): ଭୁବନେଶ୍ୱରର କ୍ୟାପିଟାଲ୍ ହସ୍ପିଟାଲରେ କାର୍ଡିଓଲୋଜି ବିଭାଗରେ ଏକ ଜଟିଳ ରୋଗକୁ ଅତି ସହଜ ଉପାୟରେ ଚିକିତ୍ସା କରାଯାଇଛି। ରାଉରକେଲାର ସରୋଜିତ ଦାସଙ୍କ ହୃଦ୍‌ଘାତଜନିତ ସମସ୍ୟା ନେଇ ସେ କ୍ୟାପିଟାଲ୍ ହସ୍ପିଟାଲର କାର୍ଡିଓଲୋଜି ବିଭାଗର ନିର୍ଦ୍ଦେଶକ ଡକ୍ଟର ପି.କେ. ଦାଶଙ୍କ ଦ୍ୱାରା ଚିକିତ୍ସିତ ହେଉଥିଲେ। ଡ. ଦାଶଙ୍କ ଦ୍ୱାରା ଜଟିଳ ସହଜ ଉପାୟରେ ଜଟିଳ ଚିକିତ୍ସା କରାଯାଇଥିଲା। ଏଥିରେ ତାଙ୍କୁ ଡ. ଏସ୍. ସାହୁ, ଡ. ଏସ୍. ନାୟକଙ୍କ ସହ କ୍ୟାଥ୍ଲ୍ୟାବ୍ର ସମସ୍ତ କର୍ମଚାରୀଙ୍କ ମିଳିତ ସହଯୋଗ କରିଥିଲେ। ଏହା ଓଡ଼ିଶାରେ ପ୍ରଥମଥର ଏକ ସଫଳ ସ୍ୱୟଂଚାଳିତ ଇମ୍ପ୍ଲାଣ୍ଟେବଲ୍ କାର୍ଡିଓଭର୍ଟର-ଡିଫିବ୍ରିଲେଟର ରୋପଣ କରାଯାଇଥିବା ଜଣାପଡ଼ିଛି।

## ମହିଳା ବିଶ୍ୱବିଦ୍ୟାଳୟରେ ନୂତନ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୧।୮ (ସମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ନୂତନ ଅଡିଟୋରିୟମ୍ ହଲରେ ନୂତନ ବ୍ୟାଚ୍‌କୁ ବାର୍ଷିକ ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀ କଲ୍ୟାଣର ନିର୍ଦ୍ଦେଶକ ପ୍ରଫେସର ଅପରାଜିତା ବିଶ୍ୱାଳ ସ୍ୱାଗତ ଭାଷଣ ଦେବା ସହ ନବାଗତମାନଙ୍କୁ ତାଙ୍କର ଆନ୍ତରିକ ଶୁଭେଚ୍ଛା ଜଣାଇ ବିଶ୍ୱବିଦ୍ୟାଳୟରେ ସେମାନଙ୍କ ସମୟର ସର୍ବାଧିକ ଉପଯୋଗ କରିବାକୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟର ପିଜି କାଉନସିଲର ଅଧ୍ୟକ୍ଷା ପ୍ରଫେସର ମିତାଲି ଚିନାରା ଏବଂ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ମଧୁସ୍ମିତା ଦାସ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଐତିହ୍ୟ ଉପରେ ମତ ପ୍ରକାଶ କରିଥିଲେ। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ ସଭାକୁ ସମ୍ବୋଧିତ କରିବା ସହ ଛାତ୍ରୀମାନଙ୍କୁ ସମର୍ପଣ, ଶୃଙ୍ଖଳା ଏବଂ ଉତ୍କର୍ଷତାର ମୂଲ୍ୟବୋଧକୁ ବଜାୟ ରଖିବାକୁ ଅନୁରୋଧ କରିବା ସହ ବିଶ୍ୱବିଦ୍ୟାଳୟ ଅନେକ ଲୋକପ୍ରିୟ ଏବଂ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ଜନ୍ମ ଦେଇଛି, ଯେଉଁମାନେ ସମାଜରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଛନ୍ତି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ମନସ୍ୱିନୀ ସାହୁ ଏବଂ ଆଇକ୍ୟୁଏସି ର ନିର୍ଦ୍ଦେଶକ ପ୍ରଫେସର ଶିଖା ସିଂହଙ୍କ ସମେତ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ରହିଥିଲେ।

## ଏଏମ୍ / ଏନ୍ଏସ୍ ଇଣ୍ଡିଆ ଦୁଇ ସୌରଚାଳିତ ପାନୀୟ ଜଳ ୟୁନିଟ୍ ସ୍ଥାପିତ



ଭୁବନେଶ୍ୱର,୧।୮ (ସମିସ): ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ) ଏହାର ପ୍ରମୁଖ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର) ପଦକ୍ଷେପ 'ତୃପ୍ତି' ପ୍ରକଳ୍ପ ଅନ୍ତର୍ଗତ ଯଥାକ୍ରମେ କେନ୍ଦୁଝର ଏବଂ ସୁନ୍ଦରଗଡ଼ ଜିଲ୍ଲାର ବେଲକୁଣ୍ଡି ଏବଂ ମୋଟୁପଦର ଗ୍ରାମରେ ଦୁଇଟି ସୌରଚାଳିତ ପାନୀୟ ଜଳ ଯୋଗାଣ ୟୁନିଟ୍ ଉଦ୍‌ଘାଟନ କରିଛି। ଏହା ସ୍ଥାନୀୟ ବାସିନ୍ଦାଙ୍କୁ ନିରାପଦ ଏବଂ ସ୍ୱଚ୍ଛ ପାନୀୟ ଜଳ ଉପଲବ୍ଧ କରାଇବ, ଯାହା ସେମାନଙ୍କୁ ସୁସ୍ଥ ରଖିବାରେ ସହାୟତା କରିବ। ଠାକୁରାଣୀ ଖଣି ନିକଟସ୍ଥ ବଡ଼ବିଲ ପୌରପାଳିକାର ୱାର୍ଡ-୨ରେ ଅବସ୍ଥିତ ବେଲକୁଣ୍ଡି ଗ୍ରାମରେ ନୂତନ ଭାବେ ସ୍ଥାପିତ ପାନୀୟ ଜଳ ୟୁନିଟ୍, ସ୍ଥାନୀୟ ବାସିନ୍ଦାଙ୍କ ନିର୍ଭରଯୋଗ୍ୟ ପାନୀୟ ଜଳର ଆବଶ୍ୟକତାକୁ ପୂରଣ କରିବ। ୫୦୦୦ ଲିଟରର ଏକ ଷ୍ଟୋରେଜ୍ ଟ୍ୟାଙ୍କ, ସୌରଚାଳିତ ପମ୍ପିଂ ୟୁନିଟ୍, ବୋରୱେଲ ଏବଂ ପାଞ୍ଚଟି ଟ୍ୟାପ୍ ପଏଣ୍ଟ ସହିତ ସଜ୍ଜିତ ଏହି ଜଳ ଯୋଗାଣ ୟୁନିଟ୍ ଦ୍ୱାରା ନିକଟବର୍ତ୍ତୀ ଅଞ୍ଚଳର ୨୨୦ରୁ ଅଧିକ ସ୍ଥାନୀୟ ବାସିନ୍ଦା ଉପକୃତ ହେବେ। ଏହି ଉଦଘାଟନୀ ଉତ୍ସବରେ ୱାର୍ଡ-୨ର ପୂର୍ବତନ କାଉନସିଲର ଲକ୍ଷ୍ମଣ ମହନ୍ତ, ଏଏମ୍ / ଏନ୍ଏସ୍ ଇଣ୍ଡିଆ ସିଏସଆର ବିଭାଗ ମୁଖ୍ୟ ବିକାଶ ଯାଦଭେନ୍ଦୁ, ଏଏମ୍ / ଏନ୍ଏସ୍ ଇଣ୍ଡିଆର ସୁରକ୍ଷା ବିଭାଗ ମୁଖ୍ୟ ଉଦୟ କୁମାର ବର୍ମାଙ୍କ ସହିତ ଏଏମ୍ / ଏନ୍ଏସ୍ ଇଣ୍ଡିଆର ଅଧିକାରୀ ଏବଂ ସ୍ଥାନୀୟ ବାସିନ୍ଦାମାନେ ଉପସ୍ଥିତ ଥିଲେ। କୋଇଡା ବ୍ଲକର ମାଲଦା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମୋଟୁପଦର ଗ୍ରାମରେ ଆଉ ଏକ ପାନୀୟ ଜଳ ୟୁନିଟ୍ ଉଦଘାଟନ କରାଯାଇଛି। ଏହି ଉଦଘାଟନୀ ଉତ୍ସବରେ ଏଏମ୍ / ଏନ୍ଏସ୍ ଇଣ୍ଡିଆ ଓଡ଼ିଶାର ପାଇପଲାଇନ୍ ପ୍ରୋଜେକ୍ଟ ମୁଖ୍ୟ ଅଜିତ ସିଂହ ଏବଂ କମ୍ପାନୀର ଅନ୍ୟ ପ୍ରତିନିଧି ଏବଂ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।

## ଧୀରେ ଧୀରେ ଚାଲ...



ମେ ଫେୟାର ହୋଟେଲ ପଛପଟ ସିପିଆଇଏମ୍ଏଲ୍ ପାର୍ଟି ଅଫିସ ଆଗ ଓ ଖାରବେଳ ନଗର ବିଜେପି ପାର୍ଟି ଅଫିସ ପଛପଟ

## 'ଆକାଶ' ପକ୍ଷରୁ ସ୍କଲାରସିପ୍ ଆନ୍ଥେ ଆବେଦନ

ଭୁବନେଶ୍ୱର, ୧।୮ (ସମିସ): 'ଆକାଶ' ଶିକ୍ଷାନୁଷ୍ଠାନ ପକ୍ଷରୁ ଚଳିତ ବର୍ଷ ଜାତୀୟ ସ୍କଲାରସିପ୍ ପରୀକ୍ଷା 'ଆକାଶ ନ୍ୟାସନାଲ ଟାଲେଣ୍ଟ ହଣ୍ଟ ଏକ୍‌ଜାମ୍ (ଆନ୍ଥେ)' ପାଇଁ ଆବେଦନ ଆରମ୍ଭ ହୋଇଛି। ଅକ୍ଟୋବର ୪ରୁ ୧୨ ତାରିଖ ଯାଏଁ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ପରୀକ୍ଷା ହେବ। ସପ୍ତମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେଇପାରିବେ। ସେହିପରି ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀମାନେ ଜେଇଇ ଆଡଭାନ୍‌ସଡ୍ ପ୍ରସ୍ତୁତି ପାଇଁ 'ଇନ୍‌ଭିକ୍ଟସ୍ ଏସ୍ ଟେଷ୍ଟ' ପରୀକ୍ଷା ଅନୁଷ୍ଠିତ ହେବ। ଏହି ଜାତୀୟସ୍ତରର ଯୋଗ୍ୟତା ତଥା ବୃତ୍ତି ପରୀକ୍ଷା ଅଗଷ୍ଟ ୨୪, ୩୧ ଓ ସେପ୍ଟେମ୍ବର ୭ ତାରିଖରେ ଅନୁଷ୍ଠିତ ହେବ। ଛାତ୍ରଛାତ୍ରୀ ନିଜର ସୁବିଧା ଅନୁଯାୟୀ ଘଣ୍ଟାଏ ସମୟ ପରୀକ୍ଷା ଦେବେ। ଏନେଇ ଆକାଶ ଇନ୍‌ଷ୍ଟିଚ୍ୟୁଟ୍‌ର ଆଞ୍ଚଳିକ ନିର୍ଦ୍ଦେଶକ ଅଜୟ ବାହାଦୁର ସିଂ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେବା ସହ ବୃତ୍ତି ପରୀକ୍ଷାର ଘୋଷଣା କରିଛନ୍ତି।

ଆଗ୍ରହୀ ଛାତ୍ରଛାତ୍ରୀ ଆକାଶର ୱେବ୍‌ସାଇଟ୍ କିମ୍ବା ନିକଟସ୍ଥ ଆକାଶ ସେଣ୍ଟରକୁ ଯାଇ ପଞ୍ଜିକରଣ କରି ପାରିବେ। ପଞ୍ଜୀକରଣ ଫି' ୩ଶହ ଟଙ୍କା ଧାର୍ଯ୍ୟ କରାଯାଇଛି। ଶୀଘ୍ର ଆବେଦନ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ୫୦ ପ୍ରତିଶତ ରିହାତି ରହିବ। ଆନ୍ଥେ ପରୀକ୍ଷା ଫଳ ଦଶମ ଛାତ୍ରଛାତ୍ରୀଙ୍କ ପାଇଁ ଅକ୍ଟୋବର ୨୪ ତାରିଖରେ ପ୍ରକାଶ ପାଇବ। ସପ୍ତମରୁ ନବମ ପିଲାଙ୍କ ଅକ୍ଟୋବର ୨୯ ଓ ପଞ୍ଚମରୁ





ଷଷ୍ଠ ଶ୍ରେଣୀ ପିଲାଙ୍କର ନଭେମ୍ବର ୧ ତାରିଖରେ ପ୍ରକାଶ ପାଇବ। ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଫଳ ନଭେମ୍ବର ୪ ତାରିଖରେ ପ୍ରକାଶ ପାଇବ। ପରୀକ୍ଷାର ୧୬ବର୍ଷ ପୂର୍ତ୍ତୀ ଅବସରରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ସହାୟତା କରି ଉଚ୍ଚଶିକ୍ଷା ପ୍ରଦାନ ସହ ଉନ୍ନତ ଭବିଷ୍ୟତ ଗଢ଼ିବାକୁ 'ଆକାଶ' ପ୍ରତିଶ୍ରୁତିବଦ୍ଧ ବୋଲି ଆଞ୍ଚଳିକ ନିର୍ଦ୍ଦେଶକ ଶ୍ରୀ ସିଂ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଆକାଶର ବହୁ କର୍ମକର୍ତ୍ତା ଉପସଥିତ ଥିଲେ।

## ବରିଷ୍ଠ ନାଗରିକ ମହାସଂଘର ବର୍ଷା ମଙ୍ଗଳ ଉତ୍ସବ



ଭୁବନେଶ୍ୱର, ୧।୮ (ସମିସ): ରାଜ୍ୟ ବରିଷ୍ଠ ନାଗରିକ ମହାସଂଘର ବର୍ଷା ମଙ୍ଗଳ ଉତ୍ସବ ବାଣୀବିହାର ନିକଟସ୍ଥ ଏକ ହୋଟେଲରେ ପାଳିତ ହୋଇଯାଇଛି। ମହାସଂଘର ସଭାପତି ତଥା ବରିଷ୍ଠ ଆଇନଜୀବୀ ଡ଼. ମଧୁ ମାଧବ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସାଧାରଣ ସମ୍ପାଦକ ଯୁଗଳ କିଶୋର ସାହୁ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଜାପତି ବ୍ରହ୍ମ କୁମାରୀ ବିଶ୍ୱବିଦ୍ୟାଳୟ ମୁଖ୍ୟ ବିକେ ଗୀତା, ସନସାଇନ୍ ହସ୍ପିଟାଲର ସ୍ନାୟୁରୋଗ ବିଶେଷଜ୍ଞ ଡ଼. ସଚିଦାନନ୍ଦ ସ୍ୱାଇଁ ବିଭିନ୍ନ ରୋଗ ନିରାକରଣ ବିଷୟରେ ବରିଷ୍ଠ ନାଗରିକମାନଙ୍କୁ ବୁଝାଇଥିଲେ। ଫ୍ରଙ୍କଲିନ ମ୍ୟୁଚୁଆଲ ଫଣ୍ଡର ଓଡ଼ିଶା ମୁଖ୍ୟ ଅରବିନ୍ଦ ମିଶ୍ର ଏବଂ ତାଙ୍କ ସହଯୋଗୀ ଚନ୍ଦ୍ରକାନ୍ତ ସାହୁ ବରିଷ୍ଠ ନାଗରିକ ମାନେ ନିରାପଦ ଅର୍ଥ ବିନିଯୋଗ ତଥା ମ୍ୟୁଚୁଆଲ ଫଣ୍ଡର ଉପକାରିତା ବିଷୟରେ ବୁଝାଇଥିଲେ। ଶେଷରେ ଗଣେଶ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଓୟୁଟିଆର୍‌ରେ ନୂତନ ଛାତ୍ରଛାତ୍ରୀଙ୍କ ପାଇଁ ଓରିଏଣ୍ଟେସନ୍ ପୋଗ୍ରାମ

ଭୁବନେଶ୍ୱର, ୧।୮ (ସମିସ): ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ବେଶିକ୍ ସାଇନ୍ସ ଏଣ୍ଡ ହ୍ୟୁମାନିଟି ବିଭାଗ ପକ୍ଷରୁ ନୂତନ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉଦ୍ଦେଶ୍ୟରେ ଏକ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର କୁଳପତି ଡ଼. ବିଭୂତି ଭୂଷଣ ବିଶ୍ୱାଳ ଉଦ୍‌ଘାଟନ କରି ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ 'ମୌଳିକ ବିଜ୍ଞାନ ଅନୁଷ୍ଠାନ ହେଉଛି ମୂଳ ଚିନ୍ତନ, ଅନ୍ୱେଷଣ ଓ ଅବିଷ୍କାର ଅର୍ଥ ପାଉଛି। ଏହି ଯାତ୍ରା ଆପଣଙ୍କୁ ଗଭୀର ଜ୍ଞାନ ଓ ସୃଜନଶୀଳତାର ପଥରେ ଗତି କରିବାକୁ ପ୍ରେରିତ କରିବ ବୋଲି କହିଥିଲେ। ଏହି ସଭାରେ ଡିନ୍ ଏକ୍ୟାଡେମିକ୍ସ ଡ଼. ଏଏନ୍ ଆଚାର୍ଯ୍ୟ ଓ ଡିନ୍ ପିଜିଏସ୍ଆର୍ ଡ଼. ଅରୁଣା ତ୍ରିପାଠୀ ମଧ୍ୟ ଉପସ୍ଥିତ ରହିଥିଲେ। ନୂତନ ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ଗୁଣବତ୍ତା ଓ ବୃହତ ଅନୁସନ୍ଧାନ ପ୍ରସ୍ତୁତି ବିଷୟରେ ଅନ୍ତର୍ଦୃଷ୍ଟି ଦେଇଥିଲେ। ବିଭାଗୀୟ ଅଧିକାରୀ ଡ଼. ବିଜ୍ଞାନ ରଞ୍ଜନ ଦାସ, ଡ଼. ବବିତା ଓଝା ଓ ଡ଼ ପିକେ ମିଶ୍ର ବିଭାଗର ପଢ଼ାପଢ଼ି ପ୍ରଣାଳୀ, ଶିକ୍ଷକମାନଙ୍କ ସାହାଯ୍ୟ ଓ ଗବେଷଣା ସହଯୋଗ ବିଷୟରେ ଅଭିଯୋଗ ଉପସ୍ଥାପନ କରି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଖୋଲା ଆଲୋଚନା ଓ ପ୍ରଶ୍ନୋତ୍ତର ସତ୍ର ଆୟୋଜିତ ହୋଇଥିଲା ଯାହା ମାଧ୍ୟମରେ ସେମାନେ ନିଜ ଉତ୍ସାହ, ଜିଜ୍ଞାସା ଓ ଉଦ୍ଦିପନାକୁ ଅଭିବ୍ୟକ୍ତ କରିଥିଲେ।

### ଥାନାରେ ହାଜର ହେଲେ ଓଏଏସ୍ ଅଫିସର୍

# '୧୦ ମିନିଟ୍ ମା'ପାଖରେ ବସିବା କ'ଣ ବଡ଼ ଅପରାଧ'

ଭୁବନେଶ୍ୱର, ୧।୮ (ସମିସ): ଓଏଏସ୍ ଅଫିସର ସାର୍ଥକ ସୌରଭ ମହାପାତ୍ର ଏବଂ ପତ୍ନୀ ସହକାରୀ ନିର୍ବାହୀ ଯନ୍ତ୍ରୀ ଅର୍ଚ୍ଚନା ଦାଶଙ୍କ କଳି ଏବେ ତେଜିବାରେ ଲାଗିଛି। ପରସ୍ପର ଉପରଙ୍କୁ ଦୋଷ ଲଦାଲଦି ହେଉଛନ୍ତି। କିଏ ସତ କହୁଛି ତାହାକୁ ନେଇ ଏବେ ବଡ଼ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ପତ୍ନୀ ଅର୍ଚ୍ଚନାଙ୍କ ଅଭିଯୋଗ ଆଧାରରେ ଆଜି ପୁଲିସର ନୋଟିସ୍ ପାଇ ସାର୍ଥକ ସୌରଭ ମହାପାତ୍ର ଥାନାରେ ହାଜର ହୋଇଛନ୍ତି। ପୁଲିସ ତାଙ୍କର ବୟାନ ନେବା ପରେ ଛାଡ଼ିଥିବା ଜଣାପଡ଼ିଛି। ସାର୍ଥକ ଏବେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ବା ଓଏସ୍‌ଡମାରେ ଡିଜିଏମ୍ ଭାବେ କାର୍ଯ୍ୟ କରୁଛନ୍ତି। ଅନ୍ୟପଟରେ ପତ୍ନୀ ଅର୍ଚ୍ଚନା ପଞ୍ଚାୟତିରାଜ ଓ ପାନୀୟ

**କିଏ ସତ କହୁଛି ତାହାକୁ ନେଇ ବଢୁଛି ଦ୍ୱନ୍ଦ୍ୱ**

ଜଳ ବିଭାଗରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ସ୍ୱାମୀ ସାର୍ଥକ ସୌରଭ ମହାପାତ୍ରଙ୍କ ସହିତ ଅର୍ଚ୍ଚନା ତାଙ୍କ ଶାଶୂ କବିତା ମଞ୍ଜରୀ ରଥ ଓ ନଣଦ ସାଇନା ସୋନାଲି ମହାପାତ୍ରଙ୍କ ବିରୋଧରେ ମଧ୍ୟ ଏଫଆଇଆର ଦେଇଛନ୍ତି। ସେମାନେ ମଧ୍ୟ ତାଙ୍କୁ ମାନସିକ ନିର୍ଯାତନା ଦେବା ସହିତ ଦୁର୍ବ୍ୟବହାର କରିଥିବା ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ମହିଳା ଥାନାରେ ହାଜର ହୋଇ ଫେରିବା ପରେ ଗଣମାଧ୍ୟମ ଆଗରେ ଓଏଏସ୍ ଅଫିସର ସାର୍ଥକ ସୌରଭ ମହାପାତ୍ର ତାଙ୍କ ବିରୋଧରେ ଆସିଥିବା ଅଭିଯୋଗଗୁଡ଼ିକୁ ଖଣ୍ଡନ କରିବା ସହିତ ପତ୍ନୀ ଅର୍ଚ୍ଚନା



ଦାଶଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ, ଅର୍ଚ୍ଚନାଙ୍କ ନଜରରେ ୧୦ ମିନିଟ୍ ମା' ପାଖରେ ବସିପଡ଼ିଲେ, ତାହା ଏକ ବଡ଼ ଅପରାଧ ହୋଇଯାଏ। ସାର୍ଥକ କହିଛନ୍ତି, ପତ୍ନୀଙ୍କ ଗର୍ଭାବସ୍ଥାର ଶେଷ ତିନି ମାସ ମୁଁ ତାଙ୍କର ସବୁ ସେବା କରିଛି। ପାଣି ରଖିଦିଏ। କେତେବେଳେ କେଉଁ ମେସିଡିନ୍ ଖାଇବେ, ତାହା ସଜାଡ଼ି ରଖିଦିଏ। ପୁଣି ଅଫିସରୁ ମନେ ପକାଇ ଦିଏ କେଉଁ ସମୟରେ କେଉଁ ମେଡିସିନ୍ ଖାଇବେ ବୋଲି। ଅଫିସରୁ ଫେରିବା ପରେ ୯୦ ପ୍ରତିଶତ ଦିନ ମୁଁ ହିଁ ରୋଷେଇ କରିଛି। କହନ୍ତି ଭାତ ଭଲ ଲାଗୁନି, ଫ୍ରାଏଡ୍ ରାଇସ୍ ଖାଇବି। ମୁଁ କରି ଦିଏ। ସେ ଗର୍ଭବତୀ ଥିବା ବେଳେ ତାଙ୍କ ଗୋଡ୍ ପେନ୍ ହୁଏ। ତେଣୁ ପ୍ରତିଦିନ ଦୁଇ ଘଣ୍ଟା ଲେଖାଏ ମୁଁ ତାଙ୍କ ଗୋଡ଼ ମାଲିସ୍ କରିଦିଏ। ମୁଁ ତାଙ୍କ ପାଇଁ ସବୁ କିଛି କରିଛି। କିନ୍ତୁ ପ୍ରତିବଦଳରେ ମୁଁ କିଛି ପାଇନି। ପ୍ରତିବଦଳରେ ମୋ ନାଁରେ ଥାନାରେ ମାମଲା ରୁଜୁ ହୋଇଛି। କାହାକୁ ପ୍ରଶଂସା କରିବାର ଗୁଣ ତାଙ୍କ ପାଖରେ ନାହିଁ। ଜଣେ ସ୍ୱାମୀ ଭାବେ ମୁଁ ତାଙ୍କର ସମର୍ଥନ ଆଶା କରେ।

ମୋ ମା' ଜଣେ ବିଧବା ମହିଳା। ସେ ଦିନ ସାରା ଘରେ ଏକୁଟିଆ ଥାଆନ୍ତି। ମୁଁ ଆଶା କରେ ମୋ ମା' ଓ ପତ୍ନୀ କଥାବାର୍ତ୍ତା ହେଉଥିବେ। ମୁଁ ଅଫିସରୁ ଫେରିଲା ବେଳେ ଟିକେ ଶାନ୍ତ ମନରେ ଫେରିବି। କିନ୍ତୁ ମୁଁ ଯେବେବି ଅଫିସରୁ ଫେରେ ମୋତେ ଗୋଟେ ଇମୋସନାଲ ଖଣ୍ଡାଧାରରେ ରହିବାକୁ ପଡ଼େ। ୧୦ ମିନିଟ୍ ମା' ପାଖରେ ବସିପଡ଼ିଲେ, ତାହା ଏକ ବଡ଼ କ୍ରାଇମ ହୋଇଯାଏ। ଘରେ ଥିବା ବେଳେ ମୁଁ ମୋ ଭଉଣୀ ପାଖକୁ ପଇସା ପଠାଏ କି ନାହିଁ, ସେ ନେଇ ମୋ ପରେ ନଜର ରଖନ୍ତି। ମୋ ଛଡ଼ା ମୋ ମା'ର କେହି ନାହାନ୍ତି। ମୋ ଭଉଣୀ ବାହାଘର ପୂର୍ବରୁ ଦିଲ୍ଲୀରେ ଅଛି। ସେ ସେଠାରେ ଚାକିରି ପାଇଁ ପ୍ରସ୍ତୁତି ଚଲାଇଛି। ତେଣୁ ନିହାତି ଭାବେ ମୋ ମା' ଓ ଭଉଣୀଙ୍କୁ ସର୍ପୋଟ ଦରକାର। କିନ୍ତୁ ସେ ଏଥିରେ ବହୁତ ବାଧା ସୃଷ୍ଟି କରିଛନ୍ତି। ମୁଁ ଦିନର ୧୫/୧୬ ଘଣ୍ଟା ପତ୍ନୀଙ୍କ ପାଇଁ ଦିଏ। କିନ୍ତୁ ଘଣ୍ଟାଏ ସମୟ ମା' ଓ ଭଉଣୀଙ୍କୁ ଦେଇ ଦେଲେ ବହୁତ ବଡ଼ କ୍ରାଇମ ହୋଇଯାଏ ବୋଲି ସାର୍ଥକ ସୌରଭ ମହାପାତ୍ର କହିଛନ୍ତି। ବାରମ୍ବାର ସେ ଆତ୍ମହତ୍ୟା ଧମକ ଦେଉଥିବା ଯୋଗୁଁ ମୋ ମନରେ ଡର ପଶିଯାଇଥିଲା। ସେ କହିଛନ୍ତି, ଆମ ମଧ୍ୟରେ ବହୁତ କିଛି ଝଗଡ଼ା ହୋଇଛି। ଯେତେବେଳେ ବି ଆମ ମଧ୍ୟରେ ଝଗଡ଼ା ହୋଇଛି, ତାହା ଶେଷ ହୋଇଯାଏ ତାଙ୍କର ଆତ୍ମହତ୍ୟା ଧମକରେ। ସେ ଆତ୍ମହତ୍ୟା କରିଦେବେ ବୋଲି କହନ୍ତି। ସେଥିପାଇଁ ସବୁବେଳେ ମୋତେ ମାନସିକ ଚାପ ମଧ୍ୟରେ ରହିବାକୁ ପଡ଼େ। ବାରମ୍ବାର ସେ ଆତ୍ମହତ୍ୟା ଧମକ ଦେଉଥିବା ଯୋଗୁଁ ମୋ ମନରେ ଡର ପଶିଯାଇଥିଲା। ମୋ ପାଇଁ ମିଛ ଅଭିଯୋଗ ବିରୋଧରେ ଲଢ଼ିବା ସହଜ, କିନ୍ତୁ ଆତ୍ମହତ୍ୟା ଧମକ ବିରୋଧରେ ଲଢିବା ଭାରି କଷ୍ଟ। ସବୁ କଳା ପରେ ଜବାବ ମିଳିଲା.। ମୁଁ ଭାବିଥିଲି ଛୁଆ ହେବା ପରେ ସବୁ ସାମାନ୍ୟ ହୋଇଯିବ। କିନ୍ତୁ ହସ୍ପିଟାଲରେ ପୁଅ ଜନ୍ମ ବେଳେ ବହୁତ କିଛି ଘଟିଗଲା। ପ୍ରସୂତି ପରେ କିଛି କାମ ଥାଏ, ଯାହା ସାଧାରଣତଃ ମହିଳାମାନେ କରନ୍ତି। କିନ୍ତୁ ସେହି ସବୁ କାମ ମୁଁ କରିଛି। ତା' ସହିତ ଅନ୍ୟାନ୍ୟ ସବୁ କାମ କରିଛି। ପୁଣି ଘରକୁ ଆସି ମା'ର ଟିକେ ଯତ୍ନ ନିଏ। ତିନି ରାତି ଅନିଦ୍ରା ରହି ମୁଁ ସବୁ କରିଛି। ଥାନାରେ କରିଥିବା ସବୁ ଅଭିଯୋଗ ମିଛ ବୋଲି ସେ ଖଣ୍ଡନ କରିଛନ୍ତି।



### ଗ୍ରୀନ୍‌ସିଟି ମିସନର ସଫଳତାକୁ ନେଇ ପ୍ରଶ୍ନବାଚୀ

# ବିଶୁଦ୍ଧ ଥଣ୍ଡା ପାନୀୟ ମେସିନ୍ ଅଚଳ



୯ ତାଲା ସମ୍ମୁଖ

ଭୁବନେଶ୍ୱର, ୧।୮ (ସମିସ): ରାଜଧାନୀକୁ ଆସୁଥିବା ସହ ସହ ଲୋକଙ୍କୁ ଥଣ୍ଡା ବିଶୁଦ୍ଧ ପାଣି ଦେବାପାଇଁ ଶକ୍ତି ମନ୍ତ୍ରାଳୟର ଗ୍ରିନ୍ ସିଟି ଯୋଜନାରେ ରାଜଧାନୀରେ ଆରମ୍ଭ ହୋଇଥିଲା ସୋଲାର୍ ପାୱାର ୱାଟର୍ କିଓସ୍କ ପ୍ରକଳ୍ପ। ଖରା ପୂର୍ବରୁ ସବୁ ପ୍ରମୁଖ ଛକଗୁଡ଼ିକରେ ଏହା ସ୍ଥାପନ ପାଇଁ ଯୋଜନା କରାଯାଇଥିଲା। ବିଏମ୍‌ସିର ଗ୍ରିନ୍ ସିଟି ମିସନ୍ ଓ ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା ବା ଓରେଡାର ମିଳିତ ଭାବେ ଏହି ଦାୟିତ୍ୱ ନେଇଥିଲେ। ଓରୋଡ଼ା ପକ୍ଷରୁ ସ୍ଥାପିତ ଏହି ପ୍ରକଳ୍ପର ତଦାରଖ ଦାୟିତ୍ୱ ବିଏମ୍‌ସିକୁ ଦିଆଯାଇଥିଲା। କିନ୍ତୁ ଏହି ମିସନ୍ ଅଧା ଚାଲିଲେ ଅଧା ଚାଲୁନି। କେତେକ ସ୍ଥାନରେ ଏହି ପ୍ରକଳ୍ପ ବସିଥିଲେ ମଧ୍ୟ ଆଉ କିଛି ସ୍ଥାନରେ ଏବେ ସୁଦ୍ଧା ଏହା ବସିପାରିନି। ଏମିତି କି ଆସନ୍ତା ଗ୍ରୀଷ୍ମ ପୂର୍ବରୁ ଏହି କାମ ସରିବା ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି।

ପ୍ରକାଶ ଥାଉ କି ଚଳିତବର୍ଷ ପହିଲାରେ ସରକାର ସୋଲାର୍ ପାୱାର ୱାଟର୍ କିଓସ୍କ ପ୍ରକଳ୍ପ ସମ୍ପର୍କରେ ଘୋଷଣା କରିଥିଲେ। ରାଜଧାନୀର ୧୨୦ଟି ସ୍ଥାନରେ ୧୨୦ଟି ସୋଲାର୍ ପାୱାର କିଓସ୍କ ପ୍ରକଳ୍ପ ବସିବ ବୋଲି କୁହାଯାଇଥିଲା। କ୍ୟାପିଟାଲ୍ ହସ୍ପିଟାଲ ଆହାର କେନ୍ଦ୍ର, ଓୟୁଏଟି ଛାତ୍ରାବାସ, ଡୁମୁଡୁମା ପାଲାମଣ୍ଡପ, ସମ୍ ହସ୍ପିଟାଲ୍ ଆହାର କେନ୍ଦ୍ର, ନୂଆପଲ୍ଲୀ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୩୭ ନମ୍ବର ୱାର୍ଡ ଅନ୍ତର୍ଗତ କସ୍ତୁରବା ଖେଳ ପଡ଼ିଆ, ଡମଣା ଛକ ଆମ ବସ୍ ବେ, ଚନ୍ଦ୍ରଶେଖରପୁର ଡିଏଭି ସ୍କୁଲ ସମ୍ମୁଖ, କଲ୍ୟାଣୀ ମାର୍କେଟ୍, କୋଳଥିଆ ଲକ୍ଷ୍ମୀମଣ୍ଡପରେ ଏହି ପ୍ରକଳ୍ପ ଆରମ୍ଭ ହୋଇଥିଲା ବେଳେ ଆଉ ୧୦୮ ଜାଗାରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ନେଇ ଯୋଜନା ରହିଥିଲା। ହେଲେ ଏବେବି ଏହି ପ୍ରକଳ୍ପର ଅନେକ କାମ ଅଧପନ୍ତରିଆ ହୋଇ ରହିଛି। ଶେଷ ହୋଇଥିବା ପ୍ରକଳ୍ପ ମଧ୍ୟରୁ କେଉଁଠୁ ପାଣି ଆସୁଛି ତ ଆଉ କେଉଁଠି କିଓସ୍କ ମେସିନ୍ ଟାଙ୍କି ଥାଇ ପାଣି ଆସୁନାହିଁ। ଏଥିସହିତ ଆଉ କିଛି ସ୍ଥାନରେ ଏବ ସୁଦ୍ଧା ସୋଲାର୍ ପ୍ୟାନେଲ୍ ଲାଗି ପାରି ନ ଥିବାରୁ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରୁନି। ଫଳରେ ଏହା କଳଙ୍କି ଲାଗିବାକୁ ବସିଲାଣି।

ସହରରେ ଏମିତି ଅନେକ ସେମିନ୍ ଲୋକଙ୍କ ପାଇଁ ବସିଛି। ହେଲେ ଏହାକୁ ଲୋକେ ବ୍ୟବହାର କରିପାରୁନାହାନ୍ତି। ଠିକ୍‌ରେ ଚାଲିଲେ ନା ଲୋକେ ବ୍ୟବହାର କରିବେ। ଖରାଦିନ ଆସିଲେ ପୁଣି ସମସ୍ତଙ୍କର ଏ ମେସିନ୍ କଥା ମନେପଡ଼ିବ ବୋଲି କଳ୍ପନା ଛକର ଜଣେ ବ୍ୟବସାୟୀ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ବର୍ଷା ସମୟରେ ଯେମିତି ରାସ୍ତା ଖୋଳା କାର୍ଯ୍ୟ ହେଉଛି ଠିକ୍ ସେମିତି ଏହି କାର୍ଯ୍ୟ ମଧ୍ୟ ଖରା ଆସିଲେ ହବ ବୋଲି ସେ କହିଛନ୍ତି।



ନୟାପଲ୍ଲୀ କସ୍ତୁରବା ପଡ଼ିଆ ପାଖରେ

## ଶିଶୁକୁ ନୂଆ ଜୀବନ ଦେଲା ହାଇଟେକ୍ ହସ୍ପିଟାଲ



ଭୁବନେଶ୍ୱର, ୧।୮ (ସମିସ): ପବିତ୍ର ନାୟକ ଓ ମାତା ରଶ୍ମିତା ନାୟକଙ୍କର ୩ ବର୍ଷର ଶିଶୁକୁ ରାତିରେ ଶୋଇଥିବା ସମୟରେ ଏକ ବିଷଧର ସପା କାମୁଡ଼ିଥିଲା। ଶିଶୁଟିର ବାପା ମାଆ ଶିଶୁକୁ ଗଞ୍ଜାମ ସରକାରୀ ହସ୍ପିଟାଲକୁ ନେବା ପରେ ମେଡିକାଲ ଅଫିସର ଏହା ଅତ୍ୟନ୍ତ ଜଟିଳ ଏବଂ ଅସୁବିଧା ଦର୍ଶାଇ ତୁରନ୍ତ କଟକ କିମ୍ବା ଭୁବନେଶ୍ୱର ନେଇଯିବା ପାଇଁ ପରାମର୍ଶ ଦେଇଥିଲେ। ପରେ ଶିଶୁର ପରିବାର ଲୋକେ ଶିଶୁକୁ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ନେଇ ଆସି ଚିକିତ୍ସା କରାଇଥିଲେ। ଶିଶୁଟି ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ଚିକିତ୍ସାବିତ୍ ଡ. ଜାନକୀ ବଲ୍ଲଭ ପ୍ରଧାନଙ୍କୁ ଅଶେଷ ଧନ୍ୟବାଦ ଦେବା ସହ ହାଇଟେକ୍ ହସ୍ପିଟାଲକୁ ପ୍ରଣାମ ଜଣାଇଛନ୍ତି ବାପା ପବିତ୍ର ଓ ରଶ୍ମିତା ସାପ କାମୁଡିଲେ ସଙ୍ଗେ ସଙ୍ଗେ ଦକ୍ଷ ଚିକିତ୍ସକମାନଙ୍କ ଦ୍ୱାରା ପରାମର୍ଶ ଓ ଚିକିତ୍ସା କରାଇଲେ ତତ୍‌କ୍ଷଣାତ ମୃତ୍ୟୁ ମୁଖରୁ ବଞ୍ଚିପାରିବା ବୋଲି ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧକ୍ଷ ଡ. ତିରୁପତି ପାଣିଗ୍ରାହୀ ଏବଂ ଚିକିତ୍ସାବିତ୍‌ମାନେ ପରାମର୍ଶ ଦେଇଛନ୍ତି। ବର୍ତ୍ତମାନ ଶିଶୁଟି ସମ୍ପୂର୍ଣ୍ଣ ସୁସ୍ଥ ଥିବା ମେଡିକାଲ ସୁପରିନଟେଣ୍ଡେଣ୍ଟ ଡକ୍ଟର ରବୀନ୍ଦ୍ରନାଥ ବେହେରା କହିଛନ୍ତି।

## ଡିଜିଟାଲ୍ ପରିବର୍ତ୍ତନ ଓ ନୂତନ ଉଦ୍ଭାବନ ଉପରେ ଆଇବିସିଏସ୍ ପକ୍ଷରୁ ଜାତୀୟ ସମ୍ମିଳନୀ



ଭୁବନେଶ୍ୱର, ୧।୮ (ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ) ପକ୍ଷରୁ ନିକଟରେ 'ଡିଜିଟାଲ୍ ପରିବର୍ତ୍ତନ ଏବଂ ନୂତନ ଉଦ୍ଭାବନ' ସଂକ୍ରାନ୍ତ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସୋଆର ଉପକୁଳପତି ତଥା ରେଜିଷ୍ଟ୍ରାର ପ୍ରଫେସର ବିଭୁତି ଭୂଷଣ ପ୍ରଧାନ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର ଡ. ସଂଘମିତ୍ରା ମିଶ୍ର, ଆଇବିସିଏସ୍‌ର ଡିନ୍ ପ୍ରଫେସର ଅୟସ କାନ୍ତ ମହାନ୍ତି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ୍ ସାଇନ୍‌ସେସ୍‌ର ଡିନ୍ ପ୍ରଫେସର ଡ. ରୁଚି ଭୂୟାଁ ଓ ସୋଆର ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସମ୍ମିଳନୀର ସଂଯୋଜକ ପ୍ରଫେସର ପ୍ରୀତି ୱାଇ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସାମାଜିକ ଗଣମାଧ୍ୟମରେ ସମ୍ବଲପୁରୀ ଦିନ୍




ଭୁବନେଶ୍ୱର, ୧।୮ (ସମିସ): ସାମାଜିକ ଗଣମାଧ୍ୟମରେ ସମ୍ବଲପୁର ଦିନ୍ ପାଳନ କରିଛନ୍ତି ପିଲା ଠାରୁ ବୟସ୍କ। ଆଜିର ଦିନରେ ପଶ୍ଚିମ ଓଡ଼ିଶା ସମ୍ବଲପୁରୀ ଦିନ୍ ପାଳନ କରୁଥିବା ବେଳେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଉଭୟ ମହିଳା ଓ ପୁରୁଷମାନେ ସମ୍ବଲପୁରୀ ବସ୍ତ୍ର ପରିଧାନ କରି ଫଟୋ ଏବଂ ରିଲ୍ସ ପୋଷ୍ଟ କରିବା ସହ ଏହି ଦିନର ଶୁଭେଚ୍ଛା ଜଣାଇଛନ୍ତି। ଏହାସହ ସମ୍ବଲପୁରୀ ହସ୍ତତନ୍ତର ସ୍ୱାତନ୍ତ୍ର୍ୟ ବିଷୟରେ ମଧ୍ୟ ଅନେକ ବିସ୍ତୃତ ଭାବେ ନିଜ ପୋଷ୍ଟରେ ଜଣାଇଥିବା ଦେଖିବାକୁ ମିଳିଛି। ସମ୍ବଲପୁରୀ ଭାଷା, ସାହିତ୍ୟ ଓ ସସ୍କୃତିର ଜନକ ଭାବେ ପରିଚିତ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମଦିନକୁ ପ୍ରତିବର୍ଷ ସମ୍ବଲପୁରୀ ଦିନ ଭାବରେ ପାଳନ କରାଯାଏ। ସମ୍ବଲପୁରୀ ଭାଷା ଓ ସଂସ୍କୃତିର ପ୍ରଚାର ହିଁ ଏହି ଦିନର ଏକମାତ୍ର ଲକ୍ଷ୍ୟ। ପଶ୍ଚିମ ଓଡ଼ିଶାର ସବୁ ଜିଲ୍ଲାରେ ଆଜି ଏହି ଦିନକୁ ଧୁମଧାମରେ ପାଳନ କରାଯାଉଛି। ସମ୍ବଲପୁରୀ ପୋଷାକ ସହ ନାଚ ଗୀତର ଆସର ଜମେ। ତେବେ ଏହି ଦିନରେ ସରକାରୀ ଅନୁଷ୍ଠାନଠୁ ଆରମ୍ଭ କରି ବେସରକାରୀ ଅନୁଷ୍ଠାନ ପର୍ଯ୍ୟନ୍ତ ସମ୍ବଲପୁରୀ ପୋଷାକ ପିନ୍ଧି କାର୍ଯ୍ୟାଳୟକୁ ଆସିଥାଆନ୍ତି। ଯାହା ବିଭିନ୍ନ ସରକାରୀ କର୍ମଚାରୀଙ୍କ ପୋଷ୍ଟରେ ଦେଖିବାକୁ ମିଳିଛି।

## ଓଡ଼ିଶା ମ୍ୟୁଜିକ୍ ହେରିଟେଜ୍‌ର ଚତୁର୍ଥ ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୧।୮ (ସମିସ): ଓଡ଼ିଶା ମ୍ୟୁଜିକ୍ ହେରିଟେଜ୍ ସାଂସ୍କୃତିକ ଅନୁଷ୍ଠାନର ଚତୁର୍ଥ ବାର୍ଷିକ ଉତ୍ସବ ପାଳନ ଅବସରରେ ସ୍ଥାନୀୟ ବୁଦ୍ଧ ମନ୍ଦିର ପ୍ରେକ୍ଷାଳୟରେ ଏକ ସଙ୍ଗୀତ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏହି ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶୀ ସଙ୍ଗୀତ ଗୁରୁ କେଶବ ଚନ୍ଦ୍ର ରାଉତ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡ. ପ୍ରଫେସର ସୁକାନ୍ତ ବଳ, ଲୋକ ସମ୍ପର୍କ ଓ ସୂଚନା ବିଭାଗ ପକ୍ଷରୁ ଉପ-ନିର୍ଦ୍ଦେଶିକା ସୁଚେତା ପ୍ରିୟଦର୍ଶିନୀ, ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଡ. ତ୍ରିଲୋଚନ ବରାଳ ପ୍ରମୁଖ ଯୋଗ ଦେଇଥିଲେ। ଗୁରୁ ତାପସ କୁମାର ସାହୁ, ଗୁରୁ ଧୃତିମୟ ବେହେରା, ଶରତ କୁମାର ସ୍ୱାଇଁ ଏବଂ ସଙ୍ଗୀତ ନିର୍ଦ୍ଦେଶକ ସାନ୍ତନୁ ନାୟକ ପ୍ରମୁଖ କଳାକାରମାନଙ୍କୁ ଓଡିଆ ସଙ୍ଗୀତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅନୁଷ୍ଠାନ ତରଫରୁ ସମ୍ମାନିତ କରାଯାଇଥିଲା। ପରେ ପରେ ସଙ୍ଗୀତ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମକୁ ସ୍ୱେଦେଶ ମହାନ୍ତି ଏବଂ ସାନ୍ତନୁ କୁମାର ରାଉତ ପ୍ରମୁଖ ସଂଯୋଜନା କରିଥିଲେ। କଥାକାର ତଥା ଉପସ୍ଥାପକ ବିନୋଦ ବିହାରୀ ମଞ୍ଚ ପରିଚାଳନା କରିଥିଲେ।

## ୫୦ ପ୍ରେକ୍ଷାଳୟରେ 'ଛି ରେ ନନୀ'

ଭୁବନେଶ୍ୱର, ୧।୮ (ସମିସ): ଓଡ଼ିଶାର ପ୍ରାୟ ୫୦ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି ବହୁଚର୍ଚ୍ଚିତ ଓଡ଼ିଆ ଚଳଚ୍ଚିତ୍ର 'ଛି ରେ ନନୀ'। ଭୁବନେଶ୍ୱରସ୍ଥିତ ସ୍ମୃତି ଟକିଜରେ ଏହାର ଗ୍ରାଣ୍ଡ ପ୍ରିମିୟର ସୋ ଅନୁଷ୍ଠିତ ହୋଇଯାଇଛି। ସିଦ୍ଧାର୍ଥ ମ୍ୟୁଜିକ ଓ ସୁଶାନ୍ତ ମଣିଙ୍କ ନିର୍ଦ୍ଦେଶିତ ତଥା ସୀତାରାମ ଅଗ୍ରୱାଲ ଓ ନମିତା ଅଗ୍ରୱାଲଙ୍କ ପ୍ରଯୋଜିତ ଏହି ଚଳଚ୍ଚିତ୍ରରେ ଏକ ନିଆରା ପ୍ରେମ କାହାଣୀକୁ ଦର୍ଶାଯାଇଛି। ଏଥିରେ ନାୟକ ଶୈଳେନ୍ଦ୍ର ଓ ନାୟିକା ଶିବାନୀଙ୍କ ଅଭିନୟ ଦେଖିବାକୁ ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ଅଭିନେତା ଦୀପାନ୍ୱିତ ଦାସ ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ଧରିତ୍ରୀ ଖଣ୍ଡୁଆଳ, ସୁମନ୍ତ ମଣି, ଭକ୍ତି ରଞ୍ଜନ ଓ ଆଦ୍ୟାଶା ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଏଥିରେ କାର୍ଯ୍ୟନିର୍ବାହୀ ପ୍ରଯୋଜକ ଦାୟିତ୍ୱ ତୁଲାଇଛନ୍ତି ସିଦ୍ଧାର୍ଥ ଓ ତମନ୍ନା ଅଗ୍ରୱାଲ। ସେହିପରି ସଂଳାପ ରଚନା ସୁଶାନ୍ତ ମଣି ଓ ହିରେନ କୁମାର କରିଥିବା ବେଳେ ଗୀତିକାର ଓ ସଙ୍ଗୀତକାର ହେଉଛନ୍ତି ସ୍ୱର୍ଗତ ସତ୍ୟ ଅଧିକାରୀ।

## ଓଡ଼ିଶା ରାଜସ୍ୱ ସେବାର ଅଧିକାରୀମାନଙ୍କ ସହ ରାଜ୍ୟପାଳଙ୍କ ଆଲୋଚନା



ଭୁବନେଶ୍ୱର, ୧।୮ (ସମିସ): ରେଭେନ୍ୟୁ ଅଫିସର୍ସ ଟ୍ରେନିଂ ଇନଷ୍ଟିଚ୍ୟୁଟ୍‌ରେ ତାଲିମ୍ ନେଉଥିବା ୨୦୨୨ ବ୍ୟାଚ୍‌ର ଓଡ଼ିଶା ରାଜସ୍ୱ ସେବାର ଅଧିକାରୀମାନଙ୍କ ସହ ଶୁକ୍ରବାର ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ବାର୍ତ୍ତାଳାପ କରିଛନ୍ତି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି। ଯୁବ ଅଫିସରମାନେ ସେମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସର୍ବଦା ସଚେତନ ରହି ଉତ୍ସର୍ଗୀକୃତ ଭାବେ ଜନସାଧାରଣଙ୍କୁ ସେବା ଯୋଗାଇଦେବାକୁ ପରାମର୍ଶ ଦେଇଥିଲେ। ଆଲୋଚନା ସମୟରେ ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ରୂପା ରୋଶନ ସାହୁ ଉପସ୍ଥିତ ଥିଲେ।

## ପୋସ୍ ଆଇନ-୨୦୧୩ ସମ୍ବନ୍ଧୀୟ ପ୍ରଶିକ୍ଷଣ

ଭୁବନେଶ୍ୱର, ୧।୮ (ସମିସ): କର୍ମକ୍ଷେତ୍ରରେ ମହିଳାମାନଙ୍କ ପ୍ରତି ଯୌନ ଉତ୍ପୀଡନ (ସୁରକ୍ଷା, ନିଷେଧ ଓ ନିବାରଣ) ଆଇନ୍-୨୦୧୩ ସମ୍ବନ୍ଧୀୟ ଏକ କର୍ମଶାଳା ସ୍ୱତନ୍ତ୍ର ରିଲିଫ୍ କମିସନରଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାର୍ଯ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଅଧକ୍ଷା ଯୁଗ୍ମ ସ୍ୱତନ୍ତ୍ର ରିଲିଫ୍ କମିସନର ସ୍ମିତା ଚମ୍ପତିରାୟ ଅଧକ୍ଷତା କରିଥିଲେ। ବୈଠକରେ ମହିଳାମାନଙ୍କ ଅଧିକାର ସମ୍ବନ୍ଧରେ କାର୍ଯ୍ୟ କରୁଥିବା ଏନ୍‌ଜିଓରୁ ତୃପ୍ତି ମଞ୍ଜରୀ ବରାଳ ଯୋଗଦେଇ ପୋସ୍ ଆଇନ୍-୨୦୧୩ ବିଷୟରେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ରିଲିଫ୍ କମିସନରଙ୍କ କାର୍ଯ୍ୟାଳୟର ଅତିରିକ୍ତ ସ୍ୱତନ୍ତ୍ର ରିଲିଫ୍ କମିସନର ସରୋଜ କୁମାର ସାହୁ ଓ ପଦ୍ମନାଭ ବେହେରା ଅଂଶଗ୍ରହଣ କରିଥିଲେ।

## କେନାଲରେ ଆସୁନି ପାଣି; ଶୁଖିଲା ପଡ଼ିଛି ଜମି



ନନ୍ଦନକାନନ, ୧।୮ (ସମିସ): ଏପର୍ଯ୍ୟନ୍ତ ସିଙ୍ଗଡ଼ା ମାଇନର କେନାଲରେ ପାଣି ଆସିଲା ନାହିଁ। ଫଳରେ କେନାଲ ଶୁଖିଲା, ବିଲ ଶୁଖିଲା, ତଳି ଶୁଖିଲା ଦେଖି ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ଏହିଭଳି ଦୃଶ୍ୟ ଦେଖିବାକୁ ମିଳିଛି ଉତ୍ତର ଭୁବନେଶ୍ୱର ଟାଙ୍ଗିବନ୍ତ, ସିଙ୍ଗଡ଼ା ଗହୀରରେ। ଏତେବେଳକୁ ବିଲରେ ତଳି ରୋଇବା ବେଳ ଓ ବିଲ କାଦୁଅ ହେବା ବେଳ। ଏବେ ବିଲରେ ଟ୍ରାକ୍ଟର ପାୱାରଟେଲରେ ଚାଷୀ ବିଲକୁ ସର ସର କାଦୁଅ କରି ପକାଇବା କଥା। କିନ୍ତୁ ପାଣି ବିନା ସବୁ ଶୁଖିଲା ପଡ଼ିଛି। ଟାଇଁ ଟାଇଁ ଖରାରେ ବିଲ ଫାଟି ଆଁ କରିଥିବା ବେଳେ ଚାଷୀମାନଙ୍କ ମୁହଁ ଶୁଖି କଳାକାଠ ହୋଇଯାଉଛି। ଯାହାପାଇଁ ଚାଷୀଭାଇ ମୁଣ୍ଡରେ ଭାଲେଣିରେ ପଡ଼ିଛି। ପାଣି ବିନା ତଳିମୁଣ୍ଡା ଶୁଖିଶୁଖି ହଳଦିଆ ପଡ଼ି ନାଲି ପଡ଼ିବାକୁ ବସିଲାଣି। ଶୀଘ୍ର ଶୀଘ୍ର କିପରି ବିଲକୁ ପାଣି ପାଇବେ ଏନେଇ ଚାଷୀମାନେ ପ୍ରଶାସନକୁ ଗଣମାଧ୍ୟମ ଦ୍ୱାରା ଜଣାଇଛନ୍ତି।

### ଦିନକ ପରେ ଫ୍ରେଣ୍ଡସିପ୍ ଡେ'

# ଉପହାର ଓ ବ୍ୟାଣ୍ଡ କିଣିବାକୁ ଭିଡ଼

ଭୁବନେଶ୍ୱର, ୧।୮ (ସମିସ)



ଆଉ ଦିନକ ପରେ ବନ୍ଧୁତା ଦିବସ। ପ୍ରତିବର୍ଷ ଅଗଷ୍ଟ ମାସର ପ୍ରଥମ ରବିବାରକୁ ବନ୍ଧୁତା ଦିବସ ବା ଫ୍ରେଣ୍ଡସିପ୍ ଡେ'ଭାବେ ପାଳନ କରିଥାନ୍ତି ସମସ୍ତେ। ଏଥିପାଇଁ ଯୁବପିଢିଙ୍କ ମଧ୍ୟରେ ଦେଖାଯାଇଛି କ୍ରେଜ୍। ଏଥିପାଇଁ ଢେର୍ ପୂର୍ବରୁ ପ୍ଲାନିଂ ମଧ୍ୟ ଆରମ୍ଭ ହୋଇଯାଇଛି।

ବନ୍ଧୁତା ଦିବସରେ ଫ୍ରେଣ୍ଡସିପ୍ ବ୍ୟାଣ୍ଡ ବାନ୍ଧି ବନ୍ଧୁତ୍ୱର ଏକ ଅନାବିଳ ସମ୍ପର୍କକୁ ମଜ୍‌ଭୁତ୍ କରିଥାନ୍ତି ଉଭୟ। ରାଜଧାନୀର ବିଭିନ୍ନ ପ୍ରମୁଖ ସ୍ଥାନମାନଙ୍କରେ ଉପହାର ଦୋକାନ ଏବଂ ରାକ୍ଷୀ ଷ୍ଟଲରେ ଉପଲବ୍ଧ ରହିଛି ଭଳି କି ଭଳି ଫ୍ରେଣ୍ଡସିପ୍ ବ୍ୟାଣ୍ଡ, ଫିଙ୍ଗର ରିଙ୍ଗ୍, ଚାବି ରିଙ୍ଗ୍, ଟେଡି, ଚକୋଲେଟ୍ ଓ ଉପହାର। ରାଜଧାନୀର ପ୍ରମୁଖ ସ୍ଥାନ ଯଥା, ବାଣୀବିହାର, ସହିଦନଗର, ମାର୍କେଟ୍ ବିଲଡିଂ, ଇନ୍ଦ୍ରଧନୁ ମାର୍କେଟ୍ ଆଦି ବିଭିନ୍ନ ସ୍ଥାନରେ ସକାଳ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳୁଛି। ଏହାର ଦାମ୍ ୫ଟଙ୍କାରୁ ଆରମ୍ଭ କରି ୫୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ଆକର୍ଷଣୀୟ କାର୍ଡଗୁଡ଼ିକ ରହିଛି, ଯେଉଁଥିରେ ବନ୍ଧୁମାନଙ୍କ ପାଇଁ କୋଟେସନସ୍ ରହିଛି। ଏହି ଦିବସ ପାଳନ ପାଇଁ କେକ୍ ଦୋକାନ ଗୁଡ଼ିକରେ ପୂର୍ବରୁ ଅର୍ଡର ଦିଆଯାଇଥିବା ଜଣାପଡ଼ିଛି।

### ଡିଜେ, ଲେଜର୍, ହୁକା ବାର୍ ପ୍ରସ୍ତୁତ

ଫ୍ରେଣ୍ଡସିପ୍ ଡେ଼'କୁ ନେଇ ଯୁବପିଢିଙ୍କ ମଧ୍ୟରେ ଦେଖାଯାଇଛି ପାର୍ଟିର କ୍ରେଜ୍। ଏଥିପାଇଁ ରାଜଧାନୀର ବିଭିନ୍ନ ପବ୍, ଡିସ୍କୋ, କ୍ଲବ ଆଦିରେ ପୂର୍ବରୁ ବୁକିଂ ମଧ୍ୟ ହୋଇଛି। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥା ପକ୍ଷରୁ ଫ୍ରେଣ୍ଡସିପ୍ ଡେ' ସେଲିବ୍ରେସନ୍ ପାର୍ଟି ଆୟୋଜନ କରାଯାଇଛି। କେତେକ ସ୍ଥାନରେ ଫ୍ରେଣ୍ଡସିପ୍ ଡେ' ପୂର୍ବଦିନ ରାତିରେ ପାର୍ଟି ଆୟୋଜନ କରାଯାଇଥିବାବେଳେ କିଛି ସ୍ଥାନରେ ସେହି ଦିନ ହିଁ ରହିଛି ସ୍ୱତନ୍ତ୍ର ପାର୍ଟି। ସ୍ୱେଶାଲ ଡିଜେ, ଲେଜର ଲାଇଟ୍, ହୁକା ବ୍ୟବସ୍ଥା ରହିଥିବା ଜଣାପଡ଼ିଛି।

■ ଲାଞ୍ଚ ନ ଦେବାରୁ ବିଦ୍ୟୁତ୍ କାଟିବା ଘଟଣା

# ଖବର ପ୍ରକାଶ ପରେ ଗାଁକୁ ବିଦ୍ୟୁତ୍ ଯୋଗାଣ

**ଶଗଡ଼ା, ୧।୮ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବିଳାସପୁର ପଞ୍ଚାୟତ ପାଣ୍ଡିରିପଡ଼ାରେ ଶେଷରେ ବିଦ୍ୟୁତ୍ ଯୋଗାଣ ହୋଇଛି। ଖବର ପ୍ରକାଶ ପରେ ଟାଟା ପାୱାରର ଚେତା ପଶିଛି।

କିଛି ଦିନ ତଳେ ପାଣ୍ଡିରିପଡ଼ା ଗ୍ରାମକୁ ଯାଇଥିବା ବିଦ୍ୟୁତ୍ ତାରରେ କୌଣସି ପ୍ରକାର ତ୍ରୁଟି ଯୋଗୁଁ ବିଦ୍ୟୁତ ସେବା ବ୍ୟାଘାତ ହୋଇଥିଲା। ତାପରେ ଗ୍ରାମବାସୀଙ୍କ ପକ୍ଷରୁ ବିଦ୍ୟୁତ୍ ଗ୍ରାହକ ସେବା କେନ୍ଦ୍ରକୁ ଫୋନ୍ କରାଯାଇଥିଲା। ଗତ ୨୦ ତାରିଖ ଦିନ ଶଶାଙ୍କ ସାହୁ ଓ ସୁବଳ କ୍ଷେତୀ ନାମକ ଦୁଇଜଣ ବିଦ୍ୟୁତ୍ କର୍ମଚାରୀ ଗାଁକୁ ଯାଇ ବିଦ୍ୟୁତ ସଜାଡ଼ିଥିଲେ। ପରେ ଗ୍ରାମବାସୀଙ୍କୁ ଉଭୟ ୬୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଏହାକୁ ନେଇ ଗ୍ରାମବାସୀ ଯୁକ୍ତିତର୍କ କରି ଟଙ୍କା ଦେବାକୁ ଅରାଜି ପ୍ରକାଶ କରିଥିଲେ। ଅଧିକ ଯୁକ୍ତିତର୍କ ହେଲା ପରେ ଗାଁ ଲୋକେ ସେ ଦୁଇଜଣଙ୍କୁ ୩୦୦ଟଙ୍କା ଦେଇଥିଲେ; ହେଲେ ଏହି ରାଗରେ ପରଦିନ ସକାଳେ ସେ ଦୁଇ କର୍ମଚାରୀ ଆସି ଗାଁର ମୁଖ୍ୟ ବିଦ୍ୟୁତ୍ ତାରକୁ କାଟି ଦେଇ ଚାଲିଯାଇଥିଲେ। ଗାଁରେ ଏ କଥା ପ୍ରଘଟ ହୋଇଯାଇଥିଲା। ପରେ ଗ୍ରାମବାସୀ ମନମୁଣ୍ଡାସ୍ଥିତ ବିଦ୍ୟୁତ କାର୍ଯ୍ୟାଳୟରେ ପହଞ୍ଚି ଅଭିଯୋଗ କରିଥଲେ। ଏ ନେଇ ଦୈନିକ 'ସକାଳ'ରେ ଖବର ପ୍ରକାଶ ପିଥିଲା। ଏହି ଖବରକୁ ବରଗଡ଼ ଜିଲ୍ଲାର ରମେଶ ମେହେର, ବିନୋଜ କନ୍ଧେର, ଅତାବିରାର ରିଙ୍କୁ ଜଗଦଲା, କେନ୍ଦୁଝର ଜିଲ୍ଲାର ବିକ୍ରମ କେଶରୀ ମହନ୍ତ, ସୁବର୍ଣ୍ଣପୁର ଜିଲ୍ଲାର ସର୍ଜନ ପାଣ୍ଡେ, ବୌଦ୍ଧ ଜିଲ୍ଲା କଣ୍ଟାମାଳର ମନଧର କର୍ମୀ 'ଏକ୍ସ'ରେ ବିଦ୍ୟୁତ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ଶେଷରେ ବିଭାଗ ପକ୍ଷରୁ କର୍ମଚାରୀମାନେ ଏହି ଗ୍ରାମକୁ ଯାଇ ବିଦ୍ୟୁତ ଯୋଗାଣ କରିଛନ୍ତି।

ଖବର ପ୍ରକାଶ ପରେ ଚେତିଲା ବିଭାଗ

# କାର୍ଯ୍ୟକ୍ଷମ ହେଲା ପାନୀୟ ଜଳ ପ୍ରକଳ୍ପ



**ଶଗଡ଼ା, ୧।୮ (ସମିସ)**

କଣ୍ଟାମାଳ ବ୍ଲକ ସଦର ପଞ୍ଚାୟତ କଣ୍ଟାମାଳ, ବନ୍ଧପାଲି ଓ ଦେଉଳଡୁଙ୍ଗୁରି ଗ୍ରାମର ଲୋକ ପାନୀୟ ଜଳ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମର ଲୋକେ ପାଣି ପାଇଁ ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ ସହ ନଳକୂପ ଉପରେ ନିର୍ଭର କରି ଚଳୁଥିଲେ; ହେଲେ ଗତ ଏକ ମାସରୁ ଅଧିକ ସମୟ ହେବ କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଗ୍ରାମକୁ ପାନୀୟ ଜଳ ଯୋଗାଣ ବନ୍ଦ ହୋଇଥିଲା। ଏହା ଫଳରେ ପାନୀୟ ଜଳ ସମସ୍ୟା ଯୋଗୁଁ ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଗ୍ରାମରେ ଥିବା ନଳକୂପ ଲୋକଙ୍କ ଆବଶ୍ୟକତା ମେଣ୍ଟାଇ ପାରୁ ନ ଥିବା ବେଳେ ଲୋକେ ପାଣି ପାଇଁ ଖରାରେ ଲମ୍ବା ଲାଇନ୍ ଲଗାଇଥିବା ଦେଖିବାକୁ ମିଳିଛି। ପାଣି ପାଇଁ ଲୋକଙ୍କ ସମସ୍ୟା ଦ୍ୱିଗୁଣିତ ହେଉଛି। ପାନୀୟ ଜଳ ସମସ୍ୟା ନେଇ ଗ୍ରାମବାସୀ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ସହ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ସୁଦ୍ଧା ସମସ୍ୟାର ସମାଧାନ ହୋଇ ନ ଥିଲା। ସମସ୍ୟାର ସମାଧାନ ନେଇ ଉଭୟ ପଞ୍ଚାୟତ କର୍ତ୍ତୃପକ୍ଷ ଓ ପାନୀୟ ଜଳ ଯୋଗାଣ ବିଭାଗ ଦୋଷ ଲଦାଲଦି ହୋଇଥିଲେ। ଏ ନେଇ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଏହି ଖବରକୁ ବରଗଡ଼ ଜିଲ୍ଲାର ରମେଶ ମେହେର, ବିନୋଜ କନ୍ଧେର, ଅତାବିରାର ରିଙ୍କୁ ଜଗଦଲା, କେନ୍ଦୁଝର ଜିଲ୍ଲାର ବିକ୍ରମ କେଶରୀ ମହନ୍ତ, ସୁବର୍ଣ୍ଣପୁର ଜିଲ୍ଲାର ସର୍ଜନ ପାଣ୍ଡେ, ବୌଦ୍ଧ ଜିଲ୍ଲା କଣ୍ଟାମାଳର ମନଧର କର୍ମୀ ପ୍ରଶାସନ ସହ ଜଳ ଓ ପରିମଳ ବିଭାଗକୁ 'ଏକ୍ସ'ରେ ଦୃଷ୍ଟି ଆକର୍ଷଣ କରିଥିଲେ। ଶେଷରେ ବିଭାଗ ପକ୍ଷରୁ ପାନୀୟ ଜଳ ପ୍ରକଳ୍ପ ମରାମତି କରାଯାଇଛି।

# ଅସାମାଜିକଙ୍କ କବ୍‌ଜାରେ ରାଜା ବଙ୍ଗଳା ଖେଳ ପଡ଼ିଆ



**ବାଲିଶଙ୍କରା, ୧।୮ (ସମିସ):** ବାଲିଶଙ୍କରାର ରାଜା ବଙ୍ଗଳା ଖେଳ ପଡ଼ିଆ ଏବେ ଅସାମାଜିକ ବ୍ୟକ୍ତିଙ୍କ କବ୍‌ଜାରେ ରହିଛି। ଯାହାଫଳରେ ଅଞ୍ଚଳରେ କ୍ରୀଡା ପ୍ରତିଭାଙ୍କ ବିକାଶ ହୋଇପାରୁ ନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ହକି ଖେଳ ପାଇଁ ବିଶ୍ୱ ଦରବାରରେ ବାଲିଶଙ୍କରା ବ୍ଲକ ପରିଚୟ ସୃଷ୍ଟି କରିପାରିଛି। ବିଗତ କିଛି ବର୍ଷ ପୂର୍ବେ ଫୁଟବଲ ଖେଳ ପାଇଁ ମଧ ଜିଲ୍ଲା ତଥା ରାଜ୍ୟରେ ଏହା ସୁନାମ ଅର୍ଜନ କରିଛି। କିନ୍ତୁ ଖେଳପଡ଼ିଆ ନଥିବାରୁ ଏହି ଫୁଟବଲ ଖେଳର ଚାହିଦା ଧୀରେ ଧୀରେ ଲୁପ୍ତ ହେଉଥିବା ଦେଖାଦେଇଛି। ନୂତନ ପ୍ରତିଭାବାନ ଖେଳାଳିଙ୍କ ଅଭ୍ୟାସ ପାଇଁ ଥିବା ରାଜାବଙ୍ଗଳା ଖେଳ ପଡ଼ିଆ ମଧ୍ୟରେ ଗାଇ, ବଳଦଙ୍କ ସମେତ ମଦ ବୋତଲ, ପାଣି ବୋତଲ ପଡ଼ିଥିବା ଦେଖାଯାଉଛି। ଖେଳ ପଡ଼ିଆ ଏପରି ଆବର୍ଜନାରେ ଭର୍ତ୍ତି ହୋଇଥିବାରୁ କେହି ଖେଳ ପଡ଼ିଆକୁ ଆସୁନଥିବା ସ୍ଥାନୀୟବାସୀନ୍ଦା କହିଛନ୍ତି। ଏଥିସହ ସନ୍ଧ୍ୟା ହେଲା ମାତ୍ରକେ ଅସାମାଜିକଙ୍କ ବ୍ୟକ୍ତି ପଡ଼ିଆକୁ ନିଜ କବ୍‌ଜାରେ ରଖି ସେଠାରେ ମଦ୍ୟପାନ ସହ ବିଭିନ୍ନ ଅସାମାଜିକ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ଯାହାଦ୍ୱାରା ଉକ୍ତ ଖେଳପଡ଼ିଆକୁ ଯିବାକୁ ଭୟ ଲାଗୁଥିବା କ୍ରୀଡା ପ୍ରେମୀ କହିଛନ୍ତି। ଅପରପକ୍ଷେ ଖେଳାଳିମାନଙ୍କ ପାଇଁ ପିଇବା ପାଣିର ବ୍ୟବସ୍ଥା କରାଯାଇଥିଲା। ମଟର ପମ୍ପ ଲଗାଯାଇଥିଲା। ବର୍ତ୍ତମାନ ତାହା ମଧ ଚୋରି ହୋଇଯାଇଛି। ଏହି ପଡ଼ିଆର ରକ୍ଷଣା ବେକ୍ଷଣର ଅଭାବ ଥିବାବେଳେ କାହାର ନିଘା ନଥିବାରୁ ଏହି ରାଜା ବଙ୍ଗଳା ଖେଳ ପଡ଼ିଆ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ରହିଛି। ଏହି ଖେଳ ପଡ଼ିଆର ଭିତ୍ତିଭୂମିର ବିକାଶ କିପରି ହୋଇପାରିବ ସେଥିପାଇଁ ଜନପ୍ରତିନିଧି, ବ୍ଲକ ଓ ଜିଲ୍ଲା ପ୍ରଶାନ ପଦକ୍ଷେପ ନେବା ପାଇଁ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଓ କ୍ରୀଡା ପ୍ରେମୀଙ୍କ ମହଲରେ ଦାବି ହୋଇଛି।

# ଜଳୁନି ଷ୍ଟ୍ରିଟ୍ ଲାଇଟ୍; ଅଭିଯୋଗ ପରେ ବି ଫଳଶୂନ୍

**ବାଲିଶଙ୍କରା, ୧।୮ (ସମିସ):** ବାଲିଶଙ୍କରା ବ୍ଲକସଦର ପଞ୍ଚାୟତ ଘୋଘର ଗ୍ରାମରେ ଦୀର୍ଘ ୧ ବର୍ଷ ହେବ ଷ୍ଟ୍ରିଟ୍ ଲାଇଟ୍ ଜଳୁ ନାହିଁ। ଏନେଇ ପଞ୍ଚାୟତଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ କେହି ଶୁଣୁ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଗ୍ରାମଟି ବଣ ପାହାଡ ଘେରା ଅଞ୍ଚଳ ହୋଇଥିବାବେଳେ ଏଠାରେ ୨୦୦ ପରିବାରର ୭୦୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରିଛନ୍ତି। ୨ଟି ୱାର୍ଡ ବିଶିଷ୍ଟ ଏହି ଗ୍ରାମରେ ଇବନଦୀ, ଦର୍ଶନୀୟ ପର୍ଯ୍ୟଟନସ୍ଥଳୀ କନାକୁଣ୍ଡ ରହିଛି। ଏହି ଗ୍ରାମରେ ଦୀର୍ଘ ୧ ବର୍ଷ ହେବ ଷ୍ଟ୍ରିଟ୍ ଲାଇଟ୍ ଜଳୁ ନାହିଁ। ଏନେଇ ସମିତି ସଭ୍ୟ କହ୍ନେଇ ଜୟପୁରିଆଙ୍କ ସହ ଗ୍ରାମବାସୀ ବ୍ଲକ ପ୍ରଶାସନିକ ଅଧିକାରୀ ଓ ପଞ୍ଚାୟତ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରି ନୟାନ୍ତ ହୋଇପଡ଼ିଛନ୍ତି। ଶେଷରେ ଜନ ଶୁଣାଣିରେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳିପାରିନାହିଁ ବୋଲି ସମିତି ସଭ୍ୟ କହ୍ନେଇ ଜୟପୁରିଆ କ୍ଷୋଭର ସହ ପ୍ରକାଶ କରିଛନ୍ତି। ସନ୍ଧ୍ୟା ହେଲା ମାତ୍ରକେ ଗ୍ରାମରେ ଜଙ୍ଗଲୀ ହାତୀପଲ ପ୍ରବେଶ କରି ତାଣ୍ଡବ ରଚିଥାନ୍ତି। ତୁରନ୍ତ ଜିଲ୍ଲା ପ୍ରଶାସନିକ ଅଧିକାରୀମାନେ ଦୃଷ୍ଟି ଦେଇ ଷ୍ଟ୍ରିଟ୍ ଲାଇଟ୍ ମରାମତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# କନାକୁଣ୍ଡରେ ନିଖୋଜ ୨ ଯୁବକଙ୍କ ମୃତଦେହ ଉଦ୍ଧାର

**ବାଲିଶଙ୍କରା, ୧।୮ (ସମିସ):** ଗତ ବୁଧବାର ଦିନ ଇବ୍ ନଦୀ କନାକୁଣ୍ଡଠାରେ ଭାସିଯାଇ ନିଖୋଜ ହୋଇଯାଇଥିବା ୨ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ନିଖୋଜର ୪୨ ଘଣ୍ଟା ପରେ ଦୁଇ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ସବଡେଗା ବ୍ଲକ ଯମୁନା ପଞ୍ଚାୟତ ମୟାବାହାଲ ଡଙ୍ଗା ଘାଟ ନିକଟରୁ ରୋଶନ ପାଶୱାନଙ୍କ ମୃତଦେହକୁ ଉଦ୍ଧାର କରାଯାଇଛି। ସେହିପରି ଆଉ ଜଣେ ଜୟନାରାୟଣ ପାତ୍ରଙ୍କ ମୃତଦେହକୁ କୁକୁରିଡ଼ିହି ନିକଟ ଇବ୍ ନଦୀରୁ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ଗତ ବୁଧବାର ଦିନ ଇବ୍ ନଦୀ କନାକୁଣ୍ଡ ଦର୍ଶନୀୟସ୍ଥାନକୁ ବୁଲିବାକୁ ଆସିଥିଲେ ସମ୍ବଲପୁର ଜିଲ୍ଲା ଗୋବିନ୍ଦପୁର ଥାନା ଅଞ୍ଚଳର ୩ ସାଙ୍ଗ ରୋଶନ ପାଶୱାନ, ଜୟନାରାୟଣ ପାତ୍ର ଓ ଆକାଶ ପାତ୍ର। ଇବ୍ ନଦୀ କନାକୁଣ୍ଡରେ ଗାଧୋଇବାକୁ ଯାଇଥିବା ବେଳେ ରୋଶନ ଓ ଜୟନାରାୟଣ ପ୍ରଖର ସ୍ରୋତରେ ଭାସିଯାଇ ନିଖୋଜ ହୋଇଯାଇଥିଲେ। ଆକାଶ ସେମାନଙ୍କୁ ଉଦ୍ଧାର କରିବା ପାଇଁ ପ୍ରୟାସ କରିଥିବାବେଳେ ପ୍ରଖର ସ୍ରୋତରେ ଉଦ୍ଧାର କରିବା ସମ୍ଭବ ହୋଇନଥିଲା। ଅଗ୍ନିଶମ ବିଭାଗ ୩ ଦିନ ଧରି ଏହି ଉଦ୍ଧାର କାର୍ଯ୍ୟରେ ଲାଗି ରହିଥିବାବେଳେ ୪୦ ଘଣ୍ଟା ପରେ ଶୁକ୍ରବାର ରୋଶନ ପାଶୱାନଙ୍କ ମୃତଦେହକୁ ସକାଳ ୭ଟାରେ ସବଡେଗା ବ୍ଲକ ଯମୁନା ପଞ୍ଚାୟତ ମୟାବାହାଲ ଡଙ୍ଗା ଘାଟ ନିକଟରୁ ଉଦ୍ଧାର କରିଥିଲା। ଏହାର ଦୁଇ ଘଣ୍ଟା ପରେ କୁକୁରିଡ଼ିହି ନିକଟ ଇବ୍ ନଦୀରୁ ଜୟନାରାୟଣ ପାତ୍ରଙ୍କ ମୃତଦେହ ଉଦ୍ଧାର ହୋଇଛି। ଗତ ୫ ବର୍ଷ ମଧ୍ୟରେ କନାକୁଣ୍ଡରେ ଏହି ଦୁଇ ଜଣଙ୍କୁ ମିଶାଇ ମୋଟ ୮ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

# ବ୍ଲକସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

**କୁତ୍ରା, ୧।୮ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ତୁନମୁରାଠାରେ ଥିବା ସାର୍ଗୁକିଶାନ ଉଚ୍ଚ ସରକାରୀ ବିଦ୍ୟାଳୟରେ ଶୁକ୍ରବାର ବ୍ଲକସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିସରରେ ଏକ



ସଭାର ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ସମ୍ବଲପୁର ଆଞ୍ଚଳିକ ନିର୍ଦ୍ଦେଶକ ଅମୁଲ୍ୟ କୁମାର ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ସାରଙ୍ଗଧର ବରିହା, ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋକ କୁମାର ଲାକ୍ରା, ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ କୁମାରୀ ନୟନା କୁଜୁର, ଅବସରପ୍ରାପ୍ତ ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ତ୍ତିନା ଖାଲଖୋ, କୁତ୍ରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଗଳ କିଶୋର ବିଶ୍ୱାଳ, କୁତ୍ରା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନନ୍ତ କୁମାର ନାଏକ, ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ମୀନା କୁମାରୀ ଜେନା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିରଞ୍ଜନ ରାଉଳ ଓ ତୁନମୁରା ସରପଞ୍ଚ ତରୁଣୀ ସେନ ବରିହା ଯୋଗଦେଇଥିଲେ। କୁତ୍ରା ବ୍ଲକ ଓଷ୍ଟା ସମ୍ପାଦକ ମହେନ୍ଦ୍ର ସିଂହ ମଞ୍ଚ ପରିଚାଳନା କରିଥିଲେ। ସୁଭଦ୍ରା ଦେଇ, ଆଗ୍ନେସିଆ ଡାଙ୍ଗ, ବେନେଦିକ କୁଜୁର, ଲୁଥରୁ ଲାକ୍ରା, ସରସ୍ୱତୀ ପଟେଲ, ହିରାମଣି ଲୁଗୁନ, ରେବିକା ଡୁଙ୍ଗଡୁଙ୍ଗ, ମାଇକେଲ ବାର୍ଲା, ରିତା ଫେଲିସିଆ କୁଲ୍ଲୁ, ପାତ୍ରିକ ସୋରେନ, ମେରି ଟପ୍ପୋ, ସାନିଆ ବାଡାଇକ, ବିପିନ ବିହାରୀ ସାହୁ, ଫ୍ଲୋରେନ୍ସ ଟେଟେ, ଗୌରୀ ଶଙ୍କର ତାଣ୍ଡିଆ, ମେଳି ଫୁଲକେରିଆ ମିଞ୍ଜ, ମାଲତି ଦେଇ, ଗୋପାଳ କୃଷ୍ଣ ଦାସ, ଶିବ ନାରାୟଣ ବାରିକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ମୀନା କୁମାରୀ ଜେନା, ମୁଖ୍ୟ କିରାଣି ସରୋଜିନୀ କୁଜୁର, ସନ୍ତୋଷ ନାଏକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିପିନ ବିହାରୀ ନାଏକ ଓ ସୁରେଶ ଚନ୍ଦ୍ର ଅଡାଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ ତରକେରା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲୋକନାଥ ପ୍ରଧାନ ଓ ସର୍ଗୁକିଶାନ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଡ଼ଃ ଅମରେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ନିତ୍ୟାନନ୍ଦ ବେହେରା, ବିଧିଚନ୍ଦ୍ର ବିଲୁଙ୍ଗ, ସୁନିତା ସରୋନିଆ, ଅନ୍ନପୂର୍ଣ୍ଣା ସା, ସଞ୍ଜିତା କୁଜୁର, ଜନାର୍ଦ୍ଦନ ବଡେଇ, ଶଙ୍କର ନିଖଣ୍ଡିଆ, ଚିତ୍ତରଞ୍ଜନ ସାହୁ, ପୃଷ୍ଟି ବୁଡା, ସୁରେଶ ପଟେଲ, ପ୍ରଣତି ପଣ୍ଡା, ପୁଳିନ୍ଦ୍ର ଦେଉରିଆ, ରାଜେଶ ବେହେରା, ସୁଦିପ୍ତ ବେହେରା, କ୍ଷଣପ୍ରଭା ମାର୍ଥା, ବୈଦ୍ୟନାଥ ଜୟପୁରିୟା, ତପନ କୁମାର ସେଠୀ, ପୁଲକ ପ୍ରଧାନ, ମନଭାଙ୍ଗୀ ନାଏକ, ପ୍ରିୟଦର୍ଶିନୀ ପାଢ଼ୀ, କିରନ ଏକ୍କା, ବିକାଶ ଟପ୍ପୋ, ସୁନିଲ୍ ସେଠୀ, ତୁଷାର ତାଣ୍ଡି ଓ ରାମେଶ୍ୱର ଲାକ୍ରା ସହଯୋଗ କରିଥିଲେ।

# ମନ୍ତ୍ରୀଙ୍କ ଦକ୍ଷତା ବିକାଶ କେନ୍ଦ୍ର ପରିଦର୍ଶନ



**ବୌଦ୍ଧ, ୧।୮ (ସମିସ):** ଦକ୍ଷତା ବିକାଶ ତଥା ବୈଷୟିକ ଶିକ୍ଷା ଏବଂ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ବୌଦ୍ଧ ଜିଲ୍ଲା ଦକ୍ଷତା ବିକାଶ କେନ୍ଦ୍ର ପରିଦର୍ଶନ କରିଛନ୍ତି। ସେଠାରେ ଚାଲିଥିବା ଫିଲ୍ଡ ଟେକ୍ନିସିଆନ୍ ସ୍ୱଳ୍ପ କାଳୀନ ନିଃଶୁଳ୍କ ଦକ୍ଷତା ପ୍ରଶିକ୍ଷଣ ବିଷୟରେ ପିଲାଙ୍କ ସହ ଆଲୋଚନା କରିଥିଲେ। ସେମାନେ ନିଯୁକ୍ତି ଯେମିତି ନିଶ୍ଚିତ ପାଇବେ ତଦାରଖ କରିବା ପାଇଁ ଜିଲ୍ଲା ଦକ୍ଷତା ତଥା ନିୟୋଜନ ଅଧିକାରୀ ଅଜୟ ଦାଶଙ୍କୁ ପରାମର୍ଶ ଦେଇଥିଲେ। ଅନଷ୍ଠାନରେ ପାନୀୟ ଜଳର ଅଭାବ ସମାଧାନ ପାଇଁ ଜିଲ୍ଲାପାଳଙ୍କୁ କହିଥିଲେ। କିଛି ପ୍ରଶିକ୍ଷିତ ପିଲାଙ୍କୁ ନିଯୁକ୍ତି ପତ୍ର ମଧ ପ୍ରଦାନ କରିଥିଲେ। ବିଧାୟକ ସରୋଜ ପ୍ରଧାନ, ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ଜିଲ୍ଲାପାଳଙ୍କ ସଭାବନା ଗୃହରେ ଏକ ସମୀକ୍ଷା ବୈଠକରେ ସେ ଯୋଗ ଦେଇଥିଲେ।

# କୁସୁମୁରା-ରାଇଡିହି ରାସ୍ତାରେ ଗର୍ତ୍ତ; ଯାନବାହାନ ଯାତାୟାତ ଠପ୍

**ବାଲିଶଙ୍କରା, ୧।୮ (ସମିସ):** ବାଲିଶଙ୍କରା ବ୍ଲକ କୁସୁମୁରା ପଞ୍ଚାୟତସଦର ଗ୍ରାମରୁ ରାଇଡିହିକୁ ସଂଯୋଗ କରୁଥିବା ପିଚୁ ରାସ୍ତାଟି ଅତି ଦୟନୀୟ ହୋଇପଡ଼ିଛି। ଏହି ରାସ୍ତାରେ ୮ ମାସ ପୂର୍ବେ ପିଚୁ କାର୍ଯ୍ୟ କରାଯାଇଥିଲା। ଏବେ ଲଗାତାର ବର୍ଷା ହେବା ଯୋଗୁଁ ରାସ୍ତାର ମଧ ଭାଗରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଯଦ୍ୱାରା



ଉକ୍ତ ରାସ୍ତା ଦେଇ ଚାରିଚକିଆ, ଦୁଇ ଚକିଆ ଯାନବାହାନ ଯାତାୟାତ ଏକ ପ୍ରକାର ଠପ୍ ହୋଇଥିବା ଦେଖିବାକୁ ମିଳିଛି। ଏହି ରାସ୍ତା ଦେଇ ପ୍ରତିଦିନ ଛାତ୍ରଛାତ୍ରୀ ଉଚ୍ଚ ବିଦ୍ୟାଳୟକୁ ଏବଂ ଜନସାଧାରଣ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବା ଆସିବା କରିଥାନ୍ତି। ଏହି ରାସ୍ତା ଅତିଶୀଘ୍ର ମରାମତି କରା ନଗଲେ ବଡ ଧରଣର ଅଘଟଣ ଘଟିବାର ସମ୍ଭାବନା ରହିଛି। ତେଣୁ ତୁରନ୍ତ ଏହି ରାସ୍ତାର ମରାମତି କରାଯିବାକୁ ବୁଦ୍ଧିଜୀବୀମହଲରେ ଦାବି ହୋଇଛି।

# ବାଲିଶଙ୍କରା ପଞ୍ଚାୟତ ଲିଗ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ବାଲିଶଙ୍କରା, ୧।୮ (ସମିସ):** ବାଲିଶଙ୍କରା ବ୍ଲକ ବାଲିଶଙ୍କରା ପଞ୍ଚାୟତ ଲିଗ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ବାଲିଶଙ୍କରା ରାଜା ବଙ୍ଗଳା ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ବାଲିଶଙ୍କରା ଫୁଟ୍‌ବଲ୍ ଆସୋସିଏସନ୍ ପକ୍ଷରୁ ଆୟୋଜିତ ଏହି ଫୁଟ୍‌ବଲ୍ ଲିଗ୍ ଟୁର୍ଣ୍ଣାମେଣ୍ଟରେ ମୁଖ୍ୟଅତିଥି ଭାବେ ବାଲିଶଙ୍କରା ସରପଞ୍ଚ ସୁଲୋଚନା ସୁଆରୀ ଯୋଗଦେଇ କଠିନ ପରିଶ୍ରମ, ଧୈର୍ଯ୍ୟ, ଏକାଗ୍ରତାରେ ଖେଳ ଖେଳିଲେ ଜଣେ ସୁନାମ ଧନ୍ୟ ଖେଳାଳି ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ରୂପେ ଟଙ୍କଧର ପଣ୍ଡା, ସପ୍ତେଶ୍ୱର ବାଘ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଜୟରାମ ପଧାନ, ବୈରାଗୀ ତନ୍ତୀ, ବରିଷ୍ଠ ଆଇନଜୀବୀ ଶଙ୍କର୍ଷଣ ବେହେରା, ଇନ୍ଦ୍ରମଣୀ ଦଣ୍ଡସେନା, ଶୁକ୍ରୁ ଓରାମ, ସାମ୍ବାଦିକ ପ୍ରଦୀପ କୁମାର ନନ୍ଦ, ସତ ସେଠ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ମ୍ୟାଚ ମହୁଲଗାଁ ଓ ଘୋଘର ମଧ୍ୟରେ ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ହୋଇଥିବାବେଳେ ୨-୦ ଗୋଲରେ ମହୁଲଗାଁ ବିଜୟୀ ହୋଇଥିଲା। ରେଫରୀ ଭାବେ ସଞ୍ଜୀବ ଦଣ୍ଡସେନା, ରିଙ୍କୁ ଏକ୍କା, ଚିନୁ ବରିହା ତୁଲାଇଥିବାବେଳେ ବାଲିଶଙ୍କରା ଫୁଟ୍‌ବଲ୍ ଆସୋସିଏସନର ସମସ୍ତ ସଦସ୍ୟ ସକ୍ରିୟ ଭାବେ କାର୍ଯ୍ୟ ତୁଲାଇଥିଲେ। ଆସନ୍ତା ୮ ତାରିଖ ଫାଇନାଲ୍ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ଥିବା ନେଇ ଫୁଟବଲ୍ କମିଟି ପକ୍ଷରୁ ସୂଚନା ମିଳିଛି।

# ତୁର୍ଲା ଗାଁରେ ମୁକୁଳା ପଡ଼ିଛି ଟ୍ରାନ୍ସଫର୍ମର



**ଖପ୍ରାଖୋଲ, ୧।୮ (ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତର ତୁର୍ଲା ଗାଁରେ ଗୋଟିଏ କି ଦୁଇଟି ନୁହେଁ ପାଞ୍ଚ ପାଞ୍ଚଟି ବିଦ୍ୟୁତ୍ ଟାନ୍ସଫର୍ମର ବିପଦସଙ୍କୁଳ ଅବସ୍ଥାରେ ମୁକୁଳା ପଡ଼ିଥିବା ଦେଖିବାକୁ ମିଳିଛି। କେଉଁଟି ରାସ୍ତା କଡ଼ରେ ତ କେଉଁଟି ଜନବସତି ଭିତରେ ଏହିସବୁ ବିଦ୍ୟୁତ୍ ଟାନ୍ସଫର୍ମର ଗୁଡ଼ିକ ଥିବାରୁ ମଣିଷ ତଥା ବିଭିନ୍ନ ପ୍ରାଣୀ ସଂସ୍ପର୍ଶରେ ଆସିଲେ ଦୁର୍ଘଟଣା ହେବା ସ୍ୱାଭାବିକ। ବିଦ୍ୟୁତ୍ ବିଭାଗକୁ ପୂର୍ବରୁ ଜଣାଇଥିଲେ ମଧ ଟାନ୍ସଫର୍ମର ଚାରି ପଟେ କୌଣସି ବାଡ ବା ସୁରକ୍ଷା ବ୍ୟବସ୍ଥା କରିନାହାନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ମୁକୁଳା ଟାନ୍ସଫର୍ମର ସଂସ୍ପର୍ଶରେ ଆସି ହାତୀର ମୃତ୍ୟୁହେବା ମଧ ଆଶଙ୍କା ରହିଛି। ତୁରନ୍ତ ଟାନ୍ସଫର୍ମର ଗୁଡ଼ିକ ମୁକୁଳା ନ ରଖି ସୁରକ୍ଷା ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ଖପ୍ରାଖୋଲ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ସମ୍ବିତ ପରିଡ଼ାଙ୍କୁ ପଚାରିବାରୁ ଅତିଶୀଘ୍ର ସୁରକ୍ଷା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# କଣ୍ଟାବାଞ୍ଜିରେ ସମଲପୁରୀ ଦିନ୍




**କଣ୍ଟାବାଞ୍ଜି, ୧।୮ (ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରର ସମ୍ବିଧାନ ଛକ ସ୍ଥିତ ଆମ୍ବେଦକର ଭବନଠାରେ ମୋର୍ ସମସ୍ୟା ଡିଜିଟାଲ ମେଡିଆ ପକ୍ଷରୁ ଶୁକ୍ରବାର ସମ୍ବଲପୁରୀ ଦିନ୍ ପାଳିତ ହୋଇ ଯାଇଛି। ଗୁରୁ ସତ୍ୟନାରାୟଣ ବହିଦାର ଙ୍କ ଜନ୍ମ ଦିନକୁ ୨୦୧୩ ମସିହାରୁ ସାରା ପଶ୍ଚିମ ଓଡ଼ିଶାବାସୀ ଅଗଷ୍ଟ ୧ ତାରିଖ ସମ୍ବଲପୁରୀ ଦିନ ଭାବରେ ପାଳନ କରି ଆସୁଛନ୍ତି। ଶୁକ୍ରବାର ମୋର୍ ସମସ୍ୟା ଡିଜିଟାଲ ମଡିଆ ମୁଖ୍ୟ ସମ୍ପାଦକ ତୁଳସୀରାମ ଜଗତଙ୍କ ତତ୍ୱାବଧାନରେ ମୁଖ୍ୟଅତିଥି ଭାବେ ପୂର୍ବତନ ବଲାଙ୍ଗିର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧକ୍ଷା ନିରୁପମା ମାଝୀ, ମୁଖ୍ୟବକ୍ତା ବରିଷ୍ଠ ଶିକ୍ଷାବିତ ତଥା ମୁରିବାହାଲ ଯୁକ୍ତଦୁଇ କଲେଜ ପ୍ରିନ୍ସିପାଲ ରମେଶ ମାହାନନ୍ଦ, ସମାଜସେବୀ ଅନୀଲ ବିଭାର ପ୍ରମୁଖ ମଞ୍ଚାସିନ ଥିଲେ। ଶିକ୍ଷିୟିତ୍ରୀ ଅଞ୍ଜଳୀ ମାଝୀ ମଞ୍ଚ ପରିଚାଳକ କରିଥିଲେ। ପରେ କଣ୍ଠଶିଳ୍ପୀ ଅଶୋକ କୁମାର, ସୁଦର୍ଶନ ଦୀପ, ବୁଲୁ ମାହାନନ୍ଦ ଓ ତାଙ୍କ ସାଥୀଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରା ଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନାରୀନେତ୍ରୀ ପିଙ୍କି ଖର୍ସେଲ, ମୋହନ ସୁନା, ରେସବ ମାହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

ସାହାଣୀକପ୍ ଫୁଟ୍‌ବଲ୍ ଚାମ୍ପିଅନ୍‌ସିପ୍

# ପ୍ରଥମ ଫାଇନାଲରେ ସମ୍ବଲପୁରକୁ ହରାଇ କଟକ ବିଜୟୀ

**ବୌଦ୍ଧ, ୧।୮ (ସମିସ)**

ବୌଦ୍ଧ ଜୋନ୍‌ସ୍ତରୀୟ ୬୪ତମ ଆନ୍ତଃ ଜିଲ୍ଲା ସାହାଣୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ଫାଇନାଲ ମ୍ୟାଚ ସମ୍ବଲପୁର ଓ କଟକ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଫାଇନାଲ ମ୍ୟାଚରେ କଟକ ଦଳ ସମ୍ବଲପୁରକୁ ୧-୦ ଗୋଲ୍‌ରେ ହରାଇ ବିଜୟୀ ହୋଇଛି।

ମ୍ୟାଚ ଆରମ୍ଭର ୨୦ ମିନିଟ୍‌ରେ କଟକର ପରାଓ ତୁଡୁ ଗୋଟିଏ ଗୋଲ୍ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ମ୍ୟାଚ ସଂଘର୍ଷପୂର୍ଣ୍ଣ ଥିଲା। କେହି କାହାରିକୁ କିନ୍ତୁ ଗୋଲ୍ ଦେଇ ନ ଥିଲେ। ଏହା ଫଳରେ କଟକ ୧-୦ ଗୋଲ୍‌ରେ ବିଜୟୀ ହୋଇଥିଲା। ମନ୍ତ୍ରୀ ସମ୍ପଦଚନ୍ଦ୍ର ସ୍ୱାଇଁ, ବିଧାୟକ ସରୋଜ ପ୍ରଧାନ, ଅନଗୁଳ ବିଧାୟକ ପ୍ରତାପ ପ୍ରଧାନ, ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା, ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଆରକ୍ଷୀ ଅଧୀକ୍ଷକ




ରାହୁଲ ଗୋଏଲ, ଜିଲ୍ଲାପରିଷଦ ମୁଖ୍ୟ ନିର୍ବାହୀ ତଥା ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଫାଓ ଯୁଗ୍ମ ସମ୍ପାଦକ ଅଭିଜିତ ପାଲ, ଫାଓ ଉପ ସଭାପତି ସହଦେବ ରାଉତ, ଫାଓ ଉପ ସଭାପତି ବିଶ୍ୱରଞ୍ଜନ ଘଡ଼ାଇ, ଫାଓ କୋଷାଧକ୍ଷ ଭକ୍ତ ବଲ୍ଲଭ ଦାସ, ସମ୍ବଲପୁର ଆଥଲେଟିକ ଆସୋସିଏସନ ସମ୍ପାଦକ ସୁନୀଲ ସାହୁ, ଭଦ୍ରକ ଆଥଲେଟିକ ଆସୋସିଏସନ ସମ୍ପାଦକ ଧିରେନ ପଲେଇ, ଫୁଲବାଣୀ ଆଥଲେଟିକ ଆସୋସିଏସନ ସମ୍ପାଦକ ଶିବ ପ୍ରସାଦ ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ।

ମୁଖ୍ୟ ରେଫରୀ ଭାବେ ଆଶୀର୍ବାଦ କାନୁନଗୋ ପରିଚାଳନା କରିଥିଲେ। ଲାଇନରେ ଅରୁଣ ନାୟକ ଓ ଶଶିକାନ୍ତ ଦାସିଆ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଭାବେ ସଲି ବେହେରା ଦାୟିତ୍ୱ ତୁଲାଇଥିଲେ। ବୌଦ୍ଧ ଜିଲ୍ଲା ଆଥଲେଟିକ ଆସୋସିଏସନ ସାଧାରଣ ସମ୍ପାଦକ ଯୁଗଳକିଶୋର ସାମଲ ଓ ଉପସଭାପତି ଲମ୍ବୋଦର ପୁରୋହିତ, ସନ୍ତୋଷ ଟ୍ରଫି ଖେଳାଳି ସତ୍ୟପ୍ରକାଶ ଦାଶ ମଞ୍ଚାସୀନ ଥିଲେ। ଫାଇନାଲ ମ୍ୟାଚରେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥିବା କଟକର ଗୋଲ୍ କିପର ସଞ୍ଜୟ ହେମ୍ବ୍ରମଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଓ ରାକେଶ ଓରାମଙ୍କୁ ମହେଶ ମେମୋରିଆଲ ବେଷ୍ଟ ଡିଫେଣ୍ଡର ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ମ୍ୟାଚ କମିଶନର ଭାବେ ଦୁର୍ଗାମାଧବ ନାୟକ ଖେଳ ପରିଚାଳନା କରିଥିଲେ।

# ଚାରିହିକୁଡି ଅବଗା ସମ୍ବଲପୁରୀ

ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଶୁକ୍ରବାର ସମ୍ବଲପୁରୀ ଦିନ୍ ପାଳିତ ହୋଇଯାଇଛି। ଅଗଷ୍ଟ ୧ ତାରିଖ ସମ୍ବଲପୁରୀ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାରର ପୁରୋଧା ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମତିଥିରେ ସମ୍ବଲପୁରୀ ଦିନ୍ ପାଳନ କରାଯାଉଛି। ପ୍ରତିକୂଳ ପାଗ ସତ୍ତ୍ୱେ ବିଭିନ୍ନ ସ୍ଥାନରେ ଗୁରୁ ସ୍ୱର୍ଗତ ବହିଦାରଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଛି। ସମ୍ବଲପୁର ଜିଲ୍ଲା ସମେତ ବରଗଡ଼, ଝାରସୁଗୁଡ଼ା, ସୁବର୍ଣ୍ଣପୁର, ବୌଦ୍ଧ, ସୁନ୍ଦରଗଡ଼ ଆଦି ବିଭିନ୍ନ ଜିଲ୍ଲାର ସଦର ମହକୁମା ସହିତ ବ୍ଲକ ଓ ପଞ୍ଚାୟତସ୍ତରରେ ପାଳନ କରାଯାଇଛି। ଆଜି ପଶ୍ଚିମାଞ୍ଚଳବାସୀ ସ୍ୱତଃପ୍ରବୃତ୍ତ ଭାବେ ସମ୍ବଲପୁରୀ ପୋଷାକ ପରିଧାନ କରିଥିବାବେଳେ କେତେକ ଜିଲ୍ଲା ପ୍ରଶାସନ ଏନେଇ ବିଜ୍ଞପ୍ତି ଜାରିକରି ସରକାରୀ କର୍ମଚାରୀମାନଙ୍କୁ ସମ୍ବଲପୁରୀ ପୋଷାକ ପିନ୍ଧିବାକୁ ଅନୁରୋଧ କରିଛନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ପ୍ରମୁଖ ସମ୍ବଲପୁରୀ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ପେହଚାନ ଗୁରୁ ସତ୍ୟ ନାରାୟଣ ବହିଦାରଙ୍କ ଜନ୍ମଦିନ 'ସମ୍ବଲପୁରୀ ଦିନ୍' ଅବସରରେ ବାର୍ତ୍ତା ଜରିଆରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ବିଭିନ୍ନ ସ୍ଥାନରେ ସାହିତ୍ୟ ସଭା, କବିତା ପାଠୋତ୍ସବ, ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ଏହାକୁ ଭବ୍ୟ ଭାବରେ ପାଳନ କରାଯାଉଛି।

ସୁବର୍ଣ୍ଣପୁର ଜିଲ୍ଲାରେ ଜନ୍ମିତ ଗୁରୁ ସତ୍ୟନାରାୟଣ ବହିଦାରଙ୍କ କର୍ମକ୍ଷେତ୍ର ଥିଲା ସମ୍ବଲପୁର ଜିଲ୍ଲା। ଗୁରୁଶ୍ରୀ ବହିଦାର ସମ୍ବଲପୁରୀ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ତଥା ସାଧକ ଓ କଳାକାରଙ୍କୁ ଏକଜୁଟ କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗୀକୃତ କରିଥିଲେ। ତାଙ୍କ ଜନ୍ମ ଶତବାର୍ଷିକୀ ପରଠାରୁ ସମ୍ବଲପୁରର ପଶ୍ଚିମାଞ୍ଚଳ ଏକତା ମଞ୍ଚର ଆବାହକତ୍ୱରେ ସମ୍ବଲପୁରୀ ଦିନ୍ ପାଳନ କରାଯାଉଛି। ୨୦୧୩ ମସିହାରେ ଏହା ସମ୍ବଲପୁରରୁ ପାଳନ ଆରମ୍ଭ ହୋଇଥିବାବେଳେ ପରବର୍ତ୍ତୀ ସମୟରେ ଏହା ରାଜ୍ୟ ତଥା ଦେଶବିଦେଶରେ ପାଳିତ ହେଉଛି। ସମ୍ବଲପୁରୀପ୍ରେମୀମାନେ ଆଜି ଦିନରେ ସ୍ୱତଃପ୍ରବୃତ୍ତ ଭାବେ ସମ୍ବଲପୁରୀ ପୋଷାକ ପରିଧାନ କରିବା ସହ ସମ୍ବଲପୁରୀ ଖାଦ୍ୟପେୟ, ସମ୍ବଲପୁରୀ ନାଚଗୀତ ତଥା ସମ୍ବଲପୁରୀ ସାରସ୍ୱତ ସଭାସମିତି କରି ଏହି ଦିନକୁ ପାଳନ କରୁଛନ୍ତି। ଅଗଷ୍ଟ ୧ ତାରିଖ ଆସିବା ପୂର୍ବରୁ ସାମାଜିକ ଗଣମାଧ୍ୟମରେ ସମ୍ବଲପୁରୀ ପୋଷାକ ପରିଧାନ କରି ପଶ୍ଚିମାଞ୍ଚଳବାସୀ, ବିଶ୍ୱର ଯିଏ ଯେଉଁଠି ଥାଉନା କାହିଁକି, ଫଟୋ ଅପ୍‌ଲୋଡ କରି ଅଭିନନ୍ଦନ ବାର୍ତ୍ତା ଦେଇଥାନ୍ତି। ସମ୍ବଲପୁର ଜେଲଛକ ନିକଟରେ ପ୍ରାରମ୍ଭରୁ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ୍ ଉତ୍ସବ ପ୍ରତିବର୍ଷ ପାଳନ କରାଯାଉଛି। କରୋନା ମହାମାରୀ ଯୋଗୁଁ ଦୁଇବର୍ଷ ପାଇଁ ଏହି ଉତ୍ସବକୁ ବାତିଲ କରି ଆଭାସୀ ଜରିଆରେ କରାଯାଉଥିଲା।

## ପଶ୍ଚିମାଞ୍ଚଳ ଏକତା ମଞ୍ଚ



**ସମ୍ବଲପୁର, ୧।୮ (ସମିସ) :** ଜେଲଛକ ନିକଟସ୍ଥ ସମ୍ବଲପୁରୀ ଡେରାଠାରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମଦିନ ଉପଲକ୍ଷେ ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ୍ ପାଳିତ ହୋଇଯାଇଛି। ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ଆଜି ଗୁରୁ ସ୍ୱର୍ଗତ ବହିଦାରଙ୍କ ଜନ୍ମସ୍ଥାନ ସୋନପୁରରୁ ଆସିଥିବା ମଶାଲ ଯାତ୍ରାକୁ ସ୍ୱାଗତ କରାଯାଇଥିଲା। ଏହି ମଶାଲ ଯାତ୍ରାରେ ଗୁରୁ ସତ୍ୟ ନାରାୟଣ ବହିଦାରଙ୍କ ନାତି ଏବଂ ପଶ୍ଚିମ ମିଡିଆର ସଦସ୍ୟମାନେ ସୋନପୁରରୁ ଆସି ସାମିଲ ହୋଇଥିଲେ। ଆଜି ଅପରାହ୍ଣରେ ମଞ୍ଚ ପୂଜାରୁ ମୁଖ୍ୟ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ନାଟ୍ୟକାର, ଅଭିନେତା ଭୁବନ ଭୋଇଙ୍କୁ ଚଳିତବର୍ଷର ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଜାତୀୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରେ ପରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଭବାନୀ କଳା ପରିଷଦ, ଢୋଲ ମୁହୁରୀ ପରିଷଦ, ଭରନି କଳା ପରିଷଦ, ଟିଟିଲାଗଡ଼ ଡାପ ନୃତ୍ୟ ପରିଷଦ, ପଞ୍ଚବାଦ୍ୟ ଅନୁଷ୍ଠାନ ଆଦିର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ତା'ସହିତ ସମ୍ବଲପୁରୀ ବସ୍ତ୍ର ପରିଧାନ କରି ରେମ୍ପ ସୋ ହେଇଥିଲା। ବିଧାୟକ ଜୟନାରାୟଣ ମିଶ୍ର, ମଞ୍ଚର ଉପଦେଷ୍ଟା ନାଉରୀ ନାଏକ, ଡ. ପ୍ରମୋଦ ରଥ, ଶୁଭଶ୍ରୀ ମିଶ୍ର ପ୍ରମୁଖ ସମ୍ବଲପୁରୀ ଭାଷା ସାହିତ୍ୟ ଓ ସଂସ୍କୃତିକୁ ପ୍ରଚାର ପ୍ରସାର ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ମନ୍ତ୍ରୀ ରବି ନାରାୟଣ ନାଏକ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଆଇଆଇଏମ୍ ନିର୍ଦ୍ଦେଶକ ମହାଦେଓ ପ୍ରସାଦ ଜୟସ୍ୱାଲ ପ୍ରମୁଖ ସମ୍ବଲପୁରୀ ବସ୍ତ୍ର ଏବଂ ସଂସ୍କୃତି ଉପରେ ଗଭୀର ଭାବେ ଗବେଷଣା କରିବା ପାଇଁ ଉତ୍ସାହିତ କରିଥିଲେ। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ, ମହାନଗର ନିଗମ ଆୟୁକ୍ତ ରୋହନ ଖତ୍ରୀ, ଭାରତୀୟ ପ୍ରଶାସନିକ ସେବା ଶିକ୍ଷାନବିସ ଶୁଭ୍ରା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆବାହକ ଭବାନୀଶଙ୍କର ଭୋଇ, ମାନସ ରଞ୍ଜନ ବକ୍ସି, ସୁବୋଧ ଦୋରା, ଉପଦେଷ୍ଟା ଡ. ପ୍ରମୋଦ ରଥ ପ୍ରମୁଖ ପରିଚାଳନା କରିଥିବାବେଳେ ବିଭିନ୍ନ ବିଭାଗର ସଦସ୍ୟ ସଦସ୍ୟାମାନେ ସହଯୋଗ କରିଥିଲେ।

## ସମ୍ବଲପୁରୀ ଏକତା ମଞ୍ଚ



**ସମ୍ବଲପୁର :** ସମ୍ବଲପୁରୀ ଏକତା ମଞ୍ଚ ପକ୍ଷରୁ ଆୟୋଜିତ ସମ୍ବଲପୁରୀ ଦିନ୍ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଗୁରୁ ସତ୍ୟନାରାୟଣ ବହିଦାରଙ୍କ କର୍ମକ୍ଷେତ୍ର 'ନିକ ଅପା କୁଟୀର' ଅବହେଳିତ ହୋଇପଡ଼ିଥିବାରୁ ଏହାର ଜମିକୁ ସରକାରୀ ଖାତାକୁ ଆଣି ତାର ବିକାଶ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜମିରେ ଯଦି କୌଣସି ବିବାଦ ନଥାଏ, ତେବେ ଏହାକୁ ହସ୍ତାନ୍ତର କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ କହିଥିଲେ। ତେବେ ଯଦି ଉକ୍ତ ଜମିରେ ଘର ନିର୍ମାଣ ହୁଏ, ତାର ରକ୍ଷଣାବେକ୍ଷଣା ଦାୟିତ୍ୱ ବିଭାଗ ନେବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ ମଞ୍ଚ ଉପରେ ଘୋଷଣା କରିଥିଲେ। ସମ୍ବଲପୁରୀ ଭାଷା ସାହିତ୍ୟର ଜନକ ଗୁରୁ ସତ୍ୟ ନାରାୟଣ ବହିଦାରଙ୍କ ଜୟନ୍ତୀ ଅବସରରେ ପାଳିତ ହୋଇଛି ସମ୍ବଲପୁରୀ ଦିନ୍। ସମ୍ବଲପୁରୀ ଭାଷା, ସାହିତ୍ୟ, ସଂସ୍କୃତି ଓ ନୃତ୍ୟ ସଙ୍ଗୀତକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ମ୍ୟୁନିସିପାଲିଟି ଛକସ୍ଥିତ ଗଙ୍ଗାଧର ମଣ୍ଡପରେ ସମ୍ବଲପୁରୀ ଏକତା ମଞ୍ଚ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସପି ମୁକେଶ କୁମାର ଭାମୁ, ମହାନଗର ଆୟୁକ୍ତ ରେହାନ କ୍ଷେତ୍ରୀ ପ୍ରମୁଖ ଅତିଥି ଥିଲେ। ଗତକାଲିଠାରୁ ଆୟୋଜିତ ଦୁଇଦିନିଆ କାର୍ଯ୍ୟକ୍ରମରେ ସମ୍ବଲପୁରୀ କବିତା ପାଠୋତ୍ସବ, ରାମ୍ପ ସୋ', ନୃତ୍ୟ, ସଙ୍ଗୀତ ପରିବେଷଣ କରାଯାଇଥିଲା। ସମ୍ବଲପୁରୀ ଭାଷା, ସାହିତ୍ୟ ଓ କଳାକ୍ଷେତ୍ରରେ ବିଶେଷ ଅବଦାନ ଥିବା ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ଉପଦେଷ୍ଟା ସୁଶାନ୍ତ ପୁରୋହିତ, ସଭାପତି ସମୀର ରଞ୍ଜନ ବାବୁ, ଆବାହକ ଡା. ସଞ୍ଜୀବ ମିଶ୍ର, ବରିଷ୍ଠ ସଦସ୍ୟ ତ୍ରିଲୋଚନ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସଦସ୍ୟ ସଦସ୍ୟାମାନେ ସହଯୋଗ କରିଥିଲେ।

## ୫୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**ସମ୍ବଲପୁର, ୧।୮ (ସମିସ):** ଅଟୋରୁ ବାହାରିଲା ୫୦ କେଜି ଗଞ୍ଜେଇ। ଏହି ଘଟଣାରେ ଟାଉନ ଥାନା ପୁଲିସ ଜଣକୁ ଗିରଫ କରିଛି। ସେ ହେଉଛି ଟାଉନ ଥାନା ଧୁଚରାପଡ଼ାର ସୁଧାଂଶୁ ମହାନ୍ତି(୪୪)। ଗଞ୍ଜେଇ ଅନ୍ୟତ୍ର ଚୋରାଚାଲାଣ ହେଉଥିବା ନେଇ ଟାଉନ ପୁଲିସ ଖବର ପାଇଥିଲା। ଆଜି ସକାଳ ୧୧ ଟା ବେଳେ ଖବର ପାଇ ଧୁଚରାପଡ଼ା ପହଞ୍ଚିଥିଲା। ସୁଧାଂଶୁ ରହୁଥିବା ଭଡ଼ାଘରେ ଖୋଜାଖୋଜି କରିଥିଲା। ଅଟୋ(ଓଡି ୧୨ଏ୪୯୪୦)ରେ ଲଦା ହୋଇଥିବା, ୫୦ କେଜି ୫୮ ଗ୍ରାମ ଗଞ୍ଜେଇ, ୩ଟି ମୋବାଇଲ ଓ ବିଭିନ୍ନ ସାମଗ୍ରୀ ଉଦ୍ଧାର କରିଥିଲା। ଅଭିଯୁକ୍ତକୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।



## ୧ ହଜାର ଇଞ୍ଜେକ୍ସନ ସହ ୮୪୦ କଫ୍‌ସିରପ ଜବତ




### ମହିଳା ସମେତ ୪ ଗିରଫ

**ସମ୍ବଲପୁର, ୧।୮ (ସମିସ):** ସମ୍ବଲପୁର ସହରରେ ନିଶାର କାୟା ବିସ୍ତାର କରିଥିବା କଫସିରପ ଏବେ ପଛକୁ ପଳେଇଛି। କିଛି ନିଶାଡ଼ି ଇଞ୍ଜେକ୍ସନ ବ୍ୟବହାର କରୁଛନ୍ତି। ବୁର୍ଲା ପୁଲିସ ୧୦୦୦ ପେଣ୍ଟାଜୋସିନ ଇଞ୍ଜେକସନ ଓ ୮୪୦ କଫ୍‌ସିରପ ବୋତଲ ଜବତ କରିଛି। ଏହି ମାମଲାରେ ଜଣେ ମହିଳାଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗାନ୍ଧିପଡ଼ାର ରାଜା ନାଏକ(୨୫), ରାଜା ନାଏକର ସ୍ତ୍ରୀ ଦୁଲାନୀ ନାଏକ(୨୫), ଅଟ୍ଟାଚକିପଡ଼ାର ରାଧାକାନ୍ତ ବେସରା(୨୦) ଓ ସିଦ୍ଧାନ୍ତ ନାଗ(୨୫)। ସମସ୍ତ ଅଭିଯୁକ୍ତ ବୁର୍ଲା ଥାନା ଅନ୍ତର୍ଗତ ଅଟନ୍ତି। ସୂଚନା ଅନୁସାରେ ବୁର୍ଲା ପୁଲିସ ପକ୍ଷରୁ ପାଟ୍ରୋଲିଂ ହେଉଥିବାବେଳେ ବେଆଇନ ଭାବେ କଫସିରପ ଟ୍ରାନ୍ସପୋର୍ଟ ହେଉଥିବା ନେଇ ଖବର ପାଇଥିଲା। ବୋଲେରପଡ଼ା ଛକରେ ତନାଘନା କରିଥିଲା। ଏହି ସମୟରେ ୧୦୦ ଏମଏଲ ଲେଖାଏଁ ୮୪୦ଟି କଫସିରପ ବୋତଲ ଓ ଇଞ୍ଜେକସନ ପାଇଥିଲା। ସମସ୍ତ ଅଭିଯୁକ୍ତକୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ରାଜା ନାଏକ ନାମରେ ବୁର୍ଲା ଥାନାରେ ୫ଟି ଓ ସିଦ୍ଧାର୍ଥ ନାଗ ନାମରେ ଗୋଟାଏ ମାମଲା ରହିଥିଲା। ଏହି ଚାଲାଣରେ ଅନ୍ୟ ସମ୍ପୃକ୍ତି ନେଇ ପୁଲିସ କେସ ନମ୍ବର ୩୨୬/୨୫ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ଡାଇକ୍‌ରୁ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର ଘଟଣା

## 'ମାନସିକ ଅବସାଦରୁ ଚରମ ନିଷ୍ପତ୍ତି; ପେଟ୍ରୋଲ ଢାଳି ଆତ୍ମହତ୍ୟା'

**ସମ୍ବଲପୁର, ୧।୮ (ସମିସ):** ହୀରାକୁଦ ବାମପାର୍ଶ୍ୱ ପାହାଡ଼ ଉପରୁ ଅର୍ଦ୍ଧଦଗ୍ଧ ମୃତଦେହ ମିଳିବା ଘଟଣା ଏବେ ନୂଆ ମୋଡ଼ ନେଇଛି। ଏହା ବାସ୍ତବରେ ହତ୍ୟା ନା ଆତ୍ମହତ୍ୟା ସ୍ପଷ୍ଟ ହୋଇନାହିଁ। ପ୍ରାଥମିକ ତଦନ୍ତରୁ ପୁଲିସ ଏହା ଆତ୍ମହତ୍ୟା ବୋଲି କହିଛି। ମାନସିକ ଅବସାଦରେ ଚାପଗ୍ରସ୍ତ ହୋଇ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ପୁଲିସ କହିଛି। ସୂଚନା ଯୋଗ୍ୟ ଗୁରୁବାର ପାହାଡ଼ ଉପରୁ ବରଗଡ଼ ଜିଲ୍ଲା ବିଜେପୁର ଥାନା ମାନପୁରର ଆଦିତ୍ୟ କୁମାର ସାହୁଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ପୁଲିସ ଉଦ୍ଧାର କରିଛି। ସେ ପଦ୍ମପୁରର ଏକ କାର୍ ସୋ ରୁମରେ ମ୍ୟାନେଜର ଭାବେ କାମ କରୁଥିଲେ। ତାଙ୍କର କିଛି ସ୍ୱାସ୍ଥ୍ୟ ଗତ ସମସ୍ୟା ରହିଥିଲା। ଯେଉଁଥିପାଇଁ ସେ କଷ୍ଟ ଅନୁଭବ କରୁଥିଲେ। ତାହା ଅପରସେନ ମଧ୍ୟ ହୋଇପାରୁନଥିଲା। ଫଳରେ କଷ୍ଟ ଅନୁଭବ ଯୋଗୁଁ ଅଧିକାଂଶ ସମୟରେ ମାନସିକ ଅବସାଦରେ ରହୁଥିଲେ। ଗତ୨୫ ତାରିଖରେ କାମ କରୁଥିବା ସ୍ଥାନରୁ ଛୁଟି ନେଇ ବରଗଡ଼ର ଏକ ହୋଟେଲରେ ରହୁଥିଲେ। ସେବେଠୁ ସେ ପରିବାର କି ସମ୍ପର୍କୀୟଙ୍କର ଫୋନ ଉଠାଉ ନ ଥିଲେ। ୩୦ ତାରିଖରେ ସେ ସମ୍ବଲପୁର ଆସିଥିଲେ। ସେବେଠୁ ତାଙ୍କ ଫୋନ ବନ୍ଦ ରହିଥିଲା। ସେ ନିଜେ ପେଟ୍ରୋଲ ଢାଳି ଏପରି କରିଥିବା ସନ୍ଦେହ କରାଯାଉଥିବା ବୁର୍ଲା ଏସଡିପିଓ ବାଲେଶ୍ୱର ଗିଦ୍ଧି କହିଛନ୍ତି। ଘଟଣାସ୍ଥଳରୁ ପେଟ୍ରୋଲ ବୋତଲ ସହ ତାଙ୍କ ବ୍ୟାଗ ଏବଂ ବାଇକ ଜବତ କରାଯାଇଛି। ପୁଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଅଧିକ ତଦନ୍ତ ପାଇଁ ବରଗଡ଼ ପୁଲିସ ସହିତ ଯୋଗାଯୋଗ କରାଯାଇଥିବା ଏସପି ମୁକେଶ ଭାମୁ କହିଛନ୍ତି। ସୂଚନାଯୋଗ୍ୟ ଯେ, ହୀରାକୁଦ ନିକଟରୁ ଗତକାଲି ଆଦିତ୍ୟଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ପଡ଼ିଥିଲା। ସ୍ଥାନୀୟଲୋକ ଏହା ଦେଖିବା ପରେ ପୁଲିସକୁ ଜଣାଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ୨୫ ତାରିଖରୁ କାହାରି ଫୋନ ଉଠାଉନଥିଲେ। କେହି ତାଙ୍କ ସନ୍ଧାନ ନପାଇବାରୁ ଗତ ୩୦ ତାରିଖ ଦିନ ପରିବାର ତରଫରୁ ଆଦିତ୍ୟ ନିଖୋଜ ଥିବା ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ପ୍ରାଥମିର ତଦନ୍ତରୁ ସେ ନିଜେ ଏହି କାଣ୍ଡ ଭିଆଇଥିବା ସନ୍ଦେହ କରାଯାଉଥିବା ପୁଲିସ ପ୍ରକାଶ କରିଛି।

## ସୋନପୁର ଗୁଡ୍ସ ସେଡ୍‌ରୁ ପ୍ରଥମଥର ପାଇଁ ବିହାର ଗଲା ଚାଉଳ

**ସମ୍ବଲପୁର, ୧।୮ (ସମିସ):** ସମ୍ବଲପୁର ରେଳମଣ୍ଡଳର ସୋନପୁର ଗୁଡ୍ସ ସେଡ୍‌ରେ ନୂତନ ଭାବରେ ଖୋଲାଯାଇଥିବା ମାଲ୍ ପରିବହନ କେନ୍ଦ୍ରରୁ ଆଜି ଚାଉଳ ଲୋଡିଂ ହୋଇଛି। ପ୍ରଥମ ବିସିଏନ ରେକ୍ ସୋନପୁରରୁ କଟିହାର (ବିହାର) ପାଇଁ ଟ୍ରେନ୍ ବାହାରିଛି। ଏହି ବିକାଶ ମଣ୍ଡଳ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଓ ଓଡ଼ିଶାର ସୋନପୁରରୁ ଖାଦ୍ୟଶସ୍ୟ ପରିବହନ ପାଇଁ ଏକ ନୂତନକେନ୍ଦ୍ର ଭାବରେ ଆରମ୍ଭ ହୋଇଛି। ଏଠାରେ ଲୋଡିଂ କାର୍ଯ୍ୟ ଆରମ୍ଭ ହେବା ଦ୍ୱାରା ସୁବର୍ଣ୍ଣପୁର ଜିଲ୍ଲାର ଉର୍ବର ଏବଂ ଧାନ ସମୃଦ୍ଧ ଅଞ୍ଚଳରୁ ଖାଦ୍ୟଶସ୍ୟ ପରିବହନକୁ ବ୍ୟାପକ ଭାବରେ ସହଜ କରିବା ଆଶା କରାଯାଉଛି। ଯାହା ଜାତୀୟ ଖାଦ୍ୟ ସୁରକ୍ଷା ପ୍ରୟାସରେ ଯୋଗଦାନ ଦେବ। ଏହି ନୂତନ ମାଲ ପରିବହନ ଟର୍ମିନାଲର କାର୍ଯ୍ୟକ୍ଷମତା କେବଳ ଲଜିଷ୍ଟିକ୍ ସମର୍ଥନ ବୃଦ୍ଧି କରିବ ନାହିଁ ବରଂ ଭାରତୀୟ ରେଳବାଇ ପାଇଁ ମାଲ ପରିବହନ ଆୟରେ ବୃଦ୍ଧି ଆଣିବ। ସମ୍ବଲପୁର ମଣ୍ଡଳ ନୂତନ ଭିତ୍ତିଭୂମି ସୃଷ୍ଟି ଏବଂ ଉନ୍ନତିକରଣ କରି, ଜାତୀୟ ପ୍ରାଥମିକତା ଏବଂ ଆଞ୍ଚଳିକ ବିକାଶକୁ ଏକକାଳୀନ ସମର୍ଥନ କରି ଅଞ୍ଚଳର ମାଲ ପରିବହନ ସମ୍ଭାବନାକୁ ଉପଯୋଗ କରିବା ପାଇଁ ପ୍ରୟାସ ଜାରିରଖିଛି।

## ହୀରାକୁଦର ମାତ୍ର ୨ ଗେଟ୍ ଖୋଲା

**ସମ୍ବଲପୁର, ୧।୮ (ସମିସ) :** ଉପରମୁଣ୍ଡରେ ବର୍ଷା କମିବା ପରେ ପର୍ଯ୍ୟାୟକ୍ରମେ ହୀରାକୁଦ ଜଳଭଣ୍ଡାରର ଗେଟ୍ ବନ୍ଦ କରାଯାଉଛି। ହୀରାକୁଦ ଜଳସ୍ତର ୬୨୦.୩୩ ରହିଛି ଏବଂ ମାତ୍ର ୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଜୁଲାଇ ୬ ତାରିଖ ଜଳଭଣ୍ଡାରରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇ ଜାରିରହିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳସ୍ତର ୬୦୯.୦୮ ଫୁଟ୍ ରହିଥିଲା।

ଶୁକ୍ରବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୦.୪୫ ଫୁଟ୍ ରହିଛି। ନଦୀବନ୍ଧର ବାମପଟର ଗୋଟିଏ ଓ ଡାହାଣ ପଟର ଗୋଟିଏ ମୋଟ ୨ଟି ସ୍ଲୁଇସ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧, ୧୧, ୦୪୨ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୬୨, ୮୯୬ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୨୯, ୭୯୦ ଘନଫୁଟ, ପାୱାର ଚେନାଲ ଦେଇ ୨୯, ୦୩୬ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ, କେନାଲ ପାଇଁ ୩, ୮୩୬ ଘନଫୁଟ ଜଳ ନିଷ୍କାସିତ ହେଉଛି। ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୩.୯୮ ମିମି ଏବଂ ତଳମୁଣ୍ଡରେ ୦.୮୨ ମିମି ବର୍ଷା ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୫, ୨୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପଥର୍ଲାଠାରେ ୪୫, ୫୪୪ କ୍ୟୁସେକ୍, ଖଇରମାଳଠାରେ ୧, ୬୨, ୦୦୦ କ୍ୟୁସେକ୍, ବାରମୁଲଠାରେ ୧, ୭୭, ୫୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୩, ୦୪, ୮୯୫ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

## ଚୋରି ଘଟଣାର ପର୍ଦ୍ଦାଫାସ୍, ୩ ଗିରଫ

### ନଗଦ ୭.୯୭ ଲକ୍ଷ ଟଙ୍କା ଓ ୧୫୧ ଗ୍ରାମ ସୁନାଗହଣା ଜବତ

ସମ୍ବଲପୁର, ୧।୮ (ସମିସ)






ସମ୍ବଲପୁର ହୀରାକୁଦ ପୁଲିସ ଏକ ବଡ଼ ଚୋରି ଘଟଣାର ପର୍ଦ୍ଦାଫାସ କରିଛି। ଘରେ ପଶି ତାଲା ଭାଙ୍ଗି ଚୋରି ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରିବାସହ ନଗଦ ୭ ଲକ୍ଷ ୯୭ ହଜାର ଟଙ୍କା ଏବଂ ୧୩ ଲକ୍ଷ ୫୯ ହଜାର ଟଙ୍କାର ସୁନା ଓ ରୂପା ଗହଣା ଜବତ କରିଛି। ଅଭିଯୁକ୍ତମାନଙ୍କ ମଧ୍ୟରେ ରାଜ୍ୟ ବାହାରର ଜଣେ ଅଭିଯୁକ୍ତ ଥିବା ପୁଲିସ କହିଛି। ଘଟଣାର ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ପ୍ରଧାନଙ୍କ ନାମରେ ପୂର୍ବରୁ ଅନେକ ସଙ୍ଗୀନ ଅଭିଯୋଗ ରହିଥିବା ସମ୍ବଲପୁର ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ସମ୍ବଲପୁର ମହାନଗର ନିଗମ ଅଧୀନ ହୀରାକୁଦ ଏସ୍‌ଡିଓ କଲୋନୀରେ ଗତ ୨୩ ତାରିଖ ବିଳମ୍ବିତ ରାତିରେ କେହି ନଥିବାବେଳେ ରାଜେନ୍ଦ୍ର କୁମାର ସ୍ୱାଇଁଙ୍କ ଘରେ ତାଲା ଭାଙ୍ଗି ଚୋରି ହୋଇଥିଲା। ଏନେଇ ହୀରାକୁଦ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ କରି ପୁଲିସ ହୀରାକୁଦ ଏଚ୍‌ଆଇଡବ୍ଲ୍ୟୁ ଛକର ମଣ୍ଟୁ ଓରଫ୍ ସଞ୍ଜୟ ପ୍ରଧାନ (୪୨), ଆଇଟିଆଇ ଗୁଜାତଲର ଶିବ ଶଙ୍କର ଜେନା (୪୨) ଓ ସେବାଷ୍ଟିନ କଲୋନୀର ପ୍ରଶାନ୍ତ କୁମାର ବାରିକ (୩୯)କୁ ଗିରଫ କରିଛି। ସେମାନଙ୍କଠାରୁ ଜବତ ସୁନାଗହଣା ମଧ୍ୟରେ ପ୍ରାୟ ୧୫୧ ଗ୍ରାମ ସୁନାର ଦୁଇଟି ହାର, ଦୁଇଟି ମଙ୍ଗଳସୂତ୍ର, ଦୁଇଟି ଚୂଡ଼ି, ଦୁଇଟି ମୁଦି ଓ ଦୁଇଟି କାନଫୁଲ ଏବଂ ପ୍ରାୟ ୧୦୦ ଗ୍ରାମ ରୂପାର ପାଞ୍ଚ ହଳ ଗୋଡ଼ ମୁଦି ଓ ଗୋଟିଏ ହଳ ଆଙ୍କଲେଟ୍ ରହିଛି। ସୁନା ଓ ରୂପାର ଆନୁମାନିକ ମୂଲ୍ୟ ୧୩ ଲକ୍ଷ ୫୯ ହଜାର ଟଙ୍କା ହେବ। ସେହିପରି ୧୦୦, ୨୦୦ ଓ ୫୦୦ ଟଙ୍କିଆ ନୋଟ୍ ବିଡ଼ାକୁ ନେଇ ମୋଟ ନଗଦ ୭ ଲକ୍ଷ ୯୭ ହଜାର ଟଙ୍କା ଜବତ କରିଛି। ଜବତ ସୁନାରୂପା ଓ ନଗଦ ଟଙ୍କା ମୋଟ ୨୧ ଲକ୍ଷ ୭୬ ହଜାର ଟଙ୍କା ହେବ ବୋଲି ଆରକ୍ଷୀ ଅଧୀକ୍ଷକ ସୂଚନା ଦେଇଛନ୍ତି। ଅଭିଯୁକ୍ତ ମାନେ ଘରକୁ ଚିହ୍ନଟ କରି ଚୋରି କରନ୍ତି ଏବଂ ଏହାପରେ ସମ୍ବଲପୁରରୁ ବାହାରକୁ ଚାଲିଯାଇଥାନ୍ତି। ମୁଖ୍ୟ ଅଭିଯୁକ୍ତ ମଣ୍ଟୁ ପ୍ରଧାନ ଚୋରି କଲାପରେ କୋଏମ୍ବାଟୁରକୁ ଚାଲିଯାଇଥିଲା। ସେ ଚୋରି ସାମଗ୍ରୀ ବିକ୍ରି କରିଦେବା ପାଇଁ ପ୍ରଶାନ୍ତ ବାରିକକୁ ଦେଇ ମାସକ ପରେ ଆସିବ ବୋଲି କହିଥିଲା। ମଣ୍ଟୁର ସହପାଠୀ ଶିବ ଶଙ୍କର ଜେନା ସହ ମିଶି ତିନିଜଣ ଚୋରି ଯୋଜନା କରୁଥିଲେ। ଅଭିଯୁକ୍ତ ମଣ୍ଟୁ ଚୋରି କରିଥିବାବେଳେ ଅନ୍ୟ ଦୁଇଜଣ ତାହାକୁ ବିକ୍ରି କରିବାରେ ସହଯୋଗ କରୁଥିଲେ ବୋଲି ଏସ୍‌ପି ଶ୍ରୀ ଭାମୁ କହିଛନ୍ତି। ଏହି ଘଟଣାର ଅଧିକ ତଦନ୍ତ ଜାରି ରହିଛି। ହୀରାକୁଦ ଚୋରି ଘଟଣାର ମୁଖ୍ୟ ଅଭିଯୁକ୍ତ ମଣ୍ଟୁ ଓରଫ ସଞ୍ଜୟ ପ୍ରଧାନ ନାମରେ ପୂର୍ବରୁ ୮ଟି ଅପରାଧିକ ମାମଲା ରହିଛି। ହୀରାକୁଦ ଥାନାରେ ମଧ୍ୟ ମାମଲା ରହିଥିବା ପୁଲିସ ସୂଚନା ଦେଇଛି।

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରାମଚନ୍ଦ୍ର ପାତ୍ର
ସିଆପଡା, ଆନନ୍ଦପୁର
ଆବିର୍ଭାବ - ୧୨.୧୦.୧୯୪୩
ତିରୋଧାନ - ୦୨.୦୮.୨୦୨୪
ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ମହାପ୍ରଭୁଙ୍କ ପାଦପଦ୍ମରେ ଆମର ଏତିକି ପ୍ରାର୍ଥନା ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ନାରାୟଣ, ମନରଂଜନ, ନିରଞ୍ଜନ, ଡଲି, ଚନ୍ଦନା, ଟିନା, ଡନି, ସୋନି, କାହ୍ନୁ, ଶିଲି, ରାନୀ, ଲାଲା, ଗୁଡଲି ଓ ପରିବାରବର୍ଗ

## ବିଦ୍ୟାଳୟ ବିଳମ୍ବରେ ପହଞ୍ଚିବାରୁ ୬ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନୋଟିସ

**ସମ୍ବଲପୁର, ୧।୮ (ସମିସ) :** ସମ୍ପ୍ରତି ସାରା ରାଜ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶୃଙ୍ଖଳା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ମାନେଶ୍ୱର ବ୍ଲକର କିଛି ଶିକ୍ଷକ ଶିକ୍ଷୟିତ୍ରୀ ନିୟମିତ ଭାବେ ବିଦ୍ୟାଳୟକୁ ବିଳମ୍ବରେ ଯାଉଥିବା ନେଇ ଅଭିଯୋଗ ହୋଇଥିଲା। ଏହି କ୍ରମରେ ଆଜି ବିଦ୍ୟାଳୟ ସମୟ ସାଢ଼େ ୯ଟା ବଦଳରେ ୧୦ଟା ପରେ ପହଞ୍ଚିବାରୁ ଭାରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ଲୋକିତା ଦାଶ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଓ ପାଞ୍ଚ ଜଣ ଶିକ୍ଷକ କିର୍ତ୍ତୀପୁର, ଗୋଲଣ୍ଡା, ଗୁଣ୍ଡେରପୁର, ଦେଓଗାଁ ଓ ଭେିରୋପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ରହିଛନ୍ତି। ନୋଟିସରେ ଉଲ୍ଲେଖ କରାଯାଇଛି ଯେ ସେମାନେ ବିଦ୍ୟାଳୟ ସମୟ ସାଢ଼େ ୯ଟା ବଦଳରେ ଆଜି ୧୦ଟାରୁ ୧୦ଟା ୧୦ ମିନିଟ ଭିତରେ ବିଦ୍ୟାଳୟରେ ପହଞ୍ଚିଥିଲେ। ଏହାବ୍ୟତୀତ ଉପରିସ୍ଥ ଅଧିକାରୀଙ୍କ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ଉପସ୍ଥାନ ୟୁଏସ୍ ପୋର୍ଟାଲରେ ଜମା କରାଯାଉନାହିଁ। ଏହା କାର୍ଯ୍ୟରେ ଅବହେଳା ସହ ଉପରିସ୍ଥ ଅଧିକାରୀଙ୍କ ଅବମାନନାକୁ ପ୍ରତିଫଳିତ କରୁଛି। ଏହି ନୋଟିସର ପାଞ୍ଚ ଦିନ ମଧ୍ୟରେ କାରଣ ଦର୍ଶାଅ ନୋଟିସର ଜବାବ ଦାଖଲ କରିବାକୁ ବିଇଓ ନିର୍ଦ୍ଦେଶ ଦେଇଛନ୍ତି।

## ବିନା ଅନୁମତିରେ ଚାଲିଛି ହେପି ଆଣ୍ଡ ହୋଲି ହୋମ୍ ଆଶ୍ରମ

# ନୋଟିସକୁ ଖାତିର ନାହିଁ, ୨ କୋଠରିରେ ୫୫ ଝିଅ

**ବଲାଙ୍ଗିର, ୧।୮ (ସମିସ)**



ବଲାଙ୍ଗିର ଜିଲ୍ଲାରେ ମାସ ମାସ ହେଲା ବେଆଇନ ଭାବେ ଚାଲିଛି କନ୍ୟାଶ୍ରମ। ନିର୍ଦ୍ଦିଷ୍ଟ ଏକ ସମ୍ପ୍ରଦାୟ ପକ୍ଷରୁ ଏହି ଆଶ୍ରମ ଚାଲିଥିବା ବେଳେ ଏହାକୁ ବନ୍ଦ କରିବା ପାଇଁ ନୋଟିସ ମଧ୍ୟ କରାଯାଇଛି। କିନ୍ତୁ ନା ଏହା ବନ୍ଦ କରାଯାଉଛି ନା ସମ୍ପୃକ୍ତ ଆଶ୍ରମ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏହିଭଳି ଏକ ଆଶ୍ରମ ରହିଛି ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ ବାଞ୍ଜିପାଲି ଠାରେ। ସାଲଗାଡିଆ ହେପି ଆଣ୍ଡ ହୋଲି ହୋମ ସୋସାଇଟି ନାମରେ ଏହି ଆଶ୍ରମ ରହିଥିବା ଜଣାପଡ଼ିଛି। ଏଠାରେ ବିନା କୌଣସି ସୁରକ୍ଷା ବ୍ୟବସ୍ଥାରେ ୫୫ ଜଣ ଝିଅ ରହୁଥିବାବେଳେ ବିଗତ ଦିନରେ ସୁରକ୍ଷା ସମ୍ପର୍କିତ ଏକାଧିକ ମାମଲା ମଧ୍ୟ ହୋଇସାରିଛି। ତଥାପି ଏହି ଆଶ୍ରମକୁ ବନ୍ଦ କରାଯାଉ ନ ଥିବା ଜଣାପଡ଼ିଛି।

ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ ମୁଖ୍ୟାଳୟରୁ ପ୍ରାୟ ୪ କିମି ଦୂରରେ ରହିଛି ବୁର୍ଡା ପଞ୍ଚାୟତର ବାଞ୍ଜିପାଲି। ଏହି ଗାଁରେ ରହିଛି ସାଲଗାଡ଼ିଆ ହେପି ଆଣ୍ଡ ହୋଲି ହୋମ ସୋସାଇଟି ଆଶ୍ରମ। ପୂର୍ବରୁ ଉକ୍ତ ସ୍ଥାନରେ 'ଗୁଡନ୍ୟୁଜ୍ ସାର୍ଭିସ' ନାମରେ ଏକ ସଂସ୍ଥା ଆଶ୍ରମ ଖୋଲିଥିବା ବେଳେ କିଛି କାର୍ଯ୍ୟାକଳାପକୁ ନେଇ ବିବାଦୀୟ ହୋଇଥିଲା। ପରବର୍ତ୍ତି ସମୟରେ ପ୍ରଶାସନ ପକ୍ଷରୁ ଉକ୍ତ ଆଶ୍ରମକୁ ବନ୍ଦ କରିଦିଆଯାଇଥିଲା। ଏହାର କିଛି ବର୍ଷ ପରେ ପୁଣି ବାଞ୍ଜିପାଲିରେ ଥିବା ଉକ୍ତ କୋଠାରେ ସାଲଗାଡିଆ ହେପି ଆଣ୍ଡ ହୋଲି ହୋମ ସୋସାଇଟି ଆଶ୍ରମ ଆରମ୍ଭ କରାଯାଇଥିଲା। ଉକ୍ତ ଆଶ୍ରମର ଅଧିକ୍ଷକଙ୍କ ସୂଚନା ଅନୁସାରେ ସମୁଦାୟ ୫୫ ଜଣ ଝିଅ ରହିଛନ୍ତି। ଯେଉଁ

### ନୋଟିସର ୧୫ ଦିନ ପରେ ବି ପ୍ରଶାସନିକ ପଦକ୍ଷେପ ଶୂନ

ମାନଙ୍କର ବୟସ ୮ ରୁ ୧୭ ବର୍ଷ ପର୍ଯ୍ୟନ୍ତ ରହିଛି। ସେଠାରେ ଆଶ୍ରମ ଭଳି ଝିଅମାନେ ରହୁଛନ୍ତି ପାଠ ପଢ଼ିବା ପାଇଁ ନିକଟସ୍ଥ ସ୍କୁଲ କଲେଜକୁ ଯାଇଥାନ୍ତି। ତେବେ ସମ୍ପୃକ୍ତ ଆଶ୍ରମ ପାଖରେ ହୋଷ୍ଟେଲ ଚଲାଇବା ପାଇଁ କୌଣସି ଅନୁମତି ନଥିବା ଜଣାପଡ଼ିଛି। ଏପରିକି ଉକ୍ତ ସଂସ୍ଥା ଜୁଭେନାଇଲ ଜଷ୍ଟିସ ଆଇନ ଅନୁସାରେ ମଧ୍ୟ ପଞ୍ଜିକୃତ ହୋଇ ନ ଥିବା ଜଣାପଡ଼ିଛି। ଅଧିକ୍ଷକଙ୍କ କହିବା ଅନୁସାରେ ଉକ୍ତ ଆଶ୍ରମରେ ଦୁଇଟି କୋଠାରେ ୫୫ ଜଣ ରହୁଛନ୍ତି। ସେମାନଙ୍କ ପାଇଁ ହାତଗଣତି କିଛି ଶୌଚାଳୟ ରହିଛି। ଆଶ୍ରମ ଚାରିଆଡେ ପାଚେରି ମଧ୍ୟ ନାହିଁ। ତାରବାଡ଼ ଲଗାଯାଇଛି। ଆଶ୍ରମରେ ନା କୌଣସି ରାତ୍ର ଜଗୁଆଳି ଅଛନ୍ତି ନା ସୁରକ୍ଷା କର୍ମୀ ରହିଛନ୍ତି। ନିଜେ ଅଧିକ୍ଷକ, ସହାୟକ ଅଧିକ୍ଷକ ଓ ଦୁଇ ଜଣ ମହିଳା ରୋଷେୟାକୁ ଛାଡିଦେଲେ ଆଉ କେହି କର୍ମଚାରୀ ନାହାନ୍ତି। ଏହି ଆଶ୍ରମରେ ରହୁଥିବା ଝିଅ ମାନଙ୍କରେ ଅଭିଭାବକ ରହିଛନ୍ତି। ଏତେ ସବୁ ଅବ୍ୟବସ୍ଥା ସତ୍ତ୍ୱେ ଉକ୍ତ ଆଶ୍ରମ ପରିଚାଳିତ ହେଉଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଏହି ଆଶ୍ରମ ବିରୋଧରେ ଅଭିଯୋଗ ହେବାପରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ତଦାରଖ କରି ଏକ ରିପୋର୍ଟ ପ୍ରଦାନ କରାଯାଇଥିଲା। ଉକ୍ତ ରିପୋର୍ଟରେ ସିଧାସଳଖ ଏହି ଆଶ୍ରମ ବେଆଇନ ଭାବେ ଚାଲୁଥିବା ସ୍ପଷ୍ଟ କରାଯାଇଛି। ବିନା ଲାଇସେନ୍ସରେ ଏହା ଚାଲିଥିବାବେଳେ ଏହାକୁ ତିନି ଦିନ ଭିତରେ ବନ୍ଦ କରିବା ପାଇଁ ଗତ ଜୁଲାଇ ୧୮ ତାରିଖରେ ଆଶ୍ରମ ପରିଚାଳକଙ୍କୁ ଚିଠି ନଂ ୮୦୯ ରେ ସୂଚନା ଦିଆଯାଇଥିଲା। ସମୟସୀମା ଭିତରେ ବନ୍ଦ କରି ସମସ୍ତ ଅନ୍ତେବାସୀଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ପାଇଁ ଏହି ନୋଟିସ୍‌ରେ ନିର୍ଦ୍ଦେଶ ଦିଆଯାଇଛି। ତେବେ ଏହାକୁ ବେଖାତିର କରି ୧୫ ଦିନ ପରେ ବି ଉକ୍ତ ଆଶ୍ରମ ଏଯାଏଁ ବନ୍ଦ ହୋଇନାହିଁ କି ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇନାହିଁ। ଏନେଇ ଅଧିକ୍ଷକ ନିବାସ ନାଏକଙ୍କ କହିବା ଅନୁସାରେ ସୁରକ୍ଷା କର୍ମୀ କିମ୍ବା ରାତ୍ର ଜଗୁଆଳି ନିଯୁକ୍ତି କରିବା ପାଇଁ ସଂସ୍ଥା ପକ୍ଷରୁ କୁହାଯାଇ ନାହିଁ। ଆଶ୍ରମ ବନ୍ଦ କରିବାକୁ ନୋଟିସ କରାଯାଇଛି ସେ ବିଷୟରେ ଜାଣିବା ପରେ ସଂସ୍ଥାର ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ସହ ଆବଶ୍ୟକ ଅନୁମତି ପାଇଁ ପ୍ରକ୍ରିୟା ଆରମ୍ଭ କରିଛୁ। ଅନ୍ୟପକ୍ଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ କେବଳ ନୋଟିସ କରିଦେଇ ଚୁପ ବସିଥିବା ଅଭିଯୋଗ ହୋଇଛି। ଆଶ୍ରମକୁ ତିନି ଦିନ ର ସମୟ ଦିଆଯାଇଥିବା ବେଳେ ଏହା ପରେ ଆଉ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଏନେଇ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଦାୟିତ୍ୱରେ ଥିବା ଅଧିକାରୀ ମଧ୍ୟ କୌଣସି ପ୍ରତିକ୍ରିୟା ରଖିବାକୁ ମନା କରିଦେଇଛନ୍ତି।

## କାର୍ଯ୍ୟରତ ସବ୍ ପୋଷ୍ଟମାଷ୍ଟରଙ୍କ ସନ୍ଦେହଜନକ ମୃତ୍ୟୁ

**ବଙ୍ଗୋମୁଣ୍ଡା, ୧।୮ (ସମିସ):** ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଉପ ଡାକଘରେ କାର୍ଯ୍ୟରତ ଥିବା ସବ-ପୋଷ୍ଟମାଷ୍ଟରଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଉଛନ୍ତି ବଙ୍ଗୋମୁଣ୍ଡା ନରେନ୍ଦ୍ର ଭୋଇ। ସୂଚନା ଅନୁଯାୟୀ ନରେନ୍ଦ୍ର ଭୋଇ ଉପଡ଼ାକଘର ଭିତରେ ଭିତର ପଟୁ ବନ୍ଦକରି ଶୋଇଥିଲେ। ବାହାର ପଟରୁ ଅନ୍ୟ କର୍ମଚାରୀମାନେ ଡାକିଥିଲେ ବି କୌଣସି ଉତ୍ତର ମିଳି ନ ଥିଲା। ଫଳରେ କର୍ମଚାରୀମାନେ ବଙ୍ଗୋମୁଣ୍ଡା ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି କବାଟ ଭାଙ୍ଗି ପୋଷ୍ଟମାଷ୍ଟରଙ୍କୁ ଅଚେତ୍ ଅବସ୍ଥାରେ ଉଦ୍ଧାର କରିଥିଲା। ତାଙ୍କୁ ସଙ୍ଗେସଙ୍ଗେ କଣ୍ଟାବାଞ୍ଜି ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତ କରାଯାଇଛି। ମୃତ ସବପୋଷ୍ଟମାଷ୍ଟର ଜଣକ ସାତ ଦିନ ତଳେ ବଙ୍ଗୋମୁଣ୍ଡାରେ ଚାକିରିରେ ଯୋଗ ଦେଇଥିବା ଜଣାପଡ଼ିଛି।

## ଖଲିଆପାଲିରୁ ନିଖୋଜ ନାବାଳିକା ତାମିଲନାଡୁରୁ ଉଦ୍ଧାର

**ଦେଓଗାଁ, ୧।୮ (ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ବନ୍ଧପଡ଼ା ଫାଣ୍ଡି ଅଧୀନ ଖଲିଆପାଲି ଗାଁରୁ ନିଖୋଜ ହୋଇଥିବା ନାବାଳିକାକୁ ଦେଢ଼ମାସ ପରେ ଦେଓଗାଁ ପୁଲିସ ତାମିଲନାଡୁର ତିରପୁରରୁ ଉଦ୍ଧାର କରିଛି। ଉକ୍ତ ଗାଁର ଗଣ୍ଡାରାମ ହାତୀଙ୍କ ୧୭ ବର୍ଷିଆ ନାବାଳିକା ଝିଅ ଗତ ଜୁନ ୨୩ ତାରିଖରେ ଘରୁ କୁଆଡ଼େ ଚାଲିଯାଇଥିଲା। ଝିଅକୁ ଅନେକ ଖୋଜାଖୋଜି କରିବାପରେ ଗାଁର ପ୍ରଦୀପ ନାମକ ଜଣେ ଯୁବକ ନେଇଯାଇଥିବା ଝିଅର ବାପା ଗଣ୍ଡାରାମ ବନ୍ଧପଡ଼ା ଫାଣ୍ଡିରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ଦେଓଗାଁ ଥାନାଧିକାରୀ ବୁଲୁ ମୁଣ୍ଡା ଏନେଇ ତଦନ୍ତ ଆରମ୍ଭ କରିବାସହ ବିଶ୍ୱସ୍ତ ସୂତ୍ରରୁ ଉକ୍ତ ଝିଅ ତିରପୁର ଠାରେ ଏକ ହଷ୍ଟେଲରେ କାମକରୁଥିବା ଖବର ପାଇ ଏସ୍ଆଇ ଦୀପକ ଡୁଙ୍ଗଡୁଙ୍ଗ ଓ ଏଏସ୍ଆଇ ରଶ୍ମୀତା ସାହୁ ଟିମ୍ ଗଠନ କରି ତିରପୁରରୁ ଉଦ୍ଧାର କରି ଶୁକ୍ରବାର ଦେଓଗାଁ ଥାନାକୁ ଆଣିଥିବା ସୂଚନା ଦେଇଥିଲେ।

## ବିଏସ୍ଏଫ ଯବାନ ଚୁମକି ମିର୍ଦ୍ଧାଙ୍କୁ ସମ୍ବର୍ଦ୍ଧନା



**ପାଟଣାଗଡ଼, ୧।୮ (ସମିସ):** ପାଟଣାଗଡ଼ ବ୍ଲକ ମରୁଆଁ ପଞ୍ଚାୟତ ଝୁଲେନବର ଗାଁର ଝିଅ ଚୁମକି ମିର୍ଦ୍ଧା ଭାରତୀୟ ସୀମା ସୁରକ୍ଷା ବଳରେ ନିଯୁକ୍ତି ପାଇଥିଲେ। ଶୁକ୍ରବାର ଟ୍ରେନିଂ ସାରି ନିଜ ଗାଁକୁ ଫେରୁଥିବା ଖବରପାଇ ପୂର୍ବତନ ସୈନିକ ଓ ଜିଲ୍ଲା ଆଦିବାସୀ କଲ୍ୟାଣ ସଙ୍ଘ ପକ୍ଷରୁ ଯୁଗ୍ମ ସମ୍ପାଦକ ଗିରିରାଜ ଭୋଇଙ୍କ ନେତୃତ୍ୱରେ ପାଟଣାଗଡ଼ ବସଷ୍ଟାଣ୍ଡ ସମ୍ମୁଖରେ ଭବ୍ୟ ସ୍ୱାଗତ କରିଥିଲେ। ଗାଁ ମୁଣ୍ଡରୁ ତାଙ୍କ ଘର ପର୍ଯ୍ୟନ୍ତ ଗାଁବାସୀ ଏକ ଶୋଭାଯାତ୍ରାରେ ଯାଇଥିଲେ। ଚୁମକି ଆଦିବାସୀ ପରିବାରରୁ ଜନ୍ମ ଗ୍ରହଣ କରି ଏକ ଛୋଟ ଗାଁରୁ ଯାଇ ଦେଶର ସୀମାରେ ନିଯୁକ୍ତ ହୋଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଚୁମକି ପଞ୍ଚମ ଶ୍ରେଣୀରୁ ବେଲପଡ଼ା ଜବାହର ନବୋଦୟ ବିଦ୍ୟାଳୟରୁ ଯୁକ୍ତ ଦୁଇ ପର୍ଯ୍ୟନ୍ତ ଶିକ୍ଷାଦାନ କରି ସୀମା ବାହିନୀରେ ଯୋଗ ଦେବାକୁ କଠିନ ପରିଶ୍ରମ କରୁଥିଲେ। ସ୍ୱାଗତ ସମ୍ବର୍ଦ୍ଧନା ଦେବା ସମୟରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ଯୁଗ୍ମ ସମ୍ପାଦକ ଶ୍ରୀ ଭୋଇ, ପୂର୍ବତନ ସୈନିକ ଯୋଗେଶ୍ୱର ଭୋଇ, ପରକ୍ଷିତ ମାଝୀ, ପ୍ରକାଶ ସାହୁ, ଯୁଧିଷ୍ଠିର ମିର୍ଦ୍ଧା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଚାଷୀଙ୍କ ସମସ୍ୟାକୁ ନେଇ କ୍ଷୋଭ ପ୍ରକାଶ କଲେ ଚାଷୀନେତା

**ବଲାଙ୍ଗିର, ୧।୮ (ସମିସ):** ରାଜ୍ୟ ସରକାରଙ୍କ ମନ୍ତ୍ରୀ ମାନେ ମିଛ କହୁଛନ୍ତି। ନିର୍ବାଚନ ବେଳେ ଲୋୟର ସୁକତେଲ ପାଣି ଲୋଇସିଂହା ବ୍ଲକର ୬ ଓ ଆଗଲପୁର ବ୍ଲକର ୬ ପଞ୍ଚାୟତକୁ ମାଡ଼ିବ ବୋଲି ମନ୍ତ୍ରୀ ମୁକେଶ ମହାଲିଙ୍ଗ ମିଳିତ ଚାଷୀ ସଂଗଠନକୁ କହିଥିଲେ। ଯଦି ବିଜେପି ସରକାର ଗଢିବ ତେବେ ଆବଶ୍ୟକ ହେଲେ ଜଳସେଚନ ନକ୍ସାର ମଧ୍ୟ ପରିବର୍ତ୍ତନ ହେବ ବୋଲି କହିଥିଲେ। କିନ୍ତୁ ବର୍ଷେରୁ ଉର୍ଦ୍ଧ୍ୱ ସମୟ ହୋଇଗଲା ମିଛୁଆ ମନ୍ତ୍ରୀ ଆଜି ପର୍ଯ୍ୟନ୍ତ ଏନେଇ ଆମକୁ କୈଣସି ଉତ୍ତର ରଖିନାହାନ୍ତି ବୋଲି ଆଭିଯୋଗ କରିଛନ୍ତି ଚାଷୀନେତା କୃଷ୍ଣ ସାହୁ। ଶୁକ୍ରବାର ସାମ୍ବାଦିକ ଭବନଠାରେ ଜିଲ୍ଲା କୃଷକ ମହାସଂଘ ପକ୍ଷରୁ ଅୟୋଜିତ ସାମ୍ବାଦିକ ସମ୍ମିଳନୀରେ କ୍ଷୋଭ ପ୍ରକାଶ କରିଛନ୍ତି ଚାଷୀ ନେତା ଶ୍ରୀ ସାହୁ। ବଲାଙ୍ଗିର ସାମ୍ବାଦିକ ଭବନ ଠାରେ ବିଭିନ୍ନ ଚାଷୀ ଓ ଚାଷ ସମ୍ପର୍କିତ ସମସ୍ୟାକୁ ନେଇ ଜିଲ୍ଲା କୃଷକ ମହାସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ମହାସଂଘ ପକ୍ଷରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଚାଷୀମାରଣ ନୀତିକୁ ବିରୋଧ କରାଯାଇଥିଲା। ଜିଲ୍ଲାରେ ସାର କଳାବଜାରୀ ଚରମସୀମାରେ ପହଞ୍ଚିଥିବାବେଳେ ଚାଷୀ ପଞ୍ଜୀକରଣରେ ଚାଷୀମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ମହାସଂଘ ଅଭିଯୋଗ କରିଛି। ସେହିପରି ଲୋୟର ସୁକତେଲ ପ୍ରକଳ୍ପ ଶୀଘ୍ର ତ୍ୱରାନ୍ୱିତ କରାଯିବା ସହ ପ୍ରଥମେ ଲୋଇସିଂହା, ଆଗଲପୁର ଓ ବଲାଙ୍ଗିର ଜିଲ୍ଲା ଜମିକୁ ପାଣି ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ଅନ୍ୟପକ୍ଷରେ ଜିଲ୍ଲାରେ ଦୀର୍ଘ ବର୍ଷ ହେଲା କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଦାବି ହେଉଥିବା ବେଳେ ତାହା ଶୀଘ୍ର ପୂରଣ କରିବାକୁ ମହାସଂଘ ଦାବି କରିଛି। ଦାବି ଗୁଡ଼ିକ ପୂରଣ କରିବା ଦିଗରେ ରାଜ୍ୟ ସରକାର ଗୁରୁତ୍ୱଦେବାକୁ ମହାସଂଘ ଦାବି କରିଛି। ଅନ୍ୟଥା ଜିଲ୍ଲାରେ ଚାଷୀ ଆନ୍ଦୋଳନ ହେବା ନିଶ୍ଚିତ ବୋଲି କୃଷକ ମହାସଂଘ ସଭାପତି ଯତୀ ପଧାନ କହିଛନ୍ତି।



## ପ୍ରମୋଦିନୀ ଷଡ଼ଙ୍ଗୀଙ୍କ ବିୟୋଗ



**ବଲାଙ୍ଗିର, ୧।୮ (ସମିସ):** ବଲାଙ୍ଗିର ଓକିଲ ସଂଘର ବରିଷ୍ଠ ଓକିଲ ଆଶୁତୋଷ ଷଡ଼ଙ୍ଗୀଙ୍କ ମାତା ପ୍ରମୋଦିନୀ ଷଡ଼ଙ୍ଗୀଙ୍କ ବିୟୋଗ ହୋଇଯାଇଛି। ବାର୍ଦ୍ଧକ୍ୟ ଜନିତ ରୋଗ ଯୋଗୁଁ ସେ ବହୁତଦିନରୁ ଅସୁସ୍ଥ ରହି ମହାଲକ୍ଷ୍ମୀନଗରସ୍ଥିତ ନିଜ ବାସଗୃହରେ ଚିକିତ୍ସିତ ହେଉଥିଲେ। ବୁଧବାର ରାତି ପ୍ରାୟ ୨ଟା ସମୟରେ ସେ ଶେଷ ନିଶ୍ୱାସ ତ୍ୟାଗ ବେଳେ ତାଙ୍କର ଉଭୟ ପୁତ୍ର ଆଶୁତୋଷ ଷଡ଼ଙ୍ଗୀ ଓ ଅଧ୍ୟାପକ ସୁରେଶ ଚନ୍ଦ୍ର ଷଡ଼ଙ୍ଗୀ, ଜ୍ୱାଇଁ ଜ୍ଞାନେନ୍ଦ୍ର ମିଶ୍ର ଓ ଅନ୍ୟ ପରିବାର ବର୍ଗ ଉପସ୍ଥିତ ଥିଲେ। ବିଭୁତିପଡ଼ା ଶ୍ମଶାନରେ ତାଙ୍କର ଅନ୍ତ୍ୟେଷ୍ଟି କ୍ରୀୟା ସମ୍ପନ୍ନ ହୋଇଛି। ସାନପୁଅ ସୁରେଶ ଚନ୍ଦ୍ର ଷଡ଼ଙ୍ଗୀ ମୁଖାଗ୍ନି ଦେଇଥିଲେ।

## ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟରେ ବିଶ୍ୱ ଫୁସ୍‌ଫୁସ୍ କର୍କଟ ଦିବସ

**ବଲାଙ୍ଗିର, ୧।୮ (ସମିସ):** ବଲାଙ୍ଗିର ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ପରିସରରେ ଅଗଷ୍ଟ ୧ ତାରିଖରେ ବିଶ୍ୱ ଫୁସଫୁସ କର୍କଟ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଶ୍ୱବିଦ୍ୟାଳୟ ପରିସରରୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ଶୋଭାଯାତ୍ରା ବାହାରି ଥିଲା। ଏଥିରେ ଛାତ୍ର ଛାତ୍ରୀ ମାନେ ଫୁସଫୁସ କର୍କଟ ରୋଗ ଉପରେ ବ୍ୟାନର, ପ୍ଲାକାର୍ଡ ସହିତ ରୋଗ ସଚେତନ ଉପରେ ସ୍ଲୋଗାନ ଦେଇଥିଲେ। ଏହି ଶୋଭାଯାତ୍ରାକୁ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ଡ. ପ୍ରଦୀପ ଷଡ଼ଙ୍ଗୀ ଆରମ୍ଭ କରିଥିଲେ। ଛାତ୍ରଛାତ୍ରୀମାନେ ବସଷ୍ଟାଣ୍ଡରେ ସମସ୍ତ କର୍ମଚାରୀ, ଯାତ୍ରୀ ଓ ସାଧାରଣ ନାଗରିକଙ୍କୁ ସଚେତନ କରିବା ସହ ସଚେତନତାପତ୍ର ପ୍ରଦାନ କରିଥିଲେ। ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ବଲାଙ୍ଗିରର ନିର୍ଦ୍ଦେଶକ ସମସ୍ତଙ୍କୁ ଧୂମ୍ରପାନ ବର୍ଜନ ପାଇଁ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ସାଂସ୍କୃତିକ ବିଭାଗର ଅଧ୍ୟାପକ ଧର୍ମେନ୍ଦ୍ର ପ୍ରଧାନ ଓ ସସ୍ମିତା ସାମଲ ପରିଚାଳନା କରିଥିଲେ। ଏଥିରେ ଅଧ୍ୟାପକ ଜ୍ୟୋତି ପ୍ରକାଶ ଗୁରୁ ଓ ଅଧ୍ୟାପକ କିରଣରାଜ ଶତପଥୀ ସହଯୋଗ କରିଥିଲେ। ପ୍ରତିଷ୍ଠା ପ୍ରିୟଦର୍ଶିନୀ ଓ ମନୀଷା ସଂଯୋଜନା କରିଥିଲେ।




## 'ବୃକ୍ଷ ହିଁ ଭଗବାନ' କାର୍ଯ୍ୟକ୍ରମ



**ବଲାଙ୍ଗିର, ୧।୮ (ସମିସ):** ସ୍ୱେଚ୍ଛାସେବୀ ସଂଗଠନ ପୂଜାପୂଜା ସେବା ସଂଗଠନର ସହଯୋଗରେ କେଶବଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନ ଆର୍‌ଆର. କଲୋନୀ ଓ ସଦାଇପାଲି ହାଇସ୍କୁଲ, ଦ୍ୱିତୀୟ ଦିନ ସଦାଇପାଲି ଉ.ପ୍ରା. ବିଦ୍ୟାଳୟ, ଧୁମାମରା ଉ.ପ୍ରା. ବିଦ୍ୟାଳୟ ଓ ପଥରଚେପା ଉ.ପ୍ରା ବିଦ୍ୟାଳୟ ଏବଂ ତୃତୀୟ ଦିନ ଶାନ୍ତିପଡ଼ା ସରକାରୀ ଉ.ପ୍ରା. ବିଦ୍ୟାଳୟ ରେ ଚାରା ରୋପଣ କରି ବୃକ୍ଷ ହିଁ ଭଗବାନ ଓ ବୃକ୍ଷ ହିଁ ଜୀବନ ବୋଲି ଛାତ୍ର ଛାତ୍ରୀମାନଙ୍କୁ ସଚେତନ କରାଯାଇ ପ୍ରତ୍ୟେକ ଛାତ୍ରଛାତ୍ରୀ ଦୁଇ ଦୁଇଟି ଚାରା ରୋପଣ କରିବାକୁ ପରାମର୍ଶ ଦିଆଯାଇଥିଲା। ଜଗଦାନନ୍ଦ ଛୁରିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବୃକ୍ଷ ଦେବତାର ମହତ୍ୱ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମକୁ ସୁନାଧର ବନଛୋର, ଚୁଡେନ୍ଦ୍ର କୁମାର ବେହେରା, ନୃପରାଜ ରଣା, ଭୀମସେନ ସାହୁ ଏବଂ ଆଦ୍ୟାଶକ୍ତି ନାରୀ ସଂଗଠନର ମାଳତି ଉଦ୍‌ଗାତା, କସ୍ତୁରୀ ରଥ, ନିହାରିକା ମିଶ୍ର, ଆରତୀ ମିଶ୍ର ଓ ରାଜଶ୍ରୀ ତ୍ରିପାଠୀ ସହଯୋଗ କରିଥିଲେ। ଉପ-ସଭାପତି ମଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବଡ଼ସାଇମରାରୁ ମହିଳା ନିଖୋଜ

**ମୁରିବାହାଲ, ୧।୮ (ସମିସ) :** ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ବଡ଼ସାଇମରା ପଞ୍ଚାୟତ ଖଲିଆପାଲି ଗ୍ରାମର ହିମାଦ୍ରୀ ଦେଓ(୩୦) ବୁଧବାର ପୂର୍ବାହ୍ନରେ ଘରୁ ନିଖୋଜ ହୋଇଯାଇଥିବା ନେଇ ତାଙ୍କ ସ୍ୱାମୀ ରଞ୍ଜିତ ଦେଓ(୪୩) ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ରଞ୍ଜିତଙ୍କ ଅଭିଯୋଗ ମୁତାବକ ତାଙ୍କ ସ୍ତ୍ରୀ ହିମାଦ୍ରୀ ଘରୁ ନିଖୋଜ ହୋଇଯାଇଥିବା ଜାଣିବା ପରେ ପରିବାର ଲୋକେ ତାଙ୍କୁ ବହୁ ସ୍ଥାନରେ ଖୋଜାଖୋଜି କରିଥିଲେ। କିନ୍ତୁ ତାଙ୍କର କୌଣସି ଖୋଜଖବର ମିଳିନଥିଲା। ସେ ଘରୁ ଗଲାବେଳେ ୧୦ଭରି ଓଜନର ବିଭିନ୍ନ ସୁନା ସାମଗ୍ରୀ, ନଗଦ ୭୦ହଜାର ଟଙ୍କା, ଏକ ମୋବାଇଲ୍ ଫୋନ୍, ଜରୁରୀ କାଗଜପତ୍ରର ଜେରକ୍ସ କପି ଆଦି ଧରି ଚାଲିଯାଇଥିବା ସେ ନିଜ ଏତଲାରେ ଉଲ୍ଲେଖ କରିଛନ୍ତି। ପୁଲିସ ଏକ ନିଖୋଜ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ମୁରିବାହାଲ ପୁଲିସ ସୂତ୍ରରୁ ଜଣାପଡ଼ିଛି।



## ଏକଦିବସୀୟ ଫୁଟବଲ ପ୍ରତିଯୋଗିତା ; ବଲାଙ୍ଗିର ଚାମ୍ପିଅନ



**ଦେଓଗାଁ, ୧।୮ (ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଜରାସିଂହା ଲାଲ ଜଗନ୍ନାଥ ପ୍ରସାଦ ଷ୍ଟାଡିୟମ ଠାରେ ବିଏନ୍‌ଏଏ ଆନୁକୁଲ୍ୟରେ ମାଁ ବୁଢ଼ିଆଇ ଏକଦିବସୀୟ ଫଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ଜରାସିଂହା ଦଳ ଓ ବଲାଙ୍ଗିର ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ଟାଇବ୍ରେକର ଜରିଆରେ ୩-୧ ଗୋଲରେ ବଲାଙ୍ଗିର ଦଳ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲେ। ଖେଳକୁ ସତ୍ୟ ଦଣ୍ଡସେନା, ଡୋଲା ବଗର୍ତ୍ତି, ଲୋକନାଥ ଦଣ୍ଡସେନା, ସୁମନ ବକୁଳ, ରାଜ ଦଣ୍ଡସେନା, ପ୍ରଦୀପ ଚନ୍ଦନ, ଜ୍ୟୋତି ସିଂ ପ୍ରମୁଖ ପରିଚାଳନା କରିଥିବା ବେଳେ ଭୋଲା ପଥ୍ରୀମାଲି ଧାରାବିବରଣୀ ପ୍ରଦାନ କରିଥିଲେ। ଏଥିରେ ଆଞ୍ଚଳିକ ଦଳମାନେ ଯୋଗଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ମାଁ ପାଟଖଣ୍ଡାଙ୍କ ଦେହୁରୀ ସନ୍ତୋଷ ଥନାପତି ଯୋଗଦେଇଥିବାବେଳେ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚକୁଶମଣୀ ମେହେର, ସମିତି ସଭ୍ୟ ଅମିତ ତ୍ରିପାଠୀ, ଏଆରଆଇ ତପନ ଦାସ, ବିଏନଏଏ ସଭାପତି କରୁଣାକର ମେହେର, ସମ୍ପାଦକ ରାଜକିଶୋର ସେଠ ପ୍ରମୁଖ ଯୋଗଦେଇ ଥିଲେ।

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରାମଚନ୍ଦ୍ର ପାତ୍ର
ସିଆପଡା, ଆନନ୍ଦପୁର
ଆବିର୍ଭାବ - ୧୨.୧୦.୧୯୪୩
ତିରୋଧାନ - ୦୨.୦୮.୨୦୨୪
ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ମହାପ୍ରଭୁଙ୍କ ପାଦପଦ୍ମରେ ଆମର ଏତିକି ପ୍ରାର୍ଥନା ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ନାରାୟଣ, ମନରଂଜନ, ନିରଞ୍ଜନ, ଡଲି, ଚନ୍ଦନା, ଚିନା, ଡନି, ସୋନି, କାହ୍ନୁ, ଶିଲି, ରାନୀ, ଲାଲା, ଗୁଡଲି ଓ ପରିବାରବର୍ଗ

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ବଲାଙ୍ଗିର, ୧।୮ (ସମିସ):** ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ମୁଖ୍ୟାଳୟରେ ଥିବା ସୂର୍ଯ୍ୟକଲ୍ୟାଣ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଦ୍ୟାସାଗର ସିଂହଦେଓଙ୍କ ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ମୋହିତ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଦାୟୀ ପ୍ରଧାନଶିକ୍ଷକ ଶ୍ରୀ ସିଂହଦେଓଙ୍କ ସହ ଅତିଥି ଭାବେ ଫକୀରମୋହନ ତ୍ରିପାଠୀ, ଆଶିଷ କୁମାର ସିଂହଦେଓ, ସୁଧୀର ରଥ ପ୍ରମୁଖ ଯୋଗଦେଇ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରୀ ସିଂହଦେଓ ଏକ ଚାରା ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମିଲ୍ଲିମୟୀ ପଧାନ ଓ ବିଜୟାଲକ୍ଷ୍ମୀ ସାହୁ ପରିଚାଳନା କରିଥିବା ବେଳେ ବିବେକାନନ୍ଦ ପାତ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ ଓ ଶିକ୍ଷୟିତ୍ରୀ ମିତାଂଶୁବାଳା ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ସେହିପରି ନିର୍ମଳ ଚନ୍ଦ୍ର ମେହେର ଅବସରକାଳୀନ ସମ୍ବର୍ଦ୍ଧନାପତ୍ର ପଠନ କରିଥିବାବେଳେ ରଙ୍ଗାଧର ପଟେଲ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଶିକ୍ଷୟିତ୍ରୀ ବବିତା ରଥ, ନନ୍ଦିତା ବାରିକ, ପ୍ରସନ୍ନ କୁମାର ପଣ୍ଡା, ପ୍ରଶାନ୍ତ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟୁତ ତାରଲାଗି ବୃଦ୍ଧ ମୃତ

# କ୍ଷତିପୂରଣ ଦାବିରେ ୩ ଘଣ୍ଟା ରାସ୍ତା ଅବରୋଧ

**ଦେଓଗାଁ, ୧।୮ (ସମିସ)**

ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ତୁଷୁରା ଥାନା ଅଧୀନ ଖଗସିକନାରେ ଜଣେ ବୃଦ୍ଧ ନଳକୂପକୁ ଯିବା ସମୟରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି। ମୃତ ବୃଦ୍ଧ ଜଣକ ହେଲେ ଖଗସିକନା ଗାଁର ବ୍ରଜବନ୍ଧ ପ୍ରଧାନ(୭୨)। ଏ ନେଇ ତୁଷୁରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ସଞ୍ଜିପ ପ୍ରଧାନ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ଶୁକ୍ରବାର ସକାଳେ ଗାଁ ଛକ ଠାରେ ଥିବା ନଳକୂପକୁ ବ୍ରଜବନ୍ଧୁ ପ୍ରଧାନ ଦାନ୍ତଘସିବା ପାଇଁ ଆସିଥିବା ବେଳେ ଉପରଦେଇ ଯାଇଥିବା ବିଦ୍ୟୁତ ତାର ହଠାତ ଛିଣ୍ଡି ପଡ଼ିଥିଲା। ଫଳରେ ବୃଦ୍ଧଜଣକ ବିଦ୍ୟୁତ ସଂସ୍ପର୍ଶରେ ଆସି ଘଟଣାସ୍ଥଳରେ ହିଁ ମୃତ୍ୟୁ ବରଣ କରିଥିଲେ। ପ୍ରକାଶ ଯେ ଉକ୍ତ ଗାଁରେ ଦୀର୍ଘଦିନ ହେଲା ବିଦ୍ୟୁତ ତାର ଓ ଖୁଣ୍ଟ ଗୁଡ଼ିକ ବିପଦପୂର୍ଣ୍ଣ ରହିଥିବାବେଳେ ଗାଁଲୋକେ ବାରମ୍ବାର ସରପଞ୍ଚଠୁ ଆରମ୍ଭ କରି ବିଦ୍ୟୁତ ବିଭାଗର ଅଧିକାରୀଙ୍କୁ ମରାମତି କରିବା ପାଇଁ ଗୁହାରୀ କରିଥିଲେ ହେଁ କେହି କର୍ଣ୍ଣପାତ କରି ନ ଥିଲେ। ବୃଦ୍ଧଙ୍କ ଜୀବନହାନୀ ହେବାପରେ ଗାଁରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ଗ୍ରାମବାସୀ ଶବକୁ ରାସ୍ତାରେ ରଖି ଖଗସିକନା-ଅର୍ଜୁନପୁର ରାସ୍ତାକୁ ୩ ଘଣ୍ଟାଧରି ଅବରୋଧ କରିଥିଲେ। ପରେ ବିଦ୍ୟୁତ ବିଭାଗର ଯନ୍ତ୍ରୀ ଓ କର୍ମଚାରୀ ଓ ତୁଷୁରା ଥାନାଧିକାରୀ ସଞ୍ଜୀବ ପଧାନ ଘଟଣାସ୍ଥଳକୁ ଆସି ଆନ୍ଦୋଳନକାରୀ ତଥା ବ୍ଲକ ଉପାଧ୍ୟକ୍ଷ ସୂର୍ଯ୍ୟକାନ୍ତୀ ଛତ୍ରିଆ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ଦାଶଙ୍କ ସହ ଆଲୋଚନା କରିଥିଲେ। ପରେ ସରକାରୀ ନିୟମ ଅନୁସାରେ କ୍ଷତିପୂରଣ ପ୍ରଦାନ କରିବା ଓ ଅଗଷ୍ଟ ଶେଷସୁଦ୍ଧା ଗାଁର ପୋଖରୀ ଉପରେ ଯାଇଥିବା ୧୧କେଭି ବିଦ୍ୟୁତ ତାରକୁ ସ୍ଥାନାନ୍ତର କରିବା ତଥା ଗାଁରେ ରହିଥିବା ସମସ୍ତ ବିଦ୍ୟୁତ ତାର ଓ ବିପଦପୂର୍ଣ୍ଣ ଖୁଣ୍ଟ ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

● ନୂଆ କୌଶଳ ଆପଣାଇଲେ ଚୋର; ୬ ଗିରଫ ● ପୁଲିସ ଧରି କରାଇଲା ଅପରାଧ ଦୃଶ୍ୟାବତାରଣ

# ଭିକ ମାଗିବା ବାହାନାରେ ଘରେ ପଶି ସୁନାରୁପା ଚୋରି

ଚମ୍ପୁଆ,୧।୮ (ସମିସ)

ଲୋକଙ୍କ ଘରେ ଚୋରି କରିବାରେ ପୁରୁଣା ତରିକା ଛାଡ଼ି ନୂଆ କୌଶଳ ଆପଣାଇଲେ ଚୋର। ଚମ୍ପୁଆ ବ୍ରାହ୍ମଣ ଶାସନରେ ଦିନ ଦ୍ୱିପ୍ରହରରେ ଘରେ ପଶି ସୁନାଗହଣା ଲୁଟ ମାମଲାରେ ଚମ୍ପୁଆ ପୁଲିସକୁ ମିଳିଛି ସଫଳତା। ଚୋରି ହେବାର ୨ ଦିନ ପରେ ପୁଲିସ ହାତରେ ଧରାପଡ଼ିଛନ୍ତି ୬ ଲୁଟେରା। ଏନେଇ ଚମ୍ପୁଆ ଏସଡିପିଓ ରଶ୍ମିରଂଜନ ସାହୁ ଗଣମାଧ୍ୟମ ସମ୍ମିଳନୀରେ ସୂଚନା ଦେଇଥିବା ବେଳେ ପୁଲିସ ପକ୍ଷରୁ ଅଭିଯୁକ୍ତମାନଙ୍କୁ ନେଇ ସିନ କ୍ରିଏସନ (ଅପରାଧ ଦୃଶ୍ୟର ଅବତାରଣା) କରାଯାଇଛି।



ସୂଚନା ଅନୁସାରେ, ଗତ ୩୦ ତାରିଖ ଅପରାହ୍ନରେ ଚମ୍ପୁଆ ବ୍ରାହ୍ମଣ ଶାସନସ୍ଥିତ ଭୋଳାନାଥ ମିଶ୍ରଙ୍କ ପରିବାର ନିଜ ଘରଠାରୁ କିଛି ଦୂରରେ କୌଣସି ଏକ କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ଚୋରମାନେ ଭିକ୍ଷା ମାଗିବା ବାହାନାରେ ଘର ଭିତରକୁ ପଶିଥିଲେ। କେହି ନଥିବାର ସୁଯୋଗ ଦେଖି ଚୋରମାନେ ଘର ଭିତରେ ଥିବା ଆଲମିରାରୁ ସୁନା ଓ ରୁପା ଗହଣା ଲୁଟିନେଇ ଫେରାର ହୋଇଯାଇଥିଲେ। ଏନେଇ ଗୃହକର୍ତ୍ତା ଭୋଳାନାଥ ମିଶ୍ର ଚମ୍ପୁଆ ଥାନାରେ ଏତଲା ଦେବା ପରେ ଚମ୍ପୁଆ ପୁଲିସ କେସ ନଂ ୨୨୧/୨୫ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଚମ୍ପୁଆ ଏସଡିପିଓ ଶ୍ରୀ ସାହୁଙ୍କ ତତ୍ତ୍ୱାବଧାନରେ ଦୁଇଟି ପୋଲିସ ଟିମ୍ ଗଠନ କରାଯିବା ସହ ଚମ୍ପୁଆ ଥାନାଧିକାରୀ ରମାକାନ୍ତ ମୁଦୁଲିଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼ଉ ଆରମ୍ଭ କରାଯାଇଥିଲା। ଶେଷରେ ତୁରୁମୁଙ୍ଗା ସାପ୍ତାହିକ ହାଟ ନିକଟରେ ଚମ୍ପୁଆ ପୁଲିସ ଅଭିଯୁକ୍ତ ଭାନି ସବର, ଭାସ୍କର ସବର, ଶଙ୍କର ସବର, ଅନୀଲ ସବର, ସୀମା ସବର ଓ ଚାଲମା ସବରକୁ ଗିରଫ କରିବାରେ ସଫଳ ହୋଇଛି। ଗିରଫ ପରେ ତାଙ୍କଠାରୁ ୪ଟି ସୁନାଚୁଡ଼ି, ପାଞ୍ଚହଳ ସୁନା କାନଫୁଲ, ୬ଟି ସୁନା ହାତମୁଦି, ଗୋଟାଏ କାନଚନ୍ଦ୍ର ଚେନ୍, ଗୋଟିଏ ସୁନାଲକେଟ, ୪ଟି ନାକନଥ, ୩ଟି ନାକଫୁଲ, ୨ଟି ରୁପା ଚେନ୍, ୫ହଳ ସୁନା ପାଉଁଜି ଓ ୩ଟି ବାଇକ ଜବତ କରାଯାଇଥିବା ଶ୍ରୀ ସାହୁ ସୂଚନା ଦେଇଛନ୍ତି।

## ପୋଖରୀରେ ବୁଡ଼ି ଯୁବକ ମୃତ

ତୁରୁମୁଙ୍ଗା, ୧।୮ (ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ବାଲିପଶି ଗ୍ରାମ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ପ୍ରାଣ ଯାଇଛି। ଗାଧୋଉଥିବା ସମୟରେ ପୋଖରୀ ପାଣିରେ ବୁଡ଼ି ଯୁବକ ଜଣକ ବୁଡ଼ି ଯାଇଥିଲେ। ମୃତକ ହେଲେ ଗ୍ରାମର ନିର୍ମଳ ନାଏକ (୩୦)। ଅସାବଧାନତା ଯୋଗୁଁ ଗୋଡ଼ ଖସି ଯାଇଥିଲା। ସ୍ଥାନୀୟ ଲୋକେ ପୋଖରୀରେ ମୃତଦେହ ଭାସୁଥିବା ଦେଖି ଅଗ୍ନିଶମବାହିନୀ ଓ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରିବା ପରେ ତୁରୁମୁଙ୍ଗା ପୁଲିସ ଶବକୁ ଜବତ କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ତୁରୁମୁଙ୍ଗା ଥାନା ୨୧/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ମାତୃବିହାରରେ ଶ୍ରୀଅରବିନ୍ଦ ପାଠଚକ୍ର

ଆନନ୍ଦପୁର, ୧।୮ (ସମିସ): ପୌର ପରିଷଦ ୧୨ ନଂ ୱାର୍ଡ଼ ଶାଳପଡା ମାତୃବିହାରଠାରେ ଶ୍ରୀଅରବିନ୍ଦ ସାଧନ କେନ୍ଦ୍ର ଟ୍ରଷ୍ଟ ଆନୁକୂଲ୍ୟରେ ଟ୍ରଷ୍ଟର ପ୍ରତିଷ୍ଠା ଦିବସ ଅବସରରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଧ୍ୟାତ୍ମିକ ପତାକା ଉତ୍ତୋଳନ କରାଯାଇ ବନ୍ଦେମାତରମ, ଧୂପପୁଷ୍ପାର୍ପଣ, ମନ୍ତ୍ରାବୃତ୍ତି ସହିତ ଅନ୍ୟାନ୍ୟ ଧ୍ୟାନ ପ୍ରାର୍ଥନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୃନ୍ଦାବନ ବାଇ ମାନବର ବିବର୍ତ୍ତନରେ ଚୈତ୍ୟ ଚେତନାର ଭୂମିକା ସମ୍ପର୍କରେ ଆଲୋଚନା କରିଥିବାବେଳେ ଅଜୟ ସାହୁ ପୁରୁଷୋତ୍ତମ ତତ୍ତ୍ୱ ସମ୍ପର୍କରେ ଆଲୋଚନା ରଖିଥିଲେ। ଟ୍ରଷ୍ଟି ସୁଧାଂଶୁ ଶେଖର ସାହୁ ଆଧ୍ୟାତ୍ମିକ ପତାକା ଉତ୍ତୋଳନ କରିଥିବାବେଳେ କଇନିପୁରା ଶ୍ରୀଅରବିନ୍ଦ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ସୁଶ୍ରୀ ଗୀତାଞ୍ଜଳି ସାହୁ ସଭା ପରିଚାଳନା କରିଥିଲେ। ମାତୃପ୍ରେମୀ ଗୁନଚରଣ ସାହୁ ପତାକା ଅବତରଣ କରିଥିଲେ। ହାଟଡିହି ବ୍ଲକ୍ ସଂଗଠକ ସନାତନ ଜେନା ଏବଂ ୧୩୦ ମାତୃପ୍ରେମୀ ଯୋଗ ଦେଇଥିଲେ।

ଆଦିବାସୀଙ୍କୁ ଧର୍ମାନ୍ତରୀକରଣ ମାମଲା

# ନୋଟିସ ପାଇ ୫୯ ଜଣ ହାଜର ହେଲେ

ଆନନ୍ଦପୁର, ୧।୮ (ସମିସ): ଆନନ୍ଦପୁର ଉପଖଣ୍ଡର ସୋସୋ ଥାନା ଅନ୍ତର୍ଗତ ସୁନ୍ଦରାପାଳ ପଥରଗଦା ସାହିରେ ଧର୍ମାନ୍ତରୀକରଣକୁ ନେଇ ଉପୁଜିଥିବା ବିବାଦ ପ୍ରଶାସନିକ ହସ୍ତକ୍ଷେପ ଯୋଗୁଁ ଆୟତ୍ତାଧୀନ ଥିବା ଜଣାଯାଇଛି। ଏହି ମାମଲାର ସମାଧାନ ପାଇ ନୋଟିସ ପାଇଥିବା ୫୯ ଜଣ ହାଟଡିହି ତହସିଲଦାରଙ୍କ ଇଜିଲାସରେ ହାଜର ହୋଇଥିଲେ ହେଲେ ପରବର୍ତ୍ତୀ ତାରିଖରେ ଏହାର ଫଇସଲା ହେବାପାଇଁ ନିଷ୍ପତ୍ତି ହୋଇଥିବା ଜଣାଯାଇଛି। ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ଆଦିବାସୀ ଇଲାକାରେ ନିରୀହ ଆଦିବାସୀ ସମ୍ପ୍ରଦାୟ ଲୋକଙ୍କୁ ପ୍ରଲୋଭିତ କରି ଧର୍ମାନ୍ତରୀକରଣ କରିବା ଲୁଚାଛପାରେ ଚାଲିଥିବା ବେଳେ ଏହି ପ୍ରକ୍ରିୟା ଏବେ ଖୁଲମଖୁଲା ଭାବେ ଅନାୟାସରେ ଚାଲିଥିବା ଅଭିଯୋଗ ହୋଇଛି। ଏନେଇ ବଜରଙ୍ଗ ଦଳ ଏହାର ପ୍ରତିବାଦ କରିଛି। ଆନନ୍ଦପୁର ଓ ହାଟଡିହି ବ୍ଲକର କେତେକ ଆଦିବାସୀ ଲୋକଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ନିର୍ଦ୍ଦିଷ୍ଟ ଗୋଟିଏ ସମ୍ପ୍ରଦାୟର ପ୍ରଚାରକ ଧର୍ମ ପରିବର୍ତ୍ତନ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିବାରୁ ଉତ୍ତେଜକ ପରିସ୍ଥିତି ସୃଷ୍ଟି ହୋଇଛି। ହାଟଡିହି ବ୍ଲକ ଜାମ୍ବିରା ପଞ୍ଚାୟତର ସୁନ୍ଦରାପାଳ ନିକଟସ୍ଥ ପଥରଗଦାସାହିରେ ସାମୁହିକ ପ୍ରାଥନା ଓ ଧର୍ମଗ୍ରନ୍ଥ ପାଠ ଚାଲିଥିବା ଅଭିଯୋଗ ହୋଇଛି। ଏପରି କାର୍ଯ୍ୟକଳାପକୁ ଅନ୍ୟ କେତେକ ଆଦିବାସୀ ଓ ସ୍ଥାନୀୟ ଅଧିବାସୀ ବିରୋଧ କରିବାରୁ ଖବର ପାଇ ବିଜେପି ନେତ୍ରୀ ଝାନ୍ସୀରାଣୀ ଦାସ ବଜରଙ୍ଗ ଦଳ ପ୍ରମୁଖ ଅକ୍ଷୟ ସାହୁ, ବିଶ୍ୱଜିତ ଦାଶଙ୍କ ସମେତ କେତେକ ବ୍ୟକ୍ତି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସହିତ ଏହାର ପ୍ରତିବାଦ କରିଥିଲେ। ପ୍ରଶାସନ ଓ ପୁଲିସ ପକ୍ଷରୁ ଏନେଇ ସବିଶେଷ ତଦନ୍ତ ଆରମ୍ଭ ହୋଇଥିଲା।



● ଆନନ୍ଦପୁରକୁ ରେଳପଥ ସଂଯୋଗ ଦାବି

# ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ସମ୍ମୁଖରେ ଗଣଧାରଣା

କେନ୍ଦୁଝର, ୧।୮ (ସମିସ): ଆନନ୍ଦପୁର ଉପଖଣ୍ଡର ମା' ଧନେଇ ସେବାସଂଘର କର୍ମକର୍ତ୍ତା ତଥା ଉପଖଣ୍ଡର ସାଧାରଣ ଜନତାଙ୍କ ପକ୍ଷରୁ ଆନନ୍ଦପୁରକୁ ରେଳପଥ ସଂଯୋଗ ଦାବିରେ କେନ୍ଦୁଝର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ଜିଲ୍ଲାର ପ୍ରମୁଖ ଉପଖଣ୍ଡ ଆନନ୍ଦପୁରକୁ ରେଳପଥ ସଂଯୋଗ ପାଇଁ ଦୀର୍ଘ ଦିନଧରି ଗଣତନ୍ତ୍ରକୁ ସମ୍ମାନ ଜଣାଇ ଦାବି ଧାରଣା, ଅନଶନ, ଶୋଭାଯାତ୍ରା, ଧର୍ମଘଟ, ପଦଯାତ୍ରା, ଦଣ୍ଡବତ ଯାତ୍ରା, ମାନବ ଶୃଙ୍ଖଳ ଆଦି ବାରମ୍ବାର କରାଯାଇଥିବାବେଳେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ରେଳ ବିଭାଗକୁ ନିର୍ଦ୍ଦେଶ ହୋଇଛି। ମାତ୍ର ଆନନ୍ଦପୁରକୁ ରେଳପଥ ସଂଯୋଗ ନିମନ୍ତେ ସରକାର କୌଣସି ପଦକ୍ଷେପ ନେଇ ନଥିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ଆନନ୍ଦପୁରକୁ ରେଳପଥ ସଂଯୋଗ ନିମନ୍ତେ ଶୁକ୍ରବାର ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ସମ୍ମୁଖରେ ଗଣଧାରଣା ଆରମ୍ଭ ହୋଇଛି। ଏହାର ନକଲ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ, ଜିଲ୍ଲାପାଳ, ଏସ୍‌ପି, ଉପଜିଲ୍ଲାପାଳ, ଆନନ୍ଦପୁର ଥାନା ଭାରପ୍ରାପ୍ତ ଅଧିକାରୀ, ଟାଉନ ଥାନା ସମେତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅବଗତ କରାଯାଇଛି। ସଂଘ ସଭାପତି ବିଷ୍ଣୁପ୍ରିୟା ବାରିକ, ସମ୍ପାଦକ ବିଧୁଭୂଷଣ ବାରିକ ସମେତ ତରୁଣ ସାହୁ, ବିକୁନ ସାହୁ, ଗୋବିନ୍ଦଚନ୍ଦ୍ର ପତି, ଶୁଭ୍ରାଂଶୁ ସାହୁ, ମହେଶ୍ୱର ସାହୁ, ଅବିନାଶ ପ୍ରଧାନ, ସୌମ୍ୟରଞ୍ଜନ ବେହେରା, ସଞ୍ଜୟ କୁମାର ସାହୁ ପ୍ରମୁଖ ଦାବିପତ୍ର ଦେଇଥିଲେ।




## ଶାଳବଣି ବାଳିକା ଉଚ୍ଚବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା

ଆନନ୍ଦପୁର, ୧।୮ (ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଶାଳବଣୀ ସରକାରୀ ପଞ୍ଚାୟତ ବାଳିକା ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲାଜୀବ ନାୟକଙ୍କ ଅଧ୍ୟକ୍ଷତାରେ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି। ମୁଖ୍ୟମୁଖ୍ୟ ଅତିଥି ଭାବେ ଆନନ୍ଦପୁର ଏବିଇଓ ହେମେନ୍ଦ୍ରନାଥ ମହାନ୍ତି, ଜିଲ୍ଲା ଓଷ୍ଟା ସଙ୍ଘ ସମ୍ପାଦକ ରଞ୍ଜନ ଘଡ଼େଇ, ସମ୍ମାନିତ ଅତିଥି ଭାବେ ଶାଳବଣା ସରପଞ୍ଚ ସୁବାସିନୀ ମିଶ୍ର, ମୋଚିନ୍ଦ୍ର ସରପଞ୍ଚ ପ୍ରାନ୍‌କୁମାର ମଲ୍ଲିକ, ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ସରୋଜ ଓଝା, ଓଷ୍ଟା ସଙ୍ଘର ପ୍ରାକ୍ତନ ସମ୍ପାଦକ ଶାନ୍ତନୁ ମିଶ୍ର, ପ୍ରଧାନଶିକ୍ଷୟିତ୍ରୀ ଅଞ୍ଜଳି ଦେ, ଓଷ୍ଟା ଆନନ୍ଦପୁର ବ୍ଲକର ସଭାପତି ପ୍ରତାପ ହଜାରୀ ପ୍ରମୁଖ ଯୋଗଦେଇଥିଲେ। ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରସନ୍ନ ପଟ୍ଟନାୟକ ପଦୋନ୍ନତି ପାଇ ଅନ୍ୟତ୍ର ବଦଳି ହୋଇଥିବା ବେଳେ ବିଦ୍ୟାଳୟର ବରିଷ୍ଠ ହିନ୍ଦୀ ଶିକ୍ଷକ ଗ୍ରୀଧର ମହାରଣାଙ୍କ ଅବସର ନେଇ ଅତିଥିମାନେ ଉଭୟଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଶିକ୍ଷୟିତ୍ରୀ ଜାନକୀ ସାହୁ ଅତିଥି ପରିଚୟପ୍ରଦାନ କରିଥିବା ବେଳେ ବରିଷ୍ଠ ଶିକ୍ଷକ ସରୋଜ ସାହୁ ମଞ୍ଚ ପରିଚାଳନା କରିଥିଲେ।

## ଏସୀୟ ଜୁନିଅର ଉସୁ'ରେ ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲର ଶ୍ୱେତାଙ୍କୁ କାଂସ୍ୟ




ଯୋଡ଼ା, ୧।୮ (ସମିସ): ଚୀନରେ ଆୟୋଜିତ ଦ୍ୱାଦଶ ଏସୀୟ ଜୁନିଅର ଉସୁ ଚାମ୍ପିଅନସିପରେ ଚମତ୍କାର ପ୍ରଦର୍ଶନ କରିବା ସହ ୪୮ କେଜି ବର୍ଗରେ କାଂସ୍ୟ ପଦକ ଜିତି ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲର ଶ୍ୱେତାରାଣୀ ମହାନ୍ତ ଦେଶ ପାଇଁ ଗୌରବ ଆଣିଛନ୍ତି। ଏହି ପଦକ ଜିତିବା ପରେ ରାଜ୍ୟ କ୍ରୀଡ଼ା ବିଭାଗ, କେନ୍ଦୁଝର ଜିଲ୍ଲା ଉସୁ ଆସୋସିଏସନ ଏବଂ ଉସୁ ଆସୋସିଏସନ ଅଫ୍ ଓଡ଼ିଶା ଶ୍ୱେତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶାଲୁ ଜିନ୍ଦଲଙ୍କ ମାର୍ଗଦର୍ଶନରେ ପାରିପାର୍ଶ୍ୱିକ ଅଞ୍ଚଳରେ କୃଷି, ସ୍ୱାସ୍ଥ୍ୟ, କ୍ରୀଡ଼ା ଓ ସଂସ୍କୃତିର ବିକାଶ ପାଇଁ ଫାଉଣ୍ଡେସନ କାର୍ଯ୍ୟ କରିଆସୁଛି। ସ୍ଥାନୀୟ ଅଞ୍ଚଳର କ୍ରୀଡ଼ା ପ୍ରତିଭାଙ୍କ ବିକାଶ ପାଇଁ ଫାଉଣ୍ଡେସନର ପ୍ରୋତ୍ସାହନରେ ଏହି ସ୍ପୋର୍ଟସ ହଷ୍ଟେଲ ପ୍ରତିଷ୍ଠିତ ହୋଇଛି। ଏହି ହଷ୍ଟେଲରେ ଶ୍ୱେତାରାଣୀଙ୍କ ସମେତ ପ୍ରେମ, ରାଜକୁମାର, ବବଲୁ, ମଞ୍ଜୁ ମୁଣ୍ଡା ମଧ୍ୟ ପ୍ରଶିକ୍ଷିତ ହୋଇ ବ୍ରାଜିଲ, ବ୍ରୁନେଇ ଓ ମସ୍କୋରେ ଆୟୋଜିତ ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ରୌପ୍ୟ ଓ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଫାଉଣ୍ଡେସନ ପକ୍ଷରୁ ଦେଶର ୩୦ ହଜାର ଗ୍ରାମୀଣ ଓ ଆଦିବାସୀ ପ୍ରତିଭାଙ୍କୁ ସାମରିକ କଳା, ମହିଳା ଓ ପୁରୁଷ ହକି, ମହିଳା ଓ ପୁରୁଷ ଫୁଟବଲ, କବାଡ଼ି, ଖୋ-ଖୋ, ତୀରନ୍ଦାଜୀ ଓ କ୍ରିକେଟରେ ଭବିଷ୍ୟତ ନିର୍ମାଣ ପାଇଁ ପ୍ରୋତ୍ସାହିତ କରାଯାଉଛି।

## ପ୍ରଧାନଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ତେଲକୋଇ, ୧।୮ (ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଖୁଣ୍ଟାପଡ଼ା ପଞ୍ଚାୟତ ମଧୁସୂଦନପୁର ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସରସ୍ୱତୀ ମିଶ୍ର ତାଙ୍କ କର୍ମମୟ ଜୀବନରୁ ଗୁରୁବାର ଅବସର ଗ୍ରହଣ କରିଛନ୍ତି। ଶ୍ରୀମତୀ ମିଶ୍ର ତାଙ୍କ କର୍ମକ୍ଷେତ୍ରରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ହାଇସ୍କୁଲରେ କାର୍ଯ୍ୟ କରିଛନ୍ତି। ତେଲକୋଇ ବ୍ଲକର ଏହି ଉଚ୍ଚବିଦ୍ୟାଳୟରେ ୨୦୧୯ରୁ କାର୍ଯ୍ୟ କରି ଦୀର୍ଘ ୬ବର୍ଷ ହେବ ବିଦ୍ୟାଳୟର ସମସ୍ତ ଦାୟିତ୍ୱ ବହନ କରି ସମସ୍ତଙ୍କ ପ୍ରିୟପାତ୍ର ହୋଇପାରିଥିଲେ। ଶୁକ୍ରବାର ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ବିଡିଓ ପୂର୍ଣ୍ଣଚନ୍ଦ୍ର ନାଏକ, ମୁଖ୍ୟବକ୍ତା ଭାବେ ବସୁଦେବ ମହାନ୍ତ, ସଭାପତି କୃଷ୍ଣପୁର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ହୃଦାନନ୍ଦ ସାହୁ ଯୋଗ ଦେଇଥିଲ। ସେହିପରି ସମ୍ମାନିତ ଅତିଥି ଭାବେ କବି ତଥା ସାହିତ୍ୟିକ କେନ୍ଦୁଝରର ପିନାକୀ ମିଶ୍ର, ସିଆରସିସି ଖୁଣ୍ଟାପଡା ପ୍ରଦ୍ୟୁମ୍ନ କୁମାର ପ୍ରଧାନ, ଜ୍ୟୋସ୍ନାରାଣୀ ମିଶ୍ର, ଜିତେନ୍ଦ୍ର ମୁଣ୍ଡା, ବ୍ଲକ ମଙ୍ଗଳ ଅଧିକାରିଣୀ ସୁଶ୍ରୀ ଆଲିସା ମାଝୀ, ଅବସରପ୍ରାପ୍ତ ସିଆରସିସି କୈଳାସ ପଣ୍ଡା ପ୍ରମୁଖ ସାମିଲ ରହିଥିଲେ। ଏହି ଉତ୍ସବରେ ସମସ୍ତ ଛାତ୍ରଛାତ୍ରୀ ସହିତ ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ ଆତ୍ମବିଭୋର ହୋଇ ପଡ଼ିଥିଲେ। ଅବସର ଗ୍ରହଣ କରିଥିବା ଶ୍ରୀମତୀ ମିଶ୍ରଙ୍କୁ ବିଦ୍ୟାଳୟ ପକ୍ଷରୁ ମାନପତ୍ର ଉପଢୌକନ ଓ ଉପହାର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀ ମଧ୍ୟ ଉପହାର ପ୍ରଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶ୍ୟାମଘନ ତାଙ୍ଗୁଆ, ପପୁନ ମହାନ୍ତ, ବିଜୟସେଠୀଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।

## ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

କେନ୍ଦୁଝର, ୧।୮ (ସମିସ): ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚବିଦ୍ୟାଳୟ ନରଣପୁରର ସହକାରୀ ଶିକ୍ଷୟିତ୍ରୀ ଜୟନ୍ତୀ ଦାସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ କିଶୋରଚନ୍ଦ୍ର ରାଉତ ସଭାପତିତ୍ୱ କରିଥିବାବେଳେ ସହକାରୀ ଶିକ୍ଷକ ସଞ୍ଜୟ ଜେନା ସହଯୋଗ କରିଥିଲେ। ଶିକ୍ଷକଶିକ୍ଷୟିତ୍ରୀଙ୍କ ସମେତ ଛାତ୍ରଛାତ୍ରୀ ମାନେ ମଧ୍ୟ ବିଦାୟୀ ଶିକ୍ଷୟିତ୍ରୀଙ୍କ ଗୁଣଗାନ କରିଥିଲେ। ଶ୍ରୀମତୀ ଦାସ ମଧ୍ୟ ଏହି ବିଭାଗରେ ୩୮ ବର୍ଷ ଚାକିରି କରି ଶିକ୍ଷାଦାନ କରିଆସୁଥିଲେ। ସେ ଅବସର ପରେ ସମାଜସେବା କାର୍ଯ୍ୟକୁ ନିଜକୁ ନିୟୋଜିତ କରିବେ ବୋଲି ପ୍ରକାଶ କହିଛନ୍ତି।

## ଶ୍ରୀଅନ୍ନ ଅଭିଯାନରେ ମିଲେଟ ଅନ୍ ହ୍ୱିଲ୍‌ସ ଉଦ୍‌ଘାଟିତ

କେନ୍ଦୁଝର, ୧।୮ (ସମିସ): ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଶ୍ରୀଅନ୍ନ ଅଭିଯାନ ଅନ୍ତର୍ଗତ ରାଜ୍ୟ ସରକାରଙ୍କ ମିଲେଟ୍‌ସ ଅନ୍ ହ୍ୱିଲ୍‌ସ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, କେନ୍ଦୁଝର ଏବଂ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଯୋଜନା ଅଧିକାରୀ, ଶ୍ରୀଅନ୍ନ ଅଭିଯାନ, ବରିଷ୍ଠ ବୈଜ୍ଞାନିକ କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦୁଝର, ଜିଲ୍ଲା ମହିଳା ଓ ଶିଶୁ କଲ୍ୟାଣ ଅଧିକାରୀ କାର୍ଯ୍ୟାଳୟଙ୍କ କର୍ମଚାରୀ, ଜିଲ୍ଲା ପ୍ରକଳ୍ପ ସଂଯୋଜକ ମିସନ ଶକ୍ତୀ କେନ୍ଦୁଝର ଅନ୍ୟାନ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଜିଲ୍ଲା କୃଷି କାର୍ଯ୍ୟାଳୟରେ ମିଲେଟ୍ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି।

## ବାଲ୍‌ବାଟିକାରେ ୧୨୧୧ ପଞ୍ଜିକୃତ

ଆନନ୍ଦପୁର, ୧।୮ (ସମିସ): ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଉପସ୍ଥାନ ବୃଦ୍ଧି ପାଇଁ ଆରମ୍ଭ ହୋଇଥିବା ବାଳବାଟିକା ଯୋଜନାରେ ଆନନ୍ଦପୁର ବ୍ଲକର ବିଭିନ୍ନ ବିଦ୍ୟାଳୟରେ ୧୨୧୧ଜଣ ଶିଶୁ ପଞ୍ଜିକୃତ ହୋଇଥିବା ଜଣାଯାଇଛି। ସେଥିମଧ୍ୟରୁ ଆନନ୍ଦପୁର ବ୍ଲକର ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳ ବୁଢୀକୁଦ ପ୍ରାଥମିକ ବିଦ୍ୟାଳୟରେ ୯ଜଣ ୬ବର୍ଷରୁ କମ ଶିଶୁ ନାମ ଲେଖାଇଥିବା ପ୍ରଧାନ ଶିକ୍ଷକ ଅଣାକାର ନାୟକଙ୍କଠାରୁ ସୂଚନା ମିଳିଛି। ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ଓ ସରକାରୀ ବିଦ୍ୟାଳୟରେ ଛାତ୍ର ଉପସ୍ଥାନ ବୃଦ୍ଧି ପାଇଁ ଏହା ବେଶ୍ ସହାୟକ ହେବ ବୋଲି ଜଣାଯାଇଛି।

**ବୁଢୀକୁଦରେ ୯ ଜଣ**

ବିଶ୍ୱ ସ୍ତନ୍ୟପାନ ସପ୍ତାହ

## ୭ ଯାଏ ଚାଲିବ ସଚେତନତା



କେନ୍ଦୁଝର, ୧।୮ (ସମିସ): ଶୁକ୍ରବାର ପୂର୍ବାହ୍ନରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ମୁଖ୍ୟ ସମିତି ଆନୁକୂଲ୍ୟରେ ବିଶ୍ୱ ସ୍ତନ୍ୟପାନ ସପ୍ତାହର ଶୁଭାରମ୍ଭ ଅବସରରେ ସ୍ୱତନ୍ତ୍ର ଉତ୍ସବ ଆୟୋଜିତ ହୋଇଯାଇଛି। ଆସନ୍ତା ୭ ତାରିଖ ଯାଏ ସ୍ତନ୍ୟପାନର ଉପକାରିତା ନେଇ ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମ ରଖାଯାଇଥିବା ସୂଚନା ଦିଆଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିନୋଦ ବିହାରୀ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ଲକ୍ଷ୍ମୀକାନ୍ତ ମହନ୍ତ ଏହି କାର୍ଯ୍ୟକ୍ରମରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ପି. କେ. ମହାକୁଡ଼ ଯୋଗ ଦେଇଥିଲେ। ଜନ୍ମରୁ ୧ ଘଣ୍ଟା ମଧ୍ୟରେ ଶିଶୁଙ୍କୁ ସ୍ତନ୍ୟପାନ କରାଇବା, ଶିଶୁକୁ ୬ ମାସ କେବଳ ମା' କ୍ଷୀର ଦେବା, କୌଣସି ବାହାର ଖାଦ୍ୟ ଯଥା ଗାଈ କ୍ଷୀର, ପାଣି, ମହୁ, ବା ଚିନି ପାଣି ନ ଦେବା ଆଦି ସମ୍ପର୍କରେ ସଚେତନ କରାଯାଉଛି। ମା'ର ପ୍ରଥମ "କଷକ୍ଷୀର' ଶିଶୁର ରୋଗ ପ୍ରତିରୋଧକ ବଢ଼ାଇଥାଏ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଚେତନ କରାଯାଉଛି। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପୁରୋଷୋତ୍ତମ ମହନ୍ତ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ବିଶ୍ୱ ସ୍ତନ୍ୟପାନ ସପ୍ତାହର ବାର୍ତ୍ତା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ନିତ୍ୟରଞ୍ଜନ ବରାଳ ଉଦ୍ଦେଶ୍ୟ ଓ ସଠିକ ସ୍ତନ୍ୟପାନ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଉକ୍ତ ବୈଠକରେ ପ୍ରସୂତି ମହିଳା, ନର୍ସିଙ୍ଗ ଅଫିସର, ନର୍ସିଙ୍ଗ ଛାତ୍ରୀ, ପାରାମେଡିକାଲ ଷ୍ଟାଫ ଓ ବିଭାଗୀୟ ଅଧିକାରୀ ଯୋଗ ଦେଇଥଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ଭରତ ସାହୁ ଓ ବୃନ୍ଦାବନ ସାହୁ ସଞ୍ଚାଳନ କରିଥିଲେ।

ଜିଲ୍ଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ

# ୧୫ଟି ଷ୍ଟଲ୍‌ରେ ସପ୍ତାହବ୍ୟାପୀ ଆକାଂକ୍ଷା ହାଟ

କେନ୍ଦୁଝର,୧।୮ (ସମିସ)

କେନ୍ଦ୍ର ସରକାରଙ୍କ ନୀତି ଆୟୋଗର ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଅନ୍ତର୍ଗତ ଉଲ୍ଲେଖନୀୟ ସଫଳତାକୁ ସମ୍ମାନିତ କରିବା ପାଇଁ କେନ୍ଦୁଝରସ୍ଥିତ ପ୍ରେକ୍ଷାଳୟଠାରେ ଜିଲ୍ଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଓଡିଶା ସରକାରଙ୍କ ଯୋଜନା ଓ ସଂଯୋଜନ ବିଭାଗ ଏବଂ ଜିଲ୍ଲା ଯୋୟନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଜିଲ୍ଲାପାଳ ବିଶାଳ ସିଂହ, ଜିଲ୍ଲା ଖଣିଜ ପ୍ରତିଷ୍ଠାନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ରୀନା ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ବିବେକାନନ୍ଦ ମହାନ୍ତ ଓ ଚମ୍ପୁଆ ବିଧାୟକଙ୍କ ପ୍ରତିନିଧି ସଂଜୀବ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅଭିଯାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଆଗଧାଡ଼ିର କର୍ମୀ, ପଞ୍ଚାୟତ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଏବଂ ପ୍ରଶାସକଙ୍କ ଉତ୍ସର୍ଗୀକୃତ ପ୍ରୟାସକୁ ସମ୍ମାନିତ କରାଯାଇଥିଲା।



ସୂଚନାଯୋଗ୍ୟ କେନ୍ଦୁଝର ଜିଲ୍ଲାରେ, ଏହି ଅଭିଯାନ ଦୁଇଟି ଆକାଂକ୍ଷୀ ବ୍ଲକ ଯଥା ହରିଚନ୍ଦନପୁର ଏବଂ ବାଂଶପାଳ ବ୍ଲକରେ ଗତ ୨୦୨୪ରୁ କାର୍ଯ୍ୟକାରୀ କରାଯାଇଛି। ଉଭୟ ବ୍ଲକର ଦୁର୍ଗମ ପାହାଡ଼ଘେରା ଭୌଗଳିକ ଅବସ୍ଥିତି, ଆଦିବାସୀ ବହୁଳ ଜନସଂଖ୍ୟା ଭଳି ପ୍ରତିବନ୍ଧକ ସତ୍ତ୍ୱେ, ସାମଗ୍ରିକ ପ୍ରୟାସ ଏବଂ ସାମୁହିକ ଅଂଶଗ୍ରହଣ ମାଧ୍ୟମରେ ଅଭିଯାନରେ ଉଲ୍ଲେଖନୀୟ ଅଗ୍ରଗତି ଘଟିଛି। ଏହି ସଫଳତାର ସ୍ୱୀକୃତି ସ୍ୱରୂପ, ୨୯ ଜୁଲାଇ, ୨୦୨୫ରେ ଭୁବନେଶ୍ୱରର ଲୋକସେବା ଭବନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସମାରୋହରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କେନ୍ଦୁଝର ଜିଲ୍ଲାପାଳ ଓ ହରିଚନ୍ଦନପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ତାମ୍ର ପଦକ ଏବଂ ପ୍ରଶଂସା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସେହିପରି, ବାଂଶପାଳ ବ୍ଲକ ଦୁଇଟି ଗୁରୁତ୍ୱପୂର୍ଣ୍ଣ ସୂଚକାଙ୍କରେ, ବିଶେଷକରି ସ୍ୱାସ୍ଥ୍ୟ, ପୁଷ୍ଟିସାର ଏବଂ କୃଷି କ୍ଷେତ୍ରରେ ଶତପ୍ରତିଶତ ସଂତୃପ୍ତି ହାସଲ କରିଛି।

ସମାରୋହରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପର୍ଶୁରାମ ବେହେରା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମୀତା ନାୟକ, ଡିପିଏମ, ଓଏଲ୍‌ଏମ୍ ପବିତ୍ର ମୋହନ ବାରା, ଡିପିସି ମିଶନ ଶକ୍ତି ସମିଦ୍ଧା ପାଢୀ, ବିଡିଓ ହରିଚନ୍ଦନପୁର ମଳୟ ନୟକ, ବିଡିଓ ବାଂଶପାଳ ରାଜା ରଞ୍ଜିତ ପ୍ରତାପ ବଳ, ସିଡିପିଓ ହରିଚନ୍ଦନପୁର ପ୍ରବୀଣା ନାୟକ, ବିଏଓ ହରିଚନ୍ଦନପୁର ପ୍ରବୋଧ ବିଶ୍ୱାଳ, ବିପିଏମ ଓଏଲଏମ ଯଶୋବନ୍ତ ନାୟକ ଏବଂ ହରିଚନ୍ଦନପୁର ଓ ବାଂଶପାଳ ବ୍ଲକର ତୃଣମୁଳ ସ୍ତରର ଆଗଡାଡିର ୧୦ ଜଣ କର୍ମୀ ସମ୍ମାନିତ ହୋଇଥିଲେ। ଏହି ଅବସରରେ ସମସ୍ତ ଅତିଥିବୃନ୍ଦ ଅଡିଟୋରିୟମ ପରିସରରେ ଆକାଂକ୍ଷା ହାଟ-୨୦୨୫ର ଉଦଘାଟନ କରିଥିଲେ। ଅନ୍ୟୂନ ୧୫ଟି ଷ୍ଟଲରେ ବାଂଶପାଳ ଓ ହରିଚନ୍ଦନପୁର ବ୍ଲକର ବିଭିନ୍ନ ବିଭିନ୍ନ ଲଘୁ ଉଦ୍ୟୋଗୀ ତଥା ସ୍ୱୟଂସହାୟକ ଗୋଷ୍ଠୀ ନିଜ ନିଜ ଦେଶଜ ପାରମ୍ପରିକ ଖାଦ୍ୟ, କଳାକୃତୀ, ହସ୍ତଶିଳ୍ପ ଆଦି ପ୍ରଦର୍ଶିତ ତଥା ବିକ୍ରୟ କରୁଛନ୍ତି। ଆସନ୍ତା ଅଗଷ୍ଟ ୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ହାଟକୁ ଆସି ସ୍ଥାନୀୟ ସ୍ୱୟଂସହାୟକ ଗୋଷ୍ଠୀ ଓ ଉଦ୍ୟୋଗୀଙ୍କ ସାମଗ୍ରୀ କିଣି ଭୋକାଲ ଫର ଲୋକାଲ ଅଭିଯାନକୁ ବଳ ଦେବା ସହ ସେମାନଙ୍କୁ ସ୍ୱାବଲମ୍ବୀ ହେବାରେ ସହାୟକ ହେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ଜିଲ୍ଲା ପରିଷଦର ଅତୋରିକ୍ତ ଉନ୍ନୟନ ଅଧିକାରୀ ଡିଏସ୍. ଶୁଭଦର୍ଶୀ ଯୋଷୀ, ଓରମାସର ଉପ ମୁଖ୍ୟ ନିର୍ବାହୀ ଅଧିକାରୀ କ୍ଷୀତିସ୍‌ଚନ୍ଦ୍ର ବଳ ଏବଂ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଯୋଜନା ଓ ପରିସଂଖ୍ୟାନ ଉପନିର୍ଦ୍ଦେଶକ ଗଜେନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ବନ୍ୟାରେ ଦବିଲା ଦାଦେଶ୍ୱର ପଥର ସ୍ପର



ବାରିକପୁର,୧।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଦେଇ ଯାଇଥିବା ବୈତରଣୀ ନଦୀରେ ଚଳିତ ବର୍ଷ ମଧ୍ୟମ ଧରଣର ବନ୍ୟା ଆସି କିଛିଟା କ୍ଷୟକ୍ଷତି କରିଥିବା ଜଣାପଡିଛି। ବିଶେଷ କରି କ୍ଷୋଲମପୁର, ବିରୋଳି, ବରାହନୂଆପଡା, ଡିଖିଲିଆ, ଚତୁର୍ଭୁଜପୁର, ନୌରଙ୍ଗପୁର ଠାରେ କେତେକ ଧାନ ତଳି ଓ ପନିପରିବା ଚାଷ ନଷ୍ଟ ହୋଇଛି। ନଦୀର ଗୁରୁତ୍ୱପୂର୍ଣ୍ଣ ତଥା ଚର୍ଚ୍ଚିତ କଟିଂ ଏସକେପର ପଥର ପ୍ୟାକିଂ ମଧ୍ୟ ଶତକଡା ୫୦ଭାଗ ନଷ୍ଟ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଝୁଟୁଣା ପଞ୍ଚାୟତ ଦାଦେଶ୍ୱର ଠାରେ ହୋଇଥିବା ପଥର ପ୍ୟାକିଂ ଚଳିତ ବନ୍ୟା ଯୋଗୁ କିଛିମାତ୍ରାରେ ଦୁର୍ବଳ ହୋଇଛି। ଗ୍ରାମକୁ ବନ୍ୟାଦାଉରୁ ରକ୍ଷା କରିବା ଓ ନଦୀତଟ ସୁରକ୍ଷା ପାଇଁ ଚଳିତ ବର୍ଷ ତିନିକୋଟି ଟଙ୍କା ବ୍ୟୟ ବରାଦ ହୋଇ ଏଠାରେ ପ୍ରାୟ ୫୦୦ମିଟରରୁ ଅଧିକ ପଥର ପ୍ୟାକିଂ ହୋଇଥିଲା। ଏହାଛଡା ବନ୍ୟା ପାଣିର ପଥ ପରିବର୍ତ୍ତନ ପାଇଁ ୩ରୁ ୪ଟି ପଥର ସ୍ପର ମଧ୍ୟ ନିର୍ମିତ ହୋଇଥିଲା। ପ୍ରଥମ ଓ ଦ୍ୱିତୀୟ ବନ୍ୟା ଆସିବା ଫଳରେ ପ୍ୟାକିଂ ହୋଇଥିବା ପଥର କିଛିକିଛି ଜାଗାରେ ଦବି ଯାଇଛି। ଏହାଛଡା ସ୍ପର ତଥା ପଥର ବନ୍ଧ ଉପରେ ବନ୍ୟା ପାଣିର ପ୍ରଭାବ ପଡିଛି। ଯାହାକୁ ନେଇ ଗ୍ରାମବାସୀ ମାନେ ବିଭାଗୀୟ ଯନ୍ତ୍ରୀଙ୍କୁ ଅବଗତ କରିଛନ୍ତି। କାମଟି ସମ୍ପୂର୍ଣ୍ଣ ସରିନଥିବା ବେଳେ ଦବିଥିବା ସ୍ଥାନରେ ପୁନଃ ନିର୍ମାଣ ତଥା ମରାମତି ପାଇଁ ଦାଦେଶ୍ୱର ବାସୀ ଦାବି କରିଛନ୍ତି।

# ଶୁକଦେବପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଙ୍କୁ ମାଡ଼ ଅଭିଯୋଗ



ବାସୁଦେବପୁର,୧।୮ (ସମିସ): ଭୟରୁ ମୁକ୍ତ କରିବାକୁ ସରକାର ପ୍ରତି ବିଦ୍ୟାଳୟ ପରିସର ଦଣ୍ଡମୁକ୍ତ ଅଞ୍ଚଳ ଭାବେ ଘୋଷଣା କରିଛନ୍ତି। ସ୍ନେହ ଶ୍ରଦ୍ଧାର ସହ ପିଲାମାନଙ୍କୁ ପାଠ ପଢିବାର ନିୟମ ପ୍ରଣୟନ କରାଯାଇଛି। ହେଲେ ସରକାରୀ କାଗଜ କଲମରେ ଆଇନ ସୀମିତ ରହୁଛି ବୋଲି ଅଭିଯୋଗ ହେଉଛି। ବାସୁଦେବପୁର ପୌରପାଳିକାର ଶୁକଦେବପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଣେ ତୃତୀୟ ଶ୍ରେଣୀର ଛାତ୍ରୀଙ୍କୁ ମାଡ଼ ମାରିଥିବାର ଅଭିଯୋଗ ହୋଇଛି। ଛାତ୍ରୀଙ୍କ ଅଭିଯୋଗ ପାଇ ଅଭିଭାବକ ସ୍କୁଲରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ପ୍ରଧାନଶିକ୍ଷକ ଅଟକେଇବାକୁ ଚେଷ୍ଟାକରୁ ଥିବାବେଳେ ଚତୁରତାର ସହିତ ଖସି ପଳାଇ ଆସିଥିଲେ। କିଛି ସମୟ ସ୍କୁଲ ପରିସର ମଧ୍ୟରେ ଉତ୍ତେଜନାପୂର୍ଣ୍ଣ ରହିଥିଲା। ପ୍ରଧାନଶିକ୍ଷକଙ୍କୁ ଛାତ୍ରୀଙ୍କୁ ମାଡ ମାରିବା ସମ୍ପର୍କରେ ପଚାରିବାରୁ ସେ କହିଲେ ୩ୟ ଶ୍ରେଣୀର ଦୁଇ ଜଣ ପିଲା ମାରପିଟ ଲାଗିଥିଲେ। ଜଣେ ଛାତ୍ରୀଙ୍କୁ ଡାକି ଆସ୍ତେକରି ଦୁଇ ଗାଲକୁ ମାଡ଼ମାରିଛି। ଛାତ୍ରୀ ଜଣକ ଥାନାର ଏତାଲା ଦେବାକୁ ଡାକ୍ତରୀମାଇନା କରିଥିଲେ। ହେଲେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

# ପୁରୁଣା ପେନସନ ଲାଗୁ କରିବା ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର



ଭଦ୍ରକ,୧।୮ (ସମିସ): ଓଡ଼ିଶା ସରକାରୀ କର୍ମଚାରୀମାନଙ୍କ ପାଇଁ ଏନପିଏସ୍ ଏବଂ ୟୁପିଏସ୍ ପେନସନ୍ ବ୍ୟବସ୍ଥା ଉଚ୍ଛେଦ କରି ପୁରୁଣା ପେନସନ୍ ବ୍ୟବସ୍ଥା ଲାଗୁ କରିବା ପାଇଁ ଦାବି ହୋଇଛି। ଶୁକ୍ରବାର ଅପରାହ୍ଣ ସାଢେ ୪ଟା ବେଳେ ସରକାରୀ କର୍ମଚାରୀମାନଙ୍କର ଏକ ବିଶାଳ ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ଯାଇ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲା ଏନଏମଓପିଏସର ଭଦ୍ରକ ଜିଲ୍ଲା ସଂଯୋଜକ ପ୍ରଶାନ୍ତ ରାଉତରାୟ, ମିଳିତ କର୍ମଚାରୀ ସଂଘର ସଭାପତି ଶ୍ୟାମସୁନ୍ଦର ଜେନା, ସମ୍ପାଦକ ପଙ୍କଜ କୁମାର ବାଇ, ରାଜସ୍ୱ କ୍ଷେତ୍ର କର୍ମଚାରୀ ସଂଘର ରାଜ୍ୟ ଉପସଭାପତି ଜ୍ୟୋତିରଞ୍ଜନ ପଣ୍ଡା, ରାଜ୍ୟ ସଭାପତି ନିବନ୍ଧନ ଅମଲା ସଂଘ ବିଭୁଦତ ବାରିକ, ଅରବିନ୍ଦ ଜେନା, ନବ କିଶୋର, ଦେବାଶିଷ ଜେନା, ପଙ୍କଜ ବାଇ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ଗୁଳ୍ମଲତାରେ ଭର୍ତ୍ତି ରହଣିଆ ଶାଖା କେନାଲ

ବାରିକପୁର,୧।୮ (ସମିସ)



**ପୁନରୁଦ୍ଧାର ଦାବି କଲେ ଚାଷୀ**

ଭଣ୍ଡାରିପୋଖରୀ ବ୍ଲକ୍ ପରିସୀମା ମଧ୍ୟରେ ରହିଥିବା ବିଭିନ୍ନ କେନାଲର ଜଳଧାରଣା କ୍ଷମତା ଧୀରେଧୀରେ କମୁଥିବା ଦେଖାଯାଇଛି। ଅନେକ ବର୍ଷ ହେବ କେନାଲଗୁଡିକର ପୁନଃରୁଦ୍ଧାର ହେଉନଥିବା ବେଳେ ଖରିଫ ଓ ରବି ଚାଷ ସମୟରେ ସଠିକ ଜଳ ପରିଚାଳନା ନେଇ ଏଥିରେ ବିଭିନ୍ନ ସମସ୍ୟା ଦେଖାଦେଉଛି। କେବଳ ଘାସଲତା କଟା ବାବଦରେ ବର୍ଷାଦିନେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ହେଉଥିବା ବେଳେ କେନାଲଗୁଡିକ କିନ୍ତୁ ରୁଗଣ୍ ଅବସ୍ଥାରେ ପଡ଼ିରହିଛି। ସେ ଯାହାବି ହେଉ ଏବେ ବର୍ଷା ଛାଡି ଯାଇଥିବାରୁ ଖରିଫ ଧାନଚାଷ ପାଇଁ ଚାଷ ଜମିଗୁଡିକରେ କେନାଲ ପାଣିର ଆବଶ୍ୟକତା ରହିଛି। ଏପରିସ୍ଥଳେ ମୁଖ୍ୟ କେନାଲ ଗୁଡ଼ିକର କିଛିଅଂଶ ସହିତ ଶାଖା କେନାଲଗୁଡିକରେ ଗୁଳ୍ମଲତା ମାଡିଯାଇଥିବାରୁ ଚାଷୀମାନେ ପାଣି ଆସିବା ନେଇ ଆଶଙ୍କା ପ୍ରକଟ କରିଛନ୍ତି। ତନ୍ମଧ୍ୟରୁ ତିନି କିମି ଦୈର୍ଘ୍ୟ ବିଶିଷ୍ଟ ରହଣିଆ ମାଇନରଟି ଅନ୍ୟତମ। ଉକ୍ତ ମାଇନର କେନାଲଟି ୩ନଂ ଖ କେନାଲ ପଟାପୋଲ ନିକଟରୁ ବାହାରିଥିବା ବେଳେ ଏହାଦ୍ୱାରା ଶହଶହ ହେକ୍ଟର ଚାଷଜମି ଜଳ ପ୍ଲାବିତ ହୋଇଥାଏ। ବିଶେଷ କରି ଏହି ମାଇନର କେନାଲ ଦ୍ୱାରା ପୁରସ୍ତମପୁର, ଆକୁଳିକଣା, ରାଢୋ, ହାଜିପୁର, ରହଣିଆ, ନୂଆପୋଖରୀ ପ୍ରମୁଖ ଗ୍ରାମର ଚାଷୀମାନେ ଉପକୃତ ହୋଇଥାନ୍ତି। ଉକ୍ତ କେନାଲର ଆରମ୍ଭରୁ ପ୍ରାୟ ୧କିମି ଯାଏଁ ଜବରଦଖଲରେ ପୁରି ଯାଇଥିବା ବେଳେ ଏଥିରେ ଆବଶ୍ୟକ ପରିମାଣ ପାଣି ଆସିବା ସମ୍ଭବ ହେଉନାହିଁ। ଏହାସତ୍ତ୍ୱେ ଯେତକି ବି ପାଣି ଆସୁଛି ତାହା କେନାଲ ଶେଷମୁଣ୍ଡ ଯାଏଁ ପହଞ୍ଚି ପାରୁନାହିଁ। ଏବେ ହାଜିପୁର ଛକରୁ କେନାଲର ଅନ୍ତିମ ଭାଗ ଯାଏଁ ଘାସଲତାରେ ପରିପୂର୍ଣ୍ଣ ହୋଇଯାଇଛି। ଯଦିଓ ଆଗାମୀ ଦୁଇତିନିଦିନ ମଧ୍ୟରେ ଚାଷ ଜମିଗୁଡ଼ିକ ପାଇଁ ପାଣିର ଆବଶ୍ୟକତା ସେତେଟା ନାହିଁ କିନ୍ତୁ ରୁଆପୋତା ଆରମ୍ଭ ହେଲେ କେନାଲ ପାଣିର ଢେର ଆବଶ୍ୟକତା ବଢ଼ିଯିବ। ସୁତରାଂ କେନାଲଟି ସଫା ନ ଥିବାରୁ ଏଥିରେ ଶତ ପ୍ରତିଶତ ପାଣି ଆସିବା ସମ୍ଭବ ହେବନାହିଁ। କେନାଲ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଧାମନଗର ଜଳସେଚନ ବିଭାଗ ଏହା ଉପରେ ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି। କେନାଲକୁ ପୁନଃରୁଦ୍ଧାର କରିବା ସହିତ ଜଳ ପ୍ରବେଶ ପଥରେ ହେଡୱାଲ ନିର୍ମାଣ ଏବଂ କେନାଲର ବନ୍ଧର ଦୁଇପାର୍ଶ୍ୱରେ ସ୍ଥାୟୀ କଂକ୍ରିଟ ନିର୍ମିତ ପାଇଁ ସମ୍ପୃକ୍ତ ଅଞ୍ଚଳର ଚାଷୀ ବାରମ୍ବାର ଦାବି ଜଣାଇ ଆସୁଥିଲେ ସୁଦ୍ଧା ବିଭାଗୀୟ ଯନ୍ତ୍ରୀମାନେ ଏହାକୁ କର୍ଣ୍ଣପାତ କରୁନାହାନ୍ତି ବୋଲି ଅଭିଯୋଗ ହେଉଛି। ତେଣୁ ଶହ ଶହ ଚାଷୀ ଖରିଫ ସମୟରେ କେନାଲ ଜଳ ଅଭାବ ଜନିତ ସମସ୍ୟାକୁ ସାମ୍ନା କରୁଛନ୍ତି। ସେ ଯାହାବି ହେଉ ସମ୍ପ୍ରତି ଚାଷ ପାଇଁ ମାଇନରଟିର ଅସ୍ଥାୟୀ ଭାବେ ସଫା ସୁଦ୍ଧା ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ବିଭାଗରେ କୌଣସି ସ୍ଥାୟୀ ଯନ୍ତ୍ରୀ ନଥିବାରୁ ଦାବି ସତ୍ୱେ ଆମ କଥା କେହି ଶୁଣୁନଥିବା କିଛି ଚାଷୀ ଓ ପାଣି ପଞ୍ଚାୟତ କର୍ତ୍ତୃପକ୍ଷ ଜଣାଇଛନ୍ତି। ତେଣୁ ଉଚ୍ଚ ପଦସ୍ଥ ଅଧିକାରୀ ଏହା ଉପରେ ଦୃଷ୍ଟି ଦାବି ହୋଇଛି।

# ବ୍ୟବହାର ଯୋଗ୍ୟ ହୋଇପାରୁନି ଗୋଷ୍ଠୀ ପରିମଳ କେନ୍ଦ୍ର

ବନ୍ତ/ଆଗରପଡ଼ା,୧।୮ (ସମିସ): ଆଉଦିନ କେଇଟା ପରେ ଉଦ୍‌ଘାଟନକୁ ୨ବର୍ଷ ପୂରିବାକୁ ବସିଥିଲେ ସୁଦ୍ଧା ନିର୍ମାଣାଧୀନ ପ୍ରକଳ୍ପ ବ୍ୟବହାର ଯୋଗ୍ୟ ହୋଇପାରୁ ନଥିବା ଅଭିଯୋଗ ହେଉଛି। ବନ୍ତ ବ୍ଲକ ସଦରମହକୁମାରେ ବନ୍ତ ବ୍ଲକ୍ ଓ ପଞ୍ଚାୟତର ମିଳିତ ଆର୍ଥିକ ସହାୟତାରେ ଥାନାଛକରେ ନିର୍ମିତ ହୋଇଥିବା ଗୋଷ୍ଠୀ ପରିମଳ କେନ୍ଦ୍ରଠାରେ ଏହିପରି ଦୃଶ୍ୟ ଦେଖିବାକୁ ମିଳିଛି।



୨୦୨୦-୨୧ ଆର୍ଥିକ ବର୍ଷରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଭଦ୍ରକ ଆନୁକୁଲ୍ୟରେ ପଞ୍ଚାୟତ ସମିତି ବନ୍ତ ପକ୍ଷରୁ ୫ମ ଏସଏଫସି(ପିଏସ) ଯୋଜନାରେ ୩ଲକ୍ଷରୁ ଅଧିକ ଅଟକଳ ମୂଲ୍ୟରେ ଏକ ଗୋଷ୍ଠୀ ପାଇଖାନା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ୨ବର୍ଷ ପରେ ମଧ୍ୟ ଏହାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନହେବାରୁ ୨୦୨୨-୨୩ ଆର୍ଥିକ ବର୍ଷରେ ସ୍ୱଚ୍ଛ ଭାରତ ମିଶନ ପକ୍ଷରୁ ଅନୁମୋଦିତ ୭ଲକ୍ଷ ଟଙ୍କାରେ ଏହାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ପରେ ଗତ ୨୦୨୩ ଅଗଷ୍ଟ ୨୪ ତାରିଖରେ ଏହା ଉଦ୍‌ଘାଟନ ହୋଇଥିଲା। ଇତି ମଧ୍ୟରେ ଉଦ୍‌ଘାଟନକୁ ୨ବର୍ଷ ପୂରିବାକୁ ବସିଥିଲେ ସୁଦ୍ଧା ଗୋଷ୍ଠୀକେନ୍ଦ୍ରଟି ବିଭିନ୍ନ କାରଣରୁ ବ୍ୟବହାର ଯୋଗ୍ୟହୋଇନପାରି ପଡ଼ିରହିଛି। ଯଦ୍ୱାରା ଏହା ସାଧାରଣ ଲୋକଙ୍କ ବ୍ୟବହାରରେ ଲାଗି ପାରୁନାହିଁ। ଯାହାକି ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳ ନିର୍ଦ୍ଦେଶ କରୁଛି। ନିର୍ମାଣାଧୀନ ପ୍ରକଳ୍ପ ଲୋକଙ୍କ କାମରେ ଲାଗି ପାରୁନଥିବାରୁ ଲୋକେ ଅସନ୍ତୋଷ ବ୍ୟକ୍ତ ମଧ୍ୟ କରୁଛନ୍ତି। ତେଣୁ ବିଭାଗୀୟ ଅଧିକାରୀ ଉକ୍ତ ପ୍ରକଳ୍ପରେ ଲାଗିରହିଥିବା ସମସ୍ୟାର ଶୀଘ୍ର ସମାଧାନ କରି ଏହାକୁ ଲୋକମାନଙ୍କ ବ୍ୟବହାର ଯୋଗ୍ୟ କରିବାରେ ଚେଷ୍ଟିତ ହେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

# ସମାଜସେବୀଙ୍କ ଏକାଦଶାହରେ ସ୍ମୃତିସଭା

ଧାମନଗର,୧।୮ (ସମିସ): ଧାମନଗର ଏନଏସି ଅଧୀନ ଶାମପୁର ଦକ୍ଷିଣବାଡ ଗ୍ରାମର ସମାଜସେବୀ ଡା. ଅଜିତ ପ୍ରସାଦ ଜେନାଙ୍କ ବାପା ତଥା ସମାଜସେବୀ ସ୍ୱର୍ଗତ ଚନ୍ଦ୍ରମଣି ଜେନାଙ୍କ ଏକାଦଶାହ କ୍ରିୟାରେ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ମହେନ୍ଦ୍ର ନୋଡାଲ ବିଦ୍ୟାଳୟପଡ଼ିଆରେ ଅବସରପ୍ରାପ୍ତ ଶିକ୍ଷକ ମହେଶ୍ୱର ସ୍ୱାଇଁଙ୍କ ସଭାପତିତ୍ୱରେ ବରିଷ୍ଠ ନାଗରିକ ପରିଷଦର ସାଧାରଣ ସମ୍ପାଦକ ଶଚୀକାନ୍ତ ପଣ୍ଡାଙ୍କ ସଂଚାଳନାରେ ଅତିଥିମାନଙ୍କ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜଣାଇ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ଜେନାଙ୍କ ଏକାଦଶାହ କ୍ରିୟାରେ ସ୍ମୃତିଚାରଣ କରିଛନ୍ତି ପୂର୍ବତନ ବରିଷ୍ଠ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲ ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ଉପାଧ୍ୟକ୍ଷ ଓସିମ ଏଜଦାନି କାଦିରୀ, ଏଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଏବିଇଓ ହେମେନ୍ଦ୍ର ନାଥ ମହାନ୍ତି, ଶିକ୍ଷାବିତ ରସାନନ୍ଦ ମହାପାତ୍ର, ଅଭିମନ୍ୟୁ ମଲ୍ଲିକ, ହୃଦାନନ୍ଦ କର, ନିରାକାର ଧଳ, ରାମଚନ୍ଦ୍ର ସାହୁ ପ୍ରମୁଖ ଆତ୍ମୀୟସ୍ୱଜନ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଚନ୍ଦ୍ରମଣି ଜେନାଙ୍କ ସ୍ମୃତିଚାରଣ କରିଥିଲେ। ଲକ୍ଷ୍ମୀଧର ବେହେରା, ରାଜେଶ ବେହେରା, ଓମପ୍ରକାଶ ଯେନା, ହେମନ୍ତ ଯେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରିବାରର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିବା ବେଳେ ସ୍ୱର୍ଗତ ଜେନାଙ୍କ ପୁଅ ଡା. ଅଜିତ ପ୍ରସାଦ ଜେନା ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।



**ଶିଳାନ୍ୟାସକୁ ୨ବର୍ଷ ପୂରିଲା**

# ବ୍ଲକ୍‌ସ୍ତରୀୟ ବସ୍‌ଷ୍ଟାଣ୍ଡ ନିର୍ମାଣ ଦାବି

ବନ୍ତ/ଆଗରପଡ଼ା,୧।୮ (ସମିସ): ଆଗରପଡ଼ାରେ ୨୦୨୩ ଅଗଷ୍ଟ ମାସରେ ସ୍ଥାନୀୟ ଡାଏଟ ନିକଟସ୍ଥ ପୁରୁଷଣ୍ଡ ମୌ÷ଜାର ପ୍ରାୟ ଶହେ ଡିସିମିଲ ପରିମିତ ଜମିରେ ବ୍ଲକ୍‌ସ୍ତରୀୟ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯିବାକୁ ସ୍ଥିର କରାଯାଇଥିଲା। ନିର୍ମାଣ ବାବଦରେ ପ୍ରାୟ ଅଢେଇ କୋଟି ଖର୍ଚ୍ଚ ହେବାର ଯୋଜନା ଥିଲା। କିନ୍ତୁ ଇତିମଧ୍ୟରେ ଉକ୍ତ ଯୋଜନାକୁ ୨ବର୍ଷ ବିତିଯିବା ପରେ ମଧ୍ୟ ଏହାର ନିର୍ମାଣରେ ବର୍ତ୍ତମାନର ସରକାରଙ୍କ ଆନ୍ତରିକତା ନଥିବା ପରିଲକ୍ଷିତ ହେଉଥିବାରୁ ବସଷ୍ଟାଣ୍ଡ ନିର୍ମାଣ ସ୍ୱପ୍ନ ଅଧୁରା ରହିଯିବା ସମ୍ଭାବନା ସୃଷ୍ଟି ହୋଇଛି। ସେହିପରି ଆଗରପଡ଼ା ୩ଟି ଜିଲ୍ଲା ଭଦ୍ରକ, ବାଲେଶ୍ୱର, କେନ୍ଦୁଝରର ସୀମାନ୍ତବର୍ତ୍ତୀ ସ୍ଥାନରେ ଅବସ୍ଥିତ ହୋଇଥିବାରୁ ବ୍ୟବସାୟିକ ଦୃଷ୍ଟିକୋଣରୁ ଏହାର ଗୁରୁତ୍ୱ ଅଧିକ ଥିବା ସ୍ଥଳେ ବଜାର ଅଞ୍ଚଳରେ ସ୍ଥାୟୀ ବସ୍‌ଷ୍ଟାଣ୍ଡଟିଏ ନଥିବାରୁ ବିଭିନ୍ନ କାର୍ଯ୍ୟରେ ବିଭିନ୍ନ ଜିଲ୍ଲାକୁ ଯିବା ପାଇଁ ମଧ୍ୟ ସମସ୍ୟା ଉପୁଜିଥାଏ। ଏହାଏକ ପ୍ରମୁଖ ବ୍ୟବସାୟିକ ସ୍ଥଳୀ ହୋଇଥିବାରୁ ଶହଶହ ଗାଡ଼ି ଯିବା ଆସିବା ମଧ୍ୟ କରିଥାନ୍ତି। କିନ୍ତୁ ଏହିପରି ସ୍ଥଳେ ଏଠାରେ କୌଣସି ସ୍ଥାୟୀ ବସ୍‌ଷ୍ଟାଣ୍ଡ ନଥିବାରୁ ଏହାକୁ ଦୃଷ୍ଟିରେ ରଖି ପୂର୍ବତନ ବିଧାୟକଙ୍କ ପ୍ରଚେଷ୍ଟାରେ ବଜାରଠାରୁ ପାଖାପାଖି ୨କିମି ଦୂର ସ୍ଥାନୀୟ ଡାଏଟ ଛକରେ ୨୦୧୯ ମସିହାରେ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ମୂହୁର୍ତ୍ତରେ ତôତାଳୀନ ସାଂସଦଙ୍କ ଅନୁଦାନ ପାଣ୍ଠିରୁ ୨୦୨୦ ନଭେମ୍ବର ୨୧ ତାରିଖରେ ୧୦ଲକ୍ଷ ଟଙ୍କା ଏହାର ପୂର୍ଣ୍ଣାଙ୍ଗ ପାଇଁ ମଞ୍ଜୁର ହୋଇଥିଲା। କିନ୍ତୁ ଯୋଜନାକୁ ୫ବର୍ଷ ପୂରିବାକୁ ବସିଥିଲେ ସୁଦ୍ଧା ଏହା ଫଳକରେ ପରିଲକ୍ଷିତ ହେଉଛି। ସେହିପରି ବନ୍ତରେ ୨୦୧୯ରେ ମୁଖ୍ୟମନ୍ତ୍ରୀଙ୍କ ସ୍ପେସାଲ ପ୍ରୋବ୍ଲେମ ଫଣ୍ଡ ଅନୁଦାନରେ ଏକ ନୂତନ ବସଷ୍ଟାଣ୍ଡ ପାଇଁ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଉକ୍ତ ଯୋଜନାକୁ ମଧ୍ୟ ୬ବର୍ଷ ପୂରିବାକୁ ବସିଥିବା ବେଳେ ଏହା ମଧ୍ୟ ଯୋଜନାରେ ଅଟକି ଯାଇଥିବାର ଜଣାପଡ଼ିଛି। ତେଣୁ ବସଷ୍ଟାଣ୍ଡ ନିର୍ମାଣକୁ ଯୋଜନା ମଧ୍ୟରେ ଓ ଫଳକରେ ସୀମିତ ନରଖି ଏହାକୁ କାର୍ଯ୍ୟକ୍ଷମ କରିବାକୁ ବର୍ତ୍ତମାନର ସରକାର ଚେଷ୍ଟିତ ହେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

# ଗାଁ ଗହଳିରେ ବୃଦ୍ଧି ପାଉଛି ବେଆଇନ ମଦ କାରବାର

ବାରିକପୁର,୧।୮ (ସମିସ): ବେଆଇନ ଓ ଅବାଧ ନିଶା କାରବାରକୁ ରୋକିବା ପାଇଁ ଅବକାରୀ ବିଭାଗ ନିକଟରେ ନାହାନ୍ତି ଆବଶ୍ୟକୀୟ କର୍ମଚାରୀ ଏବଂ ଅଧିକାରୀ। ଫଳରେ ଗାଁ ଗହଳିରେ ବେଆଇନ ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି ବୋଲି ଅଭିଯୋଗ ହେଉଛି। ଯାହାକୁ ନେଇ ବୃଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସୂଚନା ମୁତାବକ ଧାମନଗର ଆଦର୍ଶ ଅବକାରୀ ଥାନାଟି ପ୍ରତିଷ୍ଠା ହେବା ଦିନରୁ ଏଠାରେ କର୍ମଚାରୀ ମରୁଡି ଲାଗି ରହିଛି ବୋଲି ବି ଅଭିଯୋଗ ହେଉଚି।



ଥାନା ଅଧୀନରେ ଧାମନଗର, ଧୂଷୁରୀ, ଆରଡ଼ି ଠାରୁ ଆରମ୍ଭ କରି ଭଣ୍ଡାରିପୋଖରୀ ଆଖୁଆପଦା ଯାଏଁ ସୀମା ରହିଛି। ଉକ୍ତ ଆଦର୍ଶ ଥାନାରେ ଜଣେ ଉପ ନିରୀକ୍ଷକଙ୍କ ସମେତ ହାତଗଣତି କେତେଜଣ କର୍ମଚାରୀ ରହିଛନ୍ତି। ଆବଶ୍ୟକ କର୍ମଚାରୀ ପଦବୀ ଦୀର୍ଘ ବର୍ଷ ହେବ ଖାଲି ପଡ଼ିଛି। ଉପନିରୀକ୍ଷକ ଓ କର୍ମଚାରୀ ମାନେ ୭ଟି ଠିପି ବନ୍ଦ ମଦ ଦୋକାନ, ୪ଟି ଠିପି ଖୋଲା, ୩ଗୋଟି ଦେଶୀ ମଦ ଦୋକାନ କଥା ବୁଝୁବୁଝୁ ସମୟ ଯାଉଛି। ଦୋକାନଗୁଡିକ ଠାରୁ ଲାଇସେନ୍ସ ଫି ଆଦାୟ କରିବା ସହିତ ମଦକ୍ରୟ ଓ ବିକ୍ରୟ କାଗଜପତ୍ର ପ୍ରସ୍ତୁତ କରିବା ପାଇଁ ବିଭାଗୀୟ ଅଧିକାରୀ ମାସର ଅର୍ଦ୍ଧାଧିକ ସମୟ ବିତାଇ ଦେଉଛନ୍ତି। ତେଣୁ ସୀମା ପାର ବେଆଇନ ମଦ ଜବତ ସହିତ ଗାଁ ଗାଁରେ ଚୋରା ମଦ ବେପାରୀଙ୍କୁ ଧରିବା ସେତେଟା ଆଉ ସମ୍ଭବ ହେଉନାହିଁ। ତେଣୁ ଅନାଶୟରେ ଦିନକୁ ଦିନ ଭଣ୍ଡାରିପୋଖରୀ ସମେତ ଧାମନଗର ବ୍ଲକ ଅଞ୍ଚଳରେ ଚୋରା ଦେଶୀ ଓ ବିଦେଶୀ ମଦ ବ୍ୟବସାୟ ବୃଦ୍ଧି ପାଇବାରେ ଲାଗିଛି। ଗୋଟେପଟେ କର୍ମଚାରୀ ଅଭାବ ଓ ଅନ୍ୟପଟେ ଆରଡ଼ିରୁ ଆଖୁଆପଦା ଯାଏଁ ସୁଦୀର୍ଘ ପଥକୁ ଆୟତ କରିବା ବିଭାଗ ପକ୍ଷରୁ ଏକପ୍ରକାର ଅସମ୍ଭବ ହୋଇପଡ଼ିଛି। କେବଳ କେତେବେଳେ କେମିତି ଚୋରା ବେପାରୀଙ୍କ ଉପରେ ଚଢ଼ଉ ହେଉଥିଲେ ମଧ୍ୟ କୋହଳ ଆଇନ ଯୋଗୁଁ ବେପାର କମିବା ପରିବର୍ତ୍ତେ ଦିନକୁ ଦିନ ବଢ଼ିବାରେ ଲାଗିଛି ବୋଲି ଅଭିଯୋଗ ହେଉଛି। ଯେଉଁଥିପାଇଁ ଗାଁ ଗଣ୍ଡାରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। କେବଳ ଉକ୍ତ ଅବକାରୀ ଥାନା ନୁହଁ ଜିଲ୍ଲାର ଅନ୍ୟ ଅବକାରୀ ଥାନାଗୁଡ଼ିକର ଅବସ୍ଥା ମଧ୍ୟ ତଦ୍ରୂପ ହୋଇଛି।

# ସରସ୍ୱତୀ ଶିଶୁ ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା




ଅସୁରାଳି,୧।୮ (ସମିସ): ଧୂଷୁରୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଧୂଷୁରୀରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟ ରମାପଦ ରଣାଙ୍କ ଅଧ୍ୟକ୍ଷତାରେ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ରତ୍ନାକର ଦେହୁରିଆ, ମୁଖ୍ୟବକ୍ତା ଭାବେ ଯୁବ ସାମ୍ବାଦିକ ତଥା ଧୂଷୁରୀ ପ୍ରେସ ୟୁନିୟନର କୋଷାଧ୍ୟକ୍ଷ ରତିକାନ୍ତ ନାୟକ ଏବଂ ସମ୍ମାନିତ ଅତିଥି ଭାବେ ଉକ୍ତ ବିଦ୍ୟାଳୟର ସମ୍ପାଦକ ରାମମୋହନ ଗୁପ୍ତା, ଧୂଷୁରୀ ପ୍ରେସ ୟୁନିୟନର ସଭାପତି ସନ୍ତୋଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହିତ ବିଦ୍ୟାଳୟର ବିଜ୍ଞାନ ପ୍ରମୁଖ ଜୟଶ୍ରୀ ଦାସ ବୃତ କଥନ କରିଥିଲେ। ଗୁରୁମା କଳ୍ପନା ଦେବତା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରଶ୍ମିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଜ୍ଞାନ ପ୍ରକଳ୍ପ ଶିଶୁ ବର୍ଗ (ଜୁନିୟର) ୫୪ଜଣ ଶିଶୁ ବର୍ଗରେ ୧୩, ବାଲବର୍ଗରେ ୩ ଜଣ, ବିଜ୍ଞାନ ପ୍ରକଳ୍ପରେ ମୋଟ୍ ୭୦ଜଣ ଶିଶୁ ଅଂଶଗ୍ରହଣ କରିଥିଲେ। ଗଣିତ ପ୍ରକଳ୍ପ ଶିଶୁ ବର୍ଗରେ ୧, ବାଲବର୍ଗରେ ୪ ଜଣ ଅଂଶଗ୍ରହଣ କରିଥିଲେ। ବିଜ୍ଞାନ ପ୍ରୟୋଗରେ ଶିଶୁ ବଗରେ ୨, ବାଲବର୍ଗରେ ୨, ସଂସ୍କୃତି ଜ୍ଞାନ ପତ୍ରବାଚନ ଶିଶୁ ବର୍ଗ ୧ ଓ ବାଲବର୍ଗରେ ୩ ଜଣ, ବିଜ୍ଞାନ ପତ୍ରବାଚନ ଶିଶୁ ବର୍ଗରେ ୨, ବାଲବର୍ଗରେ ୨, ବିଜ୍ଞାନ ପ୍ରଶ୍ନମଞ୍ଚ ବାଲବର୍ଗରେ ୯, ଶିଶୁବର୍ଗରେ ୯, ସଂସ୍କୃତି ଜ୍ଞାନ ପ୍ରଶ୍ନମଞ୍ଚରେ ୯, ମୂର୍ତ୍ତିକଳା ପ୍ରଦର୍ଶନ ୨ ଓ ଗଣିତ ପ୍ରୟୋଗ ବାଲବର୍ଗରେ ୨ଜଣ ଅଂଶଗ୍ରହଣ କରିଥିଲେ। ଦମୟନ୍ତୀ ସାହୁ, ରଶ୍ମିତା ସାହୁ, ମାନିନୀ ସାହୁ, ମନସ୍ମିତା ମାଝୀ, ରାଧାସ୍ମିତା ମୁଦୁଲି ଓ ପିଙ୍କିରାଣୀ ମାଝୀ କାର୍ଯ୍ୟକ୍ରମ ପରିଚାଳନା କରୁଥିଲେ। ଶିଶୁ ବାଟିକା ଅରୁଣ, ଉଦୟ ଓ ପ୍ରଭାତରେ ଫୁଲ, ଫଳ ଓ ପରିବା ପ୍ରଦର୍ଶନୀ କାର୍ଯ୍ୟକ୍ରମ ଶିଶୁ ବାଟିକା ପ୍ରମୁଖ ସରୋଜିନୀ ଯେନା ପରିଚାଳନା କରିଥିଲେ। ଜ୍ୟୋତିପ୍ରଭା ସାହୁ ଓ ଅନନ୍ୟା ହାଜରା କାର୍ଯ୍ୟକ୍ରମ ସହଯୋଗ କରିଥିଲେ।

**ସମସ୍ୟାରେ କୋଠାର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର**

# ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ରୋଗୀ ହନ୍ତସନ୍ତ

ଅସୁରାଳି,୧।୮ (ସମିସ)




**ସମସ୍ୟା ସମାଧାନ ପାଇଁ ଦାବି**

ଧାମନଗର ବ୍ଲକ୍ କୋଠାର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା ଦେଖାଦେଇଛି। ଏଠାରେ ଡାକ୍ତର ଏବଂ ଫାର୍ମାସିଷ୍ଟ ଠିକ୍ ସମୟରେ କାର୍ଯ୍ୟକୁ ଆସୁନଥିବାରୁ ସ୍ୱାସ୍ଥ୍ୟସେବା ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି ବୋଲି ଅଭିଯୋଗ ହେଉଛି। କୋଠାର ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ବ୍ଲକ୍‌ର ବହୁ ଉପାନ୍ତ ଅଞ୍ଚଳର ଲୋକେ ନିର୍ଭର କରୁଛନ୍ତି। ଧାମନଗର, ଭଦ୍ରକ ଏବଂ ଆରଡ଼ିର ବହୁ ଅପହଞ୍ଚ ତଳିଆ କୋଠାର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳ ସହିତ ପଡ଼ୋଶୀ ଯାଜପୁର ଜିଲ୍ଲାର ଶହ ଶହ ଜନସାଧାରଣ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରନ୍ତି। ଭଦ୍ରକ ଆଖଣ୍ଡଳମଣି ରାଜ୍ୟ ରାଜପଥ ଭଳି ଗୁରୁତ୍ୱପୂର୍ଣ୍ଣ ସଡ଼କ ପଥରେ ଦୁର୍ଘଟଣାଜନିତ ଆହତ ଲୋକେ ପ୍ରାଥମିକ ଚିକିତ୍ସା ପାଇଁ ଏହି ଡାକ୍ତରଖାନା ଉପରେ ନିର୍ଭର କରନ୍ତି। ଡାକ୍ତରଖାନାଟି ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦୂର କରିବା ପରିବର୍ତ୍ତେ ବିଭିନ୍ନ ସମସ୍ୟାରେ ରହିଛି। ଡାକ୍ତରଖାନାରେ ଦୀର୍ଘଦିନ ହେବ ଡାକ୍ତର ଏବଂ ଫାର୍ମାସିଷ୍ଟ ପ୍ରମୁଖ ସମସ୍ୟା ହୋଇ ରହିଆସିଛି। ଠିକ୍ ସମୟରେ ଡାକ୍ତରମାନଙ୍କର ଦେଖାମିଳୁନାହିଁ। ଆଉ ଫାର୍ମାସିଷ୍ଟ କେତେବେଳେ ଆସି କେତେବେଳେ ଯାଉଛନ୍ତି ତାହା ଜଣାପଡ଼େ ନାହିଁ ବୋଲି ଅଭିଯୋଗ ହେଉଛି। ଫଳରେ ଅନ୍ୟ କର୍ମଚାରୀ ରୋଗୀମାନଙ୍କୁ ଔଷଧ ବିତରଣ କରୁଥିବା ଦେଖିବାକୁ ମିଳୁଛି। ସେକେଣ୍ଡ ଆୱାରରେ ସ୍ୱିପରଙ୍କ ହାତରେ ସେବାକେନ୍ଦ୍ର ରହୁଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ରାତିରେ ଚିକିତ୍ସାଳୟରେ କେହି ରହୁନାହାନ୍ତି। ଫଳରେ କୌଣସି ଜରୁରୀ ଚିକିତ୍ସାରୁ ରୋଗୀମାନେ ବଞ୍ଚିତ ହେବାସହ ହନ୍ତସନ୍ତ ହେଉଛନ୍ତି। ଏଠାରୁ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଦୂରତା ୧୦ କିମି ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଦୂରତା ୧୬ କିମି। ତଳିଆ ଅଞ୍ଚଳରେ ଗମନାଗମନ ଅସୁବିଧା ଦୃଷ୍ଟିରୁ ଏହି ଅଞ୍ଚଳରୁ ଶୀଘ୍ର ରୋଗୀ ନେଇ ଧାମନଗର କିମ୍ବା ଭଦ୍ରକରେ ପହଞ୍ଚାଇବା ସମ୍ଭବ ନୁହେଁ। ଫଳରେ ଅନେକ ସମୟରେ ରୋଗୀ ମୃତ୍ୟୁମୁଖରେ ପଡ଼ନ୍ତି। ଏପରିକି କୁକୁର, ବିଲେଇ କାମୁଡ଼ିଲେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରିବାକୁ ପଡ଼ିଥାଏ। ତୁରନ୍ତ ଏହି ଡାକ୍ତରଖାନାର ସମସ୍ୟା ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଶୁକ୍ରବାର ଅପରାହ୍ଣ ୪ଟାରେ ସୁନ୍ଦରପୁର ପଞ୍ଚାୟତରୁ ଜଣେ ଗର୍ଭବତୀ ମହିଳା ଛବିରାଣୀ ଦାସଙ୍କୁ ପ୍ରସବ ନିମନ୍ତେ ଧୂଷୁରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସମସ୍ତ ପ୍ରକାରର ସୁବିଧା ଥାଇ ମଧ୍ୟ ନର୍ସ ଓ ଡାକ୍ତର ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଛବିରାଣୀଙ୍କ ଆର୍ଥିକ ସମ୍ବଳ ସେତେ ଦୃଢ଼ହୋଇ ନଥିବାରୁ ତାଙ୍କ ପାଇଁ ଏହା ମହରଗରୁ ଯାଇ କାନ୍ତାରରେ ପଡ଼ିବା ପରି ପରିସ୍ଥିତି ସୃଷ୍ଟି କରିଥିଲା। ଏହି ପରିପ୍ରେକ୍ଷୀରେ ଡାକ୍ତର ସଞ୍ଜୟ ଭୋଇଙ୍କୁ ପଚାରିବାରୁ ସେ କହିଲେ ଛବିରାଣୀ ସ୍ୱତଃପ୍ରବୃତ୍ତ ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଏହି ପରିପ୍ରେକ୍ଷୀରେ ଧାମନଗର ମେଡିକାଲ ଅଫିସର ମନ୍ମଥ କୁମାର ସାମନ୍ତ ସିଂହାରଙ୍କୁ ପଚାରିବାରୁ ସେ କହିଲେ ଖୁବ୍ ଶୀଘ୍ର ଆବଶ୍ୟକୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ କେତେଦିନ ପର୍ଯ୍ୟନ୍ତ ଚିକିତ୍ସା ନିମନ୍ତେ ହଇରାଣ ହେଉଥିବେ ସାଧାରଣ ଜନତା ଏବଂ ଏହାର ସମାଧାନ ଉତ୍ତରକୁ ଅପେକ୍ଷା କରିଛନ୍ତି ସାଧାରଣ ଜନତା।

## ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କ ଜଗନ୍ନାଥ ଦର୍ଶନ



କଣିହାଁ,୧।୮ (ସମିସ): ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଇଂ ଅବନୀକାନ୍ତ ସାହୁ ଶୁକ୍ରବାର ପୁରୀ ଗସ୍ତକରି ମହାପ୍ରଭୁ ଶ୍ରୀ ଜଗନ୍ନାଥ, ବଡ଼ ଠାକୁର ବଳଭଦ୍ର ଓ ମା' ସୁଭଦ୍ରାଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ଏଥିସହ ଜଗତର କଲ୍ୟାଣ ପାଇଁ ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନା କରିଛନ୍ତି। ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କ ସହ କଣିହାଁ ବ୍ଲକର ସାମ୍ବାଦିକ, ଯୁବଗୋଷ୍ଠୀ, ବିଭିନ୍ନ ଗ୍ରାମର ମନ୍ଦିର କମିଟି ସଭାପତି, ସମ୍ପାଦକ, ସହସମ୍ପାଦକ, ଯୁବକ ସଂଘ ସଭାପତି, ସମ୍ପାଦକ ଓ ବହୁ ସମାଜସେବୀ ତଥା ମାନ୍ୟଗଣ୍ୟ ବ୍ୟକ୍ତି ମଧ୍ୟ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। କଣିହାଁ ବ୍ଲକର ବିକାଶ କାର୍ଯ୍ୟ କେମିତି ଆଗକୁ ବଢ଼ିବ ସେ ବିଷୟରେ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଆଲୋଚନା କରିଥିଲେ। ଯୋଗ୍ୟ ହିତାଧିକାରୀ ଯେପରି ପ୍ରଧାନମନ୍ତ୍ରୀ ଗରିବ ଅନ୍ନ କଲ୍ୟାଣ ଯୋଜନାରେ ରାସନ୍ କାର୍ଡରେ ମିଳୁଥିବା ଚାଉଳରୁ ବଞ୍ଚିତ ନ ରହନ୍ତି ସେ ଦିଗରେ ପଦକ୍ଷେପ ନିଆଯିବ। ସେହିପରି ବାର୍ଦ୍ଧକ୍ୟ ଭତ୍ତା, ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବୃଦ୍ଧବୃଦ୍ଧା, ୮୦ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗମାନଙ୍କୁ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ୩୫୦୦ ଟଙ୍କା ମିଳୁଛି। ଏହି ଯୋଜନାରୁ ଯଦି କୌଣସି ହିତାଧିକାରୀ ବଞ୍ଚିତ ଅଛନ୍ତି ତେବେ ତାଙ୍କ ନଜରକୁ ଆଣିବା ପାଇଁ ଅଧ୍ୟକ୍ଷ କହିଛନ୍ତି। ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଇଂ ସାହୁଙ୍କ ସହ ନାରୀନେତ୍ରୀ ରଶ୍ମିତା ବେହେରା, ରୀନାରାଣୀ ସାହୁ, ସମାଜସେବୀ କୈଳାସ ଚନ୍ଦ୍ର ସାହୁ, କୃପାସିନ୍ଧୁ ସାହୁ, ଝସକେତନ ସାହୁ, ଜିତେନ୍ଦ୍ର ବିଶ୍ୱାଳ, ଘଣ୍ଟିଆନାଳି ଗ୍ରାମର ମୁନା ବାବୁ, ଯୁଗଳ ମହାନ୍ତି, ରବି ମହାନ୍ତି, ବାବୁଲା ଶତପଥୀ, ବରିଷ୍ଠ ସାମ୍ବାଦିକ ସନ୍ତୋଷ ପରିଡ଼ା, ବରିଷ୍ଠ ଆଇନଜୀବୀ ଅମୂଲ୍ୟ ସାହୁ, ରେଙ୍ଗାଳିର ପୂର୍ଣ୍ଣ ମହାନ୍ତି, ରାହାସ ବିହାରୀ ସାମଲଙ୍କ ସହ ବହୁ ବରିଷ୍ଠ ନାଗରିକ ପୁରୀ ଗସ୍ତ କରିଥିଲେ।

## ପୁରୁଣା ପେନସନ ଦାବିରେ ସ୍ମାରକପତ୍ର

ଅନୁଗୋଳ,୧।୮ (ସମିସ)




ନୂତନ ପେନସନ ଯୋଜନା ଓ ଏକିକୃତ ପେନସନ ଯୋଜନାକୁ ବାତିଲ କରି ପୁରୁଣା ପେନସନ ଯୋଜନା କାର୍ଯ୍ୟକାରୀ କରିବା ଦାବିରେ ଶୁକ୍ରବାର ରାଜ୍ୟର ୩୨ ବିଭାଗର ହଜାର ହଜାର ଏନ୍‌ପିଏସ କର୍ମଚାରୀ ପ୍ରତିବାଦ କରିଛନ୍ତି। ଅନୁଗୋଳରେ କର୍ମଚାରୀ ସଂଘ ସଭାପତି ମୀନକେତନ ମହାପାତ୍ର ଏବଂ ସମ୍ପାଦକ ଦେବାନନ୍ଦ ସାହୁଙ୍କ ନେତୃତ୍ୱରେ ଶତାଧିକ କର୍ମଚାରୀ ଜିଲ୍ଲା କାର୍ଯ୍ୟାଳୟରେ ପହଞ୍ଚି ନୂତନ ପେନସନ ଯୋଜନା ବାତିଲ କରିବା ପାଇଁ ଦାବି କରିଥିଲେ। ସେମାନେ ପୁରୁଣା ପେନସନ ଯୋଜନା ଲାଗୁ କରିବାକୁ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏନ୍‌ପିଏସ କର୍ମଚାରୀମାନେ ଏବେ ୨୦୦୦ରୁ ୨୫୦୦ ଟଙ୍କା ଭିତରେ ପେନସନ ପାଉଛନ୍ତି। ଏଥିରେ ସାମାଜିକ ସୁରକ୍ଷା ସମ୍ଭବ ହୋଇ ପାରୁନାହିଁ। ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନ୍ୟାସନାଲ ପେନସନ ସିଷ୍ଟମ ଜାଗାରେ ୟୁପିଏସ ପ୍ରଚଳନ କରିବା ପାଇଁ ବିଜ୍ଞପ୍ତି ଜାରି କରିଛନ୍ତି। ଏହାଦ୍ୱାରା କର୍ମଚାରୀମାନେ ବହୁ କ୍ଷତି ସହିବେ। ଏଣୁ କର୍ମଚାରୀ ବିରୋଧୀ ନୀତିକୁ ପରିହାର କରି ପୁରୁଣା ପେନସନ ଲାଗୁ ନ କଲେ କର୍ମଚାରୀମାନେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରିବେ ବୋଲି ଚେତାବନୀ ଦେଇଛନ୍ତି। ସ୍ମାରକପତ୍ର ପ୍ରଦାନ ବେଳେ ପ୍ରଶାନ୍ତ ପୃଷ୍ଟି, ମିନତି ମିଶ୍ର, ରତ୍ନପ୍ରଭା ରଥ, ଦିଲୀପ ସାହୁ, ଲଳିତ ବେହେରା, ସୁଶୀଲ ପ୍ରଧାନ, ପ୍ରାଣବନ୍ଧୁ ସାହୁ, ପ୍ରଭାତ ସେଠୀ, ମାନସ ରଞ୍ଜନ ସାହୁଙ୍କ ସମେତ ବହୁ କର୍ମଚାରୀ ନେତା ଉପସ୍ଥିତ ଥିଲେ।

## ବିପର୍ଯ୍ୟୟ ପ୍ରଶମନ ସମ୍ବନ୍ଧୀୟ ଦକ୍ଷତା ବିକାଶ ତାଲିମ



ଅନୁଗୋଳ,୧।୮ (ସମିସ): ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ୨ ଦିନିଆ ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପ୍ରଶମନ ସମ୍ବନ୍ଧୀୟ ଦକ୍ଷତା ବିକାଶ ତାଲିମ କର୍ମଶାଳା ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ରରେ ଉଦଘାଟିତ ହୋଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତର ଯୋଗଦେଇ ବିପର୍ଯ୍ୟୟ ସମୟରେ ପଞ୍ଚାୟତର ଭୂମିକା, ଦାୟିତ୍ୱ ଏବଂ କାର୍ଯ୍ୟକାରିତା ସମ୍ବନ୍ଧରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ପ୍ରତାପ ପ୍ରୀତିମୟ, ଜିଲ୍ଲା ପଞ୍ଚାୟତ ଅଧିକାରିଣୀ ଚିନ୍ମୟୀ ସାମନ୍ତରାୟଙ୍କ ସମେତ ସ୍ୱେଚ୍ଛାସେବୀ ସଂଗଠନର ପ୍ରଶିକ୍ଷକ ଏବଂ ୪୦ ଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀ ଯୋଗଦେଇଥିଲେ। ଜିଲ୍ଲା ଆପାତକାଳୀନ ଅଧିକାରୀ ଶୁଭେନ୍ଦୁ କୁମାର ଜେନା କର୍ମଶାଳାକୁ ପରିଚାଳନା କରିଥିଲେ।

## ବଅଁରପାଳ ହାଇସ୍କୁଲରେ ଆଇନ ସଚେତନତା ଶିବିର



ବଅଁରପାଳ,୧।୮ (ସମିସ): ସ୍ଥାନୀୟ ପାଞ୍ଚଗଡ଼ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଜେଏମଏଫସି କୋର୍ଟ ତଥା ତାଲୁକ ଆଇନ ସେବା କମିଟି ତରଫରୁ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଚାରପତି ତଥା ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷା ସାବିତ୍ରୀ ଦାସ, କମିଟି ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ହେମନ୍ତ କୁମାର ସାହୁ, ଆଇନଜୀବୀ ଶୁଭ୍ରଜିତ ବିଶୋଇ, ଥାନାର ମହିଳା ଅଧିକାରୀ ଅର୍ଚ୍ଚନା ନାୟକ ଯୋଗଦେଇ ଶିଶୁମାନଙ୍କର ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଆଇନ ଓ ଜୁଭେନାଇଲ ଜଷ୍ଟିସ କେୟାର ଆଣ୍ଡ ପ୍ରୋଟେକ୍ସନ ଆଇନ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରିଥିଲେ। ପ୍ରଧାନଶିକ୍ଷକଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ନଦୀପଠାରୁ ଗଳିତ ମୃତଦେହ ଉଦ୍ଧାର

ପାଲଲହଡ଼ା,୧।୮ (ସମିସ): ପାଲଲହଡ଼ା ଥାନା ପବିତ୍ରପୁର ପଞ୍ଚାୟତ ସନବାଗଦାରୀ ଗାଁ ନଦୀପଠାରୁ ଏକ ଅଜଣା ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଗତ କିଛିଦିନ ଲଗାଣ ବର୍ଷା ଫଳରେ ମୃତଦେହଟି ବଢ଼ି ପାଣିରେ ଭାସି ଆସିଥିବା ଅନୁମାନ କରାଯାଉଛି। ପୁଲିସ ଏ ନେଇ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତ କହିଛନ୍ତି।

## ଚୋରି ଅଭିଯୋଗରେ ୩ ଗିରଫ

କଣିହାଁ,୧।୮ (ସମିସ): ଲୁହା ରଡ୍ ଚୋରି ଅଭିଯୋଗରେ କଣିହାଁ ବ୍ଲକ ରେଙ୍ଗାଳି ଥାନା ପୁଲିସ ଶୁକ୍ରବାର ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଜ୍ରକୋଟ ଗ୍ରାମ ଝରାସାହିର ଲିପୁନ ବେହେରା (୨୦), ବାଦଲ ବେହେରା (୧୯) ଓ ପ୍ରକାଶ ବେହେରା (୨୨)। ବଜ୍ରକୋଟ ଗ୍ରାମରେ ନିର୍ମାଣାଧୀନ ମେଗା ପାନୀୟ ଜଳ ପ୍ରକଳ୍ପରୁ କିଛି ଲୁହା ରଡ଼ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଏହାର ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କଠାରୁ ଚୋରି ସାମଗ୍ରୀ ଜବତ ହୋଇଥିବା ଆଇଆଇସି ଜୟନ୍ତ ମହାନ୍ତି ସୂଚନା ଦେଇଛନ୍ତି।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ; ୨ ଗିରଫ

ଛେଣ୍ଡିପଦା,୧।୮ (ସମିସ): ଅନୁଗୋଳ ଜିଲ୍ଲା ନିଶା ଶିଳ୍ପାଞ୍ଚଳ ଥାନା ବଡ଼କେରଜାଙ୍ଗ ଗାଁରେ ପୂର୍ବ ଶତ୍ରୁତାକୁ ନେଇ ଜଣେ ଯୁବକଙ୍କୁ ମାରଣାସ୍ତ୍ର ଦେଖାଇ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ପୁଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବଡ଼ କେରଜାଙ୍ଗର ପ୍ରତାପ ପ୍ରଧାନ ଓ ଶେଷଦେବ ପ୍ରଧାନ। ଅଭିଯୋଗ ଅନୁଯାୟୀ, ବଡ଼ କେରଜାଙ୍ଗର ଛବି ରାଉତ ସବୁଦିନ ପରି ପୱନ ଅଗ୍ରୱାଲାଙ୍କ ଫାର୍ମହାଉସରେ କାମ କରୁଥିଲେ। ଏହି ସମୟରେ ସେହି ଗାଁର ପ୍ରତାପ ପ୍ରଧାନ, ଶେଷଦେବ ପ୍ରଧାନ, ସନ୍ତୋଷ ପ୍ରଧାନ ଓ ଜଙ୍ଗଲ ଜାମୁଣ୍ଡା ଗାଁର କୁନ୍ଥୁ ବେହେରା ପ୍ରମୁଖ ତାଙ୍କୁ ବାଡ଼ି, ଲୁହାରଡ୍, ଛୁରୀ ଆଦି ଦେଖାଇ ମାରପିଟ କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପ୍ରବଳ ମାଡ଼ ଯୋଗୁଁ ଛବି ବେହୋସ ହୋଇଯାଇଥିଲେ। ସେ ମରିଯାଇଥିବା ଭାବି ଅଭିଯୁକ୍ତମାନେ ଛାଡ଼ି ପଳାଇଥିଲେ। ଛବି ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ପ୍ରତାପ ଓ ଶେଷଦେବଙ୍କୁ ଗିରଫ କରିଛି।

## ଚୋରି କାର୍ ଉଦ୍ଧାର; ୩ ଗିରଫ

ତାଳଚେର,୧।୮ (ସମିସ): ତାଳଚେର ଥାନା ବହ୍ଲର ଗ୍ରାମର ସୁଜିତ୍ କୁମାର ସିଂଙ୍କ କାର ତାଙ୍କ ଘର ନିକଟରେ ଥିବା ରବି ଇଞ୍ଜିନିୟରିଂ ଦୋକାନ ସାମ୍ନାରେ ପାର୍କିଂ କରିଥିଲେ। ମାତ୍ର ଗତ ଜୁଲାଇ ୧୯ ତାରିଖ ସକାଳେ ତାଙ୍କ କାର ସେଠାରେ ନ ଥିବା ଦେଖିଥିଲେ। ବହୁ ଖୋଜା ଖୋଜି ପରେ କାର ନ ମିଳିବାରୁ ସେ ତାଳଚେର ଥାନାରେ ଅଭିଯୋଗ ଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ କରିବାରେ ସନ୍ଥପଡ଼ା ଗ୍ରାମର ରାହୁଲ ଧୀର, ବାଲେଶ୍ୱରର ସନିଆ ଓରଫ ଖଗେନ୍ଦ୍ର ଜେନା ଓ ସମଲ ଅଞ୍ଚଳର ଦିଲୁ ଓରଫ ପ୍ରଦୀପ ସାମଲଙ୍କୁ ଜେରା କରିଥିଲା। ସେମାନେ କାର ଚୋରି କରିଥିବା ସ୍ୱୀକାର କରିଥିଲେ। ପୁଲିସ ସମସ୍ତଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଚୋରି ହୋଇଥିବା କାର, ଗୋଟିଏ ମାଷ୍ଟର ଚାବି ଓ ଗୋଟିଏ ମୋବାଇଲ ଜବତ କରିଛି। ଅଭିଯୁକ୍ତ ରାହୁଲ ଧୀର ନାମରେ ତାଳଚେର ଥାନାରେ ୪ଟି ମାମଲା ଥିବାବେଳେ ସନିଆ ନାମରେ ଗୋଟିଏ ମାମଲା ରହିଛି। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଯୁବକଙ୍କୁ ଅପହରଣ କରି ମରଣାନ୍ତକ ଆକ୍ରମଣ

**ଜଣେ ଗିରଫ**

ଛେଣ୍ଡିପଦା,୧।୮ (ସମିସ): ବନ୍ଧୁକ ଚୋରି କରିଥିବା ସନ୍ଦେହରେ ଅନୁଗୋଳ ଜିଲ୍ଲା ଜଳତାପ ଗାଁର ଜଣେ ଯୁବକଙ୍କୁ ଅପହରଣ କରି ମରଣାନ୍ତକ ଆକ୍ରମଣ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଜଳତାପ ଗାଁର ଧୁଳିଆ ଗଡ଼ନାୟକ କୋଶଳାରେ ଟ୍ରାକ୍ଟର ଚାଳକ ଭାବେ କାମ କରନ୍ତି। ଗତ ବୁଧବାର ରାତି ୮ଟାରେ କାମ ସାରି ଧୁଳିଆ କୋଶଳାରୁ ଜଳତାପ ଯାଉଥିବା ବେଳେ ସେହି ଗାଁର ବନମାଳୀ ଗଡ଼ନାୟକ ଓ ସୁମନ ସିଂ ତାଙ୍କୁ ଅଟକାଇ ଜୋରଜବରଦସ୍ତ ଏକ ବାଇକ୍‌ରେ ଜଙ୍ଗଲ ଭିତରକୁ ନେଇଯାଇଥିଲେ। ସେଠାରେ ବନମାଳୀ ଓ ସୁମନ ଧୁଳିଆଙ୍କ ବେକରେ ଭୁଜାଲି ଲଗାଇ ଗାଳିଗୁଲଜ କରିଥିଲେ। ପରେ ଏକ ବାଡ଼ିରେ ନିସ୍ତୁକ ମାଡ଼ ମାରିଥିଲେ। ଆକ୍ରମଣରେ ଧୁଳିଆଙ୍କ ଗୋଡ଼ ଭାଙ୍ଗିଯାଇଛି। ପରେ ଅଭିଯୁକ୍ତମାନେ ତାଙ୍କୁ ବାଇକ୍‌ରେ ଆଣି ଘର ସମ୍ମୁଖରେ ଛାଡ଼ି ପଳାଇଥିଲେ। ପରିବାର ଲୋକେ ଏ ନେଇ ଟ୍ରାକ୍ଟର ମାଲିକଙ୍କୁ ଖବର ଦେବା ସହ ଧୁଳିଆଙ୍କୁ କୋଶଳା ଡାକ୍ତରଖାନା ନେଇଥିଲେ। ତେବେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସା ପରେ ସାମାନ୍ୟ ସୁସ୍ଥ ଅନୁଭବ କରିବା ପରେ ଧୁଳିଆ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତ ବନମାଳୀ ଗଡ଼ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଅବ୍ୟବସ୍ଥା ଘେରରେ ଖଙ୍କିରା ଉଚ୍ଚ ବିଦ୍ୟାଳୟ

ଗଁଦିଆ,୧।୮ (ସମିସ): ଢେଙ୍କାନାଳ ଶିକ୍ଷା ଜିଲ୍ଲା ଅନ୍ତର୍ଗତ ଖଙ୍କିରା ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୭୨ ମସିହାରେ ପ୍ରତିଷ୍ଠା ହୋଇଥିଲା। ଏଠାରେ ୬ଷ୍ଠରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବାବେଳେ ଛାତ୍ରଛାତ୍ରୀ ସଂଖ୍ୟା ୩୭୫। ତେବେ ଏହି ବିଦ୍ୟାଳୟ ବିଭିନ୍ନ ଅବ୍ୟବସ୍ଥା ଘେରରେ ରହିଛି। ପ୍ରବଳ ବର୍ଷାରେ ଦୀର୍ଘ ୧ ମାସ ହେବ ମୁଖ୍ୟ ଫାଟକରୁ ଅଳ୍ପ ଦୂରରେ ଥିବା ପାଚେରି ଭୁଶୁଡ଼ି ପଡ଼ିଛି। ଅଦ୍ୟାବଧି ଏହାର ମରାମତି କିମ୍ବା ପୁନଃନିର୍ମାଣ କରାଯାଇ ନାହିଁ। ଆଦିବାସୀ ଓ ହରିଜନ ବହୁଳ ଅଞ୍ଚଳ ହୋଇଥିବାବେଳେ ଏହି ବିଦ୍ୟାଳୟରେ ୧୦୦ ସିଟ୍ ବିଶିଷ୍ଟ ଛାତ୍ରୀନିବାସ ରହିଛି। ତେବେ ଏହି ଛାତ୍ରୀନିବାସରେ ଆଜିପର୍ଯ୍ୟନ୍ତ ସ୍ଥାୟୀ ବିଦ୍ୟୁତ ସଂଯୋଗ କରାଯାଇନାହିଁ। ଫଳରେ ଅଧିକାଂଶ ସମୟରେ ପାନୀୟଜଳ ଓ ଅନ୍ୟାନ୍ୟ କ୍ଷେତ୍ରରେ ବହୁ ସମସ୍ୟା ଉପୁଜୁଛି। ଏଥିସହ ଛାତ୍ରୀନିବାସର ଗାଧୁଆଘର ଓ ଅନ୍ୟ ଗୃହର ଛାତଫାଟି ବିପଦସଙ୍କୁଳ ଅବସ୍ଥାରେ ରହିଛି। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ସାଇକଲ ଷ୍ଟାଣ୍ଡ ନ ଥିବାରୁ ଖରା ବର୍ଷାରେ ପିଲାମଙ୍କ ସାଇକଲ ପଡ଼ିରହୁଛି। ୬ଷ୍ଠ ଓ ୭ମ ଶ୍ରେଣୀ ପାଇଁ ମାତ୍ର ୨ଜଣ ଶିକ୍ଷୟିତ୍ରୀ ଥିବାରୁ ପାଠପଢ଼ାରେ ଅସୁବିଧା ହେଉଛି। ଦିର୍ଘଦିନ ଧରି କିରାଣି ଓ ପିଅନ ପଦବୀ ଖାଲି ପଡ଼ିଛି। ଏ ସମ୍ପର୍କରେ ବିଦ୍ୟାଳୟ ତରଫରୁ ଗଁଦିଆ ବିଡିଓ, ଖଙ୍କିରା ସରପଞ୍ଚ, ବ୍ଲକ୍ ଶିକ୍ଷା ଅଧିକାରୀ, କନିଷ୍ଠ ଯନ୍ତ୍ରୀ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏ ଦିଗରେ ଜିଲ୍ଲାପାଳ, ଜିଲ୍ଲା ଆଦିବାସୀ ହରିଜନ କଲ୍ୟାଣ ବିଭାଗ ଅଧିକାରୀ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



**ଚାକିରିରୁ ଛଟେଇର ପ୍ରତିବାଦ**

## ଷ୍ଟ୍ରକଚର ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି ଆତ୍ମହତ୍ୟା ଧମକ

- ବୁଝାସୁଝା ପରେ ଖୁଣ୍ଟରୁ ଓହ୍ଲାଇଲେ କର୍ମଚାରୀ
- ୨ ଘଣ୍ଟା ବିଦ୍ୟୁତ୍ ସରବରାହ ବନ୍ଦ ରହିଲା

କିଶୋରନଗର,୧।୮ (ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଧଉରାପାଲ୍ଲୀ ବିଦ୍ୟୁତ୍ ଷ୍ଟ୍ରକଚରରେ କାର୍ଯ୍ୟ କରୁଥିବା ଅପରେଟର ସତ୍ୟବ୍ରତ ପ୍ରଧାନଙ୍କୁ ବିଭିନ୍ନ ଆଳ ଦେଖାଇ ୩ ମାସ ହେଲା ଚାକିରିରୁ ଛଟେଇ କରାଯାଇଛି। ଏହାର ପ୍ରତିବାଦରେ ଶୁକ୍ରବାର ସତ୍ୟବ୍ରତ ଟ୍ରାନ୍ସଫର୍ମର ଖୁଣ୍ଟରେ ଚଢ଼ି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେ ଖୁଣ୍ଟରେ ୨ ଘଣ୍ଟା ରହିଥିଲେ। ଫଳରେ ୨ ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ବିଭାଗ ଲାଇନ କାଟିଦେଇଥିଲା। ଘଟଣାସ୍ଥଳରେ କିଶୋରନଗର ଥାନା ଆଇଆଇସି ବିଭୂତି ପ୍ରଧାନ, ହଣ୍ଡପା ଥାନା ଆଇଆଇସି ନମିତା ନାଏବ, ବିଦ୍ୟୁତ୍ ବିଭାଗ ଏସଡିଓ ଅକ୍ଷୟ ସାହୁ ଓ ବାମୁର ଦମକଳ ବାହିନୀ ପହଞ୍ଚି ସତ୍ୟବ୍ରତଙ୍କୁ ବୁଝାସୁଝା କରିବାରୁ ସେ ତଳକୁ ଓହ୍ଲାଇଥିଲେ। ପରେ ଷ୍ଟ୍ରକଚର ଅଫିସରେ ବିଭାଗୀୟ ଅଧିକାରୀ, ଉଭୟ ଥାନାର ଆଇଆଇସି ସତ୍ୟବ୍ରତଙ୍କ ସହ ଆଲୋଚନା କରିଥିଲେ। ପରେ ସତ୍ୟବ୍ରତଙ୍କୁ ପୁଲିସ କିଶୋରନଗର ଥାନାକୁ ଆଣି ଆଲୋଚନା ଜାରି ରଖିଛି।

## ମହିଳାଙ୍କଠୁ ଝାମ୍ପିନେଲେ ଭ୍ୟାନିଟି ବ୍ୟାଗ

ନାଲକୋନଗର,୧।୮ (ସମିସ): ନାଲକୋ ନଗର ଥାନା ଅନ୍ତର୍ଗତ ନାଲକୋ-ଅନୁଗୋଳ କେନାଲ ରୋଡ୍‌ରେ ବାଇକରେ ଆସୁଥିବା ଜଣେ ମହିଳାଙ୍କଠାରୁ ଦୁର୍ବୃତ୍ତ ଭ୍ୟାନିଟି ବ୍ୟାଗ ଝାମ୍ପି ନେଇଛନ୍ତି। ସୂଚନା ଅନୁଯାୟୀ, ରବିନାରାୟଣ ନାଥ ନାମକ ଜଣେ ଯୁବକ ତାଙ୍କ ସ୍ତ୍ରୀଙ୍କ ସହ ଅନୁଗୋଳରୁ ସ୍ମେଲଟର ହାଟିଙ୍ଗକୁ ବାଇକରେ ଆସୁଥିଲେ। ଅପରାହ୍ନ ୪ଟାରେ ନୂଆସାହି କେନାଲ ବୁଲାଣିରେ ବାଇକର ଗତି କମ ଥିବା ବେଳେ ତାଙ୍କ ପଛରେ ଏକ କଳା ରଙ୍ଗର ପଲସର ବାଇକରେ ଆସୁଥିବା ଦୁଇ ଦୁର୍ବୃତ୍ତ ସ୍ତ୍ରୀଙ୍କ ଠାରୁ ଭ୍ୟାନିଟି ବ୍ୟାଗ ଝାମ୍ପିନେଇ ଦ୍ରୁତ ଗତିରେ ଚମ୍ପଟ ମାରିଥିଲେ। ବ୍ୟାଗରେ ୬ହଜାର ଟଙ୍କା ସହ କିଛି ଜରୁରୀ କାଗଜପତ୍ର ଥିଲା। ଅନ୍ୟପଟେ ବ୍ୟାଗ ଝାମ୍ପିନେବା ସମୟରେ ରବିନାରାୟଣ ଭାରସାମ୍ୟ ହରାଇ ତଳେ ପଡ଼ି ଖଣ୍ଡିଆଖାବରା ହୋଇଥିଲେ। ତେବେ ଏ ନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାଯାଇଛି। ପୁଲିସ ଉପରେ ଭରସା ରଖୁ ନ ଥିବା ଏଭଳି ଅନେକ ଲୋକ ପୁଲିସରେ ଜଣାଇବାକୁ ପସନ୍ଦ କରୁ ନ ଥିବା ସାଧାରଣରେ ଆଲୋଚନା ହେଉଛି।

**ପାଲଲହଡ଼ା ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ**

## ବିକାଶ କାମ ତୁରନ୍ତ ଆରମ୍ଭ କରିବାକୁ ନିଷ୍ପତ୍ତି



ପାଲଲହଡ଼ା,୧।୮ (ସମିସ): ପାଲଲହଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ନାଏକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଦୀର୍ଘଦିନ ଧରି ବିଧାୟକ ଅଶୋକ ମହାନ୍ତି ଓ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ମଧ୍ୟରେ ଜାରି ରହିଥିବା ରାଜନୈତିକ ବୟାନବାଜି ହେତୁ ବ୍ଲକର ଉନ୍ନତିମୂଳକ କାର୍ଯ୍ୟ ଠପ ହୋଇଯାଇଥିଲା। ତେବେ ଏହି ବୈଠକରେ ବ୍ଲକର ବିକାଶ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇ ବିଗତ ଦିନରୁ ଅଟକି ରହିଥିବା ପ୍ରକଳ୍ପ ଏବଂ ବିଭିନ୍ନ ଯୋଜନା ଅନ୍ତର୍ଗତ ଗଚ୍ଛିତ ଥିବା ଟଙ୍କାର ସୁବିନିଯୋଗ କରି ନୂତନ ପ୍ରକଳ୍ପ ଆଗେଇନେବାକୁ ସ୍ଥିର କରାଯାଇଛି। ବ୍ଲକ ଅଧ୍ୟକ୍ଷା ଓ ଅନ୍ୟାନ୍ୟ ପ୍ରତିନିଧିମାନେ ଉପସ୍ଥିତ ସମସ୍ତଙ୍କ ମତାମତ ଗ୍ରହଣ କରି ଆଗାମୀ ଦିନରେ ନୂତନ ପ୍ରକଳ୍ପମାନ ଜନସାଧାରଣ ପାଇଁ ତୁରନ୍ତ ଆରମ୍ଭ କରାଯିବ ବୋଲି କହିଥିଲେ। ବୈଠକରେ ବିଡିଓ ନିଶାନ ମିଶ୍ର, ଜିପିଇଓ ବିକାଶ ସାହୁ, ଆସିଷ୍ଟାଣ୍ଟ ଇଞ୍ଜିନିୟର ପ୍ରମୋଦ ସ୍ୱାଇଁ, ଜେଇ ସଞ୍ଜୀବ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଚନ୍ଦନ କାଠ ଜବତ; ବାପପୁଅ ଗିରଫ




ତାଳଚେର,୧।୮ (ସମିସ): ଚୋରା ଚନ୍ଦନ କାଠ ରଖିଥିବା ଅଭିଯୋଗରେ ତାଳଚେର ଥାନା ପୁଲିସ ସୁନାଖଣି ଗ୍ରାମର ଭାଗୀରଥି ମହାରଣା (୫୨) ଓ ତାଙ୍କ ପୁଅ ପିଙ୍କୁ ମହାରଣା (୨୨)ଙ୍କୁ ଗିରଫ କରିଛି। ଭାଗୀରଥି ଓ ପିଙ୍କୁ ନିଜ ଘରେ ଚନ୍ଦନ କାଠ ଲୁଚାଇ ରଖିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଏସ୍‌ଆଇ ତୁଷାରକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ପୁଲିସର ଏକ ଟିମ ଚଢ଼ଉ କରିଥିଲା। ଭାଗୀରଥିଙ୍କ ଘରୁ ପ୍ରାୟ ୫୧.୪୪୦ କିଲୋଗ୍ରାମ ଓଜନର ଚନ୍ଦନ କାଠ ଜବତ କରାଯାଇଥିଲା। ଜବତ ଚନ୍ଦନ କାଠର ଆନୁମାନିକ ମୂଲ୍ୟ ୭ ଲକ୍ଷ ୭୧ ହଜାର ଟଙ୍କା ହେବ ବୋଲି ପୁଲିସ କହିଛି। ଅଭିଯୁକ୍ତ ଦ୍ୱୟଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି।

# ନୂଆ ନିୟମ ଯୋଗୁ ଅଟକିଛି ଶତାଧିକ ରାସ୍ତା କାମ






ବାଲେଶ୍ୱର ପୌରାଞ୍ଚଳ

ବାଲେଶ୍ୱର,୧।୮ (ସମିସ)

ବାଲେଶ୍ୱର ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ଶତାଧିକ ରାସ୍ତା କାମ ଅଟକିଛି। ଏମିତିକି ପୂର୍ବ ସରକାରରେ ଟେଣ୍ଡର ହୋଇଥିବା ରାସ୍ତା କାମ ବି ଏଯାଏଁ ହୋଇନାହିଁ। କେଉଁଠି ଟେଣ୍ଡର ହୋଇ କାମ ହେଉନି ତ ପୁଣି କେଉଁଠି କାମ ଆପ୍ରୋଭାଲ୍ ହୋଇ ଟେଣ୍ଡର ହୋଇନାହିଁ। ଏହିପରି ସହରର ବିଭିନ୍ନ ସ୍ଥାନରେ ରାସ୍ତା କାମ ହୋଇନାହିଁ। ଖାଲି ସେତିକି ନୁହେଁ ପୂର୍ବରୁ ପୌରପାଳିକା କରିଥିବା ରାସ୍ତା କାମ ଏବେ ପୁଣି କାମ ପାଇଁ ସମସ୍ୟା ଉପୁଜୁଛି। ଉକ୍ତ ରାସ୍ତା ଗୁଡିକ ବର୍ତ୍ତମାନ ଖରାପ ହୋଇଥିବା କାରଣରୁ ଏବେ ପୁଣି କାମ ହେବାର ଆବଶ୍ୟକତା ରହିଥିବା ବେଳେ ପୌରପାଳିକାର ନୂଆ ନିୟମ ତଥା ବ୍ୟବସ୍ଥା ପାଇଁ ସେସବୁ କାମ ହୋଇପାରୁନଥିବା ଜଣାପଡିଛି।

ସୂଚନାଯୋଗ୍ୟ, ବାଲେଶ୍ୱର ପୌରାଞ୍ଚଳରେ ରହିଛି ୩୧ଟି ୱାର୍ଡ। ଏହି ୱାର୍ଡରେ ପ୍ରାୟ ୧୦୨ଟି ରାସ୍ତା କାମ ନ ହୋଇ ପଡ଼ିରହିଥିବା ବିଶେଷ ସୂତ୍ରରୁ ଜଣାପଡିଛି। ତେବେ ଏହା ଭିତରେ କିଛି ପୁରୁଣା ରାସ୍ତା ରହିଛି ଯାହା ଏବେ ମରାମତି କାମ ଆବଶ୍ୟକ ଥିବାବେଳେ ତାହା ହୋଇପାରୁନାହିଁ। କାରଣ ପୌରପାଳିକା ନୂଆ ନିୟମ ତଥା ବ୍ୟବସ୍ଥା ପାଇଁ ରାସ୍ତା କାମ ଅଟକିଛି। ପୁରୁଣା ରାସ୍ତା ବି ପୌରପାଳିକାରେ ହସ୍ତାନ୍ତର ହୋଇଛି କି ନାହିଁ ଛାନଭିନ୍ କରୁଥିବା ଜଣାପଡିଛି। ତେବେ ପୂର୍ବରୁ ପୌରପାଳିକା ନିଜେ କାମ କରିଥିବା ରାସ୍ତାକୁ ପୁଣି ଥରେ ହସ୍ତାନ୍ତର କରିବାକୁ ନେଇ ପ୍ରଶ୍ନ ଉଠିଛି। ଯାହାଫଳରେ ଅନେକ ରାସ୍ତା କାମ ଅଟକିଛି। 'ରାସ୍ତା କାମ ପାଇଁ ପ୍ରସ୍ତାବ ଦେଇଛି। ହେଲେ କାମ ହେଉନି। ପାଖାପାଖି ୧୧ ଟି ରାସ୍ତା କାମ ପାଇଁ ଚାରି ମାସ ଆଗରୁ ପୌରପାଳିକାକୁ ଜଣାଇଛି। ହେଲେ ଆମ ପାଇଁ ଅନୁମତି ଆସିନାହିଁ। ଟଙ୍କା ଆସିନାହିଁ' ବୋଲି ୨୭ ନମ୍ବର ୱାର୍ଡ କାଉନସିଲର ପଦ୍ମଲୋଚନ ଲେଙ୍କା କହିଛନ୍ତି। 'ତିନି ମାସ ପୂର୍ବରୁ କାଉନସିଲ ବୈଠକରେ ଆପ୍ରୋଭ୍ ହୋଇଛି କିନ୍ତୁ ଟେଣ୍ଡର ହୋଇନାହିଁ। ପ୍ରାଇଭେଟ୍ ଜାଗା ଉପରେ ରାସ୍ତା କରିବାର ନିୟମ ନାହିଁ। ପୌରପାଳିକାକୁ ହସ୍ତାନ୍ତର କରିବା କଥା। କିନ୍ତୁ ଯେଉଁ ରାସ୍ତା ପୂର୍ବରୁ କାମ ପୌରପାଳିକା କରିଆସିଛି ସେଇଟାକୁ ପୁଣି ରାସ୍ତା ହେଣ୍ଡ ଓଭର୍ କରିବାର କିଛି କାରଣ ନାହିଁ। ଆମ ୱାର୍ଡ ପାଇଁ ୮-୯ ଟି ରାସ୍ତା କାମ ପାଇଁଯାଇଛି। ହେଲେ କାମ ହୋଇନି। ଅନେକ ପୁରୁଣା ରାସ୍ତା ଏବେ ଖରାପ ହୋଇଗଲାଣି। ସେଗୁଡିକ କାମ ହେବା ଦରକାର। ସେସବୁ ଏବେ କାମ ହୋଇପାରୁନି' ବୋଲି ୧୯ ନମ୍ବର ୱାର୍ଡ କାଉନସିଲର ଶୋଭା ମହାପାତ୍ର କହିଛନ୍ତି। ୧୮ ନମ୍ବର ୱାର୍ଡ କାଉନସିଲର ଅର୍ପିତ ପଟ୍ଟନାୟକ କହିଛନ୍ତି, ପୂର୍ବରୁ ଅର୍ଥାତ୍ ବିଜେଡି ସରକାର ସମୟରେ ଯେଉଁ ରାସ୍ତା କାମ ପାଇଁ ଦିଆଯାଇଥିଲା ତାହା ଏଯାଏଁ କାମ ହୋଇନି। ଟେଣ୍ଡର ହୋଇଥିଲା ହେଲେ କାମ କିଛି ହୋଇନି। ଆଗରୁ ପୌରପାଳିକା ଯେଉଁ ରାସ୍ତା କାମ କରିଛି ସେଇ ରାସ୍ତା ଖରାପ ହେବା ପରେ ପୁଣି ଥରେ କାମ ପାଇଁ ଅସୁବିଧା ହେଉଛି। ଉକ୍ତ ରାସ୍ତା ଖରାପ ହୋଇଗଲେ ବା ସେଇ ରାସ୍ତାକୁ ଯୋଡୁଥିବା ରାସ୍ତାକୁ କଂକ୍ରିଟ ବା ପେଭର୍ ବ୍ଲକ ପକାଇବା ପାଇଁ ପ୍ରସ୍ତାବ ଦେଲେ ନୂଆ ନିୟମ କହୁଛନ୍ତି। ଅମିନ ଯାଇକି ରାସ୍ତା ଦେଖିବେ ନହେଲେ ରାସ୍ତା ପୌରପାଳିକାକୁ ହସ୍ତାନ୍ତର ହୋଇଛି କି ନାହିଁ ବୋଲି ମଧ୍ୟ କୁହାଯାଉଛି। ଏସବୁ ବ୍ୟବସ୍ଥା ପୂର୍ବରୁ ନଥିଲା। ଦେଢ ଦୁଇ ମାସ ହେବ ଏପରି ନୂଆ ନିୟମ ପାଇଁ କାମ ଅଟକିଛି। ତେବେ ପୂର୍ବରୁ ପୌରପାଳିକା ନିଜେ କାମ କରିଥିବା ରାସ୍ତା ଏବେ ପୁଣି କାମ କରିବା କ୍ଷେତ୍ରରେ ଅସୁବିଧା ହେଉଛି। ୫ ନମ୍ବର ୱାର୍ଡ କାଉନସିଲର ମିତା ପଟ୍ଟନାୟକ କହିଛନ୍ତି, ବହୁତ ରାସ୍ତା କାମ ଅଟକିଛି। କାଉନସିଲ୍ ବୈଠକରେ ଆପ୍ରୋଭ୍ ହୋଇଥିଲେ ବି କାମ ହୋଇପାରିନାହିଁ। ଟେଣ୍ଡର ହୋଇନି। ଏହାବ୍ୟତୀତ ଏବେ ପୁରୁଣା ରାସ୍ତା କାମ ପାଇଁ ବି ସମସ୍ୟା ହେଉଛି। ଯେଉଁଠି ୧୦/୧୫ ପରିବାର ଘର କରି ରହୁଛନ୍ତି ସେଠାରେ ରାସ୍ତା ଅଛି। ସେଠାରେ ରାସ୍ତାରେ ଯାତାୟାତ ପାଇଁ ମାଲିକ ଏଗ୍ରିମେଣ୍ଟ ବି କରିଛି। ଘର ପାଇଁ ବ୍ରିଟ୍ ଅନୁମତି ଦେବା ପରେ ବି ଏବେ ପ୍ରାଇଭେଟ୍ ଜାଗା କହି ରାସ୍ତା କାମ ହେଉନାହିଁ। ଆମ ୱାର୍ଡ ର ୨୦-୨୫ ଟି ରାସ୍ତା ଓ ଡ୍ରେନ୍ କାମ ହେବାକୁ ଅଛି। ବିଶେଷକରି ମାନସିଂହ ବଜାରର ଶ୍ମଶାନକୁ ରାସ୍ତା, ଦେୱାନପାଟଣାର ମୁଖ୍ୟ ରାସ୍ତା, ଏମିତିକି ଅନେକ ରାସ୍ତା ଅଛି ଯେଉଁଠି ବର୍ଷା ହେଲେ ରାସ୍ତାରେ ଆଣ୍ଠୁଏ ପାଣି ଛିଡ଼ା ହେଉଛି'। ସେହିପରି ୬ ନମ୍ବର ୱାର୍ଡ କାଉନସିଲର କବିତା ମୁର୍ମୁ କହିଛନ୍ତି, ଆମ ୱାର୍ଡର ୭ ଟି ରାସ୍ତା କାମ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ବାଲୁ ବଜାର, କଂସେଇ ମହଲା ଆଦି। ଟେଣ୍ଡର ହୋଇଛି ହେଲେ ଏଯାଏଁ କାମ କିଛି ହୋଇନାହିଁ। ଗୋଟିଏ ରାସ୍ତା ବାଲୁବଜାର ଲାଇନ୍ କାମ ପାଇଁ ଦିଆଯାଇଥିଲା। ଡ୍ରେନ୍ ହୋଇଗଲା ହେଲେ ରାସ୍ତା ଏଯାଏଁ ହେଲାନି। କିଛି କାମ କଲେନି କଣ୍ଟ୍ରାକ୍ଟର। ଟଙ୍କା ନେଇ ପଳାଇଗଲେ। ଡ୍ରେନ୍ କଲେ ହେଲେ ରାସ୍ତା କାମ କଲେନି। କିଛି କାମ ନେଇ ମଧ୍ୟ ବାତିଲ କରିଦେଉଛନ୍ତି। ଫଳରେ ପୁଣି ଟେଣ୍ଡର ହୋଇ କାମ ହେଲା ବେଳକୁ ବର୍ଷେ ଛଅ ମାସ। ପ୍ରାଇଭେଟ୍ ଜାଗାରେ ସିନା ରାସ୍ତା କାମ କରିବେନି ହେଲେ ଯେଉଁଟା ପୌରପାଳିକାର ସେଇଟା ତ କରିବା କଥା। ହେଲେ ସେଗୁଡା ବି ହେଉନାହିଁ। ବର୍ଷେ ହେଲାଣି ରାସ୍ତା ହୋଇପାରୁନି'। ଏ ବାବଦରେ ପୌରାଧ୍ୟକ୍ଷା ସବିତା ସାହୁ କହିଛନ୍ତି, ମାର୍ଚ୍ଚ ଏପ୍ରିଲ୍‌ରେ ୨୦୦ ଟି ରାସ୍ତା କାମ ପାଇଁ ଟେଣ୍ଡର ହୋଇଛି। କଣ୍ଟ୍ରାକ୍ଟର କାମ ନେଇ କାମ କରିନାହାନ୍ତି। ସେଥିପାଇଁ ଟେଣ୍ଡର ବାତିଲ ହୋଇଛି। ପୁଣି ଥରେ ରି-ଏଷ୍ଟିମେଟ୍ ସହ ଟେଣ୍ଡର ହୋଇଛି। ରାସ୍ତା କାମ ପାଇଁ ପ୍ରାୟ ୨୦ କୋଟି ଟଙ୍କାର ଟେଣ୍ଡର ହୋଇଛି। ଖୁବଶୀଘ୍ର କାମ ଆରମ୍ଭ ହେବ। ସେହିପରି ପୌରପାଳିକା ଉପାଧ୍ୟକ୍ଷ ତଥା ୧୪ ନମ୍ବର ୱାର୍ଡ କାଉନସିଲର କୈଳାସ ଚନ୍ଦ୍ର ସେଠୀ କହିଛନ୍ତି, ଦୀର୍ଘ ଦିନ ହୋଇଗଲାଣି କଣ୍ଟ୍ରାକ୍ଟରମାନେ ନିର୍ଦ୍ଦିଷ୍ଟ ସମୟ ଅନୁସାରେ କାମ ସାରୁନାହାନ୍ତି। ବର୍ଷ ବର୍ଷ ଧରି କାମ ପକେଇ ରଖୁଛନ୍ତି। ସେଥିପାଇଁ କାଉନସିଲ ବୈଠକରେ ଆମେ ଉଠାଇଥିଲୁ। ତାଲିକା ମଗାଯାଇଥିଲା। ଏମ୍‌ଇ ଲିଷ୍ଟ ମଧ୍ୟ ଆଣିଥିଲେ। ସେଭଳି କଣ୍ଟ୍ରାକ୍ଟରକୁ ଚିଠି କରି ଟେଣ୍ଡର ବାତିଲ ପାଇଁ କୁହାଯାଇଥିଲା। ଏହାବ୍ୟତୀତ ପୌରପାଳିକା ରାସ୍ତା ନ ହୋଇ ମଧ୍ୟ କିଛି ଲୋକ ପ୍ରାଇଭେଟ୍ ଜାଗାରେ ପ୍ଲଟିଂ କରି ଜାଗା ବିକ୍ରି କରୁଥିବା ସ୍ଥାନରେ ରାସ୍ତା କାମ କରିବା ପାଇଁ ଯୋଜନା କରୁଛନ୍ତି। ସେଥିପାଇଁ ଏବେ ଏ ନେଇ ପୌରପାଳିକା ପକ୍ଷରୁ ଛାନଭିନ୍ କରାଯାଇ ରାସ୍ତା କାମ ହେଉଛି।

# ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା



ବାଲେଶ୍ୱର,୧।୮ (ସମିସ): ଓଡ଼ିଶା ଶିକ୍ଷା ବିକାଶ ସମିତି ଯୋଜନା ଅନୁସାରେ ମାଣିଖମ୍ବ ସରସ୍ୱତୀ ଶିଶୁ ମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ପରୀପ୍ରେକ୍ଷୀରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଦ୍ୟୁତ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ଅମରେଶ୍ୱର ଶତପଥୀ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଗୋପାଳଗାଁ ସିଆରସିସି ସରିତା ଦ୍ୱିବେଦୀ ପିଲାମାନଙ୍କୁ ବିଜ୍ଞାନର ଅଗ୍ରଗତି ବିଷୟରେ ମାର୍ଗଦର୍ଶନ କରିଥିଲେ। ପରିଚାଳନା ସମିତି ସଭାପତି ଭବେନ୍ଦ୍ର କୁମାର ରାଉତ, ଉପସଭାପତି କଣ୍ଡେଲ କ୍ଷେତ୍ରମୋହନ ମହାପାତ୍ର ଉପସ୍ଥିତ ଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଆଚାର୍ଯ୍ୟା ମିଲିରାଣୀ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଚାରକ ଭାବେ ଶକ୍ତିଧର ପଣ୍ଡା, କସପା ଜୟପୁର ଉଚ୍ଚବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଶକ୍ତି ସାଧନା ରାଉତ, ରସାଲପୁର ସରକାରୀ ଉଚ୍ଚ ବିଦ୍ୟାଳୟରର ମନ୍ମଥ କୁମାର ପାତ୍ର, ରଘୁନାଥଙ୍କୁ ଏକାଡ଼େମି ଗୁଡ଼ଦାର ପ୍ରଧାନ ଶିକ୍ଷୟିତ୍ରୀ, ଟାଉନ ହାଇସ୍କୁଲ ବାଲେଶ୍ୱରର ବିଜ୍ଞାନ ଶିକ୍ଷୟିତ୍ରୀ ଜନ୍ମଶ୍ରୀ କର, କେକେଏସ୍ କଲେଜର ବିଜ୍ଞାନ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ପ୍ରଧାନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ବିଦ୍ୟାଳୟ ବିଜ୍ଞାନ ପ୍ରମୁଖ ରାମଚନ୍ଦ୍ର ଦାସ ବିବରଣୀ ପାଠ କରିଥିଲେ। ଶେଷରେ ଆଚାର୍ଯ୍ୟ ପ୍ରତିନିଧି ସନାତନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ସେବକ, ସେବିକା, କାର୍ଯ୍ୟାଳୟପ୍ରମୁଖମାନେ ସହଯୋଗ କରିଥିଲେ।

# ଜିଲ୍ଲା କାରାଗାରରେ ଛତୁଚାଷ ତାଲିମ ଶିବିର



ବାଲେଶ୍ୱର,୧।୮ (ସମିସ): କାରାଗାର କର୍ତ୍ତୃପକ୍ଷ ଏବଂ ୟୁକୋ ଆରସେଟିର ମିଳିତ ପ୍ରୟାସରେ ବାଲେଶ୍ୱର ଜିଲ୍ଲା କାରାଗାର ଆନୁକୂଲ୍ୟରେ ୬ ଦିନିଆ ଛତୁ ଚାଷ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର କାରାଗାରର ୩୫ ଜଣ ପ୍ରାର୍ଥୀ ଯୋଗଦାନ କରିଥିଲେ। କାରାଗାର ଅନ୍ତେବାସୀ କିପରି କିଛି ବୈଷୟିକ ଜ୍ଞାନପ୍ରାପ୍ତ କରି କାରାଗାର ମଧ୍ୟରେ ଏବଂ ମୁକ୍ତ ହେବା ପରେ ରୋଜଗାରର ପନ୍ଥା ପାଇବେ ଏତଦ୍ୱାରା ସେମାନେ ଅସାମାଜିକ କାର୍ଯ୍ୟରୁ ଦୂରେଇ ଯାଇ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ ତାହା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଉଦଯାପନୀ କାର୍ଯ୍ୟକ୍ରମରେ ଜେଲ ସୁପରିଟେଣ୍ଡେଣ୍ଟ ସୁଚିତ୍ରା ଦାସ ଓ ଜେଲର୍ ପ୍ରଦୀପ୍ତ କୁମାର ମହାଳିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ତାଲିମ ମାଧ୍ୟମରେ ଜେଲର ଅନ୍ତେବାସୀମାନେ କିଭଳି ଭାବେ ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବେ ଓ ଅନୈତିକ କାର୍ଯ୍ୟରୁ ନିଜକୁ ଦୂରେଇ ଭଲ ମଣିଷ ଭାବେ ନିଜକୁ ଗଢିତୋଳିବେ ସେଦିଗରେ ଆଲୋକପାତ କରିଥିଲେ ଏବଂ ପ୍ରଶିକ୍ଷାର୍ଥୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁବ୍ରତ ମହାକୁଳ, ନିର୍ଦ୍ଦେଶକ, ଆରସେଟି ବାଲେଶ୍ୱର, ଅଭିଷେକ ସ୍ୱାଇଁ, ପ୍ରଶିକ୍ଷକ ଓ ବାଲେଶ୍ୱର କାରାଗାରର ସଦସ୍ୟମାନେ ଯୋଗଦାନ କରିଥିଲେ।

# ରାଜ୍ୟ ହକି ଚାମ୍ପିଅନ ଚୟନ ପ୍ରକ୍ରିୟା ନିମନ୍ତେ ବୈଠକ



ବାଲେଶ୍ୱର, ୧।୮ (ସମିସ): ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବାଲେଶ୍ୱର ଜିଲ୍ଲାର ହକି ଆସୋସିଏସନର ସମସ୍ତ ସଦସ୍ୟମାନେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏଥିରେ ଆଗାମୀ ଦିନରେ ରାଜ୍ୟସ୍ତରୀୟ ହକି ପ୍ରତିଯୋଗିତା-୨୦୨୫ରେ ବାଲେଶ୍ୱର ଜିଲ୍ଲାରୁ ଅଂଶଗ୍ରହଣ କରିବା ପାଇଁ ବିଭିନ୍ନ ବର୍ଗରୁ ବାଳକ/ ବାଳିକା ଚୟନ ପ୍ରକ୍ରିୟା ପାଇଁ ଆଲେଚନା ହୋଇଥିଲା। ଏହି ରାଜ୍ୟସ୍ତରୀୟ ହକି ଚାମ୍ପିଅନ-୨୦୨୫ ଆସନ୍ତା ଅଗଷ୍ଟ ମାସ ୪ ତାରିଖଠାରୁ ଆସନ୍ତା ୩ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ବିର୍ସା ମୁଣ୍ଡା ଇଣ୍ଟରନ୍ୟାସନାଲ ହକି ଷ୍ଟାଡିୟମ୍, ରାଉରକେଲାଠାରେ ଅନୁଷ୍ଠିତ ହେବାକୁ ଥିବା ବେଳେ ୩ଟି ବର୍ଗରେ ସିନିୟର୍, ଜୁନିଅର ଏବଂ ସବ୍‌ଜୁନିଅର ବାଳକ/ ବାଳିକା ଚୟନ ପାଇଁ ବାଲେଶ୍ୱର ଜିଲ୍ଲାର ଭୀମପୁରାସ୍ଥିତ କ୍ରୀଡା ଛାତ୍ରାବାସ ପଡିଆରେ ଆୟୋଜନ ପାଇଁ ସ୍ଥିର କରାଯାଇଛି। ଏଥିପାଇଁ ଆସନ୍ତା ଅଗଷ୍ଟ ୨ ତାରିଖଠାରୁ ଇଚ୍ଛୁକ ବାଳକ/ବାଳିକା ସକାଳ ୮ ଟାରୁ ନିଜ ନିଜର ବୟସ ପ୍ରମାଣ ପତ୍ର ଚୟନ ପ୍ରକ୍ରିୟାରେ ସାମିଲ ହେବାକୁ ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଅବଗତ କରିଛନ୍ତି।

# ରାଜ୍ୟସ୍ତରୀୟ କବିତା ଆବୃତ୍ତି ପ୍ରତିଯୋଗିତାରେ ବାଲେଶ୍ୱର ଛାତ୍ରଛାତ୍ରୀଙ୍କ କୃତିତ୍ୱ



ବାଲେଶ୍ୱର,୧।୮ (ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀର ୬୮ତମ ପ୍ରତିଷ୍ଠା ଉତ୍ସବ ପାଳନ ଅବସରରେ ରାଜ୍ୟସ୍ତରୀୟ କବିତା ଆବୃତ୍ତି ପ୍ରତିଯୋଗିତାରେ ବାଲେଶ୍ୱରର ଅଷ୍ଟମ ଶ୍ରେଣୀ ଛାତ୍ର ଦେବାଶିଷ ସିଂ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସାଧାରଣ ଜ୍ଞାନ ପରୀକ୍ଷାରେ ସପ୍ତାହ ଶ୍ରେଣୀ ଛାତ୍ରୀ ମାହେଶ୍ୱରୀ ଗିରି ତୃତୀୟ ସ୍ଥାନ ଅଧିକାର କରି ଗୌରବ ଆଣିଛନ୍ତି। ଏହି ପ୍ରତିଯୋଗୀତାରେ ବରିଷ୍ଠ ବର୍ଗରେ ରେମୁଣା ଅଞ୍ଚଳର ଦେବାଶିଷ ସିଂ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ କନିଷ୍ଠ ବର୍ଗରେ ମାହେଶ୍ୱରୀ ଗିରି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ଉଭୟଙ୍କୁ ପୁରସ୍କୃତ କରାଯାଇଛି। ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଥିବାରୁ ମହାବୀର ଆବାସିକ ବିଦ୍ୟାଳୟ ସଭାପତି ଡ. ଭାଗବତ ପ୍ରସାଦ ଦାସ, ପ୍ରଧାନ ଶିକ୍ଷୟିତ୍ରୀ ମୋନାଲିସା ଦାସ, ସମ୍ପାଦକ ରାଧାଗୋବିନ୍ଦ ମାହାର୍ଣ୍ଣା, ରାଧାରଞ୍ଜନ ଦାସ, ସ୍ୱରାଜ ଆଚାର୍ଯ୍ୟ, ନିରଞ୍ଜନ ସାହୁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ବାଲେଶ୍ୱର,୧।୮ (ସମିସ): ସାବିତ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ହସିନା ବିବିଙ୍କ ନିମନ୍ତେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଛି। ସେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ପ୍ରାୟ ୩୬ ବର୍ଷ କାଳ ଶିକ୍ଷକତା କରିବା ସହ ୨୦୨୧ ମସିହା ଅକ୍ଟୋବର ୨୫ରେ ସାବିତ୍ରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ ଯୋଗ ଦେଇଥିଲେ। ଜୁଲାଇ ୩୧ ତାରିଖରେ ସେ ଅବସର ଗ୍ରହଣ କରିଥିବା ଅବସରରେ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂସଦ ସଭାପତି ଡ. ଲକ୍ଷ୍ମୀନାରାୟଣ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସରକାରଙ୍କ ମୋ ସ୍କୁଲ ଯୋଜନାକୁ ସଫଳତାର ରୂପ ଦେବାରେ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ଗଠନ ସହିତ ତାହାର ପାଣ୍ଠି ସଂଗ୍ରହରେ ହସିନା ବିବି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସେ ନିଜେ ସାବିତ୍ରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ହୋଇଥିବାରୁ ଆଗାମୀ ଦିନରେ ପୁରାତନ ଛାତ୍ର ସଂସଦର ସଦସ୍ୟ ଭାବେ ନିୟମିତ ବିଦ୍ୟାଳୟକୁ ଆସିବେ ବୋଲି ସମ୍ମତି ଦେଇଥିବା ଡ. ମହାନ୍ତି କହିଥିଲେ। ପୁରାତନ ଛାତ୍ର ସଂସଦ ଉପସଭାପତି ଅଜିତ କୁମାର ମହାନ୍ତି, ଗୋପାଳ ଗାଁ ସିଆରସିସି ସରିତା ଦ୍ୱିବେଦୀ, ପୂର୍ବତନ ସିଆରସିସି ଆଶିୟା ଖାତୁନ, ବିଦ୍ୟାଳୟ ପରିଚାଳନା ସମିତି ସଭାନେତ୍ରୀ ସରସ୍ୱତୀ ମହାନ୍ତି, ପୁରାତନ ଛାତ୍ର ସଂସଦ ସଦସ୍ୟ ପ୍ରଶାନ୍ତ ମହାନ୍ତି, ପ୍ରବୀର କୁମାର ମହାନ୍ତି, ଦୁଷ୍ମନ୍ତ ଦାସ ପ୍ରମୁଖ ଏଥିରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ଗୋପାଳ ଗାଁର ଝିଅ ଭାବେ ହସିନା ଦିଦି ଛାତ୍ରୀମାନଙ୍କୁ ମଧ୍ୟରେ ସଂସ୍କାରିତ କରିବାରେ ବଳିଷ୍ଠ ଭୂମିକା ଗ୍ରହଣ କରିପାରିଛନ୍ତି ବୋଲି କହିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ବନଲତା ପ୍ରଧାନ ପୌରହିତ୍ୱ କରିଥିଲେ। ଏହି ଅବସରରେ ପୁରାତନ ଛାତ୍ର ସଂସଦ ଓ ବିଦ୍ୟାଳୟ ପକ୍ଷରୁ ବିଦାୟୀ ଶିକ୍ଷୟତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

# ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଚନ୍ଦନେଶ୍ୱର, ୧।୮ (ସମିସ) : ଭୋଗରାଇ ବ୍ଲକରେ ଏକଲ ବିଦ୍ୟାଳୟ ନିମନ୍ତେ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଚନ୍ଦନେଶ୍ୱର ନିଉ ଯାତ୍ରୀନିବାସ ଠାରେ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିର ପାଞ୍ଚ ଦିନ ବ୍ୟାପି ଚାଲିବ। ଉକ୍ତ ଶିବିରରେ ଚାଳିଶ ଜଣ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ବିଶେଷ କରି ଭୋଗରାଇରେ ଦଳିତ, ଅବହେଳିତ ଇଲାକାରେ ଶିକ୍ଷାର ପ୍ରସାର ପାଇଁ ସର୍ବ ଭାରତୀୟ ଏକଲ ବିଦ୍ୟାଳୟ ପ୍ରତିଷ୍ଠାର ମୁଖ୍ୟ ଉଦ୍ଦେଶ୍ୟ ଅଟେ। ଏହି ପ୍ରଶିକ୍ଷଣ ଶିବିର ଉଦଘାଟନ ଉତ୍ସବରେ ଭୋଗରାଇ ବିଶ୍ୱ ହିନ୍ଦୁ ପରିଷଦର ସମ୍ପାଦକ ଡା. ବିଧୁଭୂଷଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲ୍ଲା କାର୍ଯ୍ୟକର୍ତ୍ତା ଅନୁପମ ପଣ୍ଡା, ବିଶ୍ୱ ହିନ୍ଦୁ ପରିଷଦ ଭୋଗରାଇ ଉପସଭାପତି ରାମହରି ସୁର, ବିଶିଷ୍ଟ ଶିକ୍ଷାବିତ ସୁବ୍ରତ କୁମାର ଘଡ଼ାଇ, ସମାଜସେବୀ ପରମାନନ୍ଦ ପରିଡା, ଅଜିତ କୁମାର ଚାନ୍ଦ,ଚନ୍ଦନ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଗଠନ ମୂଳକ ଓ ସଂସ୍କାର ଯୁକ୍ତ ଶିକ୍ଷା ଉପରେ ଆଲୋକପାତ କରିଥିଲେ। ଅଞ୍ଚଳ ଅଭିଯାନ ପ୍ରମୁଖ ବାଲେଶ୍ୱର ସ୍ୱପ୍ନେଶ୍ୱର ନାୟକ, ପ୍ରାଥମିକ ଶିକ୍ଷା ପ୍ରମୁଖ ଗୀତା ପ୍ରଭାସିନୀ ପାଢ଼ୀ, ମୁକେଶ କୁମାର ବେହେରା ସଂଯୋଗ ଅଭିଯାନ ପ୍ରମୁଖ ଓଡିଶା,ଅନିମା ମଣ୍ଡଳ ସଞ୍ଚ ପ୍ରମୁଖ, ଦୁର୍ଗାଶଙ୍କର ଦାସ, କୃପାସିନ୍ଧୁ ଦାସ ପ୍ରମୁଖ ଏହି ପ୍ରଶିକ୍ଷଣ ଶିବିରକୁ ପରିଚାଳନା କରିଥିଲେ।

# ବିଦ୍ୟାଳୟ ଓ ବିଦ୍ୟାର୍ଥୀଙ୍କୁ ଗୈରୀକରଣରୁ ସରକାର କ୍ଷାନ୍ତ ରୁହନ୍ତୁ : ଏସ୍‌ଏଫ୍‌ଆଇ

ବାଲେଶ୍ୱର,୧।୮ (ସମିସ): ଓଡ଼ିଶା ପ୍ରାଥମିକ ଶିକ୍ଷା କର୍ତ୍ତୃପକ୍ଷ ଛାତ୍ରଛାତ୍ରୀଙ୍କୁ ଗେରୁଆ ରଙ୍ଗର ପରିଚୟ ପତ୍ର ବାଣ୍ଟିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଛବିଳ ମଧୁ ବର୍ଣ୍ଣବୋଧ ପୁସ୍ତକର ମଲାଟକୁ ଗେରୁଆ ରଙ୍ଗ କରାଯାଇଛି। ବିଦ୍ୟାଳୟଗୁଡିକର କୋଠାବାଡ଼ି ରଙ୍ଗ ଗେରୁଆ ହେଉଛି। ଇତିମଧ୍ୟରେ ନବମ ଓ ଦଶମ ଛାତ୍ରଛାତ୍ରୀଙ୍କୁ ଗେରୁଆ ରଙ୍ଗର ପୋଷାକ ବଣ୍ଟାଯାଇଛି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓ ଏହାର ସମସ୍ତ ଛାମୁଆ ସଂଗଠନର ପତାକା ହେଉଛି ଗେରୁଆ। ରାଜ୍ୟ ସରକାର ବିଦ୍ୟାଳୟ ଓ ବିଦ୍ୟାର୍ଥିଙ୍କୁ ଗେରୁଆ ରଙ୍ଗରେ ରଙ୍ଗାୟିତ କରି ଧାର୍ମିକ ଉଦ୍‌ବେଳନ ସୃଷ୍ଟି କରିବାକୁ ଚାହୁଁଛନ୍ତି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସ୍ୱାଧୀନତା ଆନ୍ଦୋଳନ କାଳରେ ଚୂଡାନ୍ତ ଜାତୀୟ ପତାକାର ରଙ୍ଗକୁ ପ୍ରତ୍ୟାଖ୍ୟାନ କରିଥିଲେ ଓ ଜାତୀୟ ପତାକାର ରଙ୍ଗ ଗେରୁଆ କରିବା ପାଇଁ ଦାବି କରିଥିଲେ। ଏହା ଥିଲା ସେମାନଙ୍କର ଅସଲ ଦେଶପ୍ରେମର ନମୁନା ଓ ଗୁପ୍ତ ରାଜନୈତିକ କର୍ମସୂଚୀର ନଗ୍ନ ପ୍ରତିଫଳନ। ଶାସନ କ୍ଷମତା ଦଖଲ ପରେ ଏହି କର୍ମସୂଚୀକୁ କାର୍ଯ୍ୟକାରୀ କରିବାକୁ ଯୋଜନାବଦ୍ଧ ଭାବେ ଉଦ୍ୟମ କରୁଛନ୍ତି। ଛାତ୍ରଛାତ୍ରୀ ଓ ଯୁବକ ଯୁବତୀଙ୍କୁ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀରୁ ଦୂରେଇ ରୁଢ଼ିବାଦ ଭିତରେ ବୁଡେଇ ରଖିବାର ପ୍ରୟାସର ଏହା ହେଉଛି ଅନ୍ୟତମ ଅଂଶବିଶେଷ ବୋଲି ସଂଗଠନ ବିବୃତିରେ ପ୍ରକାଶ କରିଛି। ତେବେ ରାଜ୍ୟ ସରକାର ଏଥିରୁ କ୍ଷାନ୍ତ ରୁହନ୍ତୁ ବୋଲି ଭାରତର ଛାତ୍ର ଫେଡେରେସନ୍ (ଏସ୍.ଏଫ୍.ଆଇ) ଓଡ଼ିଶା ରାଜ୍ୟ କମିଟିର ସଭାପତି ଚନ୍ଦନ କାମିଲା, ଜିଲ୍ଲା ସାଙ୍ଗଠନିକ କମିଟି ତରଫରୁ ଅଭିଳାଷ ମଲ୍ଲିକ, ଅଚ୍ୟୁତାନନ୍ଦ ଜେନା, ସୌରଭ ସାହୁ, ଇତିଶ୍ରୀ ସୁର ଏକ ମିଳିତ ପ୍ରେସ ବିବୃତ୍ତିରେ କହିଛନ୍ତି।

## 'ସ୍ରଷ୍ଟା' ପକ୍ଷରୁ ନାଟକ 'ମିଛରାଗ' ମଞ୍ଚସ୍ଥ

# 'ମିଛିମିଛିକା ରାଗ ପାରିବାରିକ ସମ୍ପର୍କକୁ ଅଧିକ ନିବିଡ଼ କରାଏ'

ବାଲେଶ୍ୱର,୧।୮ (ସମିସ)




ମାକଳପୁରସ୍ଥିତ 'ସ୍ରଷ୍ଟା' ନାଟ୍ୟାଳୟରେ "ସ୍ରଷ୍ଟା' କଳାକାରଙ୍କ ପକ୍ଷରୁ ପୀତାମ୍ବର ଦାସଙ୍କ ରଚିତ ନାଟକ 'ମିଛରାଗ' ମଞ୍ଚସ୍ଥ ହୋଇଯାଇଛି। ନାଟକ ପ୍ରାରମ୍ଭରେ 'ସ୍ରଷ୍ଟା' ସଂପାଦକ ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ନାଟ୍ୟକାର ଡ. ପ୍ରଦୀପ ଭୌମିକ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଆଲୋକ କୁମାର ସାହୁ, ନାଟ୍ୟକାର ପୀତାମ୍ବର ଦାସ, ନାଟ୍ୟ ନିର୍ଦ୍ଦେଶକ ପ୍ରସନ୍ନ କୁମାର ଦାସ ବକ୍ତବ୍ୟ ରଖିଥିଲେ। ପରେ କଳାକାର ଗୋବିନ୍ଦ ଦ୍ୱିବେଦୀ, ଦିବାକର ମହାନ୍ତି, ସମରାଇ କର, ସ୍ୱାଗତିକା ବାରିକ, ସ୍ୱାତିସ୍ମିତା ଦାସ ଓ ସୌରଜିତ ସାହୁ ପ୍ରମୁଖଙ୍କ ଦ୍ୱାରା ନାଟକ ପରିବେଷଣ କରାଯାଇଥିଲା। ହାସ୍ୟରସାତ୍ମକ ନାଟକ "ମିଛରାଗ' ଅନାବିଳ ସ୍ନେହ, ମମତା, ପ୍ରୀତିଭରା ପବିତ୍ର ସଂପର୍କକୁ କିପରି ଏକ ମିଛିମିଛିକା ରାଗ ମାଧ୍ୟମରେ ପରିବାରିକ ସଂପର୍କକୁ ଅଧିକରୁ ଅଧିକ ନିବିଡ କରିଥାଏ, ତାହାହିଁ ନାଟକର ସାରାଂଶ। ଏଇ ନାଟକକୁ ବହୁ ଦର୍ଶକ ମନଭରି ଉପଭୋଗ କରିଥିଲେ। ନାଟକ ଓ ଗୀତ ରଚନା ପୀତାମ୍ବର ଦାସ କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ପ୍ରସନ୍ନ କୁମାର ଦାସ। ଗୁରୁ ନନ୍ଦକିଶୋର ଦାସ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ।

### ମହାନଦୀରେ ବନ୍ୟାଜଳ ପ୍ରବେଶ

# ପରିବା ଫସଲ ନଷ୍ଟ ଆଶଙ୍କାରେ ଚାଷୀ

କୁଜଙ୍ଗ,୧।୮ (ସମିସ)

ହୀରାକୁଦ ଜଳଭଣ୍ଡାରରୁ ଚଳିତ ବର୍ଷର ବନ୍ୟା ଜଳ ନିଷ୍କାସନ ହେଉଛି। ଏହି ବନ୍ୟାଜଳ ଆସିବା କ୍ଷଣି ମହାନଦୀ ପଠାରେ ପୁରୁଷ ପୁରୁଷ ଧରି ପରିବା ଚାଷ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ଫଳରେ ଚାଷ କରି ପରିବାର ପ୍ରତିପୋଷଣ କରିଆସୁଥିବା ଶହ ଶହ ଚାଷୀଙ୍କ ଭାଗ୍ୟ ଓ ଭବିଷ୍ୟତ ଏହି ବନ୍ୟା ପାଣିର ଗତି ଓ ବେଗ ଉପରେ ଦୋଳି ଖେଳୁଛି।



କୁଜଙ୍ଗ ବ୍ଲକର ବାଲିକଣି, ହଂସୁରା, ସାଇଲୋ, ପଙ୍କପାଳ, ଅଗପାଳ, ଜିଲ୍ଲାନାସୀ, ମଲ୍ଲସାହି, କୁଜଙ୍ଗ ବ୍ଲକର ଶହ ଶହ ଚାଷୀ ମହାନଦୀ ପଠାରେ ବାଇଗଣ, ଲଙ୍କା, ଜହ୍ନି, କାକୁଡି, କଖାରୁ, ପୋଟଳ, ଛଚିନ୍ଦା ସହ ଅନ୍ୟାନ୍ୟ ପନିପରିବା ଚାଷ କରିଛନ୍ତି। ଏବେ ଚାଷ ଖର୍ଚ୍ଚ ଅଧିକ ପଡୁଥିବାବେଳେ ମଞ୍ଜି, ବିହନ, ସାର ଓ ହଳ ଦର ମଧ୍ୟ ଆଶାତୀତ ଭାବେ ବୃଦ୍ଧି ପାଇଛି। ଗତବର୍ଷ ଭଳି ଯଦି ଚଳିତ ବର୍ଷ ଫସଲ ଅମଳ ଆରମ୍ଭ ପୂର୍ବରୁ ବନ୍ୟା ପାଣି ପଶି ଫସଲ ଉଜାଡି ଦିଏ, ତେବେ ଶହ ଶହ ଚାଷୀଙ୍କ ଭାଗ୍ୟ ଭବିଷ୍ୟତ ଉଜୁଡିଯିବ ବୋଲି କହିଛନ୍ତି। ଅଧିକାଂଶ ଚାଷୀ ଜମି ଭାଗ ଆଣି ଫସଲ କରୁଥିବାବେଳେ ପ୍ରାୟ ଏହି ଚାଷ ପାଇଁ କେହି ଫସଲ ବୀମା କରିନାହାନ୍ତି। ଗତବର୍ଷ ଜିଲ୍ଲାନାସୀର ବହୁ ଚାଷୀ ଫସଲ ବୀମା କରି ମଧ୍ୟ କ୍ଷତିପୂରଣ ପାଇ ନ ଥିବା ଅଭିଯୋଗ କରିଛନ୍ତି ଜିଲ୍ଲାନସୀର ପୂର୍ବତନ ସରପଞ୍ଚ ରଞ୍ଜନ କୁମାର ସ୍ୱାଇଁ। ଏପରିକି ଗତ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ବହୁ ରାସ୍ତା ଅଦ୍ୟାବଧି ମରାମତି କରାଯାଇ ନ ଥିବା ସାହାରାଡିଆ ଗ୍ରାମର ମୁରବୀ କହିଛନ୍ତି। ଏବେ ବନ୍ୟାପାଣି ଆସୁଥିବାବେଳେ ନଦୀକୂଳ ଅଧିବାସୀଙ୍କ ଅପେକ୍ଷା ଉପକୂଳ ଅଞ୍ଚଳର ନଦୀ ଅବବାହିକା ଚାଷୀଙ୍କ ଭାଳେଣି ଅଧିକ ରହିଛି। କେବଳ କୁଞ୍ଜବିହାରୀ ମଲ୍ଲ ନୁହଁନ୍ତି, ପଙ୍କପାଳ ଅଞ୍ଚଳର ଶିବ ସାହୁ, ମନ୍ତ୍ରୀପାଟଣାର ପ୍ରମୋଦ ମଲ୍ଲ, ସାହାରାଡିଆ ପଞ୍ଚାୟତର ଗଗନ ବିହାରୀ ପଟ୍ଟନାୟକ, ରଞ୍ଜନ କୁମାର ସ୍ୱାଇଁ, ସର୍ବେଶ୍ୱର ସ୍ୱାଇଁ, ନରେଶ ପ୍ରଧାନ, ପ୍ରମୋଦ ପ୍ରଧାନ ଓ କୁଜଙ୍ଗ ପଞ୍ଚାୟତ ଭଣ୍ଡୁଆ ଗ୍ରାମର ସରୋଜ କୁମାର ଦାସଙ୍କ ସହ କାଳୀକୁଦ, ହଂସୁରା ଓ ଜିଲ୍ଲାନାସୀର ବହୁ ଚାଷୀ ଏବେ ଏହି ବନ୍ୟାକୁ ନେଇ ଆଶଙ୍କିତ ହୋଇପଡିଛନ୍ତି। ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ କମିଶନର ଓ ବିଭାଗୀୟ ମୁଖ୍ୟ ଯନ୍ତ୍ରୀଙ୍କ ବନ୍ୟାଜଳ ପରିଚାଳନା ଆରମ୍ଭ କାର୍ଯ୍ୟ ପ୍ରଶଂସନୀୟ। ଅଧିକ ବନ୍ୟାଜଳକୁ ଅଟକାଇ ଏକା ବେଳେ ଛାଡିଲେ ଉପକୂଳ ଚାଷ ଓ ସାଧାରଣ ଜନଜୀବନ ପ୍ରଭାବିତ ହେବ। ତେବେ ପରିସ୍ଥିତି ଭୟାବହ ହେବା ପୂର୍ବରୁ ହୀରାକୁଦ ଜଳଭଣ୍ଡାରର ମୁଖ୍ୟ ଯନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀଙ୍କ ଦୂରଦୃଷ୍ଟି ଚାଷୀଙ୍କ ଆଶ୍ୱସ୍ତ କରିଛି।

## ଏସ୍‌ଭିଏମ୍ କଲେଜରେ ନାରୀ ସୁରକ୍ଷା ସଚେତନତା କର୍ମଶାଳା




ଜଗତସିଂହପୁର,୧।୮ (ସମିସ): ଜଗତସିଂହପୁର ଜିଲ୍ଲାର ସୁନାମଧନ୍ୟ ଶିକ୍ଷାନୁଷ୍ଠାନ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟର ବିଜୁ ପଟ୍ଟନାୟକ ଅଡିଟୋରିୟମରେ ନାରୀ ସୁରକ୍ଷା ସମ୍ପର୍କିତ ସଚେତନତା କର୍ମଶାଳା ଅଧକ୍ଷା ଡଃ ସୁଜାତା ଓତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଦର ଏସ୍‌ଡିପିଓ ତଥା ଯୁବ ଆଇପିଏସ୍ ଅଧିକାରୀ ଆଜିଙ୍କ୍ୟା ମାନେ ବାବୁରାଓ ଯୋଗଦେଇ ମହିଳା ସୁରକ୍ଷା, ଆତ୍ମରକ୍ଷା କୌଶଳ, ଶିକ୍ଷାନୁଷ୍ଠାନ ପରିସରରେ ଶୃଙ୍ଖଳା ରକ୍ଷା, ଆଣ୍ଟି ର୍‌ୟାଗିଂ, ସାଇବର ସିକ୍ୟୁରିଟି ପ୍ରଭୃତି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହିତ ସଚେତନ କରାଇଥିଲେ। ପରେ ଛାତ୍ରୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ ଶ୍ରୀ ମାନେ। ତେବେ ଜଣେ ଛାତ୍ରୀ ପ୍ରଶ୍ନ କରିଥିଲେ, ଯେଉଁମାନେ ନାରୀମାନଙ୍କୁ କଷ୍ଟ ଦେଉଛନ୍ତି ତାଙ୍କୁ କ'ଣ ପାଇଁ ଜେଲ୍‌ରେ ପୂରାଯାଉଛି। ସେମାନେ ଜେଲ୍‌ରୁ ବାହାରି ପୁଣି ଦୁଷ୍କର୍ମ କରିବାକୁ ସାହସ ପାଉଛନ୍ତି। ତେଣୁ ସେମାନଙ୍କୁ ମଧ୍ୟ କଷ୍ଟ ଦେଇ ମାରିବା ଉଚିତ ବୋଲି ଛାତ୍ରୀ ଜଣକ ଯୁକ୍ତି ବାଢିଥିଲେ। ଏହାର ଉତ୍ତର ଦେବାକୁ ଯାଇ ଏସଡିପିଓ କହିଥିଲେ, ଭାରତ ଏକ ଗଣତାନ୍ତ୍ରିକ ଦେଶ। ଏଠି ଆଇନର ବ୍ୟବସ୍ଥା ଅନୁସାରେ ସମସ୍ତଙ୍କୁ କାର୍ଯ୍ୟ କରିବାକୁ ପଡୁଛି। ପୁଲିସର କାମ ହେଲା ଯେକୌଣସି ଅଭିଯୋଗ ଆସିଲେ ତାହାର ତଦନ୍ତ କରି ସତ୍ୟାସତ୍ୟ ବାହାର କରିବା। କିନ୍ତୁ ଦଣ୍ଡଦେବା ଅଧିକାର ଅଦାଲତର। ମାମଲାର ବିଚାର କରି ଅଦାଲତ ଦୋଷୀକୁ ଦଣ୍ଡବିଧାନ କରିଥାଏ ବୋଲି ଶ୍ରୀ ମାନେ କହିଥିଲେ। ସେହିପରି ଅଧକ୍ଷାଙ୍କୁ ଯେତେବେଳେ ପଚରାଗଲା ଆପଣ ସୁରକ୍ଷିତ କି ? ଏହାର ଉତ୍ତରରେ ଅଧକ୍ଷା ଡଃ ହୋତା କହିଥିଲେ, କେବଳ ସେ କ'ଣ କେହିବି ସୁରକ୍ଷିତ ନୁହଁନ୍ତି। ଭଗବାନ ହିଁ ସମସ୍ତଙ୍କୁ ସୁରକ୍ଷା ଦେଉଛନ୍ତି ବୋଲି ସେ କହିଥିଲେ। ଏ ସମ୍ପର୍କରେ କଲେଜ ଅଧକ୍ଷା ଡଃ ହୋତାଙ୍କୁ ଫୋନ ଯୋଗେ ପଚାରିବାରୁ ସେ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଏହା କହିଥିବା ପ୍ରକାଶ କରିଥିଲେ। ସେହିପରି ଉଚ୍ଚମାଧ୍ୟମିକ ବିଦ୍ୟାଳୟର (+୨) ଅଧକ୍ଷ ଡଃ ବିଜୟ କୁମାର ବିଶ୍ୱାଳ, ପ୍ରାଧ୍ୟାପକ ମନୋଜା ମଞ୍ଜରୀ ସ୍ୱାଇଁ, ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ବେହେରା, ପ୍ରାଧ୍ୟାପକ ଅନନ୍ତ ଚରଣ ଆଚାର୍ଯ୍ୟ, ପ୍ରାଧ୍ୟାପକ ନୃସିଂହ ଚରଣ ସାମନ୍ତରାୟ ଓ ପ୍ରାଧ୍ୟାପିକା ସୁପ୍ରଭା ଜେନା ପ୍ରମୁଖ ଏହି କର୍ମଶାଳାରେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀ ଏଥିରେ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## କେ.ଜେ. ପଟେଲ ଇଫ୍‌କୋ ପରିଚାଳନା ନିର୍ଦ୍ଦେଶକ ନିଯୁକ୍ତ



ପାରାଦୀପ,୧।୮ (ସମିସ): ଭାରତୀୟ କୃଷକ ସାର ସମବାୟ ଲିମିଟେଡ୍ (ଇଫ୍‌କୋ)ର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ୟୁ.ଏସ. ଅବସ୍ଥୀ ଅବସର ନେବା ପରେ କେ.ଜେ. ପଟେଲଙ୍କୁ ଏହି ପଦବୀରେ ନିଯୁକ୍ତ କରାଯାଇଛି। ଡକ୍ଟର ଅବସ୍ଥୀ ସଂଗଠନର ଏମ୍‌ଡି ଓ ସିଇଓ ଭାବେ ୩୨ ବର୍ଷ କାର୍ଯ୍ୟ କରିଥିଲେ। ଶ୍ରୀ ପଟେଲ ପ୍ରାୟ ୪୦ ବର୍ଷ ଧରି ଇଫ୍‌କୋର ବହୁ ପଦ ପଦବୀରେ ରହି ସୁଚାରରୂପେ କାର୍ଯ୍ୟନିର୍ବାହ କରିଆସିଛନ୍ତି। ୧୯୮୫ରେ ସ୍ନାତକ ଇଞ୍ଜିନିୟର ଶିକ୍ଷାନବିସ (ଜିଇଏ) ଭାବେ କାର୍ଯ୍ୟ ଆରମ୍ଭ କରି ସଂଗଠନର ବିଭିନ୍ନ ୟୁନିଟରେ ଅନେକ ବରିଷ୍ଠ ନେତୃତ୍ୱ ପଦବୀରେ କାର୍ଯ୍ୟ କରିଛନ୍ତି। ଓଡ଼ିଶା ଲୋକଙ୍କ ପାଇଁ ବିଶେଷ ଗୁରୁତ୍ୱ ରଖୁଥିବା ଶ୍ରୀ ପଟେଲ ଇଫ୍‌କୋ ପାରାଦୀପ ୟୁନିଟରେ କାର୍ଯ୍ୟ କରିଥିଲେ। ୟୁନିଟ୍ ମୁଖ୍ୟ ଭାବେ କାର୍ଯ୍ୟକାଳ ମଧ୍ୟରେ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି, ଶକ୍ତି ପରିଚାଳନା ଅଭ୍ୟାସକୁ ସୁଦୃଢ଼ କରିବା ଓ ପ୍ଲାଣ୍ଟ ପରିଚାଳନାକୁ ଆଧୁନିକୀକରଣ କରିବାରେଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ନେତୃତ୍ୱରେ ପାରାଦୀପ ୟୁନିଟ୍‌ର ସ୍ଥାୟିତ୍ୱ, ପରିବେଶ, ଶକ୍ତି ସଂରକ୍ଷଣ ଓ ଉତ୍ପାଦକତା ବୃଦ୍ଧି କ୍ଷେତ୍ରରେ ବହୁ ପ୍ରଶଂସା ପାଇଥିଲା। ଏମଡି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ପଟେଲ ଇଫକୋ ବୋର୍ଡ ଓ ସଦସ୍ୟ ସମବାୟ ସଂସ୍ଥାର ବିଶ୍ୱାସ ଓ ସମର୍ଥନ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ। ଶ୍ରୀ ପଟେଲ କହିଛନ୍ତି, ଡକ୍ଟର ଅବସ୍ଥୀଙ୍କ ପଦାଙ୍କ ଅନୁସରଣ କରିବା ଏକ ସୌଭାଗ୍ୟ ଓ ଏକ ଗୁରୁଦାୟିତ୍ୱ। ଇଫ୍‌କୋ ସର୍ବଦା ଭାରତୀୟ କୃଷକଙ୍କ ସମୃଦ୍ଧି ପାଇଁ ଠିଆ ହୋଇଛି। ମୁଁ ନବସୃଜନ, ସ୍ଥାୟିତ୍ୱ ଓ ସମବାୟ ଶକ୍ତି ସହିତ ସେହି ଐତିହ୍ୟକୁ ଆଗକୁ ବହନ କରିବାକୁ ପ୍ରତିଶ୍ରୁତିବଦ୍ଧ। ସମଗ୍ର ଇଫକୋ ପରିବାର କୃଷକ ସମ୍ପ୍ରଦାୟର ସେବା ଓ ଭାରତର କୃଷି ମେରୁଦଣ୍ଡକୁ ସୁଦୃଢ଼ କରିବା ପାଇଁ ସଂଗଠନର ମିଶନକୁ ଆହୁରି ଆଗକୁ ବଢ଼ାଇବା ପାଇଁ ତାଙ୍କର ନେତୃତ୍ୱକୁ ଅପେକ୍ଷା କରିଛି।

### ବନ୍ଦର ନିଷିଦ୍ଧାଞ୍ଚଳରୁ ଅଜଣା ମୃତଦେହ ଉଦ୍ଧାର

ପାରାଦୀପ, ୧।୮ (ସମିସ): ଆଜି ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଦିନ ୧୧.୩୦ ମିନିଟ ସମୟରେ ବନ୍ଦରର ଆଇଓଏଚପି ସାଇଟ୍‌ରେ ଟ୍ରେନ ୱାଗନରୁ କୋଇଲା ଅନଲୋଡିଂ ସମୟରେ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ବାହାରିଥିଲା। ଏ ସମ୍ପର୍କରେ ସାଇଟ ଇଞ୍ଜିନିୟର ପାରାଦୀପ ଆଦର୍ଶ ଥାନାରେ ଜଣାଇବା ପରେ ପୁଲିସ ପହଞ୍ଚି ମୃତଦେହକୁ ଜବତ କରିଥିଲା। ଆସନ୍ତାକାଲି ମୃତଦେହ ବ୍ୟବଚ୍ଛେଦ କରାଯିବ। ତେବେ ଟ୍ରେନ୍‌ଟି ଏମସିଏଲ, ତାଳଚେରରୁ କାରଗୋ ଲୋଡରେ ଆଣି ପାରାଦୀପ ବନ୍ଦରକୁ ଆସିଥିବା ଜଣାପଡିଛି।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବାଲିକୁଦା,୧।୮ (ସମିସ): ବାଲିକୁଦା ବ୍ଲକ ଅଳାବୋଲ ପଞ୍ଚାୟତର ସରକାରୀ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ଯୁଧିଷ୍ଠିର ସାହୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ବରିଷ୍ଠ ସହକାରୀ ଶିକ୍ଷକ ରତ୍ନାକର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବାଲିକୁଦା ଶିକ୍ଷାମଣ୍ଡଳର ପ୍ରାକ୍ତନ ବିଇଓ ବାଇଧର ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ରାଜ୍ୟ ପୁରସ୍କାରପ୍ରାପ୍ତ ପ୍ରାକ୍ତନ ସହକାରୀ ଶିକ୍ଷକ ଅରୁଣ ମହାନ୍ତି, ସମ୍ମାନିତ ଅତିଥି ଭାବେ ବାଲିକୁଦା ପୂଜ୍ୟପୂଜା ସଂସଦ ସଭାପତି କୈଳାସ ବିଶ୍ୱାଳ, ଜଗତସିଂହପୁର ଓଷ୍ଟା ସମ୍ପାଦକ ନାରାୟଣ ବାରିକ, ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଶଙ୍କର୍ଷଣ ନାୟକ, ନିରୋଦ କୁମାର ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ରମେଶ ଚନ୍ଦ୍ର ସ୍ୱାଇଁ, ସମିତିସଭ୍ୟ ଚିତ୍ତରଞ୍ଜନ ମନ୍ତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗିରିଜା ଶଙ୍କର ରଥ, ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ସଭାପତି ସ୍ମୃତିରଞ୍ଜନ ସ୍ୱାଇଁ, ଉପଦେଷ୍ଟା ପ୍ରଦୀପ୍ତ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷକଙ୍କ ଗୁଣଗାନ କରିଥିଲେ। ଶିକ୍ଷୟିତ୍ରୀ ସ୍ମୃତିଛନ୍ଦା କୁଅଁର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ପୀତବାସ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନଶିକ୍ଷକ ଶ୍ରୀ ସାହୁଙ୍କ କର୍ତ୍ତବ୍ୟ ପରାୟଣତା, ଛାତ୍ର ବତ୍ସଳତା, ପ୍ରକୃତି ପ୍ରୀତି ଓ ସର୍ବୋପରି ରାଜ୍ୟ ସରକାରଙ୍କ ପକ୍ଷରୁ ପୁରସ୍କୃତ ତାଙ୍କର ବହୁମୁଖୀ ପ୍ରତିଭା ସମ୍ବନ୍ଧରେ ଆଲୋଚନା କରିଥିଲେ। ବିଦ୍ୟାଳୟର ନୂତନ ରୂପରେଖରେ ତାଙ୍କର ଯୋଗଦାନ ବେଶ ପ୍ରଶଂସନୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏ ଅବସରରେ ପୁଷ୍ପମାଲ୍ୟ, ଉପଢୌକନ ଓ ବିଭିନ୍ନ ଉପହାର ପ୍ରଦାନ ପୂର୍ବକ ତାଙ୍କୁ ବିଦାୟୀ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସ୍ୱାଗତିକା ବିଶ୍ୱାଳ, ବିଶ୍ୱଜିତା ମହାନ୍ତି, ବିନୋଦ ବେହେରା, ମଞ୍ଜୁଲତା ପରିଡା, ପ୍ରସନ୍ନ ସ୍ୱାଇଁ, ସରୋଜିନୀ ବେହେରା, ଗୋଲାପ ମଞ୍ଜରୀ ବାରିକ, ଆଲୋକ ମୁଦୁଲି, ଅଶୋକ ମୁଦୁଲି, ମିନତୀ କୁମାରୀ ମଲ୍ଲ ଓ ମିନତୀ ସାହୁ ମଞ୍ଚ ପରିଚାଳନା କରିଥିଲେ।

## ଶିଶୁ ବିଦ୍ୟାମନ୍ଦିରରେ ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ




ଜଗତସିଂହପୁର,୧।୮ (ସମିସ): ଜଗତସିଂହପୁର ସହରର ବଡ଼ବଜାରଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଦ୍ୱିତୀୟ ପର୍ଯ୍ୟାୟ ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ଖୁଣ୍ଟିଆଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବ ସମ୍ଭାଗର ଜିଲ୍ଲା ପ୍ରମୁଖ ରଶ୍ମୀକାନ୍ତ ସାହୁ ଯୋଗଦେଇ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସେହିପରି ଶିଶୁବାଟିକା ବିଭାଗ ପ୍ରମୁଖ ସ୍ୱର୍ଣ୍ଣମଞ୍ଜରୀ ବାହାଲିଆ ଓ ପ୍ରାତଃ ପର୍ଯ୍ୟାୟ ପ୍ରମୁଖ ସୁରେନ୍ଦ୍ର ନାଥ ମହାନ୍ତି ଏଥିରେ ଯୋଗଦେଇ ଶିଶୁର ଆହାର ବିହାର, ଶାରିରୀକ ଓ ମାନସିକ ବିକାଶ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶିଶୁ ବାଟିକା ବିଭାଗ ଗୁରୁମା ପ୍ରଣତୀ ମହାପାତ୍ର ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ।

## ମଉଳାଭଣଜା ବିଦ୍ୟାଳୟ ଫାଟକ ଉଦ୍‌ଘାଟିତ

ନାଉଗାଁ,୧।୮ (ସମିସ): ନାଉଗାଁ ବ୍ଲକ ଗଙ୍ଗଦାସ୍ଥ ଶ୍ରୀଶ୍ରୀ ମଉଳାଭଣଜା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ନୂତନ ପ୍ରାଚୀର ଓ ଫାଟକ ଉଦ୍‌ଘାଟନ କରାଯାଇଛି। ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଭିତ୍ତିଭୂମି ବିକାଶ ଅନୁଦାନ ପାଣ୍ଠିରୁ ୨୦ ଲକ୍ଷ ଟଙ୍କାର ଅନୁଦାନରେ ନିର୍ମିତ କରାଯାଇଥିବା ନୂତନ ପ୍ରାଚୀର ଓ ଫାଟକକୁ ଆଜି ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ନାଉଗାଁ ତହସିଲଦାର ଅକ୍ଷୟ ବଡୁ, ନାଉଗାଁ ବ୍ଲକ୍ ଭାରତୀୟ ଜନତା ପାର୍ଟିର ପୂର୍ବତନ ସଭାପତି ନିଳୁରାମ ଜେନା, ସମାଜସେବୀ ରବୀନ୍ଦ୍ର ଓଝା, ବିଶ୍ୱନାଥ ବେହୋରା ଯୋଗଦେଇ ଥିବାବେଳେ ବିଦ୍ୟାଳୟର ଅଧକ୍ଷ ଅଧିକାରୀ ଲେଙ୍କା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଧ୍ୟାପକ ପ୍ରତାପ କୁମାର ମିଶ୍ର, ଅଧ୍ୟାପକ ଧିରେନ କୁମାର ପତି ଓ ଅଧ୍ୟାପକ ନିରଞ୍ଜନ ବିଶ୍ୱାଳ ସହଯୋଗ କରିଥିଲେ।



### ୩ରେ ବକ୍ତୃତା ପ୍ରତିଯୋଗିତା

ଜଗତସିଂହପୁର,୧।୮ (ସମିସ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ପ୍ରାଣକୃଷ୍ଣ ପଢ଼ିହାରୀଙ୍କ ପୁଣ୍ୟତିଥି ଅବସରରେ ଆସନ୍ତା ୩ ତାରିଖରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ। ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ପୂର୍ବାହ୍ନ ୯ଟାରେ ଏହି ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଆୟୋଜକ ପଣ୍ଡିତ ପ୍ରାଣକୃଷ୍ଣ ପଢ଼ିହାରୀ ସ୍ମୃତି ପରିଷଦ ପକ୍ଷରୁ କୁହାଯାଇଛି। ଏହି ପ୍ରତିଯୋଗିତାରେ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଭାଗ ନେଇପାରିବେ। କୃତୀ ପ୍ରତିଯୋଗୀଙ୍କୁ ପ୍ରାଣକୃଷ୍ଣ ପଢ଼ିହାରୀଙ୍କ ପୁଣ୍ୟତିଥି ଅଗଷ୍ଟ ୮ ତାରିଖରେ ଆୟୋଜିତ ହେବାକୁ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବାକୁ ସ୍ଥିରୀ କରାଯାଇଛି।

## ବିଜେଡି ଉପସଭାପତିଙ୍କ ବାଲିକୁଦା-ଏରସମା ଗସ୍ତ



ବାଲିକୁଦା,୧।୮ (ସମିସ): ଜଗତସିଂହପୁର ଜିଲ୍ଲା ଯୁବ ବିଜେଡି ସଂଗଠନକୁ ସୁଦୃଢ଼ କରିବା ଓ ଶାସକ ଦଳ ବିରୁଦ୍ଧରେ ସ୍ୱର ଶାଣିତ କରିବା ପାଇଁ ରାଜ୍ୟ ବିଜେଡି ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀ ଗସ୍ତ କରିଛନ୍ତି। ଏ ଅବସରରେ ସେ ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ବାସଭବନରେ ତାଙ୍କୁ ଭେଟି ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ। ପରେ ବାଲିକୁଦା ବ୍ଲକ ଅଧକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ ଓ ଜିଲ୍ଲା ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦନ ଦାସଙ୍କ ସହ ନିର୍ବାଚନମଣ୍ଡଳୀର ଯୁବ ବିଜେଡି କାର୍ଯ୍ୟକର୍ତ୍ତାଙ୍କ ସହ ସଂଗଠନ ସମ୍ପର୍କରେ ଆଲୋଚନା କରିବା ସହ ସଂଗଠନକୁ କିଭଳି ମଜବୁତ କରାଯିବା, ସେ ବାବଦରେ ଗୁରୁମନ୍ତ୍ର ପ୍ରଦାନ କରିଥିଲେ। ଏହି ଆଲୋଚନା କାଳରେ ବାଲିକୁଦା ବ୍ଲକ୍ ଯୁବ ସଭାପତି ଶୁଭେନ୍ଦ୍ର ଦାସ, ରାଜ୍ୟ ଯୁବ ସମ୍ପାଦକ କମଳାକାନ୍ତ ମହାପାତ୍ର, ଏସପି ସାଗର, ବିଜେଡି ଯୁବ ସଂଗଠକ ସ୍ୱାଧୀନ ଦାସ, ବାବୁ ନାଥ, ବିକାଶ ମୁଦୁଲି, ରାଜେନ୍ଦ୍ର କୁମାର ନାୟକଙ୍କ ସହ ଶତାଧିକ ଯୁବ, ଛାତ୍ର ନେତା ପ୍ରମୁଖ ଉପସ୍ଥିତ ଥିଲେ।

## ଦଣ୍ଡାସାହିରେ ଆଉଜଣେ ଜଣ୍ଡିସ ରୋଗୀ ଚିହ୍ନଟ



ଜଗତସିଂହପୁର, ୧।୮ (ସମିସ): ଜଗତସିଂହପୁର ଜିଲ୍ଲାର ବିରିଡ଼ି ବ୍ଲକ୍ ଅନ୍ତର୍ଗତ ପୂରଣ ପଞ୍ଚାୟତର ଦଣ୍ଡାସାହି ଗ୍ରାମରେ ବିଗତ ୫ ଦିନ ଧରି ଜଣ୍ଡିସ ରୋଗ ବ୍ୟାପୁଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ପୂର୍ବରୁ ୧୨ ଜଣଙ୍କ ରକ୍ତ ନମୁନା ପରୀକ୍ଷା ହୋଇଥିଲା। ଏଥିରୁ ୭ ଜଣଙ୍କ ଜଣ୍ଡିସ ଥିବା ରିପୋର୍ଟ ଆସିଥିଲା। ଆଜି ଆଉଜଣେ ରୋଗୀ ଚିହ୍ନଟ ହୋଇଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ଶତ୍ରୁଘ୍ନ ଦାସ ସୂଚନା ଦେଇଛନ୍ତି। ବିଶେଷକରି ଦୂଷିତ ପାଣି ଯୋଗୁଁ ଏହି ରୋଗ ବ୍ୟାପିଥିବା ପ୍ରାଥମିକ ଆକଳନ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଡାକ୍ତରୀ ଟିମ ଉପସ୍ଥିତ ରହି ଆବଶ୍ୟକ ଚିକିତ୍ସା କରୁଥିବା ଡା. ଦାସ ସୂଚନା ଦେଇଛନ୍ତି। ଏଠାରେ ୪୦ରୁ ଊର୍ଦ୍ଧ୍ୱ ଜଣ୍ଡିସ ରୋଗୀ ଚିହ୍ନଟ ହୋଇଥିବା ସମ୍ପର୍କରେ ଯେଉଁ ପ୍ରଚାର ହେଉଛି, ତାହା ଠିକ ନୁହେଁ ବୋଲି ଡା. ଦାସ କହିଛନ୍ତି। ଆଗକୁ ମଧ୍ୟ ଲକ୍ଷଣ ଥିବା ଲୋକଙ୍କ ରକ୍ତ ନମୁନା ପରୀକ୍ଷା ପ୍ରକ୍ରିୟା ଜାରି ରହିବ ବୋଲି ସେ କହିଛନ୍ତି। ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ଦଣ୍ଡାସାହି ଅଞ୍ଚଳ ଗସ୍ତ କରି ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

# ପାରାଦୀପରେ ଇଲିସି ଦର ଆକାଶଛୁଆଁ

ପାରାଦୀପ, ୧।୮ (ସମିସ)



ପାରାଦୀପରେ ଇଲିସି ମାଛ ଏବେ ଅମୂଲ ମୂଲ ରହିଛି। ଫଳରେ ସାଧାରଣ ଲୋକ ଏତେ ଟଙ୍କା ଦେଇ ଖାଇବା ସମ୍ଭବ ନୁହେଁ। ୧ କେଜି ଇଲିସି ମାଛ ଦର ୧୮ ଶହ ଟଙ୍କା ରହିଥିବାବେଳେ କେଜିରୁ ଅଧିକ ଇଲିସି ମାଛ ଦାମ ପାଖାପାଖି ୨ ହଜାର ଟଙ୍କା ଓ ୧ କେଜିରୁ କମ୍ ହେଲେ ୧୪ ଶହ ଟଙ୍କା ଓ ୫୦୦ ଗ୍ରାମ ପାଇଁ ୮ ଶହ ଟଙ୍କା ଦେବାକୁ ପଡୁଛି। ତେବେ ଇଲିସି ମାଛ ପାରାଦୀପ ଅଠରବାଙ୍କୀ ବାଲିପ୍ଲଟରେ ଏଭଳି ଦାମ ରହିଥିବା ନେଇ ଗ୍ରାହକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଇଲିସି ମାଛ ଏଭଳି ମହଙ୍ଗା ହେଲେ ପାରାଦୀପ ସମେତ ଆଖପାଖ ଅଞ୍ଚଳର ଲୋକଙ୍କ ପାଟିରେ ବାଜିବା ନେଇ ଚିନ୍ତା ପ୍ରକଟ କରିଛନ୍ତି ସ୍ଥାନୀୟ ଖାଉଟି।

ନଦୀର ଗୋଳି ପାଣି ସମୁଦ୍ରରେ ମିଶିଲେ ଇଲିସି ଧରା ଦେବା କଥା। କିନ୍ତୁ ଚଳିତ ବର୍ଷ ନଦୀରେ ଗୋଳି ପାଣି ଆସିଥିଲେ ମଧ୍ୟ ଇଲିସି ମାଛର ଦେଖାନାହିଁ। ପାରାଦୀପକୁ ଏ ସମୟରେ ଟନ ଟନ ଇଲିସି ମାଛ ଆସିବା କଥା। କିନ୍ତୁ ଇଲିସି ମାଛ ବଜାର ଏବେ ଫାଙ୍କା ପଡିଛି। ବିଗତ ୧୦ ବର୍ଷ ପୂର୍ବରୁ ପାରାଦୀପରୁ ହିଁ ଇଲିସି ମାଛ ସାରା ରାଜ୍ୟ ଓ ଦେଶ ବିଦେଶକୁ ରପ୍ତାନି ହେଉଥିଲା। ଏବେ କିନ୍ତୁ ତାହା ଆଉ ଦେଖିବାକୁ ମିଳୁନାହିଁ। ଗୋଟିଏ ବୋଟ୍ କିମ୍ବା ଡଙ୍ଗାରେ ଯେଉଁଠି ୫ ଶହରୁ ୬ ଶହ କିଲୋ ଇଲିସି ଧରାଦେଉଥିଲେ, ଏବେ ୫୦/୬୦ କିଲୋ ଇଲିସି ଧରାଦେବା ବହୁ କଷ୍ଟ ହେଉଛି। ପାରାଦୀପରେ ଗଢି ଉଠିଥିବା ଶିଳ୍ପାୟନ ଯୋଗୁଁ କମ୍ପାନୀର ବର୍ଜ୍ୟବସ୍ତୁ ସମୁଦ୍ରରେ ମିଶିବା କାରଣରୁ ସମୁଦ୍ର ଜଳ ପ୍ରଦୂଷିତ ହେଉଛି। ଯାହାକି ଇଲିସି ମାଛ ଆଉ ସମୁଦ୍ରକୂଳକୁ ଆସିପାରୁନାହାନ୍ତି। ସମୁଦ୍ରର ବହୁ ଭିତରେ ରହୁଥିବାରୁ ସେମାନଙ୍କ ନିକଟରେ ବୋଟ୍ ବା ଡଙ୍ଗା ପହଞ୍ଚି ପାରୁ ନ ଥିବା ମତ୍ସ୍ୟ ବ୍ୟବସାୟୀ ଅଭିଯୋଗ କରିଛନ୍ତି। ସାଧାରଣ ଲୋକଟିଏ ଇଲିସି ମାଛ ଖାଇବା ଆଶା ମଉଳିଯାଇଛି। ପାରାଦୀପରେ ପୂର୍ବରୁ ଯୋଡାଇଲିସି ୧ ଶହ ଟଙ୍କାରେ ମିଳୁଥିଲା। ଆଜି ସେହି ମାଛ ଅମୂଲ ମୂଲ ହୋଇଥିବା କୁହାଯାଉଛି। ଇଲିସିର ଏତେ ଦାମ ଶୁଣି ଲୋକେ ମୁହଁ ଫେରାଉଛନ୍ତି। କୋଲକାତା ଓ ଦୀଘାରେ ଇଲିସି ମାଛ ଏବେ ବହୁ ମାତ୍ରାରେ ଧରାଦେଉଥିବାବେଳେ ପାରାଦୀପରେ କାହିଁକି ଧରା ଦେଉନାହାନ୍ତି, ତାକୁ ନେଇ ଏବେ ସମସ୍ତଙ୍କ ମନରେ ପ୍ରଶ୍ନ ଉଙ୍କି ମାରିଛି।